# ମୋ ଜୀବନ ଉପରେ ରୂପର ପ୍ରଭାବ

## ପ୍ରସିଦ୍ଧ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ନିଜକଥା



My Life, My Art

# ମୋ ଜୀବନ ଉପରେ ରୂପର ପ୍ରଭାବ

ପ୍ରସିଦ୍ଧ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ନିଜକଥା

# My Life, My Art

# ମୋ ଜୀବନ ଉପରେ ରୂପର ପ୍ରଭାବ

## ପ୍ରସିଦ୍ଧ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ନିଜକଥା

ସଂପାଦନା ଓ ସଂକଳନ
**ଡକ୍ଟର ସଂଗ୍ରାମ ଜେନା**

**ମୋ ଜୀବନ ଉପରେ ରୂପର ପ୍ରଭାବ**
ପ୍ରସିଦ୍ଧ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ନିଜକଥା

ସଂପାଦନା ଓ ସଙ୍କଳନ: ଡକ୍ଟର ସଂଗ୍ରାମ ଜେନା
ପ୍ରଚ୍ଛଦ ଚିତ୍ର: ବିନୋଦ ରାଉତରାୟ
ରେଖାଚିତ୍ର: ଜ୍ୟୋତିରଞ୍ଜନ ସ୍ୱାଇଁ

ପ୍ରକାଶକ
ଇଲା ପଣ୍ଡା ସେଣ୍ଟର ଫର୍ ଆର୍ଟସ୍
ପୋଷ୍ଟ ବକ୍ସ ୨୫, ଜି.ପି.ଓ, ଭୁବନେଶ୍ୱର ୭୫୧୦୦୧

ଡିଜାଇନ୍ ଏବଂ ମୁଦ୍ରଣ:
ଥାର୍ଡଆଇ କମ୍ୟୁନିକେଶନସ୍, ଭୁବନେଶ୍ୱର

ମୂଲ୍ୟ: ଟ. ୧୫୦/-

**My Art, My Life**
Mo Jibana Upare Rupara Prabhaba

Edited & Compiled by: Dr. Sangram Jena
Cover Picture: Binod Routray
Line Drawings: Jyoti Ranjan Swain

Published by
ILA PANDA CENTRE FOR ARTS
Post Box #25, G.P.O, Bhubaneswar 751001, India
Email: ilapandacentreforarts@gmail.com

Design & Print by
Third Eye Communications, Bhubaneswar
thirdeyecoindia@gmail.com

Price: Rs. 150/-

# ସୂଚୀ

ମୁଖବନ୍ଧ
ରୂପ: ସ୍ୱରୂପ ୭
*ସଂଗ୍ରାମ ଜେନା*

ଅଗ୍ରଲେଖ
ରୂପଂ ଦେହି, ଜୟଂ ଦେହି, ଯଶୋ ଦେହି ୧୧
*ଡକ୍ଟର ଦିନନାଥ ପାଠୀ*

ଚିତ୍ରଶିଳ୍ପୀଙ୍କ ନିଜକଥା
ବିମ୍ବାଧର ବର୍ମା ୨୯
ଗୌରାଙ୍ଗଚରଣ ସୋମ ୩୩
ମୁରଲୀଧର ଟାଲି ୪୦
ଗୋପାଳ କାନୁନ୍‌ଗୋ ୪୪
ବସନ୍ତ କୁମାର ପଣ୍ଡା ୫୬
ନିରଞ୍ଜନ ମିଶ୍ର ୬୧
ବିଭୂତି ଭୂଷଣ କାନୁନ୍‌ଗୋ ୬୭
ବୀଣା ସାଁ ୭୧
ଅଜିତକେଶରୀ ରାୟ ୭୬
ବିପିନ ବିହାରୀ ଚୌଧୁରୀ ୮୨
ବିପ୍ରଚରଣ ମହାନ୍ତି ୮୮
ଇଲା ଦାଶ ୯୩

ଦୁର୍ଗାପ୍ରସାଦ ପଟ୍ଟନାୟକ ୧୦୦

ପୂର୍ଣ୍ଣଚନ୍ଦ୍ର ସିଂହ ୧୦୫

ଅହଲ୍ୟା ଦାସ ୧୦୯

ଯଦୁନାଥ ସୂପକାର ୧୧୩

ଏସ୍. ଆର୍. ଗୁପ୍ତ ୧୧୯

ବିଚିତ୍ରାନନ୍ଦ ମହାନ୍ତି ୧୨୪

ଉଦୟନାଥ ରଥ ୧୨୭

ଜଗନ୍ନାଥ ଦାସ ୧୩୪

ଦିଲ୍ଲୀପ କୁମାର ମାନସିଂହ ମହାପାତ୍ର ୧୪୧

ରବିନାରାୟଣ ନାୟକ ୧୪୫

**ପରିଶିଷ୍ଟ**

ଅର୍ଦ୍ଧଶତାବ୍ଦୀ ତଳର ଏକ ଶୈଳ୍ପୀକ ଅଭିବ୍ୟକ୍ତି ୧୫୦
*ଶରତଚନ୍ଦ୍ର ଦେବ*

ଆଧୁନିକ ଉତ୍କଳୀୟ ଦୃଶ୍ୟକାବ୍ୟର କାହାଣୀ ୧୫୯
*ବିନୋଦ ରାଉତରାୟ*

ହଜିଲା ଦିନର ଦିଗ୍‌ଦର୍ଶକ ୧୬୪
*ଚନ୍ଦ୍ରଶେଖର ରାଓ*

ଶିଳ୍ପୀ ପରିଚୟ ୧୭୨

ଚିତ୍ର ୧୮୧

# ମୁଖବନ୍ଧ

## ରୂପଃ ସ୍ୱରୂପ

କୁହାଯାଏ ଯେ କଳା ସତ୍ୟ ନୁହେଁ, ମାତ୍ର ଏହା ଏପରି ଏକ ମିଥ୍ୟା ଯାହା ସତ୍ୟକୁ ବୁଝିବାରେ ସାହାଯ୍ୟ କରେ। ଏଇଥିପାଇଁ ତ ସବୁ ଯୁଗରେ, ସବୁ ସଭ୍ୟତାରେ କେତେ ଚିତ୍ର କେତେ, କେତେ ସ୍ଥାପତ୍ୟ, କେତେ କଳାର ସୃଷ୍ଟି। ବୋଧହୁଏ ସମସାମୟିକ ଓଡ଼ିଆ ଚିତ୍ରକଳା ଓ ଚିତ୍ରକରଙ୍କୁ ବୁଝିବାପାଇଁ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିଷ୍ଠିତ 'ଡଗର' ପତ୍ରିକା ଦିନେ ଆରମ୍ଭ କରିଥିଲା ଗୋଟିଏ କ୍ଷୁଦ୍ର ପ୍ରୟାସ। ଓଡ଼ିଶାର ପ୍ରଖ୍ୟାତ ଚିତ୍ରକରମାନଙ୍କ ଜୀବନ ଓ କଳା ସମ୍ପର୍କୀୟ ଆତ୍ମ-ଆଖ୍ୟାନ 'ମୋ ଜୀବନ ଉପରେ ରୂପର ପ୍ରଭାବ' ଶିରୋନାମାରେ ଏହା ପ୍ରଥମେ ୧୯୫୨ ମସିହାରେ ଡଗର ପତ୍ରିକାରେ ପ୍ରକାଶ ପାଇଥିଲା। ଏହାଥିଲା ସେ ସମୟର ଚିତ୍ରଶିଳ୍ପୀମାନଙ୍କର ନିଜ ଜୀବନ ଓ କଳା ସମ୍ପର୍କୀୟ ବିବରଣୀ ଯାହା ଏକ ଆତ୍ମକଥାର ଆଙ୍ଗିକରେ ଲେଖାଯାଇଥିଲା। ଊନବିଂଶ ଶତାବ୍ଦୀର ଶେଷ ପାଦରୁ ବିଂଶ ଶତାବ୍ଦୀର ଶେଷଯାଏ ଲମ୍ବିଥିବା ଏହି କାଳଖଣ୍ଡରେ ଓଡ଼ିଶାର ସାଂସ୍କୃତିକ ଜୀବନରେ ଚିତ୍ରକଳାର ସ୍ଥିତି ଓ ବିକାଶ, ଚିତ୍ରକରର ସ୍ୱକୀୟ ଅସ୍ମିତା, କଳାଶିକ୍ଷା ପାଇଁ ସରକାରୀ ଓ ବେସରକାରୀ ପ୍ରୋତ୍ସାହନ, ଚିତ୍ରଶିଳ୍ପୀର ଆର୍ଥିକ ଦୁରାବସ୍ଥା ଆଦି ସମ୍ପର୍କରେ ଶିଳ୍ପୀମାନଙ୍କର ବ୍ୟକ୍ତିଗତ ଅନ୍ତରଙ୍ଗ ଅନୁଭୂତିଗୁଡ଼ିକୁ ଆମେ ଜାଣିବାକୁ ପାଉ। ଏଗୁଡ଼ିକୁ ପଢ଼ିବାବେଳେ ଆମେ ଚିତ୍ରକଳା ଓ ଚିତ୍ରଶିଳ୍ପୀଙ୍କୁ ଏକ ସର୍ବଭାରତୀୟ ସାଂସ୍କୃତିକ ପଟ୍ଟଭୂମିରେ ବିଚାର କରୁ। ପୁଣି ଦେଖୁ ପାରମ୍ପରିକ ଓଡ଼ିଆ ଚିତ୍ରକଳା ଉପରେ ଅନ୍ୟ ପ୍ରଦେଶର ଚିତ୍ର ପରମ୍ପରା ଓ ଶିଳ୍ପୀମାନଙ୍କର ପ୍ରଭାବ। ଏକ ଅର୍ଥରେ କହିଲେ ଏଗୁଡ଼ିକ ଆମର ସାମାଜିକ ଓ ସାଂସ୍କୃତିକ ଇତିହାସର ଅଂଶ ବିଶେଷ।

ଚିତ୍ରଶିଳ୍ପୀମାନଙ୍କର ଏହି ଆତ୍ମ-ଆଖ୍ୟାନ ଗୁଡ଼ିକ ପ୍ରଥମେ ନିଶାନ୍ତ ପତ୍ରିକାର ୨୦୧୧ ମସିହା ଶରତ ସଂଖ୍ୟା ରୂପେ ପ୍ରକାଶ ପାଇଥିଲା। ସେତେବେଳେ ଏହାର ଶୀର୍ଷକ ଥିଲା 'ଚିତ୍ର-ଲେଖା'। ଜଣେ ଶିଳ୍ପୀ ପାଇଁ ତୂଳୀ ଓ କାଳି ଉଭୟ ପରିପୂରକ। ରଙ୍ଗରେ କହିହେଉନଥିବା

କଥା ଶବ୍ଦରେ କହେ ଶିଳ୍ପୀଟି । ଭ୍ୟାନ୍‌ଗଗ୍‌ଙ୍କ ଠାରୁ ପିକାସୋ, ରବୀନ୍ଦନାଥଙ୍କ ଠାରୁ ଗୋପାଳ କାନୁନ୍‌ଗୋ ସମସ୍ତେ ଏହାର ଗୋଟିଏ ଗୋଟିଏ ଉଦାହରଣ ।

ଭାରତର ପ୍ରାକ୍-ସ୍ୱାଧୀନ ଉପନିବେଶିକ ଶାସନ ବ୍ୟବସ୍ଥା ଭିତରେ ଓଡ଼ିଶାରେ କଳାଶିକ୍ଷା ଓ ଏହାର ପ୍ରୋତ୍ସାହନ ପାଇଁ ସରକାରୀ ପଦକ୍ଷେପ ଥିଲା ଖୁବ୍ ସୀମିତ । ଓଡ଼ିଶାରେ କଳାଶିକ୍ଷା ପାଇଁ ଅନୁଷ୍ଠାନ ନଥିଲା । ଏଥିପାଇଁ ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ଅନେକ ଚିତ୍ରକଳାନୁରାଗୀ ଯୁବକ ଯୁବତୀମାନେ ଆର୍ଥିକ ଦୁରାବସ୍ଥା ସତ୍ତ୍ୱେବି ପଡୋଶୀ ବଙ୍ଗପ୍ରଦେଶ ଯାଇ କଲିକତା ଓ ଶାନ୍ତିନିକେତନରେ ଶିକ୍ଷା ଲାଭ କରୁଥିଲେ । ଆର୍ଥିକ ସ୍ୱଚ୍ଛଳ ଥିବା କିଛି ଲୋକ ବମ୍ବେ ଆର୍ଟସ୍କୁଲ୍‌ରେ ମଧ୍ୟ ଅଧ୍ୟୟନ କରିଥିଲେ । କିନ୍ତୁ ଓଡ଼ିଶାର କଳାଛାତ୍ରମାନେ ମୁଖ୍ୟତଃ କଲିକତା ସ୍ଥିତ ଗଭର୍ଣ୍ଣମେଣ୍ଟ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ସ୍କୁଲ୍ ଓ ଶାନ୍ତିନିକେତନର କଳା ଭବନରେ ଅଧ୍ୟୟନ କରୁଥିଲେ । ସେଠିଥିଲେ ଆଚାର୍ଯ୍ୟ ନନ୍ଦଲାଲ୍ ବୋଷ ଓ ରାମକିଙ୍କର ବେଜ୍‌ଙ୍କ ଭଳି ପ୍ରଖ୍ୟାତ ଶିଳ୍ପୀଗଣ । ସେମାନଙ୍କର ଚିତ୍ର ଓ ବ୍ୟକ୍ତିତ୍ୱର ପ୍ରଭାବ ଏହି ତରୁଣ ଓଡ଼ିଆ କଳା ଛାତ୍ରଛାତ୍ରୀଙ୍କ ଉପରେ ଥିଲା ଗଭୀର ।

ଏହି ପୁସ୍ତକରେ ରହିଛି ୨୨ ଜଣ ଚିତ୍ରଶିଳ୍ପୀ, ଭାସ୍କର ଓ କାରୁଶିଳ୍ପୀମାନଙ୍କର ଆତ୍ମ-କଥନୀକା । କଳା ସେମାନଙ୍କ ଜୀବନ ଓ ଦୃଷ୍ଟିଭଙ୍ଗୀକୁ କିଭଳିଭାବରେ ପ୍ରଭାବିତ କରିଛି ତାହାର ଏହା ଏକ ଅନ୍ତରଙ୍ଗ ସ୍ୱୀକାରୋକ୍ତି । ଏମାନଙ୍କ ମଧ୍ୟରେ ଅଛନ୍ତି ୧୮୯୭ରେ ଜନ୍ମିତ ଚିତ୍ରଶିଳ୍ପୀ ବସନ୍ତ ପଣ୍ଡା ଓ ୧୯୦୧ ମସିହାରେ ଜନ୍ମିତ ପ୍ରଖ୍ୟାତ ଚିତ୍ରଶିଳ୍ପୀ ବିଦ୍ୟାଧର ବର୍ମାଙ୍କ ଠାରୁ ଆରମ୍ଭ କରି ୧୯୩୪ରେ ଜନ୍ମିତ ଇଲା ଦାଶଙ୍କ ଯାଏ । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ବହୁ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ – ଗୌରାଙ୍ଗ ଚରଣ ସୋମ, ମୁରଲୀଧର ଟାଲି, ଗୋପାଳ କାନୁନ୍‌ଗୋ, ବିଭୂତିଭୂଷଣ କାନୁନ୍‌ଗୋ, ଅଜିତ୍ କେଶରୀ ରାୟ, ବିପିନ୍ ବିହାରୀ ଚୌଧୁରୀ, ବିପ୍ର ଚରଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସିଂ, ଜଗନ୍ନାଥ ସୁପକାର ଓ ବୀଣା ସାଁ ଆଦି । କଲିକତା ଓ ଶାନ୍ତିନିକେତନରେ ଏମାନେ ମୁଖ୍ୟତଃ ଚିତ୍ରାଙ୍କନ, ମୂର୍ତ୍ତିକଳା, କାରୁଶିଳ୍ପ ଆଦି ଅଧ୍ୟୟନ କରୁଥିଲେ । ସୌଭାଗ୍ୟବଶତଃ ମହାନ୍ ଚିତ୍ରଶିଳ୍ପୀ ଆଚାର୍ଯ୍ୟ ନନ୍ଦଲାଲ୍ ବୋଷ, ଅବନିନ୍ଦ୍ରନାଥ ଠାକୁର ଓ ଅସିତ୍ ହାଲ୍‌ଦାର୍‌ଙ୍କ ଭଳି ଗୁରୁଙ୍କ ନିକଟରେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥିଲେ । ମାତ୍ର ଶିକ୍ଷା ସମାପନ ପରେ ଏହି ଶିଳ୍ପୀମାନଙ୍କର ସମସ୍ତ ଯୋଗ୍ୟତା ଓ ପ୍ରତିଭା ସତ୍ତ୍ୱେ ଓଡ଼ିଶାରେ ଏମାନଙ୍କ ପାଇଁ ଜୀବିକା ଅର୍ଜନର ପନ୍ଥା ଥିଲା ସୀମିତ । ଅତିବେଶୀରେ ସ୍କୁଲ୍‌ରେ କଳାଶିକ୍ଷକ ନହେଲେ ସ୍ୱଳ୍ପ ବେତନଭୋଗୀ ସରକାରୀ କର୍ମଚାରୀ । ଜଣେ ଉଦୀୟମାନ ଶିଳ୍ପୀପାଇଁ ଜୀବନରେ ଏହାଠାରୁ ଅଧିକ ଦୁଃଖ କ'ଣ ବା ଥାଇପାରେ । ଆର୍ଥିକ ଉପାର୍ଜନକୁ ଛାଡ଼ିଦେଲେ ବି ଏମାନଙ୍କ ପାଇଁ ଏମିତି କିଛି ସାମାଜିକ ସ୍ୱୀକୃତି ବି ନଥିଲା । ଏଠି ନା ଥିଲା ପ୍ରତିଷ୍ଠିତ କଳା ଅନୁଷ୍ଠାନ ନା

କଳାର ଆଦର। ଶିଳ୍ପୀଜୀବନ ଆରମ୍ଭରୁ ସେମାନଙ୍କୁ ଆଗରେ ଦିଶୁଥିଲା ବ୍ୟର୍ଥତାବୋଧର ଆଖିନପାଉଥିବା ଇଲାକାଟିଏ। ଶିଳ୍ପୀମାନଙ୍କର ଜୀବନ ଥିଲା ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କାହାଣୀ।

ଏହି ପୁସ୍ତକର ପରିଶିଷ୍ଟରେ ରହିଛି ଚିତ୍ରଶିଳ୍ପୀ ଶରତ ଚନ୍ଦ୍ର ଦେବ ଓ ବିନୋଦ ରାଉତରାୟ, ଚନ୍ଦ୍ରଶେଖର ରାଓଙ୍କର ସମକାଳୀନ କଳା ସମ୍ପର୍କରେ ନିଜସ୍ୱ ଦୃଷ୍ଟିଭଙ୍ଗୀର ସୂଚନା। ଏହା ଓଡ଼ିଶାର କଳା ଓ ଶିଳ୍ପୀଙ୍କୁ ସାମଗ୍ରୀକଭାବେ ଅନୁଧ୍ୟାନ କରିବାରେ ସାହାଯ୍ୟ କରିବ।

ସ୍ୱାଧୀନତା ପ୍ରାପ୍ତିର ୭୦ବର୍ଷ ପରେ ବି ଓଡ଼ିଶାରେ କଳାଶିକ୍ଷା ପାଇଁ ଅନୁଷ୍ଠାନ, ଶିଳ୍ପୀମାନଙ୍କ ପାଇଁ ଉପାର୍ଜନର ସୁଯୋଗ, କଳାର ବିକାଶ ପାଇଁ ପ୍ରୋତ୍ସାହନ ଓ ଶିଳ୍ପୀମାନଙ୍କ ସାମାଜିକ ପ୍ରତିଷ୍ଠା, ଏ ସବୁ ବିଷୟରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୁଏନାହିଁ। ଏହି ଦୃଷ୍ଟିରୁ କଳାର ବିକାଶ ପାଇଁ IPCAର ଉତ୍ସର୍ଗୀକୃତ ପଦକ୍ଷେପ ସ୍ୱାଗତଯୋଗ୍ୟ ଓ ସମୟ ଉପଯୋଗୀ। ଶିଳ୍ପୀମାନଙ୍କର ଜୀବନ, ସମୟ ଓ କଳା ସମ୍ପର୍କିତ ଏହି ପୁସ୍ତକଟି ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କରିଥିବାରୁ ମୁଁ ଅନୁଷ୍ଠାନର ଟ୍ରଷ୍ଟି ଶ୍ରୀମତୀ ପାରାମିତା ମହାପାତ୍ର ଓ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କ ନିକଟରେ କୃତଜ୍ଞ। ପୁଣି ଓଡ଼ିଶାର ପ୍ରଖ୍ୟାତ ଚିତ୍ରଶିଳ୍ପୀ, କଳା-ଐତିହାସିକ ଓ ଔପନାସିକ ଡକ୍ଟର ଦିନନାଥ ପାଠୀ ଏହି ପୁସ୍ତକର ସୁଦୀର୍ଘ ଅଗ୍ରଲେଖ ଲେଖିଥିବାରୁ ମୁଁ ତାଙ୍କ ନିକଟରେ ଗଭୀର ଭାବେ କୃତଜ୍ଞ। ପ୍ରସ୍ତକଟିର ସନ୍ନିବିଷ୍ଟ ଅଧିକାଂଶ ଲେଖା ଯୋଗାଇ ଦେଇଥିବାରୁ ମୁଁ ପୂର୍ବତନ ମୁଖ୍ୟ ଆୟକର କମିଶନର ଶ୍ରୀ ଗୋପାଳ ନନ୍ଦଙ୍କ ନିକଟରେ କୃତଜ୍ଞ। ପୁଣି ଏଥିରେ ସ୍ଥାନିତ ସମସ୍ତ ଚିତ୍ର ମୁଁ ପାଇଛି ବିଶିଷ୍ଟ ଚିତ୍ରଶିଳ୍ପୀ ବନ୍ଧୁ ରାମହରି ଜେନାଙ୍କ ଠାରୁ, ତାଙ୍କ ନିକଟରେ ମୁଁ ଋଣୀ। 'ଡଗର' ପତ୍ରିକାର ସମ୍ପାଦକ, ପ୍ରକାଶକ ଓ ଉତ୍ତରାଧିକାରୀମାନଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି।

**ସଂଗ୍ରାମ ଜେନା**

# ଅଗ୍ରଲେଖ

## ରୂପଂ ଦେହି, ଜୟଂ ଦେହି, ଯଶୋ ଦେହି

ମୋ ଜୀବନ ଉପରେ ରୂପର ପ୍ରଭାବ କ୍ରମରେ ଏହି ସଂକଳନରେ ଉପସ୍ଥାପନ କରାଯାଇଥିବା ଲେଖାଗୁଡ଼ିକ ପଢ଼ିଲେ ଲାଗେ ବିଂଶ ଶତାବ୍ଦୀର ଓଡ଼ିଆ ଶିଳ୍ପୀମାନେ ଶିଳ୍ପସାଧନା ପ୍ରତି କେତେ ମାତ୍ରାରେ ପ୍ରତିବଦ୍ଧ ଥିଲେ ଏବଂ ପ୍ରତିବଦ୍ଧତା ସମୟର ପ୍ରତିବନ୍ଧକକୁ କିଭଳି ପରାହତ କରିଦେଇ ପାରିଥିଲା । ଶିଳ୍ପୀଟିଏ ହେଇ ବଞ୍ଚିବାର ଓ ପ୍ରସରିଯିବାର ଆକୁଳତା ପ୍ରତିଟି ଲେଖାରେ ଅନୁରଣିତ । ଆଶା ଓ ନିରାଶାର ଗୋଧୂଳିରେ ପ୍ରତ୍ୟେକ ନିବେଦନ ରଞ୍ଜିତ । କଳା ସାଧନାକୁ ଏହି ଶିଳ୍ପୀମାନେ ତେଲ ଲୁଣର ସଂସାରଠାରୁ ଅଲଗା କରି ତୋଳି ଧରିଥିଲେ । ସେମାନଙ୍କ ଶିଳ୍ପ ଆସ୍ପୃହା ଛକିକଟା ସାଂସାରିକ ଜୀବନର ଜଂଜାଳ ଓ ଯନ୍ତ୍ରଣାକୁ ବାରମ୍ବାର ହେୟ କରି, ଅସ୍ୱୀକାର କରି ଉଜ୍ଜ୍ୱଳି ଉଠିଛି । ପ୍ରଫେସର ଘନଶ୍ୟାମ ଦାଶଙ୍କ ଚତୁର୍ଥ ସନ୍ତାନ ଇଲା ଦାଶ ତାଙ୍କ ଆଦ୍ୟ ଜୀବନରେ ବୁଝିଥିଲେ, "କଳା ସବୁବେଳେ ସତେଜ, କର୍ମଠ ଓ ନବପ୍ରେରଣାରେ ପରିପୂର୍ଣ୍ଣ – ତପସ୍ୱିନୀ। ଶରୀର ସଂଚ଼ାଳନରେ (ଖେଳ କସରତରେ ନିଜର ପାରଦର୍ଶିତାକୁ ଲକ୍ଷ୍ୟ କରି କହିଛନ୍ତି) ମଧ୍ୟ ମୁଁ କଳାର ସ୍ଫୂର୍ତ୍ତି ଅନୁଭବ କରେ । ମୋର ମନେହୁଏ ରୂପ ଯେତେବେଳେ ମନୁଷ୍ୟକୁ ପ୍ରଭାବିତ କରେ ସେତେବେଳେ ସେ ମନୁଷ୍ୟର ପ୍ରତ୍ୟେକ କର୍ମରେ କୁଶଳତାର ସହ ଆତ୍ମପ୍ରକାଶ କରେ – ନାନା ବେଶ ଓ ସମାବେଶରେ ।" ଅନ୍ୟତ୍ର ସେ ପୁଣି କହିଛନ୍ତି, "ନୃତ୍ୟ ଓ ସଙ୍ଗୀତ କଳାର ଗୋଟିଏ ଗୋଟିଏ ବିଭାବ । ଚିତ୍ରରେ ମୁଁ ଯେଉଁଦିନ ନର୍ତ୍ତକୀର ରୂପ ଆଙ୍କି ନିଜେ ଚାହୁଁଥିଲି, ସେଦିନ ବୁଝିଲି– ନୃତ୍ୟ ଓ କଳା ଭିତରେ ପାର୍ଥକ୍ୟ ତ କିଛି ନାହିଁ। ମୁଁ ଶାନ୍ତିନିକେତନରେ କେବଳ ରଙ୍ଗ ଓ ତୂଳୀରେ ଚିତ୍ର ଆଙ୍କି ତୁଷ୍ଟ ହୋଇପାରିଲି ନାହିଁ – ନିଜକୁ ରଙ୍ଗରେ ରଙ୍ଗାୟିତ – ରାଗରେ ମଧ୍ୟ ରଂଜାଇ ସଙ୍ଗୀତ ଓ ନୃତ୍ୟକଳା ଶିଖୁଥାଏ 'ସଙ୍ଗୀତ ଭବନ'ରେ ।" ଶିଳ୍ପ ସାଧନାର ଏହି ସମନ୍ୱିତ ସାମଗ୍ରିକ ଅବବୋଧ ଜଣେ ସ୍କୁଲର ଡ୍ରଇଂ ଶିକ୍ଷୟିତ୍ରୀ ହେବାରେ

ଆଶାୟୀ କଳାଛାତ୍ରୀଙ୍କ ଚିନ୍ତାରେ ସେ କାଳରେ ପ୍ରକଟିତ ହେଇ ପାରିଥିଲା, ତାହାହିଁ ବହି ଆକାରରେ ପ୍ରକାଶ କରି ଏକବିଂଶ ଶତାବ୍ଦୀର ଶିଳ୍ପୀଶ୍ରୟୀଙ୍କ ନିକଟରେ ଉପସ୍ଥାପନା କରିବାରେ ଯେଉଁ ଆଗ୍ରହ ଓ ଆହ୍ୱାନ ତାହାହିଁ ଏହି ସଂକଳନର ଉପଜୀବ୍ୟ । ଆଶ୍ଚର୍ଯ୍ୟ ଲାଗେ ଏଭଳି ସମନ୍ୱିତ ଚିନ୍ତାଟିଏ ଆଜିର ବହୁ ଓଡ଼ିଆ ଶିଳ୍ପୀଙ୍କଠାରେ ଅଭାବ । ସେହି ଅଭାବବୋଧକୁ ପ୍ରଶମିତ କରି ଏକ ନୂଆ ସକାଳର ସ୍ୱପ୍ନରେ ବିଭୋର ପରବର୍ତ୍ତୀ ସମୟର ଇଲା ପଣ୍ଡା ଓଡ଼ିଆ କଳାକୁ ନିଜ ପ୍ରଚେଷ୍ଟାରେ ଋଦ୍ଧିମନ୍ତ କରିଛନ୍ତି – ସେ ଦିଗନ୍ତକୁ ସଚେତନ କରିଦିଏ ଏହି ସଂକଳନ ଖଣ୍ଡିକ ।

ଏହି ସଂକଳନରେ ବାଇଶି ଜଣ ଶିଳ୍ପୀଙ୍କର କଥା ଅଛି ଊନବିଂଶ ଶତାବ୍ଦୀର ଶେଷଭାଗରୁ ବିଂଶ ଶତାବ୍ଦୀର ଶେଷଯାଏଁ । ବିମ୍ବାଧର ବର୍ମା, ନିରଞ୍ଜନ ମିଶ୍ର ଓ ଏସ୍.ଆର୍. ଗୁପ୍ତଙ୍କ ଛଡ଼ା ଅନ୍ୟ ସମସ୍ତ ଶିଳ୍ପୀଙ୍କୁ ଓ ସେମାନଙ୍କ କୃତିକୁ ମୁଁ ଦେଖିଛି ଏବଂ ସେମାନଙ୍କ ସାନ୍ନିଧ୍ୟର ସୁଯୋଗ ପାଇଛି । ଓଡ଼ିଶାର ବରପୁତ୍ରମାନଙ୍କର ଚିତ୍ର ବୀଥିରେ ନିହାତି ପକ୍ଷେ ମୁଁ ଆଉ ଦୁଇଜଣ ଶିଳ୍ପୀଙ୍କର ଅନୁପସ୍ଥିତି ଅନୁଭବ କରୁଛି । ଜଣେ ହେଲେ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଶରତ ଚନ୍ଦ୍ର ଦେବ ଏବଂ ଓଡ଼ିଆ ଚିତ୍ର-ସାହିତ୍ୟର ଅନ୍ୟତମ ପ୍ରବକ୍ତା ବିନୋଦ ରାଉତରାୟ । ଚିକିଟି ରାଜପରିବାରରେ ଜନ୍ମିତ ଶିଳ୍ପୀ ଶରତ ଚନ୍ଦ୍ର ଓଡ଼ିଶାରେ କଳାଶିକ୍ଷାର ପ୍ରସାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଜମିଦାରୀ ଉଚ୍ଛେଦରୁ ପ୍ରାପ୍ତ ସାମାନ୍ୟ ପେସକସରୁ ଉଦ୍‌ବୃତ ଅର୍ଥରେ ବ୍ରହ୍ମପୁରସ୍ଥିତ ନିଜ ନଅର ଚନ୍ଦ୍ରପ୍ରଭାଶ୍ରମଠାରେ ଉତ୍କଳ ସ୍କୁଲ ଅଫ୍ ଆର୍ଟ୍ ନାମରେ ବ୍ୟକ୍ତିଗତ ଉଦ୍ୟମରେ ଗୋଟିଏ ଆର୍ଟସ୍କୁଲ ପ୍ରତିଷ୍ଠା କରିଥିଲେ । ସେଠାରେ ଆରମ୍ଭ କରିଥିବା କଳାଶିକ୍ଷାର ପ୍ରୟାସ ଖଲ୍ଲିକୋଟ ଠାରେ ଫଳବତୀ ହେଇ ପାରିଥିଲା । ସେ କଳାଶିକ୍ଷାର ବାସ୍ତବ କ୍ଷେତ୍ରରେ ଜଣେ ଉଦାରଚେତା ଦୂରଦୃଷ୍ଟିସଂପନ୍ନ ଶିଳ୍ପୀଗୁରୁର ଦାୟିତ୍ୱ ନିର୍ବାହ କରିଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଗୁରୁର ଗୌରବାବହ ମୁକୁଟଟିକୁ ତାଙ୍କ ମଥାରୁ କାଢ଼ିନେବାର ଅପଚେଷ୍ଟା କରାଯାଇଥିଲା । ପାଟିରେ ରୁପାର ଚାମୁଚ ଧରି ରାଜନଅରରେ ଆବିର୍ଭାବ ହୋଇଥିଲେ ମଧ୍ୟ ଚନ୍ଦ୍ରପ୍ରଭାଶ୍ରମର ଜରାଜୀର୍ଣ୍ଣ କୋଠରି ମଧ୍ୟରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ । କେରଳର ରାଜଶିଳ୍ପୀ ରାଜା ରବି ବର୍ମାଙ୍କ ଭଳି ସେ ଚିତ୍ରକଳାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ମଧୁର ସମନ୍ୱୟ ଆଣିବାକୁ ଚେଷ୍ଟା କରିଥିଲେ । ଶିଳ୍ପୀଙ୍କ ଶତାଧିକ ଚିତ୍ର ଆଜି ମଧ୍ୟ ଚନ୍ଦ୍ରପ୍ରଭାଶ୍ରମର ଭଗ୍ନ ପ୍ରାସାଦରେ ବିଲୟର ଅନ୍ତିମ ମୁହୂର୍ତ୍ତକୁ ସତେ ଯେମିତି ଅପେକ୍ଷା କରିଛି । ତାଙ୍କ ଚିତ୍ରକଳା ଓ ତାଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ମଧୁରିମାରେ ପୁଲକିତ ଜଣେ ଅକିଞ୍ଚନ ଶିଷ୍ୟ ତାଙ୍କ ଶିଳ୍ପ ପରଂପରାର ହତାଦରରେ ମ୍ରିୟମାଣ ।

ଗୋପାଳ କାନୁନ୍‌ଗୋଙ୍କ ଭଳି ବିନୋଦ ରାଉତରାୟ ଚିତ୍ରକଳା ସାହିତ୍ୟକୁ ଜୀବନର ଧ୍ୟେୟ କରିଥିଲେ । ତାଙ୍କ ଦ୍ୱାରା ରଚିତ ଓଡ଼ିଶୀଚିତ୍ର ୧୯୫୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ

ଦ୍ୱାରା ପୁରସ୍କୃତ ହୋଇଥିଲା । ସେ କିଛି ବର୍ଷ ଖଲ୍ଲିକୋଟର ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ ଓ ପରବର୍ତ୍ତୀ ସମୟରେ ଅଧ୍ୟକ୍ଷ ପଦ ମଣ୍ଡନ କରିଥିଲେ। ଏହି ଦୁଇଜଣ ଯଶଧର ଶିଳ୍ପୀଙ୍କ ବ୍ୟତୀତ ପ୍ରଚ୍ଛଦ ଓ ଅଳଂକରଣ ଚିତ୍ରରେ ସୁନାମ ଅର୍ଜନ କରିଥିବା ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଚ୍ଛଦ ଅଙ୍କ ଶୈଳୀର ପ୍ରବର୍ତ୍ତନ କରିଥିବା ଅସିତ ମୁଖାର୍ଜୀଙ୍କ ନାମ ସ୍ମରଣକୁ ଆସୁଛି । ଚିତ୍ରକଳା ସଂପର୍କରେ ତାଙ୍କର ଆଭିମୁଖ୍ୟ ସ୍ୱଷ୍ଟ ଥିଲା। ସେ ଚିତ୍ରକଳାକୁ ପପୁଲାର ପର୍ଯ୍ୟାୟକୁ ଆଣିବା ପାଇଁ ଚେଷ୍ଟିତ ଥିଲେ। ଏ ଦିଗରେ ପ୍ରଚ୍ଛଦ ଚିତ୍ର ତାଙ୍କୁ ଯଥେଷ୍ଟ ସହାୟତା ଯୋଗାଇ ଦେଇଥିଲା। ଚିତ୍ରକଳା ଶିକ୍ଷାକୁ ସେ ନିର୍ଦ୍ଦିଷ୍ଟ ଢଙ୍ଗରେ ପରିଚାଳନା କରିବା ପାଇଁ ଚେଷ୍ଟା କରୁଥିଲେ। ରବିବାସରୀୟ ଚିତ୍ରକଳା ସ୍କୁଲଗୁଡ଼ିକ ପାଇଁ କିଛି ବନ୍ଧୁଙ୍କ ସହିତ ମିଶି ଏକ ପାଠ୍ୟଖସଡ଼ା ପ୍ରସ୍ତୁତ କରିଥିଲେ । ଯଦିଚ୍ ଏଭଳି ପାଠ୍ୟଖସଡ଼ାର ପ୍ରବର୍ତ୍ତନ ଫଳରେ କଳାଶିକ୍ଷାର ସ୍ୱଚ୍ଛଳତା ଓ ସ୍ୱଚ୍ଛନ୍ଦତା ବ୍ୟାହତ ହୋଇଥିଲା ଏବଂ ସ୍କୁଲର ସାମଗ୍ରିକ ଶିକ୍ଷାବ୍ୟବସ୍ଥା ଭିତରେ ଚିତ୍ରକଳାକୁ ସ୍ଥାନୀତ ଏବଂ ସଂପର୍କିତ ନ କରି ଏହାକୁ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଭାବେ ସ୍କୁଲସ୍ତରରେ ଗଣାଯିବାରୁ ଏହାର ଆଭିମୁଖ୍ୟରେ ବାଧା ପହୁଞ୍ଚିଥିଲା। ତଥାପି ଚିତ୍ରକଳା ଶିକ୍ଷାର ପ୍ରସାର ଦିଗରେ ତାଙ୍କର ଆନ୍ତରିକତା ପ୍ରଶଂସାର୍ହ।

ଏହି ସଂକଳନରେ ସ୍ଥାନୀତ ଶିଳ୍ପୀମାନଙ୍କ ଭିତରେ ଏକ ଅଦ୍ଭୁତ ସାମ୍ୟ ଦେଖାଯାଏ । ସେମାନେ ସମସ୍ତେ ଓଡ଼ିଶା ବାହାରେ କଳାଶିକ୍ଷା ଗ୍ରହଣ କରିଥିଲେ । ସେହି ଶିକ୍ଷାନୁଷ୍ଠାନଗୁଡ଼ିକ ମୂଳତଃ କଲିକତା ନଗରୀରେ ବା ବୋଲପୁରର ଶାନ୍ତିନିକେତନରେ ପ୍ରତିଷ୍ଠିତ ଥିଲା । କଲିକତାର କଳାବିଦ୍ୟାଳୟକୁ ବ୍ରିଟିଶ ସରକାର ଆଜକୁ ପ୍ରାୟ ଦେଢ଼ଶହ ବର୍ଷତଳେ ପ୍ରତିଷ୍ଠା କରିଥିଲେ । କଲିକତା ସାଙ୍ଗକୁ ବମ୍ବେ, ମାନ୍ଦ୍ରାଜ ଓ ଲାହୋର ଠାରେ ମଧ୍ୟ ଅନୁରୂପ ବିଦ୍ୟାଳୟମାନ ମୁଣ୍ଡଟେକି ଥିଲା । ଏସବୁ ବିଦ୍ୟାଳୟର ଲକ୍ଷ୍ୟ ଥିଲା ସ୍ଥାନୀୟ ପାରଂପରିକ ଶିଳ୍ପୀମାନଙ୍କୁ ବ୍ରିଟିଶ କଳା କୌଶଳ ଶିକ୍ଷାଦେବା । ଭାରତୀୟମାନଙ୍କୁ ଇଂରାଜୀ ଭାଷା ଶିକ୍ଷା ଦେବାର ଯେଉଁ ଆଭିମୁଖ୍ୟ ଥିଲା, ମୋଟାମୋଟିଭାବେ କଳାଶିକ୍ଷାର ମଧ୍ୟ ସେଭଳି ଉଦ୍ଦେଶ୍ୟ ଥିଲା । ଏଭଳି ଶିକ୍ଷାଧାରାକୁ ଆମେ ଏକାଡେମିକ୍ କହୁଛୁ। ପରବର୍ତ୍ତୀ କାଳରେ ଏହାକୁ କଲୋନିଅନ୍ ବା ଉପନିବେଶୀୟ କଳା କୁହାଗଲା । ଏହି ଅନୁଷ୍ଠାନଗୁଡ଼ିକରେ ଶିକ୍ଷାଲାଭ କରିଥିବା ଶିଳ୍ପୀମାନେ ପ୍ରଖ୍ୟାତ ବ୍ରିଟିଶ ଶିଳ୍ପୀ (British Masters)ଙ୍କ ଭଳି ଛବି ଆଙ୍କିବାକୁ ଜୀବନର ଧ୍ୟେୟ ଏବଂ ଶ୍ରେୟ ମଣୁଥିଲେ । ମଡେଲ ଛାଡ଼ି ବା ମଣିଷ ଠିଆକରି ତାର ଅନୁକରଣରେ ଆଙ୍କିବା, ଷ୍ଟିଲ ଲାଇଫ୍ ଛାଡ଼ି ବା ନିର୍ଜୀବ ବସ୍ତୁ ଯଥା ଆସବାବପତ୍ର, ସଙ୍ଗୀତ ପାଇଁ ବ୍ୟବହୃତ ଯନ୍ତ୍ରପାତି, ନିତ୍ୟବ୍ୟବହୃତ ସାମଗ୍ରୀ ଇତ୍ୟାଦିର ଅନୁକରଣ ଏବଂ ଲ୍ୟାଣ୍ଡସ୍କେପ୍ ବା ଭୂଦୃଶ୍ୟ ଯେଉଁଥିରେ ଗାଁ, ସହର, ନଦୀ ଓ ସମୁଦ୍ରର ପ୍ରାକୃତିକ ଦୃଶ୍ୟ ଅନ୍ତର୍ଭୁକ୍ତ । ଏ ସଂକ୍ରାନ୍ତରେ ଚିତ୍ରଶିଳ୍ପୀ ମୁରଲୀଧର ଟାଲିଙ୍କ ବକ୍ତବ୍ୟ ପ୍ରଣିଧାନଯୋଗ୍ୟ, "ଆକାଶର ନୀଳିମା, ଆଲୋକର ବିନ୍ୟାସ, ରୂପର ମୋହ ମୋତେ ଏଭଳି

ଭାବେ ପ୍ରଭାବିତ କଲା ଯେ- ମୁଁ ଯାହା ଦେଖିଲି ତା ଅଙ୍କନ କରିବାକୁ ଓ ମନର ଅପୂର୍ବ ସୁଷମା ଦେଇ ତାକୁ ଅନୁକରଣ ନକରି ଅନୁରଞ୍ଜିତ କରିବାରେ ଲାଗିବା ଫଳରେ ପ୍ରକୃତିର ବିରାଟତ୍ୱ ଓ ଆଲୋକର ବୈଚିତ୍ର୍ୟ, ଛାୟାର ମୁଗ୍ଧ ସମାବେଶ ମୋତେ ଗୋଟିଏ କିଛି ନୂତନର ସନ୍ଧାନ ପାଇଁ ବ୍ୟାକୁଳିତ କଲା।" (ମୋ ଜୀବନରେ ରୂପର ପ୍ରଭାବ, ନିଶାନ୍ତ, ପୃ.୨୩)। ଆଉ ଜଣେ ଶିଳ୍ପୀ ଅଜିତ କେଶରୀ ରାୟ, ଯିଏକି ପରବର୍ତ୍ତୀ କାଳରେ ଜଣେ ଆଧୁନିକ ଶିଳ୍ପୀ (Modern Artist)ର ମାନ୍ୟତା ପାଇଲେ ସେ କହିଛନ୍ତି, "ଦିନ ଥିଲା ସମସ୍ତଙ୍କ ପରି ମୁଁ ବି ବ୍ଲାକ୍‌ବୋର୍ଡ଼ରୁ ମଡେଲ ଦେଖି ଡ୍ରଇଁ କରିଚି। ଆଜି କିନ୍ତୁ ମୁଁ କଳାର ନକଲକାର ନୁହଁ। କେବଳ ବସ୍ତୁକୁ ଦେଖି, ତାର ବାସ୍ତବରୂପ ଆଙ୍କି, ମୁଁ ମୋର ଭାବଟାକୁ ଫାଙ୍କିଦେବାକୁ ଆଦୌ ପ୍ରସ୍ତୁତ ନୁହଁ। ମୋର ସକ୍ରିୟ ମନ, କୌଣସି ନିଷ୍କ୍ରିୟ ଦୃଶ୍ୟର ଏକ ନିରୀହ ନକଲକାର ହେବାକୁ ମୋଟେ ରାଜି ନୁହଁ।"

ଆଚମ୍ବିତ କଥା ଯେ ମୁରଲୀଧର ଟାଲି ଏବଂ ଅଜିତକେଶରୀ ରାୟ ଦୁଇଟି ଭିନ୍ନ ଭିନ୍ନ ଅନୁଷ୍ଠାନରେ କଳାଶିକ୍ଷା କରିଥିଲେ। ଏହି ଅନୁଷ୍ଠାନ ଦୁଇଟି ଥିଲା କଲିକତାର କଳା ମହାବିଦ୍ୟାଳୟ ଓ ଶାନ୍ତିନିକେତନର କଳାଭବନ। ଏହି ଅନୁଷ୍ଠାନଦ୍ୱୟର ଆଭିମୁଖ୍ୟ ସଂପୂର୍ଣ୍ଣ ଭିନ୍ନ ଥିଲା ଓ ବିପରୀତାତ୍ମକ ମଧ୍ୟ ଥିଲା। କଲିକତା ପାଶ୍ଚାତ୍ୟକଳାର ଅନୁସରଣ କରୁଥିବା ବେଳେ, ଶାନ୍ତିନିକେତନ ସ୍ୱଦେଶୀ କଳାର ଏକ ନୂତନ ଧାରାକୁ ଆପଣାଇଥିଲା। ଏହି ସ୍ୱଦେଶୀ କଳା ଭାରତୀୟ ଐତିହ୍ୟ ଓ ପରଂପରାର ମହତ୍ତ୍ୱକୁ ନେଇ ଗଢ଼ି ଉଠିଥିଲା ଏବଂ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅଂଶବିଶେଷ ଥିଲା। ପୁଣି ଶାନ୍ତିନିକେତନର କଳା ଭବନରେ ବ୍ରିଟିଶ ଧରଣର ମଡେଲ ଷ୍ଟଡ଼ିର ପ୍ରଚଳନ ନଥିଲା। କଳା ଭବନର ଆଚାର୍ଯ୍ୟ ନନ୍ଦଲାଲ ବସୁ କହୁଥିଲେ, ଭାରତବର୍ଷର ଗାଁ ଗହଳରେ ଲୋକମାନେ ସ୍ୱଭାବତଃ ଲଙ୍ଗଳା ମୁକୁଳା। ଆମ ଜଳବାୟୁ, ତା ସହିତ ପରଂପରା ଓ ଦାରିଦ୍ର୍ୟ ଆମକୁ ସ୍ୱଳ୍ପ ବସ୍ତ୍ର ପରିଧାନ କରିବା ଶିଖେଇଛି। ଏଣୁ ଷ୍ଟୁଡ଼ିଓର ନିବୁଜ କୋଠରିରେ ନାରୀକୁ ଉଲଗ୍ନ କରି ତା ଦେହର ଭଙ୍ଗିମାକୁ ଅନୁକରଣ କରିବାର ଆବଶ୍ୟକ ହୁଏନି।

ଦୁଇଜଣ ଶିଳ୍ପୀ, ମୁରଲୀଧର ଓ ଅଜିତକେଶରୀଙ୍କ ଅଭିମତ ସେହି ଦୁଇଙ୍କର ନିଜସ୍ୱ ଭାଷା ନୁହେଁ। ଯେଉଳି ସାହିତ୍ୟିକ ଛଟାରେ ଏହା ଲିଖିତ। ସେଥିରୁ ଅନୁମାନ କରିହେଉଛି ଶିଳ୍ପୀ ଦୁହେଁ ନିଜ ନିଜର ବକ୍ତବ୍ୟ କହିଛନ୍ତି, କିଏ ଜଣେ ପୋଖତ ସାହିତ୍ୟିକ ନିଜ ଭାଷାରେ ନିଜ ଶୈଳୀରେ ସେ ସବୁକୁ ଲିପିବଦ୍ଧ କରିଛନ୍ତି। ସାହିତ୍ୟିକ ଜଣକ କଲିକତା ଓ ଶାନ୍ତିନିକେତନର କଳାଶୈଳୀରେ ଥିବା ପ୍ରଭେଦ ଉପଲବ୍ଧ କରି ନାହାନ୍ତି। ଏଣୁ ଏହି ଅଭିମତଗୁଡ଼ିକ ମଧ୍ୟରେ ଥିବା ଅନ୍ତର୍ଚ୍ଛନ୍ଦକୁ ଭଲଭାବରେ ଅନୁଶୀଳନ ନକଲେ ଅସଲ ମଞ୍ଜକଥା ପଦାକୁ ପ୍ରକାଶିତ ହେଇପାରିବ ନାହିଁ।

ଓଡ଼ିଆ ଚିତ୍ରଶିଳ୍ପୀମାନେ ଯେ ଉଚ୍ଚଧରଣର ସାହିତ୍ୟ ସୃଷ୍ଟି କରିପାରିବେ ନାହିଁ, ସେ ସନ୍ଦେହ ମୋର ନାହିଁ । ଏହି ସଂକଳନରେ ଗୋପାଳ କାନୁନ୍‌ଗୋଙ୍କ ପ୍ରତିଭାଦୀପ୍ତ ମୁହଁ ଦିଶିଯାଉଛି । ସେ ନିଜର ଗୋଟିଏ ପ୍ରଖ୍ୟାତ ଚିତ୍ର 'ବସନ୍ତ' ଜଣେ ପଲ୍ଲୀବଧୂର ଅଭୀପ୍‌ସା ଉପରେ ପର୍ଯ୍ୟବସିତ । କାନୁନ୍‌ଗୋଙ୍କ ଶୈଳ୍ପିକ ଅଭିବ୍ୟକ୍ତି (ସାହିତ୍ୟିକ ଅଭିବ୍ୟକ୍ତି ବି କୁହାଯାଇପାରେ)ର କିଛି ଉଦ୍ଧୃତ ଲିପିବଦ୍ଧ କରିବାର ଲୋଭ ସମ୍ବରଣ କରିପାରୁ ନାହିଁ । "ସନ୍ଧ୍ୟାର ଆଲକ୍ତ ରଞ୍ଜିତ ଆକାଶ ତଳେ ପଳାସ ଫୁଲ ଫୁଟେ- ସେଇ ଫୁଲରୁ କେଣ୍ଡାଏ ଖୋଷି, କାଖରେ କଳସୀ ଧରି, ପଲ୍ଲୀବଧୂ ନଈ ଘାଟକୁ ଯାଏ- ତାର ରୂପ ଛଟା - ତାର ଅଳସ ଗତି- ତାର ପ୍ରୀତିସ୍ନିଗ୍ଧ ଲୋଚନଶ୍ରୀ ସେ ଗାଁର ଲୋକେ ଶହେ ଷାଠିଏ ଥର ଦେଖନ୍ତି- ମାତ୍ର ସେ ରୂପ ପ୍ରକୃତରେ ଦେଖେ ଶିଳ୍ପୀ । ନିର୍ଭୁଲ ତୂଳି ମୁନରେ ଗ୍ରାମ୍ୟ ଜୀବନର ଏହି ସୁକୁମାର ରୂପଟି ଲେଖି ଦେଇଯାଏ ପଟ୍ଟଭୂମିରେ । ଦର୍ଶକ ଦେଖି ମୁଗ୍ଧ ହୁଏ । କାହିଁ ସାଧାରଣ ଲୋକତ ଦେଖନ୍ତି, ଲେଖିତ ପାରନ୍ତି ନାହିଁ ? ଏଇଠି ସାଧାରଣଠାରୁ ଶିଳ୍ପୀର ତଫାତ୍ । ଶିଳ୍ପୀର ମନ ଦର୍ପଣ, ଦୃଷ୍ଟିଶକ୍ତି ବଡ଼ ପ୍ରଖର- ବଡ଼ ଉଜ୍ଜ୍ୱଳ । ସେଥିରେ ଯେଉଁ ରୂପ ପଡ଼େ- ସେ ବନ୍ଦୀ ହୁଏ ଚିରଦିନ ପାଇଁ । ମୋ ମନରେ ସେଇ ସୌନ୍ଦର୍ଯ୍ୟ ମୋତେ ପଲ୍ଲୀର ବହୁଚିତ୍ର ଅଙ୍କନ କରିବାରେ ସହାୟତା କରିଛି ।"

ଗୋପାଳ କାନୁନ୍‌ଗୋଙ୍କ "ମୋ ଜୀବନରେ ରୂପର ପ୍ରଭାବ" କ୍ରମରେ ଏହି ସଂକଳନରେ ମୁଦ୍ରିତ ଏଗାର ପୃଷ୍ଠାର ବକ୍ତବ୍ୟ କଳାତ୍ମକ ଚିନ୍ତାରେ ରସାଣିତ ଓ ପରିପୁଷ୍ଟ । ଏହି ଚିନ୍ତାପ୍ରସୂତ ଲେଖା ଭିତରେ ଖୁବ୍ ଦାର୍ଶନିକ ଭାବାପନ୍ନ କଥା ପ୍ରକାଶ ପାଇଛି । ଯେପରି, "ଯାହା କଳାରେ ପ୍ରକାଶ ପାଇପାରେନା ତାହା ପ୍ରକାଶିତ ହୁଏ ଭାଷାରେ । ଜୀବନରେ ଯାହା ଅସମାପ୍ତ ତାହା ସମାପ୍ତ ପାଏ କଳାରେ । ତେଣୁ କୁହାଯାଏ 'Art is a compensation of life'. ସେଇଥିପାଇଁ ମୁଁ ଲେଖେ । ଗଳ୍ପ ହେଉ, କବିତା ହେଉ, ପ୍ରବନ୍ଧ ହେଉ ଲେଖିବା ଦ୍ୱାରା ମୋର ଅନୁଭୂତିକୁ ରୂପ ଦାନ କରେ । ଚିତ୍ରାଙ୍କନ ରୂପର ଏକମାତ୍ର ପରିପ୍ରକାଶ ନୁହେଁ । ତେଣୁ ରବୀନ୍ଦ୍ରନାଥ କବିତାରେ ଯାହା ପ୍ରକାଶ କରିପାରିନଥିଲେ, ତାକୁ ପ୍ରକାଶ କରିବାପାଇଁ ତୂଳୀ ଧରିଥିଲେ ୭୦ ବର୍ଷ ବୟସରେ । ତଥାପି ତାଙ୍କର ରୂପ ପିପାସା ମେଣ୍ଟିଲା ନାହିଁ ବୋଲି ସେ କହିଯାଇଛନ୍ତି । ରୂପର ସାଗର ଭିତରେ ଅରୂପ ରତ୍ନ ଲାଭ ପାଇଁ- ତାଙ୍କର ବ୍ୟାକୁଳତା ଏତେ ବେଶି- ଏତେ ଅଧିକ ।"

ବେଳେ ବେଳେ ଗୋପାଳ ଚରଣ କାନୁନ୍‌ଗୋଙ୍କ ସଜଳ ଅନୁଭୂତି ଚିନ୍ତା ଉଦ୍ରେକ କରାଏ । ଏସବୁ କଥା ତାଙ୍କୁ ଜଣେ ବୁଦ୍ଧିଦୀପ୍ତ ଶିଳ୍ପୀର ସମ୍ମାନ ଦିଏ। ତାଙ୍କର ଗ୍ରାଜୁଏଟ୍ ଯୋଗ୍ୟତା ଅଳୀକ ମନେହୁଏ । ଯଦିଓ ସେ ସମୟରେ ଶିଳ୍ପୀମାନଙ୍କ ମଧ୍ୟରେ ପ୍ରଥମ ଗ୍ରାଜୁଏଟ୍ ଥିଲେ। ସେ ଅନ୍ୟତ୍ର କହିଛନ୍ତି, "ଚିତ୍ରାଙ୍କନ ମଧ୍ୟରେ ଯେ ଧାରାବାହିକ ପଦ୍ଧତି ଓ ବର୍ଣ୍ଣ ସଂଯୋଗର ଗୋଟିଏ ନିୟମ ଅଛି, ସେ କଥା ପାସୋରି ଦେଇ କବିତା ଲେଖିଲା ପରି ମନର ଭାବକୁ ବର୍ଣ୍ଣ

ଓ ରେଖାରେ ପ୍ରକାଶ କରିଥିଲି। ଆଉ ବନ୍ଧୁମାନଙ୍କର ପ୍ରଶ୍ନ ମୋତେ ଏ କାର୍ଯ୍ୟରେ ଅଗ୍ରସର କରାଇ ଦେଇଥିଲା।

ଏହି ସଂକଳନରେ ଦୁଇଜଣ ଲଣ୍ଡନ ଫେରନ୍ତା ଚିତ୍ରଶିଳ୍ପୀ- ବିପିନ ବିହାରୀ ଚୌଧୁରୀ ଓ ଅଜିତ କେଶରୀ ରାୟ ଅଛନ୍ତି (ସଂକଳନ ବାହାରେ ଆପାତତଃ ରହିଯାଇଥିବା ଶରତ ଚନ୍ଦ୍ର ଦେବଙ୍କୁ ମିଶାଇଲେ ତିନି ହେବ)। ବିପିନ ବିହାରୀ ତ ଏକମାତ୍ର ଏ.ଆର.ସି.ଏ. ଆସୋସିଏଟେଡ୍ ରୟାଲ କଲେଜ ଅଫ୍ ଆର୍ଟର ଛାତ୍ର। ସୌଭାଗ୍ୟର କଥା ଏକଦା ଏହି ତିନିହେଁ, ଖଲ୍ଲିକୋଟଠାରେ ନବ ପ୍ରତିଷ୍ଠିତ ଚାରୁ ଓ କାରୁକଳା ବିଦ୍ୟାଳୟରେ ଅଧ୍ୟାପନା କରୁଥିଲେ। ବିଂଶ ଶତାବ୍ଦୀ ଓଡ଼ିଶାର ଏ ତିନିହେଁ ଥିଲେ ସୁଯୋଗ୍ୟ ଚିତ୍ରଶିଳ୍ପୀ। ପ୍ରାମାଣିକ ଭାବେ ଅଜିତ କେଶରୀଙ୍କୁ ଆମେ ଓଡ଼ିଶାର ପ୍ରଥମ ଆଧୁନିକ ଶିଳ୍ପୀର ମର୍ଯ୍ୟାଦା ଦେଉଛୁ। କ୍ୟୁବିକ୍ ଶୈଳୀରେ ଅଙ୍କିତ ତାଙ୍କ ଚିତ୍ର Flight ଓଡ଼ିଶା ଲଳିତ କଳା ଏକାଡେମୀର ପ୍ରଥମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ଆଧୁନିକ ଚିତ୍ରକଳା ବିଭାଗରେ ପ୍ରଦର୍ଶିତ ଓ ପୁରସ୍କୃତ ହୋଇଥିଲା। ଅବଶ୍ୟ ଏହି ଚିତ୍ର ଅଙ୍କନ କରିବା ପଛରେ ଅଧ୍ୟକ୍ଷ ଶରତ ଚନ୍ଦ୍ର ଦେବଙ୍କର ପ୍ରେରଣା ସ୍ୱୀକାର୍ଯ୍ୟ। ତୈଳଚିତ୍ର ପାଠ ପଢ଼ା ହେଉନଥିବା ସେତେବେଳର ଶାନ୍ତିନିକେତନର ଛାତ୍ର ଅଜିତ କେଶରୀ ତୈଳଚିତ୍ର ଅଙ୍କନ ପଦ୍ଧତି ସଂପର୍କରେ ଶରତଚନ୍ଦ୍ରଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ତାଙ୍କ ଅଧ୍ୟକ୍ଷ ଅତି ସରଳ ଭାଷାରେ କହିଥିଲେ, "ଅଜିତ! ତମେ ଶାନ୍ତିନିକେତନରେ ଜଳରଙ୍ଗରେ ଯିମିତି ଟେମ୍ପରା ଚିତ୍ର କରୁଥିଲ, ଠିକ୍ ସେଭଳି ତେଲ ରଙ୍ଗରେ କାନ୍‌ଭାସ ଉପରେ ଚିତ୍ର କର ତାହା ଅଏଲ୍ ପେଣ୍ଟିଙ୍ଗ ହୋଇଯିବ।"

ଯଦିଓ ଅଜିତକେଶରୀଙ୍କ ପୂର୍ବରୁ ଗୋପାଳ କାନୁନ୍‌ଗୋ ଆଭାସ ଚିତ୍ର (Impressionistic) ଶୈଳୀରେ, ପ୍ରକାଶବାଦ (Expressionistic) ଶୈଳୀରେ ଏବଂ ଗଗନେନ୍ଦ୍ର ଠାକୁରଙ୍କ କ୍ୟୁବିକ୍ ଶୈଳୀରେ କିଛି ଚିତ୍ର ଅଙ୍କନ କରିଥିଲେ, ସେ ତାହା ହୁଏତ ପ୍ରତିଯୋଗିତା ପାଇଁ ଲଳିତ କଳା ଏକାଡେମୀର ପ୍ରଦର୍ଶନୀରେ ଦାଖଲ କରିନଥିଲେ। ଏଠାରେ ଲକ୍ଷ୍ୟ କରିବାର କଥା ଅଜିତ କେଶରୀ ଏହି ପୁରସ୍କାର ପ୍ରାପ୍ତି ପରେ ତାଙ୍କ ଜୀବନ ସାରା ଅନେକ ଆଧୁନିକ ଚିତ୍ର ଆଙ୍କିଛନ୍ତି ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଏହି ଅଖଣ୍ଡ ବିଶ୍ୱାସ ଓ ପ୍ରତିବଦ୍ଧତା ତାଙ୍କୁ ଜଣେ ଆଧୁନିକ ଚିତ୍ରଶିଳ୍ପୀର ସ୍ୱୀକୃତି ଆଣିଦେଇଛି।

କଲିକତା ଓ ଶାନ୍ତିନିକେତନ ବ୍ୟତୀତ ଓଡ଼ିଆ ଶିଳ୍ପୀଙ୍କ କଳାଶିକ୍ଷାର ତୀର୍ଥ ଥିଲା ବମ୍ବେ ଓ ଲକ୍ଷ୍ନୌ। ଏହି ସଂକଳନର ଏକମାତ୍ର ଶିଳ୍ପୀ ବିପିନ ବିହାରୀ ଚୌଧୁରୀ ବମ୍ବେରେ କଳାଶିକ୍ଷା କରିଥିଲେ। ତାହା ଥିଲା ତାଙ୍କ କଲିକତା କଳାଶିକ୍ଷାର ପରିପୂରକ। ତାଙ୍କ ଭାଷାରେ, "ଭଲମଣିଷଙ୍କ ସାଙ୍ଗରେ ଜଣେ ମୂକବଧିର କଳାଛାତ୍ର। ସେମାନଙ୍କୁ ତ ବିଚିତ୍ର ଲାଗୁଥିବ- ମୋତେ ଅଧିକ ଆଶ୍ଚର୍ଯ୍ୟ ଲାଗୁଥାଏ ଏବଂ ସବୁଠାରୁ ବେଶି ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ

ପରୀକ୍ଷା ଫଳ ବାହାରେ । ମୁଁ ପ୍ରାୟ ପ୍ରଥମ ହେଉଥାଏ । ଛବି ପ୍ରତିଯୋଗିତାରେ ପ୍ରାୟ ତିନିଥର ପ୍ରଥମ ପୁରସ୍କାର ପାଇଛି ସେତେବେଳେ। ମୋର ପ୍ରିନସ୍‌ପାଲ ପର୍ସିବାଉନ୍‌ଙ୍କର ମୁଁ ହେଇଗଲି ଅତି ପ୍ରିୟ ଛାତ୍ର । ମୋର ସହପାଠୀମାନେ ମୋଠାରୁ ସାହାଯ୍ୟ ନେବାକୁ ଆସିଲେ ମୋତେ ଆହୁରି ସୁଖ ଲାଗେ । ସର୍ବଶେଷରେ ମୁଁ ପ୍ରଥମ ଛାତ୍ରରୂପେ କଲିକତା ଆର୍ଟ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଆସିଲି । କିନ୍ତୁ ସେତିକିରେ ମୋର କଳାଜ୍ଞାନର ପିପାସା ମେଣ୍ଟିବାର ନୋହେ । ମୁଁ ଅଧିକ ଉଚ୍ଚଶିକ୍ଷା ପାଇଁ ବ୍ୟାକୁଳ ହେଇ ଚାଲିଲି ବମ୍ବେ ।”

ବିପିନ ବିହାରୀ ଦୁଇଜଣ ପ୍ରସିଦ୍ଧ ବ୍ରିଟିଶ୍ ଶିଳ୍ପୀ ପର୍ସିବ୍ରାଉନ୍ ଓ ରଦେନ୍‌ଷ୍ଟାଇନ୍‌ଙ୍କ ଛାତ୍ର ଥିଲେ। ଅନେକ ଶାରୀରିକ ଅସାମର୍ଥତା ସତ୍ତ୍ୱେ ଶିଳ୍ପୀ ଭାବେ କଳାଶିକ୍ଷାର ଉତ୍ତୁଙ୍ଗ ସୋପାନରେ ପହଞ୍ଚି ପାରିଥିଲେ - ସେକଥା ଭାବିଲେ ଆଚମ୍ବିତ ହେବାକୁ ହୁଏ। ଖଲ୍ଲିକୋଟ କଳା ବିଦ୍ୟାଳୟରେ ମୁଁ ତାଙ୍କ ଛାତ୍ର ଥିଲି। ବିପିନ ବିହାରୀଙ୍କୁ ଗ୍ରାଫିକ କଳା ବିଭାଗରେ ଅଧ୍ୟାପକ ଭାବେ ତାଙ୍କୁ ନିଯୁକ୍ତି ଦେଇ ଘୋର ଅବିଚାର କରାଯାଇଛି। ଯିମିତି ଅନ୍ୟାୟ କରାଯାଇଛି ଅଜିତ କେଶରୀଙ୍କୁ ଭାରତୀୟ ଚିତ୍ରକଳା ବିଭାଗରେ ନିଯୁକ୍ତି ଦେଇ।

ଏହି ସଂକଳନରେ ସ୍ଥାନୀତ ବିପନ ବିହାରୀଙ୍କ ଲେଖା ତାଙ୍କ ନିଜସ୍ୱ ନୁହେଁ। ଭାଷା ଭିନ୍ନ ହେଲେ ବି ତଥ୍ୟଗତ ପ୍ରମାଦରହିତ।

ଦିଲ୍ଲୀପ କୁମାର ମାନସିଂହ ମହାପାତ୍ର ଖଇରାଗଡ଼ ଭିକ୍ଟୋରିଆ ହାଇସ୍କୁଲ (ଯେଉଁଠି ବର୍ତ୍ତମାନ କଳା ଓ ସଙ୍ଗୀତର ବିଶ୍ୱବିଦ୍ୟାଳୟଟିଏ ସ୍ଥାପିତ ହୋଇଛି ଏବଂ ବିଶ୍ୱବିଦ୍ୟାଳୟରୁ ବହୁ ଓଡ଼ିଆ ଛାତ୍ରଛାତ୍ରୀ ଉପାଧ୍ୟୁତ୍ତର ଶିକ୍ଷା ସମାପ୍ତ କରି ଓଡ଼ିଶା ଫେରୁଛନ୍ତି)ରେ ଦଶମ ଶ୍ରେଣୀର ଛାତ୍ର ଥିବା ଅବସ୍ଥାରେ Bombay Board Elementary Grade Drawing ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ୧୯୪୭ ମସିହାରେ ଲକ୍ଷ୍ନୌସ୍ଥିତ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରେ ଯୋଗ ଦେଇଥିଲେ । ସେଠାରେ ସେତେବେଳେ ଅଧ୍ୟାପନା କରୁଥିବା ଓଡ଼ିଆ ପାରଂପରିକ ଶିଳ୍ପୀ ଶ୍ରୀଧର ମହାପାତ୍ରଙ୍କ ଆତିଥ୍ୟ ତାଙ୍କ ଜୀବନକୁ ଧନ୍ୟ କରି ପାରିଥିଲା । ଶ୍ରୀଧର ମହାପାତ୍ରଙ୍କ ଗହଣରେ ପ୍ରଖ୍ୟାତ ଭାରତୀୟ ଶିଳ୍ପୀ ଅସିତ ହାଲଦାର ଏବଂ ବିଦ୍ୟାଳୟର ଅଧକ୍ଷ ଲଳିତ ମୋହନ ସେନଙ୍କ ଘରକୁ ପ୍ରତ୍ୟହ ସନ୍ଧ୍ୟାରେ ବୁଲିଯାଉଥିଲେ । ଲଳିତ ମୋହନ ସେନଙ୍କ ଘରେ ନନ୍ଦଲାଲ ବସୁଙ୍କ ଚିତ୍ରଖଣ୍ଡିଏ ଦେଖି ସେ ଅସମ୍ଭବ ଭାବରେ ପ୍ରଭାବିତ ହୋଇଥିଲେ ଏବଂ ଲକ୍ଷ୍ନୌର ଦୁଇବର୍ଷର ରହଣିକୁ ତୁଚ୍ଛକରି ସେ ଚିତ୍ରକଳା ଅଧ୍ୟୟନ ପାଇଁ ଶାନ୍ତିନିକେତନରେ ପହଞ୍ଚିଥିଲେ । ଶାନ୍ତିନିକେତନରୁ ଚାରିବର୍ଷିଆ ଡିପ୍ଲୋମା ପାସ କରି ଚାକିରି କରିବା ପାଇଁ ବିଳାସପୁର ଚାଲିଗଲେ । ଏହି ସଂକଳନରେ ଉଲ୍ଲେଖ କରାଯାଇଥିବା ଏତକ ତଥ୍ୟ ବ୍ୟତିରେକେ ଦିଲ୍ଲୀପ କୁମାର ମାନସିଂହଙ୍କ ଚିତ୍ର ସଂପର୍କରେ ଅଧିକା କିଛି ଆମ ପାଖରେ ନାହିଁ ।

କଳା ସଂପର୍କରେ ସାଧାରଣ ଭାବେ କୁହାଯାଇଥିବା କେତେକ ତଥ୍ୟ ଯଥା, "1. Art for art sake (କଳା କେବଳ ଜୀବନ ପାଇଁ) 2. Art for life sake (କଳା କେବଳ କଳା ପାଇଁ)" ମଧ୍ୟ ପ୍ରମାଦପୂର୍ଣ୍ଣ । ମନେହୁଏ ତାଙ୍କର କୌଣସି ମୌଳିକ ଚିନ୍ତା ନଥିଲା ବା ଏଠାରେ ଲିପିବଦ୍ଧ ହୋଇନାହିଁ ।

ଏହି ଶିଳ୍ପୀ ଗୋଷ୍ଠୀ ମଧ୍ୟରୁ ଜଗନ୍ନାଥ ଦାସ ଅଲଗା ହେଇ ବାହାରି ଆସନ୍ତି । ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଚିତ୍ରକଳାକୁ ଅସ୍ତ୍ରକରି ଯୋଗଦେଇଥିବା ଓଡ଼ିଶାର ଏକମାତ୍ର ଶିଳ୍ପୀ । "ସେତେବେଳେ ଗଡ଼ଜାତରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକୁଥାଏ - ବନ୍ଧୁକ ଗୁଳି ଲୁଟପାଟ ଖବର ପଢ଼ି ମୁଁ ବିବ୍ରତ ହୋଇ କଟକ ଧାଇଁ ଆସିଲି - ଚ଼ାହୁଁ ଚ଼ାହୁଁ ରାଜନୀତିରେ ପଶିଗଲି । ଦେଶର କାମ - ଗୋଟାଏ ପ୍ରତିଷ୍ଠିତ ବିଦେଶୀ ସରକାର ବିରୋଧରେ ଲଢ଼ିବାକୁ ମୋର ରକ୍ତ ଗରମ ହୋଇ ଉଠିଲା ।"

ଜଗନ୍ନାଥ ଦାସଙ୍କ ଜୀବନରେ ରୂପର ପ୍ରଭାବ ଭିନ୍ନମୋଡ଼ ନିଏ । ଚିତ୍ର ତାଙ୍କୁ ଜଣେ ସ୍ୱାଧୀନତା ସଂଗ୍ରାମୀର ମର୍ଯ୍ୟାଦା ଆଣିଦିଏ । ତାଙ୍କ ଆଖିଆଗରେ ଭଗତସିଂହଙ୍କ ମୁହଁର, ହସର ଚମକ, ତାରି ଭିତରେ ଜଳି ଉଠୁଥିବା ବହ୍ନି ଯୁବଶିଳ୍ପୀଙ୍କୁ ପ୍ରଲୋଭିତ କରେ । ବିଶ୍ୱଯୁଦ୍ଧର ଘନଘଟା ମାଡ଼ି ଆସେ । ମହାତ୍ମା ଗାନ୍ଧିଙ୍କ ଦେଶବାସୀଙ୍କୁ ଡାକରା ମନେ ପଡ଼ିଯାଏ । ତାପରେ ଜଗନ୍ନାଥ ଦାସ ନିଜକୁ ଜେଲ ଭିତରେ ଆବିଷ୍କାର କରନ୍ତି ।

ବନ୍ଦୀ ଜୀବନର ନିଃସଙ୍ଗତାକୁ ଲାଘବ କରିବା ପାଇଁ ଏବଂ ସହବନ୍ଦୀମାନଙ୍କର ଦୁଃଖ ଦୁର୍ଦ୍ଦଶାରେ ସହଭାଗୀ ହେବାପାଇଁ ଜଗନ୍ନାଥ ଚିତ୍ରକଳାର ଆଶ୍ରୟ ନିଅନ୍ତି । ଶିଳ୍ପୀଙ୍କ ନିଜ ଭାଷାରେ, "Superintendent of Jail ମେଜର ଓକିଲ ସାହେବ ଯେତେବେଳେ ପରିଦର୍ଶନକୁ ଆସନ୍ତି ମୁଁ କାନ୍ଥରେ ଥିବା Wall Blackboard ରେ ବ୍ୟଙ୍ଗଚିତ୍ର କରି ଆମ ଅବସ୍ଥା ଦେଖାଇଦିଏ । Superintendent ରାଗି ମୋ ଉପରେ ଲାଲ ହୋଇଯାନ୍ତି । x x ଯେଉଁଦିନ ବ୍ରିଟିଶ କେଶରୀଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇ ଜଣେ ଜାତୀୟ ବୀର ଦଉଡ଼ାଇଛନ୍ତି, ଛବି ଆକାରରେ ସେଦିନ ଗୋଟାଏ ମୋର ସ୍ମରଣୀୟ ଦିନ । ମେଜର ଗୋରା ସାହେବ ରାଗରେ ଜଳି ମୋତେ ଖୁବ୍ ଧମକ ଦେଲେ x x କହିଲେ ମୁଁ ଯଦି ଏଭଳି ଛବି କରେ ଗୁରୁତର ଦଣ୍ଡ ପାଇବି । x x x ସାମାନ୍ୟ କେତେ ଗାର ଏପୁଣି ମେଜର ସାହେବଙ୍କ ଉପରେ ଏଭଳି ପ୍ରଭାବ ପକାଇ ପାରିଲା x x x ଆଜି ଅନେକ ସହବନ୍ଦୀମାନଙ୍କର 'ମୂଳା ଅଭିଯାନ', 'ସାରୁ ଚକଟା', 'ମୁଣ୍ଡବିହୀନ ଗୋଷ୍ଠୀ', 'ମାଲିସ' ପ୍ରଭୃତି ଚିତ୍ର ମନେଥିବ ।"

ଜଗନ୍ନାଥ ଦାସଙ୍କ କଳା ଯାତ୍ରା - ଜେଲରୁ ଶାନ୍ତିନିକେତନ ସ୍ୱଶରୀରରେ ମର୍ତ୍ତ୍ୟକୁ ସ୍ୱର୍ଗକୁ ଯାତ୍ରାଭଳି । "କବିଗୁରୁଙ୍କର କଳ୍ପନାବିଳାସ - ଶାନ୍ତିନିକେତନ କଳା ସଂସ୍କୃତିର ସାଧନା ପୀଠ । ବିଚିତ୍ର କଳା ଆବହାୱାରେ ଯେ କୌଣସି ପଥର ହୃଦୟ ତରଳିଯିବ ।"

ଆଉ ଜଣେ ଶିଳ୍ପୀ ଉଦୟନାଥ ରଥଙ୍କ କହିବାର ଢଙ୍ଗ ଅନ୍ୟ ସବୁଶିଳ୍ପୀଙ୍କ ଠାରୁ ଅଲଗା ଓ ପ୍ରଭାବଶାଳୀ । ଔପନ୍ୟାସିକ ଢଙ୍ଗ, ବେଶ୍ ଉପଭୋଗ୍ୟ । -ଦେଖନ୍ତୁ ତାଙ୍କ ଲେଖାର ଆରମ୍ଭ କେତୋଟି ଧାଡ଼ି- "ଚଲୋ ସାହେବକା ସାଥ୍ ଅବି ମୁଲାକାତ ନହିଁ ହୋଗା"- ଏହି ଚମକପ୍ରଦ ଶବ୍ଦଟି ଯେତେବେଳେ ଶୁଣିବାକୁ ପାଇଲି, ସେତେବେଳେ ଦେହରୁ ଗୋଟାଏ ଶ୍ରମ ଝାଳ ବୋହିଗଲା- ମନର ସରସତା ଭାଙ୍ଗିଗଲା- ଲକ୍ଷ୍ୟ ଓ ସାଧନାର ଆଶା ନେଇ ମୁଁ ଯାହା ଆଗେଇବାକୁ ଚାଲିଥିଲି, ତାହା ସେହି କ୍ଷଣିକ ଭିତରେ କିପରି ସେ ମନ ଭିତରୁ ଉଭେଇଗଲା ଜାଣିହେଲା ନାହିଁ ।"

"ଲୁହାର ଫାଟକ ପାଖରେ ଦରଓ୍ୱାନ । ସେ ତାର ଦରଓ୍ୱାନୀ ବେଶରେ କଳା ମଚମଚ ନିଶ ଦୁଇଟିକୁ ଛାଟି ଦେଇ ଯେତେବେଳେ ଗୋଲାମୀକୁ ବଜାୟ ରଖି ଫାଟକଟି ବନ୍ଦ କରି ବସିଲା, ସେତେବେଳେ ମନେପଡ଼ିଲା ତାର ସେହି ପୂର୍ବକଥା, "ସାହେବ" । ଭୁଲ କଲିକି ? ନାହିଁ ତ ? ଠିକ୍ ଘରଆଡ୍ରୁ ଟିପି ଆଣିଥିବା କାଗଜଟା ତ ହାତରେ ଅଛି- 28 Chauranghee Road, କଲିକତା, ଆର୍ଟ ସ୍କୁଲର ପ୍ରିନସ୍‌ପାଲଙ୍କ ସଙ୍ଗେ ଦେଖାକରିବାକୁ ଆସି, ସାହେବ ଶବ୍ଦ କ'ଣ ଶୁଣିବାକୁ ପାଇଲି ।"

କିଛି କିଛି ଶିଳ୍ପୀଙ୍କ ଅଜବ ଝୁଙ୍କ ଆଗରେ କଳାଛଡ଼ା ଅନ୍ୟସବୁ କଥା ମଳିନ ପଡ଼ିଯାଏ । ସମ୍ବଲପୁରର ବିଖ୍ୟାତ ଡାକ୍ତର ପୂଜାରୀଙ୍କ କନ୍ୟା ବୀଣା ସାଁ ଲଣ୍ଡନରେ ନର୍ସିଙ୍ଗ୍ ପଢ଼ିବାର ସମସ୍ତ ପ୍ରଲୋଭନକୁ ତୁଚ୍ଛ କରି ଟ୍ରଙ୍କ ପତ୍ର ଧରି ଚାଲିଯାଇଥିଲେ ଶାନ୍ତିନିକେତନ । କଳାର ଏଭଳି ଦୁର୍ବାର ଆକର୍ଷଣ ଏବେବି ଆମର ଚିତ୍ତବୃତ୍ତିକୁ ଦୋହଲାଇଦିଏ । ଅଜିତ କେଶରୀ ରାୟ ତ ପୁଣି କୃଷି ପାଠ ପଢ଼ିବାପାଇଁ ଲଣ୍ଡନରେ ପହଞ୍ଚିଥିଲେ । ଶାନ୍ତିନିକେତନରେ ତାଙ୍କ ସହପାଠୀ ଶଙ୍ଖୋ ଚୌଧୁରୀଙ୍କ ସହିତ ତାଙ୍କର ଲଣ୍ଡନରେ ଦେଖା ନହୁଏକି ସେ ଆର୍ଟ ପାଠ ନ ପଢ଼ନ୍ତି । ଶଙ୍ଖୋଙ୍କ ସେଇ କେଇପଦ କଥା ଅଜିତ କେଶରୀ ସ୍ମୃତିରୁ ଟୋଳି ଆଣି ଆମ ଆଗରେ ଖୁବ୍ ଉତ୍‌ଫୁଲ୍ଲିତ ହୋଇ କହନ୍ତି । "ଧେତ୍‌ତେରି ଲଣ୍ଡନରେ କ'ଣ ଧାନ ଚାଷ ହୁଏ ଯେ ତୁ ଏଠି ପାଠ ପଢ଼ି ଓଡ଼ିଶାକୁ ଆଲୁଅ କରିଦେବୁ ।"

ଶାନ୍ତିନିକେତନ ବହୁ ଓଡ଼ିଆ ପିଲାଙ୍କୁ କଳାକାର କରିଦେଇ ପାରିଛି । ବୀଣା ତାଙ୍କ କଥନିକାରେ ସେଇ ଶାନ୍ତିନିକେତନକୁ ବାରମ୍ବାର ସ୍ମରଣ କରନ୍ତି । "ରୂପର କୁହୁକ, ତା'ର କାଉଁରୀ ପରଶ ପ୍ରତ୍ୟେକ ଜୀବନରେ ଜଣା ଅଜଣା ଭାବରେ ଆସେ । କଳାକାର ତାକୁ ଧରି ରଖିବାକୁ ଚାହେଁ । କେତେବେଳେ ନ ଦିଏ ବି ମଧ୍ୟ । ସୃଷ୍ଟିର ଆନନ୍ଦ ହିଁ ଏ ସାଧନାର କାମ୍ୟ । ପ୍ରକୃତି କୋଳରେ ନିତି କେତେ କେତେ ରୂପର ଖେଳ ଲାଗି ରହିଛି । ସେ ଖେଳ ସହିତ ତାଳ ମିଶାଇ ଶିଳ୍ପୀ ନିଜେ ଖେଳିବାକୁ ଚାହେଁ ତାର ତୂଳି-ନିହାଣ ସହିତ- ସୃଷ୍ଟି ଆଉ ସ୍ରଷ୍ଟାର ଏ ଚିର ସତ୍ୟକୁ ଅସ୍ୱୀକାର କରିହେବନି ।"

ବିମ୍ବାଧର ବର୍ମାଙ୍କୁ ଆମେ ଶିଳ୍ପୀଗୁରୁର ସମ୍ମାନ ଦେଇଛୁ । ତାଙ୍କଦ୍ୱାରା ଚିତ୍ରିତ ପଲ୍ଲୀବଧୂ ଚିତ୍ରକୁ ଆମେ ବେଳେବେଳେ ଲିଓନାର୍ଡୋ ଦା ଭିନ୍‌ସିଙ୍କ ମୋନାଲିସା ଚିତ୍ର ସହିତ ତୁଳନା କରିଛୁ । ପୁଣି ଆମେ ବି ମନେ ରଖିଛୁ ଶିଳ୍ପୀଙ୍କ ଶେଷ ଜୀବନ କିଭଳି ଅଭାବ ଅନଟନ, ଦୁଃଖ ଓ ରୋଗ ବ୍ୟାଧିର ଦୁର୍ଦ୍ଦିନ ମଧ୍ୟରେ ବିତିଥିଲା । ଏହି ସଂକଳନରେ ଲିପିବଦ୍ଧ ତାଙ୍କର ମନ୍ତବ୍ୟ ଜୀବନର ସାୟାହ୍ନରେ ସଂଗୃହୀତ ବକ୍ତବ୍ୟ । ମନେହୁଏ ଅନେକ ଓଡ଼ିଆ ଶିଳ୍ପୀ ବିମ୍ବାଧରଙ୍କ ଭଳି କ୍ଷୋଭ ଜର୍ଜରିତ ହତାଶାର କଥା, ସ୍ୱପ୍ନ ଭଙ୍ଗର ଅସହାୟତା ହିଁ କହିଥାନ୍ତେ ଯଦି ପରିଣତ ବୟସରେ ସେମାନଙ୍କର ଜୀବନରେ ରୂପର ପ୍ରଭାବକୁ ଲିପିବଦ୍ଧ କରାଯାଇଥାନ୍ତା । ଲକ୍ଷ୍ୟ କରନ୍ତୁ ଶିଳ୍ପୀଗୁରୁଙ୍କ ମନର ବ୍ୟଥା, "ଦିନକ ଆଗରୁ ହୁଏତ ଏ କଥା ଥିଲା, ମୁଁ ରୂପର ପାଗଳ ହେଇ ବୁଲୁଥିଲି, ଆଜି ମୁଁ ଅର୍ଥ ପାଗଳ । କିନ୍ତୁ ବହୁତ ଆଗରୁ ମୁଁ ସ୍ୱାର୍ଥପାଗଳ ହୋଇପାରିଥିଲେ ଆଜି ହୁଏତ ରୋଗର ନାଗପାଶ-ବନ୍ଧନରୁ ଟିକେ ମୁକୁଳିବାର ଚେଷ୍ଟା କରି ପାରିଥାନ୍ତି । ତା ହୋଇନି । ବିଧାତା ଏ ମୁଣ୍ଡଟାକୁ କ'ଣ କେମିତି ଗଢ଼ି ଦେଲା କେଜାଣି ଜୀବନ ଭରି ଦିନେ ହେଲେ ସେଥିପାଇଁ ସଜାଗ ରହିବାକୁ ମନ ଯାଇନି । ଏଭଳି ଏକ ମୁହୂର୍ତ୍ତରେ ଆଜି ରୂପର କଥା ଶୁଣେଇବାକୁ ମତେ ଅନୁରୋଧ କରାଯାଇଛି । ବାସ୍ତବିକ୍ ହସ ଲାଗୁଛି ମତେ । ଏତେ ରୂପ ଦେଖାଇସାରି ମୁମୂର୍ଷୁ ହୋଇ ପଡ଼ିଥିବା ବେଳେ ବି ମତେ ପୁଣି ରୂପର କଥା ଶୁଣେଇବାକୁ ହେବ । ହଉ, ସେଥିରେ କିଛି ସମୟ କଟେଇ ବର୍ତ୍ତମାନର ଏ ନୈରାଶ୍ୟକୁ ହେଲେ ଟିକେ ଭୁଲିଯାଏ । ସେଥିଲାଗି ମନେ ପଡ଼ିଯାଉଛି-

"Loveliness, lent in the past days,
And truth, dwells only in the death."

ବିମ୍ବାଧର ଜୀବନରେ ଅନେକକିଛି ପରୀକ୍ଷା ନିରୀକ୍ଷା କରିଛନ୍ତି । ବହୁସମ୍ଭାବନାକୁ ଅଣଦେଖା କରିଛନ୍ତି । ଡାକ୍ତରିପାଠ ପଢ଼ିବାପାଇଁ ମେଡ଼ିକାଲ୍‌ରେ ଭର୍ତ୍ତି ହେଇଛନ୍ତି ମୁରବିମାନଙ୍କ ତାଡ଼ନାରେ । କିନ୍ତୁ କିଛିଦିନ ପରେ ଛୁରୀ, କଇଁଚି ଫିଙ୍ଗି ପୁଣି ଫେରିଯାଇଛନ୍ତି ନୈସର୍ଗିକ ପ୍ରକୃତିର କୋଳକୁ । ବିମ୍ବାଧର ଗୋଟାପଣ ଶିଳ୍ପୀ । ତାଙ୍କର ଭାଷାଚାତୁରୀ କିଛି କମ୍ ନୁହେଁ । "ସେ ଫେରିଛନ୍ତି ଯେଉଁଠି ପଲ୍ଲିକୋଳର ଶ୍ୟାମଳିମା ଭିତରେ ଆତ୍ମଗୋପନ କରିଛି ବେପଥୁମତୀ ବଧୂ, ସିଜୁ ଆଉ ଖଜୁରୀବୁଦାର ପଡ଼ିଆ ଭିତରେ ଗୋଧୂଳି ଆକାଶତଳେ ବଂଶୀବାଲା ଫେରୁଛି ଗାଈଆଳ ଟୋକା, ଅସ୍ତ ଆକାଶତଳେ ଅସୀମ ପଥରେ ଚାଲିଛି ଅନାଥିନୀ । ଯେଉଁଠି କର୍ଦ୍ଦମରେ ନଇଁ ପଡ଼ିଛି ମଣିଷ, ଆଉ କଳାହାଣ୍ଡିଆ ମେଘ ଯେଉଁଠି ବର୍ଷିଯାଉଛି ପାଣି । ଯେଉଁଠି ଚାଲିଛି ସନ୍ଧ୍ୟାର ଅଭିସାର ଆଉ ଅପ୍ରସାଧିତା ପ୍ରୋଷିତ ଉର୍ତ୍ତୁକାର ପ୍ରତୀକ୍ଷା ।" ବିମ୍ବାଧର ଗୋଟିଏ ବେପରୁଆ ଜୀବନର ସମସ୍ତ ନିର୍ଯ୍ୟାସକୁ ଏକାକାର କରିଦେଇଛନ୍ତି । ଯାତ୍ରାଦଳ ଗଢ଼ି ସୁଆଙ୍ଗ କରିଛନ୍ତି । ରାତି ରାତି ଅନିଦ୍ରା ରହି ନିଜ ହାତରେ ପୋଷାକ ବନେଇଛନ୍ତି । ଥିଏଟର ସୀନ୍ ଚିତ୍ରକରି

ନାଟକ କରିଛନ୍ତି । ଦିନେ ସଙ୍ଗୀତ ତାଙ୍କ ପେସା ଥିଲା। ଜୀବନର ଶେଷ ପର୍ଯ୍ୟାୟରେ ସଙ୍ଗୀତର ଝରେ ଶୁଖିଯାଇଛି। ଉନ୍ନତ୍ତ ରୂପାଜୀବୀ ବି. ବର୍ମା ଅରୂପର ଅନ୍ଧକାର ଭିତରେ ଶଙ୍କିତ ହେଇ ବସିଯାଇଛନ୍ତି। କର୍ଦ୍ଦମରେ ନଇଁ ପଡ଼ିଛନ୍ତି । ବିମ୍ବାଧର କହିବାକୁ ବାଧ୍ୟ ହେଇଛନ୍ତି "ଶିଳ୍ପୀର ଜୀବନ ଉପରେ ରୂପର ପ୍ରଭାବ ଖୋଜିବାର ବୃଥା ପ୍ରୟାସ ।"

ଶିଳ୍ପୀ ଜୀବନର କ୍ଷୋଭ କେବଳ ବିମ୍ବାଧରଙ୍କର ନୁହେଁ, ତାହା ମଧ୍ୟ ଗୋପାଳ କାନୁନ୍‌ଗୋଙ୍କର– "ଡ୍ରଇଂ ମାଷ୍ଟର ହେବାକୁ ଏତେ ପାଠ, ଏତେ ଶ୍ରମ, ଏତେ ପ୍ରଶଂସା– ସବୁରି ବିନିମୟରେ ଏଇୟା ହେଲା ବୋଲି ବନ୍ଧୁମାନେ କ୍ଷୋଭ କଲେ । ବସନ୍ତ ପଣ୍ଡାଙ୍କ ହତାଶା କିଛି କମ୍ ନୁହେଁ । ତାଙ୍କରି ଭାଷାରେ, "କିନ୍ତୁ ହାୟ ! ମୁଁ ଶିଳ୍ପୀ ହୋଇପାରିନି ଯେ । ଶିଳ୍ପୀ ହିସାବରେ ସାଧାରଣରେ ମୋର ପ୍ରଚାର ବା ଖ୍ୟାତି କାହିଁ ? ମୁଁ ବଜାର କାର୍ଯ୍ୟ କରେନା । ଯେଉଁମାନେ ବଜାରର କାମ ଅର୍ଥାତ୍ ପୁସ୍ତକ ଚିତ୍ର, କଭର ଡିଜାଇନ୍, ବିଜ୍ଞାପନ ଛବିକାମ କରନ୍ତି ସେମାନଙ୍କ ନାମ ସହଜରେ ଚାରିଆଡ଼େ ବ୍ୟାପିଯାଏ ଏବଂ ସେହିମାନେ ହିଁ ଶିଳ୍ପୀଭାବରେ ଶୀଘ୍ର ପରିଚିତ ହୋଇ ପଡନ୍ତି x x x ଓଡ଼ିଶାର ଶିଳ୍ପୀ ବୋଇଲେ ଯାହା ବୁଝାଯାଏ ଅନ୍ତତଃ ମୁଁ ସେ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହେବାର ସୌଭାଗ୍ୟ ମଧ୍ୟ ଲାଭ କରିପାରିଲିନି ।

ଶିଳ୍ପୀ ନିରଞ୍ଜନ ମିଶ୍ରଙ୍କ କ୍ଷୋଭ ସମ୍ବଳିତ ବାକ୍ୟ ହେଲା– "ଶିଳ୍ପୀ ହେବା ମାନେ ଦୁଃଖ ଦାରିଦ୍ର୍ୟକୁ ବରଣ କରିବା । ବାପାଙ୍କ ଜୀବନରେ ଅର୍ଥ ଦୃଷ୍ଟିରୁ ଗୋଟିଏ କ୍ଷୋଭ ରହିଗଲା ଓ ମୁଁ ତାହା ପୂରଣ କରିପାରିନି । ନିରଞ୍ଜନ ଆଗକୁ ଟିକିଏ ବଢ଼ିଯାଇ କହନ୍ତି– "ଆଜି ଜଗତର ବ୍ୟବସାୟୀ ବୁଦ୍ଧି ଆଗରେ ମୁଁ ନିର୍ବସ୍ତ୍ର । ମୁଁ ନୀରବ ହୋଇ ରୂପର ସାଧନା କରିଛି । x x x ମୁଁ publisher କି criticମାନଙ୍କ ପାଖକୁ ଯାଇ ନାହିଁ କି ସେମାନଙ୍କୁ ଖୋସାମତ କରିନାହିଁ । କଳା ସାଧନା ଓ ନିଜର propaganda, ଉଭୟ ଅସମ୍ଭବ, ତେଲ ପାଣି ପରି କେବେ ମିଶିବ ନାହିଁ ।" ବିପିନ ବିହାରୀ ଚୌଧୁରୀଙ୍କ କ୍ଷୋଭ ଅନ୍ୟ ପ୍ରକାରର । ସେ ଚାହିଁଥିଲେ ଓଡ଼ିଶାରେ ଆର୍ଟସ୍କୁଲ ଖୋଲିବା ପାଇଁ କିନ୍ତୁ ତା ପରିବର୍ତ୍ତେ ତାଙ୍କୁ ଖୋଲିବାକୁ ପଡ଼ିଲା ଗୋଟିଏ ମୂକ ବଧିର ବିଦ୍ୟାଳୟ । ଇଲା ଦାଶ ଦୁଃଖ କରିଛନ୍ତି ଯେ ତାଙ୍କୁ ଗୋଟିଏ ସ୍କୁଲର ଡ୍ରଇଂ ଶିକ୍ଷୟିତ୍ରୀ ଭାବେ ରହିବାକୁ ହେଇଛି– ତାଙ୍କର ହୃଦ୍‌ବୋଧ ହେଇଛି, ସେ ରୂପକୁ କେଉଁଠି ହଜାଇ ସାରିଛନ୍ତି । – "ଆମାର କବିତା ହାରାୟ ଫେଲେଛେ ଏଇ ବନେ ଆମି କାନ୍ଧି ।" ଦୁର୍ଗାପ୍ରସାଦ ପଟ୍ଟନାୟକ ବହୁ ଯୋଗ୍ୟତାର ଅଧିକାରୀ ହୋଇଛନ୍ତି ତଥାପି ସେ ଭାବନ୍ତି କେବଳ ରୂପ ଚର୍ଚ୍ଚା ନୁହେଁ, ବିନୋବା ଭାବେଙ୍କ ପରି ବୁଲି ବୁଲି ପ୍ରଚାର କରିବେ । ଏକା ସୁଖରେ ରହିଲେ ହେବ ନାହିଁ ସେଥିରେ ଅନ୍ୟମାନଙ୍କୁ ଭାଗୀଦାର କରିବାକୁ ହେବ । ଅନ୍ୟମାନଙ୍କ ଦୁଃଖରେ ମଧ୍ୟ ଦୁଃଖୀ ହେବାକୁ ହେବ । ଅବଶ୍ୟ ଏଥିରେ ଜଣେ ଶିଳ୍ପୀ ଭାବେ କ୍ଷୋଭ ଯେତିକି ନାହିଁ, ସେତିକି ଅଛି ବିଶ୍ୱଭ୍ରାତୃଭାବର ପ୍ରଚୋଦନା – ଦୁର୍ଗାପ୍ରସାଦ ଯେକି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଳା ଇତିହାସର ପ୍ରଫେସର ପଦବୀ

ମଣ୍ଡନ କରିଛନ୍ତି ? ସେ ବି ପ୍ରଥମ ଅବସ୍ଥାରେ Modern Art ବୁଝି ନାହାନ୍ତି । ଯାମିନୀ ରାୟଙ୍କ ଚିତ୍ରର ସରଳରୈଖିକତାର ମାଧୁର୍ଯ୍ୟ ବୁଝିପାରି ନାହାନ୍ତି । ତାଙ୍କର ଅନୁଭବ ଭିତରେ ବିରୋଧାଭାସର ସ୍ୱର । ସେ ବିନୋବାଙ୍କ ଭୂଦାନ ଆନ୍ଦୋଳନ କଥା କହୁଛନ୍ତି । ପୁଣି କହୁଛନ୍ତି ଚିତ୍ରକଳାର ଦେଶ ପାଇଁ ଜାତି ପାଇଁ ଯେ କିଛି କର୍ତ୍ତବ୍ୟ ଅଛି ସେ ଧାରଣା ତାଙ୍କର ଦୂର ହେଇଛି ।

ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ବକ୍ତବ୍ୟ ନିରାଶାର, କ୍ଷୋଭର ଏକ ଦସ୍ତାବିଜ । "ମୁଁ ପଡ଼ାରୁଛି- ରୂପ କ'ଣ ବିରାଟ ରାକ୍ଷସ ପରି ଶରୀର ଓ ଆତ୍ମା ଉଭୟକୁ ଜାଳି ପୋଡ଼ି ଖାଇଯାଏ । କଳ୍ପନା କେବଳ ଶହେ ଟଙ୍କାର ମାଷ୍ଟରି ଚାକିରିର ଏଇ ପଥର ଉପରେ ମୁଣ୍ଡ ବାଡ଼େଇ ମରିଯାଏ- ଭାବ କେବଳ ସଂସାରର ନିର୍ମମ ମରୁ ଉପରେ ବିନ୍ଦୁଏ ଜଳକଣା ପରି ନିଜର ସତ୍ତା ହଜାଇ ଦିଏ ।

ପୂର୍ଣ୍ଣଚନ୍ଦ୍ର ଅନୁଭବ କରିଛନ୍ତି ଯେଉଁଠି କଳାର ଅନାଦର ସେଠି କଳାକାରର ମୃତ୍ୟୁହିଁ ଶ୍ରେୟ । କଳାକାରର କଳା କେହି ବୁଝେନା - କାରଣ ତା'ର ହୃଦୟ କେହି ଚିହ୍ନେନା । ସେ ରବୀନ୍ଦ୍ର ସଙ୍ଗୀତରୁ ପଦେ ଗାଇଛନ୍ତି ।

"ନିତ୍ୟ ଶୁନାଯାୟ
ଦୂର ଦୂରାନ୍ତର ହତେ
ଯୁଗଯୁଗାନ୍ତେର କଥା
ଦିବସେର ନିଶିଥେର ଗାନ୍
ମିଲ୍‌ନେର ବିରହେର ଗାଥା
ତ୍ରିପ୍ତିହୀନ ଶାନ୍ତିହୀନ ଆଗ୍ରହେର ଉତ୍କଣ୍ଠିତ ତାନ୍ ।"

ଉତ୍କଳ କଳାପୀଠରେ ଆଜି ସେଇ କଳାର ହିଁ ଅବାଞ୍ଛିତ ହତାଦର ।
ଅହଲ୍ୟା ଦାସଙ୍କର ଶିଳ୍ପୀ ମନର ଜ୍ୱାଳା କିଛି କମ୍ ନୁହେଁ ।

"ଓଡ଼ିଶାର ଶିଳ୍ପୀଙ୍କୁ ଚାହେଁ କିଏ ? ଯେଉଁ ଓଡ଼ିଶା ଶିଳ୍ପନିପୁଣତାର ଶୀର୍ଷସ୍ଥାନ ଅଧିକାର କରି ଆସିଛି ଇତିହାସରେ ସେହି ଓଡ଼ିଶା ଆଜି ଶିଳ୍ପକଳାରେ ଅଧୋଗତି ଲାଭ କରୁଛି । ଏହାର କାରଣ ଶିଳ୍ପଦୃଷ୍ଟ ଗ୍ରାହକମାନଙ୍କର ସହାନୁଭୂତିର ଅଭାବ । ଶିଳ୍ପୀ ଗୋଟିଏ ନଗଣ୍ୟ କର୍ମୀ ହିସାବରେ ଲୋକଙ୍କ ଦୃଷ୍ଟିରେ ପଡ଼େ । ଫଳରେ ତାର ଆଗ୍ରହ ମୁକୁଳଟିକ ମଉଳି ଶୁଷ୍କ ହୁଏ ବରଂ ଆଗେଇବାକୁ ଚାହେଁନା । ତାକୁ ବା ଚିହ୍ନିବ କିଏ ? ଶେଷରେ ପେଟକୁ ଦାନା ବି ପାଇବା କଷ୍ଟକର ।"

ଦୁଃଖ, କ୍ଷୋଭ ଓ ହତାଶା କିଛି ଶିଳ୍ପୀମାନଙ୍କର ନିତ୍ୟ ସହଚର ହେଇଯାଇଛି ଭଳି ମନେ ହେଉଛି । ଏସ୍.ଆର.ଗୁପ୍ତ କହିଛନ୍ତି- "କେବଳ ଦୁଃଖ ଏତିକି, କଳାର ମର୍ଯ୍ୟାଦା ଏ ଦେଶରେ

ନାହିଁ । ଦୁଃଖ କେହି ନ ବୁଝୁ- ବ୍ୟଥାର ଦାନକୁ ମଧ୍ୟ ସମ୍ମାନ ଦେବାର ଲୋକ ନାହିଁ । ମାଇପଙ୍କୁ ଗହଣା କିଣି ଦେଇ ବୀଭତ୍ସ କରିବାକୁ ସ୍ତ୍ରୀଙ୍କ ବରାଦ ଅନୁସାରେ ପୁରୁଷ ସୁଖୀ ହୁଅନ୍ତି; ମାତ୍ର ଛବିଟିର ପ୍ରକୃତ ମୂଲ୍ୟ ଦେଇ ବୁଝିବାର କ୍ଷମତା ନାହିଁ କାହାର ।"

କ୍ଷୋଭ ଓ ହତାଶାର ତାଲିକା ଦୀର୍ଘ । କତିପୟ ଶିଳ୍ପୀଙ୍କୁ ବାଦ୍‌ଦେଲେ ପ୍ରାୟ ସମସ୍ତେ ହତାଶାର ଶିକାର । ଓଡ଼ିଶାରେ କଳାର ଆଦର ନାହିଁ । ସେଇଥିପାଇଁ ଦିଲ୍ଲୀପ କୁମାର ମାନସିଂହ ମଧ୍ୟପ୍ରଦେଶରେ ଏବଂ ଶିଳ୍ପୀ ରବିନାରାୟଣ ନାୟକ କହନ୍ତି, "ଆଶା ଥିଲା ବଡ଼ । ସେ ଆଶା ନାହିଁ କି ଆଉ ଭରସା ନାହିଁ । ମୋର ତଥା ମୋ ଦେଶର କଳାମୟ ଜୀବନ ଆଜି ରସାତଳକୁ ଯାଉଛି । ଏକଥା ସମସ୍ତଙ୍କୁ ଜଣା । କେହି କିନ୍ତୁ ଉପରକୁ ଟୋଳି ଧରିବାକୁ ନାହିଁ ।"

ଶହେ ଷୋହଳଗୋଟି ପୃଷ୍ଠା ଭିତରେ ଭରି ରହିଛି ଗୋଟିଏ ଶତାବ୍ଦୀର ଦୁଃଖ । ଏ ଦୁଃଖ ଶିଳ୍ପୀମାନଙ୍କର କେବଳ ନୁହେଁ । ଗୋଟିଏ ଅସମୟର, କଳାର ଅସମୟ । ବ୍ରିଟିଶ ସରକାରଙ୍କ ଦୌରାତ୍ମ୍ୟରେ, ତା ଆଗରୁ ବର୍ଷ ବର୍ଷର ପରାଧୀନତାର ଶିକାର ହେଇ ଓଡ଼ିଆ କଳା ତାର ଗୌରବ ହରେଇ ସାରିଥିଲା । ପୁରୀ ବଡ଼ଦାଣ୍ଡରେ ଯାତ୍ରୀ ପଟ୍ଟଚିତ୍ର ବଦଳରେ କଲିକତାରୁ ଲିଥୋପ୍ରେସରେ ଛପାହେଇ ଆସିଥିବା ବଙ୍ଗାଳୀ ଚିତ୍ର ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱକୁ ପ୍ରତିପାଦିତ କରିବାକୁ ଚେଷ୍ଟା କରୁଥିଲା । ରଘୁରାଜପୁର ଗାଁର ଚିତ୍ରକରମାନେ ପାନବରଜକୁ ପାଣି ମଡ଼ାଉ ଥିଲେ । କଟକର କୁମ୍ଭାରମାନେ ଓଡ଼ିଆ ଶୈଳୀର କାମ ଛାଡ଼ି ଉପନିବେଶୀୟ କଳାର ମୋହରେ ପଡ଼ିଯାଇଥିଲେ । ଭାରତର ଅନ୍ୟାନ୍ୟ ସହର ଭଳି କଟକରେ 'କଂପାନୀ ଆର୍ଟ'ର ପରଂପରାଟି ଗଢ଼ି ଉଠିଥିଲା । ଇଂରେଜମାନେ ଭାରତୀୟ ଶିଳ୍ପୀଙ୍କ ଶୈଳ୍ପିକ ପାରଦର୍ଶିତାକୁ ହାତବାରିସି କରି ଏ ଦେଶର ଉତ୍ସବ, ମଉଚ୍ଛବ ଯଥା ରଥଯାତ୍ରା, ଦୋଳ ପ୍ରଭୃତି, ଜାତିଗତ ବୃତ୍ତିର ଚିତ୍ର ଯଥା, ମନ୍ଦିରର ପଣ୍ଡା, କମାର, କୁମ୍ଭାର, ବଢ଼େଇ, ନର୍ତ୍ତକୀ ପ୍ରଭୃତି ପ୍ରାଚୀନ କୀର୍ତ୍ତି ଯଥା, ଜଗନ୍ନାଥ, କୋଣାର୍କ ମନ୍ଦିର ପ୍ରଭୃତିର ଚିତ୍ର ନିଜ ଦେଶରେ ପ୍ରଦର୍ଶିତ କରିବା ପାଇଁ ନେଇଯାଉଥିଲେ । ସରକାରୀ ଦପ୍ତରରେ କିରାଣି କାମ କରିବାପାଇଁ ମ୍ୟାକୁଲେ ଯେଭଳି ଆମଦେଶର ଲୋକଙ୍କୁ ଇଂରାଜୀ ଭାଷା ଶିକ୍ଷା ଦେବାକୁ ଚାହିଁଥିଲେ ସେଭଳି ଆମଦେଶର ଶିଳ୍ପୀଙ୍କୁ ବ୍ୟବହାର କରି ଏକ କାରିଗର ଜାତି ସୃଷ୍ଟି କରିବାର ଅପଚେଷ୍ଟା କରାଯାଇଥିଲା । ଇଂରେଜମାନେ ହିଁ ସ୍ଥାନୀୟ କଳାକୁ ବିଭାଗୀକରଣ କରି କହିଲେ ଆର୍ଟ୍ ଆଉ କ୍ରାଫ୍‌ଟ । ପପୁଲାର୍ କଳା, ବଜାରକଳା ଭଳି ଶବ୍ଦ ଓଡ଼ିଆ ଶିଳ୍ପୀଙ୍କ ପଟ୍ଟଚିତ୍ର ପ୍ରତି ବ୍ୟବହାର କରାଗଲା । ବ୍ରିଟିଶ କଳାର ସ୍ଥାନ ରହିଲା ଉଚ୍ଚରେ । ତାକୁ କୁହାଗଲା ଫାଇନ୍ ଆର୍ଟ୍ । କଲିକତା, ବମ୍ବେ, ମାନ୍ଦ୍ରାଜ, ଲାହୋର ପ୍ରଭୃତି ସହରରେ ବ୍ରିଟିଶ ଢାଞ୍ଚାରେ ଚିତ୍ରକଳା ବିଦ୍ୟାଳୟମାନ (School of Art and Crafts) ମାନ ପ୍ରତିଷ୍ଠା କରାଗଲା । ଫାଳେ ଓଡ଼ିଶା ତ ବେଙ୍ଗଲ ପ୍ରେସିଡେନ୍‌ସି ଆଉ ଫାଳେ ମେଡ୍ରାସ୍ ପ୍ରେସିଡେନ୍‌ସିର ଅଂଶ ହେଇଯାଇଥିଲା । ତେଣୁ ଆମ ପାଇଁ କଲିକତା ଓ ମେଡ୍ରାସ୍ କଳାର

ତୀର୍ଥ ପାଲଟିଗଲା । ଏହି ସଂକଳନର ଓଡ଼ିଆ ଶିଳ୍ପୀମାନେ ଏହିସବୁ କଳା ଅନୁଷ୍ଠାନରୁ ଶିକ୍ଷା ପ୍ରାପ୍ତ ଶିଳ୍ପୀ ।

ଜୟପୁରଠାରେ ପ୍ରତିଷ୍ଠିତ ବିକ୍ରମ ଦେବ କଳା ଓ ସଙ୍ଗୀତ ବିଦ୍ୟାଳୟର ଅଧକ୍ଷ ସୀମାଦ୍ରୀ ମହାରଣା, ଆସିକା ତଥା ଗଂଜାମର ପ୍ରସିଦ୍ଧ ଚିତ୍ରଶିକ୍ଷକ ହରିଶରଣ ମହାପାତ୍ର, କେଶବ ମହାରଣା, ନଟବର ମାର୍ଥା ପ୍ରଭୃତି ଯଶଧର ଚିତ୍ରଶିକ୍ଷକମାନେ ମେଡ୍ରାସରୁ ପ୍ରଚଳିତ Higher and Lower Grade ପରୀକ୍ଷା ପାସକରି ଡ୍ରଇଁ ଶିକ୍ଷକ ହେବା ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ । ଚିତ୍ରଶିକ୍ଷକ ଓ ଡ୍ରଇଂ ଶିକ୍ଷକ ଦୁଇଟି ବୃତ୍ତି ପ୍ରଚଳନ କରାଯାଇଥିଲା । ଉତ୍ତର ଉପକୂଳ ଓ ମଧ୍ୟ ଓଡ଼ିଶା, ମୁଖ୍ୟତଃ ଅବିଭକ୍ତ ପୁରୀ, କଟକ, ବାଲେଶ୍ୱର, ମୟୂରଭଂଜ ଓ ଢ଼େଙ୍କାନାଳ ଜିଲ୍ଲାମାନଙ୍କରେ ଥିବା ସ୍କୁଲଗୁଡ଼ିକରେ କଲିକତାରେ ତାଲିମପ୍ରାପ୍ତ ଚିତ୍ରଶିକ୍ଷକ ଏବଂ ଗଂଜାମ ଓ କୋରାପୁଟ ଜିଲ୍ଲାରେ ମେଡ୍ରାସରୁ ତାଲିମପ୍ରାପ୍ତ ଡ୍ରଇଁଶିକ୍ଷକମାନେ ବିଂଶ ଶତାବ୍ଦୀର ପ୍ରାରମ୍ଭ ଓ ମଧ୍ୟ ଭାଗରେ, ନୂଆ ହୋଇ ଗଢ଼ିଉଠିଥିବା ଓଡ଼ିଶାରେ ଏକ ନୂତନ ଧରଣର ଓଡ଼ିଆ କଳାର ପ୍ରସାରରେ ବ୍ରତୀ ରହିଲେ । ମେଡ୍ରାସରୁ ହାଇୟର ଓ ଲୋୟର ଡ୍ରଇଁଗ୍ରେଡ଼ ପାସ କରିଥିବା ଅଧିକାଂଶ ଶିଳ୍ପୀ ହେଲେ ପାରଂପରିକ ଶିଳ୍ପୀ ପରିବାରର, ମହାରଣା ଓ ମହାପାତ୍ର । ଆଧୁନିକ ଓଡ଼ିଶାରେ ଚିତ୍ରକଳାର ଅଭ୍ୟୁତ୍ଥାନରେ କଲିକତା ଓ ଶାନ୍ତିନିକେତନର ପ୍ରଭାବକୁ ନେଇ ଆଲୋଚନା କରାଯାଇଛି । ସେଥିରେ ମାଡ୍ରାସ ଓ ଦକ୍ଷିଣ ଓଡ଼ିଶାର ଭୂମିକା ସଂପର୍କରେ କିଛି କୁହାଯାଇ ନାହିଁ । କୋରାପୁଟର ଜୟପୁର, ରାୟଗଡ଼ା ଏବଂ ପାରଳାଖେମଣ୍ଡି ଚିତ୍ରକରଙ୍କ ଶାଳରୁ ଆମେ କିଛି ସ୍କେଚ ବହି ପାଇ ତା'ଉପରେ ଆଲୋଚନା କରିଛୁ । ବୃନ୍ଦାବତୀ ଉପାଖ୍ୟାନକୁ ନେଇ ଅଙ୍କିତ ମାର୍କଣ୍ଡ ମହାପାତ୍ରଙ୍କ ରେଖାଚିତ୍ର ବା ଓଷାକୋଠୀ ପର୍ବକୁ ନେଇ ଅଙ୍କିତ ରେଖାଚିତ୍ର ବା ରାମାୟଣ ଓ ମହାଭାରତ ଆଧାରିତ କାଗଜ ସ୍କ୍ରୋଲ (Paper Scroll) ଯାହାର ଶିଳ୍ପୀ ଜୟପୁରର ବୋଲି ଜଣାଯାଇଥିଲେ ମଧ୍ୟ ଏଯାଏଁ ନାଁ ସଠିକ କରାଯାଇ ପାରିନାହିଁ) ।

ବିଂଶ ଶତାବ୍ଦୀ ଓଡ଼ିଶାରେ ଆଧୁନିକ କଳାର ବିକାଶରେ ବିଶେଷତଃ ବ୍ରିଟିଶ୍ ସାମ୍ରାଜ୍ଞୀଙ୍କ (Crown) ମୁକୁଟର ପାଣିଛାପ ଥିବା କାଗଜ ଉପରେ ଅଙ୍କିତ ରେଖାଚିତ୍ରଗୁଡ଼ିକର ପ୍ରାଧାନ୍ୟ ପ୍ରଣିଧାନ ଯୋଗ୍ୟ । ଏ ସମସ୍ତ ରେଖାଚିତ୍ରରେ ଆଧୁନିକ ଧରଣର ତିନି ଚଉଠ ମୁହଁ (three quarter profile), ଦୂରତା ଓ ନିକଟତାର ଆନୁପାତିକତା (Perspective) ଏବଂ ବ୍ରିଟିଶ ଯୁଗର ଆସବାବପତ୍ର, ପୋଷାକ ପରିଚ୍ଛଦ ଇତ୍ୟାଦି ଆଧୁନିକତାର ସ୍ୱରୂପ ବହନ କରେ । କଂପାନୀ କଳାର ପ୍ରତିବାଦରେ ଶାନ୍ତିନିକେତନରେ ଭାରତର ଶିଳ୍ପ ଐତିହ୍ୟକୁ ନେଇ ଅନ୍ୟ ଗୋଟିଏ କଳାଧାରା ସୃଷ୍ଟି ହେଲା । ଅଜନ୍ତା, ଏଲୋରାର ଭିତ୍ତିଚିତ୍ର, ମୋଗଲ କ୍ଷୁଦ୍ରଚିତ୍ର, ପାହାଡ଼ୀ ଓ ରାଜସ୍ଥାନର କ୍ଷୁଦ୍ରଚିତ୍ର (miniature) ଧାରାରେ ଗୋଟିଏ ଭାରତୀୟ ଚିତ୍ର ଶୈଳୀ (Indian painting style) ରୂପ ନେଲା । ତାହାକୁ କୁହାଗଲା ଅଭ୍ୟୁତ୍ଥାନଧର୍ମୀ କଳା (Revivalist

painting) ବା ସ୍ୱଦେଶ କଳା। ସେଥିରେ ପୌରାଣିକ କଥାବସ୍ତୁ, ଗ୍ରାମ୍ୟଜୀବନର ଦୃଶ୍ୟ ଏବଂ କାଳ୍ପନିକ ଦୃଶ୍ୟ ସ୍ଥାନ ପାଇଲା। ଏସବୁ ଚିତ୍ର ଧୌତ ପଦ୍ଧତି (wash painting) ଲେପ ପଦ୍ଧତି (tempera painting) ଏବଂ ରେଖା ମାଧ୍ୟମରେ ଅଙ୍କନ କରାଗଲା। କିଛି ବର୍ଷ ପାଇଁ ଏହାର ପ୍ରାସଙ୍ଗିକତା ରହିଲା। ତା'ପରେ ସ୍ୱାଧୀନ ଭାରତରେ ପାଶ୍ଚାତ୍ୟ ଧାରା ଧୀରେ ଧୀରେ ଭାରତୀୟ ଏକ ନୂତନ ଶୈଳ୍ପିକ ଅଭିବ୍ୟକ୍ତିରେ ପରିଣତ ହୋଇଯିବା ଫଳରେ ତାହା ପ୍ରତିବାଦର ବା ବିରୋଧାଭାସର ତୀଖପଣକୁ ହରାଇ ବସିଲା।

ଏହି ସଂକଳନରେ ସ୍ଥାନିତ ବାଇଶି ଜଣଙ୍କ ମଧ୍ୟରୁ ଦଶ ଜଣ ଶାନ୍ତିନିକେତନ କଳା ଭବନର ଛାତ୍ର ବା ଛାତ୍ରୀ । ଆଉ ଦଶ ଜଣ କଲିକତା ଆର୍ଟ ସ୍କୁଲର ଛାତ୍ର । ଦୁର୍ଗାପ୍ରସାଦ ପଟ୍ଟନାୟକ କଲିକତାର ଇଣ୍ଡିଆନ୍ ଆର୍ଟସ୍କୁଲରେ ଅଧ୍ୟୟନ କରୁଥିଲେ ଏବଂ ଏସ୍.ଆର.ଗୁପ୍ତ ମେଡ୍ରାସ ଆର୍ଟସ୍କୁଲରୁ ଶିକ୍ଷା ଗ୍ରହଣ କରିଥିଲେ । ମେଡ୍ରାସ୍ ଆର୍ଟସ୍କୁଲର ଧାରା କଲିକତା ଆର୍ଟସ୍କୁଲ ସହିତ ସାମଞ୍ଜସ୍ୟ ରକ୍ଷା କରୁଥିଲା । ସେଥିରେ ହାୟର ଲୋୟର ଗ୍ରେଡ଼ର ରେଖାଙ୍କନ ଶୈଳୀର ଚମକ ନଥିଲା । ଆମେ ଏସ୍. ଆର. ଗୁପ୍ତଙ୍କ କୌଣସି ଚିତ୍ର ଦେଖିବାର ସୁଯୋଗ ପାଇନୁ । କୌଣସି ମୁଦ୍ରିତ ବହିରେ ତାଙ୍କ ଚିତ୍ର ମଧ୍ୟ ଦେଖିବାକୁ ମିଳେ ନାହିଁ ।

ଶୈଳୀର ଭିନ୍ନତା ଦୃଷ୍ଟିରୁ ଏହି ଶିଳ୍ପୀମାନଙ୍କୁ ମୁଁ ଦୁଇଭାଗରେ ବିଭକ୍ତ କରିବା ପାଇଁ ଚାହେଁ। ଦଳେ ହେଲେ ପାଶ୍ଚାତ୍ୟ ଏକାଡ଼େମିକ୍ସ (Western Academics) ଯେଉଁମାନେ ପାଶ୍ଚାତ୍ୟ କଳାର ଅନୁକରଣ କରୁଥିଲେ ଏବଂ ଅନ୍ୟ ଦଳକ ହେଲେ ପୁନରୁତ୍ଥାନବାଦୀ କଳାକାର (Rehralist Artists) ଯେଉଁମାନେ ଶାନ୍ତିନିକେତନ ସ୍ୱଦେଶୀ କଳାର ଅନ୍ଧାନୁକରଣ କରୁଥିଲେ । ଦ୍ୱିତୀୟ ଦଳ ମଧ୍ୟରେ ଅଜିତ କେଶରୀ ରାୟ ହିଁ ବ୍ୟତିକ୍ରମ, ଯେଭଳି ବ୍ୟତିକ୍ରମ ଥିଲେ ରବୀନ୍ଦ୍ରନାଥ, ରାମକିଙ୍କର ଓ କେ.ଜି. ସୁବ୍ରମଣିଅନ୍ । ସେମାନେ ବୁଝିପାରିଥିଲେ ଯେ କଳାସୃଜନଶୀଳ ହେବାକୁ ହେଲେ ଧରାବନ୍ଧା ନୀତିନିୟମରୁ ଊର୍ଦ୍ଧ୍ୱକୁ ଯିବାକୁ ପଡ଼ିବ। ଏହି ମର୍ମରେ ଅଙ୍କିତ ତାଙ୍କ ଚିତ୍ରଗୁଡ଼ିକ ଆଧୁନିକତାର ସ୍ୱପ୍ନରେ ମଣ୍ଡିତ ହୋଇପାରିଥିଲା। ଶାନ୍ତିନିକେତନର ଗଡ୍ଡାଳିକା ପ୍ରଭାବରୁ ଆଉ ଜଣେ ଓଡ଼ିଆ ଶିଳ୍ପୀ ଫିଟିଯାଇ ନୂତନ ରଚନାରେ ମନୋନିବେଶ କରି ଓଡ଼ିଶାର ଆଧୁନିକ କଳା ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ହେଉଛନ୍ତି ଅନନ୍ତ ପଣ୍ଡା । ମୋର ଦୃଢ଼ ଧାରଣା ଯେ ଓଡ଼ିଶାର ଆଧୁନିକ କଳାର ଦିଗ୍‌ଦର୍ଶକ ଭାବେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ତିନି ଜଣ ଯୁଗଜନ୍ମା ଚିତ୍ରପୁରୁଷ ଆବିର୍ଭାବ ହୋଇଥିଲେ । ସେମାନେ ହେଲେ ରାଜଶିଳ୍ପୀ ବା ରାଜା ଶରତଚନ୍ଦ୍ର ଦେବ (ରାଜା ରବି ବର୍ମାଙ୍କ ଭଳି), ଅଜିତ କେଶରୀ ରାୟ ଓ ଅନନ୍ତ ପଣ୍ଡା । ଏହି ସଂକଳନରେ କେବଳ ଅଜିତ କେଶରୀ ହିଁ ସ୍ଥାନୀତ । କିନ୍ତୁ ତାଙ୍କରି ବକ୍ତବ୍ୟରେ ଷାଠିଏ ଦଶକର ଅସଲ ଅଜିତ କେଶରୀଙ୍କ ପ୍ରତିରୂପର ଆସ୍ପୃହା ନାହିଁ । ଏହି ତ୍ରିମୂର୍ତ୍ତି ଖଲ୍ଲିକୋଟ ଚାରୁ ଓ କାରୁକଳା ବିଦ୍ୟାଳୟରେ ଅଧ୍ୟାପନାର

ନେତୃତ୍ୱ ନେଇଥିଲେ । ରାଜା ଶରତ ଚନ୍ଦ୍ର ଥିଲେ ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ । ତାଙ୍କର ଶୈଳୀ ଥିଲା ସମନ୍ୱୟର, ପାଶ୍ଚାତ୍ୟ ଓ ପ୍ରାଚ୍ୟର ମିଶ୍ରଣର । ସେ ଧୌତ ଚିତ୍ର, ଲେପଚିତ୍ର ଏବଂ ତୈଳଚିତ୍ର-ସବୁଥିରେ ପାରଙ୍ଗମ ଥିଲେ । ଧୌତ ଚିତ୍ର ଓ ଲେପଚିତ୍ର ନା ସ୍ୱଦେଶୀ କଳାର ଅନୁଗାମୀ ଥିଲା ନା ତୈଳଚିତ୍ର ବିଦେଶୀ ଢଙ୍ଗଦ୍ୱାରା ଅନୁପ୍ରାଣିତ ହୋଇଥିଲା । ତାହା ଥିଲା ଭାରତୀୟ ଆଧୁନିକ କଳାର ଏକ ନୂତନ ଧାରା । ଏ ସଂପର୍କରେ ଯଥୋଚିତ ଚର୍ଚ୍ଚା ହେଇପାରିନଥିବାରୁ ତାଙ୍କ କଳାର ସର୍ବଭାରତୀୟ ପରିପ୍ରେକ୍ଷିତ୍ୱ ସ୍ଥିରୀକୃତ ହୋଇ ନାହିଁ । ଅଜିତକେଶରୀଙ୍କ କାଠ ଖୋଦାଇ (Wood Engraving) ତାଙ୍କ ଓଡ଼ିଶାରେ ଆଉ ବେଶି ପ୍ରଚଳନ ହେବା ଦେଖାଯାଇ ନାହିଁ । ଅନନ୍ତ ପଣ୍ଡାଙ୍କ ଦାରୁ ଭାସ୍କର (Wood Carving) ମଧ୍ୟ ଓଡ଼ିଶାରେ ପ୍ରଥମ ମନେହୁଏ । ଉଭୟ ଅଜିତକେଶରୀ ଓ ଅନନ୍ତ ପଣ୍ଡା ଯଦି ଶାନ୍ତିନିକେତନର କଳ୍ପନା ବିଳାସ କଳାର ପ୍ରଭାବରୁ ମୁକ୍ତ ହେଇ ନ ଥାନ୍ତେ ତାହା ହେଲେ ଓଡ଼ିଶାର ଆଧୁନିକ କଳାର ଧାରା ଅନ୍ୟପ୍ରକାରର ହୋଇଥାନ୍ତା ।

ଶାନ୍ତିନିକେତନର ସ୍ୱଦେଶୀ କଳାର ପ୍ରଭାବରୁ ମୁକ୍ତି ପାଇ ପାରିନଥିଲେ ବିନୋଦ ରାଉତରାୟ । ରବି ନାରାୟଣ ନାୟକ, ଦୁର୍ଗା ପ୍ରସାଦ ଦାସ ତଥା ଅନ୍ୟାନ୍ୟମାନେ । ସେମାନେ ଓଡ଼ିଶାରେ ଶାନ୍ତି ନିକେତନୀୟ କଳାଧାରାର ମନ୍ଦାକିନୀ ବୁହାଇ ଦେବାପାଇଁ ଚାହିଁ ଥିଲେ । ଖଲ୍ଲିକୋଟ କଳା ବିଦ୍ୟାଳୟ ତଥା ଭାରତର ଅନ୍ୟାନ୍ୟ କଳା ବିଦ୍ୟାଳୟମାନଙ୍କରେ ଭାରତୀୟ ଚତ୍ରକଳା (Indian Painting) ନାମରେ ବିଭାଗ ଖୋଲାଯାଇ ସେଠାରେ ଧୌତଚିତ୍ର, ଲେପଚିତ୍ର, ଏଗ୍ ଟେମ୍ପେରା ଏବଂ ଅଜନ୍ତା ଚିତ୍ରର ଧାରା ଶିକ୍ଷା ଦିଆ ଯାଉଥିଲା । ଭାରତୀୟ କଳା ଓ ପାଶ୍ଚାତ କଳା ମଧ୍ୟରେ ବାଡଟିଏ ସୃଷ୍ଟି ହୋଇଥିଲା । ଯେଉଁମାନେ ଖଲ୍ଲିକୋଟ କଳା ବିଦ୍ୟାଳୟରେ ଅଧ୍ୟୟନ କରିଥିବେ ସେମାନେ ଚିତ୍ରକଳାର ଏହି ବିଭାଜନଟିକୁ ନିଶ୍ଚୟ ହୃଦୟଙ୍ଗମ କରିଥିବେ । ମୋଟାମୋଟି ଭାବେ ଏହି ସଂକଳନରେ ସ୍ଥାନିତ ଶିଳ୍ପୀମାନେ ଏହି ବିଭାଜନ ମଧ୍ୟରୁ ଉତୁରି ଆସିଥିଲେ । ୧୯୫୭ ମସିହାରେ ଖଲ୍ଲିକୋଟର ରାଜପ୍ରସାଦରେ ସରକାରୀ କଳା ବିଦ୍ୟାଳୟ ପ୍ରତିଷ୍ଠା ହେବାର ପ୍ରାଥମିକ ପର୍ଯ୍ୟାୟ ଥିଲା ଦୁର୍ଦ୍ଦିନର ସମୟ । ଚିତ୍ରକଳାର ପାଶ୍ଚାତ୍ୟ ଓ ପ୍ରାଚ୍ୟଧାରାକୁ ନେଇ ସଂଘର୍ଷ ଲାଗି ରହିଥିଲା । ଚିତ୍ରକଳା ଧାରାର ଏହି ମର୍ମରେ ଛାତ୍ରଛାତ୍ରୀମାନେ ବିଭାଜିତ ହୋଇଯାଉଥିଲେ । କିନ୍ତୁ ସମୟକ୍ରମେ ଏ ସବୁ ବିସଙ୍ଗତିର ପରିସମାପ୍ତି ଘଟିଲା । ଗୋଟିଏ ସମନ୍ୱିତ ଧାରାର ସୂତ୍ରପାତ ହେଲା । ବିଂଶ ଶତାବ୍ଦୀର ପଚାଶ ଦଶକରେ ଓଡ଼ିଶାର ଆଧୁନିକ କଳା ଉପନିବେଶୀୟ ଭାବଧାରାରୁ ନିଜଯାତ୍ରା ଆରମ୍ଭ କରି ସମନ୍ୱିତ ଧାରା, ଆଧୁନିକ ଧାରା, ଉତ୍ତର ଆଧୁନିକ ଧାରା ଦେଇ ସାଂପ୍ରତିକ ଧାରାରେ ପହଞ୍ଚିପାରିଛି ।

ଏହି ସଂକଳନରେ ସ୍ଥାନିତ ଶିଳ୍ପୀମାନେ ରୂପ ସମ୍ପର୍କରେ ଯାହାସବୁ କହିଛନ୍ତି, ସେହି ରୂପ ହେଉଛି ଏକ ଅବ୍ୟକ୍ତ ଚେତନାର ରୂପ, ଭୂମାର, ଅରୂପର ରୂପ। ସେମାନଙ୍କ ବକ୍ତବ୍ୟ ସବୁ ଭାବପ୍ରଣୋଦିତ; କିଭଳି ଗୋଟିଏ ଭାସମାନ ଅବସ୍ଥାର କଥା। ମନେହୁଏ କିଏ ଜଣେ କବି ଭାବାପନ୍ନ ବ୍ୟକ୍ତି ଯିଏ ବାସ୍ତବତାର ରୂପାୟନ ନେଇ ବିଶେଷ ଭାବରେ ସଚେତନ ନୁହଁନ୍ତି, ସିଏ ଶିଳ୍ପୀଙ୍କ ବକ୍ତବ୍ୟଗୁଡ଼ିକୁ ଅନ୍ୟ ଢଙ୍ଗରେ ସଜାଡି ଦେଇଛନ୍ତି। ସେହି ସବୁ ଲେଖାରେ ସାହିତ୍ୟିକ ଛଟା ଓ ପାଣ୍ଡିତ୍ୟ ଭରପୂର କିନ୍ତୁ ଏହା ଶିଳ୍ପୀଙ୍କର ନିଜ ତୁଣ୍ଡର ଭାଷା ଭଳି ମନେ ହେଉନି (କତିପୟ ଶିଳ୍ପୀଙ୍କ ବ୍ୟତିତ)। ମୁଁ ଏହି ଶିଳ୍ପୀମାନଙ୍କୁ ଅନ୍ତରଙ୍ଗ ଭାବେ ଜାଣେ ଓ ସେମାନଙ୍କ ସଙ୍ଗେ କଥୋପକଥନ ବେଳେ ସେମାନେ ଅଭ୍ୟାସ କରୁଥିବା ରୂପର ଶୈଳୀ, ଚରିତ୍ର, ସେମାନଙ୍କ ଭାଷାର ଢଙ୍ଗ ବାଗ ଜଣା ପଡିଯାଏ। ଏହି ଶିଳ୍ପୀମାନେ ଓଡ଼ିଶାର ଆଧୁନିକ କଳାର ନେତୃ ସ୍ଥାନୀୟ ବ୍ୟକ୍ତି। ସେମାନଙ୍କ ସଚେତନତାରେ ହେଉ ବା ଅସଂଲଗ୍ନତାରେ ହେଉ ସେମାନଙ୍କ ଅବଦାନ ଫଳରେ ହିଁ ଓଡ଼ିଶାରେ ଆଧୁନିକ କଳାର ବିକାଶ ଘଟିଛି। ଏଣୁ ଏହି ସଂକଳନଟି ଓଡ଼ିଶାରେ ଆଧୁନିକ କଳାର ଉଦ୍‌ଭବ ଓ ତା'ର ପ୍ରବାହର ପଞ୍ଜିକରଣ। ଏହି ପ୍ରୟାସ କଳା ଇତିହାସର ଏକ ସଜଳ ଓ ବିଦଗ୍ଧ ଅବତାରଣା ଭାବେ ସର୍ବାଦୌ ଗ୍ରହଣୀୟ।

ଅଗଷ୍ଟ ୨୯ ୨୦୧୬ — ଡକ୍ଟର ଦିନନାଥ ପାଠୀ

ଡକ୍ଟର ଦିନନାଥ ପାଠୀ ଓଡ଼ିଶାର ଜଣେ ସୁପରିଚିତ ଚିତ୍ରଶିଳ୍ପୀ, କବି, ଲେଖକ ଓ କଳା ଐତିହାସିକ। ଭୁବନେଶ୍ୱରରେ ପ୍ରତିଷ୍ଠିତ କଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଭାବେ ସେ ଓଡ଼ିଶାର ଆଧୁନିକ ଚିତ୍ରକଳା ଶିକ୍ଷା ଓ ତା'ର ବିକାଶ ସହିତ ଓତଃପ୍ରୋତ ଭାବେ ଜଡିତ।

# ଚିତ୍ରଶିଳ୍ପୀଙ୍କ ନିଜକଥା



ବିମ୍ବାଧର ବର୍ମା

ଦିନକ ଆଗରୁ ହୁଏତ ଏ କଥା ଥିଲା, ମୁଁ ରୂପର ପାଗଳ ହେଇ ବୁଲୁଥିଲି, ଆଜି ମୁଁ ଅର୍ଥ-ପାଗଳ। କିଂତୁ ବହୁତ ଆଗରୁ ମୁଁ ସ୍ୱାର୍ଥପାଗଳ ହୋଇ ପାରିଥିଲେ ଆଜି ହୁଏତ ରୋଗର ନାଗପାଶ-ବନ୍ଧନରୁ ଟିକେ ମୁକୁଳିବାର ଚେଷ୍ଟା କରି ପାରିଥାନ୍ତି। ତା ହୋଇନି। ବିଧାତା ଏ ମୁଣ୍ଡଟାକୁ କ'ଣ କେମିତି ଗଢ଼ି ଦେଲା କେଜାଣି ଜୀବନ ଭରି ଦିନେ ହେଲେ ସେଥିପାଇଁ ସଜାଗ ରହିବାକୁ ମନ ଯାଇନି। ଏହିଭଳି ଏକ ମୁହୂର୍ତ୍ତରେ ଆଜି ରୂପର କଥା ଶୁଣେଇବାକୁ ମତେ ଅନୁରୋଧ କରାଯାଇଛି। ବାସ୍ତବିକ୍ ହସ ଲାଗୁଛି ମତେ। ଏତେ ରୂପ ଦେଖାଇସାରି ମୁମୂର୍ଷୁ ହୋଇ ପଡ଼ିଥିବା ବେଳେ ବି ମତେ ପୁଣି ରୂପର କଥା ଶୁଣେଇବାକୁ ହେବ। ହଉ, ସେଥିରେ କିଛି ସମୟ କଟେଇ ବର୍ତ୍ତମାନର ଏ ନୈରାଶ୍ୟକୁ ହେଲେ ଟିକେ ଭୁଲିଯାଏଁ । ସେଥିଲାଗି ମନେ ପଡ଼ିଯାଉଛି-

Loveliness, lent in the past days,
And truth, dwells only in the death.

ଜନ୍ମ କଲା ମା'କୁ ଆମ ଘରେ ବୋଉ ବୋଲି ଡାକୁ। ସେଇ ବୋଉ ମୋର ଅତି କଳାକୁଶଳୀ ଥିଲା ବୋଲି ମୋର ଏବେବି ବିଶ୍ୱାସ ରହିଛି। ପର୍ବପର୍ବାଣିରେ ନାନା ପ୍ରକାର ଚିତା ମୁରୁଜ ସେ ଲେଖେ। ଭାଲୁକୁଣୀ ଓଷାରେ ଝୁଅଙ୍କ ପାଇଁ ପ୍ରତିମା ଗଢ଼ିଦିଏ । ପୁରୁଣା କଥାକୁ ମନୋଜ୍ଞ ଆଉ ସତେଜ କରି କହିବାରେ ସେ ମଧ୍ୟ ପଟ୍ଟୀୟସୀ ଥିଲା । ସେହି ବୋଉର ଗୁଣ ଯେ ମୋ ରକ୍ତରେ ନିଶ୍ଚୟ କିଛି କାମ କରିଛି ଏହା ମୁଁ ଆଜି ଅସ୍ୱୀକାର କରିପାରିବିନି। ତା'ପରେ ମୁଁ ଏମିତି ଏକ ପରିବାର ଭିତରେ ଜନ୍ମ ହୋଇଥିଲି, ଯେଉଁଠି ଆଜିକାଲିର ଭାଷାରେ, ସାମନ୍ତବାଦୀ ଢଙ୍ଗ ବିଶେଷ ଭାବରେ ଚେର ବାନ୍ଧି ରହିଥିଲା । ବାର ମାସରେ ତେର ପର୍ବ, ନାନା ପୂଜା-ପାଠ, ଦିଅଁ ଦେବତାର ମୂର୍ତ୍ତିଗଢ଼ା, ନାଟତାମସା, ଥିଏଟର ଇତ୍ୟାଦି ବର୍ଷକ ଭିତରେ ପ୍ରାୟ ଲାଗି ରହିଥାଏ । ଏହି ସବୁ ଘଟଣା ମୋର ଅବଚେତନ ମନ ଉପରେ ଯଥେଷ୍ଟ ପ୍ରଭାବ ରଖିଥିଲା ବୋଲି ମୁଁ ପରବର୍ତ୍ତୀ ଅବସ୍ଥାରୁ ଜାଣିଲି। ପ୍ରଥମ ଅବସ୍ଥାରେ, ପ୍ରାୟ ଆଠ ନ ବର୍ଷ ବୟସରେ ମୁଁ ନିରୋଳାରେ ବସି ପାଟିରୁ

ଛେପ ମାରି କାଦୁଅ ମାଟିରେ କଣ କିଛି ଗଢ଼ି ବସୁଥିବାର ମୋର ଏବେବି ମନେ ଅଛି। ସେ ଅଭ୍ୟାସ ଛାଡ଼ିବାକୁ ବୋଉଠାରୁ ଅନେକ ନିର୍ଯାତନା ମଧ୍ୟ ସହିଛି। ସେଥିରେ ତାକୁ ସାମୟିକ ଭାବରେ ଛାଡ଼ିଥିଲେ ମଧ୍ୟ କେବେ ହେଲେ ପାସୋରି ଦେଇ ପାରିଲିନି। ସେହିଭଳି ସମୟରେ ଦେଖିବାକୁ ପାଇଲି ଦାଣ୍ଡରେ ମେଢ଼ ଉପରେ ଗଢ଼ା ଚାଲିଛି କାର୍ତ୍ତିକ ଆଉ ସରସ୍ୱତୀ ମୂର୍ତ୍ତି। ପାଖ ଗାଁର ବଙ୍ଗାଳୀ କାରିଗର 'ରାଖାଲବାବୁ' ବସି ଅବଲୀଳାକ୍ରମେ ଅନବଦ୍ୟ ପ୍ରତିମା ଗଢ଼ି ଦେଇ ଯାଉଛନ୍ତି । କୁଟାରେ ଛାଞ୍ଚ ବନ୍ଧାଠାରୁ ପ୍ରତିମା ଆଖିରେ ରଙ୍ଗ ଲାଗିବା ଯାଏ ସବୁଗୁଡ଼ିକ ମୁଁ ନିରିଖି ନିରିଖି ଦେଖେଁ । ଏହି ଘଟଣା ମୋ ଉପରେ ବିଶେଷ ଭାବରେ ରେଖାପାତ କଲା। ସେଥିରେ ମୁଁ ଏତେ ଅନୁପ୍ରାଣିତ ହେଲି ଯେ ସେହି ବୟସରେ ଦିନେ ମୁଁ ଛେପ ମାରି ମାରି କାର୍ତ୍ତିକ ମୂର୍ତ୍ତିଟିଏ ଗଢ଼ିଦେଲି। ସେ ମୋ ମୁହଁକୁ ଯେମିତି ଅବାକ୍ ହୋଇ ଅନେଇ ରହିଲେ, ସେ ଦୃଶ୍ୟ ଆଜି ମୋର ମନେ ଅଛି। ମୋର ବାଲ୍ୟ ଜୀବନରେ ରୂପୋନ୍ମେଷ ଭିତରେ ସେହି ରାଖାଲବାବୁଙ୍କ ପ୍ରଭାବ ଯେ ଯଥେଷ୍ଟ ଭାବରେ ରହିଛି ତାହା ମୁଁ ସ୍ୱୀକାର କରି ନେଇଛି। ଆଉ ମଧ୍ୟ ରାଖାଲବାବୁଙ୍କ ଭଳି ସିଦ୍ଧହସ୍ତ ମୃତ୍‌ଶିଳ୍ପୀ ମୋ ଜୀବନରେ ମୁଁ କଦାପି କେଉଁଠି ଦେଖିବାକୁ ପାଇନି।

ଏ ମୋର ରୂପସାଧନାର ପ୍ରଥମ ଅଧ୍ୟାୟ। ପରବର୍ତ୍ତୀ ଜୀବନରେ ପାଠ ପଢ଼ିବା ସାଙ୍ଗେ ସାଙ୍ଗେ ମୋ ଭିତରେ ରେଖାଙ୍କନର ପ୍ରେରଣା ଦେଖା ଦେଲା। ହୁଏତ କେମିତି କଣ ହେଲା ଜାଣିନି, ଗାଁକୁ ଛୁଟିରେ ଫେରିଥିବା ସମୟରେ ପରିବାରର ଭାଇ-ଭଉଣୀଙ୍କୁ ଆଗରେ ବସେଇ କାଗଜ ଉପରେ ରେଖା ଟାଣୁ ଟାଣୁ ସେଗୁଡ଼ିକ ଭିତରେ କ୍ରମେ ସେମାନଙ୍କର ରୂପ ଫୁଟିବାର ଦେଖାଗଲା। ସେତେବେଳେ ଅନ୍ୟମାନଙ୍କ ଅପେକ୍ଷା ସେଥିରେ ମୁଁ ମଧ୍ୟ କମ୍ ଆଶ୍ଚର୍ଯ୍ୟ ହୋଇନି। କ୍ଲାସ ପଣ୍ଡିତର ମଡ଼େଲ୍ ଡ୍ରଇଂ ଶିକ୍ଷା ମୋ ହାତରେ ପୋଟ୍ରେଟ୍ ଆଙ୍କିବାରେ କ୍ରମେ ପରିଣତ ହେଲା।

ସେହି ପିଲାବେଳ, ଛାତ୍ରାବସ୍ଥାର କଥା। ମୁଁ ସେତେବେଳେ ଢେଙ୍କାନାଳ ହାଇସ୍କୁଲରେ ପଢୁଥାଏଁ। ଏହିଭଳି ଅଙ୍କନପଟୁତା ପାଇଁ ଗଡ଼ଜାତର ଛୋଟ ସହରଟିର ଅନେକ ମହଲରେ ମୁଁ ପ୍ରାୟ ଟିକେ ପରିଚିତ ହୋଇଉଠିଲିଣି। କ୍ଲାସ୍ ଶିକ୍ଷକମାନଙ୍କ ବ୍ୟଙ୍ଗ ଛବି ଆଙ୍କିଦେବାରେ, ରିସେସ ବେଳେ ସାଙ୍ଗ ପିଲାଙ୍କ ପ୍ରତିକୃତି ପେନସିଲରେ ଟାଣି ଦେବାରେ ମତେ ଆଉ ସେତେବେଳକୁ କିଛି କଷ୍ଟ ଲାଗୁ ନ ଥାଏ। ପରନ୍ତୁ ଖୁବ୍ କୌତୂହଳ ଆଉ ଆନନ୍ଦ ହେଉଥାଏ। ଆଉ ସାଙ୍ଗସାଥୀଙ୍କର ପ୍ରଶଂସା ଓ ସମାଦରତା ଏ ଦିଗରେ ମତେ ଅଧିକ ଆକୃଷ୍ଟ କରି ନେଉଥାଏ। ଏହିଭଳି ସମୟରେ ଦିନେ ସ୍ଥାନୀୟ ସେଟଲମେଣ୍ଟ ଅଫିସରୁ ରଙ୍ଗ ଆଉ ତୂଳି ସଂଗ୍ରହ କରି ଏକ ରୁପା ଛବିର ନକଲ କରି ବସିଲି। ଛବିଟି ସଂପୂର୍ଣ୍ଣ ହେବା ପରେ ତାହା ଅନେକଙ୍କର ପ୍ରଶଂସିତ ଦୃଷ୍ଟି ଆକର୍ଷଣ କଲା ଓ ଶେଷକୁ ତାହା ରାଜା ସୁରପ୍ରତାପଙ୍କ ଆଖିରେ ମଧ୍ୟ ପଡ଼ିଲା। ସେହି ଛବିଟି ମୋ ଦ୍ୱାରା ହୋଇଛି ବୋଲି ସୁରପ୍ରତାପଙ୍କର

ଅବିଶ୍ୱାସ ହେବାରୁ ତାଙ୍କ ବରାଦ ଅନୁସାରେ ମତେ ତାଙ୍କୁ ଆଉ ଗୋଟିଏ ରଙ୍ଗ ଦିଆ ଛବି କରିଦେବାକୁ ହେଲା। ଏହିପରି ମୋର ବାଲ୍ୟଜୀବନର ଅନାଡ଼ି ରୂପ-କଳ୍ପନା ଉପରେ କ୍ରମେ ରଙ୍ଗର ପ୍ରଲେପ ମିଶିବାକୁ ଲାଗିଲା। କିଂତୁ ତାହା ଯେ ମତେ ଦିନେ ରୂପର ସାଗର ଭିତରକୁ ଟାଣି ନେଇଯିବ ଏହା ମୁଁ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲି।

ପ୍ରବେଶିକା ପରେ ଆଉ ପାଠ ପଢ଼ା ମୋର ହୋଇନି। ଆକାଶ, ପାହାଡ଼, ନଦୀ, ହ୍ରଦ, ବନ ଏହି ମୋର ହେଲା ବହି। ମୁରବିମାନଙ୍କ ତାଡ଼ନାରେ କିଛିଦିନ ପାଇଁ ମେଡ଼ିକାଲ୍‌ରେ ଆସି ଭର୍ତ୍ତି ହେଲି। କିଂତୁ ହେଲାନି। ଶବ ବ୍ୟବଚ୍ଛେଦର ଛୁରୀ କଇଞ୍ଚି ଫିଙ୍ଗି ପୁଣି ଚାଲି ଗଲି ସେଇ ମୁକ୍ତ ପ୍ରକୃତି ପାଖକୁ। ଯେଉଁଠି ପଲ୍ଲୀକୋଳର ଶ୍ୟାମଳିମା ଭିତରେ ଆତ୍ମଗୋପନ କରିଛି ବେପଥୁମତୀ ବଧୂ, ସିଜୁ ଆଉ ଖଜୁରି ବୁଦାର ପଡ଼ିଆ ଭିତରେ ଗୋଧୂଳି ଆକାଶତଳେ ବଂଶୀ ବାଇ ଫେରୁଛି ଗାଇଆଳ ଟୋକା, ଅସ୍ତ ଆକାଶତଳ ଅସୀମ ପଥରେ ଚାଲିଛି ଅନାଥିନୀ। ଯେଉଁଠି କର୍ଦ୍ଦମରେ ନଇଁପଡ଼ିଛି ମଣିଷ, ଆଉ କଳାହାଣ୍ଡିଆ ମେଘ ଯେଉଁଠି ବର୍ଷିଯାଉଛି ପାଣି। ଯେଉଁଠି ଚାଲିଛି ସଂଧ୍ୟାର ଅଭିସାର ଆଉ ଅପ୍ରସାଧିତା ପ୍ରୋଷିତଭର୍ତ୍ତୃକାର ପ୍ରତୀକ୍ଷା।

ଏହି ଜୀବନ ଭିତରେ ମୁଁ ଅନେକ ଜାଗାରେ ହୋଇଛି ଅତିଥି। ଏଇ ବେପରୁଆ ଜୀବନ କଟେଇ ଦେଇଛି। ଜୀବନର ବିଭିନ୍ନ କ୍ଷେତ୍ରରେ ପଶିବା ପାଇଁ ଓ ରୂପର ବହୁ ବିକାଶ ଅନୁଭବ କରିବା ପାଇଁ ଯାତ୍ରାଦଳ ଗଢ଼ି ସୁଆଙ୍ଗ କରିଛି। ରାତି ରାତି ଅନିଦ୍ରା ହୋଇ ନିଜ ହାତରେ ମନ ମାମୁନି ସୁନ୍ଦର ପୋଷାକ ବନେଇ, ସୀନ୍ ଚିତ୍ର କରି ଥିଏଟର କରି ବୁଲିଛି। ଦିନେ ସଙ୍ଗୀତ ମୋର ଥିଲା ପେସା। ଆଜି ତା 'ସ' ଅକ୍ଷର ମୋ କଣ୍ଠରେ ନାହିଁ। ସେହିପରି ଉନ୍ମତ୍ତ ରୂପାଜୀବୀ ବି, ବର୍ମା ଆଜି ଅରୂପର ଅନ୍ଧକାର ଭିତରେ ଶଙ୍କିତ ହୋଇ ବସିଛି। କର୍ଦ୍ଦମରେ ନଇଁ ପଡ଼ିଛି ମଣିଷ।

ସେଥିରେ ମଧ୍ୟ ରୂପର ନିଶା ମରିନି। ଏ ଅବସ୍ଥାରୁ ପାର ହୋଇ ପୁଣି ରୂପଲକ୍ଷ୍ମୀର ପୂଜା କରିବି ବୋଲି ବି ଆଶା ଦେଖାଦେଇଛି। ସୁତରାଂ ଶିଳ୍ପୀର ଜୀବନ ଉପରେ ରୂପର ପ୍ରଭାବ ଖୋଜିଯିବା ବୃଥା। ତା ଏକ ନିଶା। ଗୀତ ଗାଇବା ଓ କବିତା ଲେଖିବା ସଙ୍ଗେ ତା ସମାନ। ଯଦି ତା ନ ହୋଇଥାନ୍ତା ତାହେଲେ ପୁଷ୍ପିତ କୁଂଜ ତଳେ ଶୋଇ ରୂପସୀ ତରୁଣୀ ଉପଭୋଗ କରୁଥିବା ଧନୀଲୋକହିଁ ଏ ଦେଶର ପହିଲା ନମ୍ବର ଶିଳ୍ପୀ ହୋଇଥାନ୍ତା। ନିଜର ପ୍ରେରଣା ପାଇଁ ଚକୋର ଭଳି କବି ଜ୍ୟୋତ୍ସ୍ନା ଆହାର କରିଥାଏ, କିଂତୁ ଧନପତି ସେଥିରେ ରଜତର ସ୍ୱପ୍ନହିଁ ଦେଖିଥାଏ। ଏ ସୃଷ୍ଟିର ବୈଚିତ୍ର୍ୟ ତଥାପି ସାଧନା ପାଇଁ ପାରିପାର୍ଶ୍ୱିକ ଅବସ୍ଥାର ସାହାଯ୍ୟକୁ ମୁଁ ସ୍ୱୀକାର କରେ।



ଗୌରାଙ୍ଗଚରଣ ସୋମ

ଡଗର ! ତୁମର କାର୍ଯ୍ୟ ହେଉଛି ପ୍ରଚାର କରିବା-ଜନତା ଆଗରେ ସତ୍ୟର ସଂଧାନ ଦେବା। ତୁମେ ସଚ୍ଚା କର୍ମୀ। ସେଥିପାଇଁ ସୁଦୂର ଏ ମରୁଭୂମି ରାଜପୁତନାକୁ ପହଞ୍ଚିଲ ଶୁଣିବାକୁ 'ମୋ ଜୀବନଉପରେ ରୂପର ପ୍ରଭାବ' ବିଷୟ। ମୁଁ ତ ଲେଖକ, ବକ୍ତା ବା କଥାକାର ନୁହେଁ । କିମିତି ତୁମ ଆଗରେ ପ୍ରକାଶ କରିବି ଏ ଜୀବନଟା ଉପରେ ରୂପ କିମିତି ପ୍ରଭାବ ପକାଇଛି-ଖାଲି ପ୍ରଭାବ ତ ନୁହେଁ- ପ୍ରଭାବ ପରେ ଆକ୍ରମଣ ଏବଂ ଆକ୍ରମଣରୁ ପାଗଳପଣିଆ ଆଣି ଦେଇଛି ମଧ୍ୟ। ତଥାପି ତୁମକୁ ଶୁଣାଇବାକୁ ହେବ। କାରଣ ତୁମେ ଉତ୍କଳର ଲେଖକମାନଙ୍କଠୁ ଆଦାୟ କରିଛ 'ମୁଁ କାହିଁକି ଲେଖେ'ର ସୁଦୀର୍ଘ ବିବରଣୀମାନ ଏବଂ ସେ ସତ୍ୟଗୁଡ଼ିକୁ ଓଡ଼ିଶାବାସୀଙ୍କ ଆଗରେ ନିଷ୍ଠାର ସହିତ ପ୍ରଚାର କରିଛି। ଏବେ ଶିଳ୍ପୀମାନଙ୍କର ପାଳା। ଓଡ଼ିଆ ଶିଳ୍ପୀ ଜନ୍ମମାଟି ଛାଡ଼ି ଏ ସୁଦୂର ପ୍ରବାସରେ- ଏତେ ବାଟ ଆସିଛି- ତେଣୁ ଶୁଣାଇବି କିଛି-ତୁମେ ଅଭିଜ୍ଞ ! ତୁମେ ବିଜ୍ଞ। ତେଣୁ ଏଡ଼େ ବଡ଼ ବିଜ୍ଞାପନର ଦାୟିତ୍ୱ ନେଇଛ- ତୁମକୁ ଧନ୍ୟବାଦ।

ଶିଳ୍ପୀର ଜୀବନ ଉପରେ ରୂପର ପ୍ରଭାବ ଭାଷା ଦ୍ୱାରା ପ୍ରକାଶ କରିବା କିମିତି ଅଡୁଆ କଥା। ରୂପର ପ୍ରଭାବ ପ୍ରକାଶିତ ହୁଏ ତା'ର ତୂଳୀର ଚାଳନାରେ ନଚେତ୍ ନିହାଣ ଆଉ ହାତୁଡ଼ିର ସଂଯୋଗରେ। ରସଜ୍ଞ ରସର ଉପଲବ୍ଧି କିମିତି କରେ ? ସେ ତ ଅନୁଭୂତିର ଜିନିଷ-ପ୍ରକାଶ କରିବାର ଶକ୍ତି ଯାହାର ଥାଏ ସେ ସାହିତ୍ୟ, ସଙ୍ଗୀତ ଆଉ କଳା ଭିତର ଦେଇ ସେ ପ୍ରଭାବର ପ୍ରକାଶନ କରି ପକାଏ ସିନା-ସେଟା ପୂରା ପୂରାପୂରି ପାରେ କି ନା ସନ୍ଦେହ। ତେଣୁ ରୂପର ପ୍ରଭାବ ବିଷୟ ଭାଷାରେ କହିବା ଜଣେ ଶିଳ୍ପୀ ପକ୍ଷରେ ମୁସକିଲ୍। ଅନ୍ତତଃ ମୋ ପକ୍ଷରେ ବୋଲି ମୁଁ ଭାବୁଛି। ତଥାପି ରୂପ କିମିତି ଜୀବନକୁ ପ୍ରଭାବାନ୍ୱିତ କରିଛି ଏ କଥାର ଆଭାଷ ଦେବାକୁ ଯାଇଁ ଜୀବନର ସ୍ମୃତିଗୁଡ଼ିକରୁ କିଛି କହିବାକୁ ହେବ-ସେଟା ଜୀବନୀ ନୁହେଁ, ତା'ର ସାମାନ୍ୟ ଅଂଶ ମାତ୍ର।

ପିଲାବେଳେ-ସେ ଆଜିକୁ ୨୩ବର୍ଷ ଆଗର କଥା। ମୁଁ ବୋଧହୁଏ ୬/୭ବର୍ଷରେ ସେତେବେଳକୁ। ସାନଭଉଣୀ ସହିତ ବାଡ଼ି ପଟରେ ଚୀନୀମାଟିର ମୂର୍ତ୍ତି ପୂଜା କରିବା ଥିଲା ମୋର ସେତେବେଳର କାମ। ବାଡ଼ିର କନିଅର ଫୁଲ ଆଣି ମୂର୍ତ୍ତି ସଜାଇବା ଆଉ ପୂଜା କରିବା ଥିଲା ନିତିଦିନିଆ କଥା। କେଉଁଦିନ ଭଉଣୀଟି ଆଗରୁ ତା ମନକୁ ମୂର୍ତ୍ତି ସଜାଇ ମୋତେ ଡାକେ ପୂଜା କରିବାକୁ। ମୁଁ ତା ଉପରେ ଚିଡ଼ି ଯାଉଥାଏ ତାର ସାଜସଜ୍ଜାର ଅପଟୁତା ପାଇଁ। ପୁଣି ଫୁଲ ସବୁ ଠାକୁର ଦେହରୁ କାଢ଼ି ତାକୁ 'ସୁନ୍ଦର' ଭାବରେ ସଜାଉଥାଏଁ ଆଉ ପୂଜା କରୁଥାଏଁ। ଏହି ହେଲା ମୋର ଅତି ପହିଲି ଜୀବନର ରୂପ-କଥା-ସୌନ୍ଦର୍ଯ୍ୟ ଅନୁଭୂତିର ପହିଲି ଇଙ୍ଗିତ। ତା'ପରେ ମାଟି ଚକଟି ପୋଖରୀ କୂଳରେ ଶିବ ମନ୍ଦିର ମୂର୍ତ୍ତି ଗଢ଼ିବା, ତାକୁ ସଜାଇବା ଇତ୍ୟାଦି- ଇତ୍ୟାଦି ଯେକୌଣସି ବିଷୟରେ ସୁନ୍ଦର ଅସୁନ୍ଦର ପାର୍ଥକ୍ୟଟା କିମିତି ମୋ ଆଖିକୁ ବାରି ହେଉଥାଏ-। ଗାଁର ଗଛ, ପତ୍ର, ପୋଖରୀ, ପୋଖରୀରେ କଇଁଫୁଲ, ତାଳବନରେ ସେ ପଟରୁ ସୂର୍ଯ୍ୟାସ୍ତ, ଦୂର ଗାଁର ଆରପାରିରୁ ସୂର୍ଯ୍ୟ ଉଦୟ ସବୁ ମୋତେ କିମିତି ବିଚିତ୍ର ଲାଗୁଥାଏ- ମନେ ମନେ 'ସୁନ୍ଦର'ର ଅନୁଭୂତି ବୋଧହୁଏ ହେଉଥାଏ। କିନ୍ତୁ ତାକୁ ପ୍ରକାଶ କରିବାର ଉପାୟ ଥିଲା ଠାକୁର ସଜାଇବା ଆଉ ମାଟି ଚକଟି ମୂର୍ତ୍ତି ବନାଇବାରେ। ତା'ପରେ ସ୍କୁଲ ଜୀବନରେ ଡ୍ରଇଂ କରିବା ଏବଂ ସୁନ୍ଦର ହସ୍ତାକ୍ଷର ଲେଖିବାରେ ଆସିଲା ଅସୀମ ଆଗ୍ରହ ଏବଂ ଧୈର୍ଯ୍ୟ ମଧ୍ୟ। ମାମୁ ମୋର ହେଉଛନ୍ତି ମୂର୍ତ୍ତିକାର-ଗାଁର ପର୍ବପର୍ବାଣିରେ ମୂର୍ତ୍ତି ତିଆରି କରନ୍ତି-ସେ ଜଣେ ଦକ୍ଷ କାରିଗର-ଟିକେ ବଡ଼ ହେବା ପରେ ସେ ସବୁକୁ ଦେଖି ସୃଷ୍ଟି କରିବାର ଇଚ୍ଛା ହେଉଥାଏ ପ୍ରବଳ- କିନ୍ତୁ କି ଉପାୟରେ ଛବି ଆଙ୍କିପାରିବି ତାହାର ନିୟମ ଆଉ ମାଧ୍ୟମ ଜଣା ନ ଥିଲା। ତଥାପି ସେହି ମାଟି ସଙ୍ଗେ, ଛେଳି ବାଳର ତୂଳୀ ସାହାଯ୍ୟରେ ମୋର ଛବି ଅଙ୍କା ଚାଲିଥାଏ- ବିଷୟବସ୍ତୁ ଥିଲା କୃଷ୍ଣଙ୍କର ଜୀବନୀ ନଚେତ୍ ପୁରାଣ ସମ୍ବନ୍ଧୀୟ ଆଉ କିଛି କାହାଣୀ। ବାପା ନିତି ସଞ୍ଜରେ ମହାଭାରତ, ରାମାୟଣ, ଭାଗବତ ପଢ଼ନ୍ତି- ସେ କାହାଣୀଗୁଡ଼ିକ ବେଶ୍ ମନେ ରହୁଥାଏ-ତାକୁ ରୂପ ଦେବାରେ ମାମୁଙ୍କଠୁ ରଙ୍ଗ ଆଉ ତୂଳୀ ସାହାଯ୍ୟ ନେଉଥାଏ- ଆହୁରି ଟିକେ ବଡ଼ ହୋଇ କେବେ କେବେ ମାମୁଙ୍କର ତିଆରି ପ୍ରତିମାରେ ରଙ୍ଗ ଲଗାଏଁ ନଚେତ୍ 'ଚାଳ' ଆଙ୍କେ। କିନ୍ତୁ ସୁନ୍ଦର କରି ଲେଖିବାଟା ଥିଲା ମୋର ଅଭ୍ୟାସ-ପରେ ହାଇସ୍କୁଲରେ ପଢ଼ିବା ସମୟରେ କେତେଖଣ୍ଡି ବହି ହାତରେ ଲେଖିପକାଇଥିଲି- ସେଥିରେ ମୋର ଧୈର୍ଯ୍ୟର ସାଧନା ବୋଧହୁଏ ଖୁବ୍ ବେଶି ହୋଇଥିଲା, ଯାହାଦ୍ୱାରା ଆଜି ମୋର କଳାକାର ଜୀବନରେ ମୋର ସୃଷ୍ଟି ପାଇଁ ମୁଁ ବିଶେଷ ଉପକୃତ।

ଲକ୍ଷ୍ମଣ ନାଥ, ଛୋଟ ଗାଁଟିଏ-ସୁବର୍ଣ୍ଣରେଖା କୂଳରେ ତାର ଅବସ୍ଥିତି। ସେହିଠି ମୁଁ ପଢ଼ିଛି ନଈକୂଳର ଦୃଶ୍ୟ-ଏକାନ୍ତରେ ବସିଥାଏଁ ନଈକୂଳରେ। ସେଠାର ଆକାଶ, ଗଛ ପତ୍ର ଏବଂ ଗାଁ ଜୀବନର ବୈଚିତ୍ର୍ୟ ମୋତେ ଶିଳ୍ପୀ ହେବା ପାଇଁ ପ୍ରେରଣା ଦେଇଛି। ସ୍କୁଲରେ ଛବି

ଆଙ୍କେ-ଶିକ୍ଷକ ଏବଂ ସେକ୍ରେଟେରୀ ସହାନୁଭୂତି ଏବଂ ଉତ୍ସାହ ଦିଅନ୍ତି- ସେମାନଙ୍କର ଉତ୍ସାହ ମୋତେ ରୂପର ପୂଜାରୀ ହେବାପାଇଁ ସ୍ୱପ୍ନ ଦେଖାଇଥିଲା- ମୁଁ ସେମାନଙ୍କଠି ଋଣୀ।

ମୁଁ ଶିଳ୍ପୀ ହେବି, ସେହିଠୁ ମୁଁ ସ୍ୱପ୍ନ ଦେଖିଲି। କିନ୍ତୁ ଉପାୟ ନ ଥିଲା- ଏ ବିଦ୍ୟା ଶିଖିବା ପାଇଁ ମୋର ଅର୍ଥ ନ ଥିଲା- ଇଚ୍ଛା ପ୍ରବଳ। ଛବି ଦେଖିଲେ ଛବି ତିଆରି ପାଇଁ ମନ ହୁଏ। ପ୍ରକୃତି ଭିତରେ କେତେ ଛବି ନିତି ମୋତେ ଆହ୍ୱାନ କରେ- ମୁଁ ଦେଖେଁ- ସେ ଦେଖିବାରେ କିମିତି ମୋହ ଥାଏ- ଦେଖିବାକୁ ମୁଁ ଭଲ ପାଏଁ- ପ୍ରକାଶ କରେଁ ନିଜର ଇଚ୍ଛା ଅନୁସାରେ-ରଙ୍ଗ ତୂଳୀ ସାହାଯ୍ୟରେ- ଯାହା କରେ ସେଥିରୁ ଆନନ୍ଦ ପାଏଁ- ଶିକ୍ଷକ ଆଉ ସହପାଠୀମାନଙ୍କର ଉତ୍ସାହ ଆଉ ସାବାସୀ ମୋତେ ଆନନ୍ଦ ଦିଏ- ଉତ୍ସାହିତ କରେ। କେତେବେଳେ ମନେ ମନେ ଗର୍ବ ଅନୁଭବ କରେ। କିନ୍ତୁ ଏ ବିଦ୍ୟା ଶିଖିବି କିମିତି ? ଗୁରୁ ଦରକାର। ଶିଖିବା ପାଇଁ ଅର୍ଥ ଦରକାର; କିନ୍ତୁ ଅର୍ଥାଭାବ- ଉପାୟ ନ ଥିଲା ଅନ୍ୟ କିଛି- ମୁଁ ହେଲି ହାଇସ୍କୁଲରେ ଡ୍ରଇଂ ମାଷ୍ଟର।

ଜମାଲପୁର- ସେ ମଧ୍ୟ ସୁବର୍ଣ୍ଣରେଖାର ମୁକ୍ତ କୂଳରେ- ଏଠି ପୁଣି ସୂର୍ଯ୍ୟାସ୍ତଟା ଆହୁରି ଯେପରି ସୁନ୍ଦର। ସହକର୍ମୀ ଶିକ୍ଷକ ମିଳିଲେ କବି, ଚିତ୍ରକର ବନ୍ଧୁ ସବୁ- ବେଶ୍ ଜମିଗଲେ ବର୍ଷେ ଦୁଇବର୍ଷ। ଛବି ଆଙ୍କେ-ପିଲାଙ୍କୁ ଶିଖାଏ- ଡ୍ରଇଂ କ୍ଲାସର ସୃଷ୍ଟି ଏବଂ ତାହା ସଙ୍ଗେ ସଙ୍ଗେ ତା'ର ସାଜସଜ୍ଜା ପାଇଁ ଅନେକ ଛବି ତିଆରି କରିପକାଏଁ । କିନ୍ତୁ ମନରେ ଦ୍ୱିଧା ଯେ ଏ ବିଦ୍ୟା ଶିଖିବି କିମିତି- ଗୁରୁ ଦରକାର- ମୁଁ କଳାକାର ହେବି।

କଥା ଅଛି 'ଇଚ୍ଛା ଥିଲେ ଉପାୟ ମିଳେ'। ବୋଧହୁଏ କଥାଟା ସତ- ଗୁଣଗ୍ରାହୀ ପ୍ରଧାନ ଶିକ୍ଷକ ଶାନ୍ତ ପଣ୍ଡିତ ପୂର୍ଣ୍ଣାନନ୍ଦ ମିଶ୍ରଙ୍କର ଉତ୍ସାହ, ମୋର ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାର ଉପାୟ ବତାଇ ଦେଲା। ଓଡ଼ିଶା ସରକାରଙ୍କଠୁ ବୃତ୍ତି ପାଇ ଆସିଲି କଳାର ଆଉ ସଂସ୍କୃତିର ପୀଠ କ୍ଷେତ୍ର ଶାନ୍ତିନିକେତନକୁ କଳା ଶିକ୍ଷା କରିବା ପାଇଁ- ଗୁରୁ ପାଇଲି ସାଧକ ନନ୍ଦଲାଲଙ୍କୁ।

କଳା କ'ଣ ସାଧନାର ବସ୍ତୁ ସୃଷ୍ଟି କରିବ। ସୃଷ୍ଟି ସହିତ ବଂଧୁତା କର- ତା'ର ପ୍ରାଣର ମଧୁର ଛନ୍ଦରେ ନିଜକୁ ହଜାଇଦିଅ ! କଳାକାର ହେବ ? ସାଧକ ହୁଅ ! ଏହା ଥିଲା ଗୁରୁଙ୍କର ଇଂଗିତ। ବଡ଼ କଠୋର ଗୁରୁ ଏବଂ ତାହାଠୁଁ ଆହୁରି କଠୋର ହେଉଛି ତାଙ୍କର ଇଂଗିତ। ତଥାପି ଦୀର୍ଘ ଚାରିବର୍ଷ ସାଧନା କରିବାକୁ ହେବ ଏହି ଇଂଗିତର ଅର୍ଥ ବୁଝିବାକୁ। ତାହାହିଁ କଲି- ବୁଝିଲି ଗୁରୁ କଣ କହିଲେ। ତା ପରେ ମୋର ଆଜୀବନ ଛାତ୍ର ରହିବାର ପ୍ରବଳ ଇଚ୍ଛା ନେଇ ଦିନେ ବିଦାୟ ନେଲି ଆଶ୍ରମରୁ। ଦୀର୍ଘ ଚାରିବର୍ଷ ଭିତରେ କଳାକାର ହେବାର ରାସ୍ତାଟିକୁ ଚିହ୍ନିଲି ମାତ୍ର। ଶାନ୍ତିନିକେତନର ପାଣିପବନ, ତାର ମୁକ୍ତ ପ୍ରକୃତିର ମଧୁର ଆହ୍ୱାନ ସତେ କେଡ଼େ ଶାନ୍ତିମୟ। ସେଠାର କଳାସାଧନା- ଗୁରୁଙ୍କର ନିର୍ଦ୍ଦେଶ, ପଦ୍ଧତି-ସବୁ କିମିତି

ସୁନ୍ଦର, ଶିବର ସାନ୍ନିଧ ଆଡ଼କୁ ରାସ୍ତା ଦେଖାଇଦିଏ-। ସବୁଠୁ କଠିନ କାର୍ଯ୍ୟ ଥିଲା ଗୁରୁଙ୍କର ଇଂଗିତର ଅର୍ଥ ବୁଝିବା। ସୃଷ୍ଟି କରିବାର ପଦ୍ଧତି ଜାଣିଲି ଏବଂ ସୃଷ୍ଟିର ବୈଚିତ୍ର୍ୟ ଭିତରେ ନିଜକୁ ହଜାଇ ଦେବାର ଆଗ୍ରହ ଏବଂ ଶକ୍ତି ସଞ୍ଚୟ କଲି। ଗୁରୁଙ୍କର ପୂର୍ଣ୍ଣ ଆଶୀର୍ବାଦ ନେଇ ଆଶ୍ରମରୁ ବିଦାୟ ନେଲି।

ମୋତେ ସ୍ରଷ୍ଟା ହେବାକୁ ହେବ। ମୁଁ ସୃଷ୍ଟି କରେଁ ଏବଂ କରିବି ମଧ। କଳ୍ପନାକୁ ରୂପ ଦିଏଁ- ଆନନ୍ଦ ଭିତରେ ନିଜକୁ ଭୁଲାଇ ରଖେଁ- କିନ୍ତୁ ଏବେବି ସେ ଭୁଲିବାଟା ସାମୟିକ ମାତ୍ର। ଦୁନିଆର ଦୁଃଖ ଏ ଜୀବନ ଉପରେ ପ୍ରଭାବ ପକାଉଛି। ତେଣୁ କଳାକାର ହୋଇପାରିବି କି ନା ଏ ଜୀବନରେ ସନ୍ଦେହ। ମୋର ସୃଷ୍ଟି ଭିତରେ ମୁଁ ନିଜେ ଭୁଲିବା ପାଇଁ ଚେଷ୍ଟା କରେଁ- ଭୁଲେଁ ମଧ- ଶାନ୍ତି ଆଉ ଆନନ୍ଦ ପାଏଁ- ଲୋକେ ଦେଖି ମଧ ଆନନ୍ଦିତ ହେବେ ବୋଲି ଆଶା ରଖେଁ ଏବଂ ଲୋକେ ହୁଅନ୍ତି ମଧ। କିନ୍ତୁ ସୃଷ୍ଟିର ଆନନ୍ଦ ଅନୁଭୂତି ଜୀବନରେ ସାମୟିକ- ସେ ଦୁଃସାଧକୁ ଧରି ରଖିବାକୁ ହେଲେ ସାଧନା ଦରକାର- ସାଧକ ହେବା ଦରକାର; କିନ୍ତୁ ଏବେବି ପାରି ହୋଇନି।

ତଥାପି ଆଶା ରହିଛି- ଅସୀମ ଦୁଃଖ ଭିତରେ ଆକାଶର ନାଲିଆ ରଙ୍ଗ, କଅଁଳିଆ ଦୂବ ଘାସ, ଗଛ, ପତର, ବୁଢ଼ାର କୁଞ୍ଚିତ ମୁହଁ, ଯୁବତୀର ଭଂଗୀ, ହରିଣର ଚଞ୍ଚଳ ଗତି, ମୟୂରର ନାଚ ସବୁ ମୋତେ ସାନ୍ତ୍ୱନା ଦିଏ- ମୁଁ ଆଙ୍କେ, ଛବି ଆଙ୍କେ, ପଥର ହାଣେ, କାଠ ଖୋଳେଁ, ମାଟି ଘାଣ୍ଟେ- ସବୁରି ଭିତରେ ସୃଷ୍ଟିର ମୋହ ମୋର ରହିଛି- ସମସ୍ତେ ମୋତେ ଭୁଲାଇ ରଖନ୍ତି- ମୁଁ ନିଶାଖୋର ପାଲଟେ- ମୁଁ ଆନନ୍ଦ ପାଏଁ- ମୋତେ ଭଲ ଲାଗେ। ତଥାପି ମୁଁ ଶିଳ୍ପୀ ହୋଇପାରି ନାହିଁ। ଆଜି ଜୀବନର ୩୦ ବର୍ଷ ଭିତରେ ମୋର ଏ ଅନୁଭୂତି। ଦୁନିଆର ସବୁ ସୃଷ୍ଟି ଭିତରେ ମୁଁ ରୂପର ଇଂଗିତ ପାଏଁ- ସେ ଇଂଗିତରୁ କଳ୍ପନା କରେ ଏବଂ ତାକୁ ପ୍ରକାଶ କରିବାକୁ ଚେଷ୍ଟା କରେଁ- ଆନନ୍ଦ ପାଏଁ- କିନ୍ତୁ ଅରୂପ ସନ୍ଧାନ ତ ପାଇ ନାହିଁ। ସୃଷ୍ଟିର ମୋହରେ ଏକା ଆସନରେ ୧୨ ଘଣ୍ଟାଯାଏ ବସି ତୂଳି ଚଳାଇପାରେଁ- ସେତେବେଳେ ଖୁବ୍ ଆନନ୍ଦ, ଖୁବ୍ ନିଶା ଘାରେ- କ୍ଲାନ୍ତି ଥାଏନି, ସମୟର ଜ୍ଞାନ ନାହିଁ- କିନ୍ତୁ ତା ପରେ? ତା ପରେ ଦୁନିଆର ପାରିପାର୍ଶ୍ୱିକ ଆଘାତ ପୁଣି କାହିଁକି ବିବ୍ରତ କରେ, ପୁଣି କାହିଁକି ମନ ଉପରେ ତା'ର ଅଶାନ୍ତିର ପ୍ରଭାବ ପକାଏ? ମୋର ସେ ଶାନ୍ତି ଆଉ ଆନନ୍ଦକୁ ଗୋଳମାଳ କରେ-ତେଣୁ ମୋର ପଥଚଲା ଆରମ୍ଭ ମାତ୍ର- ଏ ରାସ୍ତା ବଡ଼ ଲମ୍ବା- ଏହିପରି ଲୁଚକାଳି ଖେଳ ଭିତରେ ବେଶି ହେଲେ ଜୀବନର ଆଉ ତିରିଶଟା ବର୍ଷ ବିତିଯିବ କିନ୍ତୁ ରାସ୍ତାର ଶେଷ ହେବ ନାହିଁ। ଏହି ରୂପର ଇଂଗିତ ମଧରେ କ୍ଷଣିକ ଆନନ୍ଦ ଆଉ ଦୁଃଖର ଆଧିକ୍ୟ ନେଇ ଶେଷ ନିଶ୍ୱାସ ନେବାକୁ ହେବ ସିନା। ତେବେ ଏତିକି ଆଶା ଅଛି- ଶେଷ ପର୍ଯ୍ୟନ୍ତ ସନ୍ଧାନୀ ରହିବି। ପଥିକ ସାଜିଛି-ସାଜିବି। ପାଥେୟ ଖାଲି ତୂଳୀ ଆଉ

ନିହାଣ- ସୃଷ୍ଟିର ନିଶା, ରୂପର ମୋହ, ତା'ର ସୁମଧୁର ଇଂଗିତ ଆଉ ସବୁଠୁ ବେଶି କ୍ଳାନ୍ତିହରଣକାରୀ ଶାନ୍ତି ଆଉ ଆନନ୍ଦ।

ବାଡ଼ିପଟର କନିଅର ଫୁଲରେ ଠାକୁର ସଜା ପାଖରୁ ଆଜିର 'ସୁନ୍ଦର'ର ସାଧନା ପଥରେ ପଥିକ ସାଜିବା ପର୍ଯନ୍ତ କଥାଗୁଡ଼ିକ ମନେ ପଡୁଛି । ଏହି ଦୀର୍ଘ ତିରିଶ ବର୍ଷ ଭିତରେ ରୂପ ତାର ପ୍ରଭାବ ପକାଇଛି ମୋର ଜୀବନଟା ଉପରେ- ପ୍ରଭାବ ପକାଇ ନ ଥିଲେ ଆଉ ଇମିତି ଲୁଚକାଳି ଖେଳ ଭିତରେ ଭୁଲାଇ ରଖି ନ ଥିଲେ ଅଭାବ ରାକ୍ଷସୀ ମୋତେ ହଇରାଣ କରି ପକାନ୍ତାଣି। ରୂପର ଖେଳ ବାସ୍ତବିକ୍ ମୋହନୀୟ-କୁହୁକ ଜାଣେ ସେ- ଭୁଲାଇ ଦିଏ- ଭୁଲାଇ ଭୁଲାଇ ଇମିତି ରାସ୍ତାରେ ମୋତେ ପହଞ୍ଚାଇଛି ଯେଉଁଠୁ ଆଉ ମୁଁ ଫେରିପାରିବି ନାହିଁ- ସେହି ରାସ୍ତାଚଲା ଭିତରେ ପ୍ରବଳ ଆଶା ରହିଛି- ସେ ଆଶା କିମିତି ଜାଣନ୍ତି ? ମରୁଭୂମିରେ ପଥିକ ଆଗରେ ମରୀଚିକାର ଖେଳ ଭଳି- ସିମିତି ଆଶା ଦେଇ ଦେଇ 'ରୂପ' ବୋଧହୁଏ ସବୁ 'ଶିଳ୍ପୀ'କୁ ପରୀକ୍ଷା କରେ। ରୂପର ପରୀକ୍ଷା ବଡ଼ କଠିନ, କଠୋର । ତେଣୁ ରାସ୍ତା ନ ଧରୁଣୁ ଧୈର୍ଯ୍ୟଚ୍ୟୁତି ଘଟେ-ପଳାଇ ଆସିବାକୁ ହୁଏ-ଦୁନିଆର ଶାନ୍ତି ବିଭବର ଅନୁସନ୍ଧାନକୁ ଅନେକ ଶିଳ୍ପୀଙ୍କୁ - କଳାକାରଙ୍କୁ। ସାଧନାର ଚାରାଗଛ ମଉଳି ପଡ଼େ- ସାଧକ ହୁଏ ଭ୍ରଷ୍ଟ ଏବଂ ବ୍ୟଭିଚାରୀ। ଲୋକର ଚାହିଦା ଅନୁସାରେ ତାକୁ ରୂପ ସୃଷ୍ଟି କରିବାକୁ ହୁଏ। ସେଠାରେ ରୂପ ସୁନ୍ଦରୀ ନିଜର ମୋହନୀୟ ଇଂଗିତରେ ଶିଳ୍ପୀଙ୍କୁ ଆହ୍ୱାନ କରେନି ବରଂ ଶିଳ୍ପୀ ତାଙ୍କୁ ଜବରଦସ୍ତି ଧରିଆଣି ତାକୁ ଆଘାତ ଦିଏ- କଷାଘାତ କରେ ଆଉ କଦର୍ଥ ପ୍ରଲେପ ବୋଳେ ତା' ଉପରେ।

ସେଥିପାଇଁ ଗୁରୁ କହିଥିଲେ ରୂପ ସାଧନା ହେଉଛି ସାଧନାର ବସ୍ତୁ- ମୋ ପରି କେତେ କଳାକାରଙ୍କୁ ଏହି ରୂପର ଇଂଗିତ ପାଗଳ କରିଦେଉଛି- ଆଉ ସେହି ପାଗଳାମି ହିଁ କଳାକାରଙ୍କୁ ଅରୂପର ସନ୍ଧାନ ଦିଏ, ପରମସୁନ୍ଦରର ସାନ୍ନିଧ କରାଏ ବୋଲି ମୋର ବିଶ୍ୱାସ। କିନ୍ତୁ ସେହି ପାଗଳପଣିଆ କେତେଜଣ ଶିଳ୍ପୀଙ୍କର ରହିଛି ? ସେହି ପାଗଳାମିର ଅମର ଦାନର ଦାତା କେତେଜଣ ହୋଇଛନ୍ତି ? ଅଭାବ ଅନଟନର ଚାବୁକ ବସିଲେ ଶିଳ୍ପୀର ପାଗଳାମି ଚାଲିଯାଏ, ରୂପ ତାଠୁଁ ବିଦାୟ ନିଏ, ଅରୂପତ ଅନେକ ଦୂରରେ-ସେହି ମାଟିର ମଣିଷ ହେବାକୁ ହୁଏ।

ଭାରତର ପ୍ରାନ୍ତରେ ପ୍ରାନ୍ତରେ ମନ୍ଦିର ଗାତ୍ରରେ ଅଗଣିତ ରୂପସୃଷ୍ଟି ମୋତେ ପ୍ରେରଣା ଦିଏ- ଭାରତ ଭୂଇଁର ପାହାଡ଼, ନଦ, ନଦୀ, ଆହ୍ୱାନ ପାଇଁ ଏଣେତେଣେ ମୁଁ ବୁଲେଁ- ଉତ୍ସାହିତ ହୁଏଁ- ଯଥେଷ୍ଟ ଶକ୍ତି ସଞ୍ଚୟ କରେ। ଏ ରାସ୍ତାରେ ଚାଲିବାକୁ ଏବଂ ରାସ୍ତା ଚାଲି ଆରମ୍ଭ କରୁଛି ମାତ୍ର।

ତେଣୁ ଆଜି ମୋ ଜୀବନ ଉପରେ ରୂପର ପ୍ରଭାବର ପୂରା ହିସାବ ଦେଇପାରିଲି ନାହିଁ। ବାଲ୍ୟରୁ ରୂପ ମୋତେ ପାଗଳ କରିଛି। ସେହି ପାଗଳାମି ମୋତେ କଳ୍ପନା ଜଗତରେ ପହଞ୍ଚାଏ- ମୁଁ ସୃଷ୍ଟି କରି ପକାଏଁ- ଏହି ପାଗଳାମି, ଏହି ନିଶା ଯଦି ଜୀବନର ଶେଷ ପର୍ଯ୍ୟନ୍ତ ରୁହେ ତାହାହେଲେ ତାହାର ହିସାବ ତୁମେ ନ ହେଲେ ତୁମର ଉତ୍ତରାଧିକାରୀ ରଖିବ ବୋଲି ଆଶା କରେଁ।

ଆଜି ମୋର ରାସ୍ତାଚଲାର ଆରମ୍ଭ- ମଝି ରାସ୍ତାରେ ଯଦି ଥକି ନ ପଡ଼େ- ଅସୀମ ପଥର ଶେଷରେ ପହଞ୍ଚିବାକୁ ଯେ କେତେ ଜୀବନ ବିତିଯିବ ତାହାର ହିସାବ ଆଜି କେମିତି କହିବି ? ଯଦି କେବେ ପହଞ୍ଚିପାରେ ତେବେ ତାହାର ସନ୍ଧାନୀ ସାଜିବତ ତୁମେ ଡଗର।

ମୋର ଆଶା ସାଜିବ- ତୁମେ ଅସୀମ ସନ୍ଧାନୀ ପରା !



ମୁରଲୀଧର ଟାଲି

ମୋର ବାପା ଥିଲେ ବେଶ୍ ପକ୍କା ଧରଣର କାରିଗର। ମୃଣ୍ମୟ-ମୂର୍ତ୍ତି, ଦେବ-ଦେବୀ ଗଢ଼ିବା ଥିଲା ତାଙ୍କର ନିଶା। ପ୍ରତିମା ସଜାସଜି କରିବାର ଅଳଙ୍କାର, କାଗଜ, ସୋଲ ଇତ୍ୟାଦିରେ ନାନା ପ୍ରକାର ଫୁଲ ପତ୍ର ମଧ୍ୟ ସେ ସୁନ୍ଦର ରୂପେ କରିପାରୁଥିଲେ। ଖୁବ୍ ସୁନ୍ଦର ବାପାଙ୍କର ଏହି ସମସ୍ତ କାର୍ଯ୍ୟ।

ରୂପସୃଷ୍ଟିର ସ୍ପୃହା ମୋର ଜାଗ୍ରତ ହୁଏ ଏହିପରି ପାରିପାର୍ଶ୍ୱିକ ଅବସ୍ଥାରେ ଅତି ପିଲା କାଳରୁ ବାପାଙ୍କର ଉତ୍ତରାଧିକାରୀ ସୂତ୍ରେ। ହୁଏତ ପିଲାବେଳେ ମୁଁ ଲୁଚି ଛପି ଚିତ୍ର କରୁଥିଲି - ଭୟରେ - କାଳେ ବାପା ମାରିବେ। ଚିତ୍ରଟା ତ ପାଠ ନୁହେଁ!

ସ୍କୁଲ ଜୀବନରେ ଅଙ୍କନ ଓ ଚିତ୍ର କାର୍ଯ୍ୟ ଲୁକ୍‌କାୟିତ ଭାବରେ କରୁଥିଲି ଯେତେବେଳେ ସେତେବେଳେ ମୁଁ ଖାଲି ନକଲ କରୁଥାଏ। ମୁଁ ଯେଉଁ ସ୍ଥାନରେ ସୁନ୍ଦର ଚିତ୍ର ଦେଖେ ସେ ସବୁକୁ ଚାହିଁ ଚାହିଁ ଆଙ୍କିଯାଏ ମନକୁ ମନ।

ସ୍କୁଲର ଡ୍ରଇଂ ମାଷ୍ଟ୍ରେ ମୋର କାର୍ଯ୍ୟ ଦେଖି ମୋତେ ପ୍ରଶଂସା କରିବାରୁ ମୁଁ ଉତ୍ସାହିତ ହେଲି ଓ ଅବିକଳ ନକଲ କରିବାରେ ପ୍ରଭୂତ ଆନନ୍ଦ ଉପଲବ୍ଧି କରୁଥିଲି।

କ୍ରମେ ଛବି ଅଙ୍କା ଚାଲିଲା। ମୋ ଚିତ୍ରସବୁ କ୍ରମେ ହେଡ଼ମାଷ୍ଟର ଓ ଡେପୁଟି କମିଶନରଙ୍କ ଆଖିରେ ପଡ଼ିଲା। ଯେଉଁ ପ୍ରଦର୍ଶନୀକୁ ମୋର ଏହି ଚିତ୍ର ଗଲା, ମୁଁ ପୁରସ୍କାର ପାଇଲି। ସେତେବେଳେ ବାବା ମୋତେ ଛବି ଅଙ୍କା ଶିଖାଉଥିଲେ। ପଢ଼ାପଢ଼ି ଇତି ହୋଇଗଲା। ଚାଲିଲି କଲିକତା କଳା ବିଦ୍ୟାଳୟକୁ। ସେଇଠି ମୋର ଓ ରୂପ ମଧ୍ୟରେ ପୂର୍ବ ରାଗର ସଞ୍ଚାର। ସେଠି ମୁଁ ରୂପକୁ ପାଇଲି ପ୍ରକୃତିର ନାନା ମୁକ୍ତ ଆତ୍ମପ୍ରକାଶ ଭିତରେ। ସେ ଅଭିବ୍ୟକ୍ତିକୁ ନିଜର କରି ରଖିବାରେ ବଡ଼ ଆନନ୍ଦ ପାଏ ମୁଁ।

ଆକାଶର ନୀଳିମା, ଆଲୋକର ବିନ୍ୟାସ, ରୂପର ମୋହ ମୋତେ ଏଭଳି ଭାବରେ ପ୍ରଭାବିତ କଲା ଯେ – ମୁଁ ଯାହା ଦେଖିଲି ତା ଅଙ୍କନ କରିବାକୁ ଓ ମନର ଅପୂର୍ବ ସୁଷମା

ଦେଇ ତାକୁ ଅନୁକରଣ ନ କରି ଅନୁରଞ୍ଜିତ କରିବାରେ ଲାଗିବା ଫଳରେ ପ୍ରକୃତିର ବିରାଟତ୍ୱ ଓ ଆଲୋକର ବୈଚିତ୍ର୍ୟ, ଛାୟାର ମୁଗ୍ଧ ସମାବେଶ ମୋତେ ଗୋଟାଏ କିଛି ନୂତନର ସନ୍ଧାନ ପାଇଁ ବ୍ୟାକୁଳିତ କଲା।

ସେ ନୂତନତ୍ୱ କ'ଣ? ସେ କ'ଣ ପ୍ରକୃତିର ବାସ୍ତବ ରୂପ ନା ରୂପର ଅନୁରଞ୍ଜନ? ଏହି ପ୍ରଶ୍ନବାଚକ ହିଁ ମୋର ରୂପାର୍ଚ୍ଚନ। ମୋର ମନେହୁଏ ମନ ଭିତରର ଏଇ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଁ ଆଙ୍କେ ବୋଲି ମୁଁ ଅଭିନିବେଶ କରିପାରେ ଅଙ୍କନରେ। ଏହି ଆନ୍ତରିକ ଅଭିନିବେଶହିଁ ହୁଏତ ମୋତେ ଛାତ୍ର ହିସାବରେ ଯଶସ୍ୱୀ କରିଛି। ଏଇ ସମୟରେ ମୋର 'ମା'ଙ୍କର ତୈଳଚିତ୍ରଟି ସ୍ୱର୍ଣ୍ଣପଦକ ପାଇପାରିଥିଲା। ମୁଁ ସବୁବେଳେ ଶ୍ରେଣୀରେ ପ୍ରଥମ ହେଉଥିଲି ମଧ୍ୟ।

ତୈଳବର୍ଣ୍ଣ ଓ ତରଳବର୍ଣ୍ଣ ଉଭୟ ମୋର ମାଧ୍ୟମ ଭାବରେ ମୁଁ ବ୍ୟବହାର କରୁଛି ଏବଂ ଗୋଟିଏ ଦିଗରେ ସନ୍ତୁଷ୍ଟ ନ ରହି ମୁଁ ବିଜ୍ଞାପନ ଚିତ୍ର ଚିତ୍ରଣ ମଧ୍ୟରେ ମଧ୍ୟ ଆତ୍ମପ୍ରକାଶ କରୁଛି। ଆର୍ଟ ଇଣ୍ଡଷ୍ଟ୍ରି ପ୍ରଦର୍ଶନୀରେ ଏହି ବିଜ୍ଞାପନ କଳା ପାଇଁ ମୁଁ ପୁରସ୍କାର ପାଇଥିଲି ମଧ୍ୟ। ମାତ୍ର ଏଥିରେ ମୋର ବିଶେଷ ରୁଚି ନ ଥିଲା। ଅନେକ ସମୟରେ ମୋତେ ଦୀର୍ଘକାଳ ଧରି ରୂପାଙ୍କନ କରିବା ନିମନ୍ତେ ତୈଳଚିତ୍ରକୁ ଏକମାତ୍ର ମାଧ୍ୟମ ନ କରି ମୁଁ କ୍ଷୁଦ୍ର ଗଳ୍ପଭଳି ନାନା ସ୍ଥାନରେ ପେନ୍‌ସିଲ ସାହାଯ୍ୟରେ ସ୍କେଚ୍ କରିଛି। ସେଥିରୁ ମଧ୍ୟ ମୁଁ କମ୍ ଆନନ୍ଦ ପାଇ ନାହିଁ। ତଥାପି ରୂପର ଶୋଷ ମେଣ୍ଟାଇବା ପାଇଁ ଯେତେ ଚେଷ୍ଟା କରୁଛି ତାହା ମେଣ୍ଟୁ ନାହିଁ ଓ ମେଣ୍ଟାଇବାର ମୋର ଭରସା ନାହିଁ। ପ୍ରକୃତି ବା ପ୍ରକୃତିର ଦୃଶ୍ୟକୁ ଛାଡ଼ି କ୍ରମେ ମୁଁ ମନୁଷ୍ୟ ମଧ୍ୟରେ ଥିବା ବୈଚିତ୍ର୍ୟ ଓ ବିଶେଷତ୍ୱ ଦେଖିବା ପାଇଁ ବଡ଼ ବ୍ୟାକୁଳ ହୋଇଉଠିଲି। ସେଥିପାଇଁ Portrait Painting ବା ଆଲେଖ୍ୟ ଚିତ୍ରଣକୁ ମୁଁ ଭାରି ଭଲ ପାଇଲି। ତଥାପି ନିଜ କାର୍ଯ୍ୟରେ ମୁଁ ସନ୍ତୋଷ ପାଇପାରେ ନାହିଁ। କଣ ରହିଯାଏ। ଅନ୍ୟ ମୁହଁରୁ ପ୍ରଶଂସା ଶୁଣିଲେ ମୋର ଟିକିଏ ଆତ୍ମପ୍ରତ୍ୟୟ ହୁଏ, ମୁଁ ସୁଖ ପାଏ ସତ ମାତ୍ର ତୃପ୍ତି ହୁଏ ନାହିଁ।

ରୂପ ମଧ୍ୟରେ ସେ ଅରୂପର ସନ୍ଧାନ - ଯାହା ଚିରନ୍ତନ ସତ୍ୟ - ତାକୁ ଧରିବା ପାଇଁ ମୋର ବ୍ୟଗ୍ରତାର ଅନ୍ତ ନାହିଁ। ମୁଁ ସେ ରୂପକୁ ଏପରି ସ୍ୱାର୍ଥପର ଭାବରେ ଆପଣାର କରିବାକୁ ଚାହୁଁଛି ଯେ ପୃଥିବୀର ଶ୍ରେଷ୍ଠ କଳାକାରମାନଙ୍କର ନିର୍ଦ୍ଦିଷ୍ଟ ପଦ୍ଧତିରେ କୌଣସି ରୂପକୁ ବାନ୍ଧିବାକୁ ମୋତେ ଭଲ ଲାଗେ ନାହିଁ। ମନେହୁଏ - ମୋର ଧନକୁ ମୁଁ ପର ହାତରେ ଯେ ଦେଇ ଦେଲି!

ତେଣୁ ମୋର ମନୋଗତ ଭାବର ଅଭିବ୍ୟକ୍ତି ପାଇଁ ମୋର ନିଜର ପଦ୍ଧତି ଯାହା ମୋତେ ଆନନ୍ଦ ଦିଏ, ତାହା ମୁଁ ଅନୁସରଣ କରିଆସିଛି। ଯେଉଁଠି ଅର୍ଥର ଆକର୍ଷଣ ନାହିଁ - ସମ୍ମାନର

ଲାଳସା ନାହିଁ, ସେଠି ସେ ରୂପ ମୋତେ ଅତି ନିକଟରେ ଧରା ଦେଇଛି; କିନ୍ତୁ ଯେଉଁଠି ଅର୍ଥ ସମ୍ମାନ ଲୋଭରେ ମୁଁ ଯେତେ ଯତ୍ନରେ ଆଙ୍କିଛି, ଗୋଟି ଗୋଟି ସମସ୍ତେ ମୋତେ ପ୍ରତାରଣା କରିଛନ୍ତି।

ଆଜି ମୁଁ ସମୁଦ୍ର ତୀରରେ ଉପଳଖଣ୍ଡ ମାତ୍ର ସଂଗ୍ରହ କରି ଭାବୁଛି - କିଛି ତ କରି ନାହିଁ ଜୀବନରେ । ଦୀର୍ଘ ୧୪ ବର୍ଷର ଅଭିଜ୍ଞତା ଯେ କଳା ଜୀବନର କେବଳ 'ଅୟମାରମ୍ଭ' - ଏକଥା ମୁଁ ମର୍ମେ ମର୍ମେ ଅନୁଭବ କରୁଛି।

ଆଜି ମୁଁ ଯାହା ଆଙ୍କିବାକୁ ଯାଉଛି ମୋର ମନେ ହେଉଛି - ଏଥିରେ 'ମୁଁ' କେଉଁଠି ? ଏ ତ ସମସ୍ତଙ୍କର ଧନ - ଯେ ଚାହିବ ସେ ନିଜର କରିନେବ - ମୋର ତୂଳି ତଳେ ସହଜରେ ବାନ୍ଧି ହେଲା ପରେ ଏ କଳା କେଡ଼େ ସହଜ ସତେ ! ତଥାପି -

ଦୃଶ୍ୟ ପୂର୍ବ ରୋଇ ଅଦୃଷ୍ଟ ପ୍ରତୀତି
ସୁନ୍ଦର ପଣର ଚିରନ୍ତନ ରୀତି -

ତଥାପି - ସୁନ୍ଦରର ମୋହ ମୋର ଅକ୍ଷୁର୍ଣ୍ଣ - ରୂପର ଲିପ୍‌ସା ମୋର ଅଦମ୍ୟ। ମୁଁ ରୂପର ଉପାସନା ହିଁ କରେ । ଶିଳ୍ପୀ ରୂପର ଉପାସକ। ରୂପରୁ ଅପରୂପ ସୃଷ୍ଟି କରିବାରେ ହିଁ ତାର ଚରମ ଆନନ୍ଦ। ଶିଳ୍ପୀ ଚାହେଁ ତାର ସ୍ୱସୃଷ୍ଟ ରୂପରେ ପ୍ରାଣ ଢାଳି ଦେବାକୁ। ରୂପ ପ୍ରକୃତରେ ରୂପ ନୁହେଁ - ସେ ଜୀବନ - ଶିଳ୍ପୀର କରୁଣ ନିଦାରୁଣ ଅନୁଭୂତିର ନିଦର୍ଶନ ମାତ୍ର।



ଗୋପାଳ କାନୁନ୍‌ଗୋ

**ମୋ** ଜୀବନ ଉପରେ ରୂପର ପ୍ରଭାବ ନେଇ ଲେଖିବି କ'ଣ ? ଖାଲିତ ରୂପର ପ୍ରଭାବ ନୁହେଁ ରୂପ-ବର୍ଣ୍ଣ-ଛନ୍ଦ ସମସ୍ତଙ୍କର ପ୍ରଭାବ ବି ମୋ ଜୀବନରେ ପଡ଼ିଛି। କାରଣ ଖାଲି 'ରୂପ' ବୋଇଲେ କୌଣସି ମୂର୍ତ୍ତିର ଆକୃତି ବା ଗଠନ ବୁଝାଏ। ଆକୃତି ସହିତ ବର୍ଣ୍ଣ, ଛନ୍ଦ, ଭାବ ସମସ୍ତେ ଏକ ସ୍ୱର ସମନ୍ୱୟ ସୃଷ୍ଟି କରି ମନକୁ ପ୍ରଭାବିତ କରନ୍ତି। ଏସବୁ ଏକାଠି ମିଶି ଦୃଷ୍ଟି ମଧ୍ୟରେ ପ୍ରବେଶ କରି ଅନ୍ତରରେ ପ୍ରତିଫଳିତ ହୁଅନ୍ତି- କଳାକାର ମନ ଦର୍ପଣର ରୂପକୁ ପୁଣି ଥରେ ପ୍ରକାଶ କରେ- ଜୀବନର ସକଳ ଅନୁଭୂତିର ମୁଦ୍ରା ତାରି ଭିତରେ ଫୁଟି ପଡ଼େ। ଆଭ୍ୟନ୍ତରୀଣ ରୂପର ବହିଃପ୍ରକାଶ ହୁଏ କଳା। ଶିଳ୍ପୀ ମନର ସୂଚୀପତ୍ର ଏହି କଳାକୁ ସମସ୍ତେ ମନ ପୂରେଇ ଦେଖନ୍ତି- କେତେ କଣ କହନ୍ତି।

ସନ୍ଧ୍ୟାର ଅଲକ୍ତ ରଞ୍ଜିତ ଆକାଶ ତଳେ ପଳାସ ଫୁଲ ଫୁଟେ-ସେଇ ଫୁଲରୁ କେଣ୍ଡାଏ ଖୋଷି, କାଖରେ କଳସୀ ଧରି 'ପଲ୍ଲୀବଧୂ' ନଈ ଘାଟକୁ ଯାଏ- ତାର ରୂପ ଛଟା- ତାର ଅଳସ ଗତି- ତାର ପ୍ରୀତିସ୍ନିଗ୍ଧ ଲୋଚନଶ୍ରୀ ସେ ଗାଁର ଲୋକେ ଶହେ ଷାଠିଏ ଥର ଦେଖନ୍ତି- ମାତ୍ର ସେ ରୂପ ପ୍ରକୃତରେ ଦେଖେ ଶିଳ୍ପୀ। ନିର୍ଭୁଲ ତୂଳି ମୁନରେ ଗ୍ରାମ୍ୟ ଜୀବନର ଏହି ସୁକୁମାର ରୂପଟି ଲେଖିଦେଇ ଯାଏ ପଟଭୂମିରେ। ଦର୍ଶକ ଦେଖି ମୁଗ୍ଧ ହୁଏ। କାହିଁ ସାଧାରଣ ଲୋକେତ ଦେଖନ୍ତି, ଲେଖିତ ପାରନ୍ତି ନାହିଁ ? ଏଇଠି ସାଧାରଣଠାରୁ ଶିଳ୍ପୀର ତଫାତ୍। ଶିଳ୍ପୀର ମନ ଦର୍ପଣ, ଦୃଷ୍ଟି ଶକ୍ତି ବଡ଼ ପ୍ରଖର-ବଡ଼ ଉଜ୍ଜ୍ୱଳ। ସେଥିରେ ଯେଉଁ ରୂପ ପଡ଼େ- ସେ ବନ୍ଦୀ ହୁଏ ଚିରଦିନ ପାଇଁ। ମୋ ମନରେ ସେଇ ସୌନ୍ଦର୍ଯ୍ୟ ମୋତେ ପଲ୍ଲୀର ବହୁ ଚିତ୍ର ଅଙ୍କନ କରିବାରେ ସହାୟତା କରିଛି।

ପଲ୍ଲୀ-ବଧୂ ଚିତ୍ର ମୁଁ ଗୋଟିଏ ଥର ନୁହେଁ- ବହୁବାର ଅଙ୍କନ କରିଯାଇଛି। କାରଣ ସେହି ସରଳ ପଲ୍ଲୀ ଜୀବନର ଏହି ପ୍ରତୀକ ମୋର ହୃଦୟତନ୍ତ୍ରୀରେ ବାରମ୍ବାର ଆଘାତ କରିଛି। ରୂପର ସମ୍ମୋହନ ମାଧୁରୀ ଅନ୍ତରରେ ଗୋଟାଏ ସ୍ଥାନ ମାଡ଼ିବସିଛି। କବି ଧାଡ଼ି ଧାଡ଼ି କବିତା

ଲେଖି ଯାହା ଆଖି ଆଗରେ ଦେଖାଇପାରେନା– ଶିଳ୍ପୀ ତାକୁ ବାସ୍ତବର ଗଣ୍ଡି ମଧ୍ୟରେ କଳ୍ପନାର କୁହୁକ ଦେଇ ଅଙ୍କନ କରେ– ଯାହା ହୁଏ ଅମର। ମୋନାଲିସାର ଚିତ୍ର ଲିଓନାର୍ଡୋଙ୍କର ଶ୍ରେଷ୍ଠ କଳ୍ପନା। ଏବେ ମଧ୍ୟ ତାହା ଜଗତର ନାରୀଚିତ୍ର ମଧ୍ୟରେ ଶ୍ରେଷ୍ଠ ହୋଇ ରହିଯାଇଛି ।

ରୂପର ପ୍ରଭାବ ଯେ ମୋ ଜୀବନରେ କେତେ ବେଶି ଓ କେତେ ବିଚିତ୍ର ତାହା ମୋ ହାତର ସମସ୍ତ ଚିତ୍ର ଦେଖିଲେ ସହଜରେ ଜଣାପଡ଼ିବ। ପଲ୍ଲୀଜୀବନର କେବଳ ନାରୀ ରୂପ ଯେ ମୋ ମନକୁ ପ୍ରଭାବିତ କରିଛି ତାହା ନୁହେଁ। ମୁଁ ଯେଉଁ ପଲ୍ଲୀରେ ଜନ୍ମଲାଭ କରିଥିଲି ତାହାର ନଈ, ବିଲ, ବଣ, ନଈକୂଳର ତାଳଗଛ ଧାଡ଼ି, 'ଚଷାପୁଅ', 'ଗଉଡ଼', 'ଭାଗବତଟୁଂଗି' ସମସ୍ତେ ମୋ ମନର ଅତଳ ଗହୀରରେ ରେଖାପାତ କରିଛନ୍ତି। ରୂପ ଓ ଗଠନର ସୁଷମାମୟ ଛାୟା, ବର୍ଣ୍ଣର ସମାରୋହ, ଆଲୋକ ଓ ଛାୟାର କ୍ରୀଡ଼ା, କୌତୁକ, ଗ୍ରାମ୍ୟ ଗୃହଶ୍ରେଣୀ ଉପରେ ତାହାର ଫଳନ, ଆମ ଗାଁର ଭଙ୍ଗା କାନ୍ଥ–ନଡ଼ିଆ ଗଛର ଛାଇ ପିଲାଦିନେ ମୋ ମନରେ ଯେଉଁ ଅନିର୍ବଚନୀୟ ସୌନ୍ଦର୍ଯ୍ୟ ସୃଷ୍ଟି କରିଥିଲା ସେଗୁଡ଼ିକ ଶିଳ୍ପୀ ହେବା ପରେ ଚିତ୍ରରେ ରୂପାୟିତ ହୋଇଯାଇଛି ଓ ସେହିସବୁ ଚିତ୍ରରେ ବାର୍ଷିକ କଳା ପ୍ରଦର୍ଶନରେ ମୁଁ ପୁରସ୍କୃତ ହୋଇଛି।

ଆମ ଗାଁରେ ମୁଁ ଜନ୍ମିବାବେଳେ ଶଙ୍ଖ, ମହୁରି ବାଜି ନ ଥିଲା। ମୋ ଉପରେ ବଡ଼ ଭାଇମାନେ ମରିଯିବା ପରେ ମୁଁ ଜନ୍ମଲାଭ କରିଥିଲି ବୋଲି ମୋ ପ୍ରତି ବଡ଼ ଆଶା କାହାରି ନ ଥିଲା । ବାପା ମା'ଙ୍କର ଏକମାତ୍ର ଓ ମନୋଯୋଗୀ ପାଠୁଆ ପିଲା ଥିବାରୁ ମୁଁ ଏତେ ସ୍ନେହ ଏତେ ମମତା ଓ ଆଦର ପାଇଛି ଯେ, ସେଗୁଡ଼ିକ ମୋ ମନକୁ ବଡ଼ ନରମ କରି ଦେଇଛି । ଗାଁ ଗୋଟାକରେ ମୁଁ ପାଠ ପଢ଼ିବାକୁ ଆଗ୍ରହ ଦେଖାଇଥିବାରୁ ମୋତେ ସମସ୍ତେ ଭଲ ପାଆନ୍ତି ଏବଂ ଏବେ ମଧ୍ୟ ସେ ଭଲ ପାଇବାରୁ ମୁଁ ବଞ୍ଚିତ ହୋଇ ନାହିଁ।

ଆମ ପଣଗୋସେଇଁବାପା ଥିଲେ 'ଶିଳ୍ପୀ' ଅର୍ଥାତ୍ ସ୍ଥାପତ୍ୟ ଓ ଗୃହ ନିର୍ମାଣ ଓ କାଷ୍ଠ ଖୋଦନରେ ସେ ଥିଲେ ଧୁରନ୍ଧର। ସେ କୌଣସି ଘର ଗଠନ ଓ ରୂପ ଦେଖି ସେ ଗୃହର ପରମାୟୁ ନିର୍ଦ୍ଧାରଣ କରି ପାରୁଥିଲେ ଏବଂ ନିଜେ ମାଟି ଚାଖି ଗୃହର ନିଅଁ ଦଉଥିଲେ ଓ ଘରଟି କୋଉ ବନ୍ଧରେ ହେଲେ ତାହା ବହୁକାଳ ସ୍ଥାୟୀ ହେବ ଏକଥା ଭଲରୂପେ ଜାଣିପାରୁଥିଲେ। ନିଜେ 'ଓରା'– 'ଗୁଜ' ପାଣିଆ ପଟାରେ ଲିହଣ, ମୁଗୁର ଧରି ଶୁଆ, ପଦ୍ମ, ଗଜ ଓ ମଗର ମୁଣ୍ଡ ଖୋଳିପାରୁଥିଲେ ଏବଂ ଏବେ ମଧ୍ୟ ଆମ ଘର ଭିତରେ କବାଟ ଓ ଶାକର ପଟାରେ ତାହାର ନମୁନା ଅକ୍ଷୁଣ୍ଣ ରହିଛି। ସେଇ ପରମ୍ପରା ଯୋଗୁଁ କି ଆଉ କୋଉ କାରଣରୁ ଶିଳ୍ପୀ ହେବାର ଗଭୀର ବାସନା ରୋକି– ମୁଁ ସବୁ କାର୍ଯ୍ୟ ଛାଡ଼ିଥିଲି ମୁଁ କହିପାରିବି

ନାହିଁ। ତେବେ ପିଲାଦିନେ ଭଲ ଛବି ଦେଖିବା ଓ ସୁନ୍ଦର ପଦାର୍ଥକୁ ଆପଣା ଅଧିକାରରେ ରଖିବା ପାଇଁ ମୋର ମନର ଉଦ୍‌ବେଗ ଥିଲା। ଏବେ ମଧ ମୁଁ ପ୍ରାଚୀନ ଚିତ୍ର, ଭାସ୍କର୍ଯ୍ୟ, ଆଧୁନିକ ମୂଳଚିତ୍ର ଦେଖିଲେ ରଖିବାକୁ ଓ ପାଇବାକୁ ଲାଳାୟିତ ହୁଏ। କୌଣସି ସୁନ୍ଦର ପଦାର୍ଥ ଦେଖିଲେ ତାହାର ନିୟନ୍ତ୍ରିତ ରୂପ ବିଭବ ମୋତେ ବ୍ୟାକୁଳ କରେ ଓ ସେଇ କାରଣରୁ ମୁଁ ବହୁତ ଚିତ୍ର ଓ ଭାସ୍କର୍ଯ୍ୟର ନମୁନା ସଂଗ୍ରହ କରିପାରିଛି- ଯାହାକୁ ଏକାଠି କରି ଗୋଟିଏ ଜାତୀୟ ସଂଗ୍ରହାଳୟରେ ରଖିପାରିଲେ ବାଳକବାଳିକା ଓ ଯୁବକଯୁବତୀମାନଙ୍କର ସୌନ୍ଦର୍ଯ୍ୟବୋଧ ଜାଗ୍ରତ କରିବ। ଏହି ପ୍ରାଚୀନ ଚିତ୍ର ଓ ଭାସ୍କର୍ଯ୍ୟ ପ୍ରତି ମୋର ଆଗ୍ରହ ପାଇଁ ମୁଁ ସର୍ବପ୍ରଥମେ ଉତ୍କଳର ପ୍ରାଚୀନତମ ଚିତ୍ର ଓ ଭାସ୍କର୍ଯ୍ୟ ପ୍ରତି ମୋର ଆଗ୍ରହ ପାଇଁ ମୁଁ ସର୍ବପ୍ରଥମେ ଉତ୍କଳର ପ୍ରାଚୀନତମ ଚିତ୍ର ସମ୍ପଦ-ରାବଣଛାୟାର ଫ୍ରେସ୍କୋକୁ ନକଲ କରି ତାହାର ମୌଳିକତା ଓ ସୌନ୍ଦର୍ଯ୍ୟକୁ ଅମୃତବଜାର ପତ୍ରିକା ଜରିଆରେ ସମସ୍ତଙ୍କୁ ଜଣାଇ ଓ ଦେଖାଇ ଦେଇପାରିଛି।

ସେକଥା ସମ୍ବନ୍ଧରେ କହିବା ଆଗରୁ ମୁଁ ଯେପରି ଭାବରେ ମୋର ଛାତ୍ର ଜୀବନ କାଟିଥିଲି- ତାହା କହିବା ଦରକାର। ମୁଁ ଶୈଶବ ଅତିକ୍ରମ କରି ଯୌବନରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ନାନା ସ୍ଥାନରେ ଚିତ୍ର ଓ ମନ୍ଦିରର ବହୁ ରୂପ ବିଭବ ଦେଖିବାକୁ ବାରମ୍ବାର ବ୍ୟଗ୍ର ହେଉଥିଲି। ମ୍ୟାଟ୍ରିକ କ୍ଲାସରେ ପଢ଼ିବା ବେଳେ ପୁରୀ ଜିଲା ସ୍କୁଲରେ ଛାପା ମାସିକ ପତ୍ରିକା ନ ଥିବାରୁ ଆମେ କେତେଜଣ ମିଶି ଗୋଟିଏ ହାତଲେଖା ପତ୍ରିକା ବାହାର କରୁଥିଲୁଁ। ସେ ପ୍ରାୟ ୨୯।୩୦ବର୍ଷ ତଳର କଥା। ସେହି ପତ୍ରିକାକୁ ଅଳଙ୍କୃତ ଓ ଛବିଳ କରିବା ପାଇଁ ମୁଁ ବହୁତ ଯତ୍ନ କରି ସହପାଠୀମାନଙ୍କର ପ୍ରୀତି ଆକର୍ଷଣ କରିପାରିଥିଲି। ସେଥିପାଇଁ ପାଠପଢ଼ା ନଷ୍ଟ ହେଉଥିଲା ଓ ବାପାଙ୍କର ବିରକ୍ତିଭାଜନ ହେଉଥିଲି। ତଥାପି ବନ୍ଧୁମାନଙ୍କର ଉତ୍ସାହ ଓ ପ୍ରଶଂସା ମୋତେ ଏହିଭଳି କାର୍ଯ୍ୟରେ ଅଧିକ ଉତ୍ସାହିତ କରିଥିଲା। ଆଉ ସମସ୍ତଙ୍କଠାରୁ ଯେ ବେଶି ଉତ୍ସାହିତ କରିଥିଲେ- ସେ ଆଜି ମୋଠାରୁ ବହୁତ ଦୂରରେ। ଦୂରରେ ସେ ଥିଲେ ମଧ୍ୟ ତାଙ୍କର ପ୍ରେରଣା ଓ ସସ୍ନେହ ଆଗ୍ରହ ମୋର ସୁପ୍ତ ଓ ଅଚଳ ମନକୁ ଏବେ ସୁଦ୍ଧା ଜାଗ୍ରତ ଓ ଚଞ୍ଚଳ କରିଥାଏ। ଗୋଟିଏ ବ୍ୟକ୍ତି- ତାହାର ଆଗ୍ରହ- ତାହାର ଦୃଷ୍ଟିରେ ମୋର ସେହି ନିକୃଷ୍ଟ ରୁଚିର ପ୍ରତିବିମ୍ବ ଏତେ ସୁନ୍ଦର ରୂପରେ ପ୍ରତିଫଳିତ ହେବାଦ୍ୱାରା- ମୋର ଉତ୍ସାହ ଯେ ସୀମା ଅତିକ୍ରମ କରିଥିଲା-ଏକଥା ମୁଁ ଭୁଲିପାରିବି ନାହିଁ। ମୁଁ ବାପାଙ୍କ ଆଗରେ ମ୍ୟାଟ୍ରିକ ପାସ୍ କରି କଳାଶିକ୍ଷା ପାଇଁ କଲିକତା ଯିବାର ପ୍ରସ୍ତାବ କରନ୍ତେ ବାପା ହଠାତ୍ କହିପକାଇଲେ- 'I want to see you a graduate first' ଏତେ ବଡ଼ କଠୋର ପ୍ରତ୍ୟାଖ୍ୟାନ ମୋତେ ନୀରବ କରିଦେଲା । ମନକଥା ମନରେ ମାରି କଲେଜରେ ପଢ଼ିବାକୁ ଗଲି। କିନ୍ତୁ ପଢ଼ା ଅପେକ୍ଷା ଚିତ୍ର ରଚନାରେ ମୁଁ ଅଧିକ ସମୟ ବ୍ୟୟ

କରୁଥିଲି ଏବଂ ସେହି ସମୟରେ ମୁଁ Ravenshavianରେ ଚିତ୍ର ଦେଇଥିଲି ଓ ଉତ୍କଳ ସାହିତ୍ୟରେ 'କୁମାର ସମ୍ଭବ', 'ରଘୁବଂଶ' ଓ 'ମେଘଦୂତ'ର ବହୁ ବିଷୟକୁ ଅବଲମ୍ବନ କରି ଚିତ୍ରାଙ୍କନ କରି 'ଉତ୍କଳ ସାହିତ୍ୟ'ରେ ଦେଇଥିଲି। ଚିତ୍ରାଙ୍କନ ମଧ୍ୟରେ ଯେ ଧାରାବାହିକ ପଦ୍ଧତି ଓ ବର୍ଣ୍ଣ ସଂଯୋଗର ଗୋଟିଏ ନିୟମ ଅଛି, ସେ କଥା ପାସୋରି ଦେଇ କବିତା ଲେଖିଲା ପରି ମନର ଭାବକୁ ବର୍ଣ୍ଣ ଓ ରେଖାରେ ପ୍ରକାଶ କରିଥିଲି। ଆଉ ବନ୍ଧୁମାନଙ୍କର ପ୍ରଶ୍ନ ମୋତେ ଏ କାର୍ଯ୍ୟରେ ଅଗ୍ରସର କରାଇ ଦେଇଥିଲା। କଲେଜର ଇଂରେଜୀ ଅଧ୍ୟାପକ ଗୋଷ୍ଠବିହାରିବାବୁ ମୋତେ ଇୟଙ୍ଗ ଲିଓନାର୍ଡୋ ବୋଲି ଡାକୁଥିଲେ। ଉଚ୍ଚଧରଣର ବହୁ ଅତ୍ୟାଧୁନିକ ଚିତ୍ର ମଧ୍ୟରେ ବହୁ ଶିଳ୍ପୀ ଏହି ସ୍ୱଚ୍ଛନ୍ଦ ଆତ୍ମପ୍ରକାଶ ମଧ୍ୟରେ ନିୟମପଦ୍ଧତି ଓ ପରିମାପକୁ ଅବଜ୍ଞା କରିଛନ୍ତି ବୋଲି ଏବେ ଜାଣିପାରିଛି। ଏହି କଲେଜ ଜୀବନରେ ମୁଁ ଛାତ୍ରସଂଘର ପ୍ରଦର୍ଶନୀରେ ଚିତ୍ର ପାଇଁ ପୁରସ୍କାର ପାଇଥିଲି। ଆଉ ଏ ଦିଗରେ ଉତ୍କଳ ସାହିତ୍ୟର ପ୍ରବୀଣ ସମ୍ପାଦକ ପିତୃସ୍ଥାନୀୟ ସ୍ୱର୍ଗତ ବିଶ୍ୱନାଥ କର ମୋତେ ଯେପରି ସସ୍ନେହ ପ୍ରେରଣା ଦେଇଛନ୍ତି ଏବଂ ଅର୍ଥ ବ୍ୟୟ କରି ମୋର ଛବିଗୁଡ଼ିକ ଛାପିଛନ୍ତି, ସେଥିପାଇଁ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ। ସେଭଳି ସ୍ନେହପରାୟଣ ଲୋକ ମୁଁ ଆଉ ଜଣେ ଏ ଦେଶରେ ଦେଖି ନାହିଁ। ମୋର ପରମ ମାନନୀୟ ବଂଧୁ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କର ଉତ୍ସାହ ଓ ଅନୁରାଗ ମୋ ଜୀବନର ପରମ ସମ୍ପଦ ହୋଇଥିଲା। ଏ ସମୟରେ ମାସିକ ପତ୍ରିକାରେ ଚିତ୍ର ଦିଆ ଯାଉନଥିଲା ଓ ସର୍ବପ୍ରଥମେ ଏ ଦେଶର ପତ୍ରିକାରେ ମୁଁ ଚିତ୍ର ସଂଯୋଗ କରିଛି ଓ ପରେ ସହକାର ପ୍ରଭୃତିରେ ମୁଁ ପ୍ରଥମେ ଚିତ୍ର ଦେଇଛି। କଲେଜ ଜୀବନ ଶେଷ ହେବା ପରେ କଳା ଶିକ୍ଷା କରିବା ନିମନ୍ତେ ମୋର ମନ ବ୍ୟାକୁଳ ହୋଇ ପଡ଼ିଲା ଓ କଲେଜ ପ୍ରିନ୍‌ସପାଲ ଲାମ୍ବର୍ଟ ସାହେବ ସେହି ମାସରେ ଶିକ୍ଷା ବିଭାଗ ଡିରେକ୍‌ଟର ହୋଇ ପାଟନା ଯାଉଥିବାରୁ ମୋ ପାଇଁ ବୃତ୍ତି ଖଞ୍ଜିବା ଲାଗି ପାଟନାର ଶିଳ୍ପ ଡିରେକ୍‌ଟରଙ୍କ ନିକଟକୁ ସୁପାରିସ କରି ଚିଠି ଲେଖିଲେ। ମୁଁ କଲେଜରେ ଏତେବେଳକୁ ଶିଳ୍ପାନୁରାଗୀ ବୋଲି ପରିଚୟ ଦେଇଥିଲି ଓ ଲ୍ୟାମ୍ବର୍ଟ ସାହେବ ତାହା ଜାଣିଥିଲେ। ତେଣୁ ପାଟନାରୁ ମୋତେ ବୃତ୍ତି ମିଳିବା ପାଇଁ ବିଳମ୍ବ ହେଲା ନାହିଁ। ଶିଳ୍ପ ଡିରେକ୍‌ଟର ମୋ ହାତଅଙ୍କା ଛବିଟିଏ ଦେଖି ଏତେ ମୁଗ୍ଧ ହୋଇ ଯାଇଥିଲେ ଯେ ମୋତେ ବିଲାତ ପଠାଇବା ପାଇଁ କଥା ଦେବାକୁ ଟିକିଏ ହେଲେ କୁଣ୍ଠିତ ହେଲେ ନାହିଁ। ମାତ୍ର କଥାରେ ଯାହା କହିଲେ- ତାହା କାର୍ଯ୍ୟରେ ପରିଣତ ନ ହେବା ପାଇଁ ପ୍ରତିକୂଳ ଅବସ୍ଥାହିଁ ଦାୟୀ। ଏହି ଭିତରେ ମୁଁ କୌଣସି ଉପାୟ ନ ଦେଖି ଏମାରମଠ ମହନ୍ତଙ୍କର ଗୋଟିଏ ପେନ୍‌ସିଲ ପୋର୍ଟ୍ରେଟ୍ ଆଙ୍କି ତାଙ୍କୁ ଭେଟିଦେଇ ଅର୍ଥ ସାହାଯ୍ୟ ପାଇଁ ମନେ ମନେ ଭାବୁଥିଲି। ସେ ପେନ୍‌ସିଲ୍ ଚିତ୍ରଟି ଏବେ ସୁଦ୍ଧା ମୋଠାରେ ଅଛି- ତାହା ଗୋଟିଏ ଛୋଟ ଫଟୋରୁ ଅଙ୍କିତ। ସେ ଚିତ୍ରଟି ଏତେ

ଚମତ୍କାର ହୋଇଛି ଯେ- ଏବେ ମଧ୍ୟ ମୋର ସେକାଳର ସାମର୍ଥ୍ୟ ଦେଖି ମୋତେ ବିସ୍ମିତ ହେବାକୁ ପଡ଼େ। କୌଣସି ଗୋଟିଏ ରୂପକୁ ଅବିକଳ ନକଲ କରିବା କଳାଶିକ୍ଷା ମଧ୍ୟରେ କଠିନ ବିଷୟ; କିନ୍ତୁ କଳାନୁରାଗ ଅଧିକ ହେଲେ ବିନା ଶିକ୍ଷାରେ ମଧ୍ୟ ଏଭଳି ଅନେକ କଥା ସମ୍ଭବ ହୋଇପାରେ। ଜିଓଟୋଙ୍କର ପଥର ଉପର ପ୍ରଥମ ଚିତ୍ରଟି କଥା ମନେ କଲେ ଏ କଥାର ସତ୍ୟତା ଜଣାପଡ଼ିଯାଏ। ମୁଁ କଲିକତା ଯିବା ସମ୍ବନ୍ଧେ ସଠିକ୍ ଖବର ପାଇବା ପୂର୍ବରୁ ପୁରୀ ଜିଲ୍ଲା ସ୍କୁଲରେ ଇତିହାସ ଓ ଇଂରାଜୀ ଶିକ୍ଷକ ହିସାବରେ କେତେ ମାସ କାମ କରିଥିଲି ଏବଂ ୧୫ଦିନ ପାଇଁ ଟ୍ରେନିଂ କଲେଜରେ ନାମ ଲେଖାଇଥିଲି। କିନ୍ତୁ ଯୋଉ ମୁହୂର୍ତ୍ତରେ ବୃତ୍ତି ଖବର ପାଇଲି- ସେହି ମୁହୂର୍ତ୍ତରେ ମୁଁ ସବୁକଥା ପଛକୁ ପକାଇ କଲିକତାରେ ହାଜର ହେଲି; ମାତ୍ର ବୃତ୍ତି ମିଳୁ ମିଳୁ ଅନେକଦିନ ଲାଗିଲା ଓ କଲିକତାରେ ପୁରୀଜିଲ୍ଲା ସ୍କୁଲରେ ଶିକ୍ଷକତା କରି ଯୋଉ ଅର୍ଥ ସଂଚୟ କରିଥିଲି ସେହି ଅର୍ଥ ମୋତେ ସାହାଯ୍ୟ କରୁଥିଲା। କଲିକତାରେ କଳାଶିକ୍ଷା କରିବାର ଅଳ୍ପ ସମୟ ପରେ 'କଲିକତା କଂଗ୍ରେସ' ବସିଲା ଓ ସେତିକିବେଳେ ଠାକୁର ପରିବାରରେ ଶ୍ରଦ୍ଧେୟ ବନ୍ଧୁ ଶୁଭଠାକୁର- ଯେ କି ବର୍ତ୍ତମାନ ଜଣେ ବିଶିଷ୍ଟ ଶିଳ୍ପୀ ହିସାବରେ ଖ୍ୟାତି ଅର୍ଜନ କରିଛନ୍ତି- ସେ ମୋ ହାତରୁ ଗୋଟିଏ ସୁନ୍ଦର ଚିତ୍ର ନେବାପାଇଁ ଓ ଠାକୁର ପରିବାରର ସ୍ୱତନ୍ତ୍ର ପ୍ରଦର୍ଶନୀରେ ଦେବାପାଇଁ ଧରିବସିଲେ। ମୁଁ ବଡ଼ ଶଙ୍କା ଓ ଭୟରେ ତାଙ୍କର ସସ୍ନେହ ଦାବିକୁ ଏଡ଼ାଇ ନ ପାରି କୁମାରସମ୍ଭବର ପଞ୍ଚମ ସର୍ଗରୁ 'ଉମାଙ୍କର ସ୍ୱପ୍ନ' ଶୀର୍ଷକ ଚିତ୍ରଟି ଅଙ୍କନ କରି ତାଙ୍କୁ ଦେଲି ଓ ଠିକ୍ ପ୍ରଦର୍ଶନୀର ତୃତୀୟ ଦିବସରେ ହିଁ ଚିତ୍ରଟି ସାର୍ ଓଙ୍କାରମଲ (ଶୈବ) କିଣିନେଇ ଥିବାର ଶୁଭ ଖବର ଧରି ଶୁଭଠାକୁର ମୋ ପାଖକୁ ଆସି କୁଣ୍ଢାଇ ପକାଇଲେ। ବନ୍ଧୁ ଶୁଭଠାକୁରଙ୍କର ସେଦିନର ସେ ଆନନ୍ଦ ଓ ଅପ୍ରାକୃତିକ ସ୍ନେହ ମୁଁ ଏପର୍ଯ୍ୟନ୍ତ ଭୁଲିପାରି ନାହିଁ। ଏହି କାର୍ଯ୍ୟ ମୋତେ ରୂପର ପୂଜାରୀ ହେବାପାଇଁ ଅଧିକ ପ୍ରେରଣା ଦେଲା ଏବଂ ମୁଁ ସେହିଦିନଠାରୁ ନାନା ଚିତ୍ର ଅଙ୍କନ କଲି। କାହିଁକି କଲି ପ୍ରଶ୍ନ କଲେ ମୁଁ ଉତ୍ତର ଦେବି- ଆଉ କ'ଣ କରିଥାନ୍ତି? ଯାହାକୁ ଲେଖିଆସେ ସେ ନିଶ୍ଚୟ ଲେଖିବ। ଯାହାକୁ ଗୀତ ଗାଇଆସେ ସେ ନିଶ୍ଚୟ ଗାଇବ-ନ ଗାଇ ରହିବ କିପରି? ବସନ୍ତକୋକିଳ ତାହାର ସୁମଧୁର ସ୍ୱରକୁ ବନ୍ଦ କରିବ କିପରି ମୁଁ ବୁଝିପାରୁ ନାହିଁ। ପ୍ରବୃତ୍ତିଗତ ଏହି ଅନୁରାଗକୁ ବନ୍ଦ କରି ଦେବାର ଶକ୍ତି କାହାର ଅଛି? ରୂପର ମୋହ, ବର୍ଣ୍ଣର ଆକର୍ଷଣ ଏସବୁତ ଏଇ ମାଟି ଆଉ ଆକାଶରେ ପୂରିରହିଛି। ଯାହାର ମନଦର୍ପଣରେ ଏହି ରୂପର ପ୍ରତିବିମ୍ବ ପଡ଼େ-ସେ ପ୍ରକାଶ ନ କରି-ରହିବ ବା କେମିତି? ପ୍ରକାଶ କରିବା ତ ମାନବର ଧର୍ମ। କିଏ କେତେ ଭାବରେ ପ୍ରକାଶ କରିଛି- ତାହାର କଳନା କାହିଁ? ଯଦି ପ୍ରକାଶ କରିବା ଧର୍ମ ନ ହୋଇଥାନ୍ତା- ତେବେ ଚତୁର୍ଦ୍ଦିଗରେ ଏତେ ମୁଗ୍ଧ ରୂପାୟନ ଆସନ୍ତା କେଉଁଠୁ? ସଭ୍ୟତା ଓ ସଂସ୍କୃତିର

ସ୍ମାରକ ରୂପେ ଆମକୁ ଇତିହାସ ପାଇଁ ଉପାଦାନ ଯୋଗାନ୍ତା କିଏ? ରାଜନୀତି, ଧର୍ମନୀତି, ଶିକ୍ଷା, ସାହିତ୍ୟ, ସଙ୍ଗୀତ, ଚିତ୍ର, ସ୍ଥାପତ୍ୟ, ଭାସ୍କର୍ଯ୍ୟର ଏହି ବିଚିତ୍ର ଓ ସରସ ଅଭିବ୍ୟକ୍ତି ରେଖା ଓ ବର୍ଣ୍ଣରେ, ସ୍ୱର ଓ ତାଳରେ କାଷ୍ଠ ଓ ପଥରରେ ଫୁଟି ସମଗ୍ର ମାନବ ଜାତିର କର୍ମ ପ୍ରବାହର ସୂଚନା ଦେଇଛି। ସବୁ ପ୍ରକାର ବିକାଶ ପଛପଟରେ ଅଛି ରୂପର ବର୍ଣ୍ଣନା- ରସର ପରିବେଷଣ। କ୍ଷଣକର ସୁକୁମାର ପୁଷ୍ପ, ବିଶାଳ ଆକାଶ ତଳେ ସନ୍ଧ୍ୟାତାରା, ରୂପର ପୁଣ୍ୟ ପ୍ରଭା ଘେନି ଆମକୁ ଉଦ୍‌ବୁଦ୍ଧ କରେ, ଅମୃତ ସୃଷ୍ଟିର ସହାୟତା କରେ। କଳାକାରର ତୂଳି ଚଞ୍ଚଳ କରେ। କବି କଣ୍ଠରେ କବିତା ରଚନା କରାଏ। ଅଦ୍ଭୁତ ଏ ରୂପର ପ୍ରଭାବ। ଘନ ନୈଶ ଅନ୍ଧକାର ମଧ୍ୟରେ ଘନଘଟା ଓ ବିଦ୍ୟୁତ୍ ସ୍ଫୁରଣ ମଧ୍ୟରେ ରାଜପଥର ଗୋଟାଏ ନାରୀ-ମେରା ଦୂତର 'ଅଭିସାରିକା' ସୃଷ୍ଟି କରେ। ଦୁଃଖ ଓ ଅବସାଦର ମୀମାଂସା କରିବାକୁ ଯାଇ ସୃଷ୍ଟି ହୁଏ- 'ବୁଦ୍ଧ ଓ କିସ୍‌ସା ଗୌତମୀ।' କବି ଗାଏ-

'ହେବାରୁ ସେ ରୂପପଦ୍ମ ବିଶ୍ୱେ ପରକାଶ
ମଙ୍ଗଳ ଆଶୀର୍ବାଦ, ଅନ୍ତରେ ବିଶ୍ୱାସ।'

ଅନ୍ତର ମଧ୍ୟରେ ଅମୃତର ବିଶ୍ୱାସ ଆଣେ ରୂପ। ଏହି ରୂପର ମାଧୁରୀ ମଧ୍ୟରେ ମଙ୍ଗଳର ଆଶୀର୍ବାଦ ନିହିତ ଅଛି। ଏପରି ଗୋଟିଏ ନାରୀ ବା ନର ରୂପରେ ଆବଦ୍ଧ ନୁହେ। ଏହାର ଅନନ୍ତ ସତ୍ତା ନଶ୍ୱର ଦେହ ଅତିକ୍ରମ କରି ଅବିନଶ୍ୱର ପର୍ଯ୍ୟନ୍ତ କଳାକାରକୁ ଟାଣି ନେଇଯାଏ। ଏ ରୂପ କ'ଣ- ଏହାର ପ୍ରଭାବରେ କଳାକାର ସୃଷ୍ଟି କରେ କାହିଁକି? ଯାହାର ଅନ୍ତରରେ ଏହି ରୂପ ଆପଣାର ଐନ୍ଦ୍ରଜାଲିକ ପ୍ରକ୍ରିୟା ବିସ୍ତାର କରିଛି-ସେହି ହୁଏ କଳାକାର- ସେହି ହୁଏ କବି, ତୁଚ୍ଛ, କୁତ୍ସିତ, ସୁନ୍ଦର, ଭୟଙ୍କର ସମସ୍ତ କଳାର ଚୌମ୍ବିକ ସ୍ପର୍ଶରେ ଅମର ସୃଷ୍ଟିରେ ପରିଣତ ହୁଅନ୍ତି। ଗୋଟିଏ ମହୁମାଛିତ ବେପଥୁ ଡେଣାତଳେ 'ଶରତର ସବୁ କୁସୁମର ବ୍ୟାକୁଳ ବାଣୀ, ଅସରନ୍ତି ପ୍ରାଣର ଗତି, ୬ଟି ଋତୁର କ୍ରମ ଆବର୍ତ୍ତନ ଦେଖାଦିଏ।'

ଗୋଟିଏ ନାରୀର ଚକ୍ଷୁ ଓ ଅଧରରେ ବର୍ତ୍ତମାନ, ଭୂତ ଓ ଭବିଷ୍ୟତ ତ୍ରିକାଳର ନାରୀରହସ୍ୟ ବନ୍ଦୀ ହୋଇଯାଏ । ଗୋଟିଏ ସାଧବ ଝିଅର ପ୍ରଣୟ ବିକାଶ ପାଇଁ- ବୋଇତ ବନ୍ଦାଣ ଚିତ୍ର ଅଙ୍କିତ ହୁଏ... ଯହିଁରେ ଚତୁର୍ଦ୍ଦଶ ଶତାବ୍ଦୀର ପୋଷାକ, ପରିଚ୍ଛଦ, ନୌକା, ପାଲ, ବନ୍ଦର, ଚିତା, ସମସ୍ତେ ରୂପର ଅନବଦ୍ୟ ମହିମାରେ ପଟ ମଧ୍ୟରେ ଧରା ପଡ଼ନ୍ତି। 'ରୂପ' ବୋଇଲେ ସାଧାରଣ ଯାହା ବୁଝନ୍ତି- ତାହା 'ରୂପ' ସମ୍ବନ୍ଧରେ ସବୁ କଥା ନୁହେ। ରୂପର ଗ୍ରହୁ ମନ ମଧ୍ୟରେ ବିମ୍ବିତ ହେଲାବେଳେ, କଳାକାର ପରିଦର୍ଶନ ଲବ୍‌ଧ ସୁଷମିତ ଓ ନିୟମିତ ଗୋଟିଏ ଆକୃତିକୁହିଁ ଗ୍ରାହ୍ୟ କରିଥାନ୍ତି ପୁଣି ସେହି ନିୟମ ଓ ଆଇନ୍ ବାହାରେ ଏକପ୍ରକାର ରୂପ ମନରେ ବିମ୍ବିତ ହୁଏ- ଯାହା ପ୍ରବୃତ୍ତିଗତ ଅଭିରୁଚିର ଆକୃତି। ଏଇ ଦୁଇ ପ୍ରକାର ରୂପ ମଧ୍ୟରୁ

କେତେବେଳେ କେଉଁଟି ଗ୍ରହଣୀୟ ତାହା କୁହାଯାଇପାରେନା। ମାତ୍ର କଳାକାର ନିୟତ ଏଇ ଦୁଇ ଦିଗ ପ୍ରତି ସଚେତ ରହି ନିଜର କଳ୍ପନାର କୁହୁକ ଦେଇ ଏକ ମନୋଜ୍ଞ ରୂପ ଚୟନ କରନ୍ତି- ତାହା ହୁଏ ଫଟୋଗ୍ରାଫ ଅପେକ୍ଷା ଅଧିକ ରହସ୍ୟବ୍ୟଞ୍ଜକ- ଅଧିକ ରମଣୀୟ, ଆଉ ପ୍ରକୃତିର ବହୁ ବିରାଟ ରୂପ ମଧ୍ୟରୁ ଆପଣାର ରୁଚି ଅନୁକୂଳ ବିଷୟକୁ ଗୋଟିଏ କେନ୍ଦ୍ରକୁ ଟାଣି ଆଣି ତନ୍ମଧ୍ୟରେ ରୂପବିଭବ ରଖି ଚିତ୍ରପଟକୁ ଏପରି କମନୀୟ ଓ ମନୋମୁଗ୍ଧ କରନ୍ତି ଯେ- ତହିଁରେ ସତ୍ୟ ଓ କଳ୍ପନା ଉଭୟର ସମ୍ମିଶ୍ରଣ ଆମକୁ ବିମୁଗ୍ଧ କରିଦିଏ। ସେଥିପାଇଁ କଳାକାର ବିଶ୍ୱପ୍ରକୃତ ଓ ମାନବ ମଧ୍ୟରେ ପ୍ରତିଭୂ।

ଏହି ନିରୂପଣ ଓ ନିର୍ବାଚନ ପାଇଁ ସେ ମନର ବ୍ୟାକୁଳତା କେତେବେଳେ ହେଲେ ବନ୍ଦ ହୋଇପାରିଲା ନାହିଁ ରୂପର ପ୍ରଭାବ-ଆଲୋକ ଛାୟାର କ୍ରୀଡ଼ା-ଜଳରାଶିର ଚାଞ୍ଚଲ୍ୟ, ବହୁବାର ପ୍ରକୃତିର ସମ୍ମୁଖୀନ ହେବାକୁ-ରୂପର ମୁହାଁମୁହିଁ ହେବାକୁ ମୋତେ ଆହ୍ୱାନ କରିଛି। ଆମ ଗାଁର ନଡ଼ିଆଗଛ ଓ ଗୃହଶ୍ରେଣୀ ମଧ୍ୟରେ ଯେଉଁ ସ୍ଥାନଟିରେ ଏହି ଆଲୋକ ଛାୟାର ବିଚିତ୍ର ରହସ୍ୟ ଖେଳୁଥିଲା ସେଇ ସ୍ଥାନଟିକୁ ନିର୍ବାଚନ କରିବା ପାଇଁ ମୁଁ ବହୁବାର ବହୁ ସ୍ଥାନରେ ଠିଆହୋଇ ଚାହିଁଛି। ଶେଷରେ ନିର୍ବାଚିତ ସ୍ଥାନଟିକୁ ଅଙ୍କନ କରିଛି, ଆଉ ସେ କାର୍ଯ୍ୟରେ ମୁଁ କେତେଦୂର ସମର୍ଥ ହୋଇଛି ତା ମୁଁ କହିପାରିବି ନାହିଁ। ସେ ଚିତ୍ରଟିକୁ ଏ ଦେଶରେ କେହି ପ୍ରଶଂସା କରନ୍ତି ନାହିଁ- ମାତ୍ର ତାହା ୧୯୩୪ ବାର୍ଷିକ କଳାପ୍ରଦର୍ଶନୀରେ କଲିକତାରେ ଓ ବିନ୍‌ସୁରାରେ ପୁରସ୍କୃତ ହୋଇଥିଲା। ତେବେ ମୁଁ ଏତିକି ସତ୍ୟ ବୋଲି ଜାଣୁଛି ଯେ, ପ୍ରକୃତିର ସମ୍ମୁଖୀନ ହୋଇ ଉଜ୍ଜ୍ୱଳ ବର୍ଣ୍ଣବିନ୍ୟାସକୁ ଧରିବା ପାଇଁ ଯତ୍ନ କରିବାରେ ଯେଉଁ ଆନନ୍ଦ ଅଛି- କକ୍ଷ ମଧ୍ୟରେ ଆବଦ୍ଧ ହୋଇ ଚିତ୍ରାଙ୍କନ କରିବାରେ ସେ ଆନନ୍ଦ ମିଳିପାରିବ ନାହିଁ। ବୋଧହୁଏ ସେଇ କାରଣରୁ ଫ୍ରାନ୍‌ସର ଇମ୍ପ୍ରେସନିଷ୍ଟମାନେ ଷ୍ଟୁଡ଼ିଓ ଛାଡ଼ି ପଦାକୁ ବାହାରି ଆସିଲେ ପ୍ରକୃତିର ସତ୍ୟ ନିକଟକୁ। ପ୍ରକୃତିର ଏହି ମହିମାନ୍ୱିତ ରୂପବିଭବ ମୋତେ ଦୃଶ୍ୟ ଚିତ୍ରଣ କରିବାରେ ପ୍ରେରଣା ଦେଇଛି ଓ ଅନେକ ଚିତ୍ରଣରେ ମୁଁ ପ୍ରକୃତିର ଏ ସୌନ୍ଦର୍ଯ୍ୟକୁ ଧରିବା ପାଇଁ ଚେଷ୍ଟା କରିଛି; ତଥାପି ଉଜ୍ଜ୍ୱଳବର୍ଣ୍ଣ, ଆଲୋକର ଚଞ୍ଚଳତା, ଜଳର କ୍ଷିପ୍ରତା, ବାୟୁମଣ୍ଡଳର ଗତିଶୀଳତା ଓ ଆକାଶର ବର୍ଣ୍ଣବିଭାକୁ ମୁଁ ବନ୍ଦୀ କରିବାକୁ ଯେ ଅସମର୍ଥ ଏକଥା ସ୍ୱୀକାର କରିବି।

କେତେବେଳେ ପ୍ରକୃତିର ଦୃଶ୍ୟ ଶୋଭା- କେତେବେଳେ କୃଷକ 'ବରଜୁ ପଧାନ'ର କୃଷିକର୍ମ-କେତେବେଳେ ଅବା 'ଗୋ ଦୋହନ', କେତେବେଳେ ଅବା 'କୁମ୍ଭାରର ଘଟନିର୍ମାଣ'- କେତେବେଳେ ଅବା 'କୋଇଲା ଖଣି', କେତେବେଳେ ଦାରିଦ୍ର୍ୟ ପୀଡ଼ିତ 'ମୋଚି' ମୋ ମନରେ ସମବେଦନା ଓ ଚମକ ଆଣିଛି ତାହାର ହିସାବ ଦେବା ମୋ

ପକ୍ଷରେ କଠିନ । ପୌରାଣିକ ଶିବ ପାର୍ବତୀ ଅଥବା ଗରୁଡ଼, ବିଷ୍ଣୁ ଅପେକ୍ଷା ସେତେ କୃଷକ ଓ ଶ୍ରମିକ ଜୀବନର ଶ୍ରମ ଗୌରବ ଅଧିକ ଅନୁପ୍ରାଣିତ କରେ- ସେଥିପାଇଁ 'ଭଞ୍ଜପ୍ରଦୀପ ପରେ' ମୁଁ ଏହି ଶ୍ରମ ଜୀବନର ଚିତ୍ର ୧୯୩୫-୩୬ ମସିହାରେ ଦେଇଥିଲି। ଆଉ ଏବେ ମଧ୍ୟ, ଏହି ସାଧାରଣ ଜୀବନର ଦୃଶ୍ୟ ମୋତେ ଚଞ୍ଚଳ କରି ପକାଏ 'ବୋଝେଇ ଶଗଡ଼', 'ରିକ୍ସାବାଲା', 'ଝଟକା', 'ଶାନ୍ତଗର୍ଦ୍ଦାଭ' ପ୍ରଭୃତି ଚିତ୍ର ମୋରି ଦ୍ୱାରା ଅଙ୍କିତ ହୋଇ କାନ୍ଥରେ ଝୁଲୁଛି। କଳା ବିଦ୍ୟାଳୟରେ ଯାହା ଶିକ୍ଷା ଦିଆଯାଏ ତାହା କେବଳ ସୂଚନା ମାତ୍ର। ଶେଷ ଆଡ଼କୁ ଯେତେବେଳେ ବିକାଶ ହୋଇ ଆସୁଥାଏ ଠିକ୍ ସେତିକିବେଳେ ବିଦ୍ୟାଳୟ ଛାଡ଼ିବାକୁ ହୁଏ। ତେଣୁ ଅଙ୍କନର ପରିପୂର୍ଣ୍ଣତା ପାଇଁ ଶିଳ୍ପୀକୁ ବାହାରୋହ କାର୍ଯ୍ୟ କରିବାକୁ ପଡ଼ିଥାଏ। ମୁଁ କଳା ବିଦ୍ୟାଳୟ ଶେଷ ପର୍ବରେ ଆମ ଗାଁର 'ମେଳନ' 'ଦୋଳଯାତ୍ରା'ର ବିରାଟ ଚିତ୍ର ଟେମ୍ପୋରା ରାତିରେ ଅଙ୍କନ କରି ପ୍ରଶଂସିତ ଓ ପୁରସ୍କୃତ ହୋଇଥିଲି। ସେତେବେଳେ ପ୍ରାୟ ୪୦ଗୋଟି ଫିଗାର (Figure) ବା ପାତ୍ର ସମାବେଶ କରି କୌଣସି ଛାତ୍ର ଭାରତୀୟ ରୀତିରେ ଅଙ୍କନ ନ କରିଥିବାରୁ ମୋର ଏ ଚିତ୍ରଟି ଆଦୃତ ହୋଇଥିଲା। ଏଥିରେ ମୁଁ ରୂପର ବିରାଟ ସଜ୍ଜା ଦେଇଥିଲି, ଯୋଉଥିରେ ଥିଲା ଗାଁର ଦୋକାନ, କୀର୍ତ୍ତନ, ଗାଡ଼ି, ବଳଦ, ନଦୀ, ବରଗଛ ଓ ଲୋକ ସମାଗମ। ସମସାମୟିକ ଉତ୍ସବ ଓ ଘଟଣାକୁ ଏପରି ଏକ ରୀତିରେ ରୂପାୟିତ କରିବା ଦ୍ୱାରା ମୁଁ ସମୟର ପ୍ରତିନିଧି ହିସାବରେ ଭବିଷ୍ୟତର ଇତିହାସ ପାଇଁ ସହାୟତା କରିଛି। ମୁଁ ପ୍ରାଚୀନକାଳର ଗୌରବମୟ ଇତିହାସ ଚିତ୍ରରେ 'ପଦ୍ମାବତୀ-ଜୟଦେବ'ଙ୍କର ପାଣିଗ୍ରହଣ ଓ 'ଚନ୍ଦ୍ରଶେଖର ସାମନ୍ତସିଂହ'ଙ୍କର 'ନକ୍ଷତ୍ର ଗଣନା'କୁ ଯେପରି ରୂପାୟିତ କରିଛି-ବର୍ତ୍ତମାନର 'ଦୋଳଯାତ୍ରା'କୁ ମଧ୍ୟ ସେହିପରି ଅଙ୍କନ କରିଛି। ପୂର୍ବକାଳର ସର୍ବପ୍ରାଚୀନ ଫ୍ରେସ୍କୋଚିତ୍ର 'ରାବଣଛାୟା ଫ୍ରେସ୍କୋ'କୁ ନକଲ କରିଛି- ଆଉ ବର୍ତ୍ତମାନର 'ଭାଗବତ ଟୁଙ୍ଗିରେ ଭାଗବତ ପାଠ'କୁ ସେହିପରି ଚିତ୍ରିତ କରିଛି। ଅତୀତ ବର୍ତ୍ତମାନ ଉଭୟ ମୋ ପକ୍ଷରେ ସ୍ପୃହଣୀୟ ହୋଇଛି। ନଗର ଓ ପଲ୍ଲୀ ଉଭୟ ମଧ୍ୟରେ ରୂପର ସନ୍ଧାନ ପାଇଁ ମୋ ମନର ବ୍ୟାକୁଳତା ଏବେ ମଧ୍ୟ ସେହିପରି ସତେଜ ଅଛି। ମାତ୍ର ଏସବୁ ହେବ କ'ଣ ? ସଂରକ୍ଷିତ ହେବ କେଉଁଠି ? ଏ ଦେଶରେ ନା ଅଛି ସଂଗ୍ରହାଳୟ (Art Gallery) ନା ଅଛି କଳା ବିଦ୍ୟାଳୟ। ତେଣୁ ମନ ଭିତରେ ଗୋଟାଏ କ୍ଷୋଭ ହୁଏ- 'ଏ ଦେଶରେ ଜନ୍ମହେବା ଗୋଟାଏ ଅଭିଶାପ' ଆଉ ଏଇ କଳା ବିଦ୍ୟାଳୟ ପାଇଁ ମୁଁ ଏ ଦେଶର ପ୍ରତିନିଧି ହିସାବରେ ନିଖିଳ ଭାରତ କଳା ସମ୍ମିଳନୀରେ ଯୋଗ ଦେଇ ଭାରତର ଶିକ୍ଷାମନ୍ତ୍ରୀଙ୍କୁ ଜାତୀୟ କଳାର ସଂରକ୍ଷଣ ନିମନ୍ତେ କଳା ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରଥମ ଉତ୍ସାହ ଦେବାକୁ ଆବେଦନ କରିଥିଲି। ଏ ଦେଶର କାଗଜରେ ଏକଥା କହୁଛି ବହୁକାଳ ମାତ୍ର ଅରଣ୍ୟ ରୋଦନ ପରି ତାହା କେହି ଶୁଣୁ ନାହାନ୍ତି-ଅଥବା ନ ଶୁଣିଲା ପରି ରହୁଛନ୍ତି ତାହା ମୁଁ କହିପାରିବି ନାହିଁ।

କଳା ବିଦ୍ୟାଳୟ ପରିତ୍ୟାଗ କରିବା ପୂର୍ବରୁ ମୁଁ ଶିଳ୍ପ ଡିରେକ୍ଟରଙ୍କୁ ଦେଖା କରିବାକୁ ଗଲି ଓ ମୋର ଶିକ୍ଷା ଶେଷରେ ବିଲାତ ଯିବା ବୃତ୍ତି ମିଳିବ ବୋଲି ପ୍ରତିଶ୍ରୁତି ଘେନି ଖୁସି ମନରେ କଲିକତା ଫେରିଲି। ସେ ବର୍ଷ ମୋର କାର୍ଯ୍ୟ ତତ୍‌ପରତା ବଢ଼ିଗଲା। ସେଇବର୍ଷ ମୁଁ ବିଲାତର ପ୍ରସିଦ୍ଧ ଶିଳ୍ପୀ ଓ ଶିଳ୍ପ ସମାଲୋକ ପ୍ରଫେସର ଟଙ୍କସ୍ ସାହେବଙ୍କଠାରୁ 'ଗୁଣ୍ଡୁଚିମୂଷା' ଚିତ୍ରରେ ପ୍ରଶଂସା ପାଇଥାଏ। ସେଇ ବର୍ଷ ପୁଣି ସବୁ ବିଭାଗରେ ପ୍ରଥମ ସ୍ଥାନ ପାଇ ପାଟନା ଗଲି। ସେତେବେଳକୁ ବିହାର ଭୂମିକମ୍ପ ଯୋଗୁଁ ବିଲାତ ବୃତ୍ତି ବନ୍ଦ କରି ଦିଆଯାଇଥାଏ– ଶିଳ୍ପ ବିଭାଗ ମୋତେ ମାତ୍ର ଟ୨୦୦୦ଙ୍କା ଧରି ବିଲାତ ଯିବାକୁ କହିଲେ। ଏତେ ଅଳ୍ପ ଟଙ୍କାରେ ମୁଁ ଯିବି କିପରି ? ମୋର ବାପା ସେତେବେଳକୁ ଇହଧାମ ଛାଡ଼ିଥାନ୍ତି– ଆଉ କିଏ ମୋତେ ସାହାଯ୍ୟ କରିବ। ୟାସିନ ସାହେବଙ୍କୁ ନମସ୍କାର କରି ବିଫଳ ମନୋରଥ ହୋଇ ଫେରିଲି ଜନ୍ମଭୂମି ଓଡ଼ିଶାକୁ– ଡ୍ରଇଂ ମାଷ୍ଟର ହେବାକୁ ଏତେ ପାଠ, ଏତେ ଶ୍ରମ– ଏତେ ପ୍ରଶଂସା ସବୁରି ବିନିମୟରେ ଏଇୟା ହେଲା ବୋଲି ବନ୍ଧୁମାନେ କ୍ଷୋଭ କଲେ। ମାତ୍ର ସ୍କୁଲ ଜୀବନରେ ଅଧିକାରୀ ଓ ଶିକ୍ଷିତ ଶିକ୍ଷକମାନଙ୍କର ଦୁରବସ୍ଥା ଓ ନାନା କଦର୍ଯ୍ୟତା ମଧ୍ୟରେ ମୁଁ ନୀରବରେ ଶିଶୁମାନଙ୍କର ସ୍ୱଚ୍ଛନ୍ଦ ଆତ୍ମ ପ୍ରକାଶ ପାଇଁ ଯତ୍ନ କଲି। ରୂପର ପ୍ରଭାବ ଶିଶୁମାନଙ୍କ ମନରେ କିପରି ପଡ଼ିଛି ଦେଖିବା ଓ ସେ ଦିଗରେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଯତ୍ନ କଲି। ତା'ରି ଫଳରେ ଅନେକ କଥା ପାଇଛି। ଏମାନଙ୍କ ଚିତ୍ରରେ ସ୍ୱାଧୀନତା ଓ ବର୍ଣ୍ଣାନୁରଞ୍ଜନ ମୋତେ ମୁଗ୍ଧ କରିଛି। ଆଦିମ ମାନବର କଳା (Premitive art) ମଧ୍ୟରେ ଯେଉଁ ସରସତା, ଅନାବିଳତା, ଯେଉଁ ସ୍ୱଚ୍ଛନ୍ଦତା ମିଳେ, ଶିଶୁକଳାରେ ଠିକ୍ ସେହିପରି ଦେଖିବାକୁ ମିଳେ। ମୁଁ ଏଇ ବିଷୟରେ ମାନସିଂହ ସମ୍ପାଦିତ ଶଙ୍ଖ ପତ୍ରିକାରେ ନାନା କଥା ପ୍ରକାଶ କରିଛି ଏବଂ ସରଳମତି ଶିଶୁ ଓ କିଶୋରମାନଙ୍କର ହସ୍ତାଙ୍କିତ ଚିତ୍ର ଓ ନକ୍‌ସା ବହୁସଂଖ୍ୟାରେ ସଂଗ୍ରହ କରିଛି। ତତ୍‌କାଳୀନ ସମ୍ବଲପୁର ସ୍କୁଲର ପତ୍ରିକାରେ ପିଲାମାନଙ୍କର କେତେକ ଚିତ୍ର ଛପାଇ ଦେଇଛି– ଯାହା ଦେଖି ଶିକ୍ଷା ବିଭାଗର ସମସ୍ତେ ତାରି ପ୍ରଶଂସା କରିଛନ୍ତି। ମାତ୍ର ମୋର ଶିକ୍ଷକ ଜୀବନରେ ଏଇ ନୂଆ କଥା ପାଇଁ ପୁରସ୍କାର ବଦଳରେ ଅଶ୍ରଦ୍ଧା ମିଳିଛି ବେଶି। ଶିଶୁମାନେ ଯେ ଆମରି ପରି ଶିଳ୍ପୀ ଓ ମନ କଥାକୁ ପ୍ରକାଶ କରିବା ପାଇଁ ସମର୍ଥ ଏବଂ ଏହି ସାମର୍ଥ୍ୟ କେବଳ ପ୍ରବନ୍ଧରେ ଜଣା ପଡ଼େ ନାହିଁ– ଚିତ୍ର ମଧ୍ୟରେ ମଧ୍ୟ ଜଣାପଡ଼େ ଏକଥା ମୁଁ କହିଦେଇଛି। ଭାଷାରେ ଲେଖିଲେ ସେମାନେ ସହସ୍ର ଭୁଲ୍ କରନ୍ତି– ଅଥଚ ଚିତ୍ରପରି ସାର୍ବଜନୀନ ଭାଷାରେ ତାଙ୍କର ଭୁଲ ହୁଏ ଅଳ୍ପ।

ଏହି ନୂତନ ଅନୁଭୂତି ମଧ୍ୟରେ ୧୮ବର୍ଷ କଟିଗଲା ପରେ ମୁଁ ପୁଣି ଆଧୁନିକ ଶିଳ୍ପୀମାନଙ୍କର ପ୍ରତିମାଶିଳ୍ପ ଗବେଷଣା କାର୍ଯ୍ୟରେ ଭାରତ ସରକାରଙ୍କ ଦ୍ୱାରା ନିର୍ବାଚିତ ହୋଇଛି। ଆଉ ଦେଖୁଛି–ରୂପର ପ୍ରଭାବରେ ପ୍ରଭାବିତ ଗାଁର ଅଜ୍ଞାତ ବିନ୍ଧାଣି–ସୃଷ୍ଟି କରିଛି ଅପୂର୍ବ କଳା–

ଯାହାକି ଏ ଦେଶର ଗୌରବ। ମୁଁ ସ୍କୁଲ ଜୀବନ କାଳରେ ସରସ୍ୱତୀ ଓ ଗଣେଶ ମୂର୍ତ୍ତି ମାଟିରେ ଅଙ୍କନ କରିଛି ଅନେକ। ଏବେ ମାଟିରେ ଭାରତୀୟ ଭଙ୍ଗୀ ଓ ସୌନ୍ଦର୍ଯ୍ୟକୁ ସ୍ୱଳ୍ପସ୍ଥିତି ଭାସ୍କର୍ଯ୍ୟ ମଧ୍ୟରେ ରୂପାୟିତ କରିବାକୁ ମୋତେ ମାତ୍ର ଅଳ୍ପ ସମୟ ଲାଗୁଛି। ଭାରତୀୟ ରୂପବିଭବ-ଉତ୍କଳର ମନ୍ଦିରରେ ଯାହାସବୁ ଅଛି-ସେହି ଅଙ୍ଗଭଙ୍ଗୀ-ଅଭଙ୍ଗ, ତ୍ରିଭଙ୍ଗ ଠାଣି- ମୁଁ ବହୁ ସଂଖ୍ୟାରେ ସ୍କେଚ କରୁଛି ଏବଂ ଯେତେ କରୁଛି ରୂପର ମୋହ ମୋତେ ତେତିକି ଆଚ୍ଛନ୍ନ କରୁଛି। ବୀର, କରୁଣ, ବୀଭତ୍ସ ରସର ରୂପାୟିତ ମୂର୍ତ୍ତି, ନୃତ୍ୟ, ଗୀତ, ବାଦ୍ୟକାର ମୂର୍ତ୍ତି ମଧ୍ୟରେ ମୁଁ ଦେଖୁଛି-ସେକାଳର ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି, ଅସରନ୍ତି ପ୍ରକାଶଭଙ୍ଗୀ।

ଏହିସବୁ ସୌନ୍ଦର୍ଯ୍ୟମୟ ଅଭିବ୍ୟକ୍ତି ଯେଉଁ ଶିଳ୍ପୀମାନଙ୍କର ପରିକଳ୍ପନା- ସେମାନେ କାହାନ୍ତି? ସେମାନଙ୍କର ରୂପ ସମୁଦ୍ରକୁ ମନ୍ଥନ କରି ଯଦି କେତେକ ରୂପକୁ ସବୁ ଶିଶୁ ଓ ବାଳକମାନଙ୍କୁ ଦେଖାଇ ଦିଆଯାଇପାରନ୍ତା, ତେବେ ସେମାନଙ୍କର ସୌନ୍ଦର୍ଯ୍ୟବୋଧ ଜାଗ୍ରତ ହୁଅନ୍ତା। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଏହା କେବଳ ଦିବାସ୍ୱପ୍ନ। ଏହି କଳାର ଅନୁଭବ ଓ ଉପଭୋଗ ପାଇଁ ଯତ୍ନ କରାଗଲେ- ଏହାହିଁ ଏବର ଶିଶୁର ଭବିଷ୍ୟତ ଜୀବନରେ ରସଗ୍ରାହୀ କରିପାରନ୍ତା ଓ ଏକ ସୌନ୍ଦର୍ଯ୍ୟମୟ ଭବିଷ୍ୟତର ଜାତି ଜାତି ଓ ଦେଶ ଦେଶ ମଧ୍ୟରେ ଥିବା ବିଭ୍ରାଟ ଓ ବିଭେଦକୁ ଅପସାରିତ କରି ଏକ ବିଶ୍ୱମୈତ୍ରୀ ସୃଷ୍ଟି କରନ୍ତା। 'ବିଶ୍ୱମୈତ୍ରୀ ପାଇଁ କଳାର ଦାନ' ଶୀର୍ଷକ ମୋର ଗୋଟିଏ ଲେଖାର ହିନ୍ଦୀ ସଂସ୍କରଣରେ ମୁଁ ଏହା ପ୍ରକାଶ କରିଛି।

ଯାହା କଳାରେ ପ୍ରକାଶ ପାଇପାରେନା ତାହା ପ୍ରକାଶିତ ହୁଏ ଭାଷାରେ, ଜୀବନରେ ଯାହା ଅସମାପ୍ତ ତାହା ସମାପ୍ତ ପାଏ କଳାରେ। ତେଣୁ କୁହାଯାଏ Art is a compensation of life। ସେଇଥିପାଇଁ ମୁଁ ଲେଖେଁ। ଗଳ୍ପ ହେଉ, କବିତା ହେଉ, ପ୍ରବନ୍ଧ ହେଉ ଲେଖିବା ଦ୍ୱାରା ମୋର ଅନୁଭୂତିକୁ ରୂପ ଦାନ କରେ। ଚିତ୍ରାଙ୍କନ ରୂପର ଏକମାତ୍ର ପରିପ୍ରକାଶ ନୁହେଁ। ତେଣୁ ରବୀନ୍ଦ୍ରନାଥ କବିତାରେ ଯାହା ପ୍ରକାଶ କରି ପାରିନଥିଲେ ତାକୁ ପ୍ରକାଶ କରିବାପାଇଁ ତୂଳୀ ଧରିଥିଲେ ୭୦ବର୍ଷ ବୟସରେ। ତାଙ୍କର ରୂପ ପିପାସା ତଥାପି ମେଣ୍ଟିଲା ନାହିଁ ବୋଲି ସେ କହିଯାଇଛନ୍ତି। ରୂପର ସାଗର ଭିତରେ ଅରୂପ ରତ୍ନ ଲାଭ ପାଇଁ ତାଙ୍କର ବ୍ୟାକୁଳତା ଏତେ ବେଶି- ଏତେ ଅଧିକ।

ନାରୀର ରୂପ, ଭୂଦୃଶ୍ୟର ଚିତ୍ରଣ, କାଳ୍ପନିକ ବିଷୟର ରୂପାୟନ-ଗ୍ରାମ୍ୟ ଓ ନଗରର ଆଦର୍ଶ ଚିନ୍ତାର ସହସ୍ର ରୂପ ସୃଷ୍ଟି ପରେ ମହତ୍ତ୍ୱ ଓ ପ୍ରତିଭାଶାଳୀ ବହୁ ବନ୍ଧୁ ଓ ମାନନୀୟମାନଙ୍କର ଆଲେଖ୍ୟ ଚିତ୍ରଣ ପାଇଁ ମୁଁ ଫଟୋଗ୍ରାଫର ସାହାଯ୍ୟ ନ ନେଇ ଯାଇଛି- ସେହି ବ୍ୟକ୍ତିର ସମ୍ମୁଖକୁ କାଗଜ ପେନସିଲ ଧରି ରୂପ ଓ ରୂପର ପଛ ପଟେ ଅରୂପର ସନ୍ଧାନ ଉଦ୍ଦେଶ୍ୟରେ

ଲେଖିଛି- ସ୍ୱର୍ଗତ ବିଶ୍ୱନାଥ କରଙ୍କର ଆଲେଖ୍ୟ। ମାନନୀୟ ଲକ୍ଷ୍ମୀନାରାୟଣ ସାହୁ, ଅନନ୍ତପ୍ରସାଦ ପଣ୍ଡା, କବି ବୈକୁଣ୍ଠନାଥ, କଥାଶିଳ୍ପୀ ନିତ୍ୟାନନ୍ଦ, ଲକ୍ଷ୍ମୀନାରାୟଣ, ସାହିତ୍ୟସେବୀ ବଳଭଦ୍ର ବହିଦାର, ଏପରି ଆହୁରି ଗାନ୍ଧୀ, ରବୀନ୍ଦ୍ର, ରାଜେନ୍ଦ୍ରପ୍ରସାଦ ପ୍ରଭୃତିଙ୍କର ପେନସିଲର ଆଲେଖ୍ୟ (Portrait, Sketches) ମନୁଷ୍ୟ ଜୀବନ ଓ ସାଧନା ପଛପଟେ ଯେଉଁ ପ୍ରଚ୍ଛନ୍ନ ରୂପ ରହିଛି ତାହାର ସନ୍ଧାନ ନେବା ପାଇଁ ମନ ମୋର ଚଞ୍ଚଳ ହୋଇଛି- ମୁଁ ସମୟ ନଷ୍ଟ କରି ନାହିଁ- ପାରିବାରିକ ଜୀବନର ଘାତ ପ୍ରତିଘାତ ଅଥବା ଅଭାବ ଅନଟନ ମୋତେ କଳା ସୃଷ୍ଟିରୁ ବିରତ କରି ନାହିଁ।

ଆକାଶ ଓ ପୃଥିବୀରେ, ଘରେ, ବାହାରେ, ଦୋକାନରେ, ବଜାରରେ, ନଗର ଓ ଗ୍ରାମରେ ଅସଂଖ୍ୟ ବିଷୟ-ସହସ୍ର ଭାବରେ ବିଚିତ୍ର ରୂପରେ ମୋତେ ଅହରହ ବ୍ୟଥିତ କରିଛି- କ୍ଷିପ୍ତ ଓ ପାଗଳ କରିଛି। ଆଉ ଯାହା ଯାହା ମୋର ମନଦର୍ପଣରେ ବିମ୍ବିତ ହୋଇଛି- ତାହା ମୁଁ ନିଜ ମଧ୍ୟରେ ଆବଦ୍ଧ ନ ରଖି ସମସ୍ତଙ୍କର ଆନନ୍ଦ ଉପଭୋଗ ପାଇଁ ଦେଇଛି- କେତେ ଭଲ, କେତେ ମନ୍ଦ, ସେସବୁ ବିଚାର କରିବା ଭବିଷ୍ୟତ ବର୍ତ୍ତମାନର ଚିନ୍ତାକୁ ରୂପାୟିତ କରିବା ହିଁ ମୋର କର୍ତ୍ତବ୍ୟ ବୋଲି ମୁଁ ଜାଣିଛି। ନିଶ୍ଚେଷ୍ଟତା ମୋର ଧର୍ମ ନୁହେଁ। ଅଳମତି ବିସ୍ତରେଣ।



ବସନ୍ତ କୁମାର ପଣ୍ଡା

ଶିଳ୍ପୀ ରୂପର ଉପାସକ। ରୂପର ପ୍ରଭାବ ଶିଳ୍ପୀ ଉପରେ ଅହରହ ପଡ଼େ। କିନ୍ତୁ କେଉଁ ଶିଳ୍ପୀ କେଉଁ ରୂପଦ୍ୱାରା ପ୍ରଭାବିତ ହୁଏ ସେଟା କହିବା କଠିନ କଥା। ଯେଉଁ ଶିଳ୍ପୀ ଯେଉଁ ରୂପର ଉପାସକ ସେ ରୂପ ଧରାଦିଏ ଶିଳ୍ପୀର ନିଜର କଳା ସୃଷ୍ଟିରେ।

ଶିଳ୍ପୀ ଯେଉଁ ରୂପ ଦେଖେ ଠିକ୍ ସେହି ରୂପକୁ ସେ ଅନୁକରଣ କରେନା - କରେ ନିଜର ରଚନା ସୃଷ୍ଟି, ଯାହାକି ତାର ପ୍ରିୟ ଓ ନିଜସ୍ୱ। ସେ ଆନନ୍ଦ ପାଏ ନିଜର ରଚନାରେ। ପ୍ରକୃତି ଶିଳ୍ପୀକୁ ବିଷୟବସ୍ତୁ ଯୋଗେଇ ଦିଏ। କିନ୍ତୁ ଶିଳ୍ପୀ ପ୍ରକୃତିକୁ ଅନୁକରଣ ନ କରି, କରେ ଅନୁବାଦ, ଯଦ୍ଦ୍ୱାରା ଶିଳ୍ପୀର ନିଜତ୍ୱ ପରିସ୍ଫୁଟ ହୁଏ ତାର ରୂପ ସୃଷ୍ଟିରେ। ସେଥି ଯୋଗୁଁ ବିଭିନ୍ନ ଶିଳ୍ପୀର କାର୍ଯ୍ୟ ବିଭିନ୍ନ ପ୍ରକାର ଦେଖାଯାଏ - ଦେଖାଯିବା ମଧ୍ୟ ଉଚିତ। ଯେଉଁ ଶିଳ୍ପୀର ନିଜସ୍ୱ ନାହିଁ ତାର ରଚନାରେ ବୈଶିଷ୍ଟ୍ୟ ମଧ୍ୟ ନ ଥାଏ।

ପ୍ରାକୃତିକ ବସ୍ତୁ ଓ ଦୃଶ୍ୟରେ ଯେଉଁ ସୌନ୍ଦର୍ଯ୍ୟ ପ୍ରଚ୍ଛନ୍ନ ଭାବରେ ନିହିତ ଅଛି ସେହି ସୌନ୍ଦର୍ଯ୍ୟ ଶିଳ୍ପୀ ମନକୁ ଆଲୋଡ଼ିତ କରେ - ଶିଳ୍ପୀ ବ୍ୟାକୁଳ ହୁଏ, ତାକୁ ଧରି ରଖିବାକୁ ନିଜର କଳାରେ। କଳା ଅତି ଉଚ୍ଚ ଓ ସୂକ୍ଷ୍ମାତିସୂକ୍ଷ୍ମ। ସତ୍ୟ, ଶିବ, ସୁନ୍ଦର ତାର ମୌଳିକ ଉପାଦାନ। ଯେଉଁ ଶିଳ୍ପୀର ରଚନାରେ ଏହି ମୌଳିକ ଉପାଦାନଗୁଡ଼ିକର ଅଭାବ ରହେ ସେ ରଚନା କଳାର ଅନ୍ତର୍ଭୁକ୍ତ ହୋଇପାରେନା।

ମୋର ଶିଳ୍ପୀ ଜୀବନର ସୂଚନା ପଠନାବସ୍ଥାରୁ ମିଳୁଥିଲା। ଯେହେତୁ ଶ୍ରେଣୀରେ ଚିତ୍ରାଙ୍କନ ପ୍ରତି ମୋର ଶ୍ରଦ୍ଧା ଥିଲା ବେଶି ଏବଂ ମୋର ଅଙ୍କିତ ଚିତ୍ର ସବୁଠାରେ ଭଲ ବୋଲି ସୁଖ୍ୟାତି ପାଉଥିଲା। କେବଳ ଚିତ୍ର ନୁହେଁ, ମୃତ୍ତିକାରେ ମୂର୍ତ୍ତି ଗଠନ ମଧ୍ୟ ମୋର ଗୋଟିଏ ନିଶା ଥିଲା। ସୁତରାଂ ସ୍କୁଲରେ ଗଣେଶ ଓ ସରସ୍ୱତୀ ମୂର୍ତ୍ତି ମୋତେ କରିବାକୁ ପଡୁଥାଏ। ସେହିଠାରୁ ମୋର ଶିଳ୍ପୀ ଜୀବନର ଆରମ୍ଭ। ସେଇ ଗଣେଶ, ସେଇ ସରସ୍ୱତୀ ମୋର ଶିଳ୍ପୀ ଜୀବନର ସ୍ତମ୍ଭ।

କିନ୍ତୁ ହାୟ ! ମୁଁ ଶିଳ୍ପୀ ହୋଇପାରିଲି ନାହିଁ ଯେ ! ଶିଳ୍ପୀ ହିସାବରେ ସାଧାରଣରେ ମୋର ପ୍ରଚାର ବା ଖ୍ୟାତି କାହିଁ? ମୁଁ ବଜାର କାର୍ଯ୍ୟ କରେନା। ଯେଉଁମାନେ ବଜାରର କାମ ଅର୍ଥାତ୍ ପୁସ୍ତକ ଚିତ୍ର, କଭର ଡିଜାଇନ, ବିଜ୍ଞାପନ ଛବି କାମ କରନ୍ତି ସେମାନଙ୍କର ନାମ ସହଜରେ ଚାରିଆଡ଼େ ବ୍ୟାପିଯାଏ ଏବଂ ସେହିମାନେ ହିଁ ଶିଳ୍ପୀ ହିସାବରେ ଶୀଘ୍ର ପରିଚିତ ହୋଇ ପଡନ୍ତି। କିମ୍ବା ଯେଉଁ ଶିଳ୍ପୀ ନିଜର ଛବି ପତ୍ରିକାମାନଙ୍କୁ ନିୟମିତ ଭାବରେ ପଠାନ୍ତି ସେମାନେ ମଧ୍ୟ ସେ ସୁବିଧା ପାଇପାରନ୍ତି। ମୋ ଭାଗ୍ୟରେ ସେ ସୁଯୋଗ ଅଳ୍ପ ସ୍ୱଳ୍ପ ଘଟିଥିଲେ ମଧ୍ୟ ମୁଁ ସେ ଆଡ଼କୁ ବିଶେଷ ଭାବରେ ମନ ଦେଇପାରି ନାହିଁ । ତେଣୁ ମୁଁ ଜଣେ ହତଭାଗ୍ୟ ଶିଳ୍ପୀ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଓଡ଼ିଶାର ଶିଳ୍ପୀ ବୋଇଲେ ଯାହା ବୁଝାଯାଏ ଅନ୍ତତଃ ମୁଁ ସେ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହେବାର ସୌଭାଗ୍ୟ ମଧ୍ୟ ଲାଭ କରିପାରି ନାହିଁ।

ସନ୧୯୧୧ ମସିହାରେ ମୁଁ ବାଲେଶ୍ୱର ଜିଲାବୋର୍ଡ଼ରୁ ୧୦ଟଙ୍କା ମାତ୍ର ବୃତ୍ତି ନେଇ କଲିକତା ଆର୍ଟ ସ୍କୁଲକୁ ପଢ଼ିବାକୁ ଗଲି। ସେତେବେଳେ ସେ ସ୍କୁଲରେ ଜଣେ ମାତ୍ର ଓଡ଼ିଆ ଛାତ୍ର କାଠ ଖୋଦେଇ ଶ୍ରେଣୀରେ ପଢୁଥିଲେ। ତାଙ୍କର ନାମ ଶ୍ରୀ ଧନେଶ୍ୱର ମହାରଣା, ଘର ଯାଜପୁର। ବର୍ତ୍ତମାନ ସେ ଜଣେ ବିଖ୍ୟାତ କାଠ ଖୋଦେଇ କାରିଗର। ସେ ମୋତେ ସବୁ ପ୍ରକାର ସାହାଯ୍ୟ ସହାନୁଭୂତି ଦେଇ ଉତ୍ସାହିତ କରିଥିଲେ। ମୋ ଶିଳ୍ପୀ ଜୀବନ ତାଙ୍କଠାରେ ଋଣୀ।

କ୍ଲାସ କାର୍ଯ୍ୟ ରୀତିମତ କରି ଚାଲିଥାଏଁ ଏବଂ ପ୍ରତିବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମ ବା ଦ୍ୱିତୀୟ ସ୍ଥାନ ଅଧିକାର କରୁଥାଏଁ। ଏହିପରି ୧ମ, ୨ୟ ହୋଇ ବରାବର ଉପର ଶ୍ରେଣୀ ପର୍ଯ୍ୟନ୍ତ ଚାଲିଗଲି ସତ କିନ୍ତୁ ପ୍ରଥମ ଦୁଇବର୍ଷ ୧୦ଟଙ୍କାରେ ବଡ଼ କଷ୍ଟରେ ଚଳିବାକୁ ପଡୁଥିଲା। ଶେଷରେ ବୃତ୍ତି ୨୦ଟଙ୍କା ଯାଏ ଉଠିଲା। ଆଶ୍ୱସ୍ତ ହେଲି।

୬ ବର୍ଷ ପରେ ପାସ୍ କରି ପ୍ରଥମ ଶ୍ରେଣୀର ସାର୍ଟିଫିକେଟ୍ ପାଇଲି। କିନ୍ତୁ ମୁଁ ତା ପରେ ଚାକିରି ଚେଷ୍ଟା ନ ଦେଖି ଆଉ ତିନିବର୍ଷ ଶିକ୍ଷକତା କୋର୍ସ ପଢ଼ିବା ପାଇଁ ସ୍ଥିର କଲି। ମୁଁ ସେତେବେଳକୁ ପ୍ରାକୃତିକ ଦୃଶ୍ୟ ଛବି Landscape ବିକ୍ରି କରି କିଛି କିଛି ସଞ୍ଚୟ ମଧ୍ୟ କରିପାରୁଥିଲି। ପ୍ରିନ୍ସପାଲ ମୋତେ ଦୁଇଟି ଟିଉସନ ଯୋଗାଡ଼ କରିଦେଲେ। ବ୍ରେଜିଲର କନ୍ସଲଙ୍କର ସ୍ତ୍ରୀ ମିସେସ୍ ନାହାପିଏଡ଼ ଓ ଆର. ଡବଲ୍ୟୁ ହେନ୍ସନ୍ ମୋର ଛାତ୍ର ହେଲେ। ଏମାନଙ୍କର ସାହଚର୍ଯ୍ୟ ମୋ ଶିଳ୍ପୀ ଜୀବନରେ ଯଥେଷ୍ଟ ପ୍ରେରଣା ଦେଇଛି।

ଶିକ୍ଷକତା କୋର୍ସରେ ପ୍ରଥମ ଶ୍ରେଣୀ ସାର୍ଟିଫିକେଟ୍ ହାସଲ କଲା ପରେ ମୋର ଭାଗ୍ୟ ମୋତେ ଓଡ଼ିଶାକୁ ଟାଣିଆଣିଲା ଡ୍ରଇଂ ମାଷ୍ଟର କରି। ମୋର ସହପାଠୀମାନେ ଆଜି କିଏ କେଉଁ ଆର୍ଟ କଲେଜର ଅଧ୍ୟକ୍ଷ କିଏ ବା ଅଧ୍ୟାପକ।

ଟିଚରସିପ୍ କ୍ଲାସରେ ପଢୁଥିବାବେଳେ ସ୍କୁଲରେ ଆମ ଅନୁରୋଧରେ ପ୍ରତିବର୍ଷ ପିଲାଙ୍କ ଛବି ଦ୍ୱାରା ପ୍ରଦର୍ଶନୀ କରାଯିବାର ଆୟୋଜନ ହେଲା। ତାହା ଆଜିଯାଏ ଚାଲିଆସୁଛି। ପ୍ରଥମ ବର୍ଷ କଥା ମୋର ମନେ ଅଛି।

ପ୍ରଦର୍ଶନୀ ଖୋଲିବାର ଆଗ ଦିନ ଚିତ୍ର ବିଚାର ସରି ଯାଇଥିଲା। ମୁଁ ଫଳ ଶୁଣିବା ପାଇଁ ବ୍ୟାକୁଳ ଓ ଉତ୍ସୁକ ଥାଏ। ଜନୈକ ସହପାଠୀ ମୋତେ ଖୋଜି ଖୋଜି ମୋ ଆଡ଼କୁ ଦଉଡ଼ିଆସି ମୋତେ କୁଣ୍ଢାଇ ପକାଇଲା ଏବଂ କହିଲା – "ବସନ୍ତ, ତୁମ ଲାଣ୍ଡସ୍କେପ ପ୍ରଥମ ହୟେଚ ଏବଂ ପୋଟ୍ରେଟ୍ ପେଣ୍ଟିଂରେ ସେକେଣ୍ଡ ହୟେଚ। ଚଲ ଖାଓଆବେ"। ବଡ଼ ବିସ୍ମିତ ହେଲି। କଥାଟାକୁ ହଠାତ୍ ବିଶ୍ୱାସ କରିପାରିଲି ନାହିଁ। ଧୀରେ ଧୀରେ ସ୍କୁଲକୁ ଆସିଲି। ବନ୍ଧୁଟି ସଙ୍ଗରେ ମୋତେ ଟାଣି ଟାଣି ନେଇ ଚାଲିଥାନ୍ତି। ଅଫିସ ନିକଟକୁ ଆସିଲା କ୍ଷଣି ଭାଇସ୍ ପ୍ରିନ୍‌ସପାଲ ମହା ଖୁସିରେ ଶୁଭ ସମ୍ବାଦଟି ଦେଲେ। ପ୍ରିନ୍‌ସପାଲ ଡାକିନେଇ ଛବି ଦୁଇଟା ଦେଖାଇ ଅଭିନନ୍ଦନ କଲେ। ବାସ୍ତବିକ୍ ମୋର ସେଦିନର ଆନନ୍ଦ ମୁଁ ଆଜିଯାଏ ଭୁଲିପାରି ନାହିଁ। ସେଇ ଘଟଣା ମୋର ଶିଳ୍ପୀ ଜୀବନରେ ଅଦମ୍ୟ ପ୍ରେରଣା ଦେଇଛି।

ପରଦିନ ବଙ୍ଗ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର ଲାୟନ ସାହେବ ପ୍ରଦର୍ଶନୀ ଉଦ୍‌ଘାଟନ କଲେ। ସେ ମୋର ଛବି କିଣି ନେବାଦ୍ୱାରା ମଧ୍ୟ ମୁଁ ବଡ଼ ଉତ୍ସାହିତ ହୋଇଥିଲି।

ଟିଚରସିପ୍ କୋର୍ସ ଶେଷ ହେଲା ପରେ କିଛିଦିନ, ମୁଁ ସେଠି ନିଜେ ଶିକ୍ଷକ ମଧ୍ୟ ହେଲି। କିନ୍ତୁ ଭଲ ନ ଲାଗିବାରୁ ଛାଡ଼ିଦେଲି।

ତା'ପରେ କେତେ ଦିନ କଲିକତା ମେଡ଼ିକାଲ କଲେଜରେ ଚକ୍ଷୁରୋଗର ଚିତ୍ରାଙ୍କନ ଏବଂ ଗୋଟାଏ ବଡ଼ ବ୍ୟବସାୟ ଅନୁଷ୍ଠାନରେ ଲେବଲ ବା ମାର୍କା ଡିଜାଇନ କଲି। ଏ ଦୁଇ କାର୍ଯ୍ୟ ବେଶ୍ ଭଲ ଲାଗିଲା ୫/୬ ମାସ ଯାଏ। ବେଶ୍ ପଇସା ମଧ୍ୟ ମିଳୁଥାଏ। ତା ପରେ ଗୋଟାଏ ଏମ୍ବ୍ରୟଡରି ଫାର୍ମରେ ଉଚ୍ଚ ବେତନରେ ବର୍ଷେ କାର୍ଯ୍ୟ କଲି। ଠିକ୍ ସେତିକିବେଳେ ପୁରୀଜିଲା ସ୍କୁଲରେ ଡ୍ରଇଂ ମାଷ୍ଟର ନିଯୁକ୍ତ କରି ଓଡ଼ିଶା ଡିଭିଜନର ଇନସ୍‌ପେକ୍ଟର ନିଯୁକ୍ତିପତ୍ର ଖଣ୍ଡିଏ ମୋ ପାଖକୁ ପଠାଇଲେ। ବଡ଼ ସମସ୍ୟାରେ ପଡ଼ିଲି। ଦରମା ଦେଖିଲି ୬୦ ରୁ ୨୪୦ ଟଙ୍କା। କିନ୍ତୁ ସେତେବେଳକୁ ମୁଁ ମୋର ବେତନ ଓ ପ୍ରାଇଭେଟ୍ ଟିଉସନରୁ ପାଉଥିଲି ପ୍ରାୟ ୨୦୦ଟଙ୍କା। ଯଦି ପୁରୀ ଆସେ ତାହାହେଲେ ୬୦ଟଙ୍କାରେ ଚଳିବି କିପରି। ପ୍ରିନ୍‌ସିପାଲ ଶୁଣି ବିରକ୍ତ ହେଲେ ଏବଂ ଓଡ଼ିଶାକୁ ଆସିବାକୁ ମନା କଲେ। କହିଲେ "ମୁଁ ଭଲ ଚାକିରି ଦେବି, ଅପେକ୍ଷା କର। ସେଥିପାଇଁ ମୁଁ ଚାରିମାସ ଛୁଟି ନେଲି।"

କିନ୍ତୁ ଚାରିମାସ ମଧ୍ୟରେ କିଛି ହେଲା ନାହିଁ। ଆଉ ବା କେତେ ଅପେକ୍ଷା କରନ୍ତି। ଶେଷକୁ ପୁରୀକୁ ଆସି ଆରମ୍ଭ ହେଲା ମାଷ୍ଟରି ଜୀବନ – ୧୯୨୧ ଠାରୁ।

ନାନା ଘାତ ପ୍ରତିଘାତ ମଧ୍ୟ ଦେଇ ନିଜର କର୍ତ୍ତବ୍ୟ କରିଆସିଲି ପ୍ରାୟ ୩୧ ବର୍ଷ। ଅର୍ଜନ କଲି ବହୁ ତିକ୍ତ ବହୁଦର୍ଶିତା।

ଏହା ଦୀର୍ଘ ୩୧ ବର୍ଷ ମଧ୍ୟରେ ସ୍କୁଲ କାର୍ଯ୍ୟ କରି ମଧ୍ୟ ଅବସର ସମୟରେ ନିଜର କଳା ଚର୍ଚ୍ଚା କରିବା ମୋର ଅତି ପ୍ରିୟ କାର୍ଯ୍ୟ ଥିଲା। ଏହି ସମୟରେ ମୁଁ ମୋର କାର୍ଯ୍ୟ ପାଇଁ ବହୁବାର ପ୍ରଶଂସିତ ଓ ପୁରସ୍କୃତ ହୋଇଛି।

ଆଜି କାର୍ଯ୍ୟରୁ ଅବସର ନେଉଛି। ରୂପ ମୋତେ ନିଜ ସ୍ଥାନରେ ସନ୍ତୁଷ୍ଟ ରହି ନିଜ କାମ କରିଯିବାର ନିଶା ଛଡ଼ା ଅନ୍ୟ କ'ଣ ଦେଇଛି ମୁଁ କହିପାରିବି ନାହିଁ।



ନିରଞ୍ଜନ ମିଶ୍ର

ଗୋଟିଏ Percian ଗାଡୁ, କେତେଗୁଡ଼ିଏ Geometrical Cubes ଓ Vere Fosterଙ୍କର କିଛି ରେଖା-ଚିତ୍ର ଆମ ଡ୍ରଇଂ କ୍ଲାସର ସଂବଳ ଥିଲା। ଶିକ୍ଷକ ମହୋଦୟ କେତେବେଳେ ଗାଡୁଟି ଟେବୁଲ ଉପରେ ଥୋଇ, କେତେବେଳେ ଅବା Vere Fosterଙ୍କର ଚିତ୍ର ଆମ ହାତରେ ଦେଇ, ଅଙ୍କନ ପଦ୍ଧତିର ସାମାନ୍ୟ ଆଲୋଚନା କରି, କ୍ଲାସର ଗୋଟିଏ କୋଣରେ ଚୁପ୍‌ଚାପ୍ ବସି କ'ଣ ସବୁ ଭାବନ୍ତି। କ'ଣ ସବୁ ସେ ଭାବନ୍ତି ମୁଁ ଜାଣେନି; ବୋଧହୁଏ ରୂପର ଅରୂପ ସ୍ୱପ୍ନର ମୁକ୍ତି, ବିଦ୍ୟାଳୟର Art Curriculum ଭିତରେ ଖୋଜୁଥିବେ କିମ୍ବା ମାଷ୍ଟରୀ ଜୀବନରୁ ପରିତ୍ରାଣର ଉପାୟ ଭାବୁଥିବେ। ଠିକ୍ ସମାନ ପରିସ୍ଥିତିରେ ଶିଳ୍ପ ଶିକ୍ଷକ ରୂପେ ମୋ ଜୀବନର ଦିନ ମଧ୍ୟ ବିତିଛି ଓ ମୋର ମଧ୍ୟ ଏ ଅନୁଭୂତି ଆସିଛି ଯେ ବିଦ୍ୟାଳୟମାନଙ୍କର ଚଳିତ ଶିକ୍ଷା ପରିବର୍ତ୍ତନ ନ ହେବା ଯାଏଁ କଳା ବିଦ୍ୟାର ସ୍ଥାନ ନାହିଁ। ବର୍ଷ ପରେ ବର୍ଷ ବିତିଯାଉଥାଏ, ଓଲଟି ପାଲଟି ସେହି ସାମଗ୍ରୀ ଆମ ସାମନାକୁ ଆସୁଥାଏ ଓ ଆମେ ଡ୍ରଇଂର ପୂରା କପି କରି ଭାରମୁକ୍ତ ହେଉଥାଉଁ।

ନିତାନ୍ତ ପିଲା ଅବସ୍ଥାରୁ ମୋର ଚିତ୍ରାଙ୍କନ ପ୍ରତି ଶ୍ରଦ୍ଧା। ଛବିଟାଏ ଦେଖିଲେ ତା' ଆଡ଼କୁ ମନ ଧାଇଁଯାଏ। ପେନ୍‌ସିଲରେ ନିଜ ବହି ଖାତା ଚିତ୍ରିତ କରି ନିଜର କୌତୂହଳ ଦୂର କରେ। ଘରେ ବାହାରେ ଯାହା ଭଲ ଲାଗେ ଚିତ୍ରଣ କରେ। ଶିକ୍ଷକ ମହୋଦୟ କ୍ଲାସ ଛାଡ଼ିଲେ, କ୍ଲାସର କଳାପଟା ଉପରେ ତାଙ୍କର ଚାଲିଚଳନ କିମ୍ବା ପଶୁପକ୍ଷୀ ଅଙ୍କନ କରି ମୋ ସହପାଠୀଙ୍କ ମନୋରଞ୍ଜନ କରେ।

ମୋ ବାପା ଜଣେ ସୁଦକ୍ଷ କାରିଗର। ବହିବନ୍ଧା ଛବିଫ୍ରେମଠୁଁ ଆରମ୍ଭ କରି ଛୋଟ ବଡ଼ ସବୁ ପ୍ରକାରର ପାଇଲ ପୋର୍ଟଫୋଲିଓ ହାତ ସଫାଇରେ ତିଆରି କରନ୍ତି। ସେ କଲିକତାରୁ ନାନା ପ୍ରକାର ଦେଶୀ ବିଦେଶୀ ରଙ୍ଗିନ ଛବି ଆଣି ଘରେ ଫ୍ରେମିଂ କରି ଲୋକଙ୍କୁ ବିକ୍ରି କରୁଥିଲେ। ସେଗୁଡ଼ିକ ମଧ୍ୟରୁ ବେଶି ଭାଗ ଶିଳ୍ପୀ ସ୍ୱର୍ଗତ ରାଭି ବର୍ମାଙ୍କ ପୌରାଣିକ ଚିତ୍ର। ସେ ଛବିଗୁଡ଼ିକର ଘରେ ଘରେ ଆଦର ଥିଲା, ଏବେ ମଧ୍ୟ

ଅନେକଙ୍କ ଘରେ ସେ ଛବି ଦେଖିବାକୁ ମିଳେ। ଆଦର୍ଶ କଳା ହିସାବରେ ଏହାର ଆଦର ନ ଥିଲା। ଧର୍ମ ଓ ପୁରାଣ ଜଡ଼ିତ ବୋଲି ଆମ ଲୋକ ମହଲରେ ସେଗୁଡ଼ିକର ସ୍ଥାନ। ରାଭି ବର୍ମାଙ୍କ କଳା ଶିକ୍ଷା ପାଶ୍ଚାତ୍ୟ ଦେଶରେ ଓ ତାଙ୍କର କଳା ପାଶ୍ଚାତ୍ୟ ପଦ୍ଧତିରେ ପ୍ରଭାବିତ। ତେଣୁ ତାଙ୍କର ରଚନାଗୁଡ଼ିକ ଭାରତୀୟ ଦୃଷ୍ଟିକୋଣରୁ ବିଦେଶୀ। ସେ ଯା' ହେଉ, ତାଙ୍କର ଛବି ମୋ ଜୀବନର ପ୍ରଥମ ଗୁରୁ। ତାଙ୍କର କେତେ ଛବି ଯେ ମୁଁ ଅନ୍ତଃକରଣ କରିଛି ତାର ଠିକଣା ନାହିଁ।

ଆମ ଘରେ ଆଉ ଜଣେ ଶିଳ୍ପୀ ଥିଲେ, ସେ ମୋର ଜଣେ ବଡ଼ଭାଇ। ସେ ମୂର୍ତ୍ତି ଗଢ଼ିବାରେ ଧୁରନ୍ଧର। ପୂଜାପାର୍ବଣରେ ମୂର୍ତ୍ତି ଗଢ଼ିବା, ଯାତ୍ରା ଦଳରେ ଅଭିନୟ କରିବା ତାଙ୍କର ନିଶା। ସେ ମୂର୍ତ୍ତି ଗଢ଼ନ୍ତି ଓ ମୁଁ ତାଙ୍କ ପାଖେ ବସି ବସି ଦେଖେଁ । ମୂର୍ତ୍ତିକଳା ଶିକ୍ଷା କରିବେ ବୋଲି ତାଙ୍କର କେତେ ଆଶା ଥିଲା। ବଞ୍ଚିଥିଲେ ହୁଏତ ଅନେକ ଆଗେଇପାରିଥାନ୍ତେ। ଲୋକେ କହନ୍ତି କଳ୍ପବିଦ୍ୟା ଆକାଶରୁ ପଡ଼େ ନାହିଁ, ବଂଶରେ କଳା ନ ଥିଲେ ତାହା ସହଜସାଧ୍ୟ ନୁହଁ। ବୋଧହୁଏ ମୋର ଶିଳ୍ପୀ ଭାଇ ଓ ବାପା ମୋ କଳାଦୃଷ୍ଟିର ଉତ୍ସ।

ଚିତ୍ରାଙ୍କନ ମୋର ଦୈନନ୍ଦିନ ଖେଳ, ପାଠ୍ୟପୁସ୍ତକ ଛୁଇଁବାକୁ ଇଚ୍ଛା ହୁଏ ନାହିଁ। ସମସ୍ତେ କହନ୍ତି ମୁଁ ଦିନେ ଶିଳ୍ପୀ ହେବି। ମୋ ଶିକ୍ଷକ ମହୋଦୟ ତଥା ସହପାଠୀଙ୍କ ପ୍ରେରଣା ମୋତେ ଆଗେଇ ଦେଉଥାଏ। କିନ୍ତୁ କିପରି ଶିଳ୍ପୀ ହେବି ବା କେଉଁ ରାସ୍ତାରେ ଚାଲିବି, ମୋତେ ନିର୍ଦ୍ଦେଶନା ଦେବାକୁ କେହି ନ ଥାନ୍ତି।

କଲିକତାରେ ଛ'ବର୍ଷ ଆର୍ଟ ପଢ଼ାଇବା ଭଳି ଶକ୍ତି ଆମ ଘରେ ନ ଥିଲା। ଆମେ କର୍ମଜୀବୀ ଲୋକ, ଚିରଦିନ ଗରିବ। ଆମର ବା କି ଶକ୍ତି। ତଥାପି ବାପାଙ୍କର ସାହସ ଥିଲା। ସେ ମନେ ମନେ ମୋତେ କଲିକତା ପଠାଇବା ପାଇଁ ସ୍ଥିର କରିଥିଲେ। ମା' ବାପର ଗୋଟିଏ ପୁଅ, ତାଙ୍କର ବଡ଼ ଆଶା ଥିଲା, ପୁଅ ଶିଳ୍ପୀ ହୋଇ ତାଙ୍କର ଦୁଃଖଦୈନ୍ୟ ଦୂର କରିବ। ବାପାଙ୍କର ଶିଳ୍ପୀଙ୍କ ପ୍ରତି ଗୋଟିଏ ଭୁଲ୍ ଧାରଣା ଥିଲା। ସେ ଭାବିଥିଲେ ମୁଁ ଶିଳ୍ପୀ ହୋଇ ରାଜା ମହାରାଜାଙ୍କ ରୂପ ଚିତ୍ରଣ କରି ଜୀବନରେ ଅନେକ ଅର୍ଥ ସଂଗ୍ରହ କରିପାରିବି, ଏବେ ଅବଶ୍ୟ ସେ ନିଜ ଭୁଲ୍ ବୁଝିଲେଣି। ଶିଳ୍ପୀ ହେବା ମାନେ ଦୁଃଖଦାରିଦ୍ର୍ୟକୁ ବରଣ କରିବା। ତାଙ୍କ ଜୀବନରେ ଅର୍ଥ ଦିଗରୁ ଗୋଟିଏ କ୍ଷୋଭ ରହିଗଲା ଓ ମୁଁ ତାହା ପୂରଣ କରିପାରିବି। କିନ୍ତୁ ମୋ ତରଫରୁ ମୁଁ ଶିଳ୍ପୀ ହୋଇ ସୁଖୀ ହୋଇଛି। ଅର୍ଥଲୋଭୀ ମୁଁ କାହିଁକି, ମୋର ବିଷୟ ବୁଦ୍ଧି ନାହିଁ। ଦୁଃଖ ଦୁର୍ଦ୍ଦିନରେ ବରଂ ଶିଳ୍ପହିଁ ମୋ ଜୀବନକୁ ଆଲୋକିତ କରିଛି ଓ ମୋତେ ନୈରାଶ୍ୟରୁ ଆନନ୍ଦଲୋକକୁ ନେଇ ଯାଇଛି।

ସେତେବେଳେ ମୁଁ Matric କ୍ଲାସରେ ପଢୁଥାଏ। ହଠାତ୍ ଦିନେ ଖବର କାଗଜରୁ ଜାଣିଲି, ଶିକ୍ଷା ବିଭାଗର ଡିରେକ୍ଟର ମହୋଦୟ ଶାନ୍ତିନିକେତନରେ କଳାଶିକ୍ଷା ପାଇଁ

ମାସିକ ପଚିଶ ଟଙ୍କା ବୃତ୍ତିରେ ଜଣେ ଛାତ୍ର ପଠାଇବେ। ଖବରଟି ପାଇ ମୁଁ ଆତ୍ମହରା ହୋଇ ବାପାଙ୍କ ପାଖକୁ ଦଉଡ଼ିଲି। ଦରଖାସ୍ତ ଗଲା ଓ ଡାକରା ଆସିବା ସାଙ୍ଗେ ସାଙ୍ଗେ ମୋର କେତେକ ଚିତ୍ର ସହ ଡିରେକ୍‌ଟରଙ୍କ ଅଫିସରେ ହାଜର ହେଲି। ଡିରେକ୍‌ଟର ମହୋଦୟ ଓ ଶିଳ୍ପ ଅଧ୍ୟାପକ ଶ୍ରୀ ବସନ୍ତବାବୁ ମୋ ଛବିର ଖୁବ୍ ପ୍ରଶଂସା କଲେ ଓ ମୁଁ ଶେଷରେ ନିର୍ବାଚିତ ହେଲି।

ଧୀରେ ଧୀରେ ସଂସାରର ପରିସ୍ଥିତି ବଦଳିଲା ଓ ଯୁଦ୍ଧର ଭୟାବହ ପରିଣାମ ଲୋକେ ଅନୁଭବ କଲେ। ଜିନିଷପତ୍ରର ଦାମ ବଢ଼ିବା ସଙ୍ଗେ ଅଭାବ ବଢ଼ି ଚାଲିଲା। ଘରୁ ଯଉଁ କିଞ୍ଚିତ୍ ସାହାଯ୍ୟ ପାଉଥିଲି ତା' ଦୁରବସ୍ଥାରୁ ବନ୍ଦ ହେଲା। ମୋ ବୃତ୍ତି ବଢ଼ାଇବା ପାଇଁ ଆଚାର୍ଯ୍ୟ ନନ୍ଦଲାଲ ବାବୁ ଅନେକ ଥର ସରକାରଙ୍କୁ ଲେଖି ସୁଦ୍ଧା ବିଫଳ ହେଲେ। ସେ ମୋ ଜୀବନର ସଂଧିସ୍ଥଳ। ମନେ ପଡ଼ିଲେ ଆଜି ବି କ୍ରୋଧ ଆସେ। ଆଚାର୍ଯ୍ୟ ମହାଶୟ ସଦାବେଳେ ପ୍ରେରଣା ଦେଉଥାନ୍ତି, 'ତୁମି ଭାଲ କରିବେ, କଲାଭବନ ଛେଡ଼ୋ'ନା ।' ମୋ ସଂବଧରେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଓ ହରିଶ ବଡ଼ାଲ ମହାଶୟଙ୍କୁ ଲେଖିଥିଲେ। ବଡ଼ାଲ ମହାଶୟଙ୍କଠୁଁ ମାସକୁ ଦଶଟଙ୍କା ଓ ପରେ ପନ୍ଦର ଟଙ୍କା କରି ପାଇଲି। ସେ ମୋ ପରି କେତେ ଗରିବ ଛାତ୍ରଙ୍କୁ ଯେ ପଢ଼ାଇଛନ୍ତି ତାର ହିସାବ ନାହିଁ। ତାଙ୍କଠି ମୁଁ ଚିରଋଣୀ। ଏହି ପ୍ରସଂଗରେ ମୋର ଜଣେ ସହପାଠୀ ବଂଧୁଙ୍କ କଥା ନ ଲେଖି ରହିପାରୁ ନାହିଁ। ସେ ହେଉଛନ୍ତି ଶିଳ୍ପୀ ଶ୍ରୀ ଅଜିତ କେଶରୀ ରାୟ। ମୋ ଅଭାବ ଅଭିଯୋଗ ଶୁଣି ସେ ବଂଧୁ ହିସାବରେ ସଦାସର୍ବଦା ମୋତେ ସହାୟ ହୋଇଛନ୍ତି ଓ ପ୍ରେରଣା ଦେଇଛନ୍ତି। ଆମେ ଦୁଇଜଣ ନନ୍ଦବାବୁଙ୍କର ପ୍ରଥମ ଓଡ଼ିଆ ଛାତ୍ର। ଅଜିତବାବୁ ଜଣେ ଅଦ୍ଭୁତ ଶିଳ୍ପୀ, ତାଙ୍କ ପରି Black & White ଜ୍ଞାନ ଖୁବ୍ କମ୍ ଶିଳ୍ପୀଙ୍କର ଅଛି। ଆମେ ଏକତ୍ର ହୋଇ ଛାତ୍ର ଜୀବନରେ ଓ ପରେ ଅନେକ ଦିନ ପୁରୀ, ଭୁବନେଶ୍ୱର, କୋଣାର୍କରେ Sketch କରି ବୁଲିଛୁଁ । ଅଜିତ୍‌ବାବୁ ତଥା ଘରର ପ୍ରତ୍ୟେକ ବ୍ୟକ୍ତିଙ୍କର ମୋ ପ୍ରତି ସଦ୍‌ଭାବନା ଓ ଉଦାରତା ମୋର ଚିର ଦିନ ମନେ ରହିବ।

ଚୀନି, ଜାପାନୀ, ମୋଗଲ, ରାଜପୁତ ନାନା ଦେଶୀ ବିଦେଶୀ ଚିତ୍ର, ଆଚାର୍ଯ୍ୟ ମହାଶୟଙ୍କ ସାଧନା, ଆଶ୍ରମର ଆନନ୍ଦଉତ୍ସବ, ନୃତ୍ୟ ଗୀତ, ନାଟକ ଅଭିନୟ ସାହିତ୍ୟ ସମାଲୋଚନା ଓ କବିଗୁରୁଙ୍କ ପ୍ରାଣମୟୀ ବାଣୀ ମୋ ଦୃଷ୍ଟି ବଦଳାଇ ଦେଲା। ମୋ ଚାରିପାଖେ ଆଶ୍ରମର ନୀରବତା ଭିତରେ ବିଶାଳ ପୃଥିବୀର ରୂପ ଦେଖିଲି। ମୂର୍ତ୍ତି ଚିତ୍ର କ୍ରାଫ୍‌ଟସ, ପ୍ରତ୍ୟେକ ଦିଗରେ ମୋର ରୁଚି ଖେଳିଲା; ସଙ୍ଗୀତ ଓ ସାହିତ୍ୟର ପରିଚୟ ପାଇଲି। ଗୋଟିଏ ପରେ ଗୋଟିଏ ଚିତ୍ର ରଚିବାକୁ ଲାଗିଲି। ଶିଳ୍ପୀଗୁରୁ ଅବନୀବାବୁ ଓ ନନ୍ଦବାବୁଙ୍କ ପ୍ରଶଂସା ମୋ କର୍ମରେ ଦ୍ୱିଗୁଣ ଉନ୍ମାଦନା ଦେଲା। ଚିତ୍ର ଓ ମୂର୍ତ୍ତି ଗଢ଼ିବାର ନିଶାରେ ମୁଁ ହଜିଗଲି।

ଦେଖୁ ଦେଖୁ ସାଧନା ଭିତରେ ପାଞ୍ଚ ବର୍ଷ ବିତିଗଲା। ଅନେକ ଶିଖିଲି, ବାକି ରହିଗଲା ତାଠୁଁ ବେଶି। ଆଚାର୍ଯ୍ୟ ମହାଶୟଙ୍କ ଆଶୀର୍ବାଦ ବାଣୀ ନେଇ ଫେରିଲି ନିଜ ମାତୃଭୂମିକୁ-ଓଡ଼ିଶାରେ ଗୋଟିଏ ଶିଳ୍ପ କେନ୍ଦ୍ର ଗଢ଼ିବା ଉଦ୍ଦେଶ୍ୟରେ। ଆଚାର୍ଯ୍ୟ ମହାଶୟ ଓ ଶ୍ରୀ ଅନ୍ନଦାଶଙ୍କର ରାୟଙ୍କ ଲେଖା ଶିକ୍ଷା ବିଭାଗର ଡିରେକ୍‌ଟର ମହୋଦୟଙ୍କ ହାତରେ ଦେଇ ମୋର ଇଚ୍ଛା ଜଣାଇଲି। କିନ୍ତୁ ସବୁ ବିଫଳ ହେଲା। ସେହି ଗାତରେ ପଶିବାକୁ ହେବ, ସେହି ପଚାଶଟଙ୍କିଆ ଡ୍ରଇଂ ମାଷ୍ଟର ଛଡ଼ା ଆଉ କିଛି ଭାଗ୍ୟରେ ନାହିଁ। ଦେବଯାନୀର କଚ ପ୍ରତି ଅଭିଶାପ ପରି ଯେଉଁ ବିଦ୍ୟା ଶିଖିଲି ତା ପ୍ରୟୋଗ କରିବାର ସ୍ଥାନ ନାହିଁ। ସାଧନା କରିବି କେଉଁଠାରେ ? ରୂପର ମୋହ ମୋତେ ବ୍ୟଥିତ କଲା, ମାତୃଭୂମି ଛାଡ଼ିବାକୁ ବାଧ୍ୟ ହେଲି।

ଭାରତୀୟ ଶିଳ୍ପ ପରମ୍ପରାରେ ମୁଁ ଗଢ଼ା କିନ୍ତୁ ମୁଁ ଭାରତୀୟ ଶିଳ୍ପୀ ବୋଲି ଅଜନ୍ତା, ଏଲୋରା କି କୋଣାର୍କର କଳା ପରିସୀମା ଭିତରେ କିମ୍ବା Technique ବନ୍ଧନ ଭିତରେ ଆବଦ୍ଧ ରହିବାକୁ ଚାହେଁ ନାହିଁ। ଭାରତର ନାନା ଜାତୀୟ ପ୍ରାଚୀନ ଶିଳ୍ପ ପ୍ରତି ମୋର ଗଭୀର ଶ୍ରଦ୍ଧା କିନ୍ତୁ ସେ ପ୍ରାଚୀନ ରଚନାରୁ ଖଣ୍ଡ ଖଣ୍ଡ ନେଇ ନିଜ ରଚନାରେ ଖଞ୍ଜିବାକୁ ଭୁଲ ମନେ କରେଁ। ଆକାଶ ତଳେ ବିଶାଳ ପ୍ରକୃତିର ଦୈନନ୍ଦିନ କେତେ ଛଟା କେତେ ଛବି। ଆର୍ଟ blind mechanism ନୁହ, ଶିଳ୍ପର Beauty concious ଆର୍ଟର ରୂପ। ରୂପର ରଚନା ମୋ ଜୀବନର ଦୈନନ୍ଦିନ ଖେଳ, ମାଟି ପଥର କାଠ କାଗଜ ଉପରେ ପ୍ରତିଦିନର experiment ! ଏ ଖେଳର ଶେଷ ନାହିଁ କି ଏହାର କୌଣସି ନିକିତି ନିର୍ଦ୍ଧାରିତ ଦାମ ନାହିଁ। ମୁଁ ବିଶ୍ୱାସ କରେ, ଶିଳ୍ପ ସମାଜ ଜୀବନର ଗୋଟିଏ ଅଙ୍ଗ। ଶିଳ୍ପୀ ଯୁଗେ ଯୁଗେ ତାର ସୌନ୍ଦର୍ଯ୍ୟ ଦୃଷ୍ଟି ଦେଇ ସତ୍ୟ ଶିବ ସୁନ୍ଦରର ଆରାଧନା କରିଛି ଓ ସମାଜ ତାର ରୂପ ସୃଷ୍ଟିରେ ଆନନ୍ଦ ପାଇଛି। କଳା କେବଳ ସୁନ୍ଦର ଛବି କି ମୂର୍ତ୍ତି ଭିତର ଦେଇ ଯେ ସମାଜର ବିକୃତ ରୁଚି ବଦଳାଇପାରିବ ତାହା ମୋର ମନେ ହୁଏ ନାହିଁ। ଶିଳ୍ପକୁ ସମାଜର ଦୈନନ୍ଦିନର ବ୍ୟବହାର ସାମଗ୍ରୀ ଭିତରେ ପ୍ରଚଳନ କରିବାକୁ ହେବ। ଶିଳ୍ପ ଦିନେ ଏ ଦେଶର ଦୈନିକ ଆହାର ଥିଲା। ଆଜି କେବଳ ବିଳାସବ୍ୟସନର ସାମଗ୍ରୀ ହୋଇ ପଡ଼ୁଛି। ଦିନକୁ ଦିନ ସର୍ବସାଧାରଣଙ୍କ ରୁଚିର ପତନ ହେଉଛି। ଏଥିପାଇଁ ଦାୟୀ କିଏ, ସମାଜ ନା ଶିଳ୍ପୀ ?

ଆଜି ଜଗତର ବ୍ୟବସାୟୀ ବୁଦ୍ଧି ଆଗରେ ମୁଁ ନିର୍ବସ୍ତ୍ର। ମୁଁ ନୀରବ ହୋଇ ରୂପର ସାଧନା କରିଛି। ଯାହା କରିଛି ଅଳ୍ପ ବୋଲି ମନେହୁଏ, ଅନେକ ସାଧନା-ଅନେକ ସ୍ୱପ୍ନ ବାକି। ମୁଁ Publisher କି Critic ମାନଙ୍କ ପାଖକୁ ଯାଇ ନାହିଁ କି ସେମାନଙ୍କର ଖୋସାମତ କରି ନାହିଁ। କଳା ସାଧନା ଓ ନିଜର propaganda, ଉଭୟ ଅସମ୍ଭବ, ତେଲ ପାଣି ପରି କେବେ ମିଶିବ ନାହିଁ। Publisher ମାନଙ୍କ ପାଇଁ ଛବି ବଜାର ଉପଯୋଗୀ ନ ହେଲେ

ତାର ସ୍ଥାନ ନାହିଁ। ଶିଳ୍ପକୁ ବଜାର ଉପଯୋଗୀ କରିବାକୁ ହେବ କିମ୍ବା ଶିଳ୍ପକୁ ବଜାରଠୁଁ ଦୂରରେ ରହିବାକୁ ହେବ। ସାଧନା ଦିନକର ନୁହଁ କି ଏତେ ସହଜ ନୁହଁ। ମୋର ମନେ ଅଛି, ଥରେ ରବୀନ୍ଦ୍ରନାଥ ଶିଳ୍ପୀ ୟୁପିଅନଙ୍କ (ଚିନି ଶିଳ୍ପୀ) ଅଙ୍କିତ ଗୋଟିଏ ଘୋଡ଼ାର ଚିତ୍ରରେ ପ୍ରଭାବିତ ହୋଇ, ଛବିଟି କେତେ ସମୟ ଭିତରେ ସେ ଅଙ୍କନ କରିପାରିଛନ୍ତି ପଚାରିଥିଲେ। ୟୁପିଅନ୍ କହିଲେ 'ଏ ଛବିଟି ଆଙ୍କିବାକୁ ମୋତେ ତିରିଶ ବର୍ଷ ଲାଗିଛି।' ସେ ଘୋଡ଼ା ତାଙ୍କ ତିରିଶ ବର୍ଷର ରୂପ ସାଧନାର ଉପହାର।

ଆଜକୁ ପ୍ରାୟ ସାତ ବର୍ଷ ହେଲା ମୁଁ ବି ଦେଶରେ। ଆଚାର୍ଯ୍ୟ ମହାଶୟ ହିଁ ମୋତେ ଉତ୍ତର ପ୍ରଦେଶର ଗୋଟିଏ ଆର୍ଟସ୍କୁଲର ଅଧ୍ୟାପକ ରୂପେ ପଠାନ୍ତି। ପ୍ରବାସ ଜୀବନରେ ଅନେକ ସାଧନା କରିଛି। କେବଳ ଛବି ନୁହଁ, ସ୍ଥାନେ ସ୍ଥାନେ ମୂର୍ତ୍ତି ଗଢ଼ିଛି, ପ୍ଲାଷ୍ଟିକ, ଚମଡ଼ା କାଠ ଓ ଧାତୁ ନାନା ଜାତୀୟ କ୍ରାଫଟ୍ସ କରିଛି। ନାନା medium ନାନା techniqueରେ experiment କରିଛି। ଭାରତର ସ୍ଥାନେ ସ୍ଥାନେ ବୁଲି ଶିଳ୍ପର ଖୋଜ କରିଛି, ଦେଶୀ ବିଦେଶୀ ଚିତ୍ରକରଙ୍କ ସଙ୍ଗେ ଆଳାପ ଆଲୋଚନା କରିଛି। ସ୍ଥାନେ ସ୍ଥାନେ ମୋ କଳାର ପ୍ରଦର୍ଶନୀ କରି ପୁରସ୍କୃତ ହୋଇଛି। କେବଳ ଶିକ୍ଷା ଦେଇଛି ତା' ନୁହଁ, ଅନେକ ଶିକ୍ଷା ମୁଁ ଏଇ ଛୋଟ ଜୀବନରେ ସଂଗ୍ରହ କରିଛି। ହିମାଳୟର ସ୍ଥାନେ ସ୍ଥାନେ ପଦବ୍ରଜରେ ଭ୍ରମଣ କରିଛି, ପିଣ୍ଡାରି ତୁଷାର ଖଣ୍ଡ ଉପରେ ଉଦୟ ସୂର୍ଯ୍ୟର ଛବି ଦେଖିଛି। ସବୁଠି ରୂପର ଖେଳ।

ଆଜି ଏ ସୁଦୂର ରାଜସ୍ଥାନର ମରୁ ପଲ୍ଲୀରେ ବସି ଦେଖୁଛି ଏ ଦେଶର ଅସଂଖ୍ୟ ଛବି। ମନେ ପଡୁଛି ମୋ ମାତୃଭୂମିର ସବୁଜ ଛାୟା। ବିଦେଶରେ ସବୁ ଥାଇ ସୁଦ୍ଧା ମୁଁ ବିଦେଶୀ। ପ୍ରାନ୍ତୀୟତାର ତିକ୍ତତା ଦିନକୁ ଦିନ ବଢ଼ିଚାଲିଛି। କେବଳ ଏତକ ଦୁଃଖ, ମୋ ଦେଶରେ ମୋର ସ୍ଥାନ ନାହିଁ। ହୁଏତ ଦିନେ ସମୟ ଆସିବ ଓ ମୁଁ ଶିଳ୍ପ ଦେଇ ମୋ ଦେଶର ସେବା କରିପାରିବି।



ବିଭୂତି ଭୂଷଣ କାନୁନ୍‌ଗୋ

**ମୋ** ଜୀବନ ଉପରେ ରୂପର ପ୍ରଭାବ ପର୍ଯ୍ୟାୟରେ ଓଡ଼ିଶାର ବହୁ ଶିଳ୍ପୀ ତଥା କଳାକାର ଆଲୋଚନା କରିଗଲେଣି। ପ୍ରାୟ ପ୍ରତ୍ୟେକ କଳାକାରଙ୍କର ପୂର୍ବ ଜୀବନର ସାମଞ୍ଜସ୍ୟ ଦେଖାଯାଇଛି। ଅନେକ ସ୍ଥଳରେ କଳା ପ୍ରତି ଅନୁରାଗ ଓ ଆକାଂକ୍ଷା ଏବଂ ସ୍ଥାନେ ସ୍ଥାନେ କଳାରୁଚିପୂର୍ଣ୍ଣ ପାରିପାର୍ଶ୍ୱିକ ଅବସ୍ଥା କଳାକାରଙ୍କୁ ପ୍ରେରଣା ଦିଏ ଏହି ଚିରନ୍ତନ "ସତ୍ୟ ଶିବ ସୁନ୍ଦର" ରାଜ୍ୟରେ ଭ୍ରମଣ କରିବା ନିମିତ୍ତ। ତେଣୁ ପ୍ରତ୍ୟେକ କଳାକାର ଜୀବନର ଲକ୍ଷ୍ୟ ପଥରେ "କାର୍ଯ୍ୟଂ ବା ସାଧୟେତ, ଶରୀରଂ ବା ପାତୟେତ" ପ୍ରତିଜ୍ଞା ନେଇ ବହୁ ଝଡ଼ଝଞ୍ଜା ଓ କର୍ମମୟ ପଥରେ ଗତି କରି କାୟମନୋବାକ୍ୟରେ ନିଜର ଉଦ୍ଦେଶ୍ୟ ସାଧନ ପଥରେ ଅଗ୍ରସର ହୁଅନ୍ତି। ମୋ ଜୀବନରେ କିଛି ବୈଚିତ୍ର୍ୟ ନାହିଁ।

"ଅପାର କାବ୍ୟ ସଂସାରେ କବି ରୈବ ପ୍ରଜାପତିଃ।" ସେହିପରି କଳାକାରର ଏ ବିଶ୍ୱଜଗତ, ଅନନ୍ତ ପ୍ରକୃତି ସାରା ସୌନ୍ଦର୍ଯ୍ୟର ହେଉଛି ଚରାଭୂଇଁ। କବି ପରି ଶିଳ୍ପୀ ମଧ୍ୟ କ୍ଷଣେ କ୍ଷଣେ ରୂପପାଗଳ ହୋଇ ଉଠେ। ସେତେବେଳେ ତାହାକୁ ଏ ବିଶ୍ୱ ଧରଣୀର ପ୍ରତିଟି ପଦାର୍ଥ ମୂର୍ତ୍ତିମନ୍ତ ସୌନ୍ଦର୍ଯ୍ୟ ପରି ଜଣାପଡେ। ସେ ନିଜର ଆତ୍ମସତ୍ତା ହରାଇବସେ। ଅରୂପରେ ରୂପର ସନ୍ଧାନ କରେ। କବିଙ୍କ ହୃଦତନ୍ତ୍ରୀରେ ଆଘାତ ଲାଗିଲେ ସେ ଯେପରି ତାର ମୂର୍ଚ୍ଛନା ତୋଳନ୍ତି "Ten thousand I saw at a glance" ଶିଳ୍ପୀ ସେହିପରି ସେ ସୌନ୍ଦର୍ଯ୍ୟପସରା ରୂପାୟିତ କରି ବସନ୍ତି ତୂଳି ସାହାଯ୍ୟରେ। ସେ ସମୟରେ କବି ପରି ଶିଳ୍ପୀ ମଧ୍ୟ ନିଜର ତେଲଲୁଣର କଠୋର ସଂସାରର ତୀବ୍ରତା ଭୁଲି ଯାଆନ୍ତି। ସମାଜର ଯେଡ଼େ ନିଖୁଣ ବାସ୍ତବ ଚିତ୍ର ଅଙ୍କନ କଲାବେଳେ ମଧ୍ୟ କଳାକାର ସ୍ୱପ୍ନରାଜ୍ୟରେ ବିଚରଣ କରୁଥାଆନ୍ତି।

ଜଗତରେ ସମସ୍ତଙ୍କ ପରି ଶିଳ୍ପୀର ବଞ୍ଚିବାର ଦାବି ଅଛି। ସେତିକି କଣ ତାର ଏକମାତ୍ର ଲକ୍ଷ୍ୟ? ତା ହେଲେ ତ ଶିଳ୍ପୀ ବେଶ୍ ତେଜରାତି ବ୍ୟବସାୟ କରି ଜୀବନକୁ ସ୍ୱଚ୍ଛନ୍ଦରେ କଟାଇ ପାରୁଥାଆନ୍ତା। ତା' ହେଲେ ସେ ରୂପ ବ୍ୟବସାୟ କଲା କାହିଁକି? ନା, ଅର୍ଥ ତାହାର ଶେଷ ଲକ୍ଷ୍ୟ ନୁହେଁ। ତାର ଲକ୍ଷ୍ୟ ତାହାଠାରୁ ବୃହତ୍ତର। ଯଦି କଳା ଗୋଟିଏ

ଲାଭଜନକ ବ୍ୟବସାୟ ହୋଇଥାଆନ୍ତା, ତା ହେଲେ ତ ସମସ୍ତେ ଗୋଟିଏ ଲେଖାଏଁ କଳାକାର ହୋଇ ଯାଉଥାଆନ୍ତେ। କେବଳ ଯାହାର ହୃଦୟରେ ଆନନ୍ଦବୋଧ ଶକ୍ତି ଅଛି, ଯେ କେବଳ ଭୂମାର, ସେ ଆନନ୍ଦରେ ପାଗଳ ହୋଇପାରେ, ତାକୁ ମନ ଭରି ଗ୍ରହଣ କରିପାରେ ଓ ତାକୁ ରୂପଦାନ କରିପାରେ; ସେହି ହିଁ କଳାକାର। ଅର୍ଥକୁ ମୂଳ କରି, କଳାକୁ ବ୍ୟବସାୟ ଦୃଷ୍ଟିରେ ଗ୍ରହଣ କଲେ କଳାର କଳାତ୍ୱ ଲୋପ ପାଇଯାଏ। ମତେ ଅନେକେ ପ୍ରଶ୍ନ କରନ୍ତି ଆପଣଙ୍କୁ କୋଉ ଆର୍ଟ ଭଲ ଲାଗେ? କିନ୍ତୁ ଭଲ ଲାଗିବାଟା କ’ଣ ଗୋଟାଏ ବସ୍ତୁ ବା ଗୋଟାଏ ଶ୍ରେଣୀର ବସ୍ତୁ ମଧ୍ୟରେ ପର୍ଯ୍ୟବସିତ ହୋଇ ରହେ। ଆମେ କଣ ଅଜନ୍ତା, ଏଲୋରା, କୋଣାର୍କ ଶିଳ୍ପକୁ ପସନ୍ଦ କରି ‘ମୋନାଲିସା’ ଭଳି ସର୍ବଜନ ସମାଦୃତ ବା ପ୍ରାଚୀନ ଗ୍ରୀକ୍ ମୂର୍ତ୍ତିଗୁଡ଼ିକୁ ନାପସନ୍ଦ କରିଦେବା? ଯେଉଁ ଶିଳ୍ପରେ ପ୍ରାଣର ପ୍ରାଚୁର୍ଯ୍ୟ ଅଛି, ରସର ପ୍ରବାହ ଅଛି ବା ଯିଏ ଚିର ସୁନ୍ଦର, ତାହା ପ୍ରାଚ୍ୟ ହେଉ ପାଶ୍ଚାତ୍ୟ ହେଉ ତାହା ଯେ ସୁନ୍ଦର ଏହା ପ୍ରତ୍ୟେକ ସ୍ୱୀକାର କରିବେ। ସେଠାରେ ଯୁଗର ବନ୍ଧନ ନାହିଁ ବା ଦେଶର କ୍ଷୁଦ୍ର ଗଣ୍ଡି ତାହାକୁ ସୀମାୟିତ କରିପାରିବ ନାହିଁ।

ଓଡ଼ିଶାରେ କଳାଚର୍ଚ୍ଚାର ଆଗ୍ରହ ସବୁ ଯୁଗେ ରହି ଆସିଛି। କଳାଚର୍ଚ୍ଚା ମଧ୍ୟ କେତେକ ବଂଶ ମଧ୍ୟରେ ଗୋଟାଏ ଅଖଣ୍ଡ ପରମ୍ପରା ସୃଷ୍ଟି କରିଛି। ତେଣୁ ଆର୍ଟ ସ୍କୁଲରୁ ପାସ୍ ନ କରି ମଧ୍ୟ ଏ ଦେଶର ଶ୍ରୀଧର ମହାରଣା ଆର୍ଟସ୍କୁଲର ଶିକ୍ଷକତା କରିପାରନ୍ତି। କେବଳ ଓଡ଼ିଶାରେ କଳା ଶିକ୍ଷା କରିବାର ପ୍ରଶସ୍ତ ପୀଠ ନାହିଁ। ତେଣୁ ପ୍ରତିବର୍ଷ ବହୁ ଛାତ୍ରଛାତ୍ରୀ, କଳାପ୍ରେମୀ ଯୁବକ, ଯୁବତୀ କଳାଶିକ୍ଷାରୁ ବଞ୍ଚିତ ହୋଇ ହତାଶ ହେଉଅଛନ୍ତି। କଲିକତାରେ ପଢ଼ିବାକୁ ସମସ୍ତଙ୍କର ଅର୍ଥ ବଳ ନାହିଁ। ଏ ଦେଶର ନେତା, ଶିକ୍ଷିତ ଓ ଧନୀକମାନେ ଏହା ଅନୁଭବ କରି, ଦେଖି ମଧ୍ୟ ଆଖି ବୁଜି ଦେଉଛନ୍ତି। ଆଜି ଓଡ଼ିଶାରେ କଳାକାର ସଂଖ୍ୟା ମୁଷ୍ଟିମେୟ।

କଲିକତାରୁ ପାସ୍ କରି ଆସି ସେହି ଅଭାବ ମୁଁ ପ୍ରତ୍ୟହ ଅନୁଭବ କଲି। ବହୁ ଚେଷ୍ଟାରେ ମୁଁ ଓ ଅନ୍ୟତମ କଳାକାର ମୁରଲୀଧର ଟାଲି ୧୯୪୯ ମସିହା ଅଗଷ୍ଟ ପନ୍ଦର ତାରିଖରେ School of Arts Cuttackର ପ୍ରତିଷ୍ଠା କଲି। ମୁଁ ଅବୈତନିକ ଅଧ୍ୟକ୍ଷ ଭାବରେ ବହୁ ଶ୍ରମପୂର୍ବକ ସ୍କୁଲଟିକୁ ବଞ୍ଚାଇବାକୁ ଚେଷ୍ଟା କରିଛି। ପଛରେ ଶିଳ୍ପୀ ଗୌରାଙ୍ଗ ସାଁ ମଧ୍ୟ ଆମ ସହିତ ଯୋଗ ଦେଇଥିଲେ। ସ୍କୁଲରେ କିଛି ପିଲା ହୋଇଥିଲେ। ଏକପ୍ରକାର ଚାଲିଥିଲା। ସରକାର ମଧ୍ୟ ପ୍ରତି ମାସରେ କିଛି କିଛି ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତାହା ପ୍ରତିଶ୍ରୁତିରେ ହିଁ ରହିଲା। ସରକାରଙ୍କର ସାହାଯ୍ୟ ଅର୍ଥର ଦେଖା ନାହିଁ। ମତେ ଛାଡ଼ି ଗୌରାଙ୍ଗବାବୁ ଓ ମୁରଲୀବାବୁ ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ଚାଲିଗଲେ। ବାକି ଏକୁଟିଆ ପଡ଼ିରହିଲି ମୁଁ।

ମୁଁ ଏବେ କଳାକୁ ଅବଶ୍ୟ ପେସା କରିଛି। କାରଣ ମୋତେ କେଉଁଠି ଚାକିରି କରି ମାଲିକର ଏକ ପ୍ରକାର ବରାଦି କାମ ଭିତରେ ବାନ୍ଧି ହେବାକୁ ଭଲ ଲାଗେ ନାହିଁ। ମୁଁ ଅବଶ୍ୟ କମର୍‌ସିଏଲ ଆର୍ଟ କରେଁ ଏବଂ ଗରାଖଙ୍କ ବରାଦି ଅନୁସାରେ କାମ କରେ- ତଥାପି ମୋର ସ୍ୱାତନ୍ତ୍ର୍ୟ ଯଥେଷ୍ଟ। ମୁଁ ନାନା ପେସାଦାରୀ କାମ ଭିତରେ ନିଜର ଶୈଳୀ ଓ ବିଭିନ୍ନ ପ୍ରଣାଳୀର ପରୀକ୍ଷା କରେ।

ତଥାପି ମନ ବେଳେ ବେଳେ ଚିତ୍କାର କରିଉଠେ। ଅନୁକରଣ ମୋତେ ତିକ୍ତ ଲାଗେ। ସେଥିପାଇଁ କଳ୍ପନାସମ୍ଭୂତ ଚିତ୍ର ପ୍ରତି ମୋର ଆଦର ବେଶି। ସର୍ଜନାରେ ହିଁ ସୁଖ ଥାଏ। ସୃଷ୍ଟିର ଆନନ୍ଦ ମୋତେ କମର୍ସିଏଲ୍ ଆର୍ଟ ଦେଉଛି ସତ, କିନ୍ତୁ ସେ ବଡ଼ କ୍ଲୃପ୍ତ।

ପଢ଼ିଲାବେଳେ ଜଳରଙ୍ଗରେ ମୋର ଆନ୍ତରିକତା ବେଶି ଥିଲା। ଏବେବି ସେଇ ପଟ୍ଟଭୂମି ମୋତେ ବାରମ୍ବାର ଆକର୍ଷଣ କରେ।

ପେଟ ପୋଷିବାକୁ ହେବ- ସେଥିପାଇଁ ମୁଁ ବରାଦି କାମ କରେ। ମୋର ଏତିକି ଆନନ୍ଦ ଯେ କଳାକାର ନିଷ୍କର୍ମା ନହେଁ- କଳା କର୍ମ କରି ମନୁଷ୍ୟ ସ୍ୱାଧୀନ ଭାବରେ ଜୀବିକା ନିର୍ବାହ କରିପାରେ- ମୁଁ ଜୀବନରେ କିୟତ୍ ପରିମାଣରେ ତାହା ପ୍ରମାଣ କରିପାରିଛି। ସୁନ୍ଦରର ଜୟ ହେଉ।



ବୀଣା ସାଁ

ଅତି ପିଲାଦିନରୁ ମୋ ଜୀବନ ଉପରେ ରୂପର ପ୍ରଭାବ ପଡ଼ିଛି ବୋଲି ମୋର ବିଶ୍ୱାସ। କଳାରୁଚିପୂର୍ଣ୍ଣ ପାରିପାର୍ଶ୍ୱିକ ଅବସ୍ଥା ଭିତରେ ମୁଁ ବଢ଼ିଥିଲି; ତେଣୁ ରୂପ ସୃଷ୍ଟି କରିବା ମୋର ଗୋଟିଏ ଜନ୍ମଗତ ଅଭ୍ୟାସ ହୋଇଥିଲା। ପିଲାଦିନର ରୂପଚର୍ଚ୍ଚାର ଅଭ୍ୟାସ ଆଜି ମୋତେ କଳା ସୃଷ୍ଟିର ସାଧନା ପଥରେ ଆଗେଇ ନେଉଛି - ଏହା ମୋର ଅନୁଭୂତି।

ବାପା ମୋର ବିଖ୍ୟାତ ଡାକ୍ତର ଥିଲେ - କିନ୍ତୁ ଡାକ୍ତରୀ ବିଦ୍ୟା ଶିକ୍ଷା କରିବା ପୂର୍ବରୁ ସେ ବମ୍ବେ ସ୍କୁଲ ଅଫ୍ ଆର୍ଟରେ ଭର୍ତ୍ତି ହୋଇଥିଲେ, କିନ୍ତୁ ଅଭିଭାବକଙ୍କ ମତଭେଦ ଯୋଗୁଁ ତାଙ୍କୁ କଲିକତାରେ ଡାକ୍ତରୀ ପଢ଼ିବାକୁ ହୋଇଥିଲା। ସେ ଡାକ୍ତର ହୋଇଥିଲେ - ସେ ଦିଗରେ ସେ ଯଶସ୍ୱୀ ହୋଇ ଦେଶସେବା କରିଛନ୍ତି କିନ୍ତୁ ସେ ଆଜୀବନ ନୀରବ କଳା ସାଧକ ଥିଲେ। ତାଙ୍କର ଡାକ୍ତରୀ ଜୀବନର ଅବସର ସମୟ ଘରର ସାଜସଜ୍ଜା, ପରିବାରର ସମସ୍ତଙ୍କର ବେଶଭୂଷା, କାଠର କାରୁକାର୍ଯ୍ୟ ଏବଂ ଅଭିନୟରେ କଟୁଥିଲା। ଅଭିନେତା ହିସାବରେ ମଧ୍ୟ ଜଣେ ଦକ୍ଷ ଶିଳ୍ପୀ ସେ ଥିଲେ। ଘରେ ଭାଇ, ଭଉଣୀମାନେ ସମସ୍ତେ ବାପାଙ୍କର ରୂପ-ଚର୍ଚ୍ଚା ଦ୍ୱାରା ପ୍ରଭାବାନ୍ୱିତ ହେଉଥାଉଁ। ନାଚ, ଗୀତ, ଅଭିନୟ, ସୁନ୍ଦର ସୂଚୀକାମ, ଛବି ଅଙ୍କା ପାଇଁ ଆମେ ସବୁ ଭଉଣୀମାନେ ରୁଚି ରଖିଥାଉଁ। ଇମିତି ଗୋଟିଏ ପାରିପାର୍ଶ୍ୱିକ ଅବସ୍ଥା ଭିତରେ ଅତି ପିଲାଦିନରୁ ମୋତେ ଛବି ଆଙ୍କିବା ପାଇଁ ଭଲ ଲାଗୁଥାଏ।

ବାପା ଚାହୁଁଥିଲେ ପାଠ ପଢ଼ି ମୁଁ lady doctor ହୁଅନ୍ତି। ତେଣୁ ମୋର ପାଠ ପଢ଼ାରେ ସେ ଯତ୍ନ ନେଉଥାନ୍ତି। ପାଟନାରେ convent ରେ ପଢ଼ିବା ବେଳେ drawing teacher ମୋର ମନରୁ ସବୁ ଛବି ଅଙ୍କା ଦେଖି ବଡ଼ ଖୁସି ହେଉଥାନ୍ତି। ଥରେ ମୁଁ ମାଟିରେ ଗୋଟିଏ ମୂଷା ଆଉ ମଣିଷଟିଏ ଗଢ଼ିଥାଏଁ; ଆମର ଶିକ୍ଷୟିତ୍ରୀ ମୋତେ ଆଉ ସେ ଜିନିଷ ନେଇ ସାରା ସ୍କୁଲ ବୁଲାଇଥିଲେ - ଇମିତି ଭାବରେ ମୁଁ ଉତ୍ସାହ ପାଉଥାଏଁ। Rest Periodରେ ଅଧଘଣ୍ଟାଏ ଆମକୁ ଆଖି ବନ୍ଦ କରି ପଢ଼ିବାକୁ ହୁଏ ମୋତେ କିନ୍ତୁ ବଡ଼ ବାଧୁଥାଏ । ଖଣ୍ଡେ ଭଙ୍ଗା ସ୍ଲେଟ୍ ଲୁଗା ଭିତରେ ଲୁଚାଇ ରଖି ସେଥିରେ ଛବି ଆଙ୍କୁଥାଏ। ଦିନେ ମୋର ମେମ୍‌ସାହେବଙ୍କ

ନାଲି ଆଖି ଆଗରେ ଧରା ପଡ଼ିଗଲା ସ୍ଲେଟରେ ଅଙ୍କା ହୋଇଥିବା ଟ୍ରେନ ଆଉ ଷ୍ଟେସନରେ ଅପେକ୍ଷା କରୁଥିବା ଯାତ୍ରୀମାନେ। ଫଳରେ ରଙ୍ଗିନ୍ ପେନ୍‌ସିଲ ଆଉ କାଗଜ ହେଲା ମୋର ପ୍ରାପ୍ୟ।

ପିଲାଦିନରୁ ରୂପ ସୃଷ୍ଟି କରିବାକୁ ମୋତେ ଭଲ ଲାଗେ। ମୁଁ ଦିନେ ରୂପର ପୂଜାରିଣୀ ସାଜିବି ଏହି ସ୍ୱପ୍ନ ଦେଖୁଥାଏ। ବାପାଙ୍କର ପାଟନାରୁ କର୍ମର ଅବସର ପରେ ଆମେ ସମସ୍ତେ ଓଡ଼ିଶା ଫେରିଲୁଁ। ମୋତେ ଘରୋଇ ଛାତ୍ରୀ ଭାବରେ ମେଟ୍ରିକ୍ୟୁଲେସନ୍ ପାସ୍ କରିବାକୁ ପଡ଼ିଲା। ମୋତେ ଉଚ୍ଚଶିକ୍ଷା ଦେବା ପାଇଁ କଟକ ରେଭେନ୍‌ସା ଗାର୍ଲସ କଲେଜରେ ବାପା ଭର୍ତ୍ତି କରାଇ ଦେଲେ। କିନ୍ତୁ କଲେଜର ତର୍କଶାସ୍ତ୍ର ଆଉ ଗଣିତ ମୋତେ ଆଦୌ ସୁଖ ଦେଇପାରିଲା ନାହିଁ। ମୁଁ ବାହାନା କରି ବର୍ଷକ ପରେ କଲେଜରୁ ବିଦାୟ ନେଲି। ପୁଣି ମୁଁ ଘରେ ରହି ଛବି ଆଙ୍କୁଥାଏଁ। ସେତେବେଳେ ଓଡ଼ିଶାର D.P.I. ସ୍ୱର୍ଗତ ତ୍ରିପାଠୀ ମହୋଦୟ ଆମ ସମ୍ବଲପୁର ଘରକୁ ଆସିଥାନ୍ତି। ମୋର ଛବି ଅଙ୍କା ଦେଖି ମୋତେ ସମ୍ବଲପୁରର Girls School ରେ କଳାଶିକ୍ଷୟିତ୍ରୀର କାମ ଦେଇଥିଲେ। ମୁଁ ସ୍କୁଲରେ ଶିକ୍ଷୟିତ୍ରୀ ଥିଲାବେଳେ ହେଡ୍ ମିଷ୍ଟ୍ରେସ ଶ୍ରୀମତୀ ଖାଁ (Miss Khan) ମୋତେ କଳା ସାଧନାରେ ଆଗେଇବା ପାଇଁ ଉତ୍ସାହିତ କରୁଥାନ୍ତି। କିନ୍ତୁ ମୋର ସେତେବେଳର କାମରେ ମୁଁ ଆଦୌ ସନ୍ତୁଷ୍ଟ ନଥିଲି। କିପରି କଳାର ପ୍ରକୃତ ସାଧନା କରିବାର ସୁଯୋଗ ପାଇବି ଏବଂ ଉପଯୁକ୍ତ ଗୁରୁ ଆଗରେ ନିଜର ତ୍ରୁଟି ଦେଖିପାରିବି ତାହାହିଁ ଭାବୁଥାଏ।

ଇଚ୍ଛା ଥିଲେ ଉପାୟ ମିଳିଯାଏ ପରା। ଓଡ଼ିଶା ସରକାର ବୃତ୍ତି ଦେଇ ଶାନ୍ତିନିକେତନରେ କଳା-ଅଧ୍ୟୟନ କରିବା ପାଇଁ ଛାତ୍ର ପଠାଉଥାନ୍ତି। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିପାରିଲେ ବୃତ୍ତି ମିଳିପାରିବ। ବାପାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲେ ମଧ୍ୟ ମୋର କଳା ଦିଗରେ ଦକ୍ଷତାର ପରୀକ୍ଷା ନେବାପାଇଁ ମୋତେ କଟକ ଡକାଇ ନେଲେ। ସେଥର ୩୪ ଜଣ ପ୍ରତିଯୋଗୀଙ୍କ ସହିତ ମୋତେ ପରୀକ୍ଷା ଦେବାକୁ ହେଲା - ଆଶା ଆଉ ନିରାଶା ଭିତରେ ମୁଁ ରହିଥାଏ ପରୀକ୍ଷାର ଫଳାଫଳକୁ ଅପେକ୍ଷା କରି। କଳା-ଅଧ୍ୟୟନ କରିବାକୁ ଯିବି, ଏହା ମୋର ଚିରଦିନର ଇଚ୍ଛା ଥିଲା - ଆଉ ଏହି ଆଶା ହିଁ ମୋତେ ଭାରି ଆନନ୍ଦ ଦେଉଥିଲା।

ଏଇଠି ପୁଣି ମୋତେ ଜୀବନର ଆଉ ଗୋଟିଏ ଛକରାସ୍ତା ଉପରେ ଠିଆ ହୋଇ ନିଜର ଲକ୍ଷ୍ୟସ୍ଥଳକୁ ଆଗେଇବାକୁ ପଡ଼ିଥିଲା - ବାପା ଦିନେ ହଠାତ୍ ଆସି କହିଲେ ମୋତେ ଇଂଲଣ୍ଡ ପଠାଇବେ Nursing training ପାଇଁ। ଦୀର୍ଘ ଚାରିବର୍ଷ ପରେ ମୋର ବିଲାତ ଜୀବନର ଶେଷ ହେବ - ବଡ଼ ହତାଶ ଲାଗିଲା - ମୁଁ କଳା-ଚର୍ଚ୍ଚା କରିପାରିବି ନାହିଁ। କିନ୍ତୁ ବାପାଙ୍କୁ କିଛି କହିପାରିଲି ନାହିଁ - ପ୍ରତିବାଦ କରିବାକୁ ସାହସ ନ ଥିଲା। ପରଦିନ

General ସାହେବଙ୍କ ସହିତ ମୋର ସାକ୍ଷାତ୍ କରାଇ ଇଂଲଣ୍ଡରେ ମୋର ରହିବା, ଖାଇବା ଇତ୍ୟାଦି ବିଷୟରେ ଠିକ୍ କରି ଆସିଲେ - ମୋର ବିଲାତ ଯାତ୍ରା, ପ୍ରାୟ ସବୁ ଠିକ୍‌ଠାକ୍।

ଏଣେ drawing ପ୍ରତିଯୋଗିତାରେ ମୁଁ ପ୍ରଥମ ସ୍ଥାନ ପାଇଲି। ସରକାରୀ ବୃତ୍ତି ପାଇବାର ଅଧିକାର ମିଳିଲା - ବାପା ବୋଧହୁଏ ମୋର ମନ କଥା ଜାଣିପାରିଲେ, ମୋତେ ବିଲାତ ଯିବାକୁ ହେଲାନି। ଶାନ୍ତିନିକେତନର ଶାନ୍ତିପୂର୍ଣ୍ଣ ବାତାବରଣ ଭିତରେ କଳାଗୁରୁ ଆଚାର୍ଯ୍ୟ ନନ୍ଦଲାଲଙ୍କ ପାଖରେ ଆଶ୍ରୟ ପାଇଲି। ଶାନ୍ତିନିକେତନ ଯିବାବେଳେ କଲିକତାରୁ ବାପା କିଛି (Home Nursing) ବହି କିଣିଦେଇ ଉପଦେଶ ଦେଇଥିଲେ ମଝିରେ ମଝିରେ ତାର ଚର୍ଚ୍ଚା କରିବାକୁ। କିନ୍ତୁ ଚାରିବର୍ଷ ଉତ୍ତାରୁ କଳା-ଭବନ ଛାଡ଼ିଲାବେଳକୁ ସେ ବହି ଟ୍ରଙ୍କର ଚାବି ପ୍ରଥମଥର ଖୋଲିଥିଲି।

ଶାନ୍ତିନିକେତନର ପାଣିପବନରେ ବର୍ଷେଯାକ ମୁଁ ସୁରୁଖୁରୁରେ କଳା-ଶିକ୍ଷା କରି ଚାଲିଲି। ସେଠାର ପାଣି ପବନ ଏବଂ ଆଚାର୍ଯ୍ୟଙ୍କର ଉପଦେଶ ବାଣୀ ହିଁ ଭାରତବର୍ଷରେ ଶତ ଶତ ଶିଳ୍ପୀ ତିଆରି କରିପାରିଛି। ରଙ୍ଗ, ତୂଳି ସଙ୍ଗରେ ଇମିତି ଖେଳ ଖେଳିବାକୁ ହୁଏ ବୋଲି ଆଗରୁ ଜାଣି ନଥିଲି - ସେଥିପାଇଁ ଗୁରୁ ଦରକାର ହୁଏ ଏ ବିଦ୍ୟା ଅଧ୍ୟୟନ ପାଇଁ। ଶାନ୍ତିନିକେତନର ଛାତ୍ର ଜୀବନର ବର୍ଷ ପୂରିଯିବା ପରେ ବାପାଙ୍କର ଆକସ୍ମିକ ମୃତ୍ୟୁ ଘଟିଲା - ଆର୍ଥିକ ଦିଗରୁ ଏବଂ ପାରିବାରିକ ନାନା ଝଡ଼ଝଞ୍ଜା ଭିତର ଦେଇ ମୋତେ ଆହୁରି ଦୀର୍ଘ ତିନି ବର୍ଷ ଅଧ୍ୟୟନ କରିବାକୁ ପଡ଼ିଥିଲା। ଏହି ଦୁର୍ଦ୍ଦିନରେ ଯେଉଁ ବନ୍ଧୁମାନେ ମୋତେ ଆର୍ଥିକ ସାହାଯ୍ୟ ଏବଂ ମାନସିକ ଉତ୍ସାହ ଦେଇ ମୋର କଳା-ସାଧନାରେ ଉତ୍ସାହିତ କରିଥିଲେ ସେମାନଙ୍କଠାରେ ମୁଁ ଋଣୀ। ଜୀବନରେ ଗଭୀର ଦୁଃଖ ଆଉ ନିରାଶ ଭିତରେ ମୋର ରୂପ ସାଧନାର ପରୀକ୍ଷା ଚାଲିଥିଲା। ରୂପର କି ଅଦ୍ଭୁତ ମୋହନୀୟ ଶକ୍ତି। ଦୁଃଖ ଭୁଲିପାରିଛି। ନୈତିକ ଏବଂ ଆଧ୍ୟାତ୍ମିକ ଉପଦେଶ ଆଉ ନିର୍ଦ୍ଦେଶ ମୋ ଜୀବନରେ ଶାନ୍ତି ଅଣାଇପାରିଛି - ମୁଁ ରୂପର ପୂଜାରିଣୀ ହେବାର ଅଧିକାର ପାଇଛି। ଏହି ମହାନ୍ ଗୁରୁଠାରୁ ଦୀର୍ଘ ଚାରିବର୍ଷ ପରେ ଏ ବିଦ୍ୟାର ପ୍ରଶାନ୍ତ ସାଗରରୁ କେବଳ ବିନ୍ଦୁଏ ପାଣି ମାତ୍ର ଗ୍ରହଣ କରି ମୁଁ ଫେରିଥିଲି। ନନ୍ଦଲାଲଙ୍କର ସାଧନା ବଡ଼ କଠୋର କିନ୍ତୁ ଶାନ୍ତିଦାୟକ। ତାଙ୍କର ଅସଂଖ୍ୟ ଶିଳ୍ପୀ, ଛାତ୍ର ଛାତ୍ରୀ ଏହା ଆନ୍ତରିକ ଅନୁଭବ କରନ୍ତି। ରୂପର ମନ୍ଦିରରେ ବସି ସେ ଅରୂପର ସାଧକ ଗୁରୁ ଏବଂ ନିର୍ଦ୍ଦେଶକ। ତାଙ୍କର ନିର୍ଦ୍ଦେଶିତ ରାସ୍ତାରେ ଚାଲିପାରିଲେ ଶାନ୍ତି ଆଉ ଆନନ୍ଦ ମିଳିପାରିବ ବୋଲି ମୋର ଅନୁଭୂତି।

ଶାନ୍ତିନିକେତନରେ ଚିତ୍ରାଙ୍କନ, ମୂର୍ତ୍ତିକଳା, କାରୁ ଶିଳ୍ପ ସବୁ କିଛି ଅଧ୍ୟୟନ କରିଥିଲି। ନିଜର ଅକ୍ଳାନ୍ତ ପରିଶ୍ରମ ଫଳରେ ସୃଷ୍ଟିରେ କୃତକାର୍ଯ୍ୟ ହୋଇଛି। ଶିକ୍ଷକ ଏବଂ ଗୁରୁଙ୍କର ଜଣେ ପ୍ରିୟ ଛାତ୍ରୀ ହିସାବରେ ଉତ୍ସାହିତ ହୋଇଛି।

ରୂପର କୁହୁକ ତାର କାଉଁରୀ ପରଶ ପ୍ରତ୍ୟେକ ଜୀବନରେ ଜଣା ଅଜଣା ଭାବରେ ଆସେ। କଳାକାର ତାକୁ ଧରି ରଖିବାକୁ ଚାହେଁ। କେତେବେଳେ ସେ ଧରାଦିଏ, କେତେବେଳେ ନ ଦିଏ ବି ମଧ୍ଯ। ସୃଷ୍ଟିର ଆନନ୍ଦ ହିଁ ଏ ସାଧନାର କାମ୍ୟ।

ପ୍ରକୃତି କୋଳରେ ନିତି କେତେ କେତେ ରୂପର ଖେଳ ଲାଗିରହିଛି । ସେ ଖେଳ ସହିତ ତାଳ ମିଶାଇ ଶିଳ୍ପୀ ନିଜେ ଖେଳିବାକୁ ଚାହେଁ ତାର ତୂଳି-ନିହାଣ ସହିତ - ସୃଷ୍ଟି ଆଉ ସ୍ରଷ୍ଟାର ଏ ଚିର ସତ୍ୟକୁ ଅସ୍ୱୀକାର କରିବାର ଉପାୟ ନାହିଁ।

ସାମାଜିକ ଜୀବନ ଆଉ ପ୍ରାକୃତିକ ଦୃଶ୍ୟ ଅଙ୍କନ କରିବାକୁ ମୁଁ ବେଶି ଭଲ ପାଏ। ଆଖି ଆଗରେ ଯାହା ଦେଖେଁ ଆଉ ସେହି ଦେଖିବା ଦ୍ୱାରା ଯାହା ମୁଁ ଅନୁଭବ କରେ, ତାହାକୁ ରୂପ ଦେବାପାଇଁ ଚେଷ୍ଟା କରେ। ଛାତ୍ର ଜୀବନରୁ କାରୁକଳା ପ୍ରତି ମୋର ବିଶେଷ ପାରଦର୍ଶିତା ଥିଲା। ଦିନ ଥିଲା ଦେଶର ପ୍ରତ୍ୟେକ ପରିବାର ଦୈନନ୍ଦିନ ଜୀବନରେ କଳାର ପ୍ରୟୋଗ କରୁଥିଲେ - ଫଳରେ ଜାତିର ସଂସ୍କୃତି ଆପେ ଆପେ ଗଢ଼ି ଉଠୁଥିଲା। କିନ୍ତୁ ଆଜି ଆମର ଦେଶ ଆଉ ସମାଜ କଳାର ଆବଶ୍ୟକତା ଉପଲବ୍ଧି କରୁ ନାହିଁ। କଳା ଆଉ ସଂସ୍କୃତିକୁ ଛାଡ଼ି ଆମେ ଆଜି କିପରି ଅବସ୍ଥାରେ ରହିଛୁ ଏହା ଚିନ୍ତା କରିବାର ବିଷୟ। ବିଶେଷତଃ ନାରୀ ଜୀବନରେ କଳା-ଚର୍ଚ୍ଚା କରି ପାରିବାରିକ ଜୀବନଯାତ୍ରାକୁ ସୁଷମାମୟ କରିବା ପ୍ରତ୍ୟେକ ନାରୀର କର୍ତ୍ତବ୍ୟ। ଆମର ପ୍ରାଚୀନ ସମାଜରେ ଏହାର ଅସଂଖ୍ୟ ଉଦାହରଣର ଅଭାବ ନାହିଁ।

ଘଟଣାଚକ୍ରରେ ଆଜି ଓଡ଼ିଶା ଛାଡ଼ି ସୁଦୂର ରାଜସ୍ଥାନକୁ ମୋର କର୍ମଭୂମି ରୂପେ ପାଇପାରିଛି। ନାରୀ ଶିକ୍ଷାର ପ୍ରଗତି ପଥରେ ଭାରତର ଅନେକ ପ୍ରାନ୍ତ ଆଗେଇ ଚାଲିଛି। କିନ୍ତୁ ଦୁଃଖର ବିଷୟ ଓଡ଼ିଶା ଏବେବି ପଛରେ ରହିଛି। ପ୍ରଗତିଶୀଳ ନାରୀ ଶିକ୍ଷା କେନ୍ଦ୍ରରେ କଳାଶିକ୍ଷୟିତ୍ରୀ ରୂପେ ମୁଁ ମୋର କର୍ମ ଜୀବନର କର୍ତ୍ତବ୍ୟ କରିଚାଲିଛି।

କିନ୍ତୁ ଏତିକିରେ ବୋଧହୁଏ ନାରୀଜୀବନର କର୍ତ୍ତବ୍ୟ ଶେଷ ହୁଏ ନାହିଁ। ଆଜି ମୋ ଜୀବନର ପରିବର୍ତ୍ତନ ସଙ୍ଗେ ସଙ୍ଗେ ମା ଏବଂ ସ୍ତ୍ରୀର କର୍ତ୍ତବ୍ୟ ଆଉ ଦାୟିତ୍ୱ ତୁଲାଇ ରୂପସାଧନା କରିବାକୁ ପଡୁଛି। ସ୍ୱାମୀ ହିସାବରେ ଜଣେ କଳାକାରଙ୍କୁ ପାଇଛି। ଦୁହେଁ ରୂପର ସନ୍ଧାନୀ - କିନ୍ତୁ ରାସ୍ତାର ପ୍ରଭେଦ ରହିଛି। ତଥାପି ସୃଷ୍ଟିର ଆନନ୍ଦରେ ସମାନ ଅଧିକାରୀ ଆମେ।

ଜୀବନର ଛୋଟ ବଡ଼ ସବୁ ଘଟଣାର ଅନୁଭୂତିରୁ ଆଜି ବେଶ୍ ବୁଝିପାରୁଛି, ରୂପର ଲୁଚକାଳି ଖେଳ ମୋତେ କିମିତି ପାଗଳ କରି ଆସିଛି। ଦୁନିଆର ଘାତ ପ୍ରତିଘାତ ଭିତରେ ରୂପର ମୋହନୀୟ ଇଙ୍ଗିତ ଶାନ୍ତିର ରାହା ଦେଖାଇପାରିବ ମୋର ବିଶ୍ୱାସ।



ଅଜିତକେଶରୀ ରାୟ

ଏହି ବିଷୟରେ ଚିନ୍ତା କଲାବେଳେ, ବିଶ୍ୱକବିଙ୍କର, "ରୂପ ସାଗରେ ଡୁବ୍ ଦିଏଛି- ଅରୂପ ରତନ ଲାଭେର ଆଶେ।" କବିତାଟି ମନେ ପଡ଼େ। ସୁନ୍ଦର ଏହି ସୃଷ୍ଟି - ରମଣୀୟ ତାର ପ୍ରକୃତି - ତାର ସାନ୍ଧ୍ୟ ଆକାଶର ସୁବର୍ଣ୍ଣୋତ୍ସବ- ତାର ଉଷାର କମନୀୟ କଲ୍ୟାଣମୟ ଆଲୋକ ସମ୍ପାତ - ତାର ମଧ୍ୟାହ୍ନର ପରିଶ୍ରାନ୍ତ କ୍ଳାନ୍ତ ଗାମ୍ଭୀର୍ଯ୍ୟ - ତାର ଚନ୍ଦ୍ର ତାରକିତ ନୀଳଦୁକୂଳ ପରିହିତ ନୈଶଶୋଭା - ତାର ଋତୁ ବିଭବ - ସବୁ ମୋର ମନକୁ ବାଲ୍ୟକାଳରୁ ଆକୃଷ୍ଟ କରିଥିଲା। ବାଲ୍ୟକାଳରେ ମୁଁ ଯେତେବେଳେ ଅସହାୟ ଅସଂନନ୍ଧ ଶିଶୁ ମାତ୍ର ଥିଲି - ସେତିକିବେଳେ ବି ମୋର ସନ୍ତାନ-ଗର୍ବିତା କଲ୍ୟାଣୀ ମାଆଙ୍କର ମନୋହର ବାତ୍ସଲ୍ୟ ଚଞ୍ଚଳ ମୁଖମଣ୍ଡଳ ମତେ କେବେ ପରିତୋଷ ଦେଉ ନ ଥିଲା। ଶୀତ ଶେଷର ମଳିନ ଅପରାହ୍ଣ, ତାର ସୁନା ସୋରିଷିଆ ଖରା - ଶାରଦୀୟ ରଜନୀରେ ତିଳ ତଣ୍ଡୁଳିତ ଛାୟା ଆଲୋକର ଅପୂର୍ବ ରମଣୀୟ ବିଳାସ - ମୋର ତାଳ ନାରିକେଳ ଘେରା ପଲ୍ଲୀ-ପ୍ରକୃତି- ସବୁ ମୋର କଳ୍ପନାରେ ରଙ୍ଗିନ ଡେଣା ଲଗାଇ ଦେଇଥିଲା। କୈଶୋର ଆଉ ପହିଲି ଯୌବନରେ ସେହି ରୂପ ହିଁ ମୋତେ ପାଗଳ କଲା। ଫଳରେ ମୁଁ ରୂପ ସାଗରରେ ଡୁବ ଦେଲି। କିନ୍ତୁ ତଥାପି ପରିତୃପ୍ତି ନାଇଁ - ଏ ପିପାସାର ଶାନ୍ତି ନାଇଁ। ରୂପର ସାଗରରେ ସନ୍ତରଣ କରିଚି - କିନ୍ତୁ ରୂପର ତୃଷା ମେଣ୍ଟି ନାଇଁ। ରୂପସାଗରରେ ଡୁବ ମାରିଛି - କିନ୍ତୁ ଅରୂପରତ୍ନ ମୋର ହସ୍ତଗତ ହୋଇ ନାହିଁ। ଅରୂପ ରତ୍ନର ଆଶା ଏ ଜନ୍ମରେ ହୁଏତ କେବଳ ଆଶାରେ ରହିଯିବ। କିନ୍ତୁ ମୋର ମନେହୁଏ, ଏହା ମୋର ଜନ୍ମ ଜନ୍ମାନ୍ତରର ପିପାସା - ମୋର ଜାତ ପରମ୍ପରାର ସଂସ୍କାର। ରୂପର ପିପାସା ନେଇ ମୁଁ ଜନ୍ମ ହୋଇଥିଲି- ଆଉ ଶେଷରେ ଏଇ ପିପାସା ନେଇ ହୁଏତ ମୁଁ ଦେହତ୍ୟାଗ କରିବି ଏବଂ ପୁଣି ଜନ୍ମ ହେବି ଏଇ ସୁନ୍ଦର ଧରଣୀରେ ସେଇ ସୌନ୍ଦର୍ଯ୍ୟର ପିପାସା ନେଇ - ସେଇ ରୂପର କୈବଲ୍ୟ ନେଇ। ଏଥିରେ ମୋର କ୍ଳାନ୍ତି ନାଇଁ - ବରଂ ଅଶାନ୍ତ ପିପାସାର ଶ୍ରାନ୍ତିଟାଇ ମୋ ପକ୍ଷରେ ଶାନ୍ତି।

ଆଜି କିନ୍ତୁ ରୂପ ପ୍ରତି ମୋର ଏଇ ତୃଷ୍ଣାକୁ ମୁଁ ସମୀକ୍ଷଣ କରି ଦେଖୁଚି - ଏ ତୃଷ୍ଣାର ପ୍ରକୃତ ପ୍ରକୃତି କଣ। ମୁଁ କଣ କଳାକାର - ରୂପକାର - ରୂପସ୍ରଷ୍ଟା ? ମୋର ଏଇ ରୂପ-ତୃଷ୍ଣା ମୂଳରେ ରହିଛି କେବଳ ରୂପ ସୃଷ୍ଟିର ଅଦମ୍ୟ ଆକାଂକ୍ଷା। ଏହିଠାରେ ହିଁ ଇତର ସାଧାରଣ ଓ ରୂପକାରର ରୂପଭୋଗ ମଧ୍ୟରେ ପ୍ରଧାନ ପାର୍ଥକ୍ୟ। ରୂପ ତ ସମସ୍ତଙ୍କୁ ଆକୃଷ୍ଟ କରେ। କେବଳ ରୂପକାରକୁ କାଇଁକି ? ପ୍ରଭେଦ ଏତିକି ଯେ, ରୂପକାର କେବଳ ଇତର ରୂପପାୟୀଙ୍କ ଭଳି ରୂପ ଉପଭୋଗ କରେ ନାଇଁ। ସେ ରୂପର ସୃଷ୍ଟି ପାଇଁ ବେଶି ବ୍ୟାକୁଳ। ତା ପାଇଁ କେହି ଆଗରୁ ରୂପର ସୃଷ୍ଟି କରି ରଖି ନାଇଁ। ସେ ନିଜେ ହିଁ ରୂପର ସୃଷ୍ଟି କରେ। ସେଥିପାଇଁ ଯେଉଁଠାରେ ସାଧାରଣ ଆଖି ରୂପର ଲେଶ ମାତ୍ର ପାଏ ନାଇଁ, ଶିଳ୍ପୀର ଆଖି ସେଠାରେ ନୂତନ ରୂପର ଆରୋପ କରି ଅରୂପର ସନ୍ଧାନ ଦିଏ। ଶିଳ୍ପୀ ଏକାଧାରରେ ସ୍ରଷ୍ଟା ଆଉ ସନ୍ଧାନୀ ମଧ୍ୟ। ସେକ୍‌ସପିଅରଙ୍କ କଥାରେ ରୂପକାର ନିଗ୍ରୋରମଣୀର ମୁଖମଣ୍ଡଳରେ ବି ବିଶ୍ୱସୁନ୍ଦରୀ ହେଲେନଙ୍କର ସୌନ୍ଦର୍ଯ୍ୟ ଦେଖେ। ଆଉ ମଧ୍ୟ ସାଧାରଣ ବ୍ୟକ୍ତି ଯେଉଁ ବସ୍ତୁକୁ କେବଳ ସୁନ୍ଦର ଓ ଅସୁନ୍ଦର ଦୃଷ୍ଟିରୁ ବିଚାର କରେ- ଶିଳ୍ପୀ ତାହାକୁ ନିଜର କଳା ପାଇଁ ଉପାଦେୟତା ଦୃଷ୍ଟିରୁ ଦେଖେ। ତେଣୁ କୌଣସି ଏକ ବିଶିଷ୍ଟ ଭାବ ବା ଭଙ୍ଗିମା ସାଧାରଣର ଦୃଷ୍ଟିକଟୁ ହେଲେ ବି - କେବଳ ସେଇ ଭାବ ବା ଭଙ୍ଗୀର ବୈଶିଷ୍ଟ୍ୟ ଯୋଗୁଁ ହିଁ ଶିଳ୍ପୀ ତାହାକୁ ରୂପାୟନ ନ କରି ଛାଡ଼ିପାରେ ନାହିଁ। ଏଇ ସନ୍ଧାନୀ ଆଖି ଆଉ ସ୍ରଷ୍ଟାର ମନ ନେଇ ଶିଳ୍ପୀର ଜୀବନ, ରୂପ ଦ୍ୱାରା ପ୍ରଭାବିତ ହୁଏ। ମୋର ତାହାହିଁ ହୋଇଛି ଏବଂ ମୋର ବିଶ୍ୱାସ - ମୋ ପରି ଓ ମୋଠାରୁ ଉତ୍କୃଷ୍ଟ ଓ ନିକୃଷ୍ଟ ସମସ୍ତ କଳାକାରଙ୍କ ପକ୍ଷରେ ଏହାହିଁ ଚରମ ସତ୍ୟ।

ଦିନ ଥିଲା ସମସ୍ତଙ୍କ ପରି ମୁଁ ବି ବ୍ଲାକବୋର୍ଡ଼ରୁ ମଡ଼େଲ ଦେଖି ଡ୍ରଇଁ କରିଚି। ଆଜି କିନ୍ତୁ ମୁଁ ଆଉ କଳାର ନକଲକାର ନୁହଁ। କେବଳ ବସ୍ତୁକୁ ଦେଖି, ତାର ବାସ୍ତବ ରୂପ ଆଙ୍କି, ମୁଁ ମୋର ଭାବଟାକୁ ଫାଙ୍କି ଦେବାକୁ ଆଦୌ ପ୍ରସ୍ତୁତ ନୁହଁ । ମୋର ସକ୍ରିୟ ମନ, କୌଣସି ନିଷ୍କ୍ରିୟ ଦୃଶ୍ୟର ଏକ ନିରୀହ ନକଲକାର ହେବାକୁ ମୋଟେ ରାଜି ନୁହଁ। ମୋର କଳା ବା ମୋର ଶିଳ୍ପ ଅଧେ ଭାବ ଆଉ ଅଧେ ବସ୍ତୁ । ତେଣୁ ମୋର କଳାଗତ ଆଦର୍ଶ କେବଳ ବସ୍ତୁକୁ କେନ୍ଦ୍ର କରି ଗତି କରୁ ନାହିଁ। ଏ ସୃଷ୍ଟିର ସମସ୍ତ ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ ଆଦି ପ୍ରତ୍ୟେକ ଭାବଗତ ବିଷୟଗୁଡ଼ିକ ମୁଁ ଶିଳ୍ପ ମଧ୍ୟରେ ଆଙ୍କି ରଖିବାକୁ ଚାହେଁ। ମୋତେ ନାରୀର ରୂପ ମୁଗ୍ଧ କରିଛି - ଫୁଲର ଶୋଭା ମୁଗ୍ଧ କରିଛି - ମାତ୍ର ଫୁଲର ସୌରଭ - ଲତାର ଲାସ୍ୟ - ନାରୀର ଅବୋଧ ବିଚିତ୍ର ହାବଭାବ ଆଉ ମନ - ପତ୍ରର ମର୍ମର - ଭ୍ରମର ଗୁଞ୍ଜନ - ମଳୟର ପୁଲକ ସଂଚାରୀ ଶିହରଣ - ରୁଦ୍ର ବୈଶାଖର ପ୍ରଳୟଙ୍କରୀ ଝଞ୍ଜା ଏ ସବୁ କଣ ମୋର ମନକୁ କମ୍ ବିବ୍ରତ କରିଛନ୍ତି ? ତେବେ କେବଳ ସ୍ଥୁଳ ବସ୍ତୁକୁ ରୂପ ଦେଇ - ଏଇ ସୂକ୍ଷ୍ମ ଭାବଗୁଡ଼ିକୁ ବାଦ୍ ଦେଲେ, ଶିଳ୍ପୀ ଜୀବନରେ ନା ଆସିବ ପୂର୍ଣ୍ଣତା ନା ଆସିବ ସନ୍ତୋଷ। ସେଥିପାଇଁ ଆଜିର ଶିଳ୍ପ ବେଶି ମୂର୍ଧାଧର୍ମୀ ହୋଇ ଉଠିଚି। ବସ୍ତୁ ସଙ୍ଗେ

ଭାବର ମିଶ୍ରଣର ଅତ୍ୟାଧୁନିକ ଶିଳ୍ପକଳାର ପ୍ରଧାନ ଲକ୍ଷଣ। ଶିଳ୍ପୀ ନିଜର ସୃଜନ କ୍ଷମତାରେ ନିଜର ମନନଶୀଳତାରେ ବାହ୍ୟବସ୍ତୁକୁ ଅନ୍ତର୍ଗତ ଭାବରେ ପରିଣତ କଲେ ହେଁ ଶିଳ୍ପର ଚରମ ପରାକାଷ୍ଠା, ଶିଳ୍ପର ଅନ୍ତଃପ୍ରକୃତି ଓ ସୃଷ୍ଟିର ବହିଃପ୍ରକୃତି, ଏହା ମଧ୍ୟରେ ସଂଯୋଗ ସ୍ଥାପିତ ନ ହେଲା ପର୍ଯ୍ୟନ୍ତ ଶିଳ୍ପ ମୂର୍ଦ୍ଧାଧର୍ମୀ ହୋଇପାରେ ନାହିଁ। ମୁଁ ଆଜି ଏଇ ମୂର୍ଦ୍ଧାଧର୍ମୀ ଶିଳ୍ପରେ ପରୀକ୍ଷା ଚଳେଇଛି ମାତ୍ର।

ବାଲ୍ୟକାଳରେ ମୋର ବାପା ସ୍ୱନାମଧନ୍ୟ ଡାକ୍ତର ସ୍ୱର୍ଗତ କାପ୍‌ଟେନ କ୍ଷେତ୍ରମୋହନ ରାୟ ତାଙ୍କର ସଂତାନମାନଙ୍କୁ ସ୍ୱ ସ୍ୱ ରୁଚି ଓ ଶକ୍ତି ଅନୁଯାୟୀ ପାଠ ପଢ଼େଇବାର ପକ୍ଷପାତୀ ଥିଲେ। କିନ୍ତୁ ତଥାପି ସୁଦ୍ଧା ବାପାଙ୍କର ଇଚ୍ଛା ଥିଲା – ଆମେ ଭାଇ ସବୁ ଯୁଦ୍ଧକ୍ଷେତ୍ରରେ ସ୍ୱବିକ୍ରମାଦିର ପରିଚୟ ଦେଉଁ। ବାପାଙ୍କର ଇଚ୍ଛା ପୂର୍ଣ୍ଣ କଲେ ମୋର ବଡ଼ ଭାଇ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ରାୟ। କିନ୍ତୁ ସଂଗ୍ରାମ ଅପେକ୍ଷା ଗ୍ରାମ ଓ ଅସି ଅପେକ୍ଷା ମସୀ ହିଁ ମୋତେ ବେଶି ଆକୃଷ୍ଟ କଲା, ତେଣୁ କଟକ କଲିଜିଏଟ୍‌ରୁ ଶିକ୍ଷା ସମାପ୍ତ କରି ମୁଁ ଡେରାଡୁନ ପବ୍ଲିକ ସ୍କୁଲରେ ପଢ଼ିବାବେଳେ ତତ୍କାଳୀନ ଡ୍ରଇଁ ଶିକ୍ଷକ ସୁଧୀର ଖାସ୍ତଗୀର ମୋର କଳା ପ୍ରତିଭାରେ ଆଶା ପ୍ରକାଶ କରି ମୋର ବାପାଙ୍କୁ ମୋତେ କଳା ଶିକ୍ଷା ଦେବାପାଇଁ ପ୍ରଭାବିତ କଲେ। ସେଠାରେ ମୁଁ ଶିଳ୍ପୀଗୁରୁ ଅବନୀନ୍ଦ୍ର ନାଥ, ନନ୍ଦଲାଲ ବୋଷ ଓ ଅସୀତ୍ ହାଲଦାର ଆଦି ପ୍ରସିଦ୍ଧ ଶିଳ୍ପୀମାନଙ୍କର ଶିଳ୍ପ ଦେଖି କଳାପ୍ରତି ଅଦମ୍ୟ ଉତ୍ସାହ ଓ ପ୍ରେରଣା ଲାଭ କଲି। ବାପା ମଧ୍ୟ କ୍ରମେ କଳା ଉପରୁ ତାଙ୍କ ମତ ବଦଳାଇଲେ ଏବଂ ଯଦିଓ ସେ ଭବିଷ୍ୟତ ବାଣୀ ଶୁଣାଉଥିଲେ – "ଅଜିତ୍ ଏ ଦେଶରେ କଳା ତୋର ପେଟ ଆହାର ଯୋଗାଇପାରିବ ନାଇଁ – ତୁ ବରଂ କଳାକୁ ନେଇ ଅବସର ବିନୋଦନ କରିପାରୁ – କିନ୍ତୁ ପେଟ ପୋଷିବା ପାଇଁ ଅନ୍ୟ ବିଦ୍ୟା ଶିଖ୍ ।" ତଥାପି ସେ ମୋତେ ଶାନ୍ତିନିକେତନରେ ଦୀର୍ଘ ୫ ବର୍ଷ କାଳ କଳାଧ୍ୟୟନ କରିବାର ସୁଯୋଗ ଦେଲେ। ମୁଁ ସେଠାରେ ଗୁରୁରୂପେ ପାଇଲି ଶିଳ୍ପାଚାର୍ଯ୍ୟ ନନ୍ଦଲାଲ ବସୁଙ୍କୁ। ତାଙ୍କରି ସାହାଯ୍ୟ, ଉତ୍ସାହ ଓ ପ୍ରେରଣାରେ ମୁଁ କାଠ ଖୋଦାଇରେ କୃତିତ୍ୱର ସହ ପାସ କଲି । ଶେଷ ଦୁଇବର୍ଷ ମୁଁ ନନ୍ଦଲାଲଙ୍କ ପୁତ୍ର ବିଶ୍ୱରୂପ ବୋଷଙ୍କଠାରୁ ମଧ୍ୟ ବହୁ ସାହାଯ୍ୟ ପାଇଛି।

ଅବଶ୍ୟ ପ୍ରଥମେ ମୁଁ ରଙ୍ଗଦିଆ ଛବି ଓ ପେନସିଲ ସ୍କେଚ ପ୍ରତି ବିଶେଷ ଆକୃଷ୍ଟ ଥିଲି। ମାତ୍ର କ୍ରମେ ମୋର ମନ କାଠଖୋଦାଇ ଓ ପ୍ରସ୍ତର ଶିଳ୍ପ ଆଡ଼କୁ ଢଳିଲା। ବିକାନୀର ଓ କଲିକତାରେ କିଛି ଦିନ ଚାକିରି କରି ମୁଁ ବିଲାତ ଯାଏଁ ଏହି ପ୍ରସ୍ତର ଓ କାଠଖୋଦାଇ ଶିଳ୍ପ ସମ୍ବନ୍ଧେ ବିଶେଷ ଜ୍ଞାନାର୍ଜନ କରିବାକୁ। ସେଠାରେ ଗ୍ରୀସୀୟ, ଇଟାଲୀୟ ଓ ଇଜିପ୍‌ଟୀୟ କାରୁକାର୍ଯ୍ୟମାନ ମୁଁ ଟେଟ୍ ଗାଲେରୀ, ରଏଲ ଏକାଡ଼େମୀ, ନାନାଲ ଗାଲେରୀ ଓ ବ୍ରିଟିଶ୍ ମିଉଜିଅମ୍‌ରେ ଦେଖିବାକୁ ସୁଯୋଗ ପାଏଁ। କିନ୍ତୁ ବିଲାତରେ ଦୁଇବର୍ଷ ଅଧ୍ୟୟନ କାଳରେ ମୁଁ ଇଜିପ୍‌ଟୀୟ ମୂର୍ତ୍ତିଗୁଡ଼ିକୁ ମୋର ଶିଳ୍ପାଦର୍ଶ ରୂପେ ଗ୍ରହଣ କଲି।

ଦୁଇ ତିନି ହଜାର ବର୍ଷ ପୂର୍ବେ ଇଜିପ୍ଟୀୟମାନେ ଖୁବ୍ ଶକ୍ତ ପଥରରେ ମୂର୍ତ୍ତି ନିର୍ମାଣ କରୁଥିଲେ ଏବଂ ଲୌହର ବ୍ୟବହାର ସେତେବେଳେ ଜଣା ନଥିବାରୁ ସେମାନେ ବ୍ରୋଞ୍ଜ ନିର୍ମିତ ଅପେକ୍ଷାକୃତ କୋମଳ ହତିଆରରେ ମୂର୍ତ୍ତି ତିଆରି କରୁଥିଲେ। ଫଳରେ ବିରାଟ ପ୍ରସ୍ତରଗୁଡ଼ିକୁ ଶିଳ୍ପୀ ମନମୁତାବକ ଆକାର ପ୍ରକାରରେ ପରିଣତ କରିପାରୁ ନ ଥିଲା। ତେଣୁ ଇଜିପ୍ଟର ପ୍ରାଚୀନ ମୂର୍ତ୍ତିଗୁଡ଼ିକ ଆକାରରେ ଖୁବ୍ ବୃହତ୍। ଏଥିରେ ହୁଏତ ସୂକ୍ଷ୍ମ କାରୁକଳାର ନିଦର୍ଶନ ମିଳେ ନାହିଁ ବା ପ୍ରାଚୀନ ଭାରତୀୟ ପ୍ରସ୍ତର କଳା ପରି ଏଥିରେ ସୂକ୍ଷ୍ମ ଅଳଙ୍କରଣର ସୌଷ୍ଠବ ସମ୍ଭବ ହୋଇ ନାହିଁ। ମାତ୍ର ତଥାପି, ଏଇ ୩୦-୪୦ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତିଗୁଡ଼ିକରେ କଳାଗତ ଆଦର୍ଶ କୌଣସି ପ୍ରକାରେ କ୍ଷୁଣ୍ଣ ହୋଇ ନାହିଁ। ବରଂ ସେଇ ବିରାଟତ୍ୱ ମଧ୍ୟରେ ବି କଳାର ମହାନୁଭବତା, ଦୃଢ଼ତା, ଗାମ୍ଭୀର୍ଯ୍ୟ ଓ ପ୍ରାଣପ୍ରାଚୁର୍ଯ୍ୟ ହିଁ ମୋତେ ବେଶି ଆକୃଷ୍ଟ କରିଚି। ଆମ କୋଣାର୍କର ସେଇ ବିରାଟ ଅଶ୍ୱଗୁଡ଼ିକ - ଭୁବନେଶ୍ୱରର ସେଇ ପ୍ରକାଣ୍ଡ ବୃଷଭ ଓ ଖଣ୍ଡଗିରିର ନବନିର୍ମିତ ଦୀର୍ଘ ଜୈନମୂର୍ତ୍ତିଗୁଡ଼ିକ ବି ସେଇ ଅନଳଙ୍କୃତ ପ୍ରକାଣ୍ଡ ଇଜିପ୍ଟୀୟ ପ୍ରସ୍ତର କଳା ପରି ସାଧା ଓ ସରଳ - ଅଥଚ ଜୀବନ୍ତ। ଏଇ ବିଶାଳତ୍ୱ ମଧ୍ୟରେ କିନ୍ତୁ ରୁଦ୍ର ଭାବ ନାହିଁ। ବରଂ ଅନ୍ୟ ଶିଳ୍ପ ପରି ମଧ୍ୟ ଏଗୁଡ଼ିକ ସୌମ୍ୟ ଓ ସୁଦର୍ଶନ।

ମୋର ପ୍ରସ୍ତର ଶିଳ୍ପାଦିରେ ମୁଁ ଇଜିପ୍ଟୀୟ ଆଦର୍ଶ ଅନୁସରଣ କରିଅଛି ! ଏତଦ୍ ବ୍ୟତୀତ କାଠ ଖୋଦାଇରେ ମଧ୍ୟ ବର୍ତ୍ତମାନ ମୁଁ ମୋର ପ୍ରତିଭାକୁ ନିୟୋଜିତ କରିଅଛି। ଆଧୁନିକ ଯୁଗରେ ଏଇ କାଠ ଖୋଦାଇ ଚିତ୍ର ହିଁ ଅଧିକାଂଶ ଶିଳ୍ପୀଙ୍କୁ ଆକୃଷ୍ଟ କରିଚି । ତାର ପ୍ରଧାନ କାରଣ ହେଉଛି, ପେନସିଲ ଓ ରଙ୍ଗ ଚିତ୍ର ଅପେକ୍ଷା ଏହା ଶସ୍ତା। କାରଣ ଶିଳ୍ପୀ ନିଜେ ହିଁ ତାର ଚିତ୍ର ସଙ୍ଗେ ସଙ୍ଗେ ବ୍ଲକ୍‌ଟାକୁ ପ୍ରସ୍ତୁତ କରିନିଏ। ପୂର୍ବେ ଆଧୁନିକ ତମ୍ବା ବା ଜିଙ୍କ୍‌ର ବ୍ଲକ ପରି, କାଠ ବ୍ଲକମାନ ପ୍ରସ୍ତୁତ କରାଯାଉଥିଲା ଏବଂ ଶିଳ୍ପୀ ନିଜେ ଏହି କୋମଳ କାଠରେ ଚିତ୍ର ତିଆରି କରୁଥିଲେ ଏବଂ ବ୍ଲକ ନିର୍ମାତାମାନେ ସେଇ ଚିତ୍ର ଉପରେ ହତିଆର ଦ୍ୱାରା ବ୍ଲକ ଖୋଳି ନେଉଥିଲେ। କିନ୍ତୁ ଆଜି ଶିଳ୍ପୀ କାଠ ଉପରେ ପେନସିଲ ରେଖା ବ୍ୟତୀତ ବି କେବଳ ହତିଆର ଦ୍ୱାରା କଳାର ରୂପାୟନ କରିବା ସଙ୍ଗେ ସଙ୍ଗେ ବ୍ଲକ୍ ବନେଇ ପାରୁଛି।

କାଠ ଖୋଦେଇ ଚିତ୍ରର ଅନ୍ୟ ପ୍ରଧାନ ବିଶେଷତ୍ୱ ହେଉଚି - ଏଥିରେ କଳାପଟ୍ଟଭୂମି ଉପରେ ଧଳାଚିତ୍ର ଆଙ୍କି ହୁଏ। କିନ୍ତୁ ପେନ୍‌ସିଲ ବା ତୂଳୀଦ୍ୱାରା କେବଳ ଧଳା ପଟ୍ଟଭୂମି ଉପରେ କଳାଚିତ୍ର ଆଙ୍କିବା ସମ୍ଭବପର ହୋଇଥାଏ। କେବଳ କଳା ପଟ୍ଟଭୂମିକା ଉପରେ ହିଁ ଧଳା ଚିତ୍ରାଙ୍କନ ଦର୍ଶକର ହୃଦୟରେ ଅଧିକ ରେଖାପାତ କରିଥାଏ। ପୁନଶ୍ଚ କେବଳ ସରଳ ରେଖାଙ୍କିତ ହେଉ ବା ଜଟିଳ ରେଖାଙ୍କିତ ହେଉ, ଆଦର୍ଶ ଧଳା କଳା ଡିଜାଇନ୍

ପାଇଁ କାଠ ଖୋଦାଇରେ ଗାଢ଼ କଳା ଓ ଗାଢ଼ ଧଳାର ଏଇ ନାଟକୀୟ ବିରୋଧ ଭାବଠାରୁ ବଳି ଆଉ ଅଧିକ ପ୍ରଶସ୍ତ ମାଧ୍ୟମ ନାହିଁ। ଶେଷରେ ସିଲହୋଏଟ ଛବି ପାଇଁ ଏଇ କାଠଖୋଦାଇ ହିଁ ବେଶ୍ ପ୍ରଶସ୍ତ। ଜାପାନ ଓ ପାଶ୍ଚାତ୍ୟ ଦେଶମାନଙ୍କରେ ଶିଳ୍ପୀମାନେ କାଠ ଖୋଦାଇରେ ବିଭିନ୍ନ ରଙ୍ଗର ସମାବେଶ କଲେଣି। କିନ୍ତୁ କେବଳ ଧଳା ଓ କେବଳ କଳାରେ ହିଁ କାଠ ଖୋଦାଇ ଶିଳ୍ପର ଚରମ ଉତ୍କର୍ଷ ଓ ତାହାହିଁ ଏହାର ବିଶେଷତ୍ୱ।

ମୁଁ ବହୁଦିନୁ ତୂଳୀ ଛାଡ଼ି ନିହାଣକୁ ହିଁ ମୋର ଶିଳ୍ପୋପକରଣ ରୂପେ ଧରିଛି। ବର୍ତ୍ତମାନ ମୁଁ କଟକଠାରୁ ତିରିଶ ମାଇଲ ଦୂରବର୍ତ୍ତୀ ନିଆଳି ଗ୍ରାମରେ ରହି ମୋର ଜମିବାଡ଼ି ବୁଝାଶୁଝା କରୁଅଛି। ମୋର ବାପାଙ୍କର ଭବିଷ୍ୟତ୍ ବାଣୀ ସତ୍ୟ ହୋଇଛି। କଳା ମୋର ପେଟକୁ ଆହାର ଯୋଗାଇପାରି ନାହିଁ କି ପାରିବ ନାହିଁ। କିନ୍ତୁ ସେଥିପାଇଁ ମୋର ଶୋଚନା ନାହିଁ। ମୁଁ କୃଷି ଓ ଶିଳ୍ପ ଉଭୟର ହିଁ ଆଶ୍ରୟ ନେଇଛି। କୃଷି ମୋର ପେଟକୁ ଏବଂ ଶିଳ୍ପ ମୋର ମୁଣ୍ଡକୁ ଆହାର ଯୋଗାଉଛନ୍ତି ! ବେଶ୍ ଲାଗୁଚି ଏଇ ଜୀବନ –। ବେଶ୍ ଲାଗୁଛି ଏଇ ପଲ୍ଲୀ – ତା'ର ବନ – ତାର ନଦୀ – ତାର କୃଷିକ୍ଷେତ୍ର – ତାର ଶ୍ମଶାନ – ତାର ଦେବାଳୟ ଆଉ ଶେଷରେ ତାର ଜନବସତି। ପଲ୍ଲୀର ସରଳତା ଆଜି ନଷ୍ଟ ହୋଇଚି। ସହର ପରି ପଲ୍ଲୀଜୀବନ ଆଜି ସ୍ୱାର୍ଥକୈନ୍ଦ୍ରିକ ହୋଇ ଉଠିଚି। ପଲ୍ଲୀବାସୀ ଆଜି ସଭ୍ୟତା, ସଂସ୍କୃତି ଓ ଚାଲିଚଳନରେ ସହରର କୁତ୍ସିତ ଅନୁକରଣେଇ କରି ଚାଲିଛନ୍ତି। ମୋଟ ଉପରେ ଆଧୁନିକ ପଲ୍ଲୀ ଆଧୁନିକ ସହରର ଏକ ବ୍ୟଙ୍ଗଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ତଥାପି ପଲ୍ଲୀର ଏଇ ଦରିଦ୍ର, ନଗ୍ନ ଅର୍ଦ୍ଧ-ସଭ୍ୟ, ଜଟିଳ, କୁତ୍ସିତ ଓ ଅଶିଷ୍ଟ ପରିବେଶ ମଧ୍ୟରେ ବି ଏକ ଅସଭ୍ୟ ଦୁର୍ଦ୍ଦାନ୍ତ ସୁଷମା ଫୁଟିଉଠେ, ଯାହାକି ସାଧାରଣଙ୍କର ଦୃଷ୍ଟିପଥାରୂଢ଼ ହୋଇପାରେ ନାହିଁ। ପଲ୍ଲୀ କୃଷି କ୍ଷେତ୍ରରେ ଦରିଦ୍ର, ଚାଷୀର ସେଇ ଅନାବୃତ ଶାଳସବଳ ରଜ୍ଜୁ ଅବୟବର ଦୁର୍ଦ୍ଦାନ୍ତ ସୁଷମା କିମ୍ବା ପଲ୍ଲୀ ଶିଶୁର ଧୂଳି-ଧୂସରିତ, ଅବହେଳିତ, ଅରକ୍ଷିତ, ସୁସ୍ଥ ସବଳ ଅଙ୍ଗ ସୌଷ୍ଠବ ଓ ପଲ୍ଲୀନାରୀର ଭ୍ରୂବିଳାସହୀନ ନିଟୋଳ, ପରିପୂର୍ଣ୍ଣ ଯୌବନ ଆଉ ତାର ସ୍ୱାସ୍ଥ୍ୟ ସମ୍ପଦ ମୋର ମନକୁ ବେଶ୍ ଅନୁପ୍ରାଣିତ କରିପାରିଛନ୍ତି। ପଲ୍ଲୀର ଚାଷୀ ଓ ସହରର ମଜୁରିଆ ଜୀବନରୁ ଏଇ ନଗ୍ନ ଦୁର୍ଦ୍ଦାନ୍ତ ଅସଭ୍ୟ ଓ କୁତ୍ସିତ( ?) ସୁଷମାଟିକୁ ଫୁଟାଇ ଦେଖାଇବା ହିଁ ଅତ୍ୟାଧୁନିକ ଚିତ୍ରକଳାର ଏକ ପ୍ରଧାନ ଲକ୍ଷଣ ହୋଇ ଉଠିଚି। ପ୍ରଚ୍ଛଦପଟରେ ଅଙ୍କିତ ମୋର ଚିତ୍ରଟି ହିଁ ଏହି ଉଦ୍ଦେଶ୍ୟ ଜ୍ଞାପକ।



ବିପିନ ବିହାରୀ ଚୌଧୁରୀ

ଭଗବାନ୍ ମୋତେ ଜନ୍ମରୁ ଭାଷା ଦେଇ ନ ଥିଲେ। ମୋତେ ସେ ଶତମୁଖରୁ ଭାଷା ଶୁଣିବାର ସୁଖରୁ ଯେମିତି ବଞ୍ଚିତ କରିଛନ୍ତି, ହୃଦୟର ବେଦନା ଭାଷାରେ ମୋ ଛଡ଼ା ଆଉ କାହାକୁ କହିବାର କ୍ଷମତା ମଧ୍ୟ ଛଡ଼ାଇ ନେଇଛନ୍ତି। ଜନ୍ମରୁ ମୁଁ ମୂକ ଓ ବଧିର।

କଲିକତାର ମୂକ ଓ ବଧିର ବିଦ୍ୟାଳୟରେ ବାପା ଛାଡ଼ିଲେ। ଭାଷା ସିନା ନ ଥିଲା ମାତ୍ର ଆଶା ତ ଭରି ରହିଥିଲା ଆକାଶଠାରୁ ଆହୁରି ବିରାଟ। ସେ ଆଶା ପୂରଣ ହେବ କିପରି ? ମୋର ଅନ୍ତରର ଭାବ ଖୋଜି ବୁଲିଲା ବାହକ ଆତ୍ମପ୍ରକାଶ କରିବାପାଇଁ।

ଭିତରର ଅଶେଷ ବ୍ୟଥା, ମୂକ ହେବାର ଯେଉଁ ନିବିଡ଼ ଅର୍ତ୍ତି-ତାକୁ ଈଶ୍ୱରଙ୍କ ଛଡ଼ା ଆଉ କିଏ ବୁଝିବ ? ତଥାପି ମୁଁ ଆଶ୍ରୟ ଖୋଜି ପାଇଥିଲି ସଂସାରର ଗୋଟିଏ ଜାଗାରେ। ମାତ୍ର ଭଗବାନ୍ ସେ ଆଶ୍ରୟଟିକୁ ମଧ୍ୟ ଛଡ଼ାଇ ନେଇଗଲେ। ମୋର ପରମାରାଧ୍ୟ ପିତୃଦେବଙ୍କର ଧୀର ଗମ୍ଭୀର ପ୍ରଶାନ୍ତ ଉଦାର ମମତାପୂର୍ଣ୍ଣ ମୂର୍ତ୍ତିଟି ମୁଁ ଆଉ ଦେଖିବାକୁ ପାଇଲି ନାହିଁ। ସେତେବେଳେ ମୁଁ କଲିକତାର ମୂକ ବଧିର ବିଦ୍ୟାଳୟ ଛାତ୍ର।

ଭଗବାନ୍ ନିର୍ଦ୍ଦୟ ନୁହନ୍ତି। ମୁଖରୁ ସେ ଭାଷା ନେଇଗଲେ ସତ ମାତ୍ର ମନେହେଲା ସେ ଯେପରି ଭାଷା ଦେଇଗଲେ ଏଇ ହାତରେ - ଏଇ ଦୁର୍ବଳ ମର ମନୁଷ୍ୟର ଅଙ୍ଗୁଳି ସଂଚାଳନ ଭିତରେ - ତାର ଉପକରଣ ଏଇ ତୂଳି କାଗଜ ରଙ୍ଗ ନେଇ ଫୁଟାଇବା ପାଇଁ ଯେପରି ପିଲାକାଳରୁ ମୋର ଇଙ୍ଗିତ ଆସିଲା ସେଠୁ। ମୁଁ ଚିତ୍ର ଆଙ୍କିଲି। ଯେତେ ଚିତ୍ର କଲି - ସେତିକି ମୁଁ ଶାନ୍ତି ପାଇଲି ଭିତରେ। ସେତିକି ମୁଁ ଆତ୍ମପ୍ରସାଦ ପାଇଲି - ସେତିକି ତୃପ୍ତି- ସେତିକି ମୋର ବନ୍ଧ ହୃଦୟ ଉଛୁଳିବାକୁ ଲାଗିଲା। ଏଇ ନୂତନ ଭାଷା ମୋତେ ଏକପ୍ରକାର ପାଗଳ କଲା।

ମୁଁ ବିଦ୍ୟାଳୟରେ ଚିତ୍ରାଙ୍କନରେ ପ୍ରଥମ ହେଉଥିଲି। ସେତେବେଳେ ମୂକ ବଧିରମାନଙ୍କର ସେବାପାଇଁ ବହୁ ବିଶିଷ୍ଟ ଲୋକ ବିଦ୍ୟାଳୟକୁ ଆସନ୍ତି। ସମସ୍ତେ ମୋର ଚିତ୍ର ଦେଖି ମୋତେ

ଆଦର କରି ଉତ୍ସାହ ଦିଅନ୍ତି। ତତ୍କାଳୀନ ବଙ୍ଗର ଲାଟ୍ ଓ ତାଙ୍କ ପତ୍ନୀଙ୍କର ଉପହାର ମୋ ଜୀବନରେ ଏକ ସ୍ମରଣୀୟ ଘଟଣା। ବହୁ ଉପହାର, ପୁରସ୍କାର ପାଇ ମୁଁ କଳା ବିଦ୍ୟାରେ ଅଧିକ ଆଗ୍ରହୀ ହେଲି। ଶେଷରେ କଲିକତା ଆର୍ଟ ସ୍କୁଲରେ ନାମ ଲେଖାଇଦେଲି।

ଭଲ ମଣିଷଙ୍କ ସାଙ୍ଗରେ ଜଣେ ମୂକବଧିର କଳା ଛାତ୍ର। ସେମାନଙ୍କୁ ତ ବିଚିତ୍ର ଲାଗୁଥିବ - ମୋତେ ଅଧିକ ଆଶ୍ଚର୍ଯ୍ୟ ଲାଗୁଥାଏ ଏବଂ ସବୁଠାରୁ ବେଶି ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ପରୀକ୍ଷାର ଫଳ ବାହାରେ। ମୁଁ ପ୍ରାୟ ପ୍ରଥମ ହେଉଥାଏ। ଛବି ପ୍ରତିଯୋଗିତାରେ ପ୍ରାୟ ତିନିଥର ପ୍ରଥମ ପୁରସ୍କାର ପାଇଛି ସେତେବେଳେ। ମୋର ପ୍ରିନ୍ସିପାଲ ପାସିବ୍ରାଉନଙ୍କର ମୁଁ ହୋଇଗଲି ଅତି ପ୍ରିୟ ଛାତ୍ର। ମୋର ସହପାଠୀମାନେ ମୋଠାରୁ ସାହାଯ୍ୟ ନେବାକୁ ଆସିଲେ ମୋତେ ଆହୁରି ସୁଖ ଲାଗେ। ସର୍ବଶେଷରେ ମୁଁ ପ୍ରଥମ ଛାତ୍ରରୂପେ କଲିକତା ଆର୍ଟସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଆସିଲି।

କିନ୍ତୁ ସେତିକିରେ ମୋର କଳାଜ୍ଞାନର ପିପାସା ମେଣ୍ଟିବାର ନୋହେ। ମୁଁ ଅଧିକ ଉଚ୍ଚଶିକ୍ଷା ପାଇଁ ବ୍ୟାକୁଳ ହୋଇ ଚାଲିଲି ବମ୍ବେ। ହାତରେ ମାତ୍ର ୫୦୧ଟଙ୍କା ସମ୍ବଳ ସେଠି ପହଞ୍ଚିବାର କେତୁଟା ଦିନ ମଧ୍ୟରେ ସେ ଟଙ୍କାତକ ସରିଗଲା। ଓଃ! କି ଲାଞ୍ଛନା, କି ଅପମାନ ମୋତେ ସହିବାକୁ ନ ପଡିଛି। ଦିନେ ଗଲି ବମ୍ବେର ହସପାତାଲକୁ। ପଚାରିଲି - ମୋ ପାଇଁ ଏଠି ଯେ କୌଣସି ଗୋଟାଏ କାମ ମିଳିପାରିବ କି?

ଜନୈକ କର୍ମଚାରୀ ମୋ ହାବଭାବରେ ସନ୍ଦେହ କରି ବହୁତ ନିର୍ଯାତନା ଆରମ୍ଭ କଲେ। ଅନେକ କ୍ଷଣ ପରେ ମୋର ପ୍ରକୃତ ପରିଚୟ ପାଇ - ଜଣେ ଉଚ୍ଚପଦସ୍ଥ ଭଦ୍ରଲୋକଙ୍କ ଘରକୁ ମୋ ହାତରେ ଚିଠି ଖଣ୍ଡେ ଦେଇ ପଠାଇଦେଲେ। ଈଶ୍ୱରଙ୍କ ଦୟାରୁ ସେଠାରେ ମୋତେ ଖାଇବାର ଓ ରହିବାର ସୁବିଧା ମିଳିଗଲା, ସେ ଭଦ୍ରଲୋକଙ୍କ ପୁଅକୁ ଚିତ୍ର ଶିକ୍ଷାଦାନ ବିନିମୟରେ। କିନ୍ତୁ ମୋର ଚିତ୍ର ଶିକ୍ଷା ହେବ କିପରି? ରାତିଦିନ ସେହି ଚିନ୍ତାରେ ମୋର କଟୁଥାଏ। ଶେଷରେ ଦିନେ ତାଜମହଲ ହୋଟେଲରେ ସରୋଜିନୀ ନାଇଡୁଙ୍କ ପାଖରେ ପହଞ୍ଚି ମୋର ଇଚ୍ଛା ଜଣାଇଲି। ସରୋଜିନୀ ନାଇଡୁ ବହୁତ ଆଦର କରି ଖୁଆଇଲେ ନିଜର ମା ଭଳି। ପରଦିନ ଟାଟା କମ୍ପାନୀରୁ ସାହାଯ୍ୟର ବନ୍ଦୋବସ୍ତ କରିଦେଲେ।

ମୁଁ ବମ୍ବେ ଆର୍ଟ ସ୍କୁଲରେ ନାମ ଲେଖାଇଲି। ସରୋଜିନୀ ନାଇଡୁ ମୋତେ ଭାରି ଭଲ ପାଇଲେ। ଜୀବନରେ ଅନେକବାର ତାଙ୍କ ସହିତ ଦେଖା ହୋଇଛି। ତାଙ୍କର ମୃତ୍ୟୁରେ ବାସ୍ତବିକ୍ ମାତୃହରା ହୋଇପଡିଛି ଆଜି।

କିନ୍ତୁ ବମ୍ବେ ଆର୍ଟ ସ୍କୁଲରେ ମୋର କଳା ପିପାସା ପରିତୃପ୍ତି ପାଇଲା ନାହିଁ। ବାସନା ମୋର ବେଳକୁ ବେଳ ବଢ଼ିଲା ଆହୁରି ଉଚ୍ଚ ଧରଣର କଳା ଶିକ୍ଷା କରିବା ପାଇଁ। ସେଥିପାଇଁ ବିଦେଶ ଯିବାକୁ ହେବ।

ମାତ୍ର ଅର୍ଥ କାହିଁ, ଦରିଆ ପାରି ହୋଇ ବିଲାତ ଯିବି ? ଦିବାନିଶି ବସି ଉପାୟ ଚିନ୍ତା କଲି। ଲିପ୍‌ସା ମୋର ଅତି ପ୍ରବଳ। ବହୁ ଗୁରୁଜନମାନଙ୍କର ବାରଣ ସତ୍ତ୍ୱେ – ନାନା ଲୋକଙ୍କର ବହୁ ବିଦ୍ରୂପକୁ ପଛକୁ ଠେଲି ସେଇ ଲିପ୍‌ସା ମୋତେ କଢ଼ାଇ ନେଇଗଲା ବାଟ। ହାତରେ ନାହିଁ ଆବଶ୍ୟକୀୟ ପାଥେୟ। ତଥାପି କଲି ବିଲାତ ଯାତ୍ରା।

ସେଠି ପହଞ୍ଚିବାର କିଛିଦିନ ପରେ ୩ ମାସ ମୋତେ ଭୟଙ୍କର ଅନଟନରେ ପଡ଼ିବାକୁ ହେଲା। ଦିନକୁ ଥରେ ମାତ୍ର ଖାଇ ମୁଁ ଅର୍ଥର ଯୋଗାଡ଼ରେ ଥାଏଁ। ଆତ୍ମୀୟସ୍ୱଜନ କେହି ଜଣେ ନାହିଁ ବ୍ୟଥାରେ ଦୁଃଖ ପ୍ରକାଶ କରିବାକୁ। ତଥାପି ଭଗବାନ୍‌ଙ୍କ ଦୟାରୁ ବୁଦ୍ଧି ଖଟାଇ ମୁଁ ଗ୍ରାସାଚ୍ଛାଦନର ବନ୍ଦୋବସ୍ତ କଲି।

ତା'ପରେ ରୟେଲ କଲେଜ ଅଫ୍ ଆର୍ଟସରେ ବିଦ୍ୟାଧ୍ୟୟନ – ଏକ ଅସାଧ୍ୟ ସାଧନା। କିନ୍ତୁ ସୌଭାଗ୍ୟକ୍ରମେ ପ୍ରବେଶିକା ପରୀକ୍ଷାରେ ମୁଁ ଗୌରବର ସହିତ ପାସ କରି ସେଠାରେ ଛାତ୍ର ରୂପେ ନାମ ଲେଖାଇପାରିଲି।

କ୍ଲାସରେ ମୁଁ ଗୋଟିଏ ଦର୍ଶନୀୟ ବସ୍ତୁ ହୋଇଥାଏଁ। ଏକେ ଅନ୍ଧ-ମୂକ ଓ ବଧିର, ତା'ପରେ ପୁଣି କଳା ଲୋକ। କିନ୍ତୁ ପ୍ରଫେସରମାନଙ୍କଠାରୁ ଆରମ୍ଭ କରି ପ୍ରିନ୍‌ସପାଲ କିମ୍ବା ସହପାଠୀ ଓ ସହପାଠିନୀମାନଙ୍କର ମୁଁ ଅପ୍ରିୟ ନ ଥିଲି। କଲେଜରେ ଲେକ୍‌ଚର ମୁଁ ଶୁଣିପାରେ ନାହିଁ। କିନ୍ତୁ ପ୍ରତିବର୍ଷ ପରୀକ୍ଷାରେ ଗୌରବର ସହିତ ଉତ୍ତୀର୍ଣ୍ଣ ହେଉଥାଏଁ। ଅନେକ ମୋତେ ଥଟ୍ଟା କରନ୍ତି। ପାଗଳ ବୋଲି କହିବାକୁ ମଧ୍ୟ ଛାଡ଼ନ୍ତି ନାହିଁ। ଯେ ଇଂଲିଶ ଭଲଭାବେ ବୁଝେନା, ଲେକ୍‌ଚର ଶୁଣିପାରେନା – ସେ କିପରି A.R.C.A. ପଢ଼ିବ ବା ପାସ୍ କରିବ ? କିନ୍ତୁ ମୋର ପ୍ରବଳ ଆଗ୍ରହ ଓ ଅଦମ୍ୟ ଉତ୍ସାହ ମୋତେ ମୋର ଲକ୍ଷ୍ୟ ପଥରୁ ହଟାଇପାରି ନ ଥିଲା। ଅନ୍ୟମାନଙ୍କର ନିରୁତ୍ସାହ ବାଣୀରେ ମୁଁ ବେଶି ସମୟ ଧରି ଆଙ୍କିପାରେ ନାହିଁ – ବଡ଼ ଅସ୍ଥିର ଲାଗେ ସତ, କିନ୍ତୁ ଯେଉଁ ସମୟରେ ଆଙ୍କି ବସେ – ମନ ପ୍ରାଣ ଢ଼ାଳି ଦିଏଁ ଠିକ୍ ତାଙ୍କର ଶିଷ୍ୟଙ୍କୁ ଦ୍ରୋଣ ପରୀକ୍ଷା କଲାବେଳେ ଅର୍ଜୁନ ଶର ମାରିଲା ପୂର୍ବରୁ ଯେପରି ଗଛ ପତ୍ର, ଚଢ଼େଇ କିଛି ନ ଦେଖି କେବଳ ଦେଖିପାରୁଥିଲେ ଚଢ଼େଇର ଆଖି– ସେହିପରି ମୁଁ ଆଙ୍କି ବସିଲା ବେଳେ ଛବିରେଇ କେବଳ ମନ, ଧ୍ୟାନ ଠୁଳ ହୋଇଯାଏ। ବ୍ୟଙ୍ଗ ବିଦ୍ରୂପ କିଛି ଦେଖିପାରେ ନାହିଁ।

ଯେଉଁଦିନ ଡିଗ୍ରୀଲାଭ କଲି ସେ ଦିନର କଥା – ଧୀର ଅବଶ ପଦକ୍ଷେପରେ ଚାଲିଥାଏଁ କଲେଜ ଆଡ଼େ। ମନରେ ଆଶଙ୍କା ଓ ଆଶା ଉଭୟେ ଉଙ୍କି ମାରୁଥାନ୍ତି। କଲେଜରେ ପହଞ୍ଚି ଯେତେବେଳେ ଶିଡ଼ିରେ ଉଠୁଛି ଉପରକୁ – ଅଧ ବାଟରେ କଲେଜ ପ୍ରିନ୍‌ସପାଲଙ୍କ ସଙ୍ଗେ ଦେଖା। ସେ ଆଗ୍ରହରେ ମୋର କରମର୍ଦ୍ଦନ କରି ଅଭିବାଦନ ଜଣାଇଲେ। ଉପରେ ପହଞ୍ଚିଲାକ୍ଷଣି ସାଙ୍ଗସାଥିମାନେ ମିଳି ମୋତେ ଟେକି ଧରିଲେ କାନ୍ଧ ଉପରେ। ଆନନ୍ଦରେ

ନାଚିବାକୁ ଲାଗିଲେ ସମସ୍ତେ। ମୁଁ ଉତ୍ତୀର୍ଣ୍ଣ ଛାତ୍ର ତାଲିକାର ତଳଆଡୁ ମୋର ନାମ ଖୋଜି ଖୋଜି ବେଶ୍ ଉପରେ ଦେଖିବାକୁ ପାଇଲି। ପ୍ରଥମେ ତ ଭାବିଲି ପାସ୍ କରି ନାହିଁ - କାହିଁ ନାମ ନାହିଁତ। କିନ୍ତୁ ସେ ଆଶଙ୍କା ମୋର ଦୂର ହୋଇଗଲା।

ସେତେବେଳେ ସାରା ପୃଥିବୀ ମଧ୍ୟରେ ମୁଁଇଁ ଏକମାତ୍ର ଡେଫ୍ ଏଣ୍ଡ୍ ଡମ୍ ଯେ କି A.R.C.A. ପାସ କରିପାରିଥିଲା। ମୋର ଆନନ୍ଦ କହିଲେ ନ ସରେ। କେତେ ଦୁଃଖ ନୈରାଶ୍ୟ ଆଉ ଦ୍ୱନ୍ଦ୍ୱ ମଧ୍ୟ ଦେଇ ମୁଁ ହୋଇଛି ବିଜୟୀ। ମୋର କାମନା ପୂରଣ ହୋଇଛି। ସେ ଏକ ଅବିସ୍ମରଣୀୟ ଦିବସ।

ତା'ପରେ ନିଜ ମାତୃଭୂମିକୁ ପ୍ରତ୍ୟାବର୍ତ୍ତନ। ପାଇଲି ଆଦର, ସ୍ନେହ, ସମ୍ମାନ। କିନ୍ତୁ ଗରିବ ମାର କାହିଁ ଧନ ଦୌଲତ ପୁଅକୁ ତା'ର ପେଟ ଭରି ମୁଠେ ଦେବ ଖାଇବା ପାଇଁ? ସେହିଦିନୁ ଚାଲିଛି ଅର୍ଥ ସଙ୍ଗେ ଝିଙ୍କାଓଟରା। ଏ ଯୁଗ ଅର୍ଥଗତ ପ୍ରାଣ। ମନୁଷ୍ୟକୁ ପେଟର ସଂସ୍ଥାନ କରିବାକୁ ହେଉଛି ପହିଲେ। ମୁଁ ଚାହିଁଥିଲି ଓ ଚେଷ୍ଟା ମଧ୍ଯ କରିଥିଲି ଓଡ଼ିଶାରେ ଆର୍ଟସ୍କୁଲ ଖୋଲିବା ପାଇଁ। କିନ୍ତୁ ତା' ପରିବର୍ତ୍ତେ ମୋତେ କରିବାକୁ ପଡ଼ିଲା ମୂକ ବଧିର ବିଦ୍ୟାଳୟର ପ୍ରତିଷ୍ଠା ଭୂତପୂର୍ବ ପ୍ରଧାନମନ୍ତ୍ରୀ ମାନ୍ୟବର ବିଶ୍ୱନାଥ ଦାସଙ୍କ ଉପଦେଶରେ। ଅବଶ୍ୟ ଏ ଗୋଟାଏ ନିହାତି ଜରୁରୀ କାର୍ଯ୍ୟ ଓ ମହତ୍ ସେବା।

ମୁଁ ନିଜେ ଭାଷା ଦେଉ ନାହିଁ, କିନ୍ତୁ କେତେକଙ୍କୁ ଭାଷା ଦିଆଉଛି। ଏଇ ମୋର ସନ୍ତୋଷ। କିନ୍ତୁ ଏଥିରେ କାହିଁ ପୂର୍ଣ୍ଣ ସଫଳତା? ଆଜିକୁ ୧୫ବର୍ଷ ଧରି ଜଣେ ଲୋକ ଅକାତର ପରିଶ୍ରମ କରି ସୁଦ୍ଧା ଗୋଟାଏ ବୋଲି ସ୍କୁଲକୁ ସିଧା ଭାବରେ ଛିଡ଼ା କରିପାରିବ ନାହିଁ? କାହିଁକି? ଜୀବନର ଅଧେ ସମୟ ବିତାଇ ଦେଲିଣି। ହାତ, ଗୋଡ଼, ଆଖି କାନ ଥାଇ ସୁଦ୍ଧା ପଶୁ ସଙ୍ଗେ ସମାନ। ସେହି କାଲ ବୋବା ପିଲାମାନଙ୍କୁ ମନୁଷ୍ୟ କରି ଗଢ଼ି ସାଧାରଣ ମନୁଷ୍ୟ ସଙ୍ଗେ ତାଳ ପକାଇ ଚାଲିବାକୁ ସମର୍ଥ କରି ଠିଆ କରିବାରେ। ମାତ୍ର କାହିଁ ସଫଳତା? ସବୁଥିରେ ତ ପ୍ରୟୋଜନର ଅର୍ଥ। ତା'ର ଅଭାବରେ କ'ଣ ବା ହୋଇପାରେ। ତଥାପି ସେ ଅଟଳ, ଅଚଳ ହୋଇ ଅବିଶ୍ରାମ ଶ୍ରମ କରି ଚାଲିଛନ୍ତି। କାରଣ ମୁଁ ଅବ୍ୟକ୍ତ ଭାଷାର ରୁଦ୍ଧ ବେଦନା ବୁଝେ। ସମୟର ଅଭାବରେ କଳାର ସାଧନା କରିବାର ସୁଯୋଗ ମିଳୁ ନାହିଁ। କଳା ଆଜି ରହିଗଲାଣି ପଛରେ।

ଶିଳ୍ପୀର ଆନନ୍ଦ, ରଙ୍ଗରେ ତୂଳି ବୁଲାଇ କଳ୍ପନାକୁ ବାସ୍ତବତାରେ ଫୁଟାଇପାରିବା। ଆଉ କବିର ଆନନ୍ଦ ଅନ୍ତରର ଭାବରାଶିକୁ କଲମ ମୁନରେ ଦୁନିଆର ଆଖି ଖୋଲିଦେବା। କବି ଫକୀରମୋହନଙ୍କ ଦୋହିତ୍ର ଭାବରେ ମୋର କଳା ପ୍ରତି ଆଗ୍ରହ, ଆକର୍ଷଣ ରହିବା ବିଚିତ୍ର ନୁହେଁ। ହୁଏତ ଏ ତାଙ୍କରି ଦାନ। ମୋର ନିଜସ୍ୱ କିଛି ନାହିଁ।

ସବୁଠୁଁ ଭଲ ଲାଗେ ମୋତେ ଫାଇନ୍ ଆର୍ଟ। ଆଜି କିନ୍ତୁ ଦୁନିଆର କଷାଘାତରେ ମୁଁ କଳାକାର ହୋଇ ସୁଦ୍ଧା କଳା ଚର୍ଚ୍ଚାରେ ନୀରବ। କେବେ ବିଧାତାର ବିଧି ବଦଳିବ - ମୁଁ ପୁଣି ସେହି ପଥର ପଥିକ ହେବି ? ସେହି ବ୍ରତର ବ୍ରତୀ ହୋଇପାରିବି ସତେ ? ଆଜି ସୁଦ୍ଧା ମୋର ଆକାଂକ୍ଷା ମରିନି - ଆହୁରି ଉଚ୍ଚ ଆଶା ରହିଛି କଳା ଶିକ୍ଷା ଲାଭ କରିବାର। କିଏ ଜାଣେ ବିଭୁର ଇଚ୍ଛା କ'ଣ ? କବି ଲେଖେ, ଶିଳ୍ପୀ ଆଙ୍କେ - ଏ ପଥର ଯାତ୍ରୀଙ୍କ ପାଇଁ ଦରକାର ସୁନ୍ଦର, ଶାନ୍ତିମୟ ବାତାବରଣ। କିନ୍ତୁ ମୋର ବର୍ତ୍ତମାନର ଅବସ୍ଥା କଳା ବିଦ୍ୟା ପରିସ୍ଫୁଟ କରିବାର ଅନୁକୂଳ ଆଦୌ ନୁହେଁ। ଦେବତାଙ୍କୁ ଡାକେଁ - ଦୀନ ବାନ୍ଧବ, ତମେ ଶିଳ୍ପୀକୁ ସୁଯୋଗ ଦିଅ ଶିଳ୍ପଚାତୁରୀ ଫୁଟାଇବାକୁ। କଳାକାରକୁ ଅବକାଶ ଦିଅ କଳା ବିକାଶ ପାଇଁ। ମୋ ପଥ ପରିଷ୍କାର କରିଦିଅ - ସାରାଜୀବନ ସଂଗ୍ରାମ ପରେ ଆଣିଦିଅ ମହନୀୟ ଶାନ୍ତି।

ସବୁ ଅଭାବ ଅସୁବିଧା ମଧ୍ୟରେ ଭଗବାନ୍ ମୋତେ ଦେଇଛନ୍ତି ମରୁଭୂମିରେ ଓଏସିସ୍ ଭଳି ଜଣକୁ - ଯେ ଗୋଟିଏ ମୂକ ଓ ବଧିର ପ୍ରତି ମମତାପୂର୍ଣ୍ଣ ହୋଇ ତାର ଜୀବନର ମୋହ ଜୀବନ ସହିତ ମିଶାଇ ଦେଇପାରିଛି - ଯେ ମୋର ଅନ୍ତରର ଅସ୍ପଷ୍ଟ ଭାଷାକୁ ନିଜ ଅନ୍ତରରେ ପୂର୍ଣ୍ଣ ପ୍ରତିଫଳିତ କରି ମୋର ଦୁଃଖ ବେଦନାରେ ଆହା ଭରିଛି, ଯେ ଅନେକ ସମୟରେ ଚିତ୍ର ପରଦା ଉପରେ ଅର୍ଦ୍ଧ ଅଙ୍କିତ ବହୁ ଚିତ୍ର ଅପୂର୍ଣ୍ଣ ଆଶାକୁ ନିଜ ଭିତରେ ପୂର୍ଣ୍ଣ କରି ମୋତେ ବିଫଳତାର ନିରୁତ୍ସାହରୁ ଉଦ୍ଧାର କରି ସବୁଦିନେ ଆଗୁଆ କଥା ଶୁଣାଇ ଆସିଛି - ମୋର ଅର୍ଦ୍ଧାଙ୍ଗିନୀ - ସହଧର୍ମିଣୀ-ପତ୍ନୀ - ନିରୁପମା।



ବିପ୍ରଚରଣ ମହାନ୍ତି

**ଗାଁ** ମୁଣ୍ଡରେ ଠାକୁରାଣୀ ମଣ୍ଡପ । ଠାକୁରାଣୀଙ୍କ ଚାରିପାଖେ ରଣବଣ ହୋଇ ପଡ଼ିଛନ୍ତି ଅଗଣନ ଛୋଟା କେମ୍ପା ହାତୀ ଘୋଡ଼ା ଆଉ ଅସଂଖ୍ୟ ଭଗ୍ନନଗ୍ନ ପ୍ରାଚୀନ କ୍ଷୁଦ୍ରକାୟ ମୂର୍ତ୍ତି ।

ସେ କେଉଁଠୁ ଆସିଲା, କିଏ ଗଢ଼ିଲା ତା' ଜାଣିବା ମୋର ସେତେବେଳେ ଦରକାର ନ ଥିଲା । ରାତିରେ ମା ଠାକୁରାଣୀ ଏଇ ଭଙ୍ଗାରୁଜା ଘୋଡ଼ାହାତୀଙ୍କୁ ପୁଣି ମନ୍ତ୍ରପାଣି ପକାଇ ଜୀବନ୍ୟାସ ଦେଇ ନୂଆ ନବତନ କରି ତାଙ୍କରି ଉପରେ ଚଢ଼ି ଗାଁ ପରିକ୍ରମାରେ ବିଜେ କରନ୍ତି – ଏଇ ବରଗଛ ମୂଳ ବେଢ଼ାକୁ ଛାଡ଼ି । ତାଙ୍କ ସାଙ୍ଗରେ କାହୁଁ କାହାଁତ ଚଣ୍ଡୀ ଚାମୁଣ୍ଡୀ ଦାସୀ ପରିବାରୀ ହେଇ ଯାଆନ୍ତି ଏଇ ବିକଳା ପ୍ରତିମା ସବୁ । ଏ କଳ୍ପନା ମୂଳରେ ଯେଉଁ ସପନପୁରୀର ରୋମାଞ୍ଚ ଥିଲା, ସେଗୁଡ଼ିକ ଧୀରେ ଧୀରେ ବାସ୍ତବ ହେଇ ଉଠିଲା କିମିତି କହିପାରିବି ନାହିଁ। ସୁଷୁପ୍ତିର ସେ ପୁଲକ କାହାର କାଉଁରୀ ସ୍ପର୍ଶରେ ଜାଗ୍ରତ ମାନବର ସଂପତ୍ତି ହୋଇ ଉଠିଲା ତା ମଧ୍ୟ କହିପାରିବି ନାହିଁ ।

କିନ୍ତୁ ସେଇ ମୃଣ୍ମୟ ମୂର୍ତ୍ତି ହିଁ ମୋ ଜୀବନର ପ୍ରଥମ ଆକର୍ଷଣ – ମୋ ଜୀବନ ଉପରେ ପ୍ରଥମ ରୂପର ପ୍ରଭାବ ପକାଇଥିଲେ ସେଇ ଖରାବର୍ଷା ଶୀତ କାକରଖିଆ ମୁକ୍ତ ଆକାଶ ତଳେ ବିସ୍ତୃତ ପ୍ରାନ୍ତରର ଅପରିଷ୍କୃତ ଅଞ୍ଚଳରେ ବିରାଟ ବୃକ୍ଷଛାୟା ଆସ୍ତର କୁମ୍ଭକାରର ଭାଟି ମଧ୍ୟରେ ଦେହ କିଳି ହୋଇ ବିଛୁଡ଼ି ପଡ଼ିଥିବା କେତେଗୁଡ଼ିଏ କ୍ଷୁଦ୍ରାକୃତି ଭଗ୍ନାବୟବ ମାଟିର ପ୍ରତିମା।

ଚାଟଶାଳୀରେ ପାଠ ପଢୁଥାଏ। ପାଠପଢ଼ା ମୋର ଅଧା ରହିଯାଏ । ବହିରେ ଥିବା ଛବି, କାନ୍ଥ ବାଡ଼ରେ ଅଙ୍କା ଛବିକୁ ଦେଖି ସିଲଟ ଭିତରେ ସେ ସବୁ ଧରିଆଣି ବାନ୍ଧି ପକାଇବାକୁ ମନହୁଏ । ସିଲଟ ଖଡ଼ିରେ ବସି ଆଙ୍କେ । ଖୁବ୍ ଆନନ୍ଦ ପାଏ । ସାଙ୍ଗସାଥିମାନେ ଖେଳନ୍ତି, ବୁଲନ୍ତି । ମୁଁ ଖେଳୁ ଖେଳୁ ଖେଳ ଭୁଲିଯାଏ। ମୋତେ ଟାଣି ଆଣନ୍ତି ଏଇ ଛବିସବୁ ତାଙ୍କ ସାଙ୍ଗରେ ଖେଳିବା ପାଇଁ। ମୁଁ ମାଟିରେ ମୋର ଖେଳସାଥି ସବୁ ଗଢ଼ି ଥୋଇଦିଏ – ସେଇସବୁ ଛବିକୁ ଚାହିଁ। ପିଲାଦିନେ ସବୁଠାରୁ ଆନନ୍ଦ ମୋର ଏଇ ଭଙ୍ଗା ଗଢ଼ାରେ । ଆଉ କେଉଁ କାମରୁ ମୋତେ ଏତେ ଆନନ୍ଦ ମିଳୁ ନ ଥାଏ। ସେଥିପାଇଁ ପିତୁଳା ଗଢ଼ା ମୋର

ଏକ ଦୈନନ୍ଦିନ - ନିତ୍ୟକର୍ମ ପରି ହୋଇଗଲା । ପିତୁଳା ବୋଲି କହିବି କାହିଁକି - ସେସବୁ କଣ୍ଢେଇ ଶ୍ରେଣୀର । ତା'ବି ନୁହେଁ - ସେସବୁ ମାଙ୍କଡ଼ ହାତର ଶାଳଗ୍ରାମ । ଅକର୍ମୀ ଏଇ ଶାଳଗ୍ରାମଙ୍କ ସାଙ୍ଗରେ ମିଶିଲେ ମଣିଷ ବି ଶିଳା ପାଲଟିଯାଏ ବୋଲି ମୋର ଗୁରୁଜନମାନେ ମୋତେ ବଡ଼ ଆକଟ କଲେ - ବାଧା ଦେଲେ - ଉପଦେଶରୁ ଆରମ୍ଭ କରି ଧମକ ଚମକଯାଏ ନାନା ଉପାୟରେ ନିବର୍ତ୍ତାଇଲେ । କିନ୍ତୁ ସେ ନିଶା ମୋତେ ଆଉ ଛାଡ଼ିଲା ନାହିଁ । କଳାକୁ ଯିଏ ଅମଳ କରେ ସେ ଯେମିତି ନିଜେ ମଳହୀନ ହୋଇଯାଏ । ମୋତେ ସେଥିପାଇଁ ଅମୁହାଁ ସରର ମଳିଆ ପାଣି ଆଉ ସୁହାଇଲା ନାହିଁ । ଯେଉଁ ପାଣି ସମସ୍ତେ ଗୋଳାଇ ଦୂଷିତ କରିଦେଲେଣି ସେ ସର୍ବସାଧାରଣ ଅସନା ତୁଠରେ ମୁଁ ଗାଧୋଇପାରୁ ନ ଥାଏ ।

ମୋର ଯେତେବେଳେ ୧୦ ବର୍ଷ, ସେତେବେଳକୁ ଗାଁର ବରାତି ଦେବଦେବୀ ମୂର୍ତ୍ତି ଗଢ଼ି ସମସ୍ତଙ୍କର ସ୍ନେହ ଭାଜନ ହୋଇ ଯାଇଥିଲି । ମୋର ଗୁରୁ କେହି ନ ଥିଲେ । ଗୁରୁ ଥିଲେ ପ୍ରକୃତିର ନୈସର୍ଗିକ ଶୋଭା ଆଉ ଗୁରୁର ମନ୍ତ୍ର ଥିଲା ଗ୍ରାମବାସୀମାନଙ୍କର ସରଳ ନିରାଡ଼ମ୍ବର ଜୀବନ ନିର୍ବାହ ପ୍ରଣାଳୀ । ସେହି ମନ୍ତ୍ର ମୋର ହୃଦୟତନ୍ତ୍ରୀରେ ଯେଉଁ ଝଙ୍କାର ତୋଳୁଥିଲା ତାହାକୁହିଁ ମୁଁ ମାଟିରେ ରୂପ ଦେବାକୁ ଚେଷ୍ଟା କରୁଥିଲି ସେତେବେଳେ - ମନେହୁଏ ଆଜି ।

ଆମ ଗାଁର ଅନତିଦୂରରେ ପ୍ରକୃତିର ଶୋଭାପୀଠ ଲଳିତଗିରି । ଦିନେ ସହପାଠୀମାନଙ୍କ ସଙ୍ଗରେ ମୋର ହେଲା ତୀର୍ଥଯାତ୍ରା - ଲଳିତଗିରି ଅଭିମୁଖରେ । ସେଇଦିନର ସ୍ମୃତି ଭୁଲିବାର ନୁହେଁ । ପଥର ଯେ ମନୁଷ୍ୟର ସ୍ପର୍ଶରେ ତରଳିଯାଇ ଏପରି ସୁନ୍ଦର ଲଳିତଘନ ମୂର୍ତ୍ତି ଧାରଣ କରିପାରେ, ତାହା ମୁଁ ଆଖିରେ ଦେଖି ମଧ୍ୟ ବିଶ୍ୱାସ କରିପାରୁ ନ ଥାଏ । ସେଦିନ ମନ ଭିତରେ ଏକ ବିରାଟ ପ୍ରଶ୍ନବାଚକ ଅଙ୍କିତ କରି ମୁଁ ଫେରିଆସିଲି । ଏହା କିପରି ସମ୍ଭବ ହେଲା ? ମୁଁ କ'ଣ ଏଇ ବିସ୍ମୟକର କରଣିର ଅଧିକାରୀ ହୋଇପାରିବି ନାହିଁ ?

ଏହିଠାରୁ ହିଁ ମୋର ପ୍ରକୃତ ଶିଳ୍ପୀ ଜୀବନର, ଭାସ୍କର ଜୀବନର, କଳାକାର ଜୀବନର ଆରମ୍ଭ । ଏହି ଦିନଠାରୁ ଏପ୍ରକାର ଶିଳ୍ପକଳା ବିଷୟରେ ଜାଣିବା ପାଇଁ ଅନୁସନ୍ଧିତ୍ସୁ ହୋଇଉଠିଲି । ଲଳିତଗିରି ନିକଟରେ ପଥୁରିଆ କାରିଗରଙ୍କ ସାହି । ସେଠି ଯାଇ ଅନୁସନ୍ଧାନ କଲି । କାହିଁ ସେ ଭାସ୍କର୍ଯ୍ୟର ଚିହ୍ନବର୍ଣ୍ଣ ? କେବଳ ରାଶି ରାଶି ଶିଳ ଆଉ ଚକିତଳେ ବିରାଟ ଏକ ଶିଳ୍ପୀ ଜାତିର ଧ୍ୱଂସାବଶେଷ ପଡ଼ି ରହିଛି ଯେପରି । କର୍ପୂର ଯାଇଛି - କନା ମଧ୍ୟ ନାହିଁ । ତଥାପି ସେ ନିଆଁ ସଂପୂର୍ଣ୍ଣ ଲିଭୁ ନାହିଁ । ମୁଁ ଅନ୍ୱେଷଣ କରି ଅତୀତର ନିର୍ମମ ସଂହାରାବଶେଷ କେତୋଟି ଓଡ଼ିଆ ଶିଳ୍ପୀଙ୍କୁ ଭେଟିଲି । ସେମାନଙ୍କ ଆଙ୍ଗୁଳି ଆଉ ନିହାଣର ସଂପର୍କ ଯଥେଷ୍ଟ ମଧୁମୟ । ମାତ୍ର ସୁବିଧା ନ ପାଇ, ଉତ୍ସାହ ନ ପାଇ ଶିଳ ଏବଂ ଚକିକୁ ଆଶ୍ରୟ କରି ପଡ଼ିଛନ୍ତି । ସେ ଦୃଶ୍ୟ ଦେଖି ମୁଁ ଅତ୍ୟନ୍ତ ମନ ଦୁଃଖରେ ଭଗ୍ନ ମନେ ରଥ ହୋଇ ସେଦିନ ଘରକୁ ଫେରି ଆସିଥିଲି ।

ମାତ୍ର ସେହି କରୁଣ ଅନୁଭୂତି ହିଁ ମୋର ପରବର୍ତ୍ତୀ ଜୀବନର ବଳିଷ୍ଠ ଉତ୍ସ ହୋଇ ଠିଆ ହୋଇଥିଲା । ସେଇ ପ୍ରାଚୀନ ମୂର୍ତ୍ତି ଏବଂ ସେ ଭୂତ ଅତୀତର ଅମର ମାନବ ଶିଳ୍ପୀ ବଂଶଧରମାନଙ୍କର ଦୟନୀୟ ଅବସ୍ଥା ଯେଉଁ ପ୍ରେରଣା ଦେଲା - ତାକୁଇ ପାଥେୟ କରି ମୁଁ ଶିଳ୍ପଜଗତର ଏଇ ସୁଦୂର ପଥ ପରିବ୍ରଜ କରିବାର ସାହସ ଧରିଛି ।

ମୁଁ ପଥର ମୂର୍ତ୍ତି ଗଢ଼ିବାରେ ମନ ଲଗାଇଲି । ମୁଁ ଜାଣି ନ ଥିଲି, ମୋର ଭାଗ୍ୟ ଉପରେ ଏ ପଥର ଦିନେ ପ୍ରତିଶୋଧ ନେବ ବୋଲି ।

ଏତିକିବେଳେ ମୋର ପିତା ମୋତେ ଅନାଥ କରି ଚାଲିଗଲେ । ମୋର ଭାଗ୍ୟ - ମୋର ଭବିଷ୍ୟତ୍ ପଥର ତଳେ ଚାପା ପଡ଼ିରହିଲା । ତେଣେ କୁଟୁମ୍ବଙ୍କର ଭରଣପୋଷଣର ଦାୟିତ୍ୱ ପଡ଼ିଲା ମୋ'ରି ଉପରେ । ଏଇ ଦୁଃଖ ଆଉ ଦାରିଦ୍ର୍ୟ ଭିତରେ - ଛାତି ଉପରେ ଯେଉଁ ପଥରର ଭାର ବହି ଚାଲିଥିଲି ସେ ପଥରକୁ ମୁଁ ମଧ୍ୟ ଯଥାସମ୍ଭବ ସୁନ୍ଦର କରିବାକୁ ଛାଡ଼ି ନାହିଁ । ବୋଧହୁଏ ତା'ରି ନାମ କଳା । ତାହାହିଁ ଜୀବନ ଉପରେ ରୂପର ପ୍ରଭାବ । ଦୁଃଖ ଆଉ ଦୈନ୍ୟ ମଧ୍ୟ ଯାହାର କୁହୁକ ସ୍ପର୍ଶରେ ସୁନ୍ଦର ଓ ସୁରମ୍ୟ ହୋଇଉଠେ ଜୀବନରେ, ସେଇ କେବଳ ପ୍ରକୃତ ରୂପକାର ।

ମୋର ରୂପଗଢ଼ା ବନ୍ଦ ହେଲା ନାହିଁ । ଅଧିକନ୍ତୁ ଏଇ ଶିଳ୍ପ ସମ୍ବନ୍ଧରେ ବିଶେଷ ଜ୍ଞାନ ଅର୍ଜନ କରିବା ଲାଗି ପ୍ରବଳ ଆକାଂକ୍ଷା ହେଲା । ମାତ୍ର ଦାରିଦ୍ର୍ୟହିଁ ଥିଲା ମୋର ଏକମାତ୍ର ପଥର କଣ୍ଟକ ।

ଦିନେ ଜଣେ ସରକାରୀ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଦୃଷ୍ଟି ପଥରେ ପଡ଼ିଲା ମୋର କାରୁକାର୍ଯ୍ୟ । ସେ ପ୍ରୀତ ଓ ଅପ୍ୟାୟିତ ହୋଇ କଲିକତା ଆର୍ଟ୍ ସ୍କୁଲରେ ପଢ଼ିବା ପାଇଁ ଯେତେଦୂର ସମ୍ଭବ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତି ଦେଲେ ।

କେତେଦିନ ପରେ ସେତେବେଳକାର ଆଡ୍‌ଭାଇଜର ଗୋଖଲେ ସାହେବ୍‌ଙ୍କୁ ସାକ୍ଷାତ୍ କରି ମୋର କେତେଗୁଡ଼ିଏ କୃତି ତାଙ୍କୁ ଦେଖାଇଲି । ସେ ଦୟାପରବଶ ହୋଇ ସରକାରୀ ବୃତ୍ତି ଖଞ୍ଜି ଦେଲେ - ମୁଁ କଲିକତା ଆର୍ଟ ସ୍କୁଲରେ ପଢ଼ିଲି । ସେଠାରେ ଭାସ୍କର୍ଯ୍ୟ (Sculpture) ବିଦ୍ୟାରେ ସୁନାମ ଅର୍ଜନ କରି ବଙ୍ଗ ସରକାରଙ୍କଠାରୁ ମଧ୍ୟ ବୃତ୍ତି ପାଇଲି ।

ସେଠି ମୁଁ ସ୍ଥାପତ୍ୟ ଛଡ଼ା କଳାର ଅନ୍ୟ ବିଭାଗରେ ମଧ୍ୟ ଜ୍ଞାନ ଲାଭ କଲି । ସେଠା ବିଦ୍ୟାଳୟରେ ବିଦେଶୀୟ ପଦ୍ଧତିରେ ଶିକ୍ଷା ଦିଆଯାଉଥିଲେ ହେଁ ଓଡ଼ିଶାର ପୂର୍ବ କଳା ଓ ସଂସ୍କୃତି କେବେହେଲେ ଭୁଲିପାରି ନ ଥିଲି । ତେଣୁ ମୁଁ ନାନାଦି ମୂର୍ତ୍ତି ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଶୈଳୀରେ ଗଢ଼ିପାରିଲି । ମୋର ପ୍ରାଚ୍ୟ ଶୈଳୀରେ ଖୋଦିତ କୃତିଗୁଡ଼ିକ କୌଣସି ଗୁଣରେ ବିଦେଶୀ କଳା ଅପେକ୍ଷା ନ୍ୟୂନ ନୁହେଁ; ବରଂ ସେସବୁ ବିଦେଶୀୟମାନଙ୍କ ଦ୍ୱାରା ହିଁ ବେଶି ଆଦୃତ ହୋଇଥିଲା ।

କଲିକତାରେ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷା ସମାପ୍ତ ପରେ ମୁଁ ପୁଣି ଉତ୍କଳ ଜନନୀଙ୍କର ସେହି ପବିତ୍ର କୋଳକୁ ଫେରିଆସି ଉତ୍କଳର ପ୍ରାଚୀନ ଶିଳ୍ପକଳାର ବିକାଶ ପାଇଁ ମନ ପ୍ରାଣ ଢାଳି ଦେଇଛି । ମୋ' ପରି ଅନ୍ୟ ଶିଳ୍ପୀ ଭାଇମାନେ ଆଜି ଦୁଃଖଦାରିଦ୍ର୍ୟରେ ପୀଡ଼ିତ । ସେମାନଙ୍କର ସୁବିଧା ପାଇଁ ବିଶେଷ ଯତ୍ନ କରାଯାଇ ନାହିଁ । ସେମାନଙ୍କର ଶିଳ୍ପ ସ୍ଥାପତ୍ୟର ଉନ୍ନତି ବିଧାନ କରିବାର ଇଚ୍ଛା ଥିଲେହେଁ ସୁବିଧା ସୁଯୋଗ ମିଳୁ ନାହିଁ । ତଥାପି ସେହିମାନଙ୍କ ଉପରେ ହିଁ ଆମ ଉତ୍କଳର ପ୍ରାଚୀନ କଳାର ପୁନଃବିକାଶ କରିବାର ଦାୟିତ୍ୱ ଅଛି । ସେହିମାନଙ୍କ ଦ୍ୱାରା ଆମର ଶିଳ୍ପର ଉନ୍ନତି ଆଶା କରିବାର କଥା । ତାହା ନ ହେଲେ ଆମର ଗୌରବମୟ କଳାର ପୁନରୁଦ୍ଧାର ଅସମ୍ଭବ ହୋଇ ଉଠିବ ।

କଳା କେବଳ ଆଡ଼ମ୍ବର ନୁହେଁ । କଳା ଜାତୀୟ ଜୀବନର ମାନଦଣ୍ଡ । ଏ ବିଶ୍ୱସୃଷ୍ଟି ନାନା କମନୀୟ ବସ୍ତୁଚୟର ସମଷ୍ଟିଗତ ବିକାଶ । ଏହାହିଁ ମନୁଷ୍ୟର ବୋଧଶକ୍ତିକୁ ଆଲୋଡ଼ନ କରେ – ଚିତ୍ତରେ ଚୈତନ୍ୟ ଜାଗ୍ରତ କରେ । ଆକର୍ଷଣ ଏଡ଼ି ହୁଏ ନାହିଁ । ସେଇ ସୁନ୍ଦରର ଅନୁଗାମୀ ମାନବ, ଜୀବନର ନୂତନ ଟୀକା – ନୂତନ ଅର୍ଥ – ନୂତନ ସତ୍ୟ ସଂଗ୍ରହ କରି ନିରତ ଗତି କରେ – ଆଗୁଆ ଉଜ୍ଜ୍ୱଳ ଭବିଷ୍ୟତ୍‌କୁ ଚାହିଁ । ସେଇ ସୁନ୍ଦର ସୃଷ୍ଟିର ଛାୟାହିଁ ତାର ଜୀବନ ଉପରେ ପ୍ରତିଫଳିତ ହୁଏ – ସେ ହୁଏ କଳାକାର – ରୂପର ପ୍ରଭାବରେ ପ୍ରଭାବିତ ।



ଇଲା ଦାଶ

ଓଗରରେ ଓଡ଼ିଶାର କେତେଜଣ ଶିଳ୍ପୀଙ୍କର ଆତ୍ମଚିରତାତ୍ମକ 'ମୋ ଜୀବନ ଉପରେ ରୂପର ପ୍ରଭାବ' ଶୀର୍ଷକ ପ୍ରବନ୍ଧଗୁଡ଼ିକ ପଢ଼ି ଭାରି ଆନନ୍ଦ ଲାଗିଲା। ସଙ୍ଗେ ସଙ୍ଗେ ମୋର କଳ୍ପନାପଟରେ ପ୍ରତିଫଳିତ ହେଲା-ଚାରୁକଳାବଳି-ମଣ୍ଡିତ-ଦେହା ମୋର ଜନ୍ମଭୂମି-ଆଉ ତାର ଅଗଣିତ ଶିଳ୍ପୀ ସନ୍ତାନ, ଯେ ଏଇ ଭବରଙ୍ଗ ଭୂମିତଳେ ଜନ୍ମଗ୍ରହଣ କରି ସ୍ୱ ସ୍ୱ ଅଭିନୟ ଅନ୍ତେ କାଳବଳରେ ଏଇ ଉତ୍କଳର କେଉଁ ମାଟିତଳେ ମିଶି ଯାଇଛନ୍ତି । କାହିଁ-କେହି ଜଣେ ହେଲେ ଆମର ସେହି ପୂର୍ବଜ ମହାପୁରୁଷମାନଙ୍କର ଜୀବନ-ଚରିତର ଅବତାରଣା, ଆଲୋଚନା, ଗବେଷଣା, ସମାଲୋଚନା କରି ନାହାନ୍ତି ତ ! କର୍ପୂର ଚାଲିଯାଇଛି । ଅଛି କେବଳ କନା - ଆଉ ମୁଁ ସେଇ ଛିଡ଼ା କନାର କୀଟା ଦ୍ରଷ୍ଟ କୀଟ ମାତ୍ର-ମୋର ପୁଣି ଜୀବନ ? ପୁଣି ସେ ଜୀବନ ଉପରେ ସର୍ବବ୍ୟାପ୍ତ ବିରାଟ ବିଶ୍ୱରୂପର ପ୍ରଭାବ ସମ୍ବନ୍ଧରେ ସଜ୍ଞାନ ସତର୍କ ଅବତାରଣା ?

ମୁଁ ତ କବି ବା ଲେଖକ ନୁହେଁ - କିନ୍ତୁ କାବ୍ୟକବିତା ପଢ଼ି ଉପଭୋଗ କରିବାକୁ ପିଲା ଦିନରୁ ଭଲପାଏ । ଠିକ୍ ସେମିତି ମୁଁ ସଙ୍ଗୀତଜ୍ଞ ନୁହେଁ-କିନ୍ତୁ ସଙ୍ଗୀତ ଶୁଣିବାକୁ ଘଣ୍ଟା ଘଣ୍ଟା ଧରି ବସି ରହିବାରେ ମୁଁ ଧୁରନ୍ଧର । ମୁଁ ଚିତ୍ରକର ବି ନୁହେଁ କିନ୍ତୁ ସୌନ୍ଦର୍ଯ୍ୟର ଉପାସନା, ରୂପର ନିରାଜନା ପାଇଁ ମୁଁ ଚିରାଭିଳାଷିନୀ-ଚିର ଉନ୍ମାଦିନୀ ।

ଏ ରୂପର ରାଗ ମୋତେ କିଏ ଦେଲା - କାହିଁକି ଦେଲା ? କହିପାରିବି ନାହିଁ । ବେଳେ ବେଳେ ମେଘମେଦୁର ଗଗନକୁ ଚାହିଁ ମନେପଡ଼େ - ଏଇଭଳି ଏକ ଋତୁରେ - ଯେତେବେଳେ ଦେଖି ନବକାଳିକା ବକାଳିକାମାଳିକା ଆଳିକାଳିକା କାନ୍ତସ୍ମରି ଅଧୀର ହୋଇଥିଲା - ଯେତେବେଳେ କଣ୍ଠିତ୍କାନ୍ତା ବିରହଗୁରୁଣା ସ୍ୱାଧିକାର ପ୍ରମତ୍ତ ହୋଇ କେଉଁ କବିନାୟକ କରରୁ ବଳୟ ଖସିଥିଲା - ସେଇ ସମୟରେ ଶସ୍ୟଶ୍ୟାମଳା ଚିତ୍ରୋତ୍ପଳା-ତଟିନୀ-ବିଧୌତା ସୋମଲେଶ୍ୱରୀ-ପ୍ରସାଦ-ଲଳିତା ପ୍ରକୃତିର ରଙ୍ଗମ ସମ୍ବଲପୁରରେ ଜନ୍ମଲାଭ କରିବାର ସୌଭାଗ୍ୟ ମୋତେ ରୂପର ଭିକାରିଣୀ ସାଜି ଦେଇ ନାହିଁ ତ ଆଉ !

ମୁଁ କ'ଣ ପ୍ରକୃତରେ ରୂପର ଭିକାରି ଥିଲି ? ରୂପା ପାଇଁ କ'ଣ ମୋ ଅନ୍ତରରେ କ୍ଷୁଧା ଥିଲା ? ତାହେଲେ ତ ମୋର ଥାଳ ପୂର୍ଣ୍ଣ ହୋଇଯାନ୍ତା-ମୋର ମନ ସନ୍ତୋଷ ପାଇଥାନ୍ତା । ମାତ୍ର ଏ ଯେ ନିଶା-ଅମଳ । ଏ ଅମଳ ଯେ ଥରେ ଧରେ, ସେ ଆଉ ତାକୁ ଛାଡ଼ିପାରେ ନାହିଁ- ଅମଳ ମଧ୍ୟ ଅମଳୀକୁ ଛାଡ଼ିପାରେ ନାହିଁ ବୋଧହୁଏ । ପିଲାଦିନ କଥା କହୁଛି । ସେଦିନ ମୋର କଳାଛାତ୍ରୀ ହେବାର କଳନା ନ ଥିଲା । ମେଘ ଛାଡ଼ି ନ ଛାଡ଼ିଲା କାର୍ତ୍ତିକ ମାସର ଆକାଶ ଦୀପ ଟେକା ଚଉଁରା ମୂଳରେ ମୁରୁଜରେ କେତେ କୋଟିକମ କରି ମନବୋଧ ହୋଇ ନାହିଁ- କେତେ ରଙ୍ଗବେରଙ୍ଗର ମୂର୍ତ୍ତି କାଟିଛି, ଶୀତ ଆସି ନ ଆସିଲା ମଗୁଶିର ମାସର କେତେ ଗୁରୁବାରରେ କେତେ ଭଳି ଭଳି ଚିତା ଝୋଟି ଲେଖିଛି-ସ୍କୁଲରେ ପାଳିତ କେତେ ଉତ୍ସବରେ ସ୍କୁଲ ଗୃହକୁ କେଡ଼େ ସୁନ୍ଦର କରି ସଜାଇଛି-କିନ୍ତୁ କାହିଁ ସନ୍ତୋଷ ତ ପାଇ ନାହିଁ । ମୁଁ ଯେ ଚିତ୍ର ଆଙ୍କେ-ଆଙ୍କିବାର ଶକ୍ତି ମୋର ଅଛି ଏକଥା ମୁଁ ଜାଣିପାରୁ ନଥିଲି । ନିଶାଖିଆ ଲୋକ ଯେମିତି ବୁଝିପାରେ ନାହିଁ ଯେ ସେ ନିଶାରେ ଟଳମଳ ।

କିନ୍ତୁ ଏକଥାକୁ ବୁଝୁଥିଲେ ମୋର ପିତା- ମୋର ଜ୍ୟେଷ୍ଠଭ୍ରାତା । ସେଇମାନଙ୍କ କଳ୍ପନା କରି ବସିଲେ ମୋର ଶିଳ୍ପୀ ଜୀବନ । ତାଙ୍କରି ପ୍ରେରଣା ମୋତେ କଳାବ୍ରତୀ ହେବାପାଇଁ ଆକୁଳତା ଆଣିଦେଲା । ଶିଳ୍ପୀ ଦୁଇ ପ୍ରକାର-ଆଜନ୍ମଶିଳ୍ପୀ-ଆଉ ସାଧନା-ସିଦ୍ଧ । ମୁଁ କେବଳ ସାଧନା କରିଛି-ସିଦ୍ଧି ତ ବହୁଦୂରର କଥା । ଆଉ ସେ ସାଧନାର ସ୍ପୃହା ଆଣିଦେଲେ ମୋର ପିତା ଏବଂ ବିଶେଷ ଭାବରେ ମୋର ବଡ଼ଭାଇ । ମୁଁ ଭଲ ଚିତା ଲେଖୁଛି-ଆଙ୍କୁଛି ଦେଖି ସେଇ ପ୍ରଥମେ ଆଣିଦେଲେ ଶାନ୍ତିନିକେତନରେ ପଢ଼ିବାର ସ୍ୱପ୍ନ ।

ଉଚ୍ଚଶିକ୍ଷା ପାଉ ପାଉ ମୋର ବଡ଼ଭଉଣୀ ପରଘରୀ ହୋଇ ଚାଲିଗଲେ । ଆଉ ପଢ଼ିବାର ସୁଯୋଗ ପାଇଲି ନାହିଁ । ସବୁ ଶ୍ରମ ବ୍ୟର୍ଥ ହୋଇଗଲା । ଭାଇ ଦେଖିଲେ ମୁଁ ମଧ୍ୟ ସେଇ ଗୁଳାରେ ଗଡ଼ିଲେ ଜୀବନରେ କିଛି କରିପାରିବି ନାହିଁ । ମାଟ୍ରିକ୍ ପାସ୍ କରି ଘରେ ବସିଥାଏ । କଲେଜରେ ନାମ ମଧ୍ୟ ଲେଖା ହୋଇଗଲା । ଭାଇ କେବଳ ଦରଖାସ୍ତଟିଏ କରେଇ ଦେଇ ଥାଆନ୍ତି ଶାନ୍ତିନିକେତନରେ ପଢ଼ିବାକୁ ଯିବା ଲାଗି ସରକାରୀ ବୃତ୍ତି ପାଇବା ଆଶାରେ । ଏଥିପାଇଁ ସରକାରଙ୍କ ପ୍ରତିଯୋଗିତାରେ ମଧ୍ୟ ହାଜର ହୋଇ ସାରିଥିଲି । ମାତ୍ର ଫଳ ଜଣାପଡ଼ିଲା ନାହିଁ । ସେଇ ସନ୍ଦେହ ଓ ଆଶଙ୍କା ଭିତରେ ବାଧ୍ୟ ହୋଇ ପୁଣି କଲେଜ ଅଧ୍ୟୟନ କଲାବେଳେ ମୋର ହତାଶ ଓ ନିରାଶ ମନ ଯେ କି ଦୁଃଖ ପାଇଛି- ସେ କଥା ମନେପଡ଼ିଲେ ଭାବେ- କଳା ପାଇଁ ବୋଧହୁଏ ଆକୁଳ ଆଉ କାତର ନ ହେଲେ, କଳାପାଇଁ କଷ୍ଟ ନ ଭୋଗିଲେ, କଳାପାଇଁ ଜୀବନର ବହୁ ସୁଖସ୍ୱାଚ୍ଛନ୍ଦ୍ୟ, ମାନ ଓ ଅଭିମାନର ଲାଳସା ତ୍ୟାଗ ନ କଲେ - କଳା କାହାରି କରପୁଟରେ ବା ଅଙ୍ଗୁଳି ଅଗ୍ରରେ ଧରା ଦିଏ ନାହିଁ ।

‘ହଠାତ୍ ତାର ଆସିଲା - ଦିନକ ଭିତରେ ଯାଇ ଶାନ୍ତିନିକେତନରେ ଯୋଗ ଦେବାକୁ ପଡ଼ିବ। ମୁଁ ୨ଦିନ ଛୁଟି ନେଲି। ଏଇ ସାତଦିନ ଯେ ମୋର କି ଆଗ୍ରହ ଓ ଉତ୍କଣ୍ଠାରେ କଟିଛି ତାହା ବର୍ଣ୍ଣନା କରିପାରିବି ନାହିଁ। ୨ଦିନ ନୁହେଁ-ମନେ ହେଉଥାଏ ସାରା ଜୀବନଟା ଯେମିତି ମୁଁ ସଜ ହେଉଛି, କଳାଦେବୀଙ୍କ ମନ୍ଦିରର ଏଇ ସିଂହଦ୍ୱାରରେ ପ୍ରବେଶ କରିବା ପାଇଁ। ମୋର ଜନ୍ମ ଜନ୍ମର ସ୍ୱପ୍ନ ସଫଳ ହେବା ଉପରେ। ମୋର କଳ୍ପନାରେ ଖେଳି ବୁଲୁଥାନ୍ତି କବିଗୁରୁ ରବୀନ୍ଦ୍ରନାଥ, ଆଚାର୍ଯ୍ୟ ନନ୍ଦଲାଲ, ଆଉ-ଏକ ସ୍ୱପ୍ନପୁରୀ ଶାନ୍ତିର ପ୍ରକୃତି ନିକେତନ ‘କଳାଭବନ’।

ମୋର ମନେ ପଡୁଛି ଯେଉଁଦିନ ପ୍ରଥମେ ମୁଁ ଯାଇ ସିଦ୍ଧଗୁରୁ ଆଚାର୍ଯ୍ୟଙ୍କ ଚରଣ କମଳ ତଳେ ବସି କଳାର ସିଦ୍ଧିରସ୍ତୁ ଆରମ୍ଭ କଲି। ବର୍ଷ ବର୍ଷ ଧରି ପଢ଼ିସାରିବା ପରେ ଆଜି ମୁଁ କେବଳ ସେଇ ମୁହୂର୍ତ୍ତର ସ୍ୱପ୍ନ ହିଁ ଦେଖି ଭାବୁଛି-ଆରେ ସେଦିନର ସିଦ୍ଧିରସ୍ତୁ ଉଚ୍ଚାରଣ ଯେ ମୋର ଏବେବି ସିଦ୍ଧ ହୋଇ ନାହିଁ।

ନୃତ୍ୟ ଓ ସଙ୍ଗୀତ କଳାର ଗୋଟିଏ ଗୋଟିଏ ବିଭାବ। ଚିତ୍ରରେ ମୁଁ ଯେଉଁଦିନ ନର୍ତ୍ତକୀର ରୂପ ଆଙ୍କି ନିଜେ ଚାହୁଁଥିଲି, ସେଦିନ ବୁଝିଲି-ନୃତ୍ୟ ଓ କଳା ଭିତରେ ପାର୍ଥକ୍ୟ ତ କିଛି ନାହିଁ। ମୁଁ ଶାନ୍ତିନିକେତନରେ କେବଳ ରଙ୍ଗ ତୂଳୀରେ ଚିତ୍ର ଆଙ୍କି ତୁଷ୍ଟ ହୋଇପାରିଲି ନାହିଁ-ନିଜକୁ ରଙ୍ଗରେ ରଙ୍ଗାୟିତ-ରାଗରେ ମଧ୍ୟ ରଂଜାଇ ସଙ୍ଗୀତ ଓ ନୃତ୍ୟକଳା ଶିଖୁଥାଏ - ‘ସଙ୍ଗୀତ ଭବନ’ରେ।

ଦିନେ Illustrated Weekly of India ର ପୃଷ୍ଠା ମଣ୍ଡନ କରି ଅନ୍ୟାନ୍ୟ ଚାରି ଜଣ ସହପାଠିନୀଙ୍କ ସହ ମଣିପୁର ନୃତ୍ୟର ସହଜ ଭଙ୍ଗୀରେ ନିଜ ରୂପ ଭିତରେ ମୁଁ କେବଳ ମୋର ଅଙ୍କିତ ଚିତ୍ରକୁ ହିଁ ଦେଖୁଥିଲି। ମୋର କଳା ଯେପରି ମୋ ଭିତରେ ଆଉ ମୁଁ ଯେପରି ମୋର କଳା ଭିତରେ।

ସେଇ ଶାନ୍ତିନିକେତନ-ସେଇ କଳାନିକେତନ ମୁଁ ଛାଡ଼ି ଆସିଛି। ତାକୁ ବିଦାୟ ଦେଇ ଆସିବାରେ ସେ କି ବେଦନା! ମୁଁ ଶାନ୍ତିନିକେତନକୁ ଭଲ ପାଇଥିଲି ଆଉ ଶାନ୍ତିନିକେତନ ମଧ୍ୟ ମୋତେ ଯେପରି ଭଲ ପାଇଥିଲା। ମୁଁ ଶାନ୍ତିନିକେତନର କଳାରେ ମନପ୍ରାଣ ଲଗାଇଥିଲି-ସେ ମଧ୍ୟ ଯେପରି ମୋ ପାଇଁ ମନପ୍ରାଣ ଦେଇଥିଲା।

ଦିନକର ଘଟଣା। କଳା ଭବନର ନୂତନ ସୌଧମାଳାରେ Fresco painting ହବ। ଏ ଚିତ୍ରାଙ୍କନ କରିବ କିଏ? ଆଚାର୍ଯ୍ୟଙ୍କ ଦୃଷ୍ଟିରେ ସମସ୍ତେ ସମାନ। କାହାକୁ ବାଛିବେ? କିଏ ବରଣୀୟ କିଏ ବର୍ଜନୀୟ। ନିଷ୍ପତ୍ତି ହେଲା ଲଟାରି ହେବ; ହେଲା ଲଟାରି।

ହଠାତ୍ ଦେଖିଲି ମୋ ନାମ ଉଠିଛି। ମନ ଆନନ୍ଦରେ ଅଧୀର ହୋଇଗଲା। ମୋର ବଂଧୁମାନଙ୍କ ଗହଣରେ ସେଠି ପୁରାଣର ନାନା କଥା ଚିତ୍ର, ବୁଦ୍ଧ ଜନ୍ମ ଗାଥା ଏବଂ ଈଶ୍ୱର ପୁତ୍ର ଯିଶୁଙ୍କର ଜୀବନୀ ଅଙ୍କନ କରି ଆସିଲୁ। ଶାନ୍ତିନିକେତନ ସତେ ଯେପରି ଏକ ଉଦାର ଗୁଣୀ ପରି ମୋ ଭଳି ସାମାନ୍ୟ ଗୋଟିଏ ବାଳିକାର ସସ୍ନେହ ସ୍ମୃତି ନିଜ ବକ୍ଷରେ ଅଙ୍କନ କରି ରଖିଲା।

ଖେଳ କସରତ୍‌ରେ ମୁଁ ବଡ଼ ପାରଗ। ଶାନ୍ତି ନିକେତନରେ ପଢ଼ିବା ବେଳେ ମୁଁ କ୍ରମାନ୍ୱୟରେ ୩ବର୍ଷ Sports ରେ ଶୀର୍ଷସ୍ଥାନ ଅଧିକାର କରିଛି। କଳା ମୋ ଆଖିରେ ସବୁବେଳେ ଶାନ୍ତ ନିରୀହ ଅପଟୁ ଅକ୍ଷମ ନୁହେଁ। ପ୍ରାଣବତୀ କଳା ସବୁବେଳେ ସତେଜ କର୍ମଠ ଓ ନବ ପ୍ରେରଣାରେ ପରିପୂର୍ଣ୍ଣ-ତପସ୍ୱିନୀ। ଶରୀର ସଂଚାଳନରେ ମଧ୍ୟ ମୁଁ କଳାର ସ୍ଫୂର୍ତ୍ତି ଅନୁଭବ କରେ। ମୋର ମନେହୁଏ ରୂପ ଯେତେବେଳେ ମନୁଷ୍ୟଙ୍କୁ ପ୍ରଭାବିତ କରେ ସେତେବେଳେ ସେ ମନୁଷ୍ୟର ପ୍ରତ୍ୟେକ କର୍ମରେ କୁଶଳତାର ସହ ଆତ୍ମପ୍ରକାଶ କରେ - ନାନା ବେଶ ଏବଂ ସମାବେଶରେ।

ଲେଖନୀରେ ରଞ୍ଜନ କରିବା ମଧ୍ୟ କଳାର ଏକ ପ୍ରଧାନ ବିଭାବ। ମାତ୍ର ଚିରଦିନ ମୋର ଖେଦ ରହି ଆସିଛି- ମୁଁ କଳାର ଏହି ସୌମ୍ୟବନ୍ତ ରୂପର ଧ୍ୟାନ ମାତ୍ର କରିଛି-ପୂଜା ଦେଇପାରି ନାହିଁ। ଏହି ମୋର ପ୍ରଥମ ଏବଂ ଏହାହିଁ ବୋଧହୁଏ-ଭୟ ହୁଏ ଶେଷ।

ମୋ ପୂର୍ବରୁ ଯେଉଁମାନେ ବରେଣ୍ୟ ତୂଳୀକାର ରୂପେ ଲେଖାକାର ହୋଇ ଆତ୍ମ-ଆଲୋଚନା କରିଗଲେଣି, ନିଜ ନିଜର ଅନୁଭୂତି କଳାର ସୂକ୍ଷ୍ମଭାବ ଓ ଭାବନା ସବୁ ଲିପିବଦ୍ଧ କରିଅଛନ୍ତି ସେମାନେ ସମସ୍ତେ ସାଧକ। ସମସ୍ତଙ୍କର ଲକ୍ଷ୍ୟ ଏକ। ମାତ୍ର ବିଭିନ୍ନ ସୁନ୍ଦର ପଦାର୍ଥ, ସୁନ୍ଦର ପ୍ରକୃତି ସମସ୍ତଙ୍କୁ ମୁଗ୍ଧ କରେ ଏବଂ କରିଛି। ମୁଁ ମଧ୍ୟ ପିଲାଦିନରୁ ଆଜିଯାଏ ଭଲ ଜିନିଷଟିଏ ଦେଖିଲେ, ଭଲ ପୋଷାକଟିଏ ଦେଖିଲେ ଆକୃଷ୍ଟ ହୋଇଛି-ମାତ୍ର ଶିଳ୍ପର ପ୍ରଭାବ- ରୂପର ପ୍ରଭାବ କେବଳ ଆକର୍ଷଣରେ ନ ଥାଏ। ଏହା ଜୀବନ ସଙ୍ଗୀତର ତାନ ଏବଂ ଲୟ।

ଆଜି ମୁଁ ଗୋଟିଏ ସ୍କୁଲର ଡ୍ରଇଂ ଶିକ୍ଷୟିତ୍ରୀ। ମନେ ହେଉଛି ମୋର ରୂପକୁ କେଉଁଠି ହଜାଇ ଆସିଲିଣି-'ଆମାର କବିତା ହାରାୟେ ଫେଲେଛି ଏଇ ବନେ ଆମି କାନ୍ଦି।' ଶାନ୍ତିନିକେତନରେ ପହଞ୍ଚି ଦିନେ ମୁଁ ହତବାକ୍ ହୋଇଥିଲି-ମୋର ଅଜ୍ଞତା ଅନୁଭବ କରି ଓ ଜ୍ଞାନର ବିଶାଳତାକୁ ସମ୍ମୁଖରେ ଦେଖି। କଳାର ଗୋଟାଏ ଅଂଗ ଏଇ ଭାରତୀୟ କଳା। ତାହା ମଧ୍ୟ ହିନ୍ଦୁଧର୍ମ ପରି କେଡ଼େ ବିରାଟ ଓ ବିଶାଳ। ସତେ ଯେପରି ଶିଳ୍ପୀର ସୂକ୍ଷ୍ମାଦପିସୂକ୍ଷ୍ମ ମନର ପ୍ରତିଫଳନ। ଏହାଛଡ଼ା କେତେ ସ୍ତରରେ କେତେ ଦରରେ କେତେ କେତେ ଶୈଳୀରେ ଚିତ୍ର ଅଙ୍କନ

ହେଉଛି ଏବଂ ଏ ବିଦ୍ୟା-କେନ୍ଦ୍ରର ବାହାରେ ମଧ୍ୟ ଆହୁରି କେତେ ରହିଛି । କ୍ରମେ ଅଧିକ ଅଭିଭୂତ ହୋଇ ପଡ଼ିଲି । ନିଜକୁ ଅଧିକ ଘୃଣ୍ୟ ମନେହେଲା । ଆଖି ଆଗରେ ନାଚିଲେ ଜଣ ଜଣ ହୋଇ- ଇଟାଲି ଦେଶର ଫରେନ୍ସ୍ ସହରବାସୀ Giotto; Angelico, Lippi Boutecelli- ସର୍ବୋପରି Leonardo da Vinci, Michale Angelo, Raphel, ହଲାଣ୍ଡର Van Dyke, ଭିନିସ୍‌ର Mantenga, Francis, Corregio, Bellinin ଓ Giongione, Fitnia, Tintoritto Lotto, Moroni, Paul Veronese, Albut, Daller, Holbeen the younger, ହଲାଣ୍ଡର Ruben, Van Dyke, El Greco, Velazquer, Inwillo, Frans Hals, Rembrandt ସଂଗେ ସଂଗେ ଅଷ୍ଟାଦଶ ଶତାବ୍ଦୀର ଇଂରେଜୀ ଚିତ୍ରକର Hogarth Richard, Wilson, Sir Joshua, Reznolds ଆଦି । ସମସ୍ତଙ୍କୁ ଯେପରି ଛାଡ଼ିଦେଇ ମୁଁ ଗୋଟିଏ ବିଦ୍ୟାଳୟର ପିଲାଙ୍କ ସାଙ୍ଗରେ ପିଲା ଖେଳ ଖେଳୁଛି ମାତ୍ର ୬୦ ଟଙ୍କା ମାସିକ ପାରିଶ୍ରମିକ ପାଇଁ । ନିଜେ ଶିକ୍ଷା କରିବା କଥା ଛାଡ଼ନ୍ତୁ - ଯେଉଁ କୋମଳମତି ବାଳିକାମାନଙ୍କୁ ଶିଖାଉଛି ୩୫ ମିନିଟ ଭିତରେ ତାହା ମଧ୍ୟ ଧର୍ମକୁ ଆଖିଠାର । ସକାଳୁ ସଞ୍ଜଯାଏ ଅଯଥାରେ ଖଟି ଖଟି ଆଉ ସ୍ପୃହା ନ ଥାଏ ଥରେ କଳାଦେବୀଙ୍କ କାନ୍ତି ଦର୍ଶନ କରିବା ପାଇଁ ଦିନ ଭିତରେ ।

ନିଜର ଗବେଷଣା ଦୂରକୁ ଯାଉ କଳାମୟ ଉତ୍କଳ ଦେଶରେ School of Arts & Craft ଟିଏ କାହିଁ? କେତେ ଯେ ଶିଳ୍ପୀ ବିଦ୍ୟାର୍ଜନ କରି ଏ ଦେଶରେ ହତାଦର ଅନାଦର ଅବସ୍ଥାରେ ବୁଲୁଛନ୍ତି ସୀମା ନାହିଁ । ସେମାନଙ୍କ ସହିତ ମୋର ତୁଳନା କାହିଁ? 'କ୍ୱ ସୂର୍ଯ୍ୟୋ ପ୍ରଭବୋବଂଶ-କ୍ୱଚାଲ୍ପ ! ବିଷୟାମତି' । ସେମାନେ ମଧ୍ୟ ଏହି ପ୍ରଥିତଯଶ । ଉତ୍କଳରେ ବୁଭୁକ୍ଷିତ । କୁଲି ମୂଲିଆଙ୍କ ଠାରୁ ମଧ୍ୟ ଅଳ୍ପ ପାରିଶ୍ରମିକ ପାଇ ବଞ୍ଚୁଛନ୍ତି ।

ଏ ତ ଶିଳ୍ପୀର ଅପମାନ ନୁହେଁ-କଳାର ଅପମାନ ! ଏ କ୍ଷେତ୍ରରେ କଳା ବା ରୂପ ବି ପ୍ରଭାବ ପକାଇବ- କେବଳ ହୃଦୟର ଦୈନ୍ୟ ଭାବ ଆଣିଦେବ ଶୂନ୍ୟତା ଛଡ଼ା ?

କ୍ଷମାକରିବେ ସଂପାଦକ ଆପଣେ, ମୁଁ ମନ୍ଦକବି ଯଶଃ ପ୍ରାର୍ଥୀ ଗମିଷ୍ୟେତ୍ ଉପହାସ୍ୟଂତାଂ ହେବା ଆଶଙ୍କା କରି ଏଇଠି ବନ୍ଦ କରୁଛି । କୁସୁମ ପରଶେ ପଟନିସ୍ତରିଲା ପରି-ଉତ୍କଳର ବିଖ୍ୟାତ ଶିଳ୍ପୀମାନଙ୍କ ସହିତ ଡଗରରେ ଆଜି ମୋର ସ୍ଥାନ । ପଟ ପକ୍ଷରେ ଭଗବାନ୍ ଯାହା, ମୋ ପକ୍ଷରେ ଡଗର ଆଜି ସେଇଆ । ଭଗବାନ୍ ଅର୍ଥ ଭଗ-ବତୁପ୍ ଅର୍ଥାତ୍ ଐଶ୍ୱର୍ଯ୍ୟଶାଳୀ । ଡଗର ସେହିପରି ଐଶ୍ୱର୍ଯ୍ୟଶାଳୀ । ଅଧିକନ୍ତୁ ଭଗବାନ୍ ଅଦୃଶ୍ୟ କିନ୍ତୁ ଡଗର ଯେ ନିଜ ଗୁଣରେ ଆମ୍ଭମାନଙ୍କ ପରି ଅଗୁଣୀର ଦ୍ୱାରସ୍ଥ ସବୁବେଳେ ।

ପରିଶେଷରେ–ସେଇ କଳାଦେବୀଙ୍କୁ ବନ୍ଦନା କରି କ୍ଷାନ୍ତ ହେଲି–

ତମୋଗୁଣ ବିନାଶିନୀ ସକଳକାଳ ମୃଦ୍ୟୋତିନୀ
ଧରାତଳ ବିହାରିଣୀ ଜଡ଼ସମାଜ ବିଦ୍ୱେଷିଣୀ।
କଳାନିଧି ସହାୟିନୀ ଲମିଦ୍ ଲୋଳ ସୌଦାମିନୀ
ମଦନ୍ତରବଳମ୍ବିନୀ ଭବତୁ କାଂପି କାଦମ୍ବିନୀ

x x x

ତାରା ତ୍ୱଂ ସ୍ୱଗତାଗମେ ଭଗବତୀ ଗୌରୀତି ଶୈବାଗମେ
ବଜ୍ରା କୌଳିକଶାସନେ ଦିନମତେ ପଦ୍ମାବତୀ ବିଶ୍ରୁତା।
ଗାୟତ୍ରୀ ଶୃତି ଶାଳିନାଂ ପ୍ରକୃତିରିତ୍ୟୁକ୍ତାସି ସଂଖ୍ୟାଗମେ
ମାତର୍ ଭରତୀ। କିଂ ପ୍ରଭୂତଭଣିତେ ବ୍ୟପ୍ତିଂ ସମସ୍ତଂ ତ୍ୱୟା।



ଦୁର୍ଗାପ୍ରସାଦ ପଟ୍ଟନାୟକ

କଲିକତାରେ ଦିନେ ଆର୍ଟ ସ୍କୁଲରୁ ଫେରୁଛି । ମନେ ମନେ ଚିନ୍ତା କରୁଛି ନାଃ ଆଉ ଆର୍ଟ ପଢ଼ି ହେବ ନାହିଁ । ଖାଇବାକୁ ନାହିଁ, ପିଇବାକୁ ନାହିଁ, ରଙ୍ଗ, ତୂଳି ବି କିଣିବାକୁ ପଇସା ନାହିଁ । କି ଆର୍ଟ ଶିଖିବି ? ବରଂ କମ୍ପାନୀରେ ଡ୍ରାଫ୍‌ଟସ୍‌ମ୍ୟାନ୍‌ସିପ୍ ଶିଖିବାର ଚେଷ୍ଟା କରବି । ଦି ପଇସା ମିଳିବ ଚଳିବାକୁ, ପାଠ ଶେଷରେ ଚାକିରି ଖଣ୍ଡେ ମଧ୍ୟ ଯୁଟିଯିବ । ହୃଦୟଟା କାନ୍ଦୁଥାଏ। ଏତେ କଷ୍ଟକରି ଆସିଲି ପଢ଼ିବାକୁ। ବାପ ମାଙ୍କ କଥା ଶୁଣିଲି ନାହିଁ। ଚାକିରି କରିଥିଲେ ଦୁଇ ତିନିବର୍ଷ ହେଲା କିରାଣି ହୋଇ ସୁଖରେ ଥାଆନ୍ତି । ହଠାତ୍ କ'ଣ ପାଇଁ ଗୋଟିଏ ଦୋକାନ ସାମ୍ନାରେ ଠିଆ ହେଇଗଲି । ଖଣ୍ଡେ ଚିତ୍ର ଉପରେ ଦୃଷ୍ଟି ପଡ଼ିଲା । ସଙ୍ଗେ ସଙ୍ଗେ ମନରେ ଏକ ପରିବର୍ତ୍ତନ ଆସିଲା । ଭାବିଲି- ଆଉ ଯାହାହେଉ ଜୀବନର ଲକ୍ଷ୍ୟତ ସାଧିତ ହେଇପାରିବ ନାହିଁ । ଆର୍ଟିଷ୍ଟତ ହୋଇପାରିବି ନାହିଁ । ରୂପ ସୃଷ୍ଟିର ମୋହ ମୋତେ ଟାଣି ନେଲା ପୁଣି ସେଇ କୃଚ୍ଛ୍ର ସାଧନା ଭିତରକୁ ।

ଗାଁରେ ପିଲାଦିନେ ଘର କାନ୍ଥରେ, ଭାତ ହାଣ୍ଡିରେ, ଗାଁ ବୋହୂଝିଅଙ୍କର ଅଙ୍କିତ ଚିତା କାର୍ତ୍ତିକ ମାସରେ ଚଉଁରା ମୂଳେ ଗୋସିମା'ର ମୁରୁଜ ଚିତା ମୋ ଜୀବନରେ ପ୍ରକୃତରେ କିଛି ପ୍ରଭାବ ପକାଇଥିଲା କି ନା କହି ହେଉ ନାହିଁ । ସ୍କୁଲ ଜୀବନରେ କୌଣସି ଶିଳ୍ପୀଙ୍କୁ ଦେଖିବାର ସୁଯୋଗ ମୋର ଘଟି ନାହିଁ । ତଥାପି ମୁଁ ଚିତ୍ର ଆଙ୍କୁଥିଲି; ପ୍ରଶଂସା ଓ ପୁରସ୍କାର ପାଉଥିଲି । ଚିତ୍ର ଦେଖିଲେ ମୁଗ୍ଧ ହେଉଥିଲି । ଥରେ ଶୁଣିଲି, ଉପେନ୍ଦ୍ର ମହାରଥୀ ତାଙ୍କ ବାପାଙ୍କୁ ବସାଇ ଚିତ୍ର କରି ଦେଉଛନ୍ତି, ଠିକ୍ ତାଙ୍କ ବାପାଙ୍କ ପରି ଚିତ୍ରଟି ହୋଇଯାଉଛି । ଆଶ୍ଚର୍ଯ୍ୟ ହେଲି । ଏହିପରି କେତେକ ଶିଳ୍ପୀଙ୍କ କଥା ଶୁଣି ମନରେ ପ୍ରବଳ ଆକାଙ୍‌କ୍ଷା ଜାଗିଲା- ମୁଁ ମଧ୍ୟ ସେମିତି ହେବି। ଆର୍ଟ ପଢ଼ିବାକୁ ଯିବି।

ଗଲି କଲିକତା-ଗଭର୍ଣ୍ମେଣ୍ଟ ଆର୍ଟ ସ୍କୁଲରେ ପ୍ରବେଶ ପାଇଁ ପରୀକ୍ଷା ଦେଲି । ମନେଅଛି, ବୋର୍ଡ଼ରେ ଲଗା ହୋଇଥିବା କାଗଜର ସବା ଉପରେ ନାଁଟା ବାହାରିଥାଏ କିନ୍ତୁ ସ୍କୁଲ ଖାତାର ସବାତଳେ ମଧ୍ୟ ନାଁଟା ରହିବାର ସୁଯୋଗ ଘଟିଲା ନାହିଁ । ଘରୁ ଟଙ୍କା ଯାଇପାରିଲା ନାହିଁ । ସ୍ଥାନ ପୂରଣ ହୋଇଗଲା । ବିରାଟ ଏକ ଧକ୍‌କା । ସମ୍ଭାଳି ନେଲି, ଇଣ୍ଡିଆନ ଆର୍ଟ୍

ସ୍କୁଲରେ ନାମ ଲେଖାଇଲି, ଶସ୍ତା ବେଳ, ଚଳିଗଲି । ଶେଷ ହେବାକୁ ଆଉ ବର୍ଷେ ଦିବର୍ଷ ବାକି । ଯୁଦ୍ଧ ଆସିଲା, ବୋମା ପଡ଼ିଲା, ଯେ ଯୁଆଡ଼େ ଛାଡ଼ି ଛାଡ଼ି ପଳାଇଲେ । ମୋର ଦି ପଇସା ଆୟର ପନ୍ଥା ରୁଦ୍ଧ ହୋଇଗଲା । ଦାନ୍ତ କାମୁଡ଼ି ପଡ଼ି ରହିଲି । ନ ହେଲେ ଆର୍ଟିଷ୍ଟ ହେବି କିପରି ? ଏତିକିବେଳେ ମୋର ବାଲ୍ୟବନ୍ଧୁ ଶ୍ରୀ ରଘୁନାଥ ଛୋଟରାୟ ଓ ତାଙ୍କ ବଡ଼ଭାଇ ଶ୍ରୀ ଶରତଚନ୍ଦ୍ର ନରେନ୍ଦ୍ର ସିଂହ ବଳ ଦେଲେ । ଅର୍ଥ ସାହାଯ୍ୟ କଲେ । ସେ ଧକ୍‌କାଟି ସମ୍ଭାଳି ଗଲି । ଫାଷ୍ଟ କ୍ଲାସ୍ ପାଇଲି । ଫାଷ୍ଟ ମଧ୍ୟ ହେଲି । କିନ୍ତୁ ତୃପ୍ତି ପାଇଲି ନାହିଁ । Indian Society of Oriental Art ରେ ଯୋଗ ଦେଲି । ଭାରତୀୟ ରୀତିରେ ଚିତ୍ରକଳା ସହିତ ପରିଚୟ ହେଲା ଏଇଠି । ଅବନୀନ୍ଦ୍ର ନନ୍ଦଲାଲ ପ୍ରଭୃତିଙ୍କର ଚିତ୍ର ଦେଖିଲି । ସେମାନଙ୍କର କେତେକ ଚିତ୍ରକୁ କାହିଁକି ଯେ ଏତେ ଉଚ୍ଚ ସ୍ଥାନ ଦିଆ ହୋଇଛି ବୁଝିଲି ନାହିଁ । ସେମାନଙ୍କର ଭକ୍ତମାନଙ୍କଠାରୁ ମଧ୍ୟ ଯଥାର୍ଥ ଉତ୍ତର ପାଇଲି ନାହିଁ । ସେଠାରେ ଜଣେ ଶିକ୍ଷକ ଶ୍ରୀ ଗୋପାଳ ଘୋଷଙ୍କୁ ଦେଖିଲି । ତାଙ୍କରିଠାରୁ କିଛି ଶିଖିଲି । ତାଙ୍କର ଅଙ୍କନ ରୀତି ସ୍ୱତନ୍ତ୍ର । ସେ କହିଲେ ପ୍ରତିଦିନ କିଛି ନା କିଛି ଚିତ୍ର କର । ସାଧନା ଆବଶ୍ୟକ । ବାସ୍ତବିକ୍ ସେ ଜଣେ ବଡ଼ ସାଧକ ।

ତା'ପରେ ଗଲି କଲିକତା । ବିଶ୍ୱବିଦ୍ୟାଳୟରେ Art Application Course ନେଲି । ପ୍ରାଚ୍ୟ ପାଶ୍ଚାତ୍ୟ ଚିତ୍ରର ସମସ୍ତ ବିଭାଗ ସହିତ ମୋର ପରିଚୟ ହେଲା । ଚିତ୍ର କରି ଶିଖିଥିଲି, ସେଠାରେ ଦେଖି ଶିଖିଲି । ଅର୍ଦ୍ଧେନ୍ଦୁ ଗାଙ୍ଗୁଲି, ଯାମିନୀ ସେନ୍ (ବର୍ତ୍ତମାନ ମୃତ), ଦେବ ପ୍ରସାଦ ଘୋଷ (Curator, Asutosh Museum) ଙ୍କଠାରୁ ନାନା ତଥ୍ୟମୂଳକ ସମାଲୋଚନା ଶୁଣିଲି । ନାନା ସନ୍ଦେହ ଦୂର କଲି । କଳା ଯେ ପ୍ରକୃତ ପ୍ରକୃତିର ନକଲ ନୁହେଁ ତା ମାନିଲି । କାହିଁକି ନା ଫଟୋଟା କଳା ନୁହେଁ । କିନ୍ତୁ ତା ବୋଲି ଯେ ଆଧୁନିକ ଶିଳ୍ପୀମାନେ କଳାକୁ ଏପରି ଏକରୂପ ଦେବେ, ମୁଁ ତ ଦେଖି କାଠ । ଏଥିରେ ନା ଅଛି ସୌନ୍ଦର୍ଯ୍ୟ, ନା ଭାବ, ନା ଭଙ୍ଗୀ, କେବଳ କୁରୂପ ବା କିଂଭୂତ ସୃଷ୍ଟିରେ କ'ଣ କଳାର ପରିଣତି ? ଏ ପ୍ରଶ୍ନର ଯଥାର୍ଥ ଉତ୍ତର ମୁଁ କାହାରିଠାରୁ ପାଇଲି ନାହିଁ । ଦିନେ ଯାମିନୀ ସେନ୍ କହିଲେ, 'ଯାଅ ଯାମିନୀ ରାୟଙ୍କ ଛବି ଦେଖି ଆସ ।' ଗଲି, ଚିତ୍ରରେ ଆଖି ଦୁଇଟି ମୁଖର ସୀମାରେଖା ଟପି ଯାଇଛି । ସ୍ତ୍ରୀଲୋକ ମାଠିଆ ଧରିଛି । ମାଠିଆଟିର ବର୍ତ୍ତୁଳତା ନାହିଁ । ଦେହ ତୁଳନାରେ ତା'ର ଆକାର ଅତି କ୍ଷୁଦ୍ର । ସ୍ତ୍ରୀଲୋକର କଟି ଗୁଣନ ଚିହ୍ନର ମଧ୍ୟଭାଗ ପରି ସୂକ୍ଷ୍ମ । ସେ ସବୁର କାରଣ ପଚାରିଲି । କୌଣସି ଉତ୍ତର ପାଇଲି ନାହିଁ । ସୌନ୍ଦର୍ଯ୍ୟ ସୃଷ୍ଟିପାଇଁ ଶିଳ୍ପୀ ଦିନେ ଚକ୍ଷୁକୁ ଆକର୍ଣ୍ଣ ବିସ୍ତୃତ କରିଥିଲା, କଟିକୁ ଡମ୍ବରୁର ମଧ୍ୟଭାଗ ପରି କରିଥିଲା କିନ୍ତୁ ତାହା ଯେ ଏତେଦୂର ପର୍ଯ୍ୟନ୍ତ ଅଗ୍ରସର ହୋଇପାରିବ ଏ ଧାରଣା ମୋର ନ ଥିଲା । Modern Schoolର ଶିଳ୍ପୀ Weber, Graves, Pikaso, Shaw ପ୍ରଭୃତିଙ୍କ ଚିତ୍ର ପୁସ୍ତକ ମାର୍ଫତରେ ଦେଖିଲି କିନ୍ତୁ କିଛି ବୁଝିଲି ନାହିଁ । ଚିତ୍ରକଳାର ଯେ ଦେଶପାଇଁ, ଜାତି ପାଇଁ କିଛି କର୍ତ୍ତବ୍ୟ

ଅଛି ସେ ଧାରଣା ମୋର ଦୂର ହେଲା । ସେ ସବୁ ମୋ ଉପରେ କୌଣସି ପ୍ରଭାବ ପକାଇପାରିଲେ ନାହିଁ- କେବଳ ଗୋଟିଏ ଗୋଟିଏ ଅବୁଝା କଥା ହୋଇ ରହିଲେ ।

ଦୁନିଆ ସେମାନଙ୍କ ଆଡ଼କୁ ବା ସେପରି ଧରଣର ଚିତ୍ର ସୃଷ୍ଟି ପ୍ରତି ଯେପରି ଦୃଷ୍ଟି ପକାଇଛି ସେଥିରେ ମୋ ଅଙ୍କିତ ଚିତ୍ରର ସ୍ଥାନ କେଉଁଠି ତା ମୁଁ ବୁଝିପାରୁ ନାହିଁ । ୯-୧୦ ବର୍ଷ ହେଲା ପାସ୍ କରି ଚିତ୍ର ଆଙ୍କୁଛି। ଚିତ୍ରରେ ସୌନ୍ଦର୍ଯ୍ୟ ଫୁଟାଇବା ପାଇଁ ଓ ମୋ ମନର ଭାବକୁ ଅନ୍ୟ ମନରେ ପହଞ୍ଚାଇବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁଛି। ସେଥିପାଇଁ ଗାଉଁଲି ଝିଅର ଚିତ୍ର କରିବାକୁ ଯାଇ ମୁଁ ସୃଷ୍ଟିର ସମସ୍ତ ସୌନ୍ଦର୍ଯ୍ୟ ଠୁଳ କରିଛି। କେଉଁଠାରୁ ସୁନ୍ଦର ନାକଟିଏ, କେଉଁଠୁ ସୁନ୍ଦର ଆଖି ଦୁଇଟି,କେଉଁଠୁ ଅଲରା ବାଳ କେରାଏ, କେଉଁଠୁ ବା ସୁନ୍ଦର ଓଠ ଦୁଇଟି ଆଣି ଏକତ୍ର କରୁଛି ଗୋଟିଏ ରୂପରେ, ତାକୁ ମହତ୍ କରିବା ପାଇଁ ଓ ତା' ସହିତ ଗ୍ରାମର ଦୈନ୍ୟ ପ୍ରକାଶ କରିବା ପାଇଁ ମୋ କଳ୍ପିତ ରୂପ- କନ୍ୟାର ହାତରେ କେବଳ ଦିପଟ କଳା କାଚ, ଦେହରେ ଛିଣ୍ଡା ଗଅଁଠା ଲୁଗା, ବେକରେ କଳା ସୂତା କେରିଏ ଦେଉଛି । ଏହା ପ୍ରକୃତିର ନକଲ ହେଲେ ମଧ୍ୟ ଠିକ୍ ନକଲ ନୁହେଁ । ଚାଷୀର ଚିତ୍ର କରିବାକୁ ଗଲାବେଳେ ମୁଁ ଚାଷୀର ଦାରିଦ୍ର୍ୟ, ପରିଶ୍ରମଜନିତ କ୍ଲାନ୍ତି, ଅଭାବ ଅନଟନ ଜନିତ ହତାଶ ଭାବ ସମସ୍ତ ଫୁଟାଇବାର ଚେଷ୍ଟା କରୁଛି। ସେହିପରି ଦୁର୍ଭିକ୍ଷକୁ ରୂପ ଦେବାକୁ ଯାଇ ଏପରି ଗୋଟିଏ ଦୁସ୍ଥ ବ୍ୟକ୍ତି ବା ପରିବାରର ଚିତ୍ର କଳ୍ପନା କରୁଛି, ଯାହା ଅନ୍ୟ ପ୍ରାଣକୁ କନ୍ଦାଇପାରିବ ।

କିନ୍ତୁ କଳ୍ପନାକୁ ରୂପ ଦେବାରେ ବହୁ ବାଧାବିଘ୍ନ ଘଟୁଛି। ସୁନ୍ଦର ପ୍ରକୃତି ତାର ସୌନ୍ଦର୍ଯ୍ୟ ପସରା ଧରି ଦିନ ଦିନ ଆହ୍ୱାନ କରୁଛି । ସାନ୍ତାଳୀ ବାଳାର କଳା ଚିକ୍‌କଣ ସୁଠାମ ଅଙ୍ଗ, ବାଙ୍କ ଚୂଡ଼ାରେ ନାଲି ଫୁଲର ପେନ୍ଥା ମଧ୍ୟ ଖୁବ୍ ଟାଣୁଛି । ମନ ହେଉଛି ବସିଥାଆନ୍ତି, ଆଙ୍କୁଥାଆନ୍ତି । କିନ୍ତୁ ସ୍କୁଲରେ ମାଷ୍ଟ୍ରି କରି ତାଳ କାହିଁ? ରଙ୍ଗ, ତୂଳି, କାନଭାସ କିଣିବାର ବେଳ କାହିଁ? ସେଥିଲାଗି ମନର କେତେ କଳ୍ପନା ଚେକିବାନ୍ଧି ମନ ଭିତରେ ରହିଯାଉଛି, ଫଣା ଟେକି ମନଇଚ୍ଛା ଖେଳିବାକୁ ସୁଯୋଗ ପାଉ ନାହିଁ।

ତୈଳବର୍ଣ୍ଣ, ଜଳବର୍ଣ୍ଣ, କାଠ, ମାଟି ସବୁ ନେଇ ମୁଁ ମୋର ରୂପ ସୃଷ୍ଟିରେ ଲାଗିଛି କିନ୍ତୁ ଶିଳ୍ପୀ ହେବାପାଇଁ ଏତିକି ସାଧନା ଯଥେଷ୍ଟ ନୁହେଁ। ଦେଖୁ ଦେଖୁ ଜୀବନର ୩୫ ବର୍ଷ ଆସି ହେଲା, କେଉଁଦିନ ଯେ ଶିଳ୍ପ ପୀଠର ଏକ ମହା ସାଧକ ହୋଇପାରିବି ଭାବିପାରୁ ନାହିଁ। ଆଜିକାଲିର ଦୁନିଆରେ ମୋ ଜୀବନରେ କଳ ପ୍ରଭାବ ପକାଇଲା ପରି ଆଉ କେତେ କଥା ମଧ୍ୟ ପ୍ରଭାବ ପକାଉଛି । ଦୁନିଆର ଦୁଃଖ ଦୈନ୍ୟ ଯେଉଁମାନଙ୍କ ଆଖିରୁ ଲୁହ ଗଡାଇଛି ସେମାନଙ୍କର ମର୍ମବାଣୀ ମୋ ହୃଦୟରେ ବାଜୁଛି । ମନ ହେଉଛି ବନ୍ୟା ଅଞ୍ଚଳକୁ ଯାଇ ତୁମ୍ଭମାନଙ୍କର ସେବା କରିବି । ଆପଣମାନଙ୍କ ପରି ସାହିତ୍ୟିକ ଓ ବକ୍ତାମାନଙ୍କର ଲେଖା

ଓ କଥାର ଚାତୁରୀ ମଧ୍ୟ ଜୀବନ ଉପରେ କମ୍ ପ୍ରଭାବ ପକାଉ ନାହିଁ । ସେଥିପାଇଁ ବେଳେ ବେଳେ କଲମ ଧରୁଛି । ବିନୋଭାଙ୍କ ପରି ବୁଲି ବୁଲି ପ୍ରଚାର କରିବାକୁ ମନ ହେଉଛି 'ତୁମେ ଏକା ସୁଖରେ ରହିଲେ ହେବ ନାହିଁ। ସମସ୍ତଙ୍କୁ ଭାଗ ଦିଅ' ଅନ୍ୟମାନଙ୍କ ଦୁଃଖରୁ ମଧ୍ୟ ଭାଗ ନିଅ ।

ଶୁଣିଛି ଜଣେ ଶିଳ୍ପୀ ବସି ଚିତ୍ର ଆଙ୍କୁଛନ୍ତି, ସେ ବାଟ ଦେଇ ଶତ୍ରୁ ସୈନ୍ୟ ଆସୁଛନ୍ତି, ତଥାପି ଶିଳ୍ପୀର ଭୟ ନାହିଁ, ଉଦ୍ଵେଗ ନାହିଁ । ତାର ଧ୍ୟାନ ଭଙ୍ଗ ହେଉ ନାହିଁ । ଆଉ ଜଣେ ଶିଳ୍ପୀର ପୁତ୍ର ଅର୍ଥାଭାବରେ ଉପଯୁକ୍ତ ଚିକିତ୍ସା ନ ପାଇ ମରି ଶୋଇଛି । ସେହି ସୁଯୋଗରେ ଶିଳ୍ପୀ ତୂଳି ରଙ୍ଗ କାନ୍‌ଭାସ୍ ଧରି ବସିଛନ୍ତି, ମୃତ ପୁତ୍ରଟିକୁ ନେଇ ତାଙ୍କର କୌଣସି ଏକ କଳ୍ପନାକୁ ରୂପ ଦେବାରେ ଲାଗିଛନ୍ତି । ସେଇମାନେ ସାଧକ । ସେ ସାଧନା ମୋର କାହିଁ ? ତା ବୋଲି ଅଟକି ରହି ନାହିଁ। ରୂପ ସୃଷ୍ଟିର ମୋହ ଏଡ଼ି ହେଉ ନାହିଁ।



ପୂର୍ଣ୍ଣଚନ୍ଦ୍ର ସିଂହ

**ମୋ** ଜୀବନ ଉପରେ ରୂପର ପ୍ରଭାବ ମୁଁ କିପରି ବର୍ଣ୍ଣନା କରିବି ? ଓଃ ସେ କି ଭୟାନକ ସତେ । ଏଇ ରୂପକୁ ମୁଁ ଖୋଜୁଥାଏ – ଆଉ ରୂପ ଖୋଜୁଥାଏ ମୋତେ । ବାର ବର୍ଷ ବେଳରେ ମୁଁ ଏଇ ରୂପର ସଂଧାନୀ ହୋଇ ମନେପଡୁଛି, କଡ଼ି ଜରିବ ଘେନି ଭୂମି ମପାର ମାନଚିତ୍ର ଆଉ ଘର ବାଡ଼ର ନୀଳ କାଗଜ ଉପରେ ଧଳା ରେଖାର ନକ୍‌ସା ଭିତରେ ଯାହାକୁ ଖୋଜୁଥିଲି, ସେ ସେଠି ନ ଥିଲା– କେଉଁଠି ଅଛି କିଏ ଜାଣେ ।

ଚାଲିଲି କଲିକତା – P.W.D. ବିଭାଗର ନକ୍‌ସା ଅଙ୍କନ ଛାଡ଼ି କଳା ଶିଖିବା ପାଇଁ । ୧୯୧୯ ମସିହାର କଥା । ମୟୂରଭଞ୍ଜର ରାଜଧାନୀ ବାରିପଦା । ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ମହାରାଜା, ଶ୍ରୀ ରମାକାନ୍ତ ଦାସ, ଜଲାଲ ଅବଦୁଲ ମୁନ୍‌ସି, ଶ୍ରୀ ଛକଡ଼ି ମହାନ୍ତି ପ୍ରଭୃତି କେତେକ ଓଡ଼ିଆ ଅଫିସରଙ୍କ ଦୃଷ୍ଟି ପଡ଼ିଲା ମୋ ଉପରେ । ସେମାନଙ୍କର ସୁପାରିସ ଓ ମହାରାଜାଙ୍କ ଆନୁକୂଲ୍ୟରେ କଲିକତା Arts-Collegeରେ ପଢ଼ିଲି । କହିପାରିବି ନାହିଁ ଠିକ୍ – ରୂପ କିମ୍ବା ମୋର ଭାଗ୍ୟ ମୋତେ ବାଟ କଢ଼ାଇ ନେଲା ସେଠିକୁ ।

ରୂପ ନୁହେଁ – ବୋଧହୁଏ ଭାଗ୍ୟ । ଭାଗ୍ୟ ନୁହେଁ ବୋଧହୁଏ ଦୁର୍ଭାଗ୍ୟ । ମୋତେ ରୂପ ପୂଜା ପାଇଁ ଆକୁଳ କରିଥିଲା ସେ ଦିନ । ସେ ଦିନ ସେ ଆଶା, ପ୍ରେରଣା, ଉନ୍ମାଦନା ମୂଳରେ ଏତେ ଦୁର୍ଭାଗ୍ୟ ବୀଜ ବପନ ହୋଇଥିଲା ବୋଲି ମୁଁ ଆଶା କରି ନ ଥିଲି ।

ଆଜି ଆଶା ଭାଙ୍ଗିପଡ଼ିଛି । କଳ୍ପନା ମଉଳି ପଡିଛି । ପ୍ରେରଣା ବିଲୀନ ହୋଇ ଯାଇଛି । କର୍ପୂର ଉଡ଼ି ଯାଇଛି । ପଡ଼ି ରହିଛି କନା ଖଣ୍ଡକ । ମନର କଳ୍ପନା ଅଶେଷ । ଆଶା ଓ ଆକାଂକ୍ଷା ଯେତେବେଳେ ନିଃଶେଷ ହୋଇ ପଡ଼ିଛି, ଶରୀରର ଶକ୍ତି ମଧ୍ୟ ଲୋପ ପାଇ ଗଲାଣି – କେବଳ ଶ୍ମଶାନରେ ଶ୍ୱାନ ଶୃଗାଳଙ୍କର ଭୋଜ୍ୟ ହେବାର ଚିତ୍ର ଆଙ୍କୁଛି ସେତେବେଳେ ଡଗର ପଚାରୁଛି – ରୂପର ପ୍ରଭାବ କିପରି ପଡ଼ିଲା ?

ମୁଁ ପଚାରୁଛି – ରୂପ କ'ଣ ବିରାଟ ରାକ୍ଷସ ପରି ଶରୀର ଓ ଆତ୍ମା ଉଭୟକୁ ଜାଳି ପୋଡ଼ି ଖାଇଯାଏ । କଳ୍ପନା କେବଳ ଶହେଟଙ୍କାର ମାଷ୍ଟରି ଚାକିରିର ଏଇ ପଥର ଉପରେ ମୁଣ୍ଡ

ବାଡ଼େଇ ମରିଯାଏ – ଭାବ କେବଳ ସଂସାର ନିର୍ମମ ମରୁ ଉପରେ ବିନ୍ଦୁଏ ଜଳକଣା କରି ନିଜର ସତ୍ତା ହରାଇ ଦିଏ ।

ସକାଳର କୁହୁଡ଼ି ମାଡ଼ି ଆସେ । ପୁଣି ଧୂଆଁ ପରି ଉଭାଇଯାଏ, ମୋ ଜୀବନ ଉପରେ ରୂପର କୁହୁଡ଼ି ସେଦିନ ମାଡ଼ି ଆସିଥିଲା – କୁଆଡ଼େ ଉଭାଇ ଗଲାଣି ଯେପରି ।

୧୯୨୫ ରେ କଲେଜ ଛାଡ଼ି ମୁଁ ଆସିଲି । କୃତିତ୍ୱର ନମୁନା ଖଣ୍ଡେ ସ୍ୱର୍ଣ୍ଣ ପଦକ । ସେ ଆଲାଉଦ୍ଦିନର ଦୀପ ନୁହେଁ । ତାର ମୂଲ୍ୟ ଆଜି କିଛି ନାହିଁ । ପଛେ ପଛେ କେତେ ରାଜା ମହାରାଜାଙ୍କୁ ଉପାଧି ଗୋଡ଼ାଇଛି । ସେତେବେଳେ ଗଡ଼ଜାତ ଥିଲା, ରାଜା ଥିଲେ, କଳାର ମୂଲ ଦେଇ ମୂଲିଆ କଳାକାରକୁ ଚାହୁଁଥିଲେ – ଦୋକାନୀ ଫେରିବାଲା ମନେକରି । ଏବେ ତା ବି ନାହିଁ । କଳାକାର ଆଜି ଭିକାରି – ଅସ୍ପୃଶ୍ୟ – ବ୍ୟାଧିଗ୍ରସ୍ତ ।

ମୁଣ୍ଡ ଉପରେ ବାବନଟା ଗ୍ରୀଷ୍ମ ବର୍ଷା ଶୀତ ବସନ୍ତ ପାଣି ପବନ ବାଡ଼େଇ ଚାଲି ଗଲାଣି । ଜୀବନର ରସ ଶେଷ କରି ଯେଉଁ ସାମାନ୍ୟ କେତୋଟି ହୃଦୟ କ୍ଷତ ଚିହ୍ନ ଧଳା କାଗଜ ଉପରେ ଉତ୍ତାରି ଦେଇଛି ସେ ଆଜି ''ଦିବାସ୍ୱପ୍ନ'' ପରି ଧୀରେ ଧୀରେ ଲିଭି ଆସୁଛି, ବନଫୁଲ ପରି ବନରେ ଫୁଟି ମଉଳି ପଡୁଛି ।

I really do not know
to speak of him,
I cannot describe his paintings,
They are too vast and
There are too many of them

- Jacopo Tintoretto,

କଳାକାର ହେବା ବିଶେଷ ତ୍ୟାଗ, ସାଧନା, ଏକାଗ୍ରତା ଉପରେ ନିର୍ଭର କରେ, ଏଥିରେ ସନ୍ଦେହ ନାହିଁ । ଦୁଃଖ, ଦୈନ୍ୟ, ଦୁର୍ଦ୍ଦଶା ଭିତରେ ସେ ତାର ହୃଦୟ-ମୁକୁରକୁ ଧୋଇ ପରିଷ୍କାର କରି ନ ଦେଲେ ଆକାଶ, ଆଲୁଅ, ଗୋଧୂଳି, ସଂଧ୍ୟା ସଂଗେ ସଂଗେ ଗରିବର ସୁଖଦୁଃଖ, ସମାଜର ନୀତିନିୟମ ଓ ଅନ୍ୟ ଅତ୍ୟାଚାର ଆଜିର ପ୍ରକୃତ ଓ ବାସ୍ତବ ପ୍ରତିଫଳନ ସଂଭବ ନୁହେଁ, ମୁଁ ମାନୁଛି । ମାତ୍ର ଯେଉଁଠି କଳାର ଅନାଦର ସେଠି କଳାକାରର ମୃତ୍ୟୁହିଁ ଶ୍ରେୟ ।

ତାର ମୋର ନାମ୍ ଜାନେ ନାହିଁ ଜାନେ ମାନ୍
ତାର ମୋର କର୍ମ ଜାନେ ନାହିଁ ଜାନେ ମର୍ମଗତ ପ୍ରାନ୍ ।

– ରବୀନ୍ଦ୍ର

କଳାକାରର କଳା କେହି ବୁଝେନା– କାରଣ ତାର ହୃଦୟ କେହି ଚିହ୍ନେନା ।

ନିତ୍ୟ ଶୁନାଯାୟ

ଦୂରଦୂରାନ୍ତର ହତେ

ଯୁଗଯୁଗାନ୍ତେର କଥା

ଦିବସେର ନିଶୀଥେର୍ ଗାନ୍

ମିଲ୍‌ନେର ବିରହେର ଗାଥା

ତ୍ରିପ୍ତିହୀନ ଶାନ୍ତିହୀନ ଆଗ୍ରହେର ଉତ୍କଣ୍ଠିତ ତାନ୍

– ରବୀନ୍ଦ୍ର ।

ତଥାପି କେହି ବୁଝେନା। ତଥାପି କଳାକାରର ଆନନ୍ଦ କେବଳ ରୂପ ସୃଷ୍ଟିରେ । ସେ ଅପେକ୍ଷା କରେ ନାହିଁ ଅନ୍ୟର ବାହାବା। କେବଳ ଯୋଡ଼େ କଳାର ଆଦର – କଳାର ପୂଜା।

ଉତ୍କଳ କଳାପୀଠରେ ଆଜି ସେଇ କଳାର ହିଁ ଅବାଞ୍ଛିତ ହତାଦର ।

ଏଠି ଆର୍ଟସ୍କୁଲଟିଏ ବା କଲେଜ୍‌ଟିଏ ନାହିଁ । ଦଳଦଳ କଳାକାର ଅନ୍ୟାନ୍ୟ ପ୍ରଦେଶରୁ ତଥା ବିଦେଶରୁ କୃତିତ୍ୱ ସହ ଉପାଧି ଧରି ଫେରି ଦ୍ୱାରେ ଦ୍ୱାରେ ଭିକ୍ଷାଥାଳ ଧରି ବୁଲୁଛନ୍ତି । ସେମାନଙ୍କର ଭବିଷ୍ୟତ ମଧ୍ୟ ଅନ୍ଧକାର । ଯାହା ଏ ଜୀବନରେ ନ ହେଲା, ପରବର୍ତ୍ତୀ କାଳରେ ତାହା ହେବାର ଆଶା ଦେଖିଲେ ମନୁଷ୍ୟ ଆଶ୍ୱସ୍ତିର ନିଃଶ୍ୱାସ ଛାଡ଼େ ।

ହିଂସୁକ ରୂପ ମୋର ସେତକ ସୌଭାଗ୍ୟ ମଧ୍ୟ ଛଡ଼ାଇନେବାକୁ ବସିଛି । ମୁଁ ଜୀବନର ଶେଷ ପାଦରେ ।



ଅହଲ୍ୟା ଦାସ

କଥାରେ କହନ୍ତି 'ହଜିଲା ବଳଦ ଖୋଜିଲା ଠେଇଁ' ସେହିପରି ମୁଁ ଆଜି ଖୋଜି ପାଇଛି 'ରୂପକୁ'। ଏତେଦିନ ସିନା ମୁଁ ତାକୁ ଖୋଜି ଧରି ପାଇଛି କିନ୍ତୁ ନୁଖୁରା। ଶୁଖିଲା ଶିଳ୍ପୀ ଆଖ୍ୟା ପାଇଲେ କ'ଣ ଜୀବନର ଆକାଂକ୍ଷା ପୂର୍ଣ୍ଣ ହୋଇଗଲା? ମୁଁ ଆଜି ଜୀବନର ଟଳମଳ ସ୍ତରରେ ଆସି ପହଞ୍ଚିଛି।

ମୁଁ ଏହି ରୂପର ପୂଜା ଅଭିଳାଷିନୀ ଥିଲି ବହୁ ଦିନୁ - ପ୍ରାୟ ୭/୮ ବର୍ଷ ବେଳୁ। ପ୍ରାଇମେରୀ ସ୍କୁଲରେ ପାଠ ପଢୁଥାଏ। ସାଧାରଣ ଛୁଟିଦିନେ ଛୁଆମାନେ ଦଳ ବାନ୍ଧି ଖେଳିବାକୁ ସୁଖ ପାଆନ୍ତି। ସେ ଅଭ୍ୟାସ କାହିଁକି ମୋର ନ ଥାଏ କେଜାଣି। ମୁଁ ଅଧିକାଂଶ ସମୟରେ ଏକାକୀ ବସି ମାଟିରେ ମୂର୍ତ୍ତି ଗଢ଼ି, କାଞ୍ଛୁଲି ଗଢ଼ି ନାନା ରଙ୍ଗବେରଙ୍ଗ ଯୋଗାଡ଼ କରି କାନ୍ଥରେ ଚିତ୍ର କାଟି କାଟି ରଙ୍ଗ ଦେଇ ସଜାଇ ମୂର୍ତ୍ତିଗୁଡ଼ିକୁ ନାନା ଗହଣାଗାଣ୍ଠିରେ ମଣ୍ଡାଇବା ଥିଲା ମୋର ପିଲା ଦିନର ଖେଳ। ସେ କି ବିଚିତ୍ର ରୂପ। ମୋ ଭାଇ ଭଉଣୀମାନେ ଦେଖି ହସନ୍ତି। ମୋ ବୋଉ ସର୍ବଦା ବିରକ୍ତି ହୁଅନ୍ତି 'ମୋର କାନ୍ଥ ବାଡ଼ରେ ରଙ୍ଗ ବୋଳି ଏହା ସବୁ ନଷ୍ଟ କଲା' ବୋଲି। ମାତ୍ର ମୋର ସେଥିପ୍ରତି ଭୃକ୍ଷେପ ନ ଥାଏ। ମୋ ଖେଳ ସେହିପରି ଚାଲିଥାଏ ଅବ୍ୟାହତ। ମୋର ବାପା କିନ୍ତୁ ସେଥିରେ ବାଧା ଦିଅନ୍ତି ନାହିଁ। ମୋର ସେହି ବଙ୍କା ଢଙ୍କା ମୂର୍ତ୍ତିଟି ଆଉ ଭିନ୍ନ ଭିନ୍ନ ଚିତ୍ରଗୁଡ଼ିକ ଦେଖି ଅତି ଆଗ୍ରହ ପ୍ରକାଶ କରନ୍ତି। ସମୟେ ସମୟେ ବାପ ଝିଅ ବସି ମୂର୍ତ୍ତି ଗଠନ କରୁ। ବାପା ମୋର ସେହି ମାଟି ପିତୁଳାଗୁଡ଼ିକ ପିନ୍ଧିବା ପାଇଁ ରଙ୍ଗିନ୍ ଟୁକୁରା କନା ସବୁ ଦର୍ଜି ଦୋକାନରୁ ଆଣିଦିଅନ୍ତି। ନିଜେ ବସି ରଙ୍ଗ ମିଶାଇ ସେଗୁଡ଼ିକୁ ସୁସଜ୍ଜିତ କରିବାର କାଇଦା ମଧ୍ୟ ମୋତେ ବତାଇ ଦିଅନ୍ତି। ମୋର ବାପା ଜଣେ ଛୋଟକାଟର ଶିଳ୍ପୀ ଥିଲେ।

କାନ୍ଥରେ କେତେ ଗଣେଶ, କାର୍ତ୍ତିକ, ଘୋଡ଼ା, ହାତୀ; ଏପରିକି ଦଶଭୁଜା ଦୁର୍ଗା ମଧ୍ୟ କଳା, ନାଲି ହଳଦି ବୋଳି ଠିଆ କରିଦିଏ। ସେହି ରୂପଗୁଡ଼ିକ ମନେ ପଡ଼ିଲେ ବର୍ତ୍ତମାନ ହସ ମାଡ଼େ। ମାତ୍ର ସେତେବେଳେ ସେ ରୂପଗୁଡ଼ିକ ଦେଖି ମୁଁ ଓ ମୋ ବାପା ଖୁବ୍ ଆନନ୍ଦ ପାଉଥାଉ। ବୋଉ ମୋର ବିରକ୍ତ ହେଲେ ବାପା ତାକୁ ମନା କରନ୍ତି। ସ୍କୁଲରେ ପଢ଼ିଲା

ବେଳେ ପ୍ରତି କ୍ଲାସରେ ଡ୍ରଇଂ, ସିଲାଇ, ମାଟି କାମ ଏ ସବୁରେ ପ୍ରତିବର୍ଷ ପୁରସ୍କାର ପାଏ। କୌଣସି ଲକ୍ଷ୍ୟ ନ ଥାଏ। ଭଲ ଲାଗେ ତେଣୁ କରିଯାଏ।

୧୨ ବର୍ଷ ବୟସରେ ଖୋର୍ଦ୍ଧା ବାଳିକା ବିଦ୍ୟାଳୟରେ ଉ:ପ୍ରା: ଶିକ୍ଷା ଶେଷ କରି କଟକରେ ମହିଳା ଟ୍ରେନିଂରେ ଭର୍ତ୍ତି ହେଲି। ମୋର ବାପା ମୋତେ ଅଧିକ ଶିକ୍ଷା ଦେବାକୁ ଏଲାହାବାଦ୍ ପଠାଇବାକୁ ଚାହୁଁଥିଲେ। ସେତେବେଳେ ଏ ମହିଳା ଟ୍ରେନିଂ ବି ନୂଆ ଖୋଲା ହୋଇଥାଏ। ସ୍କୁଲ ପରିଦର୍ଶନ କରିବାକୁ ଯାଇ ଉପରିସ୍ଥ ବ୍ୟକ୍ତି ଜଣେ ମୋର ଡ୍ରଇଂ, ସିଲାଇ ଇତ୍ୟାଦି ଦେଖି ପୁରସ୍କାର ଦେଲେ ଓ ବାପାଙ୍କ ସଙ୍ଗେ କଥାବାର୍ତ୍ତା କରି ମୋତେ କଟକ ଆଣି ଟ୍ରେନିଂରେ ଭର୍ତ୍ତି କରିଦେଲେ। ମୁଁ ଦୁଇବର୍ଷ ପରେ ଟ୍ରେନିଂ ପାସ୍ କରି ସେହି ସ୍କୁଲରେ ପ୍ରାକ୍‌ଟିସିଂ ସ୍କୁଲର Asst. Teacher କାମ ପାଇଲି। ପ୍ରାଇମେରୀ ପିଲାଙ୍କୁ ପଢ଼ାଏ । କିନ୍ତୁ ସେହି ରୂପର ନିଶାଟିକ ମୋର ସର୍ବଦା ଜାଗ୍ରତ ଥାଏ। କଅଣବା ବିଶେଷ କରିପାରିବି ! ମୁଁ ନିଜେ କ୍ଲାସ୍‌ରେ ଟିଚିଂ ଦେବାବେଳେ ଇଲାଷ୍ଟ୍ରେସନ ସବୁ କରି ବହୁ ଆନନ୍ଦ ପାଏ; ତାଛଡ଼ା ସିନେରୀଗୁଡ଼ିଏ ଆଙ୍କେ। ଯଦିଓ ସେଗୁଡ଼ିକ ବିଶେଷ ମନୋମୁଗ୍ଧକର ନୁହେଁ, ତଥାପି ଛୋଟ ଛୁଆଙ୍କର ଆନନ୍ଦର ସୀମା ନ ଥାଏ।

ମୋର ଏହି ରୂପ ଆଙ୍କିବା ଦେଖି ଆମର ହେଡ଼ମିଷ୍ଟ୍ରେସ୍ ମୋ ପ୍ରତି ସହାନୁଭୂତି ଦେଖାଇ ମୋର ଏହି ଉତ୍‌କଣ୍ଠା ପରିମାର୍ଜିତ କରିବା ପାଇଁ ଟ୍ରେନିଂ କ୍ଲାସ୍‌ରେ ଡ୍ରଇଂ, ପେଣ୍ଟିଂ, ସିଲାଇ ଓ ହାତକାମର ଭାର ମୋ ହାତରେ ଦେଲେ। ତାଙ୍କରି ଉତ୍ସାହିତ ସହାନୁଭୂତି ଦ୍ୱାରା ମୋର ଆଗ୍ରହ କ୍ରମାଗତ ବଢ଼ିଲା। ସେଥିପାଇଁ ମୁଁ କିଛି ପାରିତୋଷ ବି ପାଏନା ମାତ୍ର ଆଗ୍ରହ ସହ ପିଲାଙ୍କୁ ଶିଖାଏ।

ହେଡ଼ମିଷ୍ଟ୍ରେସ୍ ଯଦିଓ ଆର୍ଟିଷ୍ଟ୍ ନୁହନ୍ତି ତଥାପି ସଂଶୋଧନ କରି କରି ମୋର ଜ୍ଞାନ ବଢ଼ାଇବାରେ ଲାଗି ପଡ଼ିଥାନ୍ତି। ଏହିପରି ଭାବରେ ମୁଁ ସେହି ସ୍କୁଲରେ ପ୍ରାୟ ୨୦ ବର୍ଷ ଧରି ଏହି କାର୍ଯ୍ୟ କ୍ରମାଗତ ଚଳାଇଲି। ମୋର ହାତର କାର୍ଯ୍ୟ ଦେଖି ଭୂତପୂର୍ବ D.P.I. ଶ୍ୟାମସୁନ୍ଦର ତ୍ରିପାଠୀ ଖୁସି ହୋଇ ଏହି ସମ୍ବନ୍ଧେ କିଛି ଟ୍ରେନିଂ ନେବା ପାଇଁ କହିଥିଲେ ମାତ୍ର ସେ ଆଶାବି ମୋର ଫଳବତୀ ହେଲା ନାହିଁ।

ଭାବିଥିଲି ଡ୍ରଇଂ ପେଣ୍ଟିଂରେ କିଛି ଟ୍ରେନିଂ ପାଇପାରିଲେ ଟିକେ ଜ୍ଞାନର ପ୍ରସାର ହୁଅନ୍ତା। ସେତେବେଳକୁ ମୋର ଅଭିଭାବକ କେହି ନାହାନ୍ତି। ପିତା, ମାତା, ଭାଇ ସମସ୍ତଙ୍କୁ ହରାଇ ଏକାକୀ ହଷ୍ଟେଲ ଜୀବନ କଟାଉଥାଏ। ଈଶ୍ୱରଙ୍କୁ ଭରସା କରି ମାଇନରଟି ନିଜେ ପଢ଼ି ମାଟ୍ରିକ୍ ପରୀକ୍ଷା ଦେଲି। ଥରେ ସମାଜରୁ ଦେଖିଲି ଓଡ଼ିଶା ସରକାର ଶାନ୍ତିନିକେତନରେ ଆର୍ଟ ଟ୍ରେନିଂ ପାଇଁ ଷ୍ଟାଇପେଣ୍ଡ ଦେଉଛନ୍ତି। ଦରଖାସ୍ତ ଖଣ୍ଡିଏ ଦେଲି ଓ ଇଣ୍ଟରଭିଉରେ ପ୍ରଥମସ୍ଥାନ ପାଇ ଶାନ୍ତିନିକେତନ ଗଲି। ସେଠାରେ ଚାରିବର୍ଷ ଭାରତୀୟ କଳା ଶିକ୍ଷାକରି ୧୯୫୩ ଏପ୍ରିଲରେ ଫେରିଲି।

ରୂପକୁ ପୂଜାକରି ଆସିଛି ସିନା ପିଲାଦିନୁ; କିନ୍ତୁ ସେ ରୂପ ମାର୍ଜିତ କରି ଗଢ଼ି ତୋଳିବା ଏ ଯାଏ ମୋତେ କ୍ଷମତାର ବାହାରେ । ଯୋଗ ନ ସାଧିଲେ କେହି ଯୋଗୀ ହୋଇପାରେ ନାହିଁ । ସେହିପରି ରୂପର ଚର୍ଚ୍ଚା ନ କଲେ ରୂପକୁ ପ୍ରାଣ ଦେଇ ଫୁଟାଇବା କ୍ଷମତା ଆମଭଳି ଲୋକଙ୍କର ସାଧ୍ୟାତୀତ ବ୍ୟାପାର । ପୂଜ୍ୟ ଅବନୀନ୍ଦ୍ର ନାଥ, ନନ୍ଦଲାଲ ବୋଷ ଏମାନେ ଆଜି ବଡ଼ ଶିଳ୍ପୀ କେବଳ ସାଧନା ବଳରେ ।

ଓଡ଼ିଶାର ଶିଳ୍ପୀଙ୍କୁ ଚାହେଁ କିଏ ? ଯେଉଁ ଓଡ଼ିଶା ଶିଳ୍ପନିପୁଣତାରେ ଶୀର୍ଷସ୍ଥାନ ଅଧିକାର କରି ଆସିଛି ଇତିହାସରେ, ସେହି ଓଡ଼ିଶା ଆଜି ଶିଳ୍ପ କଳାରେ ଅଧୋଗତି ଲାଭ କରୁଛି । ଏହାର କାରଣ ଶିଳ୍ପଦୃଷ୍ଟ ଗ୍ରାହକମାନଙ୍କର ସହାନୁଭୂତିର ଅଭାବ । ଶିଳ୍ପୀ ଗୋଟିଏ ନଗଣ୍ୟ କର୍ମୀ ହିସାବରେ ଲୋକଙ୍କ ଦୃଷ୍ଟିରେ ପଡ଼େ । ଫଳରେ ତା'ର ଆଗ୍ରହ ମୁକୁଳଟିକ ମଉଳି ଶୁଷ୍କ ହୁଏ ବରଂ ଆଗେଇବାକୁ ଚାହେଁନା । ତାକୁ ବା ଚିହ୍ନିବ କିଏ ? ଶେଷରେ ପେଟକୁ ଦାନା ବି ପାଇବା କଷ୍ଟକର ।

ଯେଉଁ ଶୈଳ୍ପର ଜ୍ୱଳନ୍ତ ପ୍ରମାଣ ଓଡ଼ିଶାର କୋଣାର୍କ, ଭୁବନେଶ୍ୱର, ଖଣ୍ଡଗିରି ପ୍ରଭୃତିରେ ବିରାଜୁଛି ସେହି ଶିଳ୍ପୀଙ୍କର ବଂଶଧର ଆଜି ଉପାସରେ ଦିନ କଟାଉଛନ୍ତି ।



ଯଦୁନାଥ ସୂପକାର

**ସେ**ତେବେଳେ ମୁଁ ତିନି ଚାରିବର୍ଷର ଶିଶୁ- ବାପାଙ୍କ ଆଙ୍କିଥିବା ଗୋଟିଏ ହାତୀର ଛବି ଝୁଲୁଥିଲା କାନ୍ଥରେ - ଆଉ ମୁଁ ଅନେଇ ରହୁଥିଲି ଏକ ନଜରରେ । କିପରି ବା କାହିଁକି ଓ କେତେ ସମୟ ପର୍ଯ୍ୟନ୍ତ ସେମିତି ଥିଲି ମୋର ମନେ ନାହିଁ । ହାତୀ ଛବି ଉପରେ ମୋର ଦୃଷ୍ଟି ନିବଦ୍ଧ ଥିବାର ଦେଖି ବାପା ମୋତେ ତାଙ୍କ ପାଖକୁ ଡାକିଲେ ଓ ତାଙ୍କ ଅଙ୍କିତ ଛବି ଉପରେ ପେନ୍‌ସିଲ୍ ଘୂରେଇବାକୁ କହିଥିଲେ । ମୁଁ ମଧ୍ୟ ଆଗ୍ରହାତିଶଯ୍ୟରେ ସେହି ଛବିର କଡ଼େ କଡ଼େ ଗାରେଇ ଗାରେଇ ପୁଲକିତ ହୋଇଥିଲି । ମୋର ପିତା ସ୍ୱର୍ଗତ ଦୁର୍ଗାମାଧବ ସୂପକାର ଜଣେ କଳାପ୍ରେମୀ ଥିଲେ ଏବଂ ଅଙ୍କନବିଦ୍ୟା ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା । ତେଣୁ ମୋର ଜନ୍ମଦାତା ପିତାହିଁ ମୋର ଶିଳ୍ପୀ ମନର ବି ଜନ୍ମଦାତା । ମୋର ମାତାମହ ଶ୍ରୀରାମଜୀ ମହାପ୍ରଭୁଙ୍କ ସେବାକାରୀ ୰ପଣ୍ଡିତ ଶୁକଦେବ ପଣ୍ଡା ଜଣେ ଉଚ୍ଚଦରର ସାଜସଜ୍ଜାକାରୀ (Decorator) ଥିଲେ। ରାମନବମୀ ସମୟରେ ମେହେର କବିଙ୍କର "ତପସ୍ୱିନୀ" ଓ ଈଶ୍ୱର ଦାସ କୃତ "ରାମଲୀଳା"ର ପଦ ଭକ୍ତି ରସାପ୍ଲୁତ କଣ୍ଠରେ ଗାଇ ଗାଇ ସେ ଯେତେବେଳେ ଶ୍ରୀରାମ ବିଗ୍ରହଙ୍କ ବେଶ ସଜ୍ଜା କରୁଥିଲେ, ସେତେବେଳେ ତାଙ୍କୁ ସାହାଯ୍ୟ କରିବାର ସୌଭଗ୍ୟ ମୁଁ ପାଇଥିଲି। ତାଙ୍କରି ସୌନ୍ଦର୍ଯ୍ୟ ରୁଚିହିଁ ମୋତେ ନାତିମାନଙ୍କ ଭିତରୁ ତାଙ୍କର ସମଧିକ ପ୍ରିୟପାତ୍ର କରିଥିଲା। ତେଣୁ କେତେବେଳେ ଚକ୍‌ଖଡ଼ି ଦେଇ ବା କେତେବେଳେ ପେନ୍‌ସିଲ ଦେଇ ମୋତେ ଛବି ଆଙ୍କିବାକୁ କହୁଥିଲେ ଓ ନିରନ୍ତର ମୋତେ ଉତ୍ସାହିତ କରୁଥିଲେ। ଆଜି ଦିବଂଗତ ପୂଜନୀୟ ପିତା ଓ ମାତାମହଙ୍କ ଉଦ୍ଦେଶ୍ୟରେ କୋଟି କୋଟି ପ୍ରଣାମ ଜଣାଉଛି। ଏତଦ୍‌ବ୍ୟତୀତ ସମ୍ବଲପୁରର କୃତୀ ସନ୍ତାନ ଧର୍ମପ୍ରାଣ ସୁ-ସାହିତ୍ୟିକ ଡାକ୍ତର ଜନାର୍ଦ୍ଦନ ପୂଜାରୀ, ତଦୀୟ ଭ୍ରାତା ଶିଳ୍ପୀ ଶ୍ରୀଯୁକ୍ତ ଗୋକୁଳଚନ୍ଦ୍ର ପୂଜାରୀ ଏବଂ ଅନ୍ୟତମ ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ପୂଜାରୀ, ଏଇ ତିନିଜଣଙ୍କ ଗୁଣାବଳୀ ମୋ ଶିଳ୍ପୀ ଜୀବନକୁ ଦେଇଛି ଅସରନ୍ତି ଉତ୍ସାହ।

ସ୍କୁଲ ଜୀବନରେ ମଧ୍ୟ ସାଧାରଣତଃ ଅନ୍ୟାନ୍ୟ ବିଷୟ ଅପେକ୍ଷା ଅଙ୍କନ ବିଦ୍ୟା ପ୍ରତି ମୋର ଆକର୍ଷଣ କ୍ରମଶଃ ବଢ଼ିବାକୁ ଲାଗିଲା। ଏହି ସମୟରେ ଉତ୍କଳର ସ୍ୱନାମଧନ୍ୟ ଶିଳ୍ପୀ ଶ୍ରୀଯୁକ୍ତ

ଗୋପାଳଚରଣ କାନୁନ୍‌ଗୋ ମହାଶୟ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଆଗ୍ରହ ଦେଇ ମୋତେ ଉତ୍ସାହ ଦେଇଛନ୍ତି। ଗୋପାଳବାବୁ ମୋର ଏକାଡେମିକ୍‌ଧାରାର ପ୍ରଥମ ଗୁରୁ। ସମ୍ବଲପୁରର ଅନ୍ୟତମ ବିଶିଷ୍ଟ ଶିଳ୍ପୀ ଶ୍ରୀଯୁକ୍ତ ମୁରଲୀଧର ଟାଲିଙ୍କ ସହିତ ଅତ୍ୟନ୍ତ ପ୍ରତ୍ୟକ୍ଷ ମିଳାମିଶାରୁ ମଧ୍ୟ ମୁଁ ଅନେକ କିଛି ଶିକ୍ଷା ପାଇଛି। ବିଶେଷତଃ ପୋଟ୍ରେଟ୍ ଅଙ୍କନରେ ତାଙ୍କର ଗୋଟିଏ ଗୋଟିଏ ଦିଗ୍‌ଦର୍ଶନ ମୋତେ ବହୁତ ସାହାଯ୍ୟ ଦେଇଛି।

ମେଟ୍ରିକୁଲେଶନ ପାସ୍ କଲା ପରେ ଆର୍ଟସ୍ ଶ୍ରେଣୀରେ ଭର୍ତ୍ତି ହେଲି ସ୍ଥାନୀୟ ଗଙ୍ଗାଧର ମେହେର କଲେଜରେ। ହୁଏତ ଗ୍ରେଜୁଏଟ ହୋଇ ଛାତ୍ର ଜୀବନ ସାଙ୍ଗ କରିଥାଆନ୍ତି – ଏଇ ସମୟରେ ବିଖ୍ୟାତ ଇଞ୍ଜିନିୟର ମିଃ. ରଙ୍ଗିଆ ଓ ଭାରତ ସେବକ ସମିତିର ସଦସ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ସଙ୍ଗେ ଆକସ୍ମିକ ଭାବରେ ମୋର ଚାକ୍ଷୁଷ ପରିଚୟ ହୁଏ। ମିଃ. ରଙ୍ଗିଆ ଆସିଥାନ୍ତି ହୀରାକୁଦ ଡେମ୍ ସଙ୍କ୍ରାନ୍ତରେ। ଅବସରପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ମିଶ୍ର ମୋତେ ନେଇ ଯାଆନ୍ତି ମିଃ. ରଙ୍ଗିଆଙ୍କ ପୋଟ୍ରେଟ୍ ଆଙ୍କିବାକୁ। ତାଙ୍କ ପୋଟ୍ରେଟ୍ ତିଆରି କରିସାରିଛି କି ନାହିଁ ମିଃ. ରଙ୍ଗିଆ ଆବେଗରେ ଉତ୍‌ଫୁଲ୍ଲିତ ହୋଇ କହି ପକାଇଲେ ତମର ନାମ ଯଦୁନାଥ ନ ହୋଇ ସରସ୍ୱତୀ ପ୍ରସାଦ ହୋଇଥିଲେ ପ୍ରକୃତରେ ଭଲ ହୋଇଥାନ୍ତା। ଜଣେ ବିଖ୍ୟାତ ଇଞ୍ଜିନିୟରଙ୍କ ତୁଣ୍ଡରୁ ଏମିତି ପ୍ରଶଂସା ମିଳିଲା– ସେତେବେଳେ ପେନ୍‌ସିଲ ସ୍କେଚର ପୋଟ୍ରେଟ୍‌ଟି ଜୀବନ୍ତ ହୋଇ ପାରିଛି ଏତିକି ଅନୁମାନ କଲି। ଟାଉନ ହଲ୍‌ରେ କ'ଣ ଗୋଟାଏ ମିଟିଂର ଆୟୋଜନ ହେଉଥିଲା– ଉଦ୍ୟୋକ୍ତା ଥିଲେ ତରୁଣ କଲେଜ ଛାତ୍ର ଦଳ। ଉତ୍କଳର ଓ ଭାରତର ନେତୃବୃନ୍ଦଙ୍କ ଛବି ଆଙ୍କିବାକୁ ବନ୍ଧୁଗଣ ମୋତେ ଜିଦ୍ ଧରି ବସିଲେ – ବନ୍ଧୁଗଣଙ୍କ ଅନୁରୋଧ ଏଡ଼ି ନ ପାରି ଗୋଟିକେ ପରେ ଗୋଟିଏ ଛବି ଆଙ୍କିଦେଲି। ରାତି ଆଠଟାରେ ସଭାସ୍ଥଳକୁ ସଜାଇବାରେ ବ୍ୟସ୍ତ ଥାଏ। ଆସିଲେ ପଣ୍ଡିତ ଲକ୍ଷ୍ମୀନାରାୟଣ ସାହୁ – ମୋର ଅଙ୍କିତ ଛବିଗୁଡ଼ିକ ଦେଖି ବିଶେଷ ପ୍ରୀତ ହୋଇଥିଲେ। ପରିଚୟ ଗ୍ରହଣ ପରେ ଚିତ୍ରବିଦ୍ୟାର ଉଚ୍ଚ ଶିକ୍ଷା ପାଇଁ ଶାନ୍ତିନିକେତନକୁ ଯିବାକୁ କହିଲେ। ଇଣ୍ଟରମିଡ଼ିଏଟ୍ ପରେ ଶାନ୍ତିନିକେତନ ଯିବାର ବାସନା ବଳବତୀ ହେଲା, ଆହୁରି ବଳବତୀ ହେଲା ଯେତେବେଳେ ସମ୍ବଲପୁର ଆସିଥିଲେ ଆଶ୍ରମର ପ୍ରଫେସର ଅନୀଲଚନ୍ଦ ଓ ତାଙ୍କ ସ୍ତ୍ରୀ ବର୍ତ୍ତମାନ ଭାରତର ଜଣେ ବିଶିଷ୍ଟ ନାରୀ ଶିଳ୍ପୀ ରାନୀ ଚନ୍ଦ; ତାଙ୍କଠୁଁ ଶୁଣିଲି ଆଚାର୍ଯ୍ୟ ଅବନୀନ୍ଦ୍ର ଓ ନନ୍ଦଲାଲ ଏବଂ ଆଶ୍ରମ ସମ୍ବନ୍ଧେ ପଦେ ଅଧେ।

ସୌଭାଗ୍ୟବଶତଃ ୧୯୪୮ରେ ଓଡ଼ିଶା ସରକାରଙ୍କଠାରୁ ବୃତ୍ତି ପାଇ ଶାନ୍ତିନିକେତନର କଳାଭବନରେ ଯୋଗ ଦେଲି। ରୂପ, ବର୍ଣ୍ଣ ଓ ରସର ଗୋଟିଏ ଅପୂର୍ବ ପରିବେଶ ମଧ୍ୟରେ ନିଜକୁ ପାଇ ଯୁଗପତ୍ ପୁଲକିତ ଓ ଧନ୍ୟ ମଣିଲି। ଯେଉଁଠି ବିଶ୍ୱକବିଙ୍କ କଳ୍ପନା ପାଇଛି ଭାଷା, ସଙ୍ଗୀତଜ୍ଞଙ୍କ ସଙ୍ଗୀତ ପାଇଛି ଛନ୍ଦ, ଦାର୍ଶନିକର ଚିନ୍ତା ପାଇଛି ବିକାଶ, ବିଶ୍ୱମାନବର ସନ୍ଧାନୀ ମନର ଆଦର୍ଶ ଓ ପ୍ରତୀକ ସେହି ଭୁବନ ବିଖ୍ୟାତ ଶିକ୍ଷାୟତନରେ ଆଶ୍ରିତ ହେଲି।

କଳା ଭବନରେ ଅବସ୍ଥାନ ସମୟରେ ଶିଳ୍ପାଚାର୍ଯ୍ୟ ନନ୍ଦଲାଲ ବସୁ ଓ ଶିଳ୍ପୀ ରାମକିଙ୍କର ବ୍ୟାଜଙ୍କର ଆତ୍ମୀୟସୁଲଭ ସ୍ନେହ ଓ ସାହାଯ୍ୟ ମୁଁ କେବେ ଭୁଲିପାରିବି ନାହିଁ। ଯଶସ୍ୱୀ ବ୍ୟକ୍ତିଙ୍କ ତତ୍ତ୍ୱାବଧାନ ହିଁ ଶିକ୍ଷାର୍ଥୀ ପକ୍ଷେ ଗୋଟିଏ ଅମର ପ୍ରେରଣା। ଏହି ମନୀଷୀଦ୍ୱୟଙ୍କ ସଂସ୍ପର୍ଶରେ ଆସି ମୋର ରୂପର ଧାରଣା ବି ଧୀରେ ଧୀରେ ବଦଳିବାକୁ ଲାଗିଲା। ଏମାନେ କହନ୍ତି ନିଜର ମନ ଉପରେ ବିଶ୍ୱାସ ରଖିବା ଦରକାର; କାରଣ ଯା ଛଡ଼ା କୌଣସି ସୃଷ୍ଟି ତ ସମ୍ଭବପର ନୁହେଁ, କୌଣସି ନକଲ ମଧ୍ୟ ସମ୍ଭବ ନୁହେଁ। କେବଳ ଅନେଇ ରହିଲେତ ସେହି ବସ୍ତୁର ଗଢ଼ଣ କାଗଜରେ ଆସିଯିବ ନାହିଁ। ଦୁଇଟି ଆଖି କାଗଜ ଉପରକୁ ଆଣିବାକୁ ହେବ ଓ ପୂର୍ବ ମୁହୂର୍ତ୍ତରେ ଦେଖିଥିବା ବସ୍ତୁଟିକୁ ମନରୁ କାଢ଼ି କାଗଜରେ ଲେଖିବାକୁ ହେବ ଓ ରୋଜ ରୋଜ ସାଧନା ଦ୍ୱାରା ମନର ନିଜ ଶକ୍ତି ଏତେ ବଢ଼ିଯିବ ଯେ – ସାତବର୍ଷ ତଳେ ଦେଖିଥିବା ସୁଦୂର କେଉଁ ବନ ଗହନର ଚିତ୍ର ବି ଚିତ୍ରକର ପକ୍ଷରେ ଆଙ୍କିବା ସମ୍ଭବପର ହେବ, ଏ ଯାବତ୍ ମୋର ଧାରଣା ଥିଲା। ଚକ୍ଷୁ ସମ୍ମୁଖରେ ଯାହା କିଛି ଆମେ ଦେଖୁଛୁ ତାହା ସେତିକି ଦେଖା ଓ ଅଙ୍କନରେ ଶେଷ ହେଲା। ତହିଁରେ ଭାବିବାର ବା ରସଯୋଗ କରିବାର କିଛି ନାହିଁ।

ଗୁରୁଦେବ ରବୀନ୍ଦ୍ରନାଥଙ୍କ ବହୁମୁଖୀ ପ୍ରତିଭା, ସଙ୍ଗୀତ ଭବନରୁ ଭାସି ଆସୁଥିବା ସୁରଲହରି, ଦକ୍ଷ ଅଧ୍ୟାପକମାନଙ୍କର ଜୀବନର ଅନୁଭୂତି ସମୂହ ଏବଂ ସର୍ବୋପରି ଆଶ୍ରମର ସଭା, ନାଟକ ପ୍ରଭୃତି ଉତ୍ସବର ଆୟୋଜନ ମୋର ଭାବନାର ଧାରା ବଦଳାଇ ଦେଇଥିଲା। ଏଇଠାରେ ବୁଝିଲି ସେ ଚିତ୍ରକରର ଶିକ୍ଷା ଅଙ୍କନ ପ୍ରଣାଳୀରେ ଦକ୍ଷତା ଅର୍ଜନ କରିବା ପାଇଁ ଯେତେ ଉଦ୍ଦିଷ୍ଟ, ତା'ଠାରୁ ବେଶି ଉଦ୍ଦିଷ୍ଟ, ମନକୁ ଶିଳ୍ପୀ ହିସାବରେ ତିଆରି କରିବାରେ! ମୁଁ କ୍ରମଶଃ ଅନୁଭବ କରିପାରିଲି ଯେ ରୂପର ଅବିକଳ ନକଲ ଶିଳ୍ପ ସୃଷ୍ଟି ନୁହେଁ।

ସଙ୍ଗୀତକାର ପ୍ରକୃତିର କୌଣସି ଏକ ବିଶିଷ୍ଟ ସ୍ୱରକୁ ବା କୋକିଳର କୁହୁତାନ ତା ଗଳା ସ୍ୱରରେ ଅବିକଳ ନକଲ କରି ନ ଥାଏ ବରଂ ଏହା ବିରାଟ ସୃଷ୍ଟିରୁ ଶିକ୍ଷାଲାଭ କରିଥିବା ବିଭିନ୍ନ ସ୍ୱର ବା ଛନ୍ଦର ଯୋଜନା ସ୍ୱକୀୟ ଭଙ୍ଗୀରେ ଆପଣାର କରିପାରି ମନର ଭାବକୁ ସ୍ୱର ସାହାଯ୍ୟରେ ଫୁଟାଇଥାଏ। ପୁନଶ୍ଚ କୌଣସି ବିଷୟର ବର୍ଣ୍ଣନା କରିବାକୁ ଯାଇ କବି ଠିକ୍ ମାପ ଯୋଗ ନ କରି ବା ଖବର କାଗଜର ରିପୋର୍ଟ ଭଳିଆ ନ ଲେଖି ନିଜର ମନମୁତାବକ ବର୍ଣ୍ଣନା କରିଥାଏ। ଠିକ୍ ଏହି କଥା ହିଁ ଚିତ୍ରବିଦ୍ୟା ପ୍ରତି ପ୍ରଯୁଜ୍ୟ। ଯେଉଁ ଛବିର କେବଳ ନକଲ ନ ରହି ସଙ୍ଗୀତ ବା କବିତା ପରି ସୃଷ୍ଟିର ଅନବଦ୍ୟ ଆନନ୍ଦ ପ୍ରଚ୍ଛନ୍ନ ରହିଛି, ଅଙ୍କନର ହଜାର ଦୋଷ ଥାଉ ପଛକେ, ତାହାହିଁ ହେଉଛି ଉତ୍କୃଷ୍ଟ ଛବି।

ସବୁ ଯୁଗରେ ସବୁ ଉତ୍କୃଷ୍ଟ ରଚନା ମୂଳରେ ଅର୍ଥାତ୍ ଗୁମ୍ଫାର ଯୁଗରୁ ଆରମ୍ଭ କରି ଭାରତୀୟ ଆଦର୍ଶବାଦୀ ଛବି ଏପରିକି ଆଧୁନିକ ଏକ୍ସପ୍ରେସ୍‌ନିଜିମ୍, ଇମ୍ପ୍ରେସନିଜିମ୍, ପଏଣ୍ଟିଲିଜିମ୍,

କ୍ୟୁବିଜିମ୍ ଓ ଏବଷ୍ଟେକ୍ଟ ଆଦି ବିଭିନ୍ନ ଶୈଳୀରେ ରସସୃଷ୍ଟିର ଏହି ଶାଶ୍ୱତୀ ପ୍ରବୃତ୍ତି ଦେଖାଯାଏ । ମଧ୍ୟଯୁଗରେ ୟୁରୋପୀୟ କଳାରେ ଓ ତାର ପ୍ରଭାବରେ ଅନ୍ୟାନ୍ୟ ଦେଶରେ କିଛିକାଳ ପାଇଁ ନକଲ କରିବାହିଁ ଛବିର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଏହି ସୀମାବଦ୍ଧ ଆଭିମୁଖ୍ୟ ଶେଷ ସୀମାରେ ପହଞ୍ଚିବା ବେଳେ, କ୍ୟାମେରାର ଉଦ୍ଭାବନ ଶିଳ୍ପୀଗଣଙ୍କୁ ଏହିସବୁ ନୂତନ ଶୈଳୀ (ism)ର ସୃଷ୍ଟି କରିବା ପାଇଁ ବାଧ୍ୟ କରିଥିଲା ।

କିନ୍ତୁ ଆଜିକାଲି ଏପରି ରୂପରଚନାର ଆବଶ୍ୟକୀୟ ସାଧନାର ଗୁରୁତ୍ୱ ନ ବୁଝି ଅନେକେ ଅଳି ସ୍ୱଜ୍ଞାୟତା ଦେଖାଇ ଉଦ୍‌ଭ୍ରାନ୍ତ ମସ୍ତିଷ୍କର ପରିଚୟ ଦେଇ ଥାଆନ୍ତି ଓ ଅନେକେ କୌଣସି କୌଣସି ଶୈଳୀର ନକଲ କରି ନିଜସ୍ୱ ବୋଲି ପ୍ରଚାର କରିଥାନ୍ତି । କେଉଁ କେଉଁ ବିଷୟରେ ଶିଳ୍ପୀଙ୍କର ଅଧିକାର ଥିଲେ ଉତ୍କୃଷ୍ଟ ସୃଷ୍ଟିର ସମ୍ଭବ, ତାହା ନିମ୍ନରେ ଦିଆଯାଇଥିବା ଚୀନାଶିଳ୍ପୀ ଓ ବୋକାରଙ୍କ ମତାମତରୁ ସ୍ପଷ୍ଟ ଜଣାପଡ଼େ । ସେ କହନ୍ତି, "ସ୍ୱଭାବ (Nature), ପରମ୍ପରା (Tradition) ଓ ସ୍ୱକୀୟତା (Originality) ଏଇ ତିନିଟାକୁ ନେଇ ସର୍ବାଙ୍ଗ ସଂପୂର୍ଣ୍ଣ କଳା ସୃଷ୍ଟି ହୋଇଥାଏ । ସ୍ୱଭାବ ଜ୍ଞାନ ନ ରହିଲେ ଆର୍ଟ ହୁଏ ଦୁର୍ବଳ, କୃତ୍ରିମ । ଐତିହ୍ୟରେ ଅଧିକାର ନ ରହିଲେ ହୁଏ ସ୍ଥାଣୁ ଓ ଅପରିପକ୍ୱ । ଆଉ ଶିଳ୍ପୀର ନିଜର ଦାନ ଯଦି କିଛି ନ ଥାଏ, ତେବେ ଆଉ ସବୁ ଥାଇ ମଧ୍ୟ ପ୍ରାଣବନ୍ତ ହୁଏନା । ଅପରପକ୍ଷେ, କେବଳ ସ୍ୱଭାବସମ୍ମତ ହେଲେ ଛବି ହୋଇଥାଏ ନକଲ (Copy or photography) ଆଉ କେବଳ ପରମ୍ପରାର ଦାସ ହେଲେ ହୁଏ କାରିଗରି ଏବଂ କେବଳ ମୋ କବିତାଟିକୁ ସମ୍ବଳ କଲେ ହୁଏ ପାରଙ୍ଗମ ।"

(ଆଚାର୍ଯ୍ୟ ନନ୍ଦଲାଲ ବସୁଙ୍କ "ଶିଳ୍ପୀକଥା"ରୁ ଗୃହୀତ ।)

ମୋର ଏହି ଅଳ୍ପଦିନର ରୂପଚର୍ଚ୍ଚା ଭିତରେ ମନେହୁଏ ଯେ ଉପରୋକ୍ତ ଏହି ତିନୋଟି ବିଷୟରେ ସମାନ ଅଧିକାର ରଖିପାରିବା ଶିଳ୍ପୀର ଉଦ୍ଦେଶ୍ୟ ସାଧନ ପାଇଁ ଉତ୍କୃଷ୍ଟ ପନ୍ଥା ।

ପ୍ରକୃତରେ କହିବାକୁ ଗଲେ ସାଧାରଣ ଭାବେ ରୂପର ପ୍ରଭାବ ବିଭିନ୍ନ ପ୍ରାକୃତିକ ମଣିଷ ଉପରେ ଭିନ୍ନ ଭିନ୍ନ ହୋଇଥାଇପାରେ । ଧରନ୍ତୁ ଗୋଟାଏ ଗଛ । ଗଛଟି ଚାଷୀ ମନରେ ହୁଏତ ଋତୁ ଆଗମନର ସୂଚନା ଦେଇଥାଏ ଅବା ଗୋରୁ ଘଉଡ଼ାଇବା ପାଇଁ ପାଞ୍ଚଣ ବାଡ଼ିର ସଦୁପଯୋଗର ଧାରଣା ଆଣେ । ଏଣେ ତେଣେ ବୈଦ୍ୟ ପାଇଁ ସେହି ଗଛର ରୂପପ୍ରଭାବ ଔଷଧାଦି ଉପାଦାନ ରୂପରେ ମିଳିଥାଏ । ପୁଣି କେତେକ ଶିଳ୍ପୀ ପକ୍ଷେ ତାହା ବାହାରର ମାପଯୋଗ୍ୟ ଓ ଆଲୋକଛାୟା ବା ରଙ୍ଗର ଯଥାଯଥ ସମାବେଶ ପାଇଁ ଚିନ୍ତିତ କରାଏ ଏବଂ କେହି ରସିକ ବା ଭାବୁକ ଗଛ ଲତାର ସୌନ୍ଦର୍ଯ୍ୟରୁ ରସର ପ୍ରେରଣା ପାଇଥାନ୍ତି । ସୁତରାଂ ମୋ ଜୀବନ ଉପରେ ରୂପର ପ୍ରଭାବ କ'ଣ, କେମିତି ଓ କେତେଦୂର ତାହା ଜଣାଇବା ମୋ ପକ୍ଷେ ସହଜସାଧ୍ୟ ନୁହେଁ । ଶିଳ୍ପୀର ପ୍ରକୃତ ପରିଚୟ – ତା'ର ସୃଷ୍ଟି ।

ଦିନକର ବା କେତେ ବର୍ଷର ମାତ୍ର ସାଧନାରେ ଶିଳ୍ପୀର ପ୍ରକୃତ ପରିଚୟ ଅନ୍ୟ କେହି କହିପାରିବା ତ ଦୂରର କଥା, ଶିଳ୍ପୀପକ୍ଷେ ମଧ୍ୟ କହିବା ସହଜ ନୁହେଁ। ଉତ୍କଳର ଅମର ଶିଳ୍ପୀ ଶ୍ରୀଯୁକ୍ତ ବିଦ୍ୟାଧର ବର୍ମାଙ୍କ ଜୀବନୀରୁ ଆମ୍ଭେ ଦେଖିପାରୁ ତାଙ୍କର ଦିନକର କୌଣସି ଲେଖା ବା ଛବି ବା ବର୍ଷେ ଦୁଇବର୍ଷର ସାଧନା ତାଙ୍କର ପ୍ରକୃତ ପରିଚୟ ପକ୍ଷେ ଯଥେଷ୍ଟ ନୁହେଁ । ତାଙ୍କର ସାରା ଜୀବନର ସାଧନା ଫଳରେ ସେ କଳା ଜଗତରେ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହୋଇ ପାରିଛନ୍ତି ।

ଆଜିକାଲିର ଦୁନିଆ ଆର୍ଟ୍ ପ୍ରତି କିପରି ଅନୁକୂଳ? ପାରିପାର୍ଶ୍ୱିକ ଅବସ୍ଥା ଏପରି ହୋଇଛି ଯେ ଶିଳ୍ପୀ ଯଦି ଏକାନ୍ତ ଭାଗ୍ୟବାନ୍ ହୋଇଥିବ ବା ଯେ ଅତି ପାଗଳ ହୋଇଥିବ ସେ ହୁଏତ ଜୀବନଯାକ କିଛି କରିପାରିବ। ଏ ବିଷୟରେ ଶିଳ୍ପାଚାର୍ଯ୍ୟ ଶ୍ରୀଯୁକ୍ତ ନନ୍ଦଲାଲ ବସୁଙ୍କର ମତ ଉଲ୍ଲେଖଯୋଗ୍ୟ। ତାଙ୍କ ମତରେ ଯେଉଁ ଆର୍ଟିଷ୍ଟ୍ କେବଳ ଟେକ୍‌ନିକ୍ ଶିଖିବାରେ ବ୍ୟସ୍ତ ଥାଏ ତାକୁ ଟେକ୍‌ନିକ୍ ଭୁଲିଯିବାକୁ ବେଶି ଡେରି ଲାଗେ ନାହିଁ - କିନ୍ତୁ ଯେଉଁ ଆର୍ଟିଷ୍ଟ୍ ଉପର ଧାରଣା ପାଇପାରିଛି - ଯେତେ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହେଲେ ମଧ୍ୟ ସେ ଭୁଲିପାରିବ ନାହିଁ। ତା'ପରେ ଆର୍ଟିଷ୍ଟ୍‌କୁ ଖାଲି ଆର୍ଟିଷ୍ଟ ହୋଇ ରହିବାକୁ ପଡ଼ିବ ନାହିଁ। ଗୁଣୀ ଲୋକର ସନ୍ଧାନ କରିବାକୁ ହେବ। ତଦୀୟ ଗୁଣର ଆଲୋଚନା କରିବାକୁ ହେବ। ରସପିପାସୁ ବ୍ୟକ୍ତିର ସାନ୍ନିଧ୍ୟ ଦରକାର - "ମୁଁ ଆର୍ଟିଷ୍ଟ ଏ ଗର୍ବ ରଖିବା ବଡ଼ ଖରାପ। ଅନେକ ସମୟରେ ଶିଶୁ କିମ୍ବା ଅଶିକ୍ଷିତ ବ୍ୟକ୍ତି ମନର ଖିଆଲରେ ଯେଉଁ ସବୁ ଅଙ୍କନ କରିଥାନ୍ତି ବା କଳାକୁଶଳତାର ପରିଚୟ ଦେଇଥାନ୍ତି ତାହା ଦେଖିଲେ ଶିକ୍ଷାପ୍ରାପ୍ତ ଶିଳ୍ପୀର ବି ଲଜ୍ଜା ଆଗତ ହୁଏ। କାରଣ ଶିକ୍ଷା ହିଁ ବଡ଼ ନୁହେଁ, ମନର ଅନୁଶୀଳନ ହେଲା ବଡ଼। ସମସ୍ତ ଆନ୍ତରିକତା ଦେଇ କାମ କରିବାଟା ଶିଳ୍ପୀର ପରମ ଲକ୍ଷ୍ୟ।



ଏସ୍. ଆର୍. ଗୁପ୍ତ

ମୋର ପିତା ସ୍ୱର୍ଗତ ଭବାନୀଚରଣ ଗୁପ୍ତ – ସେତେବେଳେ କଳାହାଣ୍ଡି ହାଇସ୍କୁଲର ଜଣେ ସୁଦକ୍ଷ ଶିକ୍ଷକ ! ବଡ଼ କଳାନୁରାଗୀ । ତାଙ୍କ ଜୀବନରେ ସେ କଳାଶିକ୍ଷା ନ ପାଇ ମଧ୍ୟ କଳାକ୍ଷେତ୍ରରେ ଅନେକ କାମ କରିଯାଇଛନ୍ତି ।

ଦିନକର ଘଟଣା । ବାଲ୍ୟ କାଳର ସେ ଖେଳନିପୁଣ ହସ୍ତଅଙ୍କିତ କୌଣସି ପ୍ରସିଦ୍ଧ ଚିତ୍ରର ଗୋଟିଏ ଗୋଟିଏ ପ୍ରଧାନ ଅଲିଭା ରେଖା ପରି ଏବେବି ସ୍ମୃତିପଟେ ଜାଗ୍ରତ ରହିଛି । ବାପା ଦେଖୁଥାନ୍ତି ହାତୀମୁଣ୍ଡା ଷ୍ଟଡ଼ି (study) କରୁଥାନ୍ତି । ତାଙ୍କ ନୋଟ ବହିରେ ଅନେକ ସ୍କେଚ୍ କଲେ – ସେଇ ହାତୀମୁଣ୍ଡର । ସେଗୁଡ଼ିକ ବଡ଼ ଜୀବନ୍ତ ହୋଇ ଉଠିଲା । ସେତେବେଳେ ମୋର ବୟସ ମାତ୍ର ଦଶବର୍ଷ ହେବ । ସେ ଗଣେଶ ମୁଣ୍ଡରେ ବି ଯାଦୁକରୀ ପ୍ରଭାବ ଥିଲା କେଜାଣି ମୁଁ ଆଉ ତାକୁ ଭୁଲିପାରିଲି ନାହିଁ । ତାକୁଇ ପାଇବା ପାଇଁ ବୋଧହୁଏ ମୋ ଭିତରରୁ ଆଣି ବାହାରେ ଥୋଇ ଦେଖିବା ପାଇଁ ମୁଁ ଗାରେଇଲି – କାନ୍ଥ ବାଡ଼ରେ – କେବଳ ଆମ ଘରର ନୁହଁ ସାହିପଡ଼ିଶା ସମସ୍ତଙ୍କ ଘରକାନ୍ଥରେ ଚାଲିଲା ମୋର ଚିତ୍ରାଙ୍କନ– କେବଳ ହାତୀମୁଣ୍ଡ ନୁହେଁ – ଘୋଡ଼ା ଗଣ୍ଡି ପର୍ଯ୍ୟନ୍ତ ମୁଁ ଡ୍ରଇଂ କରି ଯାଉଥାଏଁ – ଆଉ ଗାଳି ସବୁ ମୋ ଦେହରେ ଡ୍ରଇଂ ହୋଇ ସାଙ୍ଗେ ସାଙ୍ଗେ ଲିଭି ଯାଉଥାଏ – ପାଣିଗାର ପରି । ସାହିପଡ଼ିଶା ଯାହା କାନ୍ଥରେ ଲେଖେ ସେ ବହେ ଶୋଧେ ।

ଏମିତି ଅନେକ ଦିନ ଚାଲିଲା ମାଙ୍କଡ଼ବୃତ୍ତି । ବାପାଙ୍କ ସ୍କେଚ୍ ଦେଖି ମୁଁ ବି ସ୍କେଚ୍ କଲି । ତାଙ୍କ ଡ୍ରଇଂ ମୋତେ ଟାଣିଲା – ମୁଁ ତାଙ୍କ ଟଣା ଗାରକୁ କାନ୍ଥ ବାଡ଼ କାଗଜ କଲମରେ ଟାଣିଲି । ଟାଣୁ ଟାଣୁ ଦିନେ ଗୋଟାଏ ଅଦ୍ଭୁତ ଆବିଷ୍କାର କଲି । ସେଦିନ କି ଆନନ୍ଦ ସତେ ! ଆଳୁ ଖୋଳୁ ଖୋଳୁ ପାଇଲି ମହାଦେବ । ଆମ ହାଇସ୍କୁଲର ପଣ୍ଡିତଙ୍କୁ ଥଟ୍ଟା କରି ଛବି ଆଙ୍କୁ ଆଙ୍କୁ ଛବି ଭିତରେ ପଣ୍ଡିତେ ନିଜେ ଆସି ଠିଆ ହେଇଗଲେ । ଠିକ୍ ତାଙ୍କରି ରୂପ ତାଙ୍କରି ଠାଣି । ମୋର ବନ୍ଧୁମାନେ ବି ମୋ ସାଙ୍ଗରେ ନାଚିଥିଲେ ସେଦିନ । ମୁଁ ବଡ଼ ଉତ୍ସାହ ପାଇଲି । ସ୍କୁଲ ଛୁଟି ହେବା ପରେ ଗୋଟିଏ ଅପୂର୍ବ ନିଧି ପାଇଲା ପରି ଦଉଡ଼ିଗଲି ତାକୁ ସାଇତିବା ପାଇଁ ଆମ ବୁଢ଼ୀ ଚାକରାଣୀର ରୂପ ଭିତରେ । ତାକୁ ବସାଇ ତା'ର ରୂପ

ଆଙ୍କିବାରେ ଲାଗିଲି। ସେ ବି ଉଠି ଆସିଲା କାଗଜ ଉପରକୁ ଅବିକଳ। ସେ ଦିନ ମୋ ଜୀବନ ଉପରେ ରୂପ ଯେଉଁ ପ୍ରଭାବ ପକାଇଥିଲା ଆଜି ତାର ଏ ନୂଆ ବିଭାଗରେ ମୁଁ ନିଜେ ମୁଗ୍ଧ ହୋଇ ଯାଉଥିଲି।

ଦଶହରା ପୂଜା ଆଗରେ। ବାପା କରୁଥାନ୍ତି ଥିଏଟର ସିନ୍ ତିଆରି। କଳାହାଣ୍ଡି ରାଜାଙ୍କ ଆଦେଶ। ତାଙ୍କର ଚାଲିଥାଏ କନା ଉପରେ ରଙ୍ଗ ତୂଳୀରେ ଶିବ ତାଣ୍ଡବ। ମୋର ଚାଲିଥାଏ ଭୂଇଁ ଉପରେ ଚକ୍ ଖଡ଼ିରେ ତାର ଏକ ନୂତନ ବିଭାବ। ପଡ଼ିଗଲା ରାଜାଙ୍କ ହାବୁଡ଼ରେ! ମୋ ଖଡ଼ିଗାର ଦେଖି ସେ ବାପାଙ୍କୁ କହିଲେ – "ଭବାନୀ ବାବୁ, ମୁଁ ଆପଣଙ୍କ ପୁଅକୁ କଳାବିଦ୍ୟା ଶିକ୍ଷା ପାଇଁ ପଠାଇବି । ପିଲାର ବୟସ ଅନୁପାତରେ ଚିତ୍ର ଖୁବ୍ ଚମତ୍କାର ହେଇଛି।"

ରୂପର ପ୍ରଭାବ ଓ ବିଭାବ ପରେ ପୁଣି ଏଇଠୁ ଆରମ୍ଭ ହେଲା ଅଭାବ। ରୂପ ପାଇଁ ବିରହ, ଦୁଃଖ ଓ ନିର୍ଯାତନା ପୂର୍ବର ଆରମ୍ଭ। ବିଦ୍ୟୋତ୍ସାହୀ ରାଜା ସାହେବ ମାନ୍ଦ୍ରାଜରେ ପଢ଼ିବା ପାଇଁ ଷ୍ଟାଇପେଣ୍ଡ୍ ମଞ୍ଜୁର କରି ଦେଲେ ସିନା - ହଠାତ୍ କାଳଚକ୍ରର ଆବର୍ତ୍ତନ ହୋଇଗଲା। ଦେଶୀୟ ରାଜ୍ୟ ସବୁ ମୋଗଲବନ୍ଦୀ ଗର୍ଭରେ ପଶିଗଲା - ମର୍‌ଜର ହୋଇଗଲା। ସଙ୍ଗେ ସଙ୍ଗେ ହେଲା ପିତାଙ୍କର ଅକାଳ ବିୟୋଗ। ବହୁ ନାକଘଷା କାନମୋଡ଼ା ପରେ ଓଡ଼ିଶା ସରକାର ମଞ୍ଜୁର କଲେ ମାତ୍ର ୩୫ଟି ଟଙ୍କା ମାସିକ। ମାନ୍ଦ୍ରାଜ ପରି ସହରରେ ସେତକ ମୋ ପେଟକୁ ନିଅଣ୍ଟ। ତଥାପି ରୂପର କ୍ଷୁଧା ପେଟର କ୍ଷୁଧାକୁ ଜୟ କଲା। ମୁଁ ମାନ୍ଦ୍ରାଜ ଆର୍ଟ ସ୍କୁଲରେ ଭର୍ତ୍ତି ହୋଇଗଲି।

ସେଠାରେ ଥାଆନ୍ତି ବିଶ୍ୱବିଖ୍ୟାତ ଶିଳ୍ପୀ ଓ ଭାସ୍କର ଶ୍ରୀ ଡ଼ି.ପି. ରାୟଚୌଧୁରୀ। ସେତେବେଳେ ସେ ଗଢୁଥିଲେ "Triumph of Labour" - ବା "ଶ୍ରମର ବିଜୟ" ନାମକ ମୂର୍ତ୍ତିନିବନ୍ଧ। ନିର୍ଦ୍ଧୂମ ଖରାବେଳରେ ଚାରୋଟି ମୂଲିଆ ଉଠାଉଛନ୍ତି ଗୋଟାଏ ବଡ଼ ଭାରି ପଥର। ପଥରରେ ଗଢ଼ା ସେ ପେଶି ସବୁ ସେମିତି ପେଷିହୋଇ ଚିତ୍କାର କରି ଉଠୁଥାନ୍ତି - ସ୍ପଷ୍ଟ ବୁଝା ପଡୁଥାଏ ସେ ଭାସ୍କର୍ଯ୍ୟ ଦେଖିଲେ। ମୋର ପ୍ରବେଶ ମଧ୍ୟ ସେହି ଶ୍ରାନ୍ତି, କ୍ଲାନ୍ତି, ଶ୍ରମ ଓ ଆର୍ତ୍ତନାଦ ଭିତରେ। ମୁଁ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍କୁଲରେ ପ୍ରବେଶ ଅଧିକାର ପାଇଲି।

କିନ୍ତୁ ସ୍କୁଲର ଦରିଦ୍ରତମ ଛାତ୍ର ମୁଁ। ୩୫ ଟଙ୍କାରେ ମାସକ ଯାକ ପୂରା ଦିଓଳି ଖାଇବାକୁ ପାଇବା କଷ୍ଟ। ଦିନେ ଦିନେ ଦୁଇ କପ୍ ଚାହାରେ ପେଟର ଦାବି ପୂରଣ କରିବାକୁ ପଡ଼େ। ତାକୁ ସହେ - କିନ୍ତୁ ଯେତେବେଳେ ଚିତ୍ର ଆଙ୍କିବାକୁ କାଗଜ ଖଣ୍ଡିଏ ବି କିଣିବାକୁ ନ ପାଏଁ ସେତେବେଳେ ମୁଁ ନିରାଶ ହୋଇଯାଏ। ମାତ୍ର ମୋତେ ସେ ନୈରାଶ୍ୟରୁ ଉଦ୍ଧାର କରନ୍ତି ଆମ ଶିକ୍ଷକ ଶ୍ରୀକୃଷ୍ଣ ରାଓ - ତାଙ୍କର ଆଦର୍ଶ - ତାଙ୍କର ଉପଦେଶ ସାହାଯ୍ୟ ଓ ସହାନୁଭୂତି। ତାଙ୍କର ମଧ୍ୟ ଅଳ୍ପ ବୟସରେ ପିତୃବିୟୋଗ ହୋଇଥିଲା। ଛାତ୍ର ଜୀବନ

ସମୟରେ ଚାରିଅଣା ମାତ୍ର ପଇସାରେ ଦିନ କଟାଇବାକୁ ପଡ଼ିଥିଲା ତାଙ୍କୁ। ଦୁଃଖୀ ଦୁଃଖୀର ଅନ୍ତର ବୁଝେ। ସେ ମୋ କଷ୍ଟ ବୁଝିଲେ। ସେ ଯେଉଁ କାମ ପାଆନ୍ତି ମୋତେ କିଛି କିଛି କରିବାକୁ ଦିଅନ୍ତି। କାମ କରି ତାଙ୍କଠୁ କିଛି ପାଏଁ । ଚଳିଯାଏ କୌଣସିମତେ ର ୦ କି ।

ମୁଁ କେବେ ଭାଙ୍ଗି ପଡ଼ି ନାହିଁ ଏ ଅଭାବ ଭିତରେ। ଅର୍ଥର ଅଭାବ ମୋ ଭିତରେ ବରଂ ଶିଳ୍ପର ସ୍ୱଭାବକୁ ଜଗାଇ ଦେଉଥିଲା। ଆଗରେ ଥିଲା ବଡ଼ ବଡ଼ ବିଶ୍ୱବିଖ୍ୟାତ ଶିଳ୍ପୀମାନଙ୍କର ଆଦର୍ଶ।

ଦୁଃଖବେଳେ ମୋର ବେଶି ବେଶି ମନେ ପଡ଼ନ୍ତି ରୁଷିଆର ବିଖ୍ୟାତ ଶିଳ୍ପୀ ମିଲଟ। ତାଙ୍କ ଜୀବିତାବସ୍ଥାରେ ଖାଇବାକୁ ନ ପାଇ ସେ ଯେଉଁ ସବୁ ଛବି ଖଣ୍ଡେ ଖଣ୍ଡେ ପାଉଁରୋଟି ମୂଲରେ ବିକି ଦେଇଥିଲେ – ତାଙ୍କ ଅନ୍ତେ ଆଜି ସେଥିରୁ କାହାରି କାହାରି ମୂଲ୍ୟ କୋଡ଼ିଏ ପଚିଶହଜାର ମୁଦ୍ରା। ତାଙ୍କପରି ବହୁ ବିଖ୍ୟାତ ଅଥଚ ଦରିଦ୍ର ଶିଳ୍ପୀଙ୍କର ଜୀବନୀ ମୋତେ କଳାନୁରାଗୀ ହେବାକୁ ପ୍ରେରଣା ଦେଇଥିଲା। ମୁଁ ସେମାନଙ୍କୁ ଚିରଦିନ ମୋର ଗୁରୁ ମନେ କରି ପୂଜା ଦେଇ ଆସିଛି! ମୋ ଆଖିରେ ସେମାନେ ମଣିଷ ନୁହନ୍ତି – ଭଗବାନ୍‌ଙ୍କର ଅନ୍ୟ ରୂପ। ସେ ରୂପ ସୃଷ୍ଟି କରୁଥିଲେ – ରୂପ ମଧ୍ୟ ତାଙ୍କୁ ଭଗବାନ୍‌ଙ୍କ ରୂପରେ ବିଭୂଷିତ କରୁଥିଲା।

ମାନ୍ଦ୍ରାଜ ଆର୍ଟ ସ୍କୁଲରେ ଛାତ୍ର ଜୀବନ – ଦୁଃଖର କି ସୁଖର କହିପାରିବି ନାହିଁ – ନା – ଦୁଃଖ କଦାପି ନୁହେଁ। ଶ୍ରମର କିନ୍ତୁ ଶାନ୍ତିର ଜୀବନ।

ମନେ ପଡୁଛି – ଯେଉଁଦିନ ଆମର ଅଧ୍ୟକ୍ଷ ମୋର ଛବିର ସମାଲୋଚନା କରନ୍ତି – ପ୍ରଶଂସା ସଙ୍ଗେ ସଙ୍ଗେ ଭୁଲ ବି ଦେଖାଇ ଦିଅନ୍ତି ସେଦିନ ମୁଁ ଖାଇବା ପିଇବା ଭୁଲିଯାଏ। ଛବି କଲାବେଳେ ମଧ୍ୟ ଠିକ୍ ସେଇ କଥା। ଅନେକ ଦିନ ମୋର ଭାତ ଶୁଖି ଯାଇଥାଏ – ଡାଲି ତରକାରି ଥଣ୍ଡା ବରଫ ପାଲଟି ଯାଇଥାଏ। ମାତ୍ର ସେଥିପାଇଁ ମନରେ କେବେ ବିରକ୍ତି ଆସି ନାହିଁ। ଆଖିର ରୁଚି ଯେମିତି ଜିଭର ରୁଚିକି ହରି ନେଇ ରଖିଥିଲା ନିଜ ଭଣ୍ଡାରକୁ ଭରି।

କ୍ରମେ ଅତି ଦୁଃଖଦାରିଦ୍ର୍ୟପୂର୍ଣ୍ଣ ଜୀବନର ଅବସାନ ହୋଇ ଆସିଲା। ଦକ୍ଷିଣ ଭାରତ ଚିତ୍ରକର ସମାଜ ପକ୍ଷରୁ ଅନୁଷ୍ଠିତ ପ୍ରଦର୍ଶନୀରେ ମୋର ଦୁଇଖଣ୍ଡି ଛବି ଭଲ ମୂଲ୍ୟରେ ବିକ୍ରି ହୋଇଗଲା। ସେ ବର୍ଷ ଆମ ସ୍କୁଲର ପ୍ରଦର୍ଶନୀରେ ମଧ୍ୟ ତିନୋଟି ଛବି ବିକ୍ରି ହେଲା। ମୋର ତୃତୀୟ ବର୍ଷ ବେଳକୁ ମାନ୍ଦ୍ରାଜର ପୋଷ୍ଟର ଓ କମରସିଏଲ ଏକଜିବିସନର ଆରମ୍ଭ। ବହୁ ବଡ଼ ବଡ଼ ଆର୍ଟିଷ୍ଟ ପୋଷ୍ଟର ଆଦି ପଠାଇଥାନ୍ତି। ମୁଁ ସେଠିକି କଣ ପଠାଇବି ଭାବିଲି। ମୋର ଦୁଃଖୀ ଜୀବନର ପ୍ରତିଚ୍ଛବି ଫୁଟି ଉଠିଲା ଭଳି ଛବିଟିଏ ଚିନ୍ତା କଲି। ସେତେବେଳେ ଅର୍ଥସଙ୍କଟ ଭିତରେ ସବୁଠାରୁ ବେଶି ଆଘାତ କରୁଥାଏ କଳାବଜାର। ସେଇ ଅନୁଭୂତିକୁ ରୂପ

ଦେଇପାରିଲେ ଶ୍ରମ ସାର୍ଥକ ହେବ ବୋଲି ନିଶ୍ଚୟ କଲି। ଡାକିଲି ଗୋଟିଏ ଅର୍ଦ୍ଧାହାରୀ ଅର୍ଦ୍ଧନଗ୍ନ ଭିକାରିକୁ ଚାରିଅଣା ପଇସା ଦେଇ। ତାର ସ୍କେଚ୍ କରିନେଲି– ପନ୍ଦର ମିନିଟ୍‌ରେ। ତା'ପରେ ଚାଲିଲା ରଙ୍ଗ ଦିଆ – ପର୍ଦ୍ଦା ଉପରେ।

ପ୍ରଦର୍ଶନୀର ଶେଷ ଦିନ। ହଠାତ୍ ଆମ ସ୍କୁଲ ଅଫିସର ଫୋନ ବାଜି ଉଠିଲା – ମୋତେ ଡାକରା ଆସିଛି। କାନ ଦେଲି। କାନକୁ ବିଶ୍ୱାସ କରିପାରୁ ନ ଥିଲି। ପ୍ରଦର୍ଶନୀ ସମ୍ପାଦକ ମୋତେ ଅଭିନନ୍ଦନ କରୁଥିଲେ – ସେଦିନ ଯେଉଁ ଦରିଦ୍ର ଭିକାରିର ରୂପ ମୋତେ ପ୍ରଭାବିତ କରିଥିଲା – ସେ ରୂପ ଏକା ମୋତେ ନୁହେଁ, ସହସ୍ରାଧିକ ଲୋକଙ୍କୁ ପ୍ରଭାବିତ କରିଛି। ମୋର "Help the poor" "ଦରିଦ୍ରେ ବିତର" ପୋଷ୍ଟରଟି ପ୍ରଥମ ସ୍ଥାନ ଅଧିକାର କରିଛି।

ତା'ପରେ ପରେ ମିଳିଲା ତାଞ୍ଜୋରର ଆର୍ଟ ଗେଲେରିରୁ "ଅଧିକ ଶସ୍ୟ ଉତ୍ପାଦନ କର" ସଂବଧୀୟ ପୋଷ୍ଟର ପାଇଁ ରୌପ୍ୟ ଉପଢୌକନ – silver plaque.

ଚିତ୍ରଶିକ୍ଷା ମୋର ସରିଛି ସ୍କୁଲରେ। ମାତ୍ର ଚିତ୍ରଶିକ୍ଷା ଆରମ୍ଭ ହୋଇଛି ଜୀବନର। କାରଣ ମୋର ଅଭିଜ୍ଞତା ହେଉଛି ଚିତ୍ର ଶିକ୍ଷା କହିଲେ Self Struggle – ଜୀବନ ସଂଗ୍ରାମ – ନିଜ ସହିତ ନିଜର ଯୁଦ୍ଧ। କଳା କେହି କାହାକୁ ଘୋରି ପିଆଇ ଦିଏ ନାହିଁ। ପ୍ରବଳ ବାଧାସତ୍ତ୍ୱେ ପ୍ରକୃତିକୁ ଆକୃତି ଦେବାକୁ ହୁଏ – ଅସମ୍ଭବକୁ ସମ୍ଭବ କରିବାକୁ ହୁଏ। ବାହାରର ମୁକ୍ତ ପ୍ରକୃତିକୁ ବାନ୍ଧି ଆଣି ରଙ୍ଗତୂଳିର ବାଡ଼ ଦେଇ କାଗଜ ପିଞ୍ଜରାରେ ଭରିବା ମହାବଳ ବାଘକୁ ବାନ୍ଧିବାଠାରୁ ଅଧିକ ଦୁଃସାଧ। ମୋ ଜୀବନରେ ସେ struggle, ସେ ସଂଗ୍ରାମ ସରି ନାହିଁ – ଆରମ୍ଭ ହେଉଛି – ତେଣୁ ଶିକ୍ଷା ମଧ୍ୟ ଅଥମାରମ୍ଭ।

କେବଳ ଦୁଃଖ ଏତିକି, କଳାର ମର୍ଯ୍ୟାଦା ଏ ଦେଶରେ ନାହିଁ। ଦୁଃଖ କେହି ନ ବୁଝୁ – ବ୍ୟଥାର ଦାନକୁ ମଧ୍ୟ ସମ୍ମାନ ଦେବାର ଲୋକ ନାହିଁ। ମାଇପଙ୍କୁ ଗହଣା କିଣି ଦେଇ ବୀଭତ୍ସ କରିବାକୁ ସ୍ତ୍ରୀଙ୍କ ବରାଦ ଅନୁସାରେ ପୁରୁଷ ସୁଖୀ ହୁଅନ୍ତି ମାତ୍ର ଛବିଟିର ପ୍ରକୃତ ମୂଲ୍ୟ ଦେଇ ବୁଝିବାର କ୍ଷମତା ନାହିଁ କାହାରି।

ତେଣୁ ହୁଏତ ଏ ଦେଶରେ ମୋଭଳି ରୂପ-ପିପାସୀ ଶିଳ୍ପୀକୁ ଗୋଟିଏ ସ୍କୁଲରେ ଆମ୍ବ ପଣସର ଚିତ୍ର ଦେଖାଇବାକୁ ପଡ଼ିବ ମାତ୍ର କେତୋଟି ମୁଦ୍ରାରେ। ମୋ "ଦରିଦ୍ରକୁ ଦାନ କର" ଚିତ୍ରର ମଡେଲ ଆଜି ମୋତେ ହିଁ ଦେବାକୁ ପଡୁଛି। ଏ ରୂପର ପ୍ରଭାବ କି ଦୁର୍ଭାଗ୍ୟ ମୁଁ ଠିକ୍ କହିପାରୁ ନାହିଁ।



ବିଚିତ୍ରାନନ୍ଦ ମହାନ୍ତି

ଅତି ଛୋଟ ପିଲାଟିଏ ହୋଇଥାଏ। ଅଜ୍ଞାନ ଅବୋଧ ଶିଶୁ। ସବୁ ପିଲାଙ୍କ ପରି କେତେ ବଙ୍କା ତେଢ଼ା ଗାର କାଟି ଚାଲିଥାଏଁ – ଭବିଷ୍ୟତ୍‌ର ଜୀବନଗତି ନିର୍ଦ୍ଦେଶ କରି ମାନଚିତ୍ର ଆଙ୍କିଲା ପରି। ପିଲାଙ୍କର ସ୍ୱଭାବ ସେ। କିନ୍ତୁ ସେଇ ସହଜ କରଣୀ ଭିତରେ ସମଗ୍ର ଜୀବନର କି ସୋଜ୍ଜ୍ୱଳ ସଙ୍କେତ।

ମୋ ଜୀବନ ଉପରେ କଳା–ରୂପର ପ୍ରଭାବ ପଡ଼ିଛି କି ନାହିଁ କହିପାରିବି ନାହିଁ – କାରଣ କଳା ତ କଳ୍ପନା। ମାତ୍ର ଏକ ବାସ୍ତବ ସଜୀବ ସଚଳ ଅପରୂପର ପ୍ରଭାବ ଯେ ମୋର ସେଇ ଶୈଶବ କାଳରୁ ପ୍ରଭାବିତ କରିଆସିଛି, ଏ କଥା ଜିଇଁଥିଲାଯାଏ କେତେବେଳେ ଟାଳିପାରିବି ନାହିଁ।

ସେଦିନ ସ୍କୁଲରେ ସରସ୍ୱତୀ ପୂଜା। ମୂର୍ତ୍ତି ଗଢ଼ା ଚାଲିଥାଏ ସେଠି। ମନହେଲା ମୁଁ ବି ସେମିତି କରିବି – ମୂର୍ତ୍ତି ଗଢ଼ିବି। ଘରକୁ ଆସି ବନମାଟି ମେଞ୍ଚାଏ ଧରି ଗଢ଼ି ବସିଲି – ଏଣୁ ତେଣୁକି। ମୋ ବୋଉ ଦେଖିଲା। ଦେଖି ତା'ର କ'ଣ ମନକୁ ଆସିଲା କେଜାଣି ମାଟି ଟିକିଏ ନେଇ ଲମ୍ବାକରି ପ୍ରତିମାର ଗୋଲ ମୁହଁ ଉପରେ ଥୋଇଦେଲା, ନାକ ହେଇଗଲା। ଗୋଲ ଦୁଇଟି ଗୋଟିଲାରେ ହେଇଗଲା ଆଖି। କେଡ଼େ ସହଜ ସରଳ ଉପାୟରେ ଆଖି–କାନ-ନାକ-ଥିଲା। ମୁହଁ ପରି ମୁହଁଟିଏ ଗଢ଼ି ହେଇଗଲା ସତେ ! ବାକି ରହିଲା ରଙ୍ଗ। ରଙ୍ଗ କେଉଁଠୁ ଆସିବ ?

ରଙ୍ଗ ପାଇଁ ପଇସା ମାଗିଲେ ବାପା ଚିଡ଼ିବେ; ବୋଉ କହିଲା। ସାଙ୍ଗେ ସାଙ୍ଗେ ଚୂନ ହଳଦୀ ଖଇର ଆଣି ବୋଉ ତିଆରି କଲା ରଙ୍ଗ। ଚୂନ ହଳଦି ମିଶାଇ କଲା ନାଲି – crimission red – ଖଇର ଚୂନ ମିଶାଇ ଏକପ୍ରକାର ହଳଦିଆ yellow ocher ଆଦି ଚୂନରେ ଧଳା ତିଆରି କରି ସବା ଶେଷରେ ଖଇର କାଳୀକୁ ନେଇ ଆଖିରେ ଲଗାଇ ଦେଇ ଯେତେବେଳେ ଚକ୍ଷୁଦାନ କଲା – ମୁଁ ତ କାବା।

ଏ ସବୁ ସେ ଚାହୁଁ ଚାହୁଁ କରିଦେଲା। ସେଇଦିନ ଯେପରି ସେ ମୋ ଭବିଷ୍ୟତ୍ କଳାକାର ଜୀବନର ମୂଳଦୁଆ ପକାଇଲା ସେଠି। ବଡ଼ ହୋଇ ମୁଁ ତାକୁ ଭୁଲି ନାହିଁ।

ଆଜି କଲିକତା କଳା କଲେଜରୁ ପ୍ରଥମ ଶ୍ରେଣୀରେ ପାସ୍‌କରି ନିଜକୁ ବଡ଼ ବୋଲି ଭାବିପାରୁ ନାହିଁ – ଯେତେବେଳେ ସେଦିନର ଛବି ଆଖି ଆଗରେ ଜଳଜଳ ହୋଇ ଦିଶିଯାଉଛି। ମନେ ହେଉଛି – ଅନେକ ସମୟରେ ଭାବୁଛି, ମୋର ଏ ପାଞ୍ଚବର୍ଷର କଳା ସାଧନା କଳା ବିଦ୍ୟାଳୟରେ ପଣ୍ଡ–ଶ୍ରମ ହୋଇ ନାହିଁ ତ ? କସ୍ତୁରୀ ମୃଗ ଭଳି ମୁଁ ଆପଣା ନାଭିକମଳର ଗନ୍ଧ ନ ଚିହ୍ନି ପାଗଳ ହୋଇ ବନେ ବନେ ଘୂରି ନାହିଁ ତ ? ନିଜ ଦେଶର କଳା ବଇଭବ ମୋ ଘର

ଭିତରେ, ମୂରୁଖୀ ବୋଉ ପାଖରେ ଛାଡ଼ି ମୁଁ ଏତେଦିନ କେବଳ ଯାହା ଶିଖିଛି ତାର କ'ଣ କିଛି ମୂଲ୍ୟ ଅଛି ? ମୋ ବୋଉ ପରି କେତେ ଓଡ଼ିଆ ଘରର ଘରଣୀ କୋଣାର୍କ ଭୁବନେଶ୍ୱରର କାରିଗର ବାରଶହ ନୁହେଁ, ଶହଶହ ଧରମା ବିଶୁ ମହାରଣାଙ୍କୁ ସହଜ ସରଳ ଭାବରେ ବଢ଼ାଇ, ହାତରେ ନିହାଣ ଧରାଇ, ପଥରକୁ ନହୁଣି କରି ସ୍ନେହରେ, ମମତାରେ ପୁଟ ଚଢ଼ାଇ ଅକ୍ଷୟ କୀର୍ତ୍ତି ରଖି ଯାଇଛନ୍ତି। ସେଇତ ଏ ଜାତିର ସଭ୍ୟତା, ଇତିହାସ, ଧର୍ମ ଓ ଜ୍ଞାନର ତ ମାଦଳା ପାଞ୍ଜି। ଅଥଚ ସେଇ ଦେଶରେ ଜନ୍ମ ହୋଇ ଆମେ କଲିକତା, ଲକ୍ଷ୍ନୌ, ମାନ୍ଦ୍ରାଜ, ବମ୍ବେ ଆଦି ସ୍ଥାନକୁ ଯିବୁ କଳା ଅଧ୍ୟୟନ କରି। ଏ ଦେଶର କଳା ଆଜି ପୃଥିବୀର ଶ୍ରେଷ୍ଠ କଳା ସହିତ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହେଉଛି। ଅଥଚ ଏଇ ଦେଶରେ ଜନ୍ମ ହୋଇ ଆମେ କାହାକୁ କଳା ଶିଖାଇ ଜାଣୁ ନାହିଁ ; ଜାଣୁ ଅନ୍ୟଠାରୁ ଅକଳା ଶିକ୍ଷା କରିବାକୁ। କି ବିଚିତ୍ର !

ବେଳେବେଳେ ବିରେଁ ବୋଉକୁ ପଚାରିବି – ଏହାର କାରଣ କ'ଣ ? ଏ ଦେଶର ଧୂଳିକଣାରେ କଳାର ସହସ୍ର ବିକାଶ କିପରି ହୁଏ ? ଏ ଦେଶର ଲୋକେ ସ୍କୁଲ କଲେଜରେ ନ ପଢ଼ି ପୃଥିବୀ-ଶ୍ରେଷ୍ଠ କଳା ଗଢ଼ିଯାନ୍ତି କିପରି ? ପଚାରିପାରେ ନାହିଁ। ନିଜର ଅଭିମାନ, ଗର୍ବ ନିଜକୁ ସଙ୍କୁଚିତ କରିଦିଏ। ପଚାରିପାରେ ନାହିଁ, - ଏଇ ତୁଚ୍ଛ ଆଲୋକ ଅନ୍ଧାର ବିଚାର ଠାରୁ, ତହୁଁ ଉଚ୍ଚସ୍ତରର ଧ୍ୟାନଠାରୁ ଅଧିକ ଗମ୍ଭୀର, ମୌନ, ଶାନ୍ତ, ସୁନ୍ଦର, ଲାବଣ୍ୟମୟ, ହର୍ଷ, କ୍ରୋଧ, ଭୟ, ବିଷାଦର ଚିନ୍ତା ଏ ଦେଶର କଳାସୃଷ୍ଟିକୁ ଏଡ଼େ ସହଜରେ ଦେଲା କିଏ ?

କିନ୍ତୁ ସେଦିନ ଗଲା କୁଆଡ଼େ ? କି ଥିଲା ଏ ରାଜ୍ୟ କି ହୋଇଛି ଆଜ ?

ମା କୋଳକୁ ଅଲ୍ୟଳ ଶିଶୁପରି ଫେରିଯିବାକୁ ଇଚ୍ଛା ହୁଏ। ସେହି ସରଳ ସ୍ନେହମିଶା କଲ୍ୟାଣକର ରୂପର ପ୍ରଭାବ ମୋ ଜୀବନ ଉପରେ କେବେ ପଡ଼ିବ - ଏଇ ବିଦେଶୀୟ ବିରୂପ ପ୍ରଭାବରୂପୀ ନିଗଡ଼କୁ ଛିନ୍ନ କରି ? ମୁଁ ଚିତ୍କାର କରି ଡାକେଁ - ମାଲୋ - ତୋର ରୂପର ପ୍ରଭାବ ମୋ ଜୀବନ ଉପରେ ପୂର୍ଣ୍ଣ ପ୍ରକାଶ ପାଉ - ତୋର ସୁକୋମଳ କୋଳରେ ମୁଁ ତାର ଶେଷ ସ୍ୱର୍ଶ ଦିଏଁ।

ଆଜି ମୋ ସମାଜର ଆଖି ଫିଟୁ। ସେ ଦେଖୁ ତାର ଗନ୍ତାଘରେ କି ଅମୂଲ୍ୟ ରତ୍ନ ଥାଉଁ ଥାଉଁ ସେ ଆଜି ଭିକାରି।

କିନ୍ତୁ ଭରସା ହୁଏ ନାହିଁ। ଏ ବିରାଟ ଦେଶର ବିରାଟ କଳା ଆଉ କ'ଣ ନିଜ ରୂପ ଦେଖାଇପାରିବ ସତେ ? ଆଜି ଯେ ଆମ ଜୀବନର ରୂପ ବିକଳାଙ୍ଗ ହୋଇଛି। ଶୂନ୍ୟରୁ ପୂର୍ଣ୍ଣତା ଆଣିହେବ, କିନ୍ତୁ ଅଗଠଣକୁ ଗଠଣ କରିବା ସହଜ ନୁହେଁ। ଆଜି ଆମର କଳାମୟ ଜୀବନ ରାହୁଗ୍ରସ୍ତ। ମୁଁ ଆଜି ସେଇ ସରଳ କଳାର ସନ୍ଧାନରେ। ଆଜି ବିରୂପ ଭିତରେ ଜୀବନ ହଜିଛି – ଜୀବନ ଉପରେ ରୂପର ପ୍ରଭାବ କାହିଁ? ରୂପ ନୁହେଁ – ଅରୂପର ସନ୍ଧାନହିଁ ପ୍ରକୃତ କଳା। ଜୀବନ ଉପରେ ଅରୂପର ପ୍ରଭାବ – ତାକୁ କ'ଣ ବର୍ଣ୍ଣିହେବ ଭାଷାରେ ?



ଉଦୟନାଥ ରଥ

ଚଲୋ, ସାହେବକା ସାଥ୍ ଅବି ମୁଲାକାତ ନହିଁ ହୋଗା – ଏହି ଚମକପ୍ରଦ ଶବ୍ଦଟି ଯେତେବେଳେ ଶୁଣିବାକୁ ପାଇଲି, ସେତେବେଳେ ଦେହରୁ ଗୋଟାଏ ଶ୍ରମଝାଳ ବୋହିଗଲା – ମନର ସରସତା ଭାଙ୍ଗିଗଲା – ଲକ୍ଷ୍ୟ ଓ ସାଧନାର ଆଶା ନେଇ ମୁଁ ଯାହା ଆଗେଇବାକୁ ଚାଲିଥିଲି, ତାହା ସେହି କ୍ଷଣିକ ଭିତରେ କିପରି ସେ ମନ ଭିତରୁ ଉଭେଇଗଲା ଜାଣିହେଲା ନାହିଁ।

ଲୁହାର ଫାଟକ ପାଖରେ ଦରଓ୍ୱାନ। ସେ ତାର ଦରଓ୍ୱାନୀ ବେଶରେ କଳା ମଚ ମଚ ନିଶ ଦୁଇଟିକୁ ଛାଟି ଦେଇ ଯେତେବେଳେ ଗୋଲାମୀକୁ ବଜାୟ ରଖି ଫାଟକଟି ବନ୍ଦ କରି ବସିଲା, ସେତେବେଳେ ମନେପଡ଼ିଗଲା ତାର ସେହି ପୂର୍ବ କଥା, "ସାହେବ"। ଭୁଲ କଲି କି ? ନାହିଁ ତ ? ଠିକ୍ ଘରଆଡୁ ଟିପି ଆଣିଥିବା କାଗଜଟା ତ ହାତରେ ଅଛି – 28 Chalernghee Road, କଲିକତା – ଯାଦୁଘର ପଡ଼ିଶା, ଭୁଲ ରହିଲା କେଉଁଠି। ମାତ୍ର ସନ୍ଦେହ ରହିଲା, ଆର୍ଟ ସ୍କୁଲର ପ୍ରିନ୍ସପାଲଙ୍କ ସଙ୍ଗେ ଦେଖା କରିବାକୁ ଆସି, ସାହେବ ଶବ୍ଦ କ'ଣ ଶୁଣିବାକୁ ପାଇଲି।

ଆଜି ମୁଁ ନୂଆ। ଦେଖା ହେବାର ସୁଯୋଗ ନ ପାଇ ଦୀର୍ଘ ନିଃଶ୍ୱାସଟାଏ ମାରି ଫେରୁଥାଏଁ। କେତେ ଯେ କ'ଣ ରୁପେଲି ପରଦାର ଚଳଚ୍ଚିତ୍ର ପରି ଆଖି ଆଗରେ ଦେଖୁଥାଏଁ। କେତେ ଅବା କଳ୍ପନାର ଢେଉ ଏହି ମନ ଭିତରେ ଖେଳୁଥାଏ। ଚାହୁଁ ଚାହୁଁ ଆସି ଭେଟିଲି ଚୌରଙ୍ଗୀ ମୋଡ଼। ସେତେବେଳକୁ ଉଦୁଉଦିଆ ଖରାବେଳ। ଝାଞ୍ଜି ପବନର ମାଡ଼ ଖାଇ ଦେହ ଝାଉଁଳି ଗଲାଣି। ପିଚୁ ରାସ୍ତାର କୋମଳତା ଭିତରେ ଗୋଡ଼ସବୁ ଶିଝିଗଲାଣି। ମାତ୍ର ଚାଲିଥାଏ ସର୍ବହରାପରି ମୋର ସେହି ନିର୍ଦ୍ଦିଷ୍ଟ କୋଠରିକୁ। ଦିନ ଯିବ, ରାତି ଆସିବ; ରାତି ଯିବ ଦିନ ଆସିବ – ମୁଁ ଦେବି ପରୀକ୍ଷା। ମୋତେ ଗୋଟାଏ ଯୁଗ ପରି ଲାଗୁଥାଏ। ଏକାକୀ ମୁଁ ମୋ କୋଠରିଟିରେ ପଡ଼ିରହି କେତେ କ'ଣ ଭାବୁଥାଏ। କାହିଁକି ବା ପରୀକ୍ଷା ଦେବି। ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ – ପାଠ ପଢ଼ିବାକୁ ଅର୍ଥ ନାହିଁ – ଦେଶ, ସମାଜର ସହାନୁଭୂତି ନାହିଁ – ସେଥିରେ ପୁଣି ମୁଁ ଆର୍ଟ ଶିଖିବି। ନିଜକୁ କଳାକାର ମନେ କରି ଆନନ୍ଦ ପାଇବି। ହଉ, ଜାତିରେ ତ କୁଳୀନ ବ୍ରାହ୍ମଣ। ପଇତା ଦି'ଖିଅ ତ ବହୁ ଦିନରୁ ଜାତିର ପରିଚୟ ଦେଇ

ଆସୁଛି । ନ ହେଲାବେଳକୁ ଅମାର୍ ଠାକୁର (ପୂଜାରୀ) ରୂପେ ଦେଖା ଦେଇ ଦି'ପଇସା ବଳରେ ନିଶ୍ଚୟ ଜୀବନର ଲକ୍ଷ୍ୟ ସାଧନ କରିବି । ଘାତ ପ୍ରତିଘାତ ଭିତର ଦେଇ ଯେତେବେଳେ ସମସ୍ତଙ୍କ କଥା ଏଡ଼ି ଦେଇ ଆସିଛି, ସେତେବେଳେ କଳା ଜୀବନର ପ୍ରବେଶିକା ପରୀକ୍ଷାଟା ନ ଦେଇ ବା ଜୀବନର ଆଶାଟାକୁ ମରୀଚିକାରେ ପରିଣତ କରିବି କାହିଁକି ?

ରାତି ପାହିଲା । ପୁଣି ସେହି ଫାଟକ ମୋତେ ଡାକି ନେଲା ଜୀବନ ଉପରେ ରୂପର ପ୍ରଭାବ ପାଇଁ । ଗଲି – ମୋ ପରି କେତେ ଯେ ଭାବୀ କଳାକାର ସେହି ବହୁ ଦିନର ମୂକସାକ୍ଷୀ ପରି ଛିଡ଼ା ହୋଇଥିବା କଳା ମନ୍ଦିରର ଦ୍ୱାର ଦେଶରେ ଘୂରୁଥାନ୍ତି, ମୁଁ ବା କାହାକୁ ଚିହ୍ନିଛି । ସେହି ପୂର୍ବ ପରିଚିତ ଦରଓ୍ୱାନ ସଙ୍ଗେ ଦେଖାହେଲା । ପରୀକ୍ଷା ହଲରେ ପଶିଲି । ମୁଁ ଆଉ ଭାବିବାକୁ ଅବସର ପାଇଲି ନାହିଁ । ଗୋଟାଏ ପ୍ରତିମୂର୍ତ୍ତି ଜୀବନ୍ତ ଛବିପରି ସାମନାରେ ରଖା ହୋଇଥାଏ । ଆଙ୍କିବାର କେତେକ ସମୟ ପରେ ମୋ ଛବିଟିକୁ ସାହେବ (Principal) ଆସି କାଢ଼ି ନେଲେ – ଫେରିଲି ମୁଁ ଆଶ୍ଚର୍ଯ୍ୟ ମନରେ ଆଶାର ସଞ୍ଚାର ନେଇ ।

ବୋର୍ଡ଼ ଦେହରେ ଝୁଲୁଥିବା କାଗଜଟିରେ ଜଳଜଳ ହୋଇ ନାଆଁଟି ବାହାରି ପଡ଼ିଛି । ସାହେବଙ୍କ ସଙ୍ଗେ ଦେଖାକରି ଏଣିକି ଯିବାର କଥା । ଅପେକ୍ଷାରେ ରହିଲି । କିଛିକ୍ଷଣ ପରେ ସ୍ୱତଃ ଡକରା ଆସିଲା । ଏହି ସୁଯୋଗରେ କଥାଭାଷା ହୋଇ ଧୀରସ୍ଥିର ଭାବେ କହି ବସିଲି, “Sir, I am too poor and have come from Puri to continue my study here. May I get chance to stay with you as a boy to make my desire fulfilled ?”

ସଙ୍ଗେ ସଙ୍ଗେ ଉତ୍ତର ପାଇଲି, “ନା ନା, ତା ହବେନା –ଟାକା ଚାଇ । ତା ନ ହେଲେ ଆର୍ଟ ଶିକ୍ଷା ହଏନା ।” ଏହା କହି ସେ ତାଙ୍କର ଅଭ୍ୟସ୍ତ କୋଠରିକୁ ଚାଲିଗଲେ ।

ପଡ଼ିଲା ଭାଳେଣି – 'ଟାକା ଚାଇ' । ନାଁ ଲେଖାତ ହେଲାପରି ଦିଶୁ ନାହିଁ । ଘରୁ ଆସିବ ନା – ନାଁ ଲେଖା ହେବ । କିଏ ବା ହେବ ଗାର୍ଡିଏନ । କିଏ ବା ଦବ ଟଙ୍କା । କାହାକୁ ବା ଭରସା କରି ଭବିଷ୍ୟତ୍‌ରେ ଅନ୍ଧକାର ଭିତରେ ଆଶାବାନ୍ଧି ଚାଲିବି । ଏହି କଥା ଭାବି ଭାବି ଗଲାବେଳେ କଲିକତା ହିଁ ଛବିରେ ତରାପରି ଦିଶୁଥାଏ । ମାତ୍ର ମୋ ଭାଗ୍ୟରେ ତା ନାହିଁ । ସେହି କିରାଣି ହୋଇ ଗୋପାଳ ମିଶ୍ର, ପି: ଗୋବିନ୍ଦ ମିଶ୍ର, ଜା: ବ୍ରାହ୍ମଣ ହୋଇ ଦିନ ଯିବା ଲକ୍ଷ୍ୟରେ ବା ସ୍ଥାନ କାହିଁ ?

ରାମକୃଷ୍ଣ ବୋଷ୍ ମ୍ୟାନେଜର, ଯେ କି ସେହି କୋଠରି ତତ୍ତ୍ୱାବଧାନରେ ଥାନ୍ତି ସେ ମୋ ଆପଣାର ପରି ସବୁକଥା ଶୁଣି ନାମ ଲେଖା ଓ ଗାର୍ଡିଏନ ହେବାର ଦାୟିତ୍ୱ ନେଲେ । ମାତ୍ର ମୁଁ ମୋ ମନ କଥା ମନରେ ମାରି ଅର୍ଥକଥା ଭାବୁଥାଏ ।

ଗଙ୍ଗାକୂଳ । ସଞ୍ଜସଞ୍ଜିଆ ପବନ ଦେହରେ ଟିକିଏ ଟିକିଏ ବାଜୁଥାଏ । ସେତିକିବେଳେ ହସି ହସି ରାମବାବୁ କହି ବସିଲେ, “ଶିଳ୍ପୀ ଜୀବନହିଁ ବାସ୍ତବିକ୍ ସୁଖକର । ଶିଳ୍ପୀ ନ ହେଲେ

ବି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରି ଦେଶ ବିଦେଶର ମାନବ ସମାଜରେ କିଏ ତାର ରୂପ ଦେଇପାରନ୍ତା। ତୁମର ଏ ଭାବ ଆସିଲା କିପରି ? ଜନ୍ମଗତ କି ବଂଶଗତ ପ୍ରଭାବ ନ ଥିଲେ ତ କଳାର ବିକାଶ ହୁଏନା।"

ସେତେବେଳକୁ ମୁଁ ହରିଣୀ ଶିଶୁପରି କରୁଣ ଚାହାଣିରେ ଚାହିଁରହି କହିଲି, "ଠିକ୍ କହିଛନ୍ତି। ତାହା ଏକ ଇତିହାସ କହିଲେ ଚଳେ। ଯେତେବେଳେ ମୁଁ ଛୋଟ ଥିଲି, ଜାଣେନା କିପରି ମୋ ଜୀବନ ଉପରେ ରୂପର ପ୍ରଭାବ ପଡ଼ିଲା ! ତେବେ ଏତିକି ମୋ ମନେଅଛି, ସେତେବେଳେ ମୁଁ ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ କରୁଥିଲି, ସେତେବେଳେ ମୁଁ ମୋ ନାମଟିକୁ ସୁନ୍ଦର ନକ୍ସା ଦ୍ୱାରା ସଜାଇ ସ୍କୁଲର ପରିଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ଗୋଟିଏ ଅଧିକା କ୍ଲାସକୁ ଉତ୍ତୀର୍ଣ୍ଣ ହୋଇଥିଲି। ବୟସର କାଳକ୍ରମେ ଏହି ସୌନ୍ଦର୍ଯ୍ୟର ପ୍ରଭାବହିଁ ମନ ଭିତରେ ଖେଳିବାକୁ ଲାଗିଲା। ଆଙ୍କି ବସିଲି କେତେ ରଙ୍ଗରଙ୍ଗିଆ ଛବି। ଦି'ପଇସା ପିଲାଙ୍କଠୁ ମିଳିଲା। କିଣିଲି ଗୋଟିଏ ରଙ୍ଗ। ମେଜିକ୍ ଲଣ୍ଠନ – ସେଥିରେ ମୋ ହସ୍ତାଙ୍କିତ ଛବିଗୁଡ଼ିକ ଦେଖାଇ ରଙ୍ଗତୂଳିର ପନ୍ଥା ବେଶ୍ କରି ନେଇଥାଏ।

ମଝିରେ ମଝିରେ ଆଙ୍କୁଥାଏ ଘଡ଼ି ପଥୁଲି ଉପରେ, ଗଢ଼ା ମାଠିଆରେ, କାଚ, କାଠ ଉପରେ ସୁନ୍ଦର ନକ୍ସା। କ୍ରମଶଃ କାନ୍ଥରେ ବାଡ଼ରେ ଏପରିକି ପଢ଼ା ବହିରେ ମଧ୍ୟ ସଦାସର୍ବଦା ଆଙ୍କିବାକୁ ଧ୍ୟାନ ରହିଲା। ମାତ୍ର କଳାର ମୂଲ୍ୟ କ'ଣ କିଛି ମୋ କୋମଳ ମନକୁ ସ୍ପର୍ଶ କରି ନ ଥାଏ। ଆଙ୍କିବାର କଥା, ଆଙ୍କୁଥାଏ। ଦିନକୁ ଦିନ ଆଗ୍ରହ ବଢ଼ି ଛବି ସଂଗ୍ରହରେ ମନ ଲାଗିଲା। କେତେ ରକମର ଛବି ସଂଗ୍ରହ କରି ଦେଖୁଥାଏ କେହି କାହା ପରି ନୁହନ୍ତି। ଅଥଚ ପ୍ରକୃତିର ସେହି ପଶୁପକ୍ଷୀ, ବନଲତା, ନରନାରୀ, ଗଛ ପାହାଡ଼ରେହିଁ ଛବିର ସୃଷ୍ଟି। ସେଥିରେ ଯେ କି ବିଚିତ୍ରତା ଥାଏ ତାହା କେବଳ ସେହି କଳାକାର ଜାଣେ ସିନା, ମାତ୍ର ମୋ ମନରେ ଆନନ୍ଦ ଦେଉଥାଏ – ଚଷୀ ମୂଲିଆର ଦୁଃଖଦାରିଦ୍ର୍ୟ, ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଥିବା ପୁରପଲ୍ଲୀର ଦୃଶ୍ୟ, ନର ନାରୀଙ୍କର ଦୁଃଖ ବିଷାଦର କରୁଣ ଛାୟା।

୧୯୩୦ ମସିହା। ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ଆଖି ଟିକିଏ ଫିଟିଗଲା। ସ୍କୁଲରେ ବିଭିନ୍ନ ଡ୍ରଇଁ ଆଙ୍କିବା, କ୍ଲାସ ରୁମ୍ ଓ ହଲ୍ ସଜାଇବାର ସୁବିଧା ପାଇଗଲି। ସେତେବେଳେ ଜଣେ ଡ୍ରଇଁ ଶିକ୍ଷକ ଅବସର ପ୍ରାପ୍ତିର ଦ୍ୱାରଦେଶରେ ଥାନ୍ତି। ସେ ମୋ ଚିତ୍ରାଙ୍କନରେ ଖୁସି ହୋଇ ସବୁ କ୍ଲାସର ଡ୍ରଇଁ ଅଙ୍କା ଭାର ମୋ ଉପରେ ଦେଇଥାନ୍ତି।

ସନ୍ଧ୍ୟା ସମୟ। ମୁଁ ମୋର ବାରଣ୍ଡାଟିରେ ବସି ଛବି ଆଙ୍କିବାରେ ବ୍ୟସ୍ତ। ଶୁଣିଲି, ଓଡ଼ିଶାର ଶ୍ରେଷ୍ଠ ଶିଳ୍ପୀ ବିଦ୍ୟାଧର ବର୍ମା ଆସିଛନ୍ତି। ମନ ଆଉ ଥୟ ଧରିଲା ନାହିଁ। ସାକ୍ଷାତ୍‌ରେ ଦେଖେ ତ ଶିଳ୍ପୀ ତାଙ୍କର ଚାରୁକଳାର ପରାକାଷ୍ଠା ଗୋଟିଏ ସଙ୍ଗୀତ ବୈଠକୀର ପେନ୍‌ସିଲ ସ୍କେଚ୍ (sketch) ଦ୍ୱାରା ଦେଖାଇବାରେ ବ୍ୟସ୍ତ। କଥାବାର୍ତ୍ତାର ସୁଯୋଗ ପାଇଲି ନାହଁ। ମାତ୍ର ମନ

ରହୁ ନ ଥାଏ। କହି ପକାଇଲି, "ସାର, ଏତେ ତରତରରେ କ'ଣ ଆଙ୍କି ପକାଉଛନ୍ତି - ଚେହରାତ ମିଳୁ ନାହିଁ? ସେ ଟିକିଏ ଚାହିଁ ଦେଇ ତାଙ୍କ କାମରେ ଲାଗି ପଡ଼ିଲେ। ନୀରବ ରହିଲି। ଦେଖିଲି, ଚେହେରା ନ ହେଲେ ହେଁ ଅବିକଳ ଲୋକଗୁଡ଼ିଏ ବସି ଗାନ ବାଜଣାରେ ରତ ଥିଲା ପରି ଜଣା ଯାଉଛନ୍ତି। ଆନନ୍ଦରେ ଥରେ କ'ଣ, ଶତବାର ଦେଖିବାକୁ ମନ ବଳିଲା। ଶେଷରେ ପରିଚୟ ହେଲା। ଖୁସି ହୋଇ କହିଲେ, "ବଡ଼ ହେଲେ ଆପେ ଆପେ ବୁଝିପାରିବ – ଆଙ୍କିବାକୁ ଚେଷ୍ଟା କର।"

ସେହି ଦିନଠୁ ଆଙ୍କିବାର ପ୍ରବୃତ୍ତି ବଢ଼ିବାକୁ ଲାଗିଲା। ସୁଯୋଗ ମଧ୍ୟ ପାଇଲି ମୋର ଶ୍ରଦ୍ଧେୟ ଗୁରୁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କଠାରୁ। ତାଙ୍କ ହସ୍ତାଙ୍କିତ ଛବି ଓ ପ୍ରେରଣା ମୋର ଶିଳ୍ପୀ ଜୀବନର ଆଶା ବଢ଼େଇ ଦେଲା। କ୍ରମେ ସ୍କୁଲ ମେଗାଜିନ୍‌ରେ ଛବି ବାହାରିଲା। ଶିକ୍ଷା ବିଭାଗର Inspector, S. Roy ବଡ଼ ଖୁସି ହୋଇ ଏକଲୟରେ ମୋ ହସ୍ତାଙ୍କିତ ଛବିଗୁଡ଼ିକ ଦେଖି ଆର୍ଟ ପଢ଼ିବାକୁ ଉତ୍ସାହିତ କଲେ। କ୍ରମଶଃ ମୋ ଛବି ଅଙ୍କାଟାର ପ୍ରଶଂସା ଲୋକ ମୁହଁରୁ ମଧ୍ୟ ଶୁଣିବାକୁ ପାଇଲି।

ନିର୍ଜନ ରାତି। ଚାରିଆଡ଼େ ନିସ୍ତବ୍ଧ। ମୁଁ ମୋର ଶେଯରୁ ଉଠି ଆଙ୍କୁଥାଏ ଛବି। କେତେବେଳେ ଯେ ରାତି ପାହିଯାଏ, ଜାଣି ହୁଏ ନାହିଁ। ସେଥିରେ ମୋ ମନ ମାନିଲା ନାହିଁ। ସ୍କୁଲ ଜୀବନ ପରେ କିପରି ମୁଁ ଶିଳ୍ପୀ ହୋଇ ଅବାଧରେ ଆଙ୍କି ବସିବି ଛବି। ଏହାହିଁ ରହିଲା ମନର କଳ୍ପନା।

ଦିନ ଆସିଲା – ଦୀର୍ଘ ଛଅବର୍ଷ ବିତିବ। ସେଥିକି ଚାହିଁ ଅର୍ଥ। କିଏ ବା କାହିଁକି ମୋ ମନ ଜାଣି ଅର୍ଥର ସାହାଯ୍ୟ ଦେବ। ପିତାଙ୍କଠୁଁ ବା କି ଆଶା କରିବି। ସେ ଯେ ସ୍ୱଳ୍ପ-ବେତନଭୋଗୀ ଜଣେ କର୍ମଚାରୀ। ଏହି କଥା ହିଁ ମନରେ ନାଚୁଥାଏ।

ଆଉ ରହି ହେଲା ନାହିଁ। ମୋର ଜଣାଶୁଣା ଶିଳ୍ପୀବନ୍ଧୁ ଶ୍ରୀ ଦୁର୍ଗାପ୍ରସାଦଙ୍କଠୁଁ ଯେତେବେଳେ ଜାଣିପାରିଲି ଜୁଲାଇରେ ନାମ ଲେଖା, ଲାଗିପଡ଼ିଲି ଅର୍ଥର ଅନୁସନ୍ଧାନରେ। ମୋର ପ୍ରଗାଢ଼ ଚେଷ୍ଟା ଦେଖି ପିତା ଆଉ ରହିପାରିଲେ ନାହିଁ। ବଳ ଦେଲେ, ସାହସ ଦେଲେ – ଅର୍ଥାଗମର ସୂଚନା ମଧ୍ୟ ଦେଇଥିଲେ।

ଭେଟିଲି ମୁଁ ଭେଟି ନେଇ ମଠାଧୀଶ୍ୱର ଶ୍ରୀ ଗଦାଧର ରାମାନୁଜ ଦାସଙ୍କୁ ତାଙ୍କ ବୈଠକଖାନାରେ। ପରିଚୟ ହେଲା। ଉନ୍ମୀଳିତ ନୟନରେ ଛବିଗୁଡ଼ିକୁ ଚାହିଁରହି ଯେତେବେଳେ ସେ ଭବିଷ୍ୟତ୍ ଜୀବନ ଉଜ୍ଜ୍ୱଳମୟ ହେଉ କହି ବସିଲେ, ସେତେବେଳେ ମୁଁ ଛଳଛଳ ଆଖିରେ ଅର୍ଥ ସାହାଯ୍ୟର ପ୍ରାର୍ଥୀ ହୋଇପଡ଼ିଲି। କିଛିକ୍ଷଣ ନୀରବ ରହିଲେ। 'ବର୍ତ୍ତମାନ ସୁବିଧା ନାହିଁ' କହି ଚାଲିଲେ ସେ ତାଙ୍କର ନିଦ୍ରାଦେବୀଙ୍କ ଆଶ୍ରୟସ୍ଥଳକୁ।

ମନେ ମନେ କେତେ କ'ଣ ଚିନ୍ତାକରି ଫେରିଲି ମୁଁ ପୁଣି ଆଶା ବାନ୍ଧି ଜଣେ ଓକିଲଙ୍କ କୋଠିଆଡ଼କୁ। ସେଠାରୁ ମଧ୍ୟ ସେହି କଥା ଶୁଣିଲି । ମାତ୍ର ଘନ ଘନ ଚାଲିଥାଏ ଚେଷ୍ଟାରୁ ବିରତ ନ ହୋଇ। କିନ୍ତୁ ଶୁଣିବାକୁ ପାଇଲି ସୁନାମଧେୟ ଓକିଲଙ୍କଠୁଁ, "କଳାକାରଙ୍କୁ ସାହାଯ୍ୟ ଦେବାରେ ଦେଶର କି ସ୍ୱାର୍ଥ ରହିଛି ?" "ବିଏ., ଏମ୍.ଏ., କି ଅନ୍ୟ ଶିକ୍ଷାର ସାହାଯ୍ୟପ୍ରାର୍ଥୀ ହୋଇଥିଲେ କିଛି ଅବା ହୋଇଥାନ୍ତା।" ଏହି ପଦକେ ବଡ଼ଲୋକଙ୍କୁ ଉତ୍ତର ନାହିଁ କି ସ୍ୱର୍ଗକୁ ନିଶୁଣି ନାହିଁ ଭାବି ନୀରବ ରହିଲି। ମାତ୍ର କଳାର ଆଘାତରେ ମନ ଆଉ ରାଜି ହେଲା ନାହିଁ । ପଦେଅଧେ କହିବସିଲି, "ସାର, ଦେଶ ଆଜି ଏହି ଓକିଲ, ବି.ଏ., ଏମ୍.ଏ.ଙ୍କୁ ନେଇ, ଆପଣଙ୍କ କଳ୍ପିତ ଭାବନାର ବଶବର୍ତ୍ତୀ ନୁହେଁ କି ଦେଶ ବିଦେଶରେ ଆଜି ଏମାନଙ୍କୁ ନେଇ ନିଜର ଗୌରବ ଏପରିକି ପରିଚୟ ମଧ୍ୟ ପାଇ ନାହିଁ । ଯଦି ପାଇଥାଏ, ତାହାହେଲେ ସେହି ଶତ ଶତ ମାତୃଭୂମିର ମୃତ କଳାକାରଙ୍କୁ ନେଇ - ଯାହାର ପରିଚୟ ଆଜି ମୂକସାକ୍ଷୀ ପରି ଛିଡ଼ାହୋଇ ଦେଉଛି - କୋଣାର୍କ, ରାଜାରାଣୀ, ପୁରୀ ଓ ଭୁବନେଶ୍ୱର ମନ୍ଦିରର ଚାରୁକଳା।" ଶେଷରେ ନମସ୍କାର କହି ବିଦାୟ ନେଇ ଆସିଲି।

ଚାହୁଁ ଚାହୁଁ ଦିନ ଆସି ଅତିକ୍ରମ ହେବା ଉପରେ ବସିଲାଣି। କେଉଁଠାରୁ କିଛି ହେଲେ ସାହାଯ୍ୟର ପନ୍ଥା ଜୁଟୁ ନ ଥାଏ। ଅଗତ୍ୟା ସେହି ଏମାର ମଠର ଗୋଟିଏ କୋଠି ଥିବା କଥା କଲିକତାରେ ଶୁଣି ପୁନରାୟ ମହନ୍ତଙ୍କୁ ଅଳି କରିବାକୁ ଗଲି। ବହୁ କଷ୍ଟରେ ଦୁଇ ସପ୍ତାହର ଅନୁମତିପତ୍ର ଧରି ଫେରିଲି ମୁଁ ଅଭିଯାନର ପରିକଳ୍ପନାରେ।

ଆଜି ବିଦାୟର ପହିଲି ରାତି। ବାପ ମାଙ୍କର ସ୍ନେହ ଡୋରିକି ଏଡ଼ିଦେଇ ଛୁଟିଥାଏ ପୁରୀ ଏକ୍ସପ୍ରେସ୍‌ର ଥାର୍ଡ଼ କ୍ଲାସ ଡବାରେ ମୁଁ ମୋର କେତେ ଖଣ୍ଡି ଚିତ୍ରର ନମୁନା ଧରି। ଆଖିକି ନିଦ ନ ଥାଏ। ନାନା ଆଉ ନାନା କଥା ମନ ଭିତରେ ଖେଳୁଥାଏ। ରାତି ପାହିଲେ ହାବଡ଼ା ଷ୍ଟେସନ। କାହା ସଙ୍ଗେ କିପରି ବା ସେହି ବିରାଟ ନଗରୀର ସମ୍ମୁଖୀନ ହେବି। ଏହି କଥା ଚିନ୍ତା କରିବାରେ ଲାଗିଛି – ଫସର ଫାଟିଲା – ବଙ୍ଗଳାର ଜନରବ ଚାରିଆଡ଼େ ଶୁଣାଗଲା – ବାହାରକୁ ଚାହିଁଦିଏତ ହାବଡ଼ା ଷ୍ଟେସନ। କେତେଆଉ କେତେ ଗାଡ଼ି ଅବିଶ୍ରାନ୍ତ ଭାବରେ ଚାଲିଛନ୍ତି। ସେଥିରେ କୋଳାହଳ ଚାଲିଛି, କୁଲି–କୁଲି–କୁଲି। ସେହି ଜନଗହଳି ଭିତର ଦେଇ ଚାଲିଥାଏ ଗୋଟାଏ ଦୀର୍ଘନିଃଶ୍ୱାସ ମାରି।

x x x x x

ରାମବାବୁ ବିଚରା ମୋ ଦୁଃଖରେ ଦୁଃଖିତ ହୋଇ ନାମ ଲେଖାରେ ସାହାଯ୍ୟ କଲେ। ଆଜି ମୋର ସେ ଗାର୍ଡିଏନ। ଏହି କ୍ଷୀଣ ଆଶା ନେଇ ମୁଁ ମୋର କର୍ତ୍ତବ୍ୟ ପଥରେ ଲାଗିପଡ଼ିଥାଏ। ଦିନ ଆସିଲା– ଛାତ୍ର ମହଲରେ ନାମ ଅର୍ଜି ବିନା ବେତନରେ ପଢ଼ିବାର ସୁଯୋଗ ପାଇଲି। ପିତାଙ୍କର ଅକ୍ଲାନ୍ତ ଚେଷ୍ଟାରେ ଜିଲ୍ଲା ବୋର୍ଡ଼ରୁ ଓ ଜଣେ ଆତ୍ମୀୟ ଭାଇଙ୍କର ଆଂଶିକ

ସାହାଯ୍ୟରେ ସ୍କୁଲ ଜୀବନଟି ନାନା ବାଧାବିଘ୍ନ ଭିତରେ ଅତିବାହିତ ହେଲା। ବହୁକଥା ଶିଖିବାରେ ଲାଗିଲି। ସେ ପୁଣି ସୂକ୍ଷ୍ମକଳା- ଚିତ୍ରାଙ୍କନ ଓ ସୂଚୀଶିଳ୍ପର ଅଙ୍ଗ ହେଲେହେଁ, ବସ୍ତୁ ଶିଳ୍ପ ଓ ସ୍ଥାପତ୍ୟ ଶିଳ୍ପର ବହୁ ଦୂରରେ। ତାର ସୌନ୍ଦର୍ଯ୍ୟର ସୀମା ନ ଥାଏ। କେତେବେଳେ କେଉଁ ଭଙ୍ଗୀରେ, କେଉଁ ଭାବରେ, କେଉଁ ଛନ୍ଦରେ, କେଉଁ ରେଖାରେ, କେଉଁ ଲାଳିତ୍ୟ। ଢଙ୍ଗ ବିନ୍ୟାସରେ ତୂଳିଦ୍ୱାରା ପ୍ରସ୍ଫୁଟିତ ହୋଇ ଶିଳ୍ପୀର ମନ ମୁଗ୍ଧ କରାଏ ତା'ର ଇୟତ୍ତା ନାହିଁ।

ମାତ୍ର ଏହି ରୂପର ପ୍ରଭାବ ସଙ୍ଗେ ସଙ୍ଗେ ଅର୍ଥର ପ୍ରଭାବ ଲୁଚିରହି କାଳସର୍ପପରି ଜୀବନର ପଛେ ପଛେ ଲାଗି ରହିଥାଏ। ଆଉ ସେ କଳ୍ପନା ଓ ବାସନାର ପୂର୍ଣ୍ଣ ଆଶା ଭରସା ରହିଲା ନାହିଁ। ଏକ ଦିଗରେ ଅର୍ଥ ଅନ୍ୟ ଦିଗରେ ଜୀବନ ଉପରେ ରୂପର ପ୍ରଭାବ। ଉଭୟର ସନ୍ଧିସ୍ଥଳରେ ଚାଲିଥାଏ ସବୁ କିଛି ପଦଦଳିତ କରି। ସେ ମୋର କଥାର ମର୍ମ ବୁଝିଲେ। ମୁଁ ତହିଁ ଆରଦିନୁ ପଢ଼ାଇବାକୁ ଆରମ୍ଭ କଲି। ଏଣେ ୨/୩ ଦିନ ମଧ୍ୟରେ ମିଶନ ସ୍କୁଲରେ ୨୫ଟଙ୍କାରେ ଚାକିରି ମିଳିଲା। ମୁଁ କ୍ଷୀରୋଦ ବାବୁଙ୍କୁ କହିଲି, 'ଏଥରକ ଆପଣଙ୍କ ଘର ଚାକିରି ଛାଡ଼ିବି। କାରଣ ୨୫ଟଙ୍କାର ଗୋଟିଏ ଚାକିରି ମିଳିଛି ମୋତେ।' ସେ କହିଲେ '୧୦ଟଙ୍କା ଦେବି।' ୨/୩ଦିନ ପରେ ମୋତେ ଗୋଟିଏ ଟ୍ୟୁସନ ମିଳିଲା ମାସକୁ ୧୫ଟଙ୍କା। ପୁଣି କ୍ଷୀରୋଦବାବୁଙ୍କୁ କହିଲି 'ଚାକିରି ଛାଡ଼ି ଦେବି।' ସେ କହିଲେ '୧୨ଟଙ୍କା ଦେବି।' ପୁଣି ଦୁଇଦିନ ପରେ ଆଉ ଗୋଟିଏ ୧୫ଟଙ୍କିଆ ଟ୍ୟୁସନ୍ ମିଳିବ। ପୁଣି କ୍ଷୀରୋଦବାବୁଙ୍କୁ କହିଲି, 'ଚାକିରି ଛାଡ଼ିବି'। ସେ କହିଲେ, '୧୫ଟଙ୍କା ଦେବି।' ଏହି ୧୫ଟଙ୍କାରେ ୩/୪ମାସ କ୍ଷୀରୋଦବାବୁଙ୍କ ଘରେ ଚାକିରି କଲି। ତାପରେ ମୋତେ ୨୦ଟଙ୍କାରେ ଟ୍ୟୁସନ ମିଳିଲା। ପୁଣି କହିଲି, 'ଚାକିରି ଛାଡ଼ିବି ଆପଣଙ୍କ ଘରୁ।' ସେ କହିଲେ '୨୦ଟଙ୍କା ଦେବି।' ତାର କିଛିଦିନ ପରେ ୩୦ଟଙ୍କାରେ ଟ୍ୟୁସନ ମିଳିଲା। ପୁଣି କହିଲି ଛାଡ଼ିବି, କ୍ଷୀରୋଦବାବୁ କହିଲେ, ଆର ଦିତେ ପାରବ ନା, ତୁମି ଭାଲ ପଢ଼ାଛିରେ। ଆର୍ ଏକ୍‌ଟି ଭାଲ ମାଷ୍ଟର ଆମାୟେ ଦାଓ।

ଏହା ପରେ ପରେ ମୋତେ ଅନେକ ଟ୍ୟୁସନ୍ ମିଳିଲା। ମୁଁ ମାସକୁ ଟ୍ୟୁସନରୁ ୧୫୦ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିଲି। ଏଆଡ଼େ ଏତେ ଟ୍ୟୁସନ ସେଆଡ଼େ ପିଲାଙ୍କ ସାଙ୍ଗେ ଛୋଟଠାରୁ ବଡ଼ ପେଣ୍ଡୁ ଗଡ଼ାଇବା, ପୁଣି ତାରି ଭିତରେ ବିଦ୍ୟାରତ୍ନ, ତତ୍ତ୍ୱନିଧି, ବି.ଏ. କାବ୍ୟ ଦ୍ୱିତୀୟ ଇତ୍ୟାଦି ପାସ କରିବା ବସ୍ତୁତଃ କଟକ ମିଶନ ସ୍କୁଲରେ ୪ବର୍ଷ ମୋ ଜୀବନରେ କାର୍ଯ୍ୟର ଗୋଟିଏ ଝଡ଼ ଝଞ୍ଜା ହୋଇଥିଲା, ତାହା ଆଜି ପର୍ଯ୍ୟନ୍ତ ଭୁଲି ନାହିଁ।



ଜଗନ୍ନାଥ ଦାସ

**ବୋ**ଉ କାନ୍ଥରେ ଚିତ୍ର କରେ, ମୁଁ ବସି ବସି ପିଲାଦିନେ ଦେଖେ। ତା'ର ଚିତ୍ର କରିବା ଢଂଗ ସ୍ୱତନ୍ତ୍ର। ଟକଟକିଆ ହେଙ୍ଗୁଳ ନୀଳ, ହରତାଳ ରଙ୍ଗରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି କାନ୍ଥରେ ଆଙ୍କି ପୂଜା କରେ। ମୁଁ ଶୁଣିଛି ପିଲାଦିନେ କୌଣସି କଥାରେ ଅଝଟ ହେଲେ ଏଇ ରଙ୍ଗବେରଙ୍ଗ ଜଗନ୍ନାଥ ମୂର୍ତ୍ତି ଦେଖି ମୁଁ ସବୁ ଭୁଲିଯାଏ। ସେଇଦିନୁ ଚିତ୍ର ପ୍ରତି ମୋର ଆଗ୍ରହ ବେଶି।

ବୁଢ଼ୀମା ସଙ୍ଗେ ଠାକୁରଘରକୁ ଗଲେ ଦେଖେ ସେଇ ପ୍ରକାଣ୍ଡ ଜଗନ୍ନାଥ ମୂର୍ତ୍ତି; ଗଣେଶଙ୍କର ଅଦ୍ଭୁତ ରୂପ ଓ ମୂଷା ବାହନ। ଲକ୍ଷ୍ମୀଙ୍କର ପେଚା, ସରସ୍ୱତୀଙ୍କର ହଂସ ବାହନ ଓ ନାରଦଙ୍କର ଢିଙ୍କି ବାହନ ଦେଖି ମୋ ମନରେ ଭାରୀ କୌତୁକ ସୃଷ୍ଟି ହୁଏ। ପିଲାଟି ଦିନରୁ ଏମାନଙ୍କ ସଙ୍ଗେ ପରିଚିତ ହୋଇ ମୋର ମନରେ ଏ ବିଚିତ୍ର ରୂପର ପ୍ରଭାବ ପିଲାଟି ଦିନରୁ ପଡ଼ିଲା।

ସଞ୍ଜବେଳେ ବୁଢ଼ୀମାଠାରୁ ମଣ୍ଡାପିଠା ଗଛ ଗପ ଓ ରାକ୍ଷସୀର ବର୍ଣ୍ଣନା ଶୁଣି ମନରେ କୌତୁକ ସୃଷ୍ଟି କରୁଥିଲା ଯେପରି, ସେଇ କଥା କଳ୍ପନା କରି ମନଟା ଖୁସି ହେଉଥିଲା ସେହିପରି- ମନ ଯେତେବେଳେ ଆନନ୍ଦରେ ନାଚିଉଠେ ମୁଁ ମାଟିରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି କରି ବୋଉଠାରୁ ରଙ୍ଗ ଆଣି ଚିତ୍ରବିଚିତ୍ର କରେ।

ପିଲାଦିନରୁ ଆଜିଯାଏ ମୋ ମନରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କର ଆକାର ପ୍ରକାର ସମ୍ବନ୍ଧରେ ଭାରି କୌତୁକ ସୃଷ୍ଟି କରେ- ପିଲାଦିନୁ ମୋର ଚିତ୍ର ପ୍ରତି ଶ୍ରଦ୍ଧା ରହିଆସିଛି। ଖାସ୍ କରି ରଙ୍ଗର ପ୍ରାଚୁର୍ଯ୍ୟ ମୋ ହୃଦୟକୁ ଚମତ୍କୃତ କରି ଛବି ଆଙ୍କିବାକୁ ସାହସ ପିଲାଦିନରୁ ଦେଇଛି।

ବୟସ ବଡ଼ ହେବା ସଙ୍ଗେ ଗାଁର ବିଭିନ୍ନ ପ୍ରକାର ଚିତା, ଚନ୍ଦନପେଡ଼ି କମ, ଲୁଗାକୁ, ଭାରହାଣ୍ଡି ଚିତା ପ୍ରଭୃତି ଦେଖି ଅଧିକ ଚମତ୍କୃତ ହେଲି। କଳାହାଣ୍ଡି ଉପରେ ଧଳାଗାର ମତେ ରୁପା ପାତିଆ ପରି ଜକ ଜକ ଦେଖାଯାଉଥାଏ- ଭାରହାଣ୍ଡିର ଫୁଲ କମଦମ ପ୍ରତି ମୋର ମନରେ ଅସୀମ ସୌନ୍ଦର୍ଯ୍ୟ ରେଖାପାତ କରେ।

ଦାରିଦ୍ର୍ୟ ଯୋଗୁଁ ପିଲାଟିଦିନରୁ ପୋଥିରେ ମୋର ଡୋର ବନ୍ଧା ହେଲା- ବାପା ମୋର ଭବିଷ୍ୟତ୍ ଅନ୍ଧକାର ଦେଖି ହତାଶ ହେଲେ- ଚିତ୍ରକାମ ପ୍ରତି ମୋର ଯେ କେତେ ଆଗ୍ରହ ସେ ବୁଝି ଶୁଝି ଓଡ଼ିଶାରେ ଚିତ୍ର କରି ଭୋକରେ ସାରା ଜୀବନଟାକୁ କଟାଇବାକୁ ସେ ଆଦୌ ପସନ୍ଦ କରୁ ନ ଥିଲେ। ମତେ ଅନେକଥର ଚାକିରି କରିବାକୁ କାଳିମାଟି ପଠାଇଛନ୍ତି। ମୋର ବେକାର ଜୀବନରେ ଏ କଳାରୁଚି କ୍ରମେ ଝାପ୍‌ସା ପଡ଼ିଆସିଲା।

ଯୁବକ ବୟସରେ ଦୁଃଖ ଦାରିଦ୍ର୍ୟ ତତ୍‌କାଳୀନ ଜାତୀୟ ନେତାମାନଙ୍କର ଭାଷଣ ମତେ ଆକୃଷ୍ଟ କଲା- ସେତେବେଳେ ସମଗ୍ର ଗଡ଼ଜାତରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକୁଥାଏ- ବନ୍ଧୁକଗୁଳି ଲୁଟପାଟ ଖବର ପଢ଼ି ମୁଁ ବିବ୍ରତ ହୋଇ କଟକ ଧାଇଁଆସିଲି- ଚାହୁଁ ଚାହୁଁ ରାଜନୀତିରେ ପଶିଗଲି।

ଦେଶର କାମ- ଗୋଟାଏ ପ୍ରତିଷ୍ଠିତ ବିଦେଶୀ ସରକାର ବିରୋଧରେ ଲଢ଼ିବାକୁ ମୋର ରକ୍ତ ଗରମ ହୋଇ ଉଠିଲା। ସେତେବେଳେ ଇଂରେଜ ସରକାରଙ୍କ ଦ୍ୱାରା ବେଆଇନ୍ ହୋଇଥିବା ଭାରତର ବଳିଦାନ ବହି ପଢ଼ି ଓ ଚିତ୍ର ସବୁ ଦେଖି ମୋର ମନରେ ଦିଗୁଣ ଉତ୍ସାହ ଭରିଗଲା। ଚିତ୍ର ଦେଖିଲା ବେଳେ ମୋ ଆଖି ଆଗରେ ଭଗତ ସିଂହ ହସତ ସତ କୁଆଡ଼େ ଆସି କୁଆଡୁ ଚାଲିଯାଏ। ଆସିଲା ଯୁଦ୍ଧ- ଆସିଲା ଗାନ୍ଧିଜୀଙ୍କର ଯୁଦ୍ଧ ବିରୋଧରେ ଧ୍ୱନି କରିବାକୁ ସତ୍ୟାଗ୍ରହୀମାନଙ୍କୁ ଡକରା- ତା'ପରେ ଜେଲ୍। କେତେଟା ଦିନ ଜେଲଖାନା ଭିତରେ ରହିସାରିଲା ପରେ ଜେଲଖାନା ଅତି ଆପଣାର ପରିଚିତ ଘର ପରି ଲାଗିଲା। ପୁଣି ମୋ ମନ ଭିତରେ କଳାରସ ଉଙ୍କି ମାରିଲା। ବନ୍ଦୀ ଜୀବନର ନିରସତାକୁ ଘୁଞ୍ଚାଇବାକୁ ଦିନରାତିରେ କିଛି ନା କିଛି ମଜା ହୁଏ। ସହବନ୍ଦୀମାନଙ୍କର ଦୁଃଖଦୁର୍ଦ୍ଦଶା କହିଲେ ମଧ୍ୟ କେହି ଶୁଣିବାକୁ ନାହିଁ। Superintendent of Jail ମେଜର ଓନିଲ ସାହେବ ଯେତେବେଳେ ପରିଦର୍ଶନକୁ ଆସନ୍ତି ମୁଁ କାନ୍ଥରେ ଥିବା Wall Blackboard ରେ ବ୍ୟଙ୍ଗଚିତ୍ର କରି ଆମ ଅବସ୍ଥା ଦେଖାଇଦିଏ। Superintendent ରାଗି ମୋ ଉପରେ ଲାଲ ହୋଇଯାନ୍ତି। ତତ୍‌କ୍ଷଣାତ୍ ଓ୍ୟାଡ଼ରେ ହାତରେ ଲିଭାଇ ଦିଆଯାଏ। ଯେଉଁ ଦିନ ବ୍ରିଟିଶ କେଶରୀଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇ ଜଣେ ଜାତୀୟ ବୀର ଦଉଡ଼ାଇଛି, ଛବି ଆକାରରେ ସେଦିନ ଗୋଟାଏ ମୋର ସ୍ମରଣୀୟ ଦିବସ। ମେଜର ଗୋରା ସାହେବ ରାଗରେ ଜଳି ମତେ ଖୁବ୍ ଧମକ ଦେଲେ। ଅଫିସକୁ ଡାକିନେଇ ଧମକ ଦେଲେ ଓ ଆଦେଶ ଦେଲେ ସବୁବେଳେ ଜଣେ ଓ୍ୟାଡ଼ର Wall Black Board ପୋଛି ସଫା ରଖିବ। ମୁଁ ଯଦି ଆଉ କରେ ଗୁରୁତର ଦଣ୍ଡ ପାଇବି।

ମୁଁ ମୋର ଓ୍ୟାଡ଼କୁ ଫେରିଆସିଲି। ସାମାନ୍ୟ କେତେ ଗାର ଏ ପୁଣି ମେଜର ସାହେବଙ୍କ ଉପରେ ଏପରି ପ୍ରଭାବ ପକାଇପାରିଲା। ମୋ ମନ ଆନନ୍ଦରେ ଉଦ୍‌ବୁଦ୍ଧ ହୋଇଉଠିଲା। ପ୍ରତିଦିନ ଖବର କାଗଜରୁ ବ୍ୟଙ୍ଗଚିତ୍ର ସବୁ ଦେଖି ସେଇ ଅନୁକରଣରେ ବିଭିନ୍ନ ରାଜନୈତିକ

ସମସ୍ୟା ଓ ଜେଲର କର୍ମଚାରୀମାନଙ୍କ ବ୍ୟବହାର Blackboardରେ ଛବି କରିବା ମୋର ନିତି ଦିନ କାମ- ଆଜି ଅନେକ ସହବନ୍ଦୀମାନଙ୍କର 'ମୂଳାଭିଯାନ', 'ସାରୁ ଚକଟା', 'ମୁଣ୍ଡବିହୀନ ଗୋଷ୍ଠୀ', 'ମାଲିସ' ପ୍ରଭୃତି ଚିତ୍ର ମନେଥିବ।

ଜେଲ୍‌ରୁ ଖଲାସ ହେବା ଅଳ୍ପ ଦିନ ପରେ ପୁଣି ୧୯୪୨ ଭାରତ ଛାଡ଼ ଆନ୍ଦୋଳନ ଝଡ଼ ଆସିଲା। ହାତରେ ନିଆଁ ହୁଳା, ହାତହତିଆର ଧରି ମୁଁ ବି ଚାଲିଲି। କଳା କଳ୍ପନାର ତରଳ ଜୀବନ ମୋର ଜମାଟ ବାନ୍ଧିଗଲା। ପଥରଠାରୁ ଅଧିକ ରୁକ୍ଷ ନୀରସ ହୋଇ ଦିନ ନାହିଁ, ରାତି ନାହିଁ, ନାନା ବେଶରେ ଓଡ଼ିଶାର ଏ ପାଖରୁ ସେପାଖ ବୁଲି ଆନ୍ଦୋଳନର ଗୁପ୍ତ ପ୍ରଚାରପତ୍ର ବାଣ୍ଟିଚାଲିଲି। କଳା ଜ୍ଞାନ ମତେ ଖୁବ୍ ସାହାଯ୍ୟ କରୁଥାଏ। ଅନ୍ୟମାନେ ଯେଉଁଠି ଧରାପଡ଼ନ୍ତି ମୁଁ ସେଇଠି ମହା ଆନନ୍ଦରେ ଖସି ଆସେ, ଅନେକ କଥା। ପୁଣି ଜେଲ ବରଣ କରିବାକୁ ପଡ଼ିଲା। ଜେଲ୍‌ରେ ସେତେବେଳେ ଚିହ୍ନଟ ପାରେଡ୍ ହୁଏ, ମୁଁ ଜମା ଧରା ପଡ଼େ ନାହିଁ ଓ ସହବନ୍ଦୀମାନଙ୍କ ବିଭିନ୍ନ ନିଶ ତିଆରି, ମୁଣ୍ଡ କୁଣ୍ଡା, କଲି ରଖା, ଭୂଲତା ପ୍ରଭୃତିରେ କାରିଗରି କରି ଜାତୀୟ ଆନ୍ଦୋଳନରେ ଗୋଟାଏ ବିଚିତ୍ର ଅଭିନୟ କରୁଥାଏ। ତାହା ସାଙ୍ଗକୁ 'ଚୁଙ୍ଗୁଡ଼ି ବାଲୁ ବାଲୁ', 'କୋଚିଆ ସାଲୁ ସାଲୁ' ଗୀତ ଚିହ୍ନଟ ପରେଡ଼ରେ ଆସିଥିବା ସାକ୍ଷୀକୁ ବାଉଳା କରିଦିଏ। ମାଜିଷ୍ଟ୍ରେଟ୍ ମଧ୍ୟ ବାଉଳା ହୋଇଯାନ୍ତି। ଏ ତ ବାରବର୍ଷ ତଳର କଥା।

ବାହାରେ ଆନ୍ଦୋଳନ କ୍ରମେ ସ୍ଥିର ହୋଇ ଆସିଲା। ଗୋଟାକ ପରେ ଗୋଟାଏ ବିଚାର ଚାଲିଥାଏ। ମାଜିଷ୍ଟ୍ରେଟ୍‌ର କଲମ ସଙ୍ଗେ ବେଶ୍ ରକମର ଫାଜିଲାମି ଚାଲିଥାଏ।

ଗତଥର ଜେଲ୍‌ର ପୁରୁଣା କାନ୍ଥରୁ ଚୂନର ଖୋଳପା ଆଣି Wall Blackboard ରେ ଛବି ଆଙ୍କୁଥିଲି। ଏଥରକ ଅଂଗାରରେ ଛବି ଆଙ୍କିବାର ଉପାୟ ବାହାର କଲି। ଧଳା କାନ୍ଥରେ କଳା ଗାର ବେଶ୍ ମାନିଲା। ପୂର୍ବାପେକ୍ଷା ଅଧିକ ନିର୍ଭୟ ହୋଇ ଜେଲ କାନ୍ଥରେ ଭାରତୀୟ ନେତାମାନଙ୍କର ଛବି ଆଙ୍କି ସହବନ୍ଦୀମାନଙ୍କ ମନରେ ଉନ୍ମାଦନା ସୃଷ୍ଟି କରେ।

ଜେଲରେ କଳାଶିକ୍ଷା ପାଇଁ ଖବରକାଗଜର ବିଜ୍ଞାପନ ହିଁ ମୋର ଶ୍ରେଷ୍ଠ ବସ୍ତୁ ଥିଲା। ଜେଲର ଦୀର୍ଘ ଜୀବନ, କଳା ଶିକ୍ଷାର ରେଖାଙ୍କନ ସେ ମୋର ଖୁବ୍ ଦଖଲ ହେଲା। ଜେଲରୁ ଖଲାସ ହେବା ପରେ ରାଜନୈତିକ ଜୀବନରେ ନେତାମାନଙ୍କର ମନରେ ଶିଥିଳତା ଦେଖା ଦେଲା। ପରସ୍ପର ଦଳାଦଳି ମତେ ଆଉ ସୁଖ ଲାଗିଲାନି।

ହଠାତ୍ ସରକାରଙ୍କର ଶାନ୍ତିନିକେତନରେ କଳା ଶିକ୍ଷା ପାଇଁ ବୃତ୍ତର ବିଜ୍ଞାପନ ବାହାରିଲା। ବାହାରର ବହୁ ଶିଳ୍ପୀ ପ୍ରତିଯୋଗିତା ପରୀକ୍ଷାରେ ଆସି ଜୁଟିଲେ। ମୁଁ ମଧ୍ୟ ମନରେ ଭଙ୍ଗା ସାହସ ଧରି ଆସି ଯୋଗ ଦେଲି।

ଜେଲ-ଶାନ୍ତିନିକେତନ। ସ୍ୱର୍ଗ ମର୍ତ୍ତ୍ୟ ପ୍ରଭେଦ। ଜେଲର ରୁକ୍ଷ ଜୀବନ ପରେ ଶାନ୍ତିନିକେତନ ମତେ ସ୍ୱର୍ଗ ପରି ଲାଗିଲା। କବିଗୁରୁଙ୍କର କଳ୍ପନାବିଳାସ ନୁହେଁ, ଶାନ୍ତିନିକେତନ କଳା ସଂସ୍କୃତିର ସାଧନାପୀଠ। ବିଚିତ୍ର କଳା ଆବହାଓ୍ୱାରେ ସେ କୌଣସି ପଥର ହୃଦୟ ତରଳି ରସଯୁକ୍ତ ହେବ। ସର୍ବୋପରି ଶିଳ୍ପଗୁରୁ ନନ୍ଦଲାଲ୍‌ଙ୍କର ସହଜ ସରଳ ନିରଳସ ଜୀବନ ଶତ ଶତ ତରୁଣ ଶିଳ୍ପୀ ଜୀବନକୁ ବାର ବାର ଚହଲାଇଦିଏ।

କଳା ଭବନ-ଅଜନ୍ତା ଗୁମ୍ଫାର ଭିତ୍ତି ଚିତ୍ର-ପ୍ରସାଧନରତା ଲଳନା-ତନୁ-ଲତା ଲମ୍ବାଇ ଦେଇଛି ସଖୀ ଉପରେ। ଢଳ ଢଳ ଯୌବନର କଟାକ୍ଷ ଉନ୍ନତ ବୁକୁ ଓ କ୍ଷୀଣ କଟି ଦେଖିଲେ ଭାରତୀୟ କଳାର ଉତ୍କର୍ଷତା ବେଶ୍ ଜଣାପଡ଼େ। ଶିଳ୍ପୀର କାଉଁରୀ ପରଶ ଲାଗି ଯେ ହସୁଛି ସେ ହସୁଛି- ଶତ ଶତ ଦର୍ଶକଙ୍କ ପ୍ରାଣକୁ ଉଦ୍‌ବେଳିତ କରି ହସର ମାଧୁରୀ ଛୁଟିଛି। ଧନ୍ୟ ଶିଳ୍ପ ଗୁରୁ ଧନ୍ୟ ତୁମର ସୃଷ୍ଟି।

ଶାନ୍ତିନିକେତନର ଅଧ୍ୟାପକମାନଙ୍କର ବିଚିତ୍ର ଛନ୍ଦମୟ କଳା ଲାବଣ୍ୟ-ଶିଳ୍ପ ଓ ମୂର୍ତ୍ତି, କଳାର ଅଦ୍ଭୁତ ଭାବପ୍ରକାଶ ମୋ ହୃଦୟରେ ଯେଉଁ ଅଲିଭା ଦାଗ ପକାଇଲା ତା' ଜୀବନ ସାରା ଜକ୍ ଜକ୍ ହୋଇ ରହିଛି।

ଯେଉଁ କଳା ମନୁଷ୍ୟର କୌତୁକ ସୃଷ୍ଟି କରେ- ଆନନ୍ଦ ଦିଏ, ଜାଗ୍ରତ କରେ, ସେଇ କଳାହିଁ ଜୀବନପାଇଁ ଉପଯୁକ୍ତ କଳା। ସେଥିପାଇଁ ଶିଳ୍ପଗୁରୁ କହନ୍ତି- ନୂଆ କରି ସୃଷ୍ଟି କରିବାର ସାହସ ଶିଳ୍ପୀର ଏକଚାଟିଆ ଅଧିକାର। ପାଶ୍ଚାତ୍ୟ ଶିଳ୍ପକଳାର ରଂଗ ଅନୁକରଣ ମନୁଷ୍ୟକୁ ଜଡ଼ କରିଦିଏ- ବ୍ୟବସାୟୀ କଳା ମନୁଷ୍ୟ ତଥା ସମାଜକୁ ଶଠତା ଶିଖାଏ- ମାତ୍ର ଭାରତୀୟ କଳା ଜୀବନ ସଂଗେ ଓତପ୍ରୋତଭାବେ ଜଡ଼ିତ ଜୀବନକୁ ପ୍ରସାରିତ କରେ- ଜୀବନୀଶକ୍ତିକୁ ତେଜୀୟାନ୍ କରେ।

ଶାନ୍ତିନିକେତନରୁ ଫେରି ବି ଆଜି ସେଇ ଜଗନ୍ନାଥ ମୂର୍ତ୍ତିରେ ଯେଉଁ ଯେଉଁ ଅଶେଷ ରହସ୍ୟ ଲୁଚିଛି ତା'ର ଅନ୍ୱେଷଣ ସରେ ନାହିଁ। କୋଣାର୍କ, ଭୁବନେଶ୍ୱର ରଚନା ତ ମୋ ଜୀବନରେ ସୂର୍ଯ୍ୟୋଦୟ। ପ୍ରକୃତି ଭିତରେ ମତେ ସବୁ ସୁନ୍ଦର ଦେଖାଗଲା। ମୋର ବିଚିତ୍ର ସାଜସଜ୍ଜା ଓ ସୌନ୍ଦର୍ଯ୍ୟାନୁଭୂତି ବହୁ ସମାଲୋଚକଙ୍କ ଆଖି ଫିଟାଇ ଦେଇଛି। ପ୍ରକୃତିର ସବୁ ପଦାର୍ଥ ସୁନ୍ଦର-ସବୁ ଋତୁ ଯେ ଜୀବନ ପାଇଁ ପତ୍ରେ, ଫୁଲେ, ଜଳେ, ସ୍ଥଳେ, ଆକାଶେ, ପବନେ ଏକ ନୈସର୍ଗିକ ସୌନ୍ଦର୍ଯ୍ୟ ପରିବେଷଣ କରୁଛି ଏହା କାହାଠାରୁ ଶିକ୍ଷା କରିବାର କଥା ନୁହେଁ- ନିଜ ହୃଦୟରେ ଅନୁଭବ କରିବାର କଥା- ଏହା ଅନେକ ହେଲେ ମଧ୍ୟ ଏକ।

ଅନୁଗୁଳଠାରେ ହୋଇଥିବା ନିଖିଳ ଭାରତ ସର୍ବୋଦୟ ସମ୍ମିଳନୀର ସାଜସଜ୍ଜା କରିବା ଭାର ମତେ ଦିଆଯାଇଥିଲା। ଏହାଛଡ଼ା 'ନିଖିଳ ଭାରତ ପ୍ରବାସୀ ବଙ୍ଗୀୟ ସାହିତ୍ୟ ସମ୍ମିଳନୀ'

ଓ ନାଟକର ରଂଗମଂଚ ସଜାଇବାକୁ ମିଳିଛି। ମୁଁ ସବୁଠାରେ କୁଟାର ଫୁଲ, ସୋଲର ଫୁଲ, ହାଣ୍ଡି ମାଠିଆର ଚିତ୍ର ଓ ଫୁଲମାଳ ସଙ୍ଗେ ଓଡ଼ିଶୀ ଆଲଙ୍କାରିକ କଳାର ପରିଚୟ ନୂଆ ନୂଆ ପ୍ରକାରେ ନୂଆ ନୂଆ ଭାବରେ ଦେଇଛି। ଦର୍ଶକଙ୍କୁ ମୁଗ୍‌ଧ କରିଛି। ମୋର ଦୃଷ୍ଟିରେ ସୌନ୍ଦର୍ଯ୍ୟ ସବୁଠାରେ ଅଛି। ତାକୁ ଠିକ୍ ଠିକ୍ କଳାରସର ପର୍ଯ୍ୟାୟରେ ପକାଇପାରିଲେ ହେଲା। ରସଯୁକ୍ତ ରୂପ ସବୁବେଳେ ସୁନ୍ଦର।

ଓଡ଼ିଶାର ରଙ୍ଗମଞ୍ଚରେ ଛନ୍ଦବିହୀନ ଆଲଙ୍କାରିକ ପରଦାର ଚିତ୍ର ଦେଖି ମତେ ନିରାଶ ହେବାକୁ ପଡ଼େ। ସବୁଠାରେ ଲଙ୍ଗୁଳି ପକ୍ଷୀମୁକ୍ତ ପରୀ ଯେ ସାଜସଜ୍ଜାର ଶ୍ରେଷ୍ଠ ନିଦର୍ଶନ। ଦେଖି ଅବାକ୍ ହେବାକୁ ପଡ଼ିଲା। ସହରର ନାଟକରେ ପ୍ରେମକୁ କେନ୍ଦ୍ର କରି ବା ଚାଷୀ ମୂଲିଆ ଜମିଦାରଙ୍କର ସଂଘର୍ଷ କାହାଣୀ ଛଡ଼ା ଆଉ କିଛି ନୂଆ ଅଭିନୟ ଏପର୍ଯ୍ୟନ୍ତ ହୋଇନି। ନାଟକର ଅଭିନୟ ଏତେ ବାସ୍ତବ ଯେ ଦର୍ଶକ କଳ୍ପନା-ବୋଧ-ଶୂନ୍ୟ ହୋଇଯାଇ ସାମୟିକ ଉତ୍ତେଜନାରେ ଉତ୍ତେଜିତ ହୁଏ।

ମୋ ମନରେ ଏକ ଅଦ୍‌ଭୁତ ରୂପ ନାଟକର କଳ୍ପନା ଢେଉ ଉଠିଲା। ହାତରେ ମୁଖା ତିଆରି କରି ନାନା ଜୀବଜନ୍ତୁଙ୍କର ନାଟକ ମୋର ଯେ ଦେଖିଛି ଏବେ ସ୍ମରଣ କଲେ ତା' ମନ ଆନନ୍ଦରେ ନାଚି ଉଠିବ। ଭାରତର ସୁପ୍ରସିଦ୍ଧ ଶିକ୍ଷାବିତ୍‌ମାନଙ୍କ ଠାରୁ ଆରମ୍ଭ କରି ଓଡ଼ିଶାର ତୁଙ୍ଗ ନେତାମାନେ ମୋର ମୁଖା ପିନ୍ଧା ନାଟକର ଭୂରି ଭୂରି ପ୍ରଶଂସା କଲେ। ମହାବାଣୀ, ମହାଭିକ୍ଷୁ, ଯନ୍ତ୍ରରାକ୍ଷସ, ରୋଗରାକ୍ଷସ, ଅନେକ ଛୋଟ ଛୋଟ ନାଟକ ଅର୍ଥାଭାବରୁ ପେଡ଼ିରେ ମୋର ପଡ଼ିଛି।

ନୃତ୍ୟ ଓ ସଙ୍ଗୀତ କଳାର ଏକ ଅବିଚ୍ଛେଦ୍ୟ ଅଂଗ। ପ୍ରକୃତ ଲଳିତ କଳାକୁ ଚିହ୍ନିବାକୁ ହେଲେ ନୃତ୍ୟର ରସ ନିଜେ ବୁଝିବା ଉଚିତ। ଶାନ୍ତିନିକେତନରେ ଅବଶିଷ୍ଟ ସମୟରେ ମୁଁ ସାମୟିକ ଛାତ୍ର ହିସାବରେ ନୃତ୍ୟ ଶ୍ରେଣୀରେ ଯୋଗ ଦେଇ ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆସିଥିଲି। ଅନୁଗୁଳ ଆଶ୍ରମର ସହକର୍ମୀ ଓ ଛାତ୍ରଛାତ୍ରୀମାନଙ୍କ ସାଙ୍ଗରେ ନୃତ୍ୟ ଅନୁଶୀଳନ କରି ନିଜ ଦେହରେ ମୋର କଳ୍ପିତ ରୂପ ଦେଖି ଅନ୍ୟ ଦେହରେ ରଚନା କରି ଅଶେଷ ଆନନ୍ଦ ଅନୁଭବ କଲି।

ଶିଳ୍ପକଳା ଖାଲି ରଙ୍ଗତୂଳିରେ ସୀମାବଦ୍ଧ ନ ହୋଇ ମୋ ଜୀବନରେ ମୁଁ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରି ଆଜି ବୁଝୁଛି। ଭାରତୀୟ କଳା ସାଧନା ଏକ ଅସୀମ ସାଧନା- ଆଉ ଟିକିଏ ଉପର ସ୍ତରକୁ ଯାଇ ଚିନ୍ତା କଲେ ମନେହୁଏ- ଯେଉଁ ସତ୍ତା ଟିକକ ଉପଲବ୍‌ଧି କରିବାକୁ ଯୋଗୀର ଯୋଗ, ଋଷିର ତପସ୍ୟା, ଏହା ସେହିପରି ଏକ ଆଧ୍ୟାତ୍ମିକ ତପସ୍ୟାମାତ୍ର। ଏହା ବିଳାସ ନୁହେଁ, ସାଧନା ବଡ଼ଲୋକର ଖିଆଲ ବି ନୁହେଁ।

ପାଶ୍ଚାତ୍ୟ ଜଡ଼ବାଦୀମାନେ ବିଷୟବସ୍ତୁକୁ ରଙ୍ଗରେ ରୂପାନ୍ତରିତ କରି ନିଜକୁ ଗୌରବ ଅନୁଭବ କଲାବେଳେ ଭାରତୀୟ ଶିଳ୍ପୀ ନିଜେ ତନ୍ମୟ ହୋଇ ଅସୀମ ଆନନ୍ଦରେ ମଜ୍ଜିରହେ। ଜୀବନରେ କଳା ସାଧନାର ସୀମା ଶେଷ ହୁଏ ନାହିଁ।

ଆଜି ମଧ୍ୟ ସେଇ ଖଣ୍ଡିଆ ଜଗନ୍ନାଥ ମୂର୍ତ୍ତି ମୋର ମନ ରାଇଜର କୌତୁକ ସୃଷ୍ଟି କରେ। ତାକୁ ଚାହିଁ ମୋର କେତେ କଳ୍ପନା ମୂର୍ତ୍ତିମନ୍ତ ହୁଏ- କେତେ ପ୍ରଶ୍ନ ସ୍ୱତଃ ଜାଗ୍ରତ ହୁଏ- ମୁଣ୍ଡ ସ୍ୱତଃ ନଇଁପଡ଼େ। ଧନ୍ୟ ତୁମେ ଶିଳ୍ପୀ। ଧନ୍ୟ ତୁମର ଅନ୍ତର୍ଚକ୍ଷୁ। ତୁମର କଳ୍ପନାରାଇଜର ରହସ୍ୟ ଭେଦ କରିବାକୁ ଏ ଜଡ଼ ସଭ୍ୟତା ଏକବାର୍ ଅକାମୀ। ପ୍ରକୃତ କଳା- ଲକ୍ଷ୍ମୀକୁ ଚିହ୍ନିବାକୁ ଆଖି କାହିଁ? ଓଡ଼ିଶା କଳାର ଦେଶ- ଓଡ଼ିଆ ପୁଅ କଣ ଅନୁଭବ କରନ୍ତି?



ଦିଲ୍ଲୀପ କୁମାର ମାନସିଂହ ମହାପାତ୍ର

ମନୁଷ୍ୟର ଅନ୍ତର ଆତ୍ମ ବାହ୍ୟ ଜଗତକୁ ଦେଖେ, ଅନୁଭବ କରେ। ତା' ମନରେ ତା'ର ଚତୁର୍ଦ୍ଦିଗ ବାତାବରଣର ପ୍ରଭାବ ପଡ଼େ। ସେଥିରୁ ତା ହୃଦୟରେ ଦୁଃଖ, ସୁଖ, ହର୍ଷ, ବିଷାଦ, ଭୟ ଆଦି ଅନେକ ଭାବନା ଉତ୍ପନ୍ନ ହୁଏ। ଏହି ଭାବନାକୁ କବି ତା'ର କବିତାରୂପେ, ଚିତ୍ରକର ତା'ର ରଙ୍ଗତୂଳିକା ଦ୍ୱାରା ଓ ଗ୍ରାହକ ତା'ର ଅମୂଲ୍ୟ ସଙ୍ଗୀତଦ୍ୱାରା ସମାଜ ଆଗରେ ରଖେ।

ସୃଷ୍ଟିର ଆରମ୍ଭରେ ମନୁଷ୍ୟର ଏ ଭାବନା ଅବିକଶିତ ଦଶାରେ ଥାଇପାରେ କିନ୍ତୁ ଧୀରେ ଧୀରେ ଯେପରି ତା'ର ଅନୁଭବ ଏବଂ ଜ୍ଞାନ ବଢ଼ିବାକୁ ଲାଗିଲା ସେ ସେତେବେଳେ ତାକୁ ପ୍ରକାଶ କରିବାକୁ ଚେଷ୍ଟା କରିବାରେ ଲାଗିଲା। ଶୁଣାଯାଏ ସୃଷ୍ଟିର ଆରମ୍ଭରେ ଯେତେବେଳେ କୌଣସି ଭାଷା ନ ଥିଲା ସେତେବେଳେ ଆଦିମ ନାରୀମାନେ ସେମାନଙ୍କ ପ୍ରିୟର ଅନୁପସ୍ଥିତିରେ ଗୁମ୍ଫା ଭିତରେ ସେମାନଙ୍କର ଚିତ୍ର ଆଙ୍କୁଥିଲେ। ଏଥିରୁ ବୁଝାଯାଏ ସୃଷ୍ଟିର ସୃଜନ ସାଥେ ସାଥେ କଳାର ମଧ୍ୟ ଆବିର୍ଭାବ ହୋଇଛି। ହଁ, ଆଦିମ ଯୁଗରେ କଳା ଶୈଶବାବସ୍ଥାରେ ଥିଲା। କିନ୍ତୁ ସେ ବର୍ତ୍ତମାନ ତା'ର ବିକଶିତ ରୂପ ପାଇପାରିଛି, ଦୁନିଆ ପରିବର୍ତ୍ତନଶୀଳ। ସେ ପ୍ରଗତି ପଥରେ ଆଗେଇ ଚାଲିଛି ଏବଂ ତା' ସାଥିରେ ତାଳଦେଇ ଚାଲିଛି 'କଳା'।

କଳାର ଉଦ୍ଦେଶ୍ୟ ହେଉଛି ସମସ୍ତ ବସ୍ତୁର ସୌନ୍ଦର୍ଯ୍ୟକୁ ଏକାବେଳକେ ଗ୍ରହଣ କରି ପ୍ରକାଶ କରିବା। କଳାକୁ ଦୁଇ ପ୍ରକାରରେ ବିଭକ୍ତ କରାଯାଇଛି। 1. Art for art sake – (କଳା କେବଳ କଳା ପାଇଁ) 2. Art for life sake – (କଳା କେବଳ ଜୀବନ ପାଇଁ।) ଶିଳ୍ପୀ ରୋମାରୋଲାଁ ଲେଖିଛନ୍ତି ଶିଳ୍ପୀ କେବଳ ସୃଷ୍ଟିକର୍ତ୍ତା। ତାର କାମ କେବଳ ସୃଷ୍ଟି କରିବା। ଫଳାଫଳକୁ ବିଚାର କରିବା ତା' ପାଇଁ ସମ୍ଭବ ନୁହେଁ।

ଆମ୍ଭେମାନେ ଈଶ୍ୱର ପୂଜା କରୁ। ଶିଳ୍ପୀର ହସ୍ତ ତିଆରି ପଥର ମୂର୍ତ୍ତିଟି ଆମ୍ଭେମାନେ ମନ ପ୍ରାଣ ଦେଇ ସେବା କଲେ, ଶିଳ୍ପୀ ତୟାର କରିଥିବା ସୁନ୍ଦର ପଥରଶିଳ୍ପ ଆମ ମନରେ

ଏକାଗ୍ରତା ଆଣିଦିଏ। ଆମ ଜୀବନ ଉପରେ ରୂପର ପ୍ରଭାବ ଏହିପରି ପଡ଼େ ବାଲ୍ୟାବସ୍ଥାରୁ। କିଏ ସେଇ ଶିଳ୍ପର ସାହାଯ୍ୟରେ ଶିଳ୍ପୀ ବୋଲି ଜଗତରେ ପରିଚିତ ହୁଏ; କିଏବା ତାର ଉପାସକ ହୁଏ।

ଠିକ୍ ସେହିପରି ପିଲାଦିନରୁ ମୋ ଛୋଟ ଜୀବନ ଉପରେ କଳାର ପ୍ରଭାବ ପଡ଼ିଥିଲା। ଅନେକ ବଡ଼ ବଡ଼ ଶିଳ୍ପୀଙ୍କ ଶିଳ୍ପ ଦେଖି ମୋ ମନ ଶିଳ୍ପ ବିଦ୍ୟା ଶିକ୍ଷା କରିବା ପାଇଁ ଭଳି ଯାଇଥିଲା। ମୁଁ ପିଲାଦିନରୁ ଚିତ୍ର ଆଙ୍କିବାରେ ଲାଗିପଡ଼ିଥିଲି। ଯାହା ମୁଁ କରୁଥିଲି ତାହା ଠିକ୍ ବା ଭୁଲ୍ ବିଚାର କରିବାର ଶକ୍ତି ମୋ ପାଖରେ ନ ଥିଲା।

ମୁଁ ଖଇରାଗଡ଼ ଭିକ୍ଟୋରିଆ ହାଇସ୍କୁଲ (ମଧ୍ୟ ପ୍ରଦେଶ)ରେ ୧୦ମ ଶ୍ରେଣୀରେ ଯେତେବେଳେ ପଢୁଥିଲି Bombay Board Elementary Grade Drawing ପରୀକ୍ଷାରେ ବସିଲି ଏବଂ ଭଲାଭାବେ ମଧ୍ୟ ଉତ୍ତୀର୍ଣ୍ଣ ହେଲି। ମୋର ସେ ଦିଗରେ ସଫଳତା ଦେଖି କୌଣସି ଆର୍ଟ ସ୍କୁଲରେ ଅଧ୍ୟୟନ କରିବାପାଇଁ ବହୁତ ଇଚ୍ଛା ହେଲା। ମୁଁ ମୋର ପ୍ରସ୍ତାବ ବାପାଙ୍କୁ ଜଣାଇଲି। କିନ୍ତୁ ଚିତ୍ରବିଦ୍ୟା ଶିକ୍ଷା କରିବା ପାଇଁ ବାପା ଘୋର ବିରୋଧ କରିଥିଲେ। ମୁଁ ବେଶି ଜୋର ଦେବାରେ ୧୯୪୭ ରେ ମତେ ଲକ୍ଷ୍ନୌ Govt. School of Arts & Craftsରେ ପଢ଼ିବା ପାଇଁ ପଠାଇଲେ। ସେଠାରେ ମୁଁ Commercial Art Classରେ ଓଡ଼ିଶାର ଶିଳ୍ପୀ ଶ୍ରୀ ଶ୍ରୀଧର ମହାପାତ୍ରଙ୍କ ଘରେ ରହି ପଢୁଥିଲି। ସେ ପ୍ରତିଦିନ ଶିଳ୍ପୀ ଅସିତ୍ ହାଲଦାର ଏବଂ ଆମର Principal ଲଳିତ ମୋହନ ସେନଙ୍କ ଘରକୁ ସନ୍ଧ୍ୟାରେ ବୁଲି ଯାଉଥିଲେ ଏବଂ ମତେ ମଧ୍ୟ ନେଇ ଯାଉଥିଲେ। ଦିନେ ଅସିତ୍‌ବାବୁ ଆଚାର୍ଯ୍ୟ ନନ୍ଦଲାଲ ବୋଷଙ୍କର ଗୋଟିଏ ଚିତ୍ର ଦେଖାଇଲେ। ସେ ଚିତ୍ରର ପ୍ରଭାବ ଏପରି ଭାବରେ ମୋ ଉପରେ ପଡ଼ିଥିଲା, ମୁଁ ବାଧ୍ୟହୋଇ ଶାନ୍ତିନିକେତନରେ ଅଧ୍ୟୟନ କରିବା ପାଇଁ ଚାଲିଆସିଲି ଲକ୍ଷ୍ନୌରେ ୨ ବର୍ଷ ପଢ଼ିବା ପରେ।

୧୯୪୯ ବର୍ଷଟି ମତେ ଘରୁ ଅନୁମତି ନେବାରେ ଲାଗିଗଲା। କାରଣ ଘରେ ଚିତ୍ର ପଢ଼ିବା କେହି ପସନ୍ଦ କରୁ ନ ଥିଲେ। ମୋ ବାପା ସବୁବେଳେ କହୁଥିଲେ B.Sc. ପଢ଼ି, ତାପରେ ଡେରାଡୁନରେ ଫରେଷ୍ଟ ଟ୍ରେନିଙ୍ଗ୍ ନେଇ ଆସି Londonରେ ୨ ବର୍ଷ ଫରେଷ୍ଟ ଟ୍ରେନିଙ୍ଗ ନେଇ ଆସିଲେ ତତେ ବଡ଼ ପୋଷ୍ଟ ମିଳିଯିବ। ଏ ଚିତ୍ର ଶିକ୍ଷାରେ ତତେ କଣ ମିଳିବ? କାରଣ ସେ Asst. Conservator of Forest ଅଛନ୍ତି ବୋଲି Forest Trainingକୁ ବେଶି ମହତ୍ତ୍ୱ ଦେଉଥିଲେ। କିନ୍ତୁ ମୋର ଇଚ୍ଛା ନ ଥିଲା ଜଙ୍ଗଲ ବିଭାଗରେ କାମ କରିବା ପାଇଁ। ୧୯୫୦ ରେ ଯାଇ ମୁଁ କଳାଭବନ ଶାନ୍ତିନିକେତନରେ ନାମ ଲେଖାଇଲି। କଳାକୁ ଆମ ଘରେ ପସନ୍ଦ ନ କରୁଥିବା ହେତୁ ମୋ ପାଖକୁ ଟଙ୍କା ଅନିୟମିତ ଭାବରେ ଆସିବାକୁ ଲାଗିଲା। ଏଣୁ ମତେ ବାଧ୍ୟହୋଇ ଓଡ଼ିଶାର ଏଡୁକେସନ ମିନିଷ୍ଟର ଏବଂ D.P.I. ଙ୍କ ପାଖକୁ

ଲେଖିବାକୁ ପଡ଼ିଲା। କାରଣ ଆମ ଘର ଢେଙ୍କାନାଳରେ। ଜମିବାଡ଼ି ମଧ୍ୟ ସେଠାରେ ଅଛି। କେବଳ ବାପା ଚାକିରି କରନ୍ତି ବିଳାସପୁର ମଧ୍ୟପ୍ରଦେଶରେ। ମୁଁ ତ କୌଣସି ମିନିଷ୍ଟର ବା D.P.I. ଙ୍କର ବନ୍ଧୁବାନ୍ଧବ ନୁହେଁ। ଏଣୁ ୧୫ ଖଣ୍ଡ ପତ୍ର ଦେବାସତ୍ତ୍ୱେ ହଁ ବା ନାହିଁର ଉତ୍ତର ମିଳିଲା ନାହିଁ।

ସେଠାରୁ ନିରାଶ ହୋଇ ମଧ୍ୟପ୍ରଦେଶ ଏଡୁକେସନ ମିନିଷ୍ଟରଙ୍କ ପାଖକୁ ଲେଖିବାକୁ ପଡ଼ିଲା। କାରଣ ସେତେବେଳେ ୧୯ ବର୍ଷ ମଧ୍ୟପ୍ରଦେଶରେ ମୋ ବାପାଙ୍କର service ହୋଇ ଯାଇଥିଲା। ଡୋମିସାଇଲଡ଼୍ ସାର୍ଟିଫିକେଟ ପଠାଇ ୪୦ ଟଙ୍କା ଲେଖାଏଁ ବୃତ୍ତି ପାଇଲି। କିନ୍ତୁ ସେତେବେଳକୁ ଓଡ଼ିଶା ଗଭର୍ଣ୍ଣମେଣ୍ଟର ବୃତ୍ତି ଆଶାରେ ୩ ବର୍ଷ କଟି ଯାଇଥିଲା। ଏଣୁ ମତେ ମୋଟେ ବର୍ଷକ ପାଇଁ ବୃତ୍ତି ମିଳିଲା। ବୃତ୍ତି ସଙ୍ଗେ ସଙ୍ଗେ ବଣ୍ଡ ମଧ୍ୟ ଲେଖାଇ ନେଲେ।

ଶାନ୍ତିନିକେତନରେ ୪ ବର୍ଷର Diploma କୋର୍ସ ଶେଷ କରି ବର୍ତ୍ତମାନ ମୁଁ ବିଳାସପୁର ମଧ୍ୟପ୍ରଦେଶରେ ଅଛି। ଶାନ୍ତିନିକେତନରେ ଆଚାର୍ଯ୍ୟ ନନ୍ଦଲାଲ ବୋଷ, ଶ୍ରୀମତୀ ଗୌରୀ ଆଦିଙ୍କ ଠାରୁ ମୁଁ ଯାହା ସାହାଯ୍ୟ ପାଇଛି ତାହା ଜୀବନରେ ଭୁଲିପାରିବି ନାହିଁ। କାରଣ ତାହା ପ୍ରତ୍ୟେକ ମୁହୂର୍ତ୍ତ କାର୍ଯ୍ୟରେ ଲାଗୁଛି ଏବଂ ଲାଗିବ।

ମଧ୍ୟପ୍ରଦେଶରେ ମତେ ସାରା ଜୀବନଟା କାଟିଦେବାକୁ ହେବ; କାରଣ ଓଡ଼ିଶାରେ ଶିଳ୍ପ ଥାଇ ସୁଦ୍ଧା ଶିଳ୍ପୀଙ୍କର ଇଜ୍ଜତ୍ ନାହିଁ।



ରବିନାରାୟଣ ନାୟକ

**ସେ**ତେବେଳେ ମୋର ବୟସ ପ୍ରାୟ ଆଠବର୍ଷ ହେବ। ଦଶହରା ପୂଜା ଅଳ୍ପ ଦିନ ଥାଏ। ପାଞ୍ଚମୁକା ପ୍ରଜାଦଳର ନିର୍ଦ୍ଦେଶରେ ବାପା ମୋର ଘଣ୍ଟେଶ୍ୱର ଦୁର୍ଗାମୂର୍ତ୍ତି ତିଆରି କରୁଥାନ୍ତି। ସମୟ ସମୟରେ ପଢ଼ାପଢ଼ି ବନ୍ଦ କରି ବାପାଙ୍କ ପାଖକୁ ଯାଉଥାଏଁ ଓ ତାଙ୍କର କାରିଗରି ଦେଖିବା ସେତେବେଳେ ମୋର ସବୁଠୁଁ ଆନନ୍ଦର ବିଷୟ ହୋଇଥାଏ। ମୂର୍ତ୍ତିଗୁଡ଼ିକରେ ବାପାଙ୍କର କାରିଗରି ଯେତିକି ଯେତିକି ଆଗେଇ ଚାଲିଥାଏ, ସେଗୁଡ଼ିକ ମୋତେ ସେତିକି ଅଧିକ ଜୀବନ୍ତ ଓ ସୁନ୍ଦର ଦେଖାଯାଉଥାନ୍ତି। ମୁଁ ଖାଲି ସକାଳୁ ସନ୍ଧ୍ୟାଯାଏ ବସି ବସି ଦେଖୁଥାଏ। ରୂପର ଯେ ଗୋଟାଏ ଆକର୍ଷଣୀ ଶକ୍ତି ଅଛି, ଏ କଥା ମୁଁ ସେତେବେଳେ ବୁଝି ନ ଥିଲେ ମଧ୍ୟ, ଆପେ ଆପେ ସେଇଆଡ଼କୁ ଢଳି ପଡୁଥିଲି । ମୁଁ ଯେ ଦିନେ ରୂପର ପୂଜା ପାଇଁ ପାଗଳ ହେବି, ଏ କଳ୍ପନା ମୋତେ ସେତେବେଳେ ଛୁଇଁ ନ ଥିଲା। କେବଳ ଦିନ ରାତି ବସି ବସି ରୂପ ସୃଷ୍ଟି କରି ଆନନ୍ଦ ପାଇବାର କ୍ଷମତା ମୋର ସେତେବେଳେ ନ ଥିଲା। ସେଇ ଦେଖିବା ଭିତରେ ପେଟର ଭୋକ, ଆଖିର ନିଦ, ଦେହର କ୍ଲାନ୍ତି ମୋର ଦୂରେଇ ଯାଉଥିଲା। ମୋର ଜୀବନ ଉପରେ ସେଇ ଦିନଠୁଁ ରୂପର ଯେଉଁ ଛାୟା ପଡ଼ିଲା, ସେଇ ଛାୟା କ୍ରମେ ବଙ୍କା, କୁଜା ମଣିଷ ଆକାରରେ ବହିପତ୍ରର ପୃଷ୍ଠା ଓ ଶ୍ରେଣୀର ରଚନା ଓ ହସ୍ତାକ୍ଷରର ଖାତାର କେତେକ ପୃଷ୍ଠାରେ ପ୍ରକାଶ ପାଇଲା। କ୍ରମେ ମନର ଗତି କେବଳ ସେଇ ଗାର ଟଣାଟଣି ଆଡ଼କୁ ଧାଇଁଲା। କେତେବେଳେ ଯେ କି ରୂପ କେଉଁଠି ସୃଷ୍ଟି ହେଉଥିଲା, ତା ମୋର ମନେ ନାହିଁ। କେବଳ ଏତିକି ମନେଅଛି, ମୋର ଛବି ଦେଖି ଲୋକେ ହସନ୍ତି।

ବୟସ କ୍ରମେ ବଢ଼ି ଚାଲିଥାଏ। ମନରେ ଶାନ୍ତି ନାହିଁ। ସବୁବେଳେ ଭାବନା ମୋର, ଯେକୌଣସି ଛବିକି ସୁନ୍ଦର ରୂପ ଦେବାପାଇଁ। ମନ ଅନୁସାରେ ହାତ କାମ କରୁନି। ଏଣୁ ଦୁଃଖ ହେବା ସ୍ୱାଭାବିକ। ସେଇ ଦୁଃଖର ଚାପାକୁ ସହ୍ୟକରି ଅଗରପଡ଼ା ମି.ଇ.ସ୍କୁଲର ଛାତ୍ରତ୍ୱ ଗ୍ରହଣ କଲି। ମୁଁ ସବୁବେଳେ ଛବି ଆଙ୍କିବି, ରୂପ ସୃଷ୍ଟିରେ ବେଶି ସମୟ ଦେବି, ଏ କଥା ବାପା କିମ୍ବା ଶିକ୍ଷକମାନଙ୍କ ଆଗରେ ପ୍ରକାଶ କରିବାକୁ ଡର ମାଡୁଥାଏ । ତଥାପି ଲୁଚି ଲୁଚି ସବୁବେଳେ କେତେ କ'ଣ ଆଙ୍କି ଚାଲିଥାଏ ଓ ଡ୍ରଇଂ ପିରିଅଡ଼ରେ ଶିକ୍ଷକମାନଙ୍କର

ପ୍ରଶଂସାର ପାତ୍ର ହୋଇଥାଏଁ । ବହିପତ୍ର କିମ୍ବା ସହପାଠୀମାନଙ୍କ ସହିତ ମୋର ସମ୍ପର୍କ ଖୁବ୍ କମ୍ ଥାଏ। କେବଳ ମନଭିତରେ ଯେଉଁ ଭାବନା ଆସୁଥାଏ, ତାକୁ ଯେ କୌଣସି ଉପାୟରେ ରୂପରେଖ ଦେବାରେ ହିଁ ମୋର ପଢ଼ାପଢ଼ି ଓ ବନ୍ଧୁତା ପର୍ଯ୍ୟବସିତ ହୋଇ ରହିଥିଲା। ମୋର ଛବି ଠିକ୍ ହେଲା କି ଭୁଲ୍ ହେଲା, ଲୋକେ ସେଥିପାଇଁ ମୋତେ ପ୍ରଶଂସା କରିବେ କି ନିନ୍ଦା କରିବେ, ଏସବୁକୁ ମୁଁ ଭ୍ରୂକ୍ଷେପ କରୁ ନ ଥିଲି। ପ୍ରଶଂସାର ମଧୁରତା କିମ୍ବା ନିନ୍ଦାର ତିକ୍ତତା ମୋତେ ସେତେବେଳେ ବ୍ୟସ୍ତ କରିପାରି ନ ଥିଲା। ନିଜର ଛବି ସବୁବେଳେ ଆଖି ଆଗରେ ପଡୁଥାଏ। ମୁଁ କିନ୍ତୁ କ୍ଷଣକପାଇଁ ହେଲେ ମଧ୍ଯ ମୋ ନିଜ ଛବିକୁ ଆନନ୍ଦ ପାଇପାରୁ ନ ଥାଏଁ । ଯାର କାରଣ ଥାଏ ସବୁବେଳେ ମନରେ ଧାରଣା ଆସୁଥାଏ କାହିଁ ମୋ ଛବି ତ କିଛି ଭଲ ହେଉନି ଏହାର କାରଣ କ'ଣ ? ଏ ପ୍ରଶ୍ନର ଉତ୍ତର ନିଜଠାରୁ ପାଉ ନ ଥାଏଁ। ବାପାଙ୍କୁ ମଧ୍ଯ ପଚାରିବାକୁ ଭୟ ଲାଗୁଥାଏ। ମନକଥା ମନରେ ଥାଏ । କିନ୍ତୁ ରୂପସୃଷ୍ଟି ବନ୍ଦ ନ ଥାଏ। ଯେପର୍ଯ୍ୟନ୍ତ ଛବିଟି ଶେଷ ହୋଇ ନ ଥାଏ ରୂପର ମଧୁରତା ମୁଁ ସେଇ କେତେକ୍ଷଣ ଅନୁଭବ କରେ। ଛବିଟି ଶେଷ ହେବା ପରେ ମୋର ଆଦର କ୍ରମେ ତା' ଉପରୁ କମି କମି ଯାଇ ଅନ୍ୟ ଗୋଟାଏ ଶୂନ୍ୟ କାଗଜ ଉପରେ ରହେ। ଛୋଟ ପିଲାମାନେ ଯେପରି ଧୂଳିଘର କରି କ୍ଷଣକ ଆନନ୍ଦପାଇଁ ଖେଳନ୍ତି ଓ ଖେଳିସାରି ଧୂଳିଘର କଥା ମନରେ ନ ଧରି ଘରକୁ ଚାଲିଯାଆନ୍ତି, ମୋର ଅବସ୍ଥା ଆଜିସୁଦ୍ଧା ଠିକ୍ ସେଇପରି ରହିଛି। ଛବିଟି ଆଙ୍କିବାବେଳେ ମନରେ ମୋର ଯେଉଁ ସରସତା ଥାଏ, ତା' ମୋର ସଂପୂର୍ଣ୍ଣ ଉଭେଇଯାଏ। ଯେତେବେଳେ ତାହା ଲୋକଙ୍କ ଦ୍ଵାରା ପ୍ରଶଂସିତ ହୁଏ। କାରଣ ଅନ୍ୟର ପ୍ରଶଂସା ଭିତରେ ମୋର ନିଜର ଭୁଲ ମୁଁ ନିଜେ ଦେଖିପାରେ। ସେତେବେଳେ ଛବିଟିକୁ ସଂଶୋଧନ କରିବାକୁ ସୁବିଧା ନ ଥାଏ। ଅତଏବ ଭଲ ଛବିଟି ଉପରୁ ଆଦର ତୁଟିଯାଏ। ମନ ମୋର ସବୁବେଳେ ମୋ ଉପରେ କଳାର ଶିକ୍ଷକତା କରୁଥାଏ। ତା'ରି ଇଙ୍ଗିତରେ ମୁଁ ଚାଲିଥାଏ। କେତେ ଉତ୍‌ଥାନ ପତନର ସମ୍ମୁଖୀନ ହେବାକୁ ପଡୁଥାଏ। ତଥାପି ଭଗବାନ୍ ମୋର ମନର ବଳ କମେଇ ଦେଇ ନାହାନ୍ତି। ତାଙ୍କର ସୁଦୃଷ୍ଟି ମୋ ଉପରେ ପଡ଼ିଛି। ମୁଁ ସୌନ୍ଦର୍ଯ୍ୟର ଅନୁସନ୍ଧାନରେ ବେଶି ବେଶି ଆଗେଇ ଚାଲିବାକୁ ପ୍ରେରଣା ପାଇଛି ଓ ରୂପସୃଷ୍ଟିକୁ ଜୀବନର ଗୋଟାଏ ବ୍ରତ ରୂପେ ଗ୍ରହଣ କରିଛି। ସେ ବ୍ରତକୁ ଉଝେଇବାର ଦୁର୍ଯୋଗ ମୋ ଜୀବନକାଳ ଭିତରେ, ଭଗବାନ୍ ମୋତେ ନ ଦିଅନ୍ତୁ, ଏହାହିଁ କାମନା ଓ ପ୍ରାର୍ଥନା।

ସବୁବେଳେ ମନେ କରୁଥାଏଁ କୋଣାର୍କ, ଭୁବନେଶ୍ୱର, ବିଶୁ ମହାରଣା, ଧରମା ଆଉ ଧରମାର ମାଆ, ମୋରି ଦେଶରେ ସୂକ୍ଷ୍ମ ଭାସ୍କର୍ଯ୍ୟର ଯେଉଁ ସବୁ ଗନ୍ତାଘର ରଖି ଯାଇଛନ୍ତି, ସେ ସବୁର ପବିତ୍ର ଧୂଳି କ'ଣ ମୋ ମଥାରେ କେବେ ଶୋଭିବ ନାହିଁ ? ଏହିପରି ଚାରୁକଳା ଓ କାରୁକଳାର ଭାବନା ମୋତେ ପାଗଳ କରି ଦେଉଥାଏ। ଏକା ଏକା ଗଛ

ତଳେ ବସି ସବୁବେଳେ ମୋର ଗୋଟିଏ ଚିନ୍ତା 'ମୁଁ ଶିଳ୍ପୀ ହେବି'। ଶିକ୍ଷକମାନେ କହନ୍ତି "ଏଇଟା ପାଠ ପଢ଼ିବନି," କିଏ କହେ "ଏଇଟା ପାଗଳ।" କାହାରି କଥାରେ ମୁଁ କାନ ଦିଏନି। ରୂପ ସୃଷ୍ଟି କରି ମୁଁ ଦୁନିଆର ସମସ୍ତ ସୁଖସମ୍ପଦର ଅଧିକାରୀ ହୋଇପାରିବି, ଏ ବିଶ୍ୱାସ ମୋର ବଦ୍ଧମୂଳ ହୋଇ ରହିଥିଲା। ଯାହାକି ଆଜି ମଧ୍ୟ ଅଛି।

ମାଟ୍ରିକ ପାସ୍ କରିବା ଆଗରୁ କୌଣସି କଳା-ବିଦ୍ୟାପୀଠରେ ଛାତ୍ର ହେବାପାଇଁ ମନରେ ଖୁବ୍ ଇଚ୍ଛା ଥିଲା ଏବଂ ଏ ଦିଗରେ ମୋର ଶିକ୍ଷକ ଶ୍ରୀ ରବିନାରାୟଣ ଜେନାଙ୍କଠାରୁ ମୁଁ ଯେଉଁ ଉତ୍ସାହ ପାଇଥିଲି ତାହା ମୋର ଏକ ଅକ୍ଷୟ ସଂପଦ ହୋଇ ରହିଛି। ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପାସ କରିବା ପାଇଁ ଯେତିକି ଚେଷ୍ଟା ଥାଏ, ତା' ଠାରୁ ଖୁବ୍ ଅଧିକ ଚେଷ୍ଟା ଥାଏ ପ୍ରକୃତିର ସୌନ୍ଦର୍ଯ୍ୟକୁ ମୋ କାଗଜ ଉପରକୁ ଆଣିବାପାଇଁ। ଯେଉଁ ବାପାଙ୍କର ଦୁର୍ଗାମୂର୍ତ୍ତି ଦେଖି ମୋ ମନରେ ରୂପସୃଷ୍ଟି ପ୍ରତି ଶ୍ରଦ୍ଧା ଜନ୍ମିଲା, ସେଇ ବାପାଙ୍କର କଡ଼ା ନଜର ମୋତେ ଆଜି ଛବି ଦିଗରୁ ବହିଆଡ଼କୁ ଅନାଇବାକୁ ସୂଚନା ଦେଲା। କିନ୍ତୁ ଫଳ କିଛି ହେଲା ନାହିଁ। ସେତେବେଳେ ମନ ମୋର ଆଉ ବଦଳିବାର ନ ଥିଲା। ବରଂ ସେଇଦିନଠାରୁ ମନରେ ନୂଆ ପ୍ରେରଣା ଜନ୍ମିଲା। ମୁଁ ଦେଖିବାକୁ ପାଇଲି, ରୂପ ବଦଳରେ ବିରୂପ; ରୂପର ପ୍ରଭାବଠାରୁ ବିରୂପର ପ୍ରଭାବ ମୋ ଉପରେ ଅଧିକ ପରିମାଣରେ ପଡ଼ିଲା। ବିରୂପ ଭିତରେ ମୁଁ ଯେଉଁ ରୂପର ସନ୍ଧାନ ପାଇଲି, ତାକୁ କାଗଜ ପେନ୍‌ସିଲ୍‌ରେ ଫୁଟାଇବାପାଇଁ ସେତିକି ଉତ୍ସାହ ମଧ୍ୟ ପାଇଲି। ଗାଆଁର ପିଲା, ଗାଁର ବାଟ ଭିକାରିଙ୍କୁ ଗାଁ ଗଳିରେ ବରାବର ଦେଖିବାକୁ ସୁବିଧା ପାଇଲି। ସେଇମାନଙ୍କର ବିଭିନ୍ନ ବେଶ ମୋ ମନରେ ଘୃଣା ଜନ୍ମାଇ ନ ଥିଲା। ସେଇମାନେ ହେଲେ ମୋର ଦେବତା। ମନରେ ବିଶ୍ୱାସ ଥାଏ, ଯଦି ସେଇ ଭିକାରିମାନଙ୍କର ପୂଜା କରିପାରେ ଓ ସେଇମାନଙ୍କୁ ମୋ କାଗଜ ଉପରେ ରୂପରେଖ ଦେଇ ଭଗବାନ୍‌ଙ୍କର ଅନ୍ୟତମ ଅବତାର ରୂପରେ ଦେଖିପାରେ, ତେବେ ମୋର ରୂପ ସୃଷ୍ଟି କରିବାର ପଥ ସୁଗମ ଓ ଆନନ୍ଦଦାୟକ ହେବ।

ସେଇଦିନଠାରୁ ଭିକାରିର କୁତ୍ସିତ ସୌନ୍ଦର୍ଯ୍ୟ ମୋ ମନରେ ଲାଖିଗଲା ଯେ ଛି ଛାକରର ପାତ୍ର, ସେଇ ହେଲା ମୋର ବନ୍ଧୁ, ଦେବତା, ଶିଳ୍ପ ଜଗତର ଶ୍ରେଷ୍ଠ ରୂପ। ତାକୁ ହିଁ ଭିତ୍ତିକରି ଶିଳ୍ପୀ ଓ ମୋର ଆରାଧ୍ୟଗୁରୁ ଶ୍ରୀ ମୁରଲୀଧର ଟାଲିଙ୍କ ଛାତ୍ରତ୍ୱ ଗ୍ରହଣ କଲି। ତାଙ୍କର ପ୍ରେରଣା ମୋତେ ଏ ଦିଗରେ ବହୁ ଦୂରକୁ ଆଗେଇ ନେଇଗଲା ଓ ତାଙ୍କରି ସ୍ନେହଶ୍ରଦ୍ଧାରୁ ମୋର ଶାନ୍ତିନିକେତନର ଛାତ୍ରଜୀବନ ସମ୍ଭବ ହେଲା। ଶାନ୍ତିନିକେତନର ଶାନ୍ତ ବାୟୁମଣ୍ଡଳ ଭିତରେ। କଳାର ଯେଉଁ ପ୍ରଭାବ ମୋ ଉପରେ ପଡ଼ିଲା ତାକୁ ହିଁ ଜୀବନରେ ପରମ ସୁଖ ମନେକରି ଦୀର୍ଘ ୪ ବର୍ଷ କାଳ କଟାଇଲି। ତାର କୋମଳ କୋଳରେ ନିଜକୁ ହସାଇ ଖେଳାଇ ମୂର୍ତ୍ତିକଳା, ଚିତ୍ରାଙ୍କନ, କାରୁଶିଳ୍ପ ଇତ୍ୟାଦି ସବୁକିଛି ଶିଖିଲି। ଅକ୍ଲାନ୍ତ ପରିଶ୍ରମ କରିଛି ବୋଲି

ମନେହୁଏ। କିନ୍ତୁ ରୂପସୃଷ୍ଟିରେ କୃତକାର୍ଯ୍ୟ ହୋଇପାରିନି। କାରଣ କଳା ସରସ୍ୱତୀଙ୍କୁ ପୂଜାଦେଇ ତୃପ୍ତି କରିବା ସହଜ ବୋଲି ମୋର ମନେହୁଏନା। କେବଳ କୃତକାର୍ଯ୍ୟ ହୋଇଛି, ଜଣେ ଭଲ ଛାତ୍ର ହିସାବରେ ଶିକ୍ଷକମାନଙ୍କ ଦ୍ୱାରା ଉତ୍ସାହିତ ହେବା ଦିଗରେ। ଯା' ହେଉ ବାପାଙ୍କର ଶିଳ୍ପନିପୁଣତା ମୋର ରୂପସୃଷ୍ଟି ପ୍ରତି ସ୍ନେହ ଓ ଶ୍ରଦ୍ଧାର ଏକମାତ୍ର କାରଣ। ଏଣୁ ମୋର ଦୃଢ଼ ବିଶ୍ୱାସ ଯେ ରୂପର ପ୍ରଭାବ ମୋ ଉପରେ ଆଜନ୍ମରୁ ପଡ଼ିଛି ଏବଂ ବାପାଙ୍କ ଆନ୍ତରିକ ପ୍ରେରଣା ମୋତେ ଏ ଦିଗରେ ବ୍ରତୀ କରାଇଛି। ତାଙ୍କର ଏଇ ପ୍ରେରଣା ମୋର କଳାକାର ଜୀବନର ଶ୍ରେଷ୍ଠ ଆଶିଷ ବୋଲି ମନେ ହେଉଥିଲାବେଳେ ମୋତେ ଶାନ୍ତିନିକେତନର ଶାନ୍ତ ବାତାବରଣର ବାହାରକୁ ଆସିବାକୁ ପଡ଼ିଛି। ଆଶା ଥିଲା ବଡ଼। ସେ ଆଶା ନାହିଁ କି ଆଉ ଭରସା ନାହିଁ। ମୋର ତଥା ମୋ ଦେଶର କଳାମୟ ଜୀବନ ଆଜି ରସାତଳକୁ ଯାଉଛି। ଏ କଥା ସମସ୍ତଙ୍କୁ ଜଣା। କେହି କିନ୍ତୁ ଉପରକୁ ଟେକି ଧରିବାକୁ ନାହିଁ। ପ୍ରକୃତିର ସୌନ୍ଦର୍ଯ୍ୟ ସତ୍ୟ; ସେଇ ସତ୍ୟତା ଭିତରେ ବୁଡ଼ିରହି ଅରୂପ, ବିରୂପ ଓ ରୂପର ପ୍ରଭାବକୁ ନିଜ ଆଡ଼କୁ ଟାଣି ଅଣାଯାଇଛି। ତା'ର ଫଳ ଭୋଗିବାକୁ ହେବ କିନ୍ତୁ ରୂପ ସୃଷ୍ଟିକୁ ଛାଡ଼ିହେବନି ମୃତ୍ୟୁଯାଏ।

# ଅର୍ଦ୍ଧଶତାବ୍ଦୀ ତଳର ଏକ ଶୈଳ୍ପୀକ ଅଭିବ୍ୟକ୍ତି

ଶରତଚନ୍ଦ୍ର ଦେବ

ଆମ ଓଡ଼ିଶାରେ ଶ୍ରୀଯୁକ୍ତ ମହାରଥୀ, ବିପନବିହାରୀ ଚୌଧୁରୀ, ରାଓ, ମିସେସ୍ ମାୟାର୍ସ, କାନୁନ୍‌ଗୋ ଓ ବର୍ମା ପ୍ରଭୃତି ମହା ମହା ଚିତ୍ରଶିଳ୍ପୀମାନେ ଥାଉଁ ଥାଉଁ ମୋ ପରି ଜଣେ ନଗଣ୍ୟ ଶିଳ୍ପଶିକ୍ଷାପିପାସୀ ବାମନ ହୋଇ ଚନ୍ଦ୍ରଙ୍କୁ ପାଇବା ଆଶାରେ ହାତ ବଢ଼ାଉଥିବା ମାନବରୂପଧାରୀ ପଶୁଟିକୁ ଆଣି ଅନନ୍ତ ଚିତ୍ରଶିଳ୍ପ ବିଷୟରେ ଆପଣମାନଙ୍କୁ କହିବାକୁ ଠିଆ କରାଇବାର ମର୍ମ ମୁଁ ଲେଶ ମାତ୍ର ବୁଝି ପାରୁନାହିଁ, ତଥାପି ମୁଁ ଯାହାର ଭକ୍ତ ତାହାର ଗାନ ଗାଇବା ସୁଯୋଗ ପାଇଥିବା ହେତୁ ଆପଣମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛି । ଆପଣମାନଙ୍କୁ ମୋର ଏତିକି ବିନୀତ ପ୍ରାର୍ଥନା ଏହିକି ମୁଁ କବି, ପଣ୍ଡିତ, ସାହିତ୍ୟିକ ହୋଇ ନ ଥିବା ହେତୁ ନିଜ ମନର ଭାବ ଭାଷାରେ ଯଥାଯଥ ବ୍ୟକ୍ତ କରି ନପାରିବା ଅବା ଭାଷାରେ ଥିବା ତ୍ରୁଟି ଦୟାପୂର୍ବକ ମାର୍ଜନା କରି ଆପଣମାନେ ଉଦାରତାର ପରିଚୟ ଦେବେ ଏବଂ ନିଜ ଭାଷାରେ କଥା ହେବା ଭଳି ପଦେ ଅଧେ କହିବାକୁ ସଦୟ ଅନୁମତି ଦେବେ । ଦୁଃଖର ବିଷୟ ଏହିକି ମୁଁ କଟକକୁ ଅନ୍ୟ କାର୍ଯ୍ୟରେ ଆସିଥିଲି ଓ ଆସିବା ଆଗରୁ ମୋ ଉପରେ ଏଡ଼େ ଗୋଟାଏ ଭାର ପଡ଼ିବ ବୋଲି ଭାବି ନ ଥିଲି । ନଚେତ୍ ମୁଁ ମୋର ଛବି ମଧ୍ୟରୁ କେତୋଟି ଆଣି ଆପଣମାନଙ୍କୁ ମୋ ବକ୍ତବ୍ୟର ଉଦାହରଣସ୍ୱରୂପ ଦେଖାଇଥାନ୍ତି । ଏ ସୁଯୋଗ ପାଇଥିଲେ ହୁଏତ ନିମ୍ନୋକ୍ତ ମୋର ମନର ଭାବ ଆଉ କିଛି ଅଧିକ ପରିଷ୍କାର ଭାବେ ବୁଝାଇ ପାରିଥାନ୍ତି । ଯାହାହେଉ ମୁଁ ପ୍ରଥମରେ "ଚିତ୍ରଶିଳ୍ପର ପରିଚୟ ଓ ବର୍ତ୍ତମାନ ଚିତ୍ରକରଙ୍କର କି କର୍ତ୍ତବ୍ୟ" ଏ ବିଷୟରେ ଦୁଇପଦ କହିବାକୁ ସାହସୀ ହୋଇଅଛି ।

ଚିତ୍ରଶିଳ୍ପ ମନୁଷ୍ୟ ହୃଦୟର ଭାବ ବ୍ୟକ୍ତ କରିବାର ଏକ ପନ୍ଥା । ସାହିତ୍ୟ, ସଙ୍ଗୀତ ଇତ୍ୟାଦି ଯେପରି ହୃଦୟର ଭାବ ବ୍ୟକ୍ତ କରେ ଚିତ୍ରଶିଳ୍ପ ମଧ୍ୟ ସେହିପରି ଚିତ୍ରକରର ହୃଦୟର ଭାବ

ବ୍ୟକ୍ତ କରେ । ଭଗବାନ୍ ପ୍ରକୃତିରେ ଯେ ସବୁ ଅମୂଲ୍ୟ ସୌନ୍ଦର୍ଯ୍ୟ ନିହିତ କରିଅଛନ୍ତି, ତାହା ଜ୍ଞାନ ଚକ୍ଷୁରେ ଦେଖି ମର୍ମ ବୁଝି ଚିତ୍ରକର ଯାହା ଅନୁଭବ କରିଥାଏ, ତାହା ତୂଳିକା ଦ୍ୱାରା ଆଙ୍କି ନିଜ ଭାବ ବ୍ୟକ୍ତ କରିବାହିଁ ଚିତ୍ରଶିଳ୍ପ। ପୃଥିବୀର ସେହି ଐଶ୍ୱର୍ଯ୍ୟଗରିମା ତୂଳିକା ଦ୍ୱାରା ପ୍ରସ୍ଫୁଟିତ କରି ସର୍ବସାଧାରଣଙ୍କୁ ହିଁ ବୁଝାଇଦେବା ଚେଷ୍ଟାହିଁ ଚିତ୍ରକରର କାର୍ଯ୍ୟ । ସମସ୍ତ ନରନାରୀ ଜଗତର ସୌନ୍ଦର୍ଯ୍ୟରେ ଆକୃଷ୍ଟ ଓ ତାର ମର୍ମ ବୁଝିବା ଲାଗି ଅଜ୍ଞାତଭାବେ ପିପାସୀ ହୋଇଥାନ୍ତି । ସେମାନଙ୍କର ଏ ପିପାସା ତୃପ୍ତି କରିବା ପାଇଁ ଚିତ୍ରକର ମନପ୍ରାଣ ଢାଳିଦେଇ ଅଗାଧ ପରିଶ୍ରମ ସ୍ୱୀକାର କରି ଯାହା ତୂଳିକା ଦ୍ୱାରା ଆଙ୍କି ସେମାନଙ୍କୁ ଦେଖାଇଥାଏ, ଚିତ୍ରଶିଳ୍ପ ତାକୁହିଁ କୁହାଯାଏ । ତା ବୋଲି ଯେ କୌଣସି ଚିତ୍ର ବା ଫଟୋଗ୍ରାଫକୁ ଚିତ୍ରଶିଳ୍ପ କୁହାଯାଇ ନ ପାରେ। ଏଠାରେ କେଉଁ ଛବି ଚିତ୍ରଶିଳ୍ପ ତାହା ନ କହି କେଉଁଗୁଡ଼ିକ ଚିତ୍ରଶିଳ୍ପ ନୁହେଁ ତାହା କହିଲେ ଆପଣମାନଙ୍କୁ ସ୍ପଷ୍ଟ ବୁଝାଯିବ। ଯେଉଁ ଛବି ଜଗତର ପଦାର୍ଥଗୁଡ଼ିକର ବାହ୍ୟରୂପ ନିସ୍ପନ୍ଦ ଭାବେ ଦେଖାଇଥାଏ ତାହା ଚିତ୍ରଶିଳ୍ପ ନୁହେଁ, ଅତଏବ ଫଟୋଗ୍ରାଫ୍ ବା ଶସ୍ତା ପ୍ରିଣ୍ଟ ଇତ୍ୟାଦିକୁ ଚିତ୍ରଶିଳ୍ପ କୁହାଯାଇ ପାରେ ନାହିଁ। ଏହାର ଉଦାହରଣସ୍ୱରୂପ ମନେକରନ୍ତୁ ଆମେ ଗୋଟିଏ ସୂର୍ଯ୍ୟାସ୍ତ ଦୃଶ୍ୟର ଏକ ମୁହୂର୍ତ୍ତ ଚିତ୍ର କରିବା ତେବେ ଯେଉଁ ମୁହୂର୍ତ୍ତଟି ଆମେ ଚିତ୍ର କରିଛେଁ ସେତିକି ଛଡ଼ା ଛବିରେ ତାର ପୂର୍ବ ଓ ପର ମୁହୂର୍ତ୍ତର ଆଭାସ ଦେବାକୁ ହେବ । ଯଦି ମନୁଷ୍ୟର ରୂପ ଚିତ୍ର କରୁଛେ ଯାହାର ରୂପ ଚିତ୍ର କରୁଥାଏ ସେ ଲୋକର ଚରିତ୍ର ଏବଂ ଠିକ୍ ମନର ଭାବ ଚିତ୍ରରେ ଆଭାସ ଦେବାକୁ ହେବ । ଏହା ଫଟୋରେ ଦେଖାଯିବା ଅସମ୍ଭବ । ଯେହେତୁ ଫଟୋ ଉଠାଇବା ବେଳେ ଅନେକ ଲୋକ ତାଙ୍କ ରୂପକୁ ଅଧିକ ସୁନ୍ଦର କରିବା ଇଚ୍ଛାରେ କୃତ୍ରିମ ଛଟା ଦେଇଥାନ୍ତି । ମାତ୍ର ଚିତ୍ରକର ଯଦି ଜଣେ ଲୋକଙ୍କୁ ଦେଖି ଚିତ୍ର କରେ ତେବେ ସେ ଯେଉଁ ଲୋକର ଛବି ଆଙ୍କୁଛି ସେ ଲୋକକୁ ବସାଇ ତାଙ୍କ ସଙ୍ଗେ କଥାବାର୍ତ୍ତା କରି ହୁଏତ ଅଳ୍ପ ହସାଇବା ପାଇଁ ପରିହାସ କରି ତାଙ୍କ ନିଜ ସ୍ୱଭାବ ବିଶେଷତଃ ମୁଖରେ ପ୍ରସ୍ଫୁଟିତ କରାଇ ତାହା ଚିତ୍ର କରିବ । ଯଦି ପ୍ରାକୃତିକ ଦୃଶ୍ୟ ଚିତ୍ର କରାଯାଏ, ତେବେ ସେହି ଛବିରେ ମନ୍ଦ ପବନ ବହିବା ଆଭାସ ମଧ୍ୟ ଛବିର ଦର୍ଶକଙ୍କୁ ଜଣାଯିବା ଉଚିତ । ତା ବୋଲି ମୁଁ କହୁ ନାହିଁ ଯେ ପ୍ରତ୍ୟେକ ପଦାର୍ଥର ପ୍ରତ୍ୟେକ ଅଣୁପରମାଣୁ ବିବରଣ ଚିତ୍ର କରିବାକୁ ହେବ, ବରଂ ପ୍ରକୃତିର ଅନେକ ବିବରଣ ଛବିରେ ଛାଡ଼ି ଦେବାକୁ ହେବ । ଖାଲି ଯେଉଁ ଯେଉଁ ସ୍ଥାନ ଦୃଶ୍ୟର ମର୍ମ ବା ଚରିତ୍ର ବୁଝାଇବ ତାହାହିଁ ଚିତ୍ର କରିବା ଉଚିତ। ଅନ୍ୟ ସମସ୍ତ ଚିତ୍ର ନ କଲେ ଚଳେ । ଅର୍ଥାତ୍ ଜଣେ ମନୁଷ୍ୟର ମୁହଁ ଚିତ୍ର କରିବାକୁ ଯାଇ ତା'ର ଭ୍ରୂଲତାର ପ୍ରତ୍ୟେକ ଲୋମ ମଥାର ପ୍ରତ୍ୟେକ କେଶ ଓ ମୁଖର ପ୍ରତ୍ୟେକ ବୈଚିତ୍ର୍ୟ ଚିତ୍ର କରିବା ଅନାବଶ୍ୟକ । ଖାଲି ଚକ୍ଷୁ, ନାସା, ଅଧର ଓ ମୁଖର ଆକୃତି ଠିକ୍ ଆଙ୍କି ଅନ୍ୟ ଯେଉଁଗୁଡ଼ିକ ଚରିତ୍ର ଓ ମନର ଭାବ ବୁଝାଇବ ସେତିକି ଚିତ୍ର କଲେହିଁ ଯଥେଷ୍ଟ ।

ଗଛ ଚିତ୍ର କରିବାକୁ ଯାଇ ପ୍ରତ୍ୟେକ ପତ୍ର ଓ ତା'ର ଶିରା ପ୍ରଶିରା ଇତ୍ୟାଦି ଚିତ୍ର କରିବା ବୃଥା । ତା ବୋଲି ଯଦି ଜଣେ ଚିତ୍ରକର ସମୁଦ୍ର ଲହରିର ଉତ୍ପାତ ଚିତ୍ରରେ ପ୍ରକାଶ କରିବାକୁ ଇଚ୍ଛା କରି

ଖାଲି ଇତସ୍ତତଃ ଭାବରେ ଗାର ଗୁଡ଼ାଏ ଟାଣିଦିଏ, ତାହା ଠିକ୍ ହେବ ବୋଲି କହୁ ନାହିଁ। ପ୍ରତ୍ୟେକ ଗାରର ଗୋଟାଏ ଅର୍ଥ ଆବଶ୍ୟକ ଏବଂ ଅପ୍ରୟୋଜନୀୟ ଛୋଟ ସନ୍ଧି ବିସନ୍ଧି ଆଙ୍କିବା ଅନାବଶ୍ୟକ। ତେବେ ଛବିଟି ଜୀବନ୍ତ ହେବ। କିନ୍ତୁ ଫଟୋଗ୍ରାଫ୍‌ଦ୍ୱାରା ଏହା ହୋଇ ପାରେନା। ଛବିଟି ଏପରି ହେବା ଉଚିତ ଯେ ଚିତ୍ର କଲାବେଳେ ଚିତ୍ରକରର ମନରେ ଯେଉଁ ଭାବ ଜାତ ହୋଇଥିଲା ସେ ଛବିଟି ଦେଖିଲେ ଦର୍ଶକଙ୍କ ମନରେ ଠିକ୍ ସେହି ଭାବ ଫୁଟିବ। ଏପରି ଯେଉଁ ଚିତ୍ର ନୁହେଁ ତାହାକୁ ପ୍ରକୃତ ଶିଳ୍ପ କୁହାଯାଇପାରେ ନାହିଁ। ଆପଣମାନେ ଅନୁଭବ କରୁଥିବେ ଯେ ଦିନେ ଦିନେ ପ୍ରକୃତିର ଦୃଶ୍ୟ ଦେଖିଲେ ଆପଣମାନଙ୍କ ମନରେ ଏକ ପ୍ରକାର ବିଷାଦ ଜନ୍ମେ ଏବଂ ଅନ୍ୟ ଦିଗରେ ବିଶେଷତଃ ସକାଳୁ ସୂର୍ଯ୍ୟୋଦୟ ଦେଖିବାବେଳେ ମନରେ ଏକ ପ୍ରକାର ଆନନ୍ଦ ଜାତ ହୁଏ। ତାହା କାହିଁକି ହୁଏ ? କାରଣ ପ୍ରକୃତିର ଦୃଶ୍ୟ ଯେପରି ଥାଏ ସେହି ଭାବ ଆପଣଙ୍କର ହୃଦୟକନ୍ଦର ସ୍ପର୍ଶ କରି ଆପଣଙ୍କ ମନରେ ସେହିପରି ଭାବ ଅନୁଭବ କରାଏ। ଅତଏବ ଯଦି ଜଣେ ଶିଳ୍ପୀ ପ୍ରକୃତିର ଗୋଟିଏ ଦୃଶ୍ୟାଙ୍କନ କରି ସେ ଛବିର ଦର୍ଶକଙ୍କୁ ସେହି ଆନନ୍ଦ ବା ସେହି ବିଷାଦ ଅନୁଭବ କରାଏ ତେବେ ସେହି ଚିତ୍ର ପ୍ରକୃତ ଶିଳ୍ପ ବା କଳାପୂର୍ଣ୍ଣ ଛବି। ଅତଏବ ଫଟୋଗ୍ରାଫ ବା ଶସ୍ତା ପ୍ରିଣ୍ଟ ଭଳି ଛବି ଆଙ୍କିବା ଶିଳ୍ପ କଳାବିଶାରଦର କାର୍ଯ୍ୟ ନୁହେଁ। ଯେହେତୁ ରଙ୍ଗିନ୍ ଫଟୋ ବା ସେଥିରୁ ଲିଥୋଗ୍ରାଫ କରାଯାଇଥିବା ଶସ୍ତା ପ୍ରିଣ୍ଟ ଖାଲି ପଦାର୍ଥଗୁଡ଼ିକର ଯାହା ଅବିକଳ ବାହ୍ୟ ଦୃଶ୍ୟ ତାହା ମାତ୍ର ଦେଖାଇଦେବ। କିନ୍ତୁ ଦୃଶ୍ୟର ମର୍ମ କ'ଣ, ସେଥିରେ ମାଧୁର୍ଯ୍ୟ କେଉଁଠି ଅଛି, ତାହା କଦାପି ଦେଖାଇପାରିବ ନାହିଁ। କାରଣ ଚିତ୍ରକରହିଁ ସେହି ମାଧୁରୀ ଦେଖାଇପାରେ ଓ ଚିତ୍ର କଲାବେଳେ ତାହା ଅଳ୍ପ ରଞ୍ଜିତ କରି ସର୍ବସାଧାରଣ ବୁଝିବା ଭଳି ପ୍ରସ୍ଫୁଟିତ କରାଯାଇଥାଏ ଓ ବିଷୟରେ ଚିତ୍ରଶିଳ୍ପର ଭଗିନୀ ସଙ୍ଗୀତ କଳାର ଗୋଟିଏ ଉଦାହରଣ ଦେଲେ ବୋଧହୁଏ ଏ ସୂକ୍ଷ୍ମ ଶିକ୍ଷା ସହଜରେ ବୁଝାଯିବ। ଭାବି ଦେଖନ୍ତୁ, ଜଗତରେ ଅନେକ ପ୍ରକାର ଶବ୍ଦ ଶୁଣାଯାଏ। ସମୁଦ୍ର ଲହରିର ଶବ୍ଦ, ପବନ ଦ୍ୱାରା ଗହନ ଅରଣ୍ୟରେ ପତ୍ରର ଶବ୍ଦ, କୋକିଳର କୁହୁ, ମୟୂରର କେକା, ପ୍ରତ୍ୟେକ ପଶୁପକ୍ଷୀଙ୍କ ଭିନ୍ନ ଭିନ୍ନ କଣ୍ଠସ୍ୱର ଇତ୍ୟାଦି। ଯଦି ଏ ସମସ୍ତ ଶବ୍ଦ ପୃଥକ୍ ପୃଥକ୍ ଅବିକଳ ଗ୍ରାମୋଫୋନ୍ ରେକର୍ଡ଼ କରାଯାଏ ତେବେ ସେ ରେକର୍ଡଗୁଡ଼ିକ ଅବିକଳ ଅନୁକରଣ। ସେ ସବୁ ଆମୋଦ ଦେଇପାରେ ମାତ୍ର ସେ ସମସ୍ତ ଶବ୍ଦ ଏକତ୍ର କରାଯାଇ ଯଦି ସେଥିରୁ ଗୋଟିଏ ରାଗ ଜଣେ ସଙ୍ଗୀତଜ୍ଞ ଆବିଷ୍କାର କରେ ତେବେ ରାଗଟି ସୀମାତୀତ ସୁଶ୍ରାବ୍ୟ ହେବ ନାହିଁ କି ? ଆଉ ଗୋଟିଏ ଉଦାହରଣ ଶୁଣନ୍ତୁ। ଆମେ ଯଦି ଗୋଟିଏ ଭଲ ବହି ପଢୁ ତେବେ ବହିଟି କାହିଁକି ଆମକୁ ପଢ଼ିବାକୁ ଶ୍ରଦ୍ଧା ଲାଗେ ? ଯେହେତୁ ତାହା ଆମର କଳ୍ପନାଶକ୍ତିକୁ ଉତ୍ତେଜିତ କରାଏ। କାରଣ ବହିଟିରେ ଶବ୍ଦଗୁଡ଼ିକ ଓ ଜଗତର ଘଟନାଗୁଡ଼ିକ ଏପରି ଭାବରେ ସୁସଜ୍ଜିତ ହୋଇଥାଏ ଯେ ତଦ୍ଦ୍ୱାରା ଆମେ ଶବ୍ଦାର୍ଥର ମର୍ମ ବୁଝିପାରି ଘଟଣାର ବିଶେଷତ୍ୱ ଚେତୁଁ। ମାତ୍ର ବାର୍ଷିକ ବିବରଣୀଟିଏ ନେଇ ପଢିବସିଲେ ବାଣିଜ୍ୟ ସମ୍ବନ୍ଧୀୟ ବା ଶିକ୍ଷା ସମ୍ବନ୍ଧୀୟ ଉପଯୋଗିତା ଛଡ଼ା

ତାହା ପଢି କାଳହରଣ କରିବାକୁ ଶ୍ରଦ୍ଧା ଜନ୍ମେ ନାହିଁ । ଯେପରି ଘଟପଟ ରାମ ଗୋବିନ୍ଦ ପରି କାହାକୁ କିଏ ସମ୍ବନ୍ଧ ନ ଥିବା ଶବ୍ଦ ଗୁଡ଼ିଏ ଲେଖାଥିଲେ ତାକୁ କାଳିଦାସ କବିତା କୁହାଯାଇ ନ ପାରେ, ସେହିପରି ଜଗତରେ ଯେ ସମସ୍ତ ପଦାର୍ଥ ଦେଖାଯାଏ ସେଥିର ସୌନ୍ଦର୍ଯ୍ୟ ଉପଲବ୍ଧି କରି ତାକୁ ଛବି କଲାବେଳେ ଛବିରେ ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ପଦାର୍ଥ ହୁଏତ କେଉଁଠି ଅତିରଞ୍ଜିତ ବା କେଉଁଠି ସଜ୍ଜିତ ଦୃଶ୍ୟର ଭାବ ନେଇ ଛବିଟି ଆବିଷ୍କାର କରି ଚିତ୍ତାକର୍ଷକ ହେଲେ ତାହାକୁ ପ୍ରକୃତ ଶିଳ୍ପ କୁହାଯାଏ ଏବଂ ଭଲ ପୁସ୍ତକ କଳ୍ପନାଶକ୍ତିକି ଉତ୍ତେଜନା କଲାପରି ଏହି ଛବି ସର୍ବସାଧାରଣଙ୍କ କଳାଜ୍ଞାନ ବା ଶିଳ୍ପଶକ୍ତିକି ଉତ୍ତେଜିତ କରି ଶ୍ରଦ୍ଧେୟ ଓ ଅମୂଲ୍ୟ ହୋଇଥାଏ ।

ଦେଖନ୍ତୁ ଶିଳ୍ପଜ୍ଞାନ ସମସ୍ତ ନରନାରୀଙ୍କଠାରେ ସନ୍ତତ ଗୁପ୍ତଭାବେ ଥାଏ । ଯେଉଁପରି କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର ମନୁଷ୍ୟଙ୍କଠାରେ ଥାଏ ଶିଳ୍ପକଳା ମଧ୍ୟ ସେହିପରି ଥାଏ । ଭାବି ଦେଖନ୍ତୁ, ପ୍ରତ୍ୟେକ ମନୁଷ୍ୟ ଜଗତର କୌଣସି ପଦାର୍ଥକୁ ଅନ୍ୟ ପଦାର୍ଥଠାରୁ ଅଧିକ ସୁନ୍ଦର ବୋଲି ବାଛିଥାନ୍ତି । ତାଙ୍କର କେଉଁ ଜ୍ଞାନ ତାଙ୍କୁ ଏପରି ବାଛିପାରିବାର ଶକ୍ତି ଦେଇଥାଏ ? ଯେଉଁ ଜ୍ଞାନ ତାଙ୍କୁ ଏ ଶକ୍ତି ଦିଏ ତାହାହିଁ ଶିଳ୍ପ ବା କଳାଜ୍ଞାନ । ଯଦି ଆପଣ ନିଜର ଗୃହ ସୁସଜ୍ଜିତ କରନ୍ତି ତେବେ ଅନେକ ରଙ୍ଗରୁ ଗୋଟିଏ ରଙ୍ଗ ବାଛି କାନ୍ଥରେ ଦିଅନ୍ତି । ଘରେ ଟଣା ହୋଇଥିବା ଛବିରୁ କୌଣସିଟି ବଙ୍କାଟଙ୍କା ହୋଇଥିଲେ ତାକୁ ଆପଣ ସିଧା କରି ଦିଅନ୍ତି । ତାହା କରିବାକୁ ଆପଣଙ୍କୁ କେଉଁ ଜ୍ଞାନ କହେ ? ଯେଉଁ ଜ୍ଞାନ ଆପଣଙ୍କୁ କହେ ତାହାହିଁ ଆପଣଙ୍କ ଶିଳ୍ପଜ୍ଞାନ । ଏହି ଜ୍ଞାନର ବୃଦ୍ଧି ବା ବିକାଶ ଆପଣଙ୍କ ଚିତ୍ରଶିଳ୍ପ । କେତେବେଳେ ପ୍ରକୃତିର ସୌନ୍ଦର୍ଯ୍ୟ ଆପଣ ଅନୁଭବ ଓ ବ୍ୟକ୍ତ କରିପାରିବେ । ଏ ପରିସ୍ଥିତିକି ଆସିଲେ ଆପଣ ଜଗତରେ ପ୍ରତ୍ୟେକ ପଦାର୍ଥର ସୌନ୍ଦର୍ଯ୍ୟ ତୂଳିକା ଦ୍ୱାରା ଅଙ୍କନ କରି ଜଗତକୁ ଦେଖାଇ ଦେବା ଲାଗି ବ୍ୟାକୁଳ ହୋଇପଡ଼ିବେ । ଯଦି କେତେଗୁଡ଼ିଏ ସୁନ୍ଦର କମଳା ଦେଖନ୍ତି, ତେବେ ସେଗୁଡ଼ିକୁ ଖାଇବାର ଇଚ୍ଛାଠାରୁ ସେଗୁଡ଼ିକର ସୌନ୍ଦର୍ଯ୍ୟ ତୂଳୀରେ ଆଙ୍କି ଜଗତକୁ ଦେଖାଇବା ଇଚ୍ଛା ଆପଣଙ୍କର ପ୍ରବଳ ହୋଇପଡ଼ିବେ । ବଗିଚାରେ ଫୁଲଗୁଡ଼ିଏ ଫୁଟିଥିଲେ ସେଗୁଡ଼ିକୁ ଆଙ୍କିବା ଇଚ୍ଛା, ଫୁଲଗୁଡ଼ିକୁ ତୋଳି ଆଣି ଫୁଲଦାନିରେ ରଖିବା ବା ଲଗାଇବା ବା ଶୁଙ୍ଘିବା ଇଚ୍ଛାଠାରୁ ଅଧିକ ହେବ । ଆଙ୍କିବା ଓ ମଣ୍ଡଣି କରିବା ଇଚ୍ଛା ସମସ୍ତଙ୍କଠାରେ ପୂରି ରହିଛି । ମାତ୍ର ସମସ୍ତେ ଏ କଥା ଚେତିପାରନ୍ତି ନାହିଁ, ଏହାର ଜ୍ୱଳନ୍ତ ଉଦାହରଣ ଏହି ଯେ ଆପଣମାନେ ଦେଖି ପାରୁଥିବେ ଅନେକ ସମୟରେ ନିଜେ କାର୍ଯ୍ୟ କରିବା ମେଜରେ ବସି ଭାବନା କରିବାବେଳେ ଅଜାଗ୍ରତ ଭାବରେ ମେଜର ଛପାକାଗଜ ଉପରେ ଛୋଟ ଛୋଟ ନକ୍ଷତ୍ର ଆଙ୍କୁଥିବେ ନତୁବା ଖବରକାଗଜଟାଏ ପଢ଼ିଥିଲେ ଛାପା ଅକ୍ଷରଗୁଡ଼ିକର ଖାଲି ସ୍ଥାନ ପେନ୍‌ସିଲଟିଏ ନେଇ ଅଜାଗ୍ରତ ଓ ଅଚେତନରେ କଳା କରୁଥିବେ । ଏ ଅଭ୍ୟାସ ବହୁତ ଲୋକଙ୍କର ଅଛି । ସେମାନେ କାହିଁକି ଏପରି କରନ୍ତି ? ଖାଲି ଆଙ୍କିବା ପାଇଁ ତାଙ୍କର ଯେଉଁ ଆକାଂକ୍ଷା (ଏ ଆକାଂକ୍ଷା ଅଛି ବୋଲି ସେ

ଜ୍ଞାନବଶତଃ ଚେତି ନ ଥିଲେ ସୁଦ୍ଧା) ତାଙ୍କୁ ଏପରି କରିବାକୁ ପ୍ରବର୍ତ୍ତାଏ । ଏହି ଆକାଂକ୍ଷା ଅଛି ବୋଲି ଆପଣମାନେ ଯଦି ଚେତିପାରିବେ ପଦାର୍ଥକୁ ଦେଖି ଆଙ୍କିବାରେ ଶ୍ରଦ୍ଧା ଓ ପ୍ରୋତ୍ସାହ ଦେବେ ଓ ପ୍ରକୃତିର ସୌନ୍ଦର୍ଯ୍ୟଟିକୁ ଆଙ୍କିବେ ତେବେ ନିଶ୍ଚୟ ଆପଣ ଚିତ୍ରଦ୍ୱାରା ମନର ଭାବ ବୁଝାଇପାରିବେ । ଚିତ୍ରକରର ମନର ଭାବ ବୁଝାଯିବା ଚିତ୍ରର ମୂଲ୍ୟ ଅତି ଅଧିକ ବା ତା'ର ମୂଲ୍ୟ କଳ୍ପନା କରାଯାଇ ନ ପାରେ । Adoration of the Lamb ନାମକ ଗୋଟିଏ ଛବି Herbert & Jan ଚିତ୍ର କରିଥିଲେ । ସେ ଚିତ୍ରଟି ଚିତ୍ରକରର ମନର ଭାବ ଏତେ ପରିଷ୍କାର ବୁଝାଇ ପାରିଥିଲା ଏବଂ ସେ ଛବିକୁ ଏତେ ମୂଲ୍ୟବାନ୍ ମନେ କରାଯାଇଥିଲା ଯେ ୧୯୧୪ ସାଲର ଯୁଦ୍ଧରେ ଜର୍ମାନୀ ଶତସହସ୍ର ଲୋକଙ୍କୁ ପ୍ରାଣବଳି ଦେଇ ସୁଦ୍ଧା ବେଲଜିୟମ୍‌ର ଲୁକ୍‌କାୟିତ ସ୍ଥାନରୁ ସେ ଚିତ୍ରଟି ପାଇପାରି ନ ଥିଲା । ଏ ଛବିଟି ଏତେ ଭାବ ବ୍ୟକ୍ତ କରୁଥିଲା ଯେ ସେ ଛବିଟି ଶତ୍ରୁ ହାତକୁ ଦେଇଦେବା ଅପେକ୍ଷା ନିଜର ପ୍ରାଣ ଦେବା ଉଚିତ ମନେ କରାଯାଉଥିଲା ।

ଆଜିକାଲି ଭାରତରେ ଓରିଏଣ୍ଟେଲ୍ ଆର୍ଟର ସ୍ରୋତ ମାଡ଼ି ଯାଇଅଛି । ସେ ବିଷୟରେ ମୋର ମତ ପଦେ ଅଧେ କହିବାକୁ ସାହସୀ ହୋଇଅଛି । ଏଥିପୂର୍ବେ ମୁଁ ଯାହା କହିଥିଲି ଚିତ୍ରଶିଳ୍ପ ମନର ଭାବ ଜଣାଇବାର ଏକ ପନ୍ଥା, ତା ଜଗତରେ ସମସ୍ତ ଦେଶ ସ୍ୱୀକାର କରନ୍ତି । ଅତଏବ ଓରିଏଣ୍ଟେଲ ଆର୍ଟ ମଧ୍ୟ ତାହା; କିନ୍ତୁ ଦୁଃଖ ସୁଖ ଆଦି ମନର ଭାବ ପ୍ରକାଶ କରିବାର ପନ୍ଥା ଯେପରି ବିଭିନ୍ନ ଦେଶରେ ବିଭିନ୍ନ ହୋଇଥାଏ; ବିଭିନ୍ନ ଦେଶ କାହିଁକି ପ୍ରତ୍ୟେକ ମନୁଷ୍ୟର ଭିନ୍ନ ହୋଇଥାଏ । ସେପରି ପ୍ରକୃତିର ସୌନ୍ଦର୍ଯ୍ୟ ପ୍ରକାଶ କରିବା ରୀତି ମଧ୍ୟ ଭିନ୍ନ ହୋଇପାରେ । ଧରନ୍ତୁ ଆମ ଭାରତୀୟ କଥାକୁହା ଚଳଚ୍ଚିତ୍ରରେ ଯଦି ଜଣେ ଦୁଃଖ ଅଭିନୟ କରେ ତେବେ ଦୁଃଖଭାବ ସଙ୍ଗୀତ ଦ୍ୱାରା ବ୍ୟକ୍ତ କରେ; କିନ୍ତୁ ଏପରି ଭାବ ପ୍ରକାଶ କରିବା ପାଶ୍ଚାତ୍ୟ ଲୋକଙ୍କ ହୃଦୟସ୍ପର୍ଶୀ ହେବା ଅସମ୍ଭବ । ସେମାନେ ହୁଏତ କେଶ ଓଟାରି ଇତସ୍ତତଃ ଭାବରେ ବୁଲି ଦୁଃଖ ପ୍ରକାଶ କରିବେ ତା ବୋଲି ଦୁଃଖର ବାଧା ବା ଅନୁଭୂତି ସମସ୍ତଙ୍କର ସମାନ ନୁହେଁ କି ? ପ୍ରକାଶ କରିବା ପନ୍ଥା ସିନା ଭିନ୍ନ ହେବ । ସେହିପରି ପ୍ରତ୍ୟେକ ଦେଶ ଆଉ ପ୍ରତ୍ୟେକ ଚିତ୍ରକରର ଚିତ୍ର ଭିନ୍ନ ହେବ । ଅତଏବ ଚିତ୍ରଶିଳ୍ପକୁ ସ୍ୱତନ୍ତ୍ର ଭାବେ ଓରିଏଣ୍ଟେଲ କହିବା ଅପେକ୍ଷା ଭାରତୀୟ ଚିତ୍ରକରଗଣ ଏ ଭାବରେ କଳା ବା ଭାବ ବୁଝାଇଥାନ୍ତି କହିବା ବୋଧହୁଏ ଅଧିକ ଯୁକ୍ତିଯୁକ୍ତ । ଖାଲି ଭାରତୀୟ ବା ପାଶ୍ଚାତ୍ୟ କାହିଁକି ଜଗତରେ ଅନେକ ପ୍ରକାର ଭାବ ପ୍ରକାଶ କରିବାର ରୀତି ଦେଖାଯାଏ । ଯଥା, High finished old English water colour impression, Italian patch work ଏବଂ ଭାରତୀୟ ଯାହାକି ଗାର ଓ flat colour । ଅତଏବ ଯେଉଁ ଦଳ ଲୋକଙ୍କୁ ଯାହା ତୃପ୍ତିକର ହେବ ସେମାନେ ସେହି ଚିତ୍ରକୁ ଅନୁମୋଦନ କରିପାରନ୍ତି । ଏ ବିଷୟରେ ତର୍କ ବା ଯୁକ୍ତି ନିଷ୍ପ୍ରୟୋଜନ । ଯେତେବେଳେ ମନୁଷ୍ୟକୁ ଗୋଟିଏ ବିଷୟ ଅତୃପ୍ତିକର ହୁଏ ତେତେବେଳେ ସେ ବିଷୟରେ ଯୁକ୍ତିତର୍କ ଉଠେ । ଯାହାର ତୂଳୀ ରେଖାରେ ପ୍ରାଣ ନାହିଁ, ଯାହାର ଚିତ୍ରିତ ଛବି ଜୀବନ୍ତ ନୁହେଁ, ତାହାର ଛବିରେ ଦୋଷ ଗୁଣ ବିବେଚନା କରାଯାଇପାରେ;

କିନ୍ତୁ ଏପରି ଛବି ଶିଳ୍ପ ନୁହେଁ ଓ ତାହା ବଂଶପରମ୍ପରା ଜୀବିତ ରହି ନ ପାରେ ବା ଭାବ ବ୍ୟକ୍ତ କରିପାରେ ନାହିଁ । ପ୍ରତ୍ୟକ୍ଷ ଦେଖନ୍ତୁ Vandayke, Titian, Leonardo-de-Vinci ପ୍ରଭୃତିଙ୍କ ଚିତ୍ରଶିଳ୍ପ ଶତ ଶତବର୍ଷ ପୂର୍ବେ ଚିତ୍ରିତ ହୋଇଥିଲେ ସୁଦ୍ଧା ଆଜିଯାଏ ତାହା ସଜୀବ ରହିଛି ଓ ସେ ଚିତ୍ରକରଗଣ ସ୍ୱର୍ଗରେ ରହି ସୁଦ୍ଧା ଆଜି ମର୍ତ୍ତ୍ୟରେ ଆମ ସଙ୍ଗେ ରହିଛନ୍ତି । ଆଧୁନିକ ବିଶ୍ୱକବି ରବୀନ୍ଦ୍ରନାଥ, ଅସ୍ୱଲ୍‌ଡ଼ କାଳି, ଟି.ସି. ଡାଗଡ଼େଲ, ବ୍ରକ୍‌ହାର୍ଷ୍ଟ, Frank Slater ଙ୍କ ଚିତ୍ର ଓ ସେମାନେ ଶତ ସହସ୍ର ବର୍ଷ ବିତିଗଲେ ସୁଦ୍ଧା ଆମ୍ଭର ବା ଆମ୍ଭ ଭାବୀ ବଂଶଧରଗଣଙ୍କ ସହିତ ସମାନ ହୋଇ ପାରିବେ କି ? କିନ୍ତୁ କବି ବର୍ଣ୍ଣନାର ମର୍ମ ନ ବୁଝି ଶବ୍ଦାର୍ଥ ମାତ୍ର ଚିତ୍ରଦ୍ୱାରା ଦେଖାଇବାକୁ ଯିବା ଉଚିତ ନୁହେଁ । ଯଥା କବି ବର୍ଣ୍ଣନା କରିଅଛନ୍ତି ପୂର୍ଣ୍ଣଚନ୍ଦ୍ର ବଦନ, ତା ବୋଲି କମ୍ପାସରେ "O"ଟିଏ ଆଙ୍କି ଥଣ୍ଡା ରଙ୍ଗବୋଳି ଦେଇ ଚନ୍ଦ୍ରବଦନ ପ୍ରକାଶ କଲେ ଚନ୍ଦ୍ରମୁଖ ହେବ ନାହିଁ । ଅତଏବ ପୂର୍ଣ୍ଣ ଚନ୍ଦ୍ର ବଦନ ଆଙ୍କିବାକୁ ହେଲେ ଗୋଟିଏ ସୁନ୍ଦର ମନୁଷ୍ୟର ମୁହଁରେ ଏପରି ଛଟା ଦେଇ ଛବି ଚିତ୍ର କରିବ କି ଯେଉଁ ଛବି ଦେଖି ଦର୍ଶକଙ୍କ ମନରେ ପୂନେଇ ରାତିରେ ଚନ୍ଦ୍ରଙ୍କୁ ଚାହିଁବା ଆନନ୍ଦ ଜାଗରିତ ହେବ । ସାହିତ୍ୟର ବର୍ଣ୍ଣନାଗୁଡ଼ିକରୁ ଶବ୍ଦାର୍ଥ ନେଇ ତଦ୍ରୂପ ଛବି ଆଙ୍କି ଓରିଏଣ୍ଟେଲ ଆର୍ଟ ବୋଲି ପରିଚୟ ଦେବା କେଡ଼େ ଶିଳ୍ପ ତା ବିଚାରନ୍ତୁ । ମୋର କ୍ଷୁଦ୍ର ମତରେ କବିବର୍ଣ୍ଣିତ ରୂପ କି ଭାବରେ ଚିତ୍ର କରିବାକୁ ହେବ ତାହା ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କର "କାଲୋ ସ୍ତ୍ରୀ" ଇତ୍ୟାଦି କବିତାରୁ ସେ ନିଜେ ଯେଉଁସବୁ ଚିତ୍ର ଆଙ୍କିଛନ୍ତି ସେ ଚିତ୍ର ଓ ପଦ୍ୟ ଏକତ୍ର ଦେଖିଲେ ଆପଣମାନେ ଭାରତୀୟ କବି ଓ ଚିତ୍ରକରଙ୍କ କି ଉଚ୍ଚ ଧରଣର ଭାବ ବ୍ୟକ୍ତ କରିବା ପନ୍ଥା ସ୍ପଷ୍ଟ ବୁଝିପାରିବେ । ଚିତ୍ରକର ନିଜେ ଜଗତର ଶୋଭା ହୃଦୟଙ୍ଗମ କରି, ତାହା ଛବିରେ ଖାଲି ଗାର, ବନକ ବା କାଳି ବା ଯେ କୌଣସି ଜିନିଷ ବ୍ୟବହାରରେ ପ୍ରକାଶ କଲେ ତାହା ପ୍ରକୃତ ଶିଳ୍ପ ହେବ ଓ ସମସ୍ତଙ୍କ କଳାଜ୍ଞାନକୁ ଉତ୍ତେଜିତ କରିବ । କିନ୍ତୁ ଅନ୍ୟ ଜଣେ ଚିତ୍ରକରଙ୍କ ଛବି ଦେଖି ତାକୁ ଏଣେ ତେଣେ ଅଳ୍ପ ବଦଳାଇ ତା'ର ମୂଳ ମର୍ମ ଧୂଳିସାତ କରି ଏକ ରଙ୍ଗ ବା (flat colour) ବୋଳି ଦେଇ ତାକୁ ଓରିଏଣ୍ଟେଲ ଆର୍ଟ କହିବା ଅର୍ଥହୀନ । ଶିଳ୍ପୀର ଶିଳ୍ପରେ ଆଦିମତା ଓ ନୂତନତା ଆବିଷ୍କୃତ କରାଯାଇ ସର୍ବସାଧାରଣଙ୍କ କଳ୍ପନାଶକ୍ତିକୁ ଉତ୍ତେଜିତ କରିବା ଲାଗି ଛବି ବା ପ୍ରତିମାରେ କେତେକ ସାଙ୍କେତିକ ଛଟା ଦେଖାଯିବା ଉଚିତ । ଯେପରି ଆମ ଓଡ଼ିଶାର ଶ୍ରୀଜଗନ୍ନାଥ ମୂର୍ତ୍ତି ଗଢା ହୋଇଛନ୍ତି । ତାଙ୍କର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରୁ ଭଗବାନଙ୍କ ଗୁଣ ବର୍ଣ୍ଣନା ସମ୍ପୂର୍ଣ୍ଣ ମିଳି ଯାଉଛି । ଦେଖନ୍ତୁ ତାଙ୍କ ହାତର ପାପୁଲି ନାହିଁ, କାରଣ ପାପୁଲି ଥିଲେ ହାତର ଶେଷ ଜଣାପଡ଼ନ୍ତା । ଏଣୁ ତାଙ୍କ ହାତର ଲମ୍ବ ଆପଣ ଯେତେ କଳ୍ପନା କରିପାରିବେ ତାଠାରୁ ଅଧିକ । ସେହିପରି ମୁଖ ଓ ଦେହ । ତାଙ୍କ ମୁଖର ଆକାର ଦୁଇ କଡ଼ରୁ ଆପଣ ଯେତେ ବଢ଼ାଇବେ ତାହା କେଉଁଠି ଏକତ୍ର ହୋଇ ମୁଖର ଶେଷ ହେବ ନାହିଁ । ଭଗବାନ୍ ଯେ ଅନନ୍ତ ଏସବୁ ତା'ର ସଙ୍କେତ ଦେଉ ନାହିଁ କି ? ତାପରେ ତାଙ୍କ ଆଖି ଗୋଲ । ଗୋଲ କଣ ବୁଝାଏ, O ଟି କେଉଁ ଜାଗାରୁ ଆରମ୍ଭ ବା କେଉଁଠି

ଶେଷ ତା କହିପାରିବେ କି ? ତାପରେ ଗୋଲ ଜିନିଷ ଚକ୍ର ଗତିର ସୂଚନା ଦିଏ ତ। ଅତଏବ ତାଙ୍କ ଆଖିର ଆଦି ଅନ୍ତ ନାହିଁ ଓ ତାହା ଚକ୍ର ଗତିରେ ଚତୁର୍ଦ୍ଦିଗରେ ବୁଲୁଛି। ତାଙ୍କ ପାଟି ଅର୍ଦ୍ଧଚନ୍ଦ୍ର । ଆପଣମାନେ ବୋଧହୁଏ ଅବଗତ ଥିବେ ଜଣେ ଲୋକ ହସୁଥିଲେ ତାର ପାଟିର ଗୋଟିଏ କୋଣରୁ ଠିକ୍ ଦୁଇ ଓଠ ମିଶିବା ଜାଗାରେ ଗାରଟିଏ ଅନ୍ୟ କୋଣକୁ ଟାଣିଲେ ଗାରଟି ଅର୍ଦ୍ଧଚନ୍ଦ୍ର ଆକାର ହେବ । ନତୁବା ଅର୍ଦ୍ଧଚନ୍ଦ୍ର ଆକାରରେ ଗାର ଟାଣି ତାର ଦୁଇ କଡ଼େ ଦୁଇଟି ଓଠ ଓ ମୁଖଟି ଚିତ୍ର କରାଯାଏ ତେବେ ସେ ମୁହଁର ଭାବ ହସ ହସ ହେବ। ଅତଏବ ଜଗନ୍ନାଥଙ୍କ ପାଟି ସଦା ଆନନ୍ଦର ପରିଚୟ ଦେଉଛି । ଏଣୁ ସମସ୍ତ ବିଷୟ ଏକାଠି କଲେ ସ୍ପଷ୍ଟ ଜଣାଯାଏ ଯେ ସେ ମୂର୍ତ୍ତି ଅନନ୍ତ, ସବୁଆଡ଼େ ତାଙ୍କ ଆଖି ଘୂରୁଛି ଓ ସେ ସଦାନନ୍ଦ। ଏଣୁ ଏହାଠାରୁ ଅଧିକ କି ଶିଳ୍ପ ହୋଇପାରେ ଓ ଏହା କଣ ମନୁଷ୍ୟର କଳା ଓ କଳ୍ପନାଶକ୍ତିକି ଉଣା ତୃପ୍ତି କରୁଛି।

ଶିଳ୍ପ ବା କଳାର ମନୋବିଜ୍ଞାନ ସମ୍ବନ୍ଧୀୟ ବ୍ୟବହାର ବ୍ୟତୀତ ଦୈନନ୍ଦିନ ଉପକାରିତା ବି କମ୍ ନୁହେଁ । ଆପଣମାନେ ଯେଉଁ ଲୁଗା ନିତି ବ୍ୟବହାର କରନ୍ତି ତାର ଧଡ଼ିର ନକ୍‌ସା ଶିଳ୍ପୀର କାମ ଓ ଯେ ପଞ୍ଜାବି ବ୍ୟବହାର କରନ୍ତି ତାହା ଶିଳ୍ପୀର ସୃଷ୍ଟି । ସଭ୍ୟତାର ଉନ୍ନତିର ମୂଳମନ୍ତ୍ର ଅଟେ ଶିଳ୍ପ । ଏତିକି ନୁହେଁ, ଐତିହାସିକ ଘଟଣାସବୁ ଚିତ୍ରଶିଳ୍ପ ଦ୍ୱାରା ଯେପରି ସଞ୍ଚିତ ହେଉଛି କୌଣସି ଶାସ୍ତ୍ର ତାହା କରିପାରୁ ନାହିଁ ।

ଦେଖନ୍ତୁ ଆମ ଭାରତର ପୁରାତନ ତାଣ୍ଡବ ନୃତ୍ୟ ଆଜି ଯେ ଉଦୟଶଙ୍କର ପୁନରପି ଜାଗରିତ କରି ଜଗତବିଖ୍ୟାତ କରିଛନ୍ତି, ସେ ନୃତ୍ୟ କିପରି ଥିଲା ତା ସେ ପୁସ୍ତକ ପଢ଼ି ଜାଣି ନାହାନ୍ତି ବା ନାଚି ଶିଖି ନାହାନ୍ତି । ତାଙ୍କୁ ତାଣ୍ଡବ ନଚାଇଛି ଅଜନ୍ତା ଗୁହାର ଚିତ୍ର । ଇଂଲଣ୍ଡରେ ସେଭିଏ ଥିଏଟରରେ, ଆମେରିକାରେ, ବର୍ଲିନରେ, ପାରିସ ଆଲକାଜାର ଥିଏଟର୍ସରେ ତାଣ୍ଡବ ନଚାଇଛି ଅଜନ୍ତାର ଚିତ୍ର । ଐତିହାସିକ ଓ ଜଗତର ଅତି ପ୍ରୟୋଜନୀୟ ଘଟଣା ଚିତ୍ର ଛଡ଼ା ଅନ୍ୟ କୌଣସି ଉପାୟରେ ସଞ୍ଚିତ ହୋଇ ନ ପାରେ ବୋଲି ବର୍ତ୍ତମାନ ଯୁଦ୍ଧରେ ବ୍ରିଟେନ୍ ପଚିଶ ଜଣରୁ ଅଧିକ ସୁବିଖ୍ୟାତ ଚିତ୍ରକରଙ୍କୁ ଅଜସ୍ର ମୁଦ୍ରା ମାସିକ ପାରିତୋଷିକ ଦେଇ War Artist ରୂପେ ନିଯୁକ୍ତ କରିଛି । ଯଦି କୌଣସି କଥା ପ୍ରଚାର କରିବାକୁ ହୁଏ, ତାହା ଚିତ୍ରଦ୍ୱାରା ଅତ୍ୟଧିକ ଭାବେ ପ୍ରଚାରିତ ହୁଏ । ଏଥିଲାଗି War Poster ସକାଶେ ବେଙ୍ଗଲ ସରକାର ଶତାଧିକ ମୁଦ୍ରା ପୁରସ୍କାର ବିତରଣ କରୁଅଛନ୍ତି । ଆପଣମାନେ ଯଦି ଅତି ପୂର୍ବକାଳର ତାଳପତ୍ର ପୋଥି ଦେଖନ୍ତି, ଦେଖିବେ ଯେ ପ୍ରତ୍ୟେକ ପଦ୍ୟ ବା ଗଦ୍ୟ ସଙ୍ଗେ ସଙ୍ଗେ ଚିତ୍ର ରହିଛି ଏବଂ ଆଧୁନିକ ପାଠ୍ୟ ପୁସ୍ତକରେ ମଧ୍ୟ ଚିତ୍ର ଦିଆଯାଇଥାଏ। ଏ ତ ଗଲା ସର୍ବସାଧାରଣଙ୍କ ପାଇଁ ଚିତ୍ରଶିଳ୍ପର ଉପକାର। ଚିତ୍ରକରର ଚିତ୍ରଶିଳ୍ପ ଅନ୍ୟଥା ଯେଉଁ ଉପକାର କରେ ତାହା ଅକଥନୀୟ। ଭାବନ୍ତୁ ଦୁଇଜଣ ନାବାଳକ ଅମାୟିକ ଭାବେ ଖେଳୁଥିବା ଦେଖି ତାଙ୍କ ପିତାମାତାଙ୍କ ମନରେ କି ଆନନ୍ଦ ହୁଏ ଓ

ସେମାନେ କିପରି ଗର୍ବିତ ହୋଇଥାନ୍ତି। କାରଣ ସେ ପିଲାଙ୍କୁ ସେ ଗଢ଼ିଛନ୍ତି ଓ ଜନ୍ମ ଦେଇଛନ୍ତି ବୋଲି ଚିତ୍ରକର ଯଦି ତା'ର ହୃଦୟର ଭାବ ତଦ୍ରୂପ ଫୁଟାଇ ଛବିଟିଏ ଆଙ୍କେ, ସେ ଛବି ସମ୍ପୂର୍ଣ୍ଣ କରିବା ପରେ ସେ ସେହିପରି ଆନନ୍ଦିତ ଓ ଗର୍ବିତ ହୋଇଥାଏ। ଚିତ୍ରକରର ମାନ ସମସ୍ତ ସମୟରେ ପୃଥିବୀର ପଦାର୍ଥଗୁଡ଼ିକର ଶୋଭା ହୃଦୟଙ୍ଗମ କରିବାକୁ ଓ ପ୍ରତ୍ୟେକ ବସ୍ତୁର ମାଧୁର୍ଯ୍ୟ ଓ ଗରିମା ଖୋଜି ବୁଝିବାପାଇଁ ଆତୁର। ତାହା ବୁଝି ତୂଳୀରେ ବ୍ୟକ୍ତ କରି ଜଗତକୁ ବୁଝାଇବ କିପରି ଏହି ମୀମାଂସା ନେଇ ସେ ବ୍ୟସ୍ତ, ଏବେ ଯେତେବେଳେ ତାହା ପରିଷ୍କାର କରେ ତେତେବେଳେ ତା'ର ଆନନ୍ଦର ସୀମା ରହେ ନାହିଁ। ଚିତ୍ରକର ଚିତ୍ର କଲାବେଳେ ଜଗତକୁ ଓ ନିଜକୁ ଭୁଲି ଚିତ୍ରରେ ଅନ୍ୟମନସ୍କ ଥାଏ ଓ ଚିତ୍ର ଶେଷରେ ସ୍ୱର୍ଗୀୟ ସୁଖ ପାଏ। ଏହି ଅଳ୍ପ ଦିନ ପୂର୍ବେ ବିଲାତର Artist ନାମକ ମାସିକ ପତ୍ରିକାରେ ଜନୈକ ସୈନ୍ୟ ପତ୍ରିକାର ସମ୍ପାଦକଙ୍କୁ ଲେଖିଥିବା କେତୋଟି ପତ୍ର ମଧ୍ୟରୁ ଗୋଟିଏ ପତ୍ରର ଅନୁବାଦ ଶୁଣନ୍ତୁ। ସୈନିକ ଲେଖିଥିଲେ, "ମୁଁ ଯୁଦ୍ଧରେ ଯୋଗ ଦେବା ପୂର୍ବରୁ ଚିତ୍ର ବିଦ୍ୟାଳୟରେ ଶିଳ୍ପଶିକ୍ଷା ଲାଭ କରିଥିଲି। ବର୍ତ୍ତମାନ ଯୁଦ୍ଧଶିବିରର ଚତୁର୍ଦ୍ଦିଗରେ ମୃତ୍ୟୁର କୋଳାହଳ ଦେଖି ଅତିରିକ୍ତ ବିଚଳିତ ଓ ଭୟତ୍ରସ୍ତ ଥିଲି। ମାତ୍ର ଆପଣ ଦୟାପୂର୍ବକ ଶିବିରମାନଙ୍କୁ ପଠାଇବା ମାସିକ Artist ପତ୍ରିକାରୁ ପଢ଼ିଲି ଯେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଲବ୍ଧି କରି ତା ଛବିରେ ପ୍ରକାଶ କଲାବେଳେ ଚିତ୍ରକର ନିଜକୁ ଭୁଲିଯାଏ। ଅତଏବ ନିଜକୁ ଓ ଜଗତକୁ ଅନ୍ତତଃ କିଛିକ୍ଷଣ ପାଇଁ ଭୁଲିବା ନିତାନ୍ତ ଆବଶ୍ୟକ ଦେଖି ଶିବିର ଆଗରୁ ଗୋଟିଏ ଦୃଶ୍ୟର ଚିତ୍ରାଙ୍କନ କଲି। ଭାବ ବ୍ୟକ୍ତ କରିପାରିବା ଆଶା ଦେଖି ସମସ୍ତ ବିଷୟ ବାସ୍ତବିକ୍ ଭୁଲିଗଲି। ଏହି ଛବିଟି ଶେଷ କରିବା ପରେ ମୋର ଏପରି ଗୋଟାଏ ଆନନ୍ଦ ଓ ଉତ୍ସାହ ଜନ୍ମିଲା ଯେ ଚତୁର୍ଦ୍ଦିଗର ଆର୍ତ୍ତନାଦ ଓ ରକ୍ତନଦୀର ଭୀଷଣ ଦୃଶ୍ୟ ପ୍ରତି ଭ୍ରୂକ୍ଷେପ ନ କରି ଭାବିଲି ମୁଁ ଏକାକୀ ଶତ୍ରୁର ସମସ୍ତ ସେନା ଧ୍ୱଂସ କରିପାରିବି। ଅତଏବ ଏଥିରୁ ଆପଣ ବୁଝିପାରିବେ, ଚିତ୍ରବିଦ୍ୟା ଚିତ୍ରକରର ଅନ୍ୟ ବ୍ୟବସାୟରେ ସୁଦ୍ଧା କେଡ଼େ ଉପଯୋଗୀ।"

ଶିଳ୍ପ ସମସ୍ତଙ୍କୁ ଶାନ୍ତ ଓ ବିଚଳିତ ଚିତ୍ତକୁ ଆଶ୍ୱାସନା ଦିଏ। ବିଶେଷତଃ ଆମ ଭାରତ ପରି ଷଡ଼ଦର୍ଶନବେତ୍ତା ପରିପୂର୍ଣ୍ଣଦର୍ଶନଶାସ୍ତ୍ରଭକ୍ତଙ୍କ ଦେଶରେ ଚିତ୍ରଶିଳ୍ପ ମନୋବିଜ୍ଞାନ ବିଷୟ ଅଧିକ ଶାନ୍ତି ଦେବା କଥା। ବର୍ତ୍ତମାନ ପାଶ୍ଚାତ୍ୟ ଜଗତରେ ଯେଉଁ ଭୀଷଣ ମାରାତ୍ମକ କାଣ୍ଡ, ମୃତ୍ୟୁର କୋଳାହଳ ଜ୍ୱଳନ୍ତ ଜିହ୍ୱା ଲହ ଲହ କରି ସମଗ୍ର ପୃଥିବୀକୁ ଲେହନ ଓ ଗର୍ଭସାତ୍ କରିବା ଉଦ୍ୟମରେ ଅଛି, ସେଥିରେ ସମସ୍ତ ନରନାରୀ ନିଶ୍ଚୟ ବିଚଳିତ, ଭୟତ୍ରସ୍ତ ଓ ଆର୍ତ୍ତ। ଏ ପରିସ୍ଥିତିରେ ଚିତ୍ରକରର କର୍ତ୍ତବ୍ୟ ବହୁତ ଓ ତାହା ଦୁସାଧ ହେଲେହେଁ କଦାପି ଅସାଧ ନୁହେଁ। ଯେଉଁମାନେ ପ୍ରଶ୍ନ କରୁଅଛନ୍ତି, "ଏ ଅବସ୍ଥାରେ ଚିତ୍ରକର କଣ କରିପାରିବ, ଚିତ୍ର ତ ଲୋପ ପାଇବ।" ସେମାନେ ଭାବି ଦେଖନ୍ତୁ ଯେ ଚିତ୍ରଶିଳ୍ପ ଲୋପ ପାଇବା ଅସମ୍ଭବ। ଏ ଯୁଦ୍ଧ ଚିତ୍ରଶିଳ୍ପର ଗତି ଅଳ୍ପକ୍ଷଣ ପାଇଁ ମଠ କରି ଦେଇ ପାରିଥାଏ ମାତ୍ର ଏକବାର ରୋଧ କରି

ଦେଇନାହିଁ କି କରିପାରିବ ନାହିଁ । ଶିଳ୍ପ ଏପରି ଅନେକ ଯୁଦ୍ଧ ଦେଖିଛି । ଯୁଦ୍ଧଦ୍ୱାରା କ୍ଷୀଣାଙ୍ଗ ହୋଇ ଯାଇଛି; କିନ୍ତୁ ପୁନରପି ତେଜୀୟାନ୍ ହୋଇ ସମଗ୍ର ପୃଥିବୀରେ ନିଜର ପ୍ରଭା ବ୍ୟାପ୍ତ କରିଛି ଓ ଏବେ ସୁଦ୍ଧା ସେପରି କରିବ । ଅତଏବ ଚିତ୍ରକର ଭାଇଭଉଣୀମାନେ ମନପ୍ରାଣ ଦେଇ ଚିତ୍ର ଦ୍ୱାରା ଆର୍ତ୍ତଜନଙ୍କୁ ସାନ୍ତ୍ୱନା ଦିଅନ୍ତୁ । ଆତଙ୍କିତ ଜନଙ୍କୁ ସାନ୍ତ୍ୱନା ଦେଇ ଦୁର୍ବଳଙ୍କୁ ସବଳ କରିବା ଅପେକ୍ଷା ମନୁଷ୍ୟର ଆଉ ଅଧିକ କିଛି ବଡ଼ କାର୍ଯ୍ୟ ଥାଇପାରେ କି ? ଏହିହେତୁ ପୃଥିବୀର ସମସ୍ତ ସମୟ ଅପେକ୍ଷା ଏହି ସମୟହିଁ ଚିତ୍ରକରର କାର୍ଯ୍ୟରେ ଲାଗିପଡ଼ିବାର ସମୟ । ଏପରି ଚିତ୍ର କରନ୍ତୁ, ଯାହା ଦେଖି ନରନାରୀ ସତ୍ୟର ନିତ୍ୟ ପରିଚୟ ପାଇବେ । ଜଗତର ପାଶବିକ ଲୀଳା ତୁଚ୍ଛ ମଣିବାରେ ଐଶ୍ୱରିକ ସୌନ୍ଦର୍ଯ୍ୟ ଉପଲବ୍ଧିରେ ତୃପ୍ତିଲାଭ କରିବାରେ ଚିତ୍ରଶିଳ୍ପ ଜୀବନର ଦୈନନ୍ଦିନ ଆବଶ୍ୟକ ବସ୍ତୁ, ଏହା ବୁଝିବାରେ ସନ୍ଦେହ ରହିବ ନାହିଁ । ଅବଶ୍ୟ ଓଡ଼ିଶାରେ ଯଦି ଗୋଟିଏ ଚିରସ୍ଥାୟୀ ଚିତ୍ର ପ୍ରଦର୍ଶନୀ ବିଲାତର Royal Academy ପରି ଥା'ନ୍ତା ତେବେ ଆପଣମାନେ ଚିତ୍ରଶିଳ୍ପର ଫଳ ଅନୁଭବ କରି କାର୍ଯ୍ୟ କରିବାରେ ଲାଗିପଡନ୍ତେ; କିନ୍ତୁ ଦୁଃଖର ସହିତ ନ କହି ରହିପାରୁନାହିଁ, ଆମ ଓଡ଼ିଶା ପରି ଶିଳ୍ପଶାଳୀ ଓ କଳାପୂର୍ଣ୍ଣ ଦେଶରେ ଗୋଟିଏ ଚିତ୍ର ପ୍ରଦର୍ଶନୀର ଅଭାବ । ଯଦ୍ୟପି ତାହା ଥାନ୍ତା ତେବେ ଏକ ଦିଗରେ ଚିତ୍ରକରଗଣ ଉଚ୍ଚ ଧରଣର ଚିତ୍ତାକର୍ଷକ ଚିତ୍ର ରଚନା କରିବାକୁ ଉତ୍ସାହ ପାଆନ୍ତେ ଓ ଅନ୍ୟ ଦିଗରେ ସର୍ବସାଧାରଣ ଲୋକେ ଜଗତର ଅମୂଲ୍ୟ ଶୋଭାରାଶି ବୁଦ୍ଧି ପ୍ରୟୋଗ ପୂର୍ବକ ଦେଖିବାକୁ ପାଆନ୍ତେ ଓ ଏ ଅଭାବ ଯେ ଅପୂରଣୀୟ ତା ମୁଁ ମନେ କରୁ ନାହିଁ ।

(ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ମୁଖପତ୍ର ୧୯୪୧ ସୌଜନ୍ୟରୁ ଶ୍ରୀ ଶରତଚନ୍ଦ୍ର ଦେବଙ୍କ ସଭାପତି ଅଭିଭାଷଣର ବକ୍ତବ୍ୟରୁ ପୁନଃ ପ୍ରକାଶନ ।)

# ଆଧୁନିକ ଉତ୍କଳୀୟ ଦୃଶ୍ୟକାବ୍ୟର କାହାଣୀ

ବିନୋଦ ରାଉତରାୟ

ଆଧୁନିକ ଉତ୍କଳୀୟ ଦୃଶ୍ୟକାବ୍ୟର କାହାଣୀ ହେଉଛି ଅର୍ଦ୍ଧଶତାବ୍ଦୀର ଇତିହାସ ମାତ୍ର । ଏହି ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଓଡ଼ିଶାରେ ଯେଉଁ ଚିତ୍ରାଙ୍କନ କିମ୍ବା ମୂର୍ତ୍ତି ନିର୍ମାଣ କରାଯାଉଥିଲା, ସେଗୁଡ଼ିକ ସମ୍ପୂର୍ଣ୍ଣ ପାରମ୍ପରିକ ରୀତିରେ ହିଁ ହେଉଥିଲା। ପୁରୁଷାନୁକ୍ରମିକ କାରିଗରମାନେ ତାହା କରି ଆସୁଥିଲେ। ଶିଳ୍ପୀ ବସନ୍ତକୁମାର ପଣ୍ଡା ପୁରୀ ଜିଲ୍ଲା ସ୍କୁଲର ଶିକ୍ଷକ ହୋଇ ଆସିଲେ ୧୯୨୧ ମସିହାରେ। ଶିଳ୍ପୀ ବିମ୍ବାଧର ବର୍ମା ଗୋପବନ୍ଧୁଙ୍କର ପ୍ରତିମୂର୍ତ୍ତି ନିର୍ମାଣର ଦାୟିତ୍ୱ ବହନ କଲେ ୧୯୨୯ ମସିହାରେ । ଏହି ସମୟର ସୀମାରେଖା ମଧ୍ୟରେ ଶିଳ୍ପୀ ଉପେନ୍ଦ୍ର କିଶୋର ଦାସଙ୍କର ସହାୟତାରେ ସଚିତ୍ର ପତ୍ରିକା ବାରୁଣୀ ପ୍ରକାଶିତ ହେଲା । ଏଣୁ ଏହି ନବଯୁଗର ଶୁଭ ଦିଆଯାଇଥିଲା ଅର୍ଦ୍ଧଶତାବ୍ଦୀର ତଳେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଓଡ଼ିଶାରେ ଆଧୁନିକ ଯୁଗର ଆରମ୍ଭ ବେଳକୁ ବିଶ୍ୱକଳା ଇତିହାସରେ ଆଭାସବାଦ, ଅଭିବ୍ୟକ୍ତିବାଦ, ଘନବାଦ, ଆଦିମବାଦ, ଅମୂର୍ତ୍ତବାଦ, ଭବିଷ୍ୟବାଦ, ଆବର୍ତ୍ତବାଦ ଓ ସ୍ୱେଚ୍ଛାଚାରବାଦ ପ୍ରଭୃତି ଆରମ୍ଭ ହୋଇଗଲାଣି। କଳାକ୍ଷେତ୍ରରେ ସ୍ୱୈରତାନ୍ତ୍ରିକତାର ଚରମ ଉଦାହରଣମାନ ଦେଖାଦେଲାଣି ଉପରୋକ୍ତ ଶୈଳୀର ମାଧ୍ୟମରେ। କିନ୍ତୁ ଓଡ଼ିଶା କାହିଁକି, ଭାରତ ମଧ୍ୟ ଏହି ସମସ୍ତ ନୂତନତାର ଆଙ୍ଗିକ ଓ ଆତ୍ମିକ ଯୋଗାଯୋଗଠାରୁ ଯଥେଷ୍ଟ ଦୂରରେ ଥିଲା ବହୁକାଳ ପର୍ଯ୍ୟନ୍ତ। ଏଣୁ ବର୍ତ୍ତମାନ ଏହି କ୍ଷୁଦ୍ର ପ୍ରବନ୍ଧରେ ଯାହା ଆଲୋଚନା କରାଯାଉଛି, ସେଥିରେ ସ୍ପଷ୍ଟଭାବରେ ଦେଖାଇ ଦିଆଯାଉଛି ବିଗତ ପଚିଶବର୍ଷ ମଧ୍ୟରେ ଓଡ଼ିଶାର କଳା ଆନ୍ଦୋଳନ କିପରି ଭାବରେ ଗତି କରିଛି। ଏହି ସମୀକ୍ଷା ଦ୍ୱାରା କଳ୍ପନା କରାଯାଇପାରିବ ଆମ ଦୃଶ୍ୟକାବ୍ୟର କବିମାନେ କେଉଁ କେଉଁ କ୍ଷେତ୍ରରେ ବର୍ତ୍ତମାନ ପ୍ରବେଶ କରିପାରିଛନ୍ତି।

ସ୍ୱାଧୀନତା ପୂର୍ବରୁ ମୁଷ୍ଟିମେୟ ଉତ୍କଳୀୟ କଳାକାର ଦୃଶ୍ୟକାବ୍ୟ କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଥିଲେ। ଉଚ୍ଚସ୍ତରୀୟ କଳାକାରମାନଙ୍କ ମଧ୍ୟରୁ ବସନ୍ତ କୁମାର ପଣ୍ଡା, ଗୋପାଳ ଚରଣ

କାନୁନ୍‌ଗୋ, ଉପେନ୍ଦ୍ର ମହାରଥୀ, ବିପିନ୍ ବିହାରୀ ଚୌଧୁରୀ, ଶ୍ରୀଧର ମହାପାତ୍ର, ବିମ୍ବାଧର ବର୍ମା ଓ ମୁରଲୀଧର ଟାଲି ପ୍ରମୁଖ ଲଳିତକଳାକୁ ସେମାନଙ୍କର ଅବସର ବିନୋଦନ ଓ ବୃତ୍ତି ରୂପେ ଗ୍ରହଣ କରିଛନ୍ତି । କେତେକ କ୍ଷେତ୍ରରେ ମଧ୍ୟ ମୌଳିକତା ପ୍ରଦର୍ଶନ କରିଛନ୍ତି । ମହାଭାରତୀୟ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ସେମାନଙ୍କ ମଧ୍ୟରୁ କେତେକ ତୁଳନାତ୍ମକ ଭାବେ କାରିଗରୀର ସର୍ବୋଚ୍ଚ ସୀମାରେ ପହଞ୍ଚି ପାରିଛନ୍ତି । କଳାକାର ବସନ୍ତ କୁମାର ପଣ୍ଡାଙ୍କର ଆଶକ୍ତି ପ୍ରାକୃତିକ ଦୃଶ୍ୟ ଅନୁଶୀଳନରେ ଓ ଜଳ ରଙ୍ଗର ଦୃଶ୍ୟ ଚିତ୍ରଗୁଡ଼ିକ ତାଙ୍କର ଅନୁକରଣୀୟ । ସମପରିମାଣରେ ପ୍ରତିଭାଧର କଳାବିତ୍ ଗୋପାଳଚରଣ କାନୁନ୍‌ଗୋଙ୍କୁ ରମେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ ସହିତ କେଉଁଝରର ରାବଣଛାୟା ଭିତ୍ତିଚିତ୍ର ଅଧ୍ୟୟନ ନିମନ୍ତେ ପଠାଯାଇଥିଲା । ଉତ୍କଳୀୟ ମୂର୍ତ୍ତିକଳା ଓ ଖୋଦନଶିଳ୍ପ ସମ୍ପର୍କରେ ଗବେଷଣା ନିମନ୍ତେ ମଧ୍ୟ ତାହାଙ୍କୁ ନିଯୁକ୍ତ କରାଯାଇଥିଲା । ଅନ୍ୟତମ ଉଲ୍ଲେଖଯୋଗ୍ୟ ଚିତ୍ରଶିଳ୍ପୀ ବିପିନବିହାରୀ ଚୌଧୁରୀ ମୂକ ଓ ବଧିର ହୋଇଥିଲେ ମଧ୍ୟ ପେନ୍‌ସିଲ୍ ଓ ବର୍ଣ୍ଣଦ୍ୱାରା ବ୍ୟକ୍ତିରୂପ ଅଧ୍ୟୟନରେ ଅସମ୍ଭବ ଦକ୍ଷତା ଅର୍ଜନ କରିଛନ୍ତି । ସେ ହେଉଛନ୍ତି ଏକମାତ୍ର ଉତ୍କଳୀୟ କଳାକାର ଯେ ଇଂଲଣ୍ଡର ସୁପ୍ରସିଦ୍ଧ ରଏଲ କଲେଜ ଅଫ୍ ଆର୍ଟର ଅଧ୍ୟକ୍ଷ ଉଇଲିୟମ୍ ରଦେନ୍ ଷ୍ଟାଇନ୍‌ଙ୍କର ଛାତ୍ରଥିଲେ । କଳାକାର ବସନ୍ତ କୁମାର ପଣ୍ଡା, ଗୋପାଳ କାନୁନ୍‌ଗୋ, ଉପେନ୍ଦ୍ର ମହାରଥୀ ଓ ମୁରଲୀଧର ଟାଲି କେତେକ ଉଚ୍ଚକୋଟୀର ପ୍ରତିକୃତି ପାଶ୍ଚାତ୍ୟ ଶୈଳୀରେ ଅଙ୍କନ କରିଛନ୍ତି । ପ୍ରତିକୃତି ଅଙ୍କନର ବିସ୍ତୃତ ସୀମାରେଖା ମଧ୍ୟରେ ମୁରଲୀଧର ଟାଲିଙ୍କ ଦ୍ୱାରା ଅଙ୍କିତ ପ୍ରତିକୃତିଗୁଡ଼ିକ ଭାରତୀୟ କଳାଶାଳାର କାଳଜୟୀ ଓ ଚିତ୍ତଜୟୀ ସମ୍ପଦ ! ସ୍ୱର୍ଗୀୟ ଶିଳ୍ପୀ ବିମ୍ବାଧର ବର୍ମାଙ୍କର କୃତିରେ ପୁରାଣ ଯୁଗର ସୂକ୍ଷ୍ମାତିସୂକ୍ଷ୍ମ ମଣ୍ଡନ କଳା ସହିତ ବଙ୍ଗୀୟ ପୁନର୍ଭ୍ୟୁଦୟ କଳାର ଗୀତିଧର୍ମୀ ସୁଗନ୍ଧ ଅନୁଭବ କରାଯାଏ । ସେ ଉତ୍କଳୀୟ ରୀତି, ଚଳଣି ଓ ମଣ୍ଡନ ନୈପୁଣ୍ୟକୁ ଆପଣା ଚିତ୍ରକଳାରେ ସ୍ଥାନ ଦେଇପାରିଛନ୍ତି । କିନ୍ତୁ ଏ ସମସ୍ତ କୃତି ସ୍ୱାଧୀନତାର ଉତ୍ତର କାଳର କଳାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଦୃଶ୍ୟକଳାରେ ଅନ୍ୟାନ୍ୟ ବିଭାଗଠାରୁ ଭାସ୍କର୍ଯ୍ୟ କଳାରେ ସହଜରେ ଗୀତିଛନ୍ଦ ରକ୍ଷା କରାଯାଇଥାଏ । ଶ୍ରୀଧର ମହାପାତ୍ରଙ୍କ କୃତିର ସର୍ବୋତ୍ତମ ଲକ୍ଷଣ ହେଉଛି ସୁନିପୁଣ ଗୀତିଛନ୍ଦ । ତାଙ୍କର ବୟସର ସୀମା ହାରାହାରି କଳିଷଠାରୁ ଟପିଲାଣି । ତାଙ୍କର ଅମରକୃତିଗୁଡ଼ିକ ତାଙ୍କ ସୃଜନଶୀଳ ଜୀବନର ସର୍ବଶ୍ରେଷ୍ଠ ପ୍ରକାଶ । ଓଡ଼ିଶା ବାହାରେ ରହିଥିବାରୁ ତାଙ୍କର ମୂର୍ତ୍ତିଗୁଡ଼ିକ ବହୁ ବିଦେଶୀ କଳାକକ୍ଷର ଶୋଭାବର୍ଦ୍ଧନ କରିବାର ସୁଯୋଗ ପାଇଛି ।

ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଯୁବକଳାକାରମାନେ ଆଧୁନିକଧର୍ମୀ ଚିତ୍ରାଙ୍କନ କରିବାକୁ ଅଧିକ ସୁଯୋଗ ପାଇଛନ୍ତି । ସେମାନେ ଅତ୍ୟନ୍ତ ଆଗ୍ରହ ଓ ପୌରୁଷର ସହିତ ଏହି ନୂତନ ପଥରେ ଯେ ପରୀକ୍ଷା ଚଳାଇଛନ୍ତି, ଏଥିରେ ସନ୍ଦେହର ଅବକାଶ ନାହିଁ । ସମକାଳୀନ ଚିତ୍ରାବଳୀ ସେମାନଙ୍କର ନୂତନ କଳ୍ପନା ଓ ଶୈଳ୍ପିକ ଅଭିବ୍ୟକ୍ତିର ସଫଳ ବାହନ ହୋଇଛି । ସେଥିରେ ସାମ୍ପ୍ରତିକ ସମାଜ ଓ ଜୀବନର କ୍ଲିଷ୍ଟତା ପ୍ରତିଫଳିତ । ପୂର୍ବରୁ ଶିଳ୍ପୀମାନଙ୍କ ନିମନ୍ତେ ଏକପ୍ରକାର ବ୍ୟାକରଣ ଥିଲା । ସେମାନେ ସେହି ବ୍ୟାକରଣର ଧରାବନ୍ଧା ପଦ୍ଧତି ମଧ୍ୟରେ କଳ୍ପନାକୁ କୁସୁମିତ

କରାଉଥିଲେ । କିନ୍ତୁ ଆଜିର କଳାକାର ସଂପୂର୍ଣ୍ଣ ସ୍ୱାଧୀନ ଓ ପ୍ରଚଳିତ ନିୟମର ସୀମାଲଙ୍ଘନ କରି ଇଚ୍ଛାନୁସାରେ ଚିତ୍ରାଙ୍କନ କରିପାରୁଛି । ସେ ମୁକ୍ତ ମଣିଷର ସ୍ୱପ୍ନ ଉପରେ ନିର୍ଭର କରୁଛି । ଏଣୁ ସ୍ୱକୀୟ ସଙ୍କେତ ସାହାଯ୍ୟରେ ପ୍ରକୃତି ଓ ଜୀବନକୁ ପ୍ରକାଶ କରୁଛି । ଏହି ଆଧୁନିକଧର୍ମୀ କଳା ଆନ୍ଦୋଳନ ପ୍ରଥମେ ଆରମ୍ଭ ହୋଇଥିଲା ବମ୍ବେରେ ଓ ପରେ ଭାରତର ବିଭିନ୍ନ ଅଞ୍ଚଳକୁ ତାହା ବ୍ୟାପିଗଲାଣି ।

କଳା ଦୃଷ୍ଟିରୁ ଓ ସୌନ୍ଦର୍ଯ୍ୟବୋଧ ଦିଗରୁ ଓଡ଼ିଶାର ଅଧିକାଂଶ ଆଧୁନିକପନ୍ଥୀ କଳାକାର ଘନବାଦ, ଅତିବାସ୍ତବବାଦ, ପ୍ରତୀକବାଦ ଓ ରୂପକଳ୍ପବାଦ ପ୍ରଭୃତି ସାଂପ୍ରତିକ ପାଶ୍ଚାତ୍ୟ କଳାର ଧାରାକୁ ଅନୁକରଣ କରୁଛନ୍ତି । ସେମାନେ ପାରମ୍ପରିକ ଶିଳ୍ପର ଆଦର୍ଶଗତ ଢଙ୍ଗ ଓ ଚରିତ୍ର ରକ୍ଷା କରିପାରୁ ନାହାନ୍ତି । ଏହି ଆଧୁନିକ ପନ୍ଥୀମାନଙ୍କ ମଧ୍ୟରୁ ଶିଳ୍ପୀ ଅଜିତ୍ କେଶରୀ ରାୟ କଳା ଓ ଧଳା ବର୍ଣ୍ଣର ନାୟକୀୟ ଅଭିବ୍ୟକ୍ତି କ୍ଷେତ୍ରରେ ନୂତନ ପଥର ପ୍ରଦର୍ଶକ । ତାଙ୍କର ଗ୍ରାଫିକ୍ କୃତିଗୁଡ଼ିକ ମଧ୍ୟରେ ଆଧୁନିକତା ଏକପ୍ରକାର ପାରମ୍ପରିକ ଶୃଙ୍ଖଳା ସହିତ ଯୁକ୍ତ । ତାଙ୍କର ଚିତ୍ରର ରଚନାଭଙ୍ଗୀ ଓ ଶୈଳୀ ଆଧୁନିକ ହେଲେ ମଧ୍ୟ ବିଷୟବସ୍ତୁର ପରିବେଷଣ ଅନେକ ପରିମାଣରେ ବାସ୍ତବ ଧର୍ମୀମାନଙ୍କର ନିକଟବର୍ତ୍ତୀ । ଆଧୁନିକ କଳା ଆନ୍ଦୋଳନକୁ ଯେଉଁ କୃତି କଳାକାରମାନେ ନେତୃତ୍ୱ ଦେଉଛନ୍ତି ସେମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ଦାସ, ଅନନ୍ତ ପଣ୍ଡା, ଯତୀନ୍ ଦାସ, ନିତ୍ୟାନନ୍ଦ ମହାପାତ୍ର, ଦୀନନାଥ ପାଠୀ, ଶିବ ପାଣିଗ୍ରାହୀ, ଜଗଦୀଶ କାନୁନ୍‌ଗୋ ଓ ପ୍ରଫୁଲ୍ଲ ମହାନ୍ତି ପ୍ରଭୃତି ଅବିସ୍ମରଣୀୟ । ସେମାନେ ସାମ୍ପ୍ରତିକ ଉତ୍କଳୀୟ ଚିତ୍ରକଳାକୁ ନୂତନ ରୂପକଳ୍ପ, ସ୍ୱର୍ଶଗୁଣ, ରୂପ, ରଚନା ଶୈଳୀ ଓ ଚିନ୍ତାଦ୍ୱାରା ସମୃଦ୍ଧ କରିଛନ୍ତି । ଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ଉତ୍କଳୀୟ ଲୋକଶିଳ୍ପର ଛନ୍ଦ ଓ ମଣ୍ଡନ ନୈପୁଣ୍ୟକୁ ଆପଣା ଚିତ୍ର ମଧ୍ୟରେ ନୂତନ ରୂପ ପ୍ରଦାନ କରିଛନ୍ତି । ଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ଉତ୍କଳୀୟ ଲୋକ ଶିଳ୍ପର ଛନ୍ଦ ଓ ମଣ୍ଡନ ନୈପୁଣ୍ୟକୁ ଆପଣା ଚିତ୍ର ମଧ୍ୟରେ ନୂତନ ରୂପ ପ୍ରଦାନ କରିଛନ୍ତି । ତାଙ୍କର ଉଜ୍ଜ୍ୱଳ ଜଳରଙ୍ଗର ଚିତ୍ରଗୁଡ଼ିକ ଯେଉଁପରି ସହଜ; ସେହିପରି ଜୀବନଧର୍ମୀ । ଜଳ ଓ ତୈଳରଙ୍ଗର କୃତିରେ ଯତୀନ୍ ଦାସ ଓ ଅନନ୍ତ ପଣ୍ଡାଙ୍କର ଚିତ୍ରାବଳୀରୁ ଯଥାର୍ଥ ଆନ୍ତରିକତା, ସମ୍ବେଦନଶୀଳତା, ଛନ୍ଦର ଐକ୍ୟତାନ ଓ ମନସ୍ତାତ୍ତ୍ୱିକ ଅଭିବ୍ୟକ୍ତି ଲକ୍ଷ୍ୟ କରାଯାଏ । ଅନନ୍ତ ପଣ୍ଡା ସମକାଳୀନ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କ ମଧ୍ୟରୁ ଅନ୍ୟତମ । ଦୀନନାଥ ପାଠୀ ଓ ଶିବ ପାଣିଗ୍ରାହୀ ସାଧାରଣ ଚତୁର ଓ ପ୍ରତିଭାଶାଳୀ ଶିଳ୍ପୀ ଚିତ୍ରାଙ୍କନ କ୍ଷେତ୍ରରେ ଉଭୟଙ୍କର ସିଦ୍ଧି ଓ ନୈପୁଣ୍ୟ ଉଲ୍ଲେଖଯୋଗ୍ୟ । ଓଡ଼ିଶାର ତରୁଣ ଶିଳ୍ପୀମାନଙ୍କ ମଧ୍ୟରୁ ସେମାନଙ୍କର ଅନନ୍ୟ ସାଧାରଣ କୃତିତ୍ୱହିଁ ସେମାନଙ୍କ ପୁରୋଭାଗକୁ ଆଣିପାରିଛି ।

ଆଧୁନିକମାନଙ୍କର ଅପୂର୍ବ ସାଫଲ୍ୟ ଯୋଗୁଁ ପାରମ୍ପରିକ ରୀତିରେ ପଥରୁଦ୍ଧ ହୋଇଯାଇଛି । ବର୍ତ୍ତମାନର ପରିପ୍ରେକ୍ଷଣରେ ସ୍ୱଳ୍ପ କେତେକ ପୁନର୍ଜାଗରଣ କାଳର ପ୍ରତିଷ୍ଠାସମ୍ପନ୍ନ କଳାକାର ଏ ଦିଗରେ କାର୍ଯ୍ୟ କରୁଛନ୍ତି । ଶିଳ୍ପୀ ଗୌରାଙ୍ଗଚରଣ ସୋମ କଲିକତାର ବିରଳ । ପ୍ଲାନିଟୋରିୟମର ଚିତ୍ରାବଳୀ ଅଙ୍କନ କରିଅଛନ୍ତି ଓ ଏହାର ବର୍ଣ୍ଣ ରେଖାର ମାଧୁର୍ଯ୍ୟ ଭାରତର ବହୁଗୁଣୀ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ତାହାଙ୍କର କୃତିର ଭୀଷଣ ଓଜଃ, ବର୍ଣ୍ଣର ସଂଜୀବନୀ ଶକ୍ତି ଓ ରେଖା

ଓଡ଼ିଶାର କଳା ଗନ୍ତାଘରର ଅମୂଲ୍ୟ ମାଣିକ୍ୟ। ଭାରତୀୟ କଳାର ଦୁଇଟି ମୌଳିକ ଉପାଦାନ ହେଉଛି ସୌନ୍ଦର୍ଯ୍ୟବୋଧ ଓ ପ୍ରାଣଶକ୍ତି । ଏହା ଦୁର୍ଗାପ୍ରସାଦଙ୍କ ଚିତ୍ରମାଳାରୁ ସହଜରେ ଜାଣିହୁଏ ନାହିଁ। ତଥାପି ତାଙ୍କର ରେଖାଙ୍କିତ ଚିତ୍ରଗୁଡିକ ସୁନ୍ଦର, ବଳିଷ୍ଠ ଓ ଉଜ୍ଜ୍ୱଳ। ସର୍ବଜନବିଦିତ କଳାକାରମାନଙ୍କ ମଧ୍ୟରୁ ବଂଶୀଧର ପ୍ରତିହାରୀ, ଶ୍ୟାମସୁନ୍ଦର ପଟ୍ଟନାୟକ, ଉଦୟନାରାୟଣ ଜେନା, ଲୋକନାଥ ସାହୁ ପ୍ରମୁଖଙ୍କର ରଚନାରୁ ବଙ୍ଗୀୟ ପୁନର୍ଭ୍ୟୁଦୟ ଯୁଗର କଳା ଆନ୍ଦୋଳନର ରୀତି ପ୍ରତୀୟମାନ ହୁଏ, ଯାହା ଶାନ୍ତିନିକେତନର କଳାଭବନଠାରେ ବିକଶିତ ହୋଇଥିଲା । ରବିନାରାୟଣ ନାୟକଙ୍କର କୃତିର ନାହାକାଚେର ପାରମ୍ପରିକ ଧାରାର ମଣ୍ଡନ ନୈପୁଣ୍ୟ ସହିତ ବଳିଷ୍ଠ ଭାବରେ ସଂଯୁକ୍ତ । କିନ୍ତୁ ସେ ସର୍ବଦା ଆପଣା ସ୍ୱକୀୟ ଢଙ୍ଗ ଓ ସୌନ୍ଦର୍ଯ୍ୟବୋଧର ପ୍ରଭାବ ବିସ୍ତାର କରାଇଥାନ୍ତି । ଉତ୍କଳୀୟ ଚିତ୍ରକଳାର ଆଳଙ୍କାରିକ ଅଙ୍କନ ନୈପୁଣ୍ୟ ଓ କାରୁକଳା ଦ୍ୱାରା ଗୋକୁଳବିହାରୀ ପଟ୍ଟନାୟକଙ୍କର କୃତି ସର୍ବଦା ପ୍ରଭାବିତ । ତାଳପତ୍ରର ଖୋଦନ ପାଟବ ଓ ଉତ୍କଳୀୟ ପାରମ୍ପରିକ କଳାର ମଣ୍ଡନ ରୀତିରେ ସେ ସୁକୀର୍ତ୍ତି ଅର୍ଜନ କରିଛନ୍ତି। ଆଦିମବାଦୀମାନଙ୍କ ଭଳି ସେ ପାରମ୍ପରିକ କଳା ଓ ଲୋକକଳାର ପ୍ରାଣଛନ୍ଦ, ଭାବାବେଗ ଆନନ୍ଦାଭିବ୍ୟକ୍ତିକୁ ସମକାଳୀନ କଳାରେ ପ୍ରବେଶ କରାଇପାରିଛନ୍ତି । ତାହା ଫଳରେ ରାଷ୍ଟ୍ରୀୟ ସମ୍ମାନର ଅଧିକାରୀ ହୋଇଛନ୍ତି ।

ବସ୍ତୁର ରୂପ ଓ ସ୍ପର୍ଶଗୁଣ, ଲିପିଶିଳ୍ପ ଓ ଆଲୋକ ଛାୟାର ଉପଯୁକ୍ତ ପରିବେଷଣ ସମ୍ପର୍କରେ ଯଥାର୍ଥ ଧାରଣା ନ ଥିଲେ ଗ୍ରାଫିକ୍ ଚିତ୍ରରେ ହାତ ଦେବା ବିପଜ୍ଜନକ । ଅଳ୍ପ କେତେକ ପ୍ରତିଭାଶାଳୀ ଶିଳ୍ପୀ ମାତ୍ର ଗ୍ରାଫିକ୍ ଚିତ୍ରର ଶୈଳୀ ଓ ନୈପୁଣ୍ୟକୁ ଆୟତ୍ତ କରିପାରିଛନ୍ତି । ସେମାନଙ୍କ ମଧ୍ୟରୁ ମୁରଲୀଧର ଟାଲି, ଅଜିତ୍ କେଶରୀ ରାୟ, ଯତୀନ୍ ଦାସ, ଲକ୍ଷ୍ମୀଧର ଦାସ, ସୀତାକାନ୍ତ ମହାପାତ୍ର, ବନବିହାରୀ ପରିଡ଼ା ଓ ରବିନାରାୟଣର ନାମ ଉଚ୍ଚାରଣ କରାଯାଇପାରେ। ସେମାନଙ୍କର ସାର୍ଥକ କଳାକୃତିଗୁଡ଼ିକ ଦର୍ଶକମାନଙ୍କର ସୌନ୍ଦର୍ଯ୍ୟ ପିପାସା ମେଣ୍ଟାଇ ପାରିଛି। ବ୍ୟାବହାରିକ କଳାକ୍ଷେତ୍ରରେ ମଧ୍ୟ କେତେକ ଯୁବ କଳାକାର ସୁନାମ ଅର୍ଜନ କରିଛନ୍ତି। ବିଭୂତିଭୂଷଣ କାନୁନ୍‌ଗୋ, ଅସିତ୍ ମୁଖାର୍ଜୀ, ଅସୀମ ବସୁ, ଜଗଦୀଶ କାନୁନ୍‌ଗୋ, ସୁନାମଣି ସାମଲ ପ୍ରମୁଖ ଓଡ଼ିଶାର ଅବିସ୍ମରଣୀୟ ବ୍ୟବସାୟୀ କଳାକାର। ସେମାନେ ପ୍ରାଚୀର ଚିତ୍ର, ପ୍ରଚାର ପତ୍ର, ପ୍ରଚ୍ଛଦ ଚିତ୍ର ପ୍ରଭୃତି କ୍ଷେତ୍ରରେ ବିସ୍ତୃତ ପ୍ରତିଭାର ପରିଚୟ ଦେଇ ପଥ ପ୍ରଦର୍ଶକର କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ କାଳରେ ମୁଷ୍ଟିମେୟ ଶିଳ୍ପୀ ଆଧୁନିକ ଧରଣର ଭାସ୍କର୍ଯ୍ୟ ନିର୍ମାଣ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସିଂହାଦ୍ରୀ ମହାରଣା, ବିପ୍ରଚରଣ ମହାନ୍ତି, ରଘୁନାଥ ସିଂହ, ଅନନ୍ତ କୁମାର ପଣ୍ଡା ଓ ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି । ରଘୁନାଥ ସିଂହଙ୍କର କୃତି ତାହାଙ୍କୁ ଉଚ୍ଚକୋଟୀର କଳ୍ପନାପ୍ରବଣ ଓ ଶକ୍ତିଶାଳୀ କଳାକାରରୂପେ ଚିହ୍ନାଇଦିଏ । ବିପ୍ରଚରଣ ମହାନ୍ତି କେତେକ ମର୍ମର ଓ ବ୍ରୋଞ୍ଜର ମୂର୍ତ୍ତି ନିର୍ମାଣ କରିଛନ୍ତି । ଏହି କୃତି କଳାକାରମାନଙ୍କ ବ୍ୟତୀତ ଯେଉଁ ତରୁଣ ସଂପ୍ରଦାୟ ନିତ୍ୟ ନୂତନ ରୂପ

ସୃଷ୍ଟି ନିମନ୍ତେ ତପସ୍ୟା କରୁଛନ୍ତି ସେମାନଙ୍କ ମଧ୍ୟରୁ ଦୁର୍ଗା ପଣ୍ଡା, ରଙ୍କନାଥ ରାଉତ, ବ୍ରଜବନ୍ଧୁ ମିଶ୍ର, ହରିଶ୍ଚନ୍ଦ୍ର ସିଂହବାବୁ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ ।

ପ୍ରତିଭାଧର ଦୃଶ୍ୟକାବ୍ୟର କଳାକାରମାନଙ୍କୁ ଆତ୍ମପ୍ରକାଶ ନିମନ୍ତେ ଉପଯୁକ୍ତ କ୍ଷେତ୍ର ଯୋଗାଇ ଦେବାପାଇଁ ସରକାରୀ ଚାରୁ ଓ କାରୁଶିଳ୍ପ ବିଦ୍ୟାଳୟ ଖଲ୍ଲିକୋଟଠାରେ ୧୯୫୭ ମସିହାରେ ଓ ଓଡ଼ିଶା ଲଳିତକଳା ଏକାଡେମୀ ଭୁବନେଶ୍ୱରଠାରେ ୧୯୬୦ ମସିହାରେ ଉଦ୍‌ଘାଟିତ ହେଲା । ନାଗରିକମାନଙ୍କର କଳାବୋଧ ଓ ରୂପ ଦୃଷ୍ଟିରୁ ଉନ୍ନତ କରାଇବା ପାଇଁ ଓଡ଼ିଶା ଲଳିତକଳା ଏକାଡେମୀର ଆନୁକୂଲ୍ୟରେ ପ୍ରଥମ କଳା ପ୍ରଦର୍ଶନ ୧୯୬୧ ମସିହାରେ ୫ ଦିନ ପାଇଁ ଭୁବନେଶ୍ୱରଠାରେ କରାଯାଇଥିଲା । ଏହି ପ୍ରଦର୍ଶନୀ ହିଁ ପ୍ରକୃତରେ ସମକାଳୀନ ଓଡ଼ିଆ କଳାକାରମାନଙ୍କୁ ଉଦ୍‌ଜୀବିତ କରାଇ ସେମାନଙ୍କର ଧମନୀରେ ଉପଯୁକ୍ତ କର୍ମ ପ୍ରେରଣା ଆଣି ଦେଇଥିଲା । ବାସ୍ତବିକ୍ ଅଧୁନା ଓଡିଶାରେ କେତେକ ଉନ୍ନତ ପ୍ରତିଭାଶାଳୀ କଳାକାର ଅଛନ୍ତି । ସେମାନଙ୍କର ଦୃଷ୍ଟିକୋଣ ଓ ରୂପନିର୍ମାଣ ପଦ୍ଧତି ଅନୁକରଣୀୟ । ଅତୀତ ଅପେକ୍ଷା ବର୍ତ୍ତମାନ କାଳର କଳା ସୃଷ୍ଟି ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିଛି । ତରୁଣତର ଶିଳ୍ପୀମାନଙ୍କର କୃତିରେ ରୂପ ଅପେକ୍ଷା ବିଭିନ୍ନ ଧରଣର ନୈରୂପ୍ୟବାଦୀ ଦୃଷ୍ଟିକୋଣର ପରିଚୟ ମିଳେ।

କଳାକାରମାନଙ୍କୁ ସଙ୍ଗଠିତ କରାଇବା ପାଇଁ ବ୍ରହ୍ମପୁରଠାରେ ଗଞ୍ଜାମ ଜିଲ୍ଲା କଳାଶିକ୍ଷକ ସଙ୍ଘ, ଗଞ୍ଜାମ କଳା ପରିଷଦ, ଭୁବନେଶ୍ୱରଠାରେ ଉତ୍କଳ ଚାରୁକଳା ପରିଷଦ ଓ ଶିଳ୍ପୀ ସଂସଦ କାର୍ଯ୍ୟ କରିଆସୁଛି । ଏମାନଙ୍କ ସଙ୍ଗଠନ ଦିନକୁ ଦିନ ଧୀରେ ଧୀରେ ଦୃଢ଼ ହେଉଛି, ବଳିଷ୍ଠ ମଧ୍ୟ ହେଉଛି । ଏହିସବୁ ଅନୁଷ୍ଠାନ ଜରିଆରେ ତରୁଣ କଳାକାରମାନେ କାର୍ଯ୍ୟ କରିବା ପାଇଁ ସୁଯୋଗ ପାଉଛନ୍ତି । ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ, ଏପରିକି ପ୍ରତ୍ୟେକ ଜିଲ୍ଲାରେ ଏହିଭଳି ଯେତେ ଯେତେ ଆସ୍ଥାନ ଗଢ଼ାଯାଇପାରିବ, ତରୁଣତମ କଳାକାରମାନେ ସେତେମନ୍ତେ ସଙ୍ଗଠିତ ହୋଇ ନୂତନ କଳା ସୃଷ୍ଟିପାଇଁ କ୍ଷେତ୍ର ପାଇପାରିବେ । ଆଲୋଚନା କଲେ ଜଣାଯାଏ ଯେ ୧୯୪୦ ମସିହା ପରଠାରୁ ବିଶ୍ୱର କଳା ଆନ୍ଦୋଳନରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି । ଏହି ପରିବର୍ତ୍ତନ ଫଳରେ ଅମୂର୍ତ୍ତ ଅଭିବ୍ୟକ୍ତିବାଦ, ନବବାସ୍ତବବାଦ ଓ ଚାକ୍ଷୁଷବାଦ ପ୍ରଭୃତି ଜନ୍ମ ନେଇଛି । ଆଧୁନିକ ଯାନ୍ତ୍ରିକ ବିଦ୍ୟାରେ ସହଯୋଗ ଦ୍ୱାରା ନୂତନ ଉପାଦାନ, ଉପକରଣ ଓ କରଣ କୌଶଳକୁ ଆଶ୍ରୟ କରି ଆଧୁନିକପନ୍ଥୀମାନେ ଗତିଶୀଳ କଳା ମଧ୍ୟ ସୃଷ୍ଟି କରୁଛନ୍ତି । ଭାସ୍କର୍ଯ୍ୟ ଦେହରେ ଅପ୍ରାକୃତିକ ଆଲୋକର ପ୍ରତିଫଳନ କରାଇ ବିଭିନ୍ନ ଭାବରେ ବ୍ୟଞ୍ଜନ ସୃଷ୍ଟି କରୁଛନ୍ତି । ସର୍ବୋପରି ସଂଗଣକ ଯନ୍ତ୍ର (Computer) ସାହାଯ୍ୟରେ ଅତ୍ୟାଧୁନିକ କବିତା ଓ ଚିତ୍ର ମଧ୍ୟ ସୃଷ୍ଟି କରାଯାଉଛି । ଓଡ଼ିଶାର ବୈଶିଷ୍ଟ୍ୟକୁ ଉଚିତ ମର୍ଯ୍ୟାଦା ଦେଇ ଏ ସବୁର ପରୀକ୍ଷା ଓ ନିରୀକ୍ଷା ଏ ପର୍ଯ୍ୟନ୍ତ ଆମର ଆରମ୍ଭ ହୋଇ ନାହିଁ ବୋଲି କୁହାଯାଇପାରେ। ତରୁଣମାନେ ଏ ଦିଗରେ ଧୀରେ ଧୀରେ ସଚେତନ ହେଉଛନ୍ତି ମାତ୍ର।

# ହଜିଲା ଦିନର ଦିଗ୍‌ଦର୍ଶକ

ଚନ୍ଦ୍ରଶେଖର ରାଓ

କଳା ଅଧ୍ୟୟନ ବା କଳାସାଧନା ଦ୍ୱାରା ମଣିଷର ସୌନ୍ଦର୍ଯ୍ୟବୋଧତା ଅଧିକରୁ ଅଧିକତର ହୋଇଥାଏ । ସମାଜରେ ସୁସ୍ଥ ପରମ୍ପରା ସ୍ଥାପନ, ମାନବିକତା ତଥା ଆତ୍ମନିର୍ଭରଶୀଳତା ଏହି କଳାଶିକ୍ଷା ଦ୍ୱାରା ସମ୍ଭବ ହୋଇପାରେ । ଏହି କଳାଶିକ୍ଷାର ପରିସର କଳାବିଦ୍ୟାଳୟମାନଙ୍କରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୀମିତ ନୁହେଁ । ଏହା ଏକ ପରିବ୍ୟାପକ, ଅନନ୍ତ, ଅସୀମ । ସୌନ୍ଦର୍ଯ୍ୟର ଅନ୍ୱେଷଣରେ ଯୁଗ ଯୁଗ ଧରି କେତେ ଯେ କଳାସାଧକ ସତତ କଳା ସାଧନାରେ ଲାଗିପଡ଼ିଛନ୍ତି । ସେମାନେ ଖୋଜୁଛନ୍ତି କିଛିଟା ନୂତନତାର ସ୍ୱାଦ । ସମାଜର ଆବିଳତା, ପରମାଣୁର ଭୟାବହତା, ରାଜନୀତିର ରାଜକୀୟତା ସେମାନଙ୍କୁ ବିଚଳିତ କରିପାରି ନାହିଁ । ନୂତନ ସୃଷ୍ଟିର ଲକ୍ଷ୍ୟରେ ଗତିଶୀଳ ନଦୀ ସଦୃଶ ଆଗକୁ ଆଗକୁ ବୋହିଯିବା ସେମାନଙ୍କ ଲକ୍ଷ୍ୟ ।

କିନ୍ତୁ ଉତ୍‌କୃଷ୍ଟ କଳାର ଦେଶ ଏହି ଉତ୍କଳରେ କେଉଁ ଲକ୍ଷ୍ୟ ନେଇ କଳାକ୍ଷେତ୍ରରେ ଅଧ୍ୟୟନ, ଅଧ୍ୟାପନା, ଗବେଷଣା, ପର୍ଯ୍ୟାଲୋଚନା, ତର୍କବିତର୍କ, ଟଣାଟଣି, ଗୋଛିକଟା ଇତ୍ୟାଦି ହୁଏ ତାହା ନିର୍ଣ୍ଣୟ କରିବା ବହୁତ ମୁସ୍କିଲ୍ । ଉତ୍କଳର ଯୋଗ୍ୟ ବୋଲାଉଥିବା ବରେଣ୍ୟ ସନ୍ତାନମାନେ ସୁସଜ୍ଜିତ ମଣ୍ଡପ ଉପରେ ଠିଆ ହୋଇ କଳା ନାମରେ କଣ୍ଠକୁ ଆର୍ଦ୍ର କରି ବିଶୁ ମହାରଣା, ଧର୍ମପଦକୁ ସହସ୍ରବାର ଅତୀତରୁ ଟାଣିଓଟାରି ଶ୍ରେଷ୍ଠକଳାର ପ୍ରତିପାଦନ କରନ୍ତି । କରତାଳି, ଫୁଲମାଳ, ବାହାବାହାର ଅଧିକାରୀ ହୁଅନ୍ତି । ଅନେକ ଦରଦୀକଥା, ସମବେଦନା, ହିମାଳୟ ଓପାଡ଼ିବାର ଶପଥ, କଳାକାରକୁ ସର୍ବାଗ୍ର ଆସନରେ ବସାଇ ପୂଜା କରିବାର ପ୍ରତିଜ୍ଞା – ଏପରି ବହୁତ ଶ୍ରୁତିମଧୁର ବାଣୀ । କିନ୍ତୁ ନିର୍ବୋଧ ଶିଳ୍ପୀର ସମସ୍ତ ଆଶା, ଆକାଂକ୍ଷା, କଳ୍ପନା ଜଳ୍ପନା ସେଇ ସମୟ ସୀମା ଅତିକ୍ରମ କରିପାରିନାହିଁ । ତାର ଶିଳ୍ପୀ ହେବାର ଆଶା ଦିନକୁ ଦିନ କ୍ଷୀଣ ହୋଇପଡ଼େ । ହୁଏତ ଅନେକେ ନିଜକୁ ଶିଳ୍ପୀ ରୂପେ ଗଢ଼ି ଅନୁତାପର ବଶୀଭୂତ ହୋଇଥିବେ ।

ଅନ୍ୟାନ୍ୟ ପ୍ରଦେଶର କଳାକାରମାନେ ଉପଯୁକ୍ତ ସମ୍ମାନ ପାଉଥିବା ସ୍ଥଳେ ଏଠାରେ କେବଳ ହା ହତୋସ୍ମି । ଏଥିପାଇଁ ଦାୟୀ କିଏ ? ଯେଉଁ ଅନୁଷ୍ଠାନ ଶିଳ୍ପୀର ସାର୍ଟିଫିକେଟ ଦେଇ ଶିଳ୍ପୀ ରୂପେ ପରିଚିତ କଲା ? ନା ସମାଜ- ନା ନିଜେ ବ୍ୟକ୍ତିବିଶେଷ ? ପାଞ୍ଚ ବର୍ଷର ଅଧ୍ୟୟନ ମଧ୍ୟରେ ଅନେକ ଛାତ୍ର ହୁଏତ ଗୁରୁ କୃପା ନ ପାଇ ହତାଶ ହୋଇଛନ୍ତି । ଗୁରୁ ନିଜର କଳା କୌଶଳ ଛାତ୍ରଙ୍କ ନିକଟରେ ଗୋପନ ରଖିଛନ୍ତି । ଅନେକ ଛାତ୍ର କାହାଠାରୁ ଶିଖି ନାହାନ୍ତି ଏକଥା ସ୍ପଷ୍ଟ ଭାବେ ସ୍ୱୀକାର୍ଯ୍ୟ । ପ୍ରକୃତିକୁ ଗୁରୁ କରି, ବଡ଼ଭାଇ ଆଡ଼କୁ ନଜର କରି, ବହି ପତ୍ର ଖେଳାଇ ସେ ଯେତିକି ଶିଖିଲା । କଳାଶିକ୍ଷାର ୧୯୫୯ ଠାରୁ ୧୯୬୨ ମସିହା ମଧ୍ୟରେ ଘଟିଥିବା ଅନେକ ଘଟଣା ମଧ୍ୟରୁ ଗୁରୁ ଛାତ୍ର ସମ୍ବନ୍ଧରେ ଗୋଟିଏ ମାତ୍ର ଉଦାହରଣ ଦେଲେ କିଛି ଦୋଷାବହ ହେବ ନାହିଁ । ନୂଆ ସ୍କୁଲ, ନୂଆ ମଣିଷ, ନୂଆ ମନ ସବୁ କିଛି ନୂଆ ନୂଆ ? ନୂଆ ମନରେ ନୂଆ ସୃଷ୍ଟିରେ ଲାଗିଥିଲେ ହୁଏତ ସ୍କୁଲଟା ଭାରତର କଳା ବିଦ୍ୟାଳୟ ସଂଖ୍ୟା ମଧ୍ୟରେ ଗୋଟିଏ ସଂଖ୍ୟା ହୋଇ ରହିପାରିଥାଆନ୍ତା । ମୂଳଦୁଆରେ ହିଁ ଭରି ଦିଆଗଲା ସ୍ୱାର୍ଥ, ଗ୍ରାମ ପ୍ରୀତି, ଜିଲ୍ଲା ପ୍ରିତୀ । ଯାହାର କୁଫଳ ଏଯାଏ ଅନୁଭୂତ ହେଉଛି । ନୂଆ ଅନୁଷ୍ଠାନର କର୍ମକର୍ତ୍ତାମାନେ, ଛାତ୍ରମାନଙ୍କ ଭାଗ୍ୟବିଧାତାମାନେ ଅନୁଷ୍ଠାନଟି ଯେଉଁ ସ୍ଥାନରେ ଅଛି ସେ ସ୍ଥାନଟି ଓଡିଶାରେ ନ ଥିବା ପରି ମନେକଲେ । ଗୃହ ବିବାଦ, ଭ୍ରାତୃ ବିବାଦ ସୃଷ୍ଟି ହେଲା । ଫଳସ୍ୱରୂପ ଅଧ୍ୟୟନ କ୍ଷେତ୍ରରେ ବୈମାତୃକଭାବ ପୋଷଣ କରାଗଲା । ଯିଏ ବା ନିଜର ହୋଇ ଗୋଟାପଣେ ଗୁରୁଙ୍କର ହେଲେ ସେମାନେ ଆଜି ଶିଳ୍ପୀ ଭାବେ ତିଷ୍ଠି ନାହାନ୍ତି ବୋଲି ଜୋର ଦେଇ କହି ହେବ । ସମ୍ଭ୍ରାନ୍ତ ଧନୀ ପରିବାର ଅପେକ୍ଷା ଗରିବ ଓ ମଧ୍ୟବିତ୍ତ ପରିବାରର ପିଲାମାନେ ପ୍ରାୟ କଳା ଅଧ୍ୟୟନ ପାଇଁ ଆସିଥାନ୍ତି । ପୁଣି ଜନ୍ମଗତ ନ ହେଲେ ଏ ଦିଗରେ ଯିବାଟାକୁ ଅନେକ ନାପସନ୍ଦ କରନ୍ତି । ବହୁ ଆଶା ଓ ଆକାଂକ୍ଷା ମନରେ ଭରି, ଜଣେ କଳାକାର ଭାବରେ ସମାଜରେ ତିଷ୍ଠିବାକୁ ଇଚ୍ଛା କରି ଏ ଦିଗଟା ବାଛି ନେଇଥାନ୍ତି । କିନ୍ତୁ ହୁଏ କଣ ? ଅନେକ ଘଟଣାରୁ ଖିଏ- ଅନୁଷ୍ଠାନ ଅବସ୍ଥାପିତ ହେବା ଦ୍ୱିତୀୟ ବର୍ଷରେ ଜଣେ ଶିକ୍ଷକଙ୍କ ପାଖରୁ କଳାଶିକ୍ଷା ପାଇଁ ବାରମ୍ବାର ତାଙ୍କ ଅନୁଗ୍ରହ ପ୍ରାର୍ଥୀ ହୋଇ ଶେଷରେ ମୋର ନିରାଶ ହେବା ସାର ହୋଇଛି । ଦାୟିତ୍ୱହୀନତା, ସମୟଜ୍ଞାନର ଅଭାବତା ଏପରି ଆଉ କିଛି ଆଳଙ୍କାରିକ ଶବ୍ଦର ଅଧିକାରୀ ହୋଇ ଦୁଃଖ ଓ ଶୋକ ଜର୍ଜରିତ ହୃଦୟରେ ଫେରିଛି । କେବଳ ଗୋଟିଏ ପ୍ରଶ୍ନ ଥରକୁ ଥର ମନଭିତରେ ଦୋହରାଇ ଦେଉଥାଏ- କିଏ ଶିଖାଇବ, କିପରି ଶିଖିବୁ । ଓଡ଼ିଶାରେ ତ ଆଉ କଳାନୁଷ୍ଠାନ ନାହିଁ- ଥିଲେ ଅବା ତା'ରି ପ୍ରଭାବରେ କିଛି ଦୂର ମାଡ଼ିଯିବୁ । ଯାହା ଦ୍ୱାରସ୍ଥ ହେଲେ ନାସ୍ତିବାଣୀ, ମୁହଁ ଛିଞ୍ଚଡ଼ା । ଏହି ନୈରାଶ୍ୟ ଅନ୍ଧକାର ମଧ୍ୟରେ ବାଟବଣା ହେବାବେଳେ ଯିଏ ପ୍ରଦୀପ ଶିଖା ପରି ବାଟ ଦେଖାଇ ଆଗେଇ ଦେଇଥିଲେ ସେ ହେଉଛନ୍ତି ସ୍ୱର୍ଗତ ପୂଜ୍ୟଗୁରୁ ଶରତଚନ୍ଦ୍ର ଦେବ । ନିରାଶ ହୋଇ ଯେତେବେଳେ ତାଙ୍କର ଦ୍ୱାରସ୍ଥ ହୁଏ ସେତେବେଳକୁ ସେ ମଧ୍ୟାହ୍ନ ଭୋଜନରେ ଲିପ୍ତ ଥିଲେ । ଭୋଜନ କହିଲେ ଏଇୟା- ଅରୁଆ

ଚାଉଳ ମୁଠେ, ଡାଲି ଟିକିଏ, ଘିଅ ଟିକିଏ, ମହୁ ଚାମୁଚେ, ଅଳ୍ପ କିଛି ପରିବା ଏକାଠି ରନ୍ଧା ହୋଇ ଗୋଟିଏ ମେଞ୍ଚାଳିଆ ଖାଦ୍ୟ । ତାଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ପରଦା ଦେହରେ ହାତ ମରା ହୋଇଛି କି ନାହିଁ ସେ ଆଗନ୍ତୁକର ଉପସ୍ଥିତି ଅନୁଭବ କଲେ ଏବଂ ଭିତରକୁ ଯିବା ଲାଗି ଇଙ୍ଗିତ କଲେ । ସୌମ୍ୟଦର୍ଶନ, ଗୋରା ତକ୍ ତକ୍ ଏବଂ ସର୍ବଦା ହସ ହସ ମୁହଁର ଏକ ଗମ୍ଭୀର ପ୍ରତିମୂର୍ତ୍ତି- ସେ ଥିଲେ ଅଧ୍ୟକ୍ଷ । ତ୍ରିତାଲା ପ୍ରାସାଦ, ଶଙ୍ଖମଲମଲ ପଥର, ରାଜକୀୟ ଆଡ଼ମ୍ବର, ଦୁଆରେ ନିଶୁଆ ପାଇକ ଏସବୁ ମନରେ ଭୟ ଜାତ କରାଉଥିଲା । କିନ୍ତୁ ତାଙ୍କର ସେ ହସହସ ମୁହଁ ସଂଚିତ ଭୟ ସବୁ ଦୂରେଇ ଦେଇଥିଲା । ସେ ହସି ହସି ପାଖକୁ ଡାକି ଯିବାର କାରଣ ପଚାରିଥିଲେ । କାରଣ ଜାଣିବା ପରେ ବାମ ହସ୍ତରେ ତୂଳୀ ଧରି ଠାଏଁ ଠାଏଁ ଛବି ଦେହରେ ରଙ୍ଗ ବୋଳି ଦେଲେ । ଏତେ ଚଞ୍ଚଳ ତୂଳୀ ସଂଚାଳନ କଲେ ଯେ ମନରେ ଭୟ ହୋଇଥିଲା କାଳେ ଛବି ଖରାପ ହୋଇଯିବ । କିନ୍ତୁ ସେ ଆଶଙ୍କା ଥିଲା ବୃଥା । ଟିକିଏ ଶୁଖିବା ପରେ ବାମହସ୍ତର କାଣି ଆଙ୍ଗୁଠି ନଖ ଛବିର ସ୍ଥାନେ ସ୍ଥାନେ ଚାଳନା କଲେ । ପୁଣି ପାଣିରେ ବୁଡ଼ାଇବାକୁ କହିଲେ ଏବଂ କାନ୍ଥରେ ଛବିକୁ ଆଉଜାଇ ତାଙ୍କ ସାମ୍ନାରେ ବସିବାକୁ କହିଲେ । ତାଙ୍କର ଖାଇବା ଶେଷ ହୋଇ ନ ଥାଏ। ତା'ପରେ ଛବିରେ ପୁଣି ହଳଦିଆ ରଙ୍ଗର ଏକ ପ୍ରଲେପ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ଛବିଟିକୁ ଅନୁଧ୍ୟାନ କରିବା ଲାଗି କହିଲେ। ଛବିର ରଚନା କୌଶଳ କିପରି ହେବ ଟିକିନିଖି କରି ବୁଝାଇ ଦେଇଥିଲେ। ତାଙ୍କର ଏତେ ଆତ୍ମୀୟତା, ଛାତ୍ରଙ୍କୁ ନିଜ ପୁଅ ପରି ଦେଖିବା, ତାଙ୍କୁ ଛବି ସମ୍ପର୍କରେ ବିଶଦ ଜ୍ଞାନ ଦେବା, କଳା ଅଧ୍ୟୟନ କ୍ଷେତ୍ରରେ ଜଟିଳତା ମଧ୍ୟରେ ଛାତ୍ରଙ୍କୁ ବାନ୍ଧି ନ ଦେଇ ସ୍ୱାଧୀନତା ଦେବା ତାଙ୍କର ଥିଲା ଏକାନ୍ତ ଇଚ୍ଛା । ସେତେବେଳେ ଦିନର ସମସ୍ତ କର୍ମବ୍ୟସ୍ତତା ପରେ ହଷ୍ଟେଲରେ ଛାତ୍ରମାନେ ରାତିରେ (ସନ୍ଧ୍ୟାଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ) ନାଚିକୁଦି, ଗୀତ ଗାଇ, ବଂଶୀ, ଢୋଲିକି, ଚାଙ୍ଗୁ ଇତ୍ୟାଦି ଯନ୍ତ୍ର ବଜାଇ ସାରା ରାଜପ୍ରାସାଦ କମ୍ପାଇ ଦେଉଥିଲେ । ସେତେବେଳର ସେ ମଜା ମଉଜବେଳ, ସମସ୍ତଙ୍କୁ ଏକାଠି କରିବା, ବଡ଼ ସାନର ଭୟଭ୍ରାନ୍ତି ଦୂରେଇ ଦେବା- କେଜାଣି ଏବେ ହେଉଛି କି ନାହିଁ! ଥରେ ଜଣେ ଛାତ୍ର (ସେ ସ୍ୱର୍ଗତ) ମୁଣ୍ଡରେ ନିଆଁଶିଖା ଜଳାଇ, ମୁହଁରେ ସିନ୍ଦୂର ବୋଳି ହୋଇ, ଲୁଙ୍ଗିକୁ ଘାଘରା କରି ହାତରେ ଝାଡୁ ଧରି ଅତି ବିକଟାଳ ରାବ କରି ନାଚୁଥିଲା । ତା ଆଗରେ ଅନ୍ୟ କେତେଜଣ ଚାଙ୍ଗୁବାଜା, ଥାଳିକୁ ଘଣ୍ଟ ପରି ବଜାଇ ନାଚୁଥିଲେ । ହରିବୋଲ, ହୁଳହୁଳି ଶବ୍ଦରେ ସମଗ୍ର ପୂର୍ବ ହଷ୍ଟେଲ ଉଠୁଥିଲା ପଡୁଥିଲା । ଏତିକିବେଳେ ରବିସାର୍ (ଗୁରୁ ଶ୍ରୀ ରବିନାରାୟଣ ନାୟକ) ଆସି ପହଞ୍ଚିଗଲେ । ତାଙ୍କୁ କିନ୍ତୁ ସମସ୍ତଙ୍କର ପ୍ରାଣେ ଡର । ତାର କାରଣ ଅନେକ । ସେତେବେଳେ ସେ ଅନେକ ବିଷୟ ପଢାଉଥାନ୍ତି । ଜଳଧୌତ ମାର୍ଜିତ ଚିତ୍ର, ଟେମ୍ପେରା, ଫ୍ରେସ୍କୋପେଣ୍ଟିଂ ଅଣ୍ଡା ମିଶ୍ରିତ ଟେମ୍ପେରା, Scroll Painting, ଅଜନ୍ତା ଶୈଳୀର ଭିତ୍ତିଚିତ୍ର, ତିବ୍ବତୀୟାନ୍ ଚିତ୍ରଣ ପଦ୍ଧତି, ଚୀନୀୟ ଜଳରଙ୍ଗ, ମ୍ୟୁରାଲ ଏବଂ ସମସ୍ତ ମଣ୍ଡନଶିଳ୍ପ ତତ୍କାଳୀନ ଛାତ୍ରମାନେ ତାଙ୍କଠାରୁ

ଅନୁସରଣ କରିଥିଲେ । ତା ଛଡ଼ା ସେ କାଠ ଖୋଦେଇ, ଲିନୋ ଖୋଦେଇ, ଷ୍ଟେନସିଲ କାଟିଂ, ବାଟିକ୍ ପ୍ରିଟିଂ ଓ ଥିଓରୀ ମଧ୍ୟ ପଢ଼ାଉଥିଲେ । ସ୍କୁଲରେ ପୂଜା, ଡ୍ରାମା ବେଳର ସାଜସଜ୍ଜା ଅତି ଚମତ୍କାର ଭାବେ ସେ କରୁଥିଲେ । ହଠାତ୍ ତାଙ୍କର ଉପସ୍ଥିତିରେ ଯେ ଯୁଆଡ଼େ ମୂଷାଙ୍କ ପରି ଛପିଗଲେ । ସେ ବର୍ଷ ସେ ଥିଲେ ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ । କାହାକୁ ନ ପାଇ ନିଆଁ ଧରିଥିବା ଛାତ୍ରର ଚୁଟିକୁ ଧରି ଲମ୍ବା ବାରଣ୍ଡାରେ ଚାଲିଥାନ୍ତି ଗାଳି ଦେଇ ଦେଇ । ଯାହାକୁ ସନ୍ଦେହ କଲେ ତା ରୁମ୍‌ରେ ପଶି ତା ଉପରେ ବିରକ୍ତି ହେଲେ । ଆମ ରୁମ୍‌ବାଲା ସୁନାପିଲା ହୋଇଗଲୁ । ସେ ଦିନର ମଉଛବରେ ହୁଳହୁଳିରେ କମ୍ପେଇଥିଲୁ, ମୁଣ୍ଡରେ ପଣାପାଣି ଧରି ଝାଡୁବାଇର ପାଦ ଧୋଇଥିଲୁ । ସାର୍ ରୁମ୍‌କୁ ଆସିବା ପୂର୍ବରୁ ସ୍କେଚ୍ ଖାତା ଧରି ଗାଳିରୁ ରକ୍ଷା ପାଇଗଲୁ । ତଳ  ଅଗଣାର ଏ ସମସ୍ତ ଦୃଶ୍ୟ ତିନିତାଲାର ଝରକାରୁ ଉପଭୋଗ କରୁଥିଲେ ଅଧ୍ୟକ୍ଷ ମହାଶୟ । ନିତିଦିନ ଏପରି ତାମସା ହୁଏ ଏବଂ ତାଙ୍କର ସମର୍ଥନ ଏଥିରେ ଥାଏ । ଏପରି ସ୍ୱାଧୀନତା ଦେଇ ପିଲାଙ୍କୁ ସର୍ବଦା ପ୍ରଫୁଲ୍ଲିତ ରଖିବା ପାଇଁ ଗୋଟିଏ ଡ୍ରାମାର ପ୍ରସ୍ତାବ ବାଢ଼ିଲେ । ଆଗରୁ ତାଙ୍କ ପିତା ସ୍ୱର୍ଗତ ରାଧାମୋହନ ରାଜେନ୍ଦ୍ର ଦେବଙ୍କ ଲିଖିତ ନାଟକ ସବୁ ନିଜ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରାଇଥିଲେ । ଏଥର କଳାବିଦ୍ୟାଳୟର ପ୍ରଥମ ନାଟକ ଭଞ୍ଜକିଶୋର ପଟ୍ଟନାୟକଙ୍କର 'ଜୟମାଲ୍ୟ' ପ୍ରଦର୍ଶିତ ହେବା ସ୍ଥିର ହେଲା । ସେ ନିଜେ ରହି ପାତ୍ରପାତ୍ରୀ ବାଛିଲେ । ସେତେବେଳେ (୩୦ ବର୍ଷ ତଳେ) ସେଠିକା ଝିଅମାନେ ମଞ୍ଚ ଉପରେ ପୁଅପିଲାଙ୍କ ସହ ଅଭିନୟ କରିବା ପାଇଁ ରାଜି ହେଉ ନ ଥିଲେ । ତଥାପି ଥରେ ପୂଜା ଅବସରରେ ମଞ୍ଚ ଉପରେ ବଡ଼ଭାଇ ଶ୍ରୀ ରମେଶ ଚନ୍ଦ୍ର ମହାନ୍ତିଙ୍କ ସହ ଆମ ବ୍ୟାଚ୍‌ର ଝିଅ କୁମାରୀ ସ୍ନେହଲତା ବେହେରା ଦ୍ୱୈତ କଣ୍ଠରେ "ତେରେ ପ୍ୟାରକା ଆସରା ଚାହତା ହୁଁ" ଗୀତ ଗାଇ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ । କିନ୍ତୁ ଅଭିନୟ ପାଇଁ ସେ ରାଜି ନ ହେବାରୁ ଅଭିନୟ ଜୀବନରେ ପ୍ରଥମେ ମତେ ନାୟିକା ସାଜିବାକୁ ପଡିଥିଲା । କି ଆନନ୍ଦ, କି ଉତ୍ସାହ, କି ଉଦ୍ଦୀପନା ସତେ ସେତେବେଳେ । ନିର୍ଦ୍ଦେଶନା ଦେଉଥାନ୍ତି ଅଧ୍ୟକ୍ଷ । (ସହନିର୍ଦ୍ଦେଶକ ଟିକିବାବୁ) ଜମିଦାରୀ ଥିଲେ ହୁଏତ ସେ ରାଜା ହୋଇଥାନ୍ତେ । ସମସ୍ତ ଭୋଗବିଳାସ, ରାଜପଦ ତ୍ୟାଗ କରି ସେ କଳାକୁ ନିଜ ସଙ୍ଗୀ କରିଥିଲେ । ବେଳେ ବେଳେ ନାୟକଙ୍କୁ ନିର୍ଦ୍ଦେଶନା ଦେଲାବେଳେ ନିଜେ ନାୟକ ସାଜି ତାଙ୍କ ଆଲିଙ୍ଗନ ମଧ୍ୟରେ ଧରିବା ବେଳେ ଭୀଷଣ ଭୟ ଲାଗୁଥିଲା ଏବଂ ସଂକୁଚିତ ହୋଇ ଯାଉଥିଲି - ରାଜାଙ୍କ ଭୟରେ । କିନ୍ତୁ ସେ ଏକାବେଳେକେ ପିଲାଙ୍କ ସଙ୍ଗରେ ମିଶି କାମ କରୁଥିଲେ । ବଡ଼ ସାନ, ଉଚ୍ଚ ନୀଚ ଭେଦଭାବ ତାଙ୍କ ପାଖରେ ନ ଥିଲା । ନାଟକ ମଞ୍ଚସ୍ଥ ଦିନ ସେ ନିଜେ ରୂପସଜ୍ଜା ଦାୟିତ୍ୱରେ ରହିଥିଲେ । ଗ୍ରୀନ ରୁମ୍‌ରେ ପୂରା ପେଣ୍ଟିଂ କ୍ଲାସ୍ ଖୋଲିଦେଲେ । ଏମିତି ପେଣ୍ଟିଂ କଲେ ଯେ ଆମେ ପୁଅ ପିଲା କେତେ ଜଣ ପୂରା ଝିଅ ହୋଇଗଲୁ । କିଏ କାହାକୁ ଚିହ୍ନିପାରିଲୁ ନାହିଁ । ମୋ କପାଳ ଓ ନାକ ଗୋଟିଏ ସରଳରେଖାରେ ରହିଲା ଓ ପାଟିଟା ଚୁମା ଦେଲା ପରି ଛୋଟ ହୋଇଗଲା । ଭୂଲତା ତଳର ମାଂସ ଆଖି ପତା ଉପରେ

ଫୁଲି ଫୁଲି ଦିଶିଲା । ମେକ୍‌ଅପ ସବୁ ୫, ୬ ଫୁଟ ଦୂରରୁ ଅତି ଚମତ୍କାର ଦେଖାଗଲା । ବନ୍ଧୁ ବିପିନ ବାବୁଙ୍କ ଭ୍ରୂଲତା ଦୁଇଟା ଅଦୃଶ୍ୟ କରାଯାଇ ଅସଲ ଭ୍ରୂଲତାଠାରୁ ଅଧଇଞ୍ଚ ଉପରେ କରାଗଲା । ଅନ୍ୟବନ୍ଧୁ ଦେବରାଜଙ୍କ ମାଂସ ନ ଥିବା ଗାଲରେ ଏପରି touch ଦେଲେ ଯେ ଗାଲଗୁଡ଼ିକ ପୁରି ଉଠିଲା । ସବୁ ଯେମିତି ଅଦ୍ଭୁତ । ଏଇ ଅଦ୍ଭୁତ ଅନୁଭୂତି ଗତ ତିନି ଦଶନ୍ଧି ମଧ୍ୟରେ ଆଉ ହୋଇନାହିଁ । ସେ ନାଟକ ଥିଲା ଖଲ୍ଲିକୋଟରେ ଏକ ଚମକ । ସେଇ ନାଟକ ପାଇଁ ଆମେ ଅଧ୍ୟକ୍ଷଙ୍କର ଅତି ନିକଟତର ହୋଇଗଲୁ । ସେଇ ନାଟକ ଲାଗି ଆମେ ଖଲ୍ଲିକୋଟରେ ଏ ପର୍ଯ୍ୟନ୍ତ ସ୍ମରଣୀୟ । ଆମ ମୁହଁ ସବୁ ବଦଳି ଗଲାଣି । ଖଲ୍ଲିକୋଟ ଦେଇ ଗଲାବେଳେ ହଠାତ୍ ସେଇ ପୁରୁଣା ଲୋକମାନେ ଚିହ୍ନିପାରନ୍ତି ନାହିଁ । କିନ୍ତୁ ଜୟମାଲ୍ୟକୁ ମନେ ରଖିଛନ୍ତି । ନାଟକରେ ଅଭିନୟ କରିଥିବା ପାତ୍ର ପାତ୍ରୀଙ୍କ ନାମ ମନେ ରଖିଛନ୍ତି । ଥରେ ପାନ କିଣୁ କିଣୁ ମାର୍କଣ୍ଡବାବୁ କହି ପକାଇଲେ କଳାବିଦ୍ୟାଳୟରେ ଡ୍ରାମା ହେଉଛି- ହେଲେ ସେ ଡ୍ରାମା ପରି ଆଉ ହେଉ ନାହିଁ । ସେବର ପରି ଆଉ ଏବେ କୌଣସି କଥା ନାହିଁ । ଚନ୍ଦ୍ରବାବୁ- ଦେବରାଜ ବାବୁ କେଉଁଠି ଆଜ୍ଞା ? "ଜୟମାଲ୍ୟ" ନାୟିକାର ପରିଚୟ ପାଇ ଖୁବ୍ ଖୁସି ହେଲେ । ପାନ ପଇସା ଯେତେ ଯାଚିଲେ ବି ନେଇ ନ ଥିଲେ । ସେଇ ନାଟକ ତାଙ୍କୁ ନାମ ମନେ ରଖାଇଛି । ସେ ଅଧ୍ୟକ୍ଷ ନାହାନ୍ତି । ତାଙ୍କର ସ୍ମୃତି ମନେଅଛି । ମିଳାମିଶା, ସ୍ନେହ ସହାନୁଭୂତି ଜରିଆରେ ପିଲାଙ୍କୁ ନିଜର କରିପାରିଥିଲେ ।

ତାଙ୍କର ସ୍ନେହ, ଆଶ୍ୱାସନା ବୋଳା ସେଇ ଛବିଟି ହେଉଛି ଅତୀତ ଅଭୁଲାସ୍ମୃତିର ପ୍ରତୀକ । ତାକୁ ପାଖରେ ସାଇତି ରଖିଛି । ସେ ଖଣ୍ଡିକ ହେଉଛି କଳାଜୀବନରେ ପ୍ରେରଣାର ଉତ୍ସ । ତାପରେ କାହାର ଆଶ୍ରୟ ଲୋଡ଼ା ହୋଇ ନାହିଁ । କାହାର ଦ୍ୱାରସ୍ଥ ହୋଇ ଅପମାନିତ ହେବାକୁ ପଡ଼ି ନାହିଁ । ପୂଜ୍ୟ ଗୁରୁଙ୍କର ଅମରବାଣୀ, ତାଙ୍କର କଳାକୃତିର ପ୍ରେରଣାରେ ଦୁଇପାଦ ଆଗେଇ ଯାଇଛି । ତାଙ୍କର କଳାକୃତି ଥିଲା ତାଙ୍କର ନିଜସ୍ୱ ଶୈଳୀ । ଶରୀର ଗଠନ ଓ ରଚନା କୌଶଳରେ ସେ ଥିଲେ ଅଦ୍ୱିତୀୟ । ସେ ସମୟରେ ବୃହଦାକାର ଚିତ୍ର ଏବଂ ଚିତ୍ର ମଧ୍ୟରେ ସହସ୍ର ୨ ଜୀବ, ଜନ୍ତୁ, ପକ୍ଷୀ, ବୃକ୍ଷଲତା ଆଙ୍କିବାରେ କେହି ସମକକ୍ଷ ନ ଥିଲେ । ସେ ଥିଲେ ନିଜେ ଗୋଟିଏ ଅନୁଷ୍ଠାନ । ତଥାପି ସେ ଅନେକ ନିନ୍ଦା ଗ୍ରହଣ କରିଥିଲେ । ଏ ତ ଗଲା ଗୁରୁ ଶିଷ୍ୟର ସଂପର୍କ । ଅନୁଷ୍ଠାନର ଶିଶୁ ଅବସ୍ଥାରେ ଯେଉଁ ସବୁ ଅଭାବ, ଅସୁବିଧା ଦେଖା ଦେଇଥାଏ ଆମେ ମଧ୍ୟ ସେ ସବୁ ଅସୁବିଧା ଭିତରେ ଗତି କରିଥିଲୁ । ସେତେବେଳେ ଆଲୁଅର ବ୍ୟବସ୍ଥା ନ ଥିଲା । ବଣ ପାହାଡ଼ ଭିତରେ ଉଆସଟି ଥିବାରୁ ପ୍ରତିଦିନ ବିଭିନ୍ନ ପ୍ରକାରର ସାପର ଆତଯାତ ହେଉଥିଲା । ମୋ ଭଳି ଆହୁରି କେତେକ ଅନ୍ତେବାସୀଙ୍କ ତକିଆ ତଳେ ସାପ ମଳା ବାନ୍ଧି ରହୁଥିଲେ । ପାଇଖାନା ନ ଥିବାରୁ ଆମେ ସମସ୍ତେ ଲୋଟାଧରି ପାହାଡ଼ ଉପରକୁ ମିଶିକରି ଯାଉଥିଲୁ । ରାତିରେ ହଠାତ୍ ପେଟ ତଲବ କଲେ ଏକା ଏକା ଯିବାକୁ ଡର ମାଡୁଥିଲା । ମାଠିଏ ପାଣି ପାଇଁ ଅନ୍ଧାର ବାଙ୍କି ଭିତରେ ଅନେକ ପାହାଚ ଚଢାଉତ୍ତରା କରି ଆସିବା କି କଷ୍ଟକର କଥା

ତା' ଅନୁଭବୀ ହିଁ ଜାଣିପାରିବେ । ଆମେ ୨ୟ ବ୍ୟାଚ୍ ଅପେକ୍ଷା ପ୍ରଥମ ବ୍ୟାଚ୍ ଆହୁରି ବର୍ଷେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେମାନେ ସମସ୍ତେ ଏକାଠି ହୋଇ ଗୋଟିଏ ବଡ଼ ହଲ ଭିତରେ ରହୁଥିଲେ । ୨ୟ ବର୍ଷ ଆଡ଼କୁ ପାଟ ଅଗଣାରେ ଥିବା ଷ୍ଟୋରରୁମ୍ ସବୁକୁ ସଫାକରି ଗୋଟାଏ ଲେଖା ସିମେଣ୍ଟ ଝରକା ଲଗାଇ ହଷ୍ଟେଲ କରାଗଲା । ହଷ୍ଟେଲରେ ମେସ୍ କିମ୍ବା ଖଲ୍ଲିକୋଟରେ ଭୋଜନାଳୟ ପ୍ରାୟ ନ ଥିଲା । ଯାହା ବି ଥିଲା ତା'ର ଅବସ୍ଥା କହିଲେ ନ ସରେ । ଚଟାଣ ମାଟି, ଠାଏଁ ଠାଏଁ ଗାତ, ଗାତରେ ଖଲିପତ୍ର ପକାଇ ପିଢ଼ାରେ ବସି ଖାଉଥିଲୁ । ହାତରେ ବାସନ ମାଜୁଥିଲୁ । ଜାଗା ଅଭାବରୁ ଅନେକ ସମୟ ଅପେକ୍ଷା କରିବାକୁ ପଡୁଥିଲା । ଏଣୁ ଆମେ ପ୍ରାୟ ସମସ୍ତେ ନିଜ ନିଜ ବସାରେ ରାନ୍ଧିକରି ଖାଉଥିଲୁ । ଅଙ୍ଗାର ଟିଣକୁ ଆଠଅଣା ପଡୁଥିଲା । ବାମ୍ଫିରୁ ପାଣି ଆଣି, ଅଙ୍ଗାର ଚୁଲି ଜାଳି ଦୁଇଓଳିଯାକ ରୋଷେଇକରି ଖାଉଥିଲୁ । ସେଥିରେ କିନ୍ତୁ ମଜା ଥିଲା । କିଏ କାହାର ତରକାରି ଲୁଚେଇ ଖାଇ ଯାଉଥିଲା ତ କିଏ ମଜାରେ ଭାତ ଡେକ୍‌ଚି ନେଇ ଯାଉଥିଲା । ରୋଷେଇ ବେଳେ ଆମକୁ ଖାସ୍ ଚୁଲି ସହିତ କସରତ କରିବାକୁ ପଡୁନଥିଲା । ଅଙ୍ଗାର ଚୁଲିଟା ଭାରୀ ସୁବିଧାଜନକ । ସଜଡ଼ାସଜଡ଼ି କରି ଏକାବେଳେକେ ଭାତ, ତରକାରୀ ବସେଇ ଦେଇ ଅନ୍ୟ କାମରେ ଲାଗିଥାଉ । ଠିକ୍ ଅଙ୍ଗାର ଲିଭିବାବେଳକୁ ଭାତ ଏବଂ ପରିବା ସିଝି ଯାଇଥାଏ । ଦେବରାଜଙ୍କ ରୋଷେଇ ଟିକିଏ ପାଟିସୁଆଦିଆ ହୋଇଥାଏ । ସେ ପରିବା ସିଝାକୁ ତିନି ଚାରି ପ୍ରକାର ଛୁଙ୍କ ଦେଇ ତିନି, ଚାରି ଠାଆଁ କରି ଦେଉଥିଲେ । ଏଣୁ ଆମ ରୁମର ରୋଷେଇ ସମସ୍ତ ଅନ୍ତେବାସୀଙ୍କୁ ଭଲ ଲାଗୁଥିଲା । ଏହି ରୋଷେଇ ଆମ ସମସ୍ତ ଅନ୍ତେବାସୀଙ୍କୁ "ବସୁଧୈବ କୁଟୁମ୍ବକଂ" କରିପାରିଥିଲା । ବଡ଼ କିଏ ସାନ କିଏ ଆମ ଭିତରେ ଭେଦଭାବ ନ ଥିଲା । ମୋ ତଳ ବ୍ୟାଚରେ ବନ୍ଧୁ ଦିନନାଥ ପାଠୀ ପଢୁଥିଲେ ହେଁ ସେ ତଳ ଓ ଉପର ବ୍ୟାଚ୍‌ର ଅନେକ ସହପାଠୀ ବନ୍ଧୁଙ୍କ ଅନୁରୋଧରେ ସେମାନଙ୍କ ଛବିରେ ହାତ ଦେଉଥିଲେ । ଏଥିରେ ତାଙ୍କର ବି ଅନେକଟା ଲାଭ ହୋଇଛି । ସେ ଛାତ୍ରାବସ୍ଥାରେ କଲିକତା ଫାଇନ୍ ଆର୍ଟ ଏକାଡେମୀରୁ ତାଙ୍କର "ଫସଲ ଅମଳ" ଛବି ପାଇଁ ପୁରସ୍କୃତ ହୋଇ ସମଗ୍ର ଅନୁଷ୍ଠାନର ପ୍ରିୟ ହୋଇପାରିଥିଲେ । ଆମେ ସମସ୍ତେ ଏପରି ମିଶିଯାଇଥିଲୁ ଯେ କିଏ କାହାର ପିନ୍ଧୁଥିଲା, କିଏ କାହାର ଖାଉଥିଲା, କିଏ କାହାର ଲଗାଉଥିଲା, ସେଥିରେ ବାରଣର ପ୍ରଶ୍ନ ଉଠୁ ନ ଥିଲା । ସଂପର୍କ ଏତେ ବଢ଼ି ଯାଇଥାଏ ଯେ ଯେପରି ଗୋଟିଏ ମାଆର ପିଲାପରି ଅନୁଭବ କରୁଥିଲୁ । ମୋ ବିଭାଗ ଅଧ୍ୟାପକ ପୂଜ୍ୟଗୁରୁ ଶ୍ରୀ ଅଜିତ କେଶରୀ ରାୟ ପିଲାଙ୍କ ପରି ଅତି ସରଳ ଓ ନିଷ୍କପଟ ହୃଦୟର ଲୋକ ଥିଲେ । ତାଙ୍କ ସହ ଆମେ ସବୁ study କରିବାକୁ ଯାଉଁ । ତାଙ୍କର ଇଜମ୍‌ବଦ୍ଧ ଛବିର ମହତ୍ତ୍ୱ ମୁଁ ପରେ ପରେ ବୁଝିପାରିଥିଲି । ପ୍ରକୃତରେ ସେପରି ଜଣେ ଗୁଣୀ କଳାକାରଙ୍କୁ ପାଖରେ ପାଇ ତାଙ୍କଠୁ କିଛି ଆଦାୟ କରିପାରି ନ ଥିଲୁ । ନୂଆ ଅନୁଷ୍ଠାନରେ ବାଧା, ବିଘ୍ନ, ହତୋତ୍ସାହ ଏବଂ ତା ସଙ୍ଗେ ଆନନ୍ଦ, ଉଲ୍ଲାସ, ମଜା ମଜଲିସ ଭିତରେ ଆମେ

ଅନେକ ଆଙ୍କୁଥିଲୁ । ୧୯୭୧ରେ ଲଳିତକଳା ଏକାଡ଼େମୀର ପ୍ରଥମ ଚିତ୍ର ପ୍ରଦର୍ଶନୀରେ ଅନେକ ବନ୍ଧୁ ସମେତ ମୁଁ ମଧ୍ୟ ମୋର "Sweet Poison" ପାଇଁ ପୁରସ୍କୃତ ଯେପରି ପ୍ରଦର୍ଶନୀ ଦେଖିବାକୁ ମିଳିତ ଭାବେ ଆମେ ସମସ୍ତେ ଭୁବନେଶ୍ୱର ଆସିଥିଲୁ । ସେଥର ମୋର ପ୍ରଥମ ଭୁବନେଶ୍ୱର ଦେଖା । ମ୍ୟୁଜିୟମର ଗୋଟିଏ ବଖରା ଭିତରେ ସମସ୍ତେ ରହିଥିଲୁ । ମୋ ଆଖିରେ ସେତେବେଳେ ଭୁବନେଶ୍ୱର ଭାରୀ ସୁନ୍ଦର ଲାଗୁଥିଲା । ମୁଁ ତନ୍ମୟ ହୋଇ ଯାଇଥିଲି ଯେପରି ଖଲ୍ଲିକୋଟଗଡ଼କୁ ପ୍ରଥମେ ଦେଖି ହୋଇଥିଲି । ଜଣେ ଶିଳ୍ପୀ ବା କଳାସାଧକ ପାଇଁ ଖଲ୍ଲିକୋଟର ପ୍ରାକୃତିକ ପରିବେଶ ଏକବାର ଠିକ୍ ଥିଲା । କିନ୍ତୁ ଅନୁଷ୍ଠାନକୁ ସ୍ଥାନାନ୍ତରିତ କରିବା ଲାଗି ଉଦ୍ଦେଶ୍ୟମୂଳକ ଭାବେ ସ୍ଥାନର ଅନୁପଯୁକ୍ତତା ପ୍ରତିପାଦନ କରି ଉକ୍ତ ସ୍ଥାନର ନିନ୍ଦା କରାଗଲା । କବିବରଙ୍କ ଚିଲିକା ସୁନ୍ଦରୀ, ନିଆଁଖୁଣ୍ଟାଙ୍କର ମାଗୁଣିର ଶଗଡ଼, ଚକ୍ରବାକ ଚକ୍ରପାଣିଙ୍କ ବସନ୍ତ ରାଣୀ, ଅନେକ ସୁଯୋଗ୍ୟ ସନ୍ତାନଙ୍କ ଅମରକୀର୍ତ୍ତି, ପ୍ରାଚୀନ ଐତିହ୍ୟ ନିର୍ମଳଝରର କାରୁକାର୍ଯ୍ୟ ଯେଉଁ ସ୍ଥାନର ମହିମା ଗାନ କରିଛନ୍ତି ଅନେକ ତା'ର ବିରୁଦ୍ଧାଚରଣ କଲେ । ହୁଏତ ଉକ୍ତ ଅନୁଷ୍ଠାନର ପରିବେଶ ଆହୁରି ସୁନ୍ଦର, ମନୋରମ ହୋଇପାରନ୍ତା । ବାହ୍ୟଜ୍ଞାନର ଅଭାବ ଦୂରୀଭୂତ ହୋଇପାରିଥାନ୍ତା । ଶିକ୍ଷା ପର୍ଯ୍ୟଟନ ମାଧ୍ୟମରେ ବହୁତ କଥା ଶିକ୍ଷା ଦିଆଯାଇ ପାରିଥାନ୍ତା । କିନ୍ତୁ ଅନେକ କାର୍ଯ୍ୟ କରାଇ ଦିଆଯାଇ ନାହିଁ । ଦୀର୍ଘ ୩୦ ବର୍ଷ ଗତ ହୋଇଥିଲେ ହେଁ ଅବସ୍ଥାର କୌଣସି ପରିବର୍ତ୍ତନ ହୋଇପାରି ନାହିଁ । ଛାତ୍ରର ଭବିଷ୍ୟତ ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷଙ୍କ ପାଖରେ ଆଲୋକପାତ କରିବା ଦୂରର କଥା, ସ୍କୁଲମାନଙ୍କରେ ବାଧ୍ୟତାମୂଳକ କଳାଶିକ୍ଷାର ପ୍ରବର୍ତ୍ତନ ପାଇଁ ଚେଷ୍ଟା ବି କରାଯାଉ ନାହିଁ । ସ୍କୁଲମାନଙ୍କରେ କଳାଶିକ୍ଷକ ସବନିମ୍ନ ଦରମା ପାଏ । ଏହି ସମ୍ପର୍କରେ କୌଣସି ଗୁରୁତର ଆଲୋଚନା ଏହି ଅନୁଷ୍ଠାନ କରିଥିବା ପରି ଜଣାଯାଏ ନାହିଁ । ଏହି ସ୍ୱଳ୍ପ ଦରମାରେ ତେଲ ଲୁଣର ସଂସାର ଚଳାଇ ଚିତ୍ର ଆଙ୍କି ଶିଳ୍ପୀଭାବେ ତିଷ୍ଠିବା ଅତି ଦୁରୂହ ହୋଇପଡେ । ଶିଳ୍ପୀ ହେବାର ଶପଥରେ ଜୁଆର ଭଟ୍ଟା ପଡ଼ିଯାଏ । ଶିଳ୍ପୀ ହେବାର ବାସନା ମରି ମରି ଯାଏ ।

ପୁଣି ଦିନ ଥିଲା ଶିଳ୍ପୀ ନୀରବ ରହି ତା ଛବି ମାଧ୍ୟମରେ କଥା କୁହାଉଥିଲା । ସେ ଦିନର ତାଳ ତମାଳ, ନାରିକେଳ ଅଥବା ନୀଳ ପର୍ବତର ଦିଗ୍‌ବଳୟ- ଆଜି ସେଇ ଦିଗ୍‌ବଳୟ ବଦଳି ଯାଇଛି । ସକାଳରେ ଥିଲା କାକଳୀ ଆଉ ଗୋଧୂଳିରେ ଥିଲା ଗୋଠ ବାହୁଡ଼ାର ବଂଶୀଧ୍ୱନି- ଆଜି ସେଇ ସକାଳୁଆର ଗୋଧୂଳିରେ କାରଖାନାର ଧୂଆଁ । ଶାନ୍ତ ସବୁଜ ଘୁମନ୍ତ ଓଡ଼ିଶାର କାନରେ ଯନ୍ତ୍ର ଆଜି ମନ୍ତ୍ର ଫୁଙ୍କିଛି । କ୍ରମଶଃ ଗ୍ରାମରୁ ସହର, ଗ୍ରାମରୁ ଗ୍ରାମାନ୍ତର, ସମୁଦ୍ରରୁ ଅରଣ୍ୟ ଦୃଶ୍ୟ ପଟ ସବୁ ବଦଳିବାରେ ଲାଗିଛି । ସବୁ ଯେପରି ଯାନ୍ତ୍ରିକ- ସବୁ ଓଲଟ ପାଲଟ । ନିଜ ଢୋଲ ନିଜେ ପିଟିବା ଏ ଯୁଗର ଆଦର୍ଶ ହୋଇ ଗଲାଣି । ନୁହନ୍ତି ଯେଡ଼େ କହନ୍ତି ସେଡ଼େ । ପ୍ରତିଯୋଗିତା କ୍ଷେତ୍ରରେ ମଧ୍ୟ ତଦ୍‌ରୂପ । ପ୍ରିୟାପ୍ରୀତି, ବାଛବିଚାର, ଖୋସାମଦ ଇତ୍ୟାଦିର ରାଜୁତିରେ ନିରୀହ ଶିଳ୍ପୀ ମର୍ମାହତ ହୁଏ ।

କଳାର ଦେଶ ବୋଲି ସାରା ବିଶ୍ୱରେ ଡିଣ୍ଡିମ ପିଟାଯାଉଛି । ସବୁକିଛି ଭାଷଣ, ତର୍କ ବିତର୍କରେ ହିଁ ସୀମାବଦ୍ଧ ହୋଇ ରହିଯାଉଛି । କିନ୍ତୁ ଏ ଦେଶ ଶିଳ୍ପୀର ଛବି ଆଙ୍କିବା ପାଇଁ ନିଜର ବୋଲି ଛୋଟ ବଖରାଟିଏ ନାହିଁ । ସରଞ୍ଜାମର ଅଭାବ । ଏସବୁ ସୁବିଧା ଅନ୍ୟ ପ୍ରଦେଶମାନଙ୍କରେ ଶିଳ୍ପୀମାନେ ପାଇଥାନ୍ତି । ଅନ୍ୟ ପ୍ରଦେଶରେ "ଶିଳ୍ପୀ ଗ୍ରାମ" ସ୍ଥାପନ ହେଲାଣି । ଏଠି ବେକାର ଶିଳ୍ପୀମାନେ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ନାମ ଫଳକ, ବିଜ୍ଞାପନ ଫଳକ ଲେଖନ୍ତି । ତେଣୁ ଶିଳ୍ପୀ ହେବାର ଆଶା, ଆକାଂକ୍ଷା ନେଇ ଯେଉଁ ପାଦ ବଢ଼ାଇଥାଏ ତାହା ଧୀରେ ଧୀରେ କଇଁଚ ପରି ନିଜ ଖୋଳପା ଭିତରେ ଲୁଚାଇ ନିଏ । ସେଇଠି ତା କଳାର ପରିସମାପ୍ତି ଘଟେ । ଏସବୁ ପ୍ରତି ଦୃଷ୍ଟିପାତ କଲେ କିଏ ବା କହିବ ଶ୍ରେଷ୍ଠ କଳାର ଦେଶରେ କଳା ଓ କଳାକାରର ମାନ ଅତି ଊର୍ଦ୍ଧ୍ୱରେ । ହୁଏତ କଳା ଅନୁଷ୍ଠାନମାନଙ୍କ ମିଳିତ ପ୍ରଚେଷ୍ଟାରେ ଉତ୍କଳୀୟ କଳା ଓ କଳାକାରର ଉନ୍ନତି ବିଧାନ ସମ୍ଭବପର ହୋଇପାରନ୍ତା ।

## ଶିଳ୍ପୀ ପରିଚୟ

**ବିଦ୍ୟାଧର ବର୍ମା** (୧୯୦୧-୧୯୫୩)

ସେ ଥିଲେ ଜଣେ ସ୍ୱ-ପ୍ରଶିକ୍ଷିତ ଚିତ୍ରକର। ଶାନ୍ତିନିକେତନ ଶୈଳୀରେ ଚିତ୍ରାଙ୍କନ ପାଇଁ ସେ ପ୍ରସିଦ୍ଧ। ତାଙ୍କ ଚିତ୍ରର ଅନ୍ତଃସ୍ୱର ମୁଖ୍ୟତଃ ରୋମାଣ୍ଟିକ୍ ଓ ଏହାର ପ୍ରଚ୍ଛଦ ପରିବେଶରେ ଥାଏ ଏକ ଗ୍ରାମୀଣ-ଭୂଚିତ୍ର। ତାଙ୍କର ପ୍ରଖ୍ୟାତ ଚିତ୍ର *ପଲ୍ଲୀବଧୂର ହସ*କୁ ଓଡ଼ିଶାରେ ବିଶ୍ୱପ୍ରସିଦ୍ଧ 'ମୋନାଲିସା' ଚିତ୍ର ସହ ତୁଳନା କରାଯାଏ। ଓଡ଼ିଶାରେ ଶାନ୍ତିନିକେତନ କଳା ପରଂପରାର ସେ ଥିଲେ ଆଦ୍ୟ ପ୍ରବର୍ତ୍ତକ।

**ଗୌରାଙ୍ଗ ଚରଣ ସୋମ** (୧୯୨୨-୧୯୯୮)

ପ୍ରସିଦ୍ଧ ଚିତ୍ରଶିଳ୍ପୀ ଆଚାର୍ଯ୍ୟ ନନ୍ଦଲାଲ ବୋଷଙ୍କର ସେ ଥିଲେ ପ୍ରିୟ ଛାତ୍ର। ବାଲେଶ୍ୱର ଜିଲ୍ଲା ଉତ୍ତର ଅଞ୍ଚଳର କ୍ଷୁଦ୍ର ଜନପଦ ମହାଗବ ଠାରେ ତାଙ୍କର ଜନ୍ମ। ସାରା ଜୀବନ ସେ ଶାନ୍ତିନିକେତନର ପୁନରୁଭ୍ୟୁଦୟ ଶୈଳୀ (Revival Style)ର ସେ ଥିଲେ ଜଣେ ପ୍ରମୁଖ ପ୍ରବକ୍ତା। ଶାନ୍ତିନିକେତନରେ କଳା ଶିକ୍ଷା ପରେ ସେ ପିଲାନୀରେ ବହୁକାଳ ଶିକ୍ଷକତା କରିଥିଲେ। କଲିକତାସ୍ଥିତ ବିରଳା ପ୍ଲାନେଟୋରିଅମ୍‌ରେ ତାଙ୍କର ବହୁ ଚିତ୍ର ଦେଖିବାକୁ ମିଳେ। ଶାନ୍ତିନିକେତନର ଜଣେ କଳା ଛାତ୍ରୀ ବୀଣାପାଣିଙ୍କ ସହ ତାଙ୍କର ବିବାହ ହୋଇଥିଲା। ଆଚାର୍ଯ୍ୟ ନନ୍ଦଲାଲ ତାଙ୍କ ସଂପର୍କରେ ଲେଖିଥିଲେ- "ଶ୍ରୀମାନ୍ ଗୌରାଙ୍ଗ ଜଣେ ଅସାଧାରଣ ମେଧାବୀ ଛାତ୍ର।"

**ମୁରଲୀଧର ଟାଲି** (୧୯୧୮-୧୯୯୭)

ଏହି ବିଶିଷ୍ଟ ଚିତ୍ରକର ସମ୍ବଲପୁରର ଏକ ଅଖ୍ୟାତ ପଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ସେ କଲିକତା ଆର୍ଟ ସ୍କୁଲରୁ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ। ଜଣେ ବିଶିଷ୍ଟ ପ୍ରତିକୃତି ଚିତ୍ରକର (Portrait painter) ଭାବେ ସେ ସାରା ଭାରତରେ ପ୍ରସିଦ୍ଧ। ତାଙ୍କ ସମୟର ବିଶିଷ୍ଟ ପ୍ରତିକୃତି ଚିତ୍ରକର ରେଡାପା ନାଇଡୁ, ଦଶରଥ ପଟେଲ, କେ.ଜି. ସୁବ୍ରମନିୟମ୍ ଆଦି ଭାରତ ପ୍ରସିଦ୍ଧ ଚିତ୍ରକରମାନଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ତାଙ୍କର କିଛି ଭାବାତ୍ମକ ଭୂଚିତ୍ର ପେଣ୍ଟିଂ (Abstract Landscape Painting) ରହିଛି, ଯାହା ତାଙ୍କ ସୃଜନଶୀଳତାର ସଂକେତ। ସେ କିଛିକାଳ ଓଡ଼ିଶା ସରକାରଙ୍କ ଅଧୀନରେ କୁଟୀର ଶିଳ୍ପ ବିଭାଗରେ କାର୍ଯ୍ୟ କରିଥିଲେ।

**ଗୋପାଳ କାନୁନ୍‌ଗୋ** (୧୯୦୪-୧୯୭୭)

ସେ କେବଳ ଜଣେ ରେଖାଶିଳ୍ପୀ ନ ଥିଲେ ବରଂ ଥିଲେ ଜଣେ ପ୍ରସିଦ୍ଧ ଅନୁବାଦକ, କବି ଓ ପ୍ରାବନ୍ଧିକ। ତାଙ୍କ ଅଧିକାଂଶ ଚିତ୍ରର ପୃଷ୍ଠଭୂମି ଥିଲା ସରଳ ଗ୍ରାମ୍ୟ ଜୀବନ। ସେ ଅଳ୍ପଦିନ ପାଇଁ ଖଲ୍ଲିକୋଟ ଆର୍ଟ ଆଣ୍ଡ କ୍ରାଫ୍ଟ ସ୍କୁଲରେ ଅଧ୍ୟାପନା କରିଥିଲେ। ଓମର ଖୟାମ୍‌ଙ୍କ ରୁବାୟତର ଅନୁବାଦ ତାଙ୍କର ଶ୍ରେଷ୍ଠ ସାହିତ୍ୟିକ କୃତି। ଏହି ପୁସ୍ତକରେ ସେ ଅନେକ ଚିତ୍ର ମଧ୍ୟ ଅଙ୍କନ କରିଛନ୍ତି। ତାଙ୍କର ଚିତ୍ର ୧୯୩୪ ମସିହାର ବାର୍ଷିକ କଳା ପ୍ରଦର୍ଶନୀରେ ପୁରସ୍କୃତ ହୋଇଥିଲା। ୧୯୫୮ ମସିହାରେ ଲିଖିତ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ *ଶିଳ୍ପକଳାର ବିଚାର* ଏବଂ ୧୯୭୦ ମସିହାରେ ଲିଖିତ ଓ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ପ୍ରକାଶିତ *ଉତ୍କଳର ଚିତ୍ରକଳା* ବହି ଦୁଇଟି ଓଡ଼ିଶାର ଚିତ୍ରକଳାକୁ ବୁଝିବାରେ ଦୁଇଟି ପ୍ରାମାଣିକ ଗ୍ରନ୍ଥ।

**ବସନ୍ତ କୁମାର ପଣ୍ଡା** (୧୮୯୭-        )

ଏହି ବିଶିଷ୍ଟ ଶିଳ୍ପୀଙ୍କ ଜନ୍ମ ବାଲେଶ୍ୱର ଜିଲ୍ଲା ଭୋଗରାଇରେ। ସେ କଲିକତା ଆର୍ଟ ସ୍କୁଲରୁ କୃତିତ୍ୱର ସହ ପ୍ରଥମ ସ୍ଥାନ ପାଇ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଖଲ୍ଲିକୋଟ ଆର୍ଟ

ଆଣ୍ଡ କ୍ରାଫ୍‌ଟ ସ୍କୁଲରେ ଅଧ୍ୟାପନା କରୁଥିଲେ। ସତୁରୀ ଦଶକର ଆରମ୍ଭରେ ସେ ଡି.ପି.ଆଇ. ଅଫିସ୍‌ରେ କଳା ଶିକ୍ଷାର ସ୍ୱତନ୍ତ୍ର ଅଧିକାରୀ ଭାବେ ଯୋଗ ଦେଇଥିଲେ। ଏହି ସମୟରେ ସେ ସାରା ଓଡ଼ିଶା ଭ୍ରମଣ କରି ସ୍କୁଲ ଓ କଲେଜ ସ୍ତରରେ କଳା ଶିକ୍ଷାର ପ୍ରଚଳନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

**ନିରଞ୍ଜନ ମିଶ୍ର** (                    )

ସ୍କୁଲ ଶିକ୍ଷା ସମାପନ ପରେ ସେ ବୃତ୍ତି ଲାଭ କରି ଶାନ୍ତିନିକେତନଠାରେ କଳା ଶିକ୍ଷା ଲାଭ କରିଥିଲେ। ସେ ଓ ଚିତ୍ରଶିଳ୍ପୀ ଅଜିତ କେଶରୀ ରାୟ ଦୁଇଜଣ ଥିଲେ ନନ୍ଦଲାଲ ବୋଷଙ୍କର ପ୍ରଥମ ଦୁଇ ଓଡିଆ ଛାତ୍ର। ନନ୍ଦଲାଲଙ୍କ ସୁପାରିସରେ ସେ ଉତ୍ତରପ୍ରଦେଶର ଏକ ଆର୍ଟ ସ୍କୁଲରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। କେବଳ ଛବି ନୁହେଁ, ସେ କାଠ, ଚମଡା ଓ ଅନ୍ୟାନ୍ୟ ଧାତୁରେ ଅନେକ ମୂର୍ତ୍ତି ମଧ୍ୟ ଗଢିଛନ୍ତି।

**ବିଭୂତି ଭୂଷଣ କାନୁନ୍‌ଗୋ** (୧୯୨୩ - ୧୯୮୩)

ଶିଳ୍ପୀ ଶ୍ରୀ କାନୁନ୍‌ଗୋ କଟକ ଜିଲ୍ଲା ଶାଳଗାଁ ଠାରେ ଜନ୍ମ ଗ୍ରହଣ କରିଥିଲେ। ୧୯୪୪ ମସିହାରେ କଲିକତା ଆର୍ଟ ସ୍କୁଲରୁ ସେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ଅନ୍ୟତମ ପ୍ରଖ୍ୟାତ ଶିଳ୍ପୀ ମୁରଲୀଧର ଟାଲୀଙ୍କ ସହ ମିଶି ସେ ୧୯୪୯ ମସିହାରେ କଟକ ଠାରେ ସ୍କୁଲ ଅଫ୍ ଆର୍ଟସ୍ (School of Arts)ର ପ୍ରତିଷ୍ଠା କରିଥିଲେ।

**ବୀଣା ସାଁ** (                    )

ସମ୍ବଲପୁରର ଡାକ୍ତର ପୂଜାରୀଙ୍କ କନ୍ୟା ବୀଣା ଥିଲେ ଶାନ୍ତିନିକେତନ କଳା ଭବନର ଆଚାର୍ଯ୍ୟ ନନ୍ଦଲାଲଙ୍କର ଜଣେ ପ୍ରତିଭାଶାଳୀ ଛାତ୍ରୀ। ସେ ପ୍ରସିଦ୍ଧ କଳାକାର ଗୌରାଙ୍ଗ ଚରଣ ସୋମଙ୍କୁ ବିବାହ କରିଥିଲେ। କାରୁକଳାରେ ତାଙ୍କର ବିଶେଷ ପାରଦର୍ଶିତା ଥିଲା। ସେଠାରେ ସେ ମୂର୍ତ୍ତିକଳା, କାରୁଶିଳ୍ପ ଓ ଚିତ୍ରାଙ୍କନ ଅଧ୍ୟୟନ କରିଥିଲେ। କିଛିଦିନ ପାଇଁ ରାଜସ୍ଥାନ ଥିଲା ତାଙ୍କର କର୍ମଭୂମି।

**ଅଜିତକେଶରୀ ରାୟ** (୧୯୧୯-୨୦୧୨)

ଶାନ୍ତିନିକେତନରୁ କଳା ଶିକ୍ଷାଲାଭ କରିବା ପରେ ସେ ଖଲ୍ଲିକୋଟ ଆର୍ଟ ସ୍କୁଲରେ ଅଧ୍ୟାପନା କରୁଥିଲେ। ଓଡ଼ିଶାରେ ଆଧୁନିକ କଳାର ନାନା ପରୀକ୍ଷା କରିଥିଲେ। ବିଭିନ୍ନ ଆନ୍ତର୍ଜାତିକ କଳା ପରମ୍ପରାକୁ ସେ ଓଡିଆ ଚିତ୍ର ପରମ୍ପରା ଭିତରେ ସାମିଲ କରିବାକୁ ଚେଷ୍ଟା କରିଥିଲେ। ସେ ଇଂଲଣ୍ଡସ୍ଥିତ ଆଙ୍ଗ୍ଲୋ-ଫ୍ରେଞ୍ଚ ଆର୍ଟ ସେଣ୍ଟରଠାରେ ସ୍ଥାପତ୍ୟ, କାଷ୍ଠ ଖୋଦେଇ ଓ ଗ୍ରାଫିକ୍ ଆର୍ଟରେ ସ୍ୱତନ୍ତ୍ର ତାଲିମ ନେଇଥିଲେ। ସେ ଥିଲେ ଆଧୁନିକ ଚିତ୍ରକଳା ପାଇଁ ଲଳିତ କଳା ଅକାଦେମୀ ଦ୍ୱାରା ପ୍ରଥମ ପୁରସ୍କୃତ ଶିଳ୍ପୀ।

**ବିପିନ ବିହାରୀ ଚୌଧୁରୀ** (୧୯୦୫ - ୧୯୮୨)

ଚିତ୍ରଶିଳ୍ପୀ ଚୌଧୁରୀ ଥିଲେ ବ୍ୟାସକବି ଫକୀରମୋହନଙ୍କ ଦୌହିତ୍ର। ତାଙ୍କର ପିତା ଗଗନ ଚୌଧୁରୀ ଥିଲେ ତତ୍କାଳୀନ ବ୍ରିଟିଶ୍ ସବ୍‌ଜଜ୍। ତାଙ୍କର ମାତା ସରୋଜିନୀ ଚୌଧୁରୀ ଥିଲେ ଜଣେ ପ୍ରଖ୍ୟାତ ସମାଜସେବୀ। ସେ ଲଣ୍ଡନସ୍ଥିତ ରୟାଲ କଲେଜ ଅଫ୍ ଆର୍ଟସ୍‌ରେ ବିଶ୍ୱବିଖ୍ୟାତ ଚିତ୍ରଶିଳ୍ପୀ ରୋଜେନ୍‌ଷ୍ଟାଇନ୍‌ଙ୍କଠାରୁ ଉଚ୍ଚତର କଳାଶିକ୍ଷା ଲାଭ କରିଥିଲେ। ସେ ଖଲ୍ଲିକୋଟ ଆର୍ଟ ଆଣ୍ଡ କ୍ରାଫ୍‌ଟ ସ୍କୁଲରେ କିଛିଦିନ ଅଧ୍ୟାପନା କରିଥିଲେ। ମୂକ ଓ ବଧିର ହୋଇଥିଲେ ହେଁ ତାଙ୍କର ଉତ୍କର୍ଷ ଚିତ୍ରକଳା ପାଇଁ ସାରାଦେଶରେ ସେ ବିଭିନ୍ନ କଳାପ୍ରଦର୍ଶନୀରେ ପୁରସ୍କୃତ ହୋଇଥିଲେ।

**ବିପ୍ର ଚରଣ ମହାନ୍ତି** (୧୯୨୭-୨୦୦୯)

ସେ ଯାଜପୁର ଜିଲ୍ଲାର ନାନପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ କଲିକତା ସରକାରୀ ଆର୍ଟ ଆଣ୍ଡ କ୍ରାଫ୍‌ଟ କଲେଜରୁ ସ୍ଥାପତ୍ୟକଳା ବିଦ୍ୟାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ମାଡ୍ରାସ ସ୍କୁଲ ଅଫ୍ ଆର୍ଟସ୍‌ରୁ ସେ ବ୍ରୋଞ୍ଜ ସ୍ଥାପତ୍ୟରେ ଉଚ୍ଚତର ଶିକ୍ଷାଲାଭ କରିଥିଲେ। ରେଭେନ୍‌ଶା କଲେଜରୁ ଜଣେ ଚିତ୍ରକର ଭାବେ କର୍ମମୟ ଜୀବନ ଆରମ୍ଭ କରି ସେ ଖଲ୍ଲିକୋଟ ଆର୍ଟ ଆଣ୍ଡ କ୍ରାଫ୍‌ଟ କଲେଜର ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଥିଲେ। ସେ ଅଲ୍‌ଇଣ୍ଡିଆ ଏକାଡେମୀ ଅଫ୍ ଫାଇନ୍ ଆର୍ଟସ୍ ଆଣ୍ଡ କ୍ରାଫ୍‌ଟସ୍ ପ୍ରଦର୍ଶନୀରେ ୧୯୪୮ ମସିହାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ

ଓ ୧୯୫୧ରେ କଲିକତା ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ପ୍ରଥମ ପୁରସ୍କାର ଲାଭ କରିଥିଲେ। ତାଙ୍କ ଦ୍ୱାରା ନିର୍ମିତ ମହାତ୍ମା ଗାନ୍ଧି, ନେହେରୁ, ସୁଭାଷ ବୋଷ, ଗୋପବନ୍ଧୁ, ମଧୁସୂଦନ ଦାସ, ବିର୍ଶା ମୁଣ୍ଡା ଆଦିଙ୍କର ପ୍ରତିମୂର୍ତ୍ତି ଓଡ଼ିଶାର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଛି। ସେ ଓଡ଼ିଶାର ସର୍ବଶ୍ରେଷ୍ଠ ଧମ୍ମପଦ କଳା ପୁରସ୍କାର ଲାଭ କରିଥିଲେ।

**ଇଲା ଦାସ** (୧୯୩୪ - ୨୦୦୫)

କୁମାରୀ ଇଲା ଦାଶ ଅଧ୍ୟାପକ ଘନଶ୍ୟାମ ଦାସଙ୍କ ଚତୁର୍ଥ ସନ୍ତାନ। ସେ ରେଭେନ୍ସା ଗାର୍ଲସ୍କୁଲ୍‌ରେ ଶିକ୍ଷା ସମାପନ କରି ଶାନ୍ତିନିକେତନରେ ଆଚାର୍ଯ୍ୟ ନନ୍ଦଲାଲ୍‌ଙ୍କ ପ୍ରମୁଖ ଶିଷ୍ୟାଭାବେ କଳା ଅଧ୍ୟୟନ କରିଥିଲେ। ତାଙ୍କ ଚିତ୍ରରେ ଭାରତୀୟ କଳାର ଧୌତ, ଲେପ ଏବଂ ରେଖାଧାରା ପରିଲକ୍ଷିତ ହୁଏ। ସେ ପରବର୍ତ୍ତୀ କାଳରେ ଲଣ୍ଡନ୍ ଠାରେ ରୟାଲ୍ କଲେଜ୍ ଅଫ୍ ଆର୍ଟସ୍ ଠାରେ ଉଚ୍ଚତର କଳା ଅଧ୍ୟୟନ କରିଥିଲେ।

**ଦୁର୍ଗା ପ୍ରସାଦ ପଟ୍ଟନାୟକ** (                    )

ସେ କଲିକତାର ଆର୍ଟ ସ୍କୁଲରୁ କଳା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲେ। ତାପରେ ସେ ଇଣ୍ଡିଆନ୍ ସୋସାଇଟି ଅଫ୍ ଓରିଏଣ୍ଟାଲ ଆର୍ଟରେ ଯୋଗ ଦେଇଥିଲେ। ତେଣୁ ତୈଳବର୍ଣ୍ଣ, ଜଳବର୍ଣ୍ଣ, କାଠ, ମାଟି ସବୁକୁ ନେଇ ସେ କଳା ସୃଷ୍ଟି କରିଛନ୍ତି।

**ପୂର୍ଣ୍ଣଚନ୍ଦ୍ର ସିଂ** (୧୯୦୨ - ୧୯୮୨)

ସେ ବାରିପଦାଠାରେ ଜନ୍ମଗ୍ରହଣ କରିଥିଲେ। କଲିକତା ଆର୍ଟ ସ୍କୁଲ୍‌ରେ ୧୯୨୫ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅଧ୍ୟୟନ ସାରି ଓଡ଼ିଶାର ବିଭିନ୍ନ ହାଇସ୍କୁଲ୍‌ରେ କଳା ଅଧ୍ୟାପନା କରିଥିଲେ ଏବଂ ସେହି ସମୟରେ ବିଭିନ୍ନ ରାଜ ଓ ମହାରାଜାମାନଙ୍କର ପୂର୍ଣ୍ଣାବୟାବ ତୈଳଚିତ୍ର ଅଙ୍କନ କରି ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଚିତ୍ରରେ ପାଶ୍ଚାତ୍ୟ ଶୈଳୀର ଧାରା ପରିସ୍ଫୁଟ ହୁଏ। ସେ ପୁରୀ ହେରାଗୌରୀ ସାହି ଚିତ୍ରକାର ଭବନରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ସେ ପୁରୀ ଗଜପତି ମହାରାଜାଙ୍କ ଠାରୁ ଚିତ୍ରକଳାଭୂଷଣ ଉପାଧି ପାଇଥିଲେ।

**ଅହଲ୍ୟା ଦାସ** (                )

ଶାନ୍ତିନିକେତନରେ କଳା ପଢ଼ିବା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସେ ପ୍ରଥମ ହୋଇ ସେଠାରେ ଚାରିବର୍ଷ ଅଧ୍ୟୟନ କରି ୧୯୫୩ ମସିହାରେ ଓଡ଼ିଶା ଫେରିଥିଲେ। ସେ ପ୍ରାକ୍ଟିସିଂ ସ୍କୁଲରେ କଳା ଶିକ୍ଷକ ଭାବେ ପ୍ରାୟ ୨୦ ବର୍ଷ ଧରି ଶିକ୍ଷକତା କରି କଳାର ପ୍ରଚାର ଓ ପ୍ରସାର କରିଥିଲେ। ସେ ଶିଳ୍ପୀ ଭଗବାନ ଦାସଙ୍କ ସହଧର୍ମିଣୀ।

**ଯଦୁନାଥ ସୂପକାର** (୧୯୩୧ – ୧୯୯୩)

ସେ ଥିଲେ ପ୍ରଖ୍ୟାତ ଶିଳ୍ପୀ ନନ୍ଦଲାଲଙ୍କର ଅନ୍ୟତମ ଓଡ଼ିଆ ଛାତ୍ର। ସେ ପ୍ରଥମେ ମାଡ୍ରାସ ଠାରେ ଜଣେ କାର୍ପାସ୍ ବାନ୍ଧଶିଳ୍ପୀ (Textile Designer) ଭାବେ ଜୀବନ ଆରମ୍ଭ କରିଥିଲେ। ୧୯୫୯ ମସିହାରେ ସେ ବନାରସ ୱିଭର୍ସ ସେଣ୍ଟରକୁ ଆସି ସେଠାରେ ଶେଷ ଜୀବନ ଯାଏ ଲୁଗା ଡିଜାଇନ୍ କରୁଥିଲେ। ବାରଣାସୀରେ ସେ ଥିଲେ ଖୁବ୍ ଲୋକପ୍ରିୟ ଶିଳ୍ପୀ। ଯଦୁନାଥଙ୍କ ଚିତ୍ରରେ ଶାନ୍ତିନିକେତନର ତାମ୍ପେରା ଓ ୱାସ୍ ପେଣ୍ଟିଂର ପ୍ରଭାବ ବାରି ହୋଇପଡ଼େ। ସେ କ୍ୟୁବିଜିମ୍ ଓ ଅନ୍ୟାନ୍ୟ କଳାତ୍ମକ ପରୀକ୍ଷା କରିଥିଲେ। କପଡା ଚିତ୍ର (Textile Designing) ପାଇଁ ଭାରତ ସରକାର ତାଙ୍କୁ ୧୯୮୫ ମସିହାରେ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ।

**ଏସ୍. ଆର୍. ଗୁପ୍ତ** (                )

ତାଙ୍କ ପିତା ଥିଲେ ଜଣେ ସୁଦକ୍ଷ ଶିକ୍ଷକ, କଳାନୁରାଗୀ ଓ ଜଣେ ଚିତ୍ରକର। ସେ ମାନ୍ଦ୍ରାଜ ଆର୍ଟ ସ୍କୁଲରେ ଅଧ୍ୟୟନ କରିଥିଲେ। ସେଠାରେ ଥିଲେ ଜଣେ ବିଶ୍ୱପ୍ରସିଦ୍ଧ ସ୍ଥାପତ୍ୟଶିଳ୍ପୀ ଶ୍ରୀ ଡି.ପି. ରାୟଚୌଧୁରୀ। ପାଠପଢାର ଶେଷ ବର୍ଷରେ ସେ ମାନ୍ଦ୍ରାଜ ପୋଷ୍ଟର ଓ କମର୍ସିଆଲ ଏକ୍‌ଜିବିସନ୍‌ରେ ନିଜ ଚିତ୍ର ଭିକାରୀର ଛବି (Help the Poor) ପାଇଁ ପ୍ରଥମ ପୁରସ୍କାର ଲାଭ କରିଥିଲେ। ତା'ପରେ ସେ ତାଞ୍ଜୋର ଆର୍ଟ ଗ୍ୟାଲେରୀ ତରଫରୁ ରୌପ୍ୟ ଉପଢୌକନରେ ସମ୍ମାନିତ ହୋଇଥିଲେ।

**ବିଚିତ୍ରାନନ୍ଦ ମହାନ୍ତି** (୧୯୨୬ - )

ସେ କଟକ ଜିଲ୍ଲାରେ ମଣିଜଙ୍ଗ ବାଲିକିରି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୫୨ ମସିହାରେ ସେ କଲିକତା କଳାଶିଳ୍ପ କଲେଜରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କ ଚିତ୍ରରେ ଭାରତୀୟ ଚିତ୍ରକଳାର ଶୈଳୀ ଅନୁଭୂତ ହୁଏ। ସେ ଅନେକଦିନ ଧରି ଓଡ଼ିଶା ସରକାରଙ୍କ ବୟନଶିଳ୍ପ ବିଭାଗରେ କାର୍ଯ୍ୟ କରିଥିଲେ। ସେ ଉଚ୍ଚକୋଟୀର ଅଭିନେତା ଥିଲେ। ନାଟ୍ୟ ନିର୍ଦ୍ଦେଶନା ସହିତ ସେ ମଞ୍ଚସଜ୍ଜା ମଧ୍ୟ କରୁଥିଲେ। ସେ କଟକ ଜନତା ଥିଏଟରରେ ଜଣେ ଅଭିନେତା ଭାବରେ କାର୍ଯ୍ୟ କରିଥିଲେ।

**ଉଦୟନାଥ ରଥ** ( )

ନିଜର ଆର୍ଥିକ ଦୁରବସ୍ଥା ସତ୍ତ୍ୱେ ସେ କଲିକତା ଆର୍ଟ ସ୍କୁଲରେ ଚିତ୍ରାଙ୍କନ ଓ ସୂଚୀଶିଳ୍ପରେ ଶିକ୍ଷାଲାଭ କରିଥିଲେ। ଏହା ପରେ ମିଶନ ସ୍କୁଲରେ ସ୍ୱଳ୍ପ ଦରମାରେ ସେ କଳା ଶିକ୍ଷକ ଭାବେ ଯୋଗ ଦେଇଥିଲେ।

**ଜଗନ୍ନାଥ ଦାସ** ( )

କେବଳ ଚିତ୍ରକର ନୁହେଁ ସେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ଜେଲ ଭିତରେ କଷ୍ଟରେ ଚିତ୍ରକରି ସେ ଜେଲ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କ ରୋଷର ଶିକାର ହୋଇଥିଲେ। ୧୯୪୨ ରେ ଭାରତ ଛାଡ ଆନ୍ଦୋଳନରେ ସେ ସାମିଲ ହୋଇ ଜେଲ ବରଣ କରିଥିଲେ। ଦୀର୍ଘ ଜେଲ୍ ଜୀବନ ଓ ସେଠାରେ ରେଖାଚିତ୍ର ଅଙ୍କନ କରି ସେ ନିଜ କଳାପ୍ରବୃତ୍ତିକୁ ବଞ୍ଚାଇ ରଖିଥିଲେ। ସେ ଶାନ୍ତିନିକେତନରେ ଶିକ୍ଷାଲାଭ କରିଥିଲେ। ନାଟକର ନାନା ଚରିତ୍ରର ମୁଖା ତିଆରି କରିବାରେ ଥିଲା ତାଙ୍କର ବିଶେଷ ପାରଦର୍ଶିତା। କଳା ସହିତ ଶାନ୍ତିନିକେତନରେ ସେ ନୃତ୍ୟଶିକ୍ଷା ମଧ୍ୟ କରିଥିଲେ।

**ଦିଲ୍ଲୀପ କୁମାର ମାନସିଂହ ମହାପାତ୍ର** ( )

ସେ ମଧ୍ୟପ୍ରଦେଶର ଭିକ୍ଟୋରିଆ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କଲା ପରେ ୧୯୪୭ ମସିହାରେ ଲକ୍ଷ୍ନୌସ୍ଥିତ ଗଭର୍ଣ୍ଣମେଣ୍ଟ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍‌ଟରେ ଶିକ୍ଷା ଲାଭ

କରିଥିଲେ। ସେଠାରେ ଦୁଇବର୍ଷ ପଢ଼ିବା ପରେ ସେ ଲକ୍ଷ୍ନୌ ଛାଡି ୧୯୫୦ରେ ଶାନ୍ତିନିକେତନରେ ଯୋଗ ଦେଲେ। ସେ ଅନେକ ଦିନ ମଧ୍ୟପ୍ରଦେଶର ବିଳାସପୁରଠାରେ କର୍ମମୟ ଜୀବନ ବିତାଇଥିଲେ।

**ରବିନାରାୟଣ ନାୟକ** (୧୯୩୧-୨୦୦୮)

ସେ ଥିଲେ ପ୍ରସିଦ୍ଧ ଶିଳ୍ପୀ ମୁରଲୀଧର ଟାଲିଙ୍କ ଛାତ୍ର। ପରେ ଶାନ୍ତିନିକେତନରେ ସେ ଶିକ୍ଷାଲାଭ କରିଥିଲେ। ସେଇଠି ଚାରିବର୍ଷ ଧରି ମୂର୍ତ୍ତିକଳା, ଚିତ୍ରାଙ୍କନ ଓ କାରୁଶିଳ୍ପ ଆଦିରେ ଜ୍ଞାନଲାଭ କରିଥିଲେ। ସେ ଥିଲେ ଶାନ୍ତିନିକେତନ କଳା ପରଂପରାର ପ୍ରକୃତ ପୂଜାରୀ। ବିନୋଦ ରାଉତରାୟଙ୍କ ପରି ରବିନାରାୟଣ ଦିନେ ଥିଲେ ପୁନର୍ଜୀବନବାଦ (Revivalism)ର ଜଣେ ପ୍ରବକ୍ତା। ଚିଲିକା ଉପରେ ଅଙ୍କିତ ଚିତ୍ରଗୁଡିକ ତାଙ୍କର ଖୁବ୍ ମୌଳିକ ଓ ବହୁ ପ୍ରଚାରିତ।

**ଶରତ ଚନ୍ଦ୍ର ଦେବ** (୧୯୧୧-୧୯୭୩)

ସେ ଚିକିଟି ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ଲଣ୍ଡନସ୍ଥିତ ହିଥର୍ଲି ଆର୍ଟ ସ୍କୁଲ୍‌ରେ କଳା ଅଧ୍ୟୟନ କରିଥିଲେ। ବିଂଶ ଶତାବ୍ଦୀର ତିରିଶି ଦଶକରେ ନିଜ ଉଦ୍ୟମରେ ବ୍ରହ୍ମପୁରଠାରେ ଓଡ଼ିଶାର ପ୍ରଥମ ବେସରକାରୀ ଚିତ୍ରକଳା ବିଦ୍ୟାଳୟ ସ୍ଥାପନ କରିଥିଲେ। ଖଲ୍ଲିକୋଟଠାରେ ପ୍ରତିଷ୍ଠିତ ଓଡ଼ିଶା ପ୍ରଥମ ସରକାରୀ ଚିତ୍ରକଳା ମହାବିଦ୍ୟାଳୟର ସେ ଥିଲେ ପ୍ରତିଷ୍ଠାତା ଅଧ୍ୟକ୍ଷ।

**ବିନୋଦ ରାଉତରାୟ** (୧୯୩୦-୨୦୦୫)


ଶାନ୍ତିନିକେତନ କଳା ଭବନରେ ସେ ଚିତ୍ରକଳା ଶିକ୍ଷା କରିଥିଲେ। ଚିତ୍ରଶିଳ୍ପୀ ବ୍ୟତୀତ ସେ ଚିତ୍ରକଳା ସମୀକ୍ଷକ ଓ ଶିଶୁ ସାହିତ୍ୟିକ ଭାବେ ପରିଚିତ। ସେ ଅନୁଗୋଳଠାରେ ସ୍ଥାପିତ ଶିକ୍ଷକ ତାଲିମ କେନ୍ଦ୍ରର ଅଧ୍ୟାପକ ଓ ପରବର୍ତ୍ତୀ କାଳରେ ଖଲ୍ଲିକୋଟ ଚିତ୍ରକଳା ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେ କଲିକତାସ୍ଥିତ ଏକାଡେମୀ ଅଫ୍ ଫାଇନ୍ ଆର୍ଟସ୍ ଦ୍ୱାରା ସମ୍ମାନୀତ ହୋଇଥିଲେ।

**ଚନ୍ଦ୍ରଶେଖର ରାଓ** (୧୯୪୦-୨୦୦୪)

ସେ ଗଞ୍ଜାମ ଜିଲ୍ଲା ପୋଲସରାଠାରେ ଜନ୍ମଗ୍ରହଣ କରିଥିଲେ। ଖଲ୍ଲିକୋଟର ଚିତ୍ରକଳା ମହାବିଦ୍ୟାଳୟରେ ସେ କଳାଶିକ୍ଷା କରିଥିଲେ। ଆସ୍କାସ୍ଥିତ ଟେକ୍‌ନିକାଲ୍ ହାଇସ୍କୁଲ୍‌ରେ ଶିକ୍ଷକତା ଓ ପରେ ଓଡ଼ିଶା ହସ୍ତଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରିଥିଲେ। ସେ କଲିକତାସ୍ଥିତ ଫାଇନ୍ ଆର୍ଟ ଏକାଡେମୀ ଓ ବମ୍ବେ ଆର୍ଟ ସୋସାଇଟି ଦ୍ୱାରା ପୁରସ୍କୃତ ହୋଇଥିଲେ। ତାଙ୍କ ଚିତ୍ରକଳା ଧାରାରେ ଏକ ସ୍ୱତନ୍ତ୍ରତା ବାରିହୁଏ।




*ପ୍ରସାଧନ,* ଧୌତଚିତ୍ର, ବିମ୍ବାଧର ବର୍ମା



*ରାଗ ମାଲଖୋସ୍*, ଲେପଚିତ୍ର, ଗୌରାଙ୍ଗ ଚରଣ ସୋମ



*ମୋ ମାଆ,* ତୈଳଚିତ୍ର, ମୁରଲୀଧର ଟାଲି



*କେଶ ପ୍ରସାଧନ,* ଲେପଚିତ୍ର, ବିନୋଦ ରାଉତରାୟ





*ଆମ୍ରକୁଞ୍ଜ,* ଜଳରଙ୍ଗଚିତ୍ର, ବସନ୍ତ କୁମାର ପଣ୍ଡା




*ସ୍ନାନରତା*, ଜଳରଙ୍ଗଚିତ୍ର, ଗୋପାଳ କାନୁନ୍‌ଗୋ




*ନୌକା*, ତୈଳଚିତ୍ର, ଅଜିତକେଶରୀ ରାୟ



*ଜଳପ୍ରପାତ*, ତୈଳଚିତ୍ର, ବିପିନବିହାରୀ ଚୌଧୁରୀ



*ଉମା,* ଧୌତଚିତ୍ର, ରବିନାରାୟଣ ନାୟକ



*ନାୟିକା,* ଜଳରଙ୍ଗଚିତ୍ର, ପୂର୍ଣ୍ଣଚନ୍ଦ୍ର ସିଂହ




*ଯୁଗଳ*, ଲେପଚିତ୍ର, ଚନ୍ଦ୍ରଶେଖର ରାଓ




ଘରବାହୁଡ଼ା, *ଜଳରଙ୍ଗଚିତ୍ର,* ଶରତଚନ୍ଦ୍ର ଦେବ



*ସହରଦୃଶ୍ୟ,* ଜଳରଙ୍ଗଚିତ୍ର, ବିଚିତ୍ରାନନ୍ଦ ମହାନ୍ତି



*ଅନନ୍ତଶାୟୀ ବିଷ୍ଣୁ,* ଜଳରଙ୍ଗଚିତ୍ର, ଯଦୁନାଥ ସୁପକାର



*ମିଳନ*, ଜଳରଙ୍ଗଚିତ୍ର, ଉଦୟନାଥ ରଥ



*କଳିଙ୍ଗଯୁଦ୍ଧ,* ଲେପଚିତ୍ର
ଜଗନ୍ନାଥ ଦାସ



*ମହାମାନବଙ୍କ ମୃତ୍ୟୁ*
ଜଳରଙ୍ଗଚିତ୍ର
ଉପେନ୍ଦ୍ର ମହାରଥୀ



*ଆହ୍ୱାନ ମୁଦ୍ରା,* ସିମେଣ୍ଟ ଭାସ୍କର୍ଯ୍ୟ
ବିପ୍ରଚରଣ ମହାନ୍ତି

IPCA Art Book Series - 3
General Editor Dr. Dinanath Pathy

ipca
It's Easy to Love Art

ILA PANDA CENTRE FOR ARTS
Post Box #25, G.P.O, Bhubaneswar 751001, INDIA
Email: ilapandacentreforarts@gmail.com,, Tel : +91 97775 88667

www.ipca.co